ଓଡ଼ିଶାର ପ୍ରଥମ ଏବଂ ଏକମାତ୍ର ମାସିକ ଓଡ଼ିଆ ସାହିତ୍ୟ ଇ-ପତ୍ରିକା

# ଆହ୍ୱାନ

ଅପ୍ରେଲ୍, ୨୦୧୯ ସଂସ୍କରଣ

କଥା ଓ କାହାଣୀ

ପଦ୍ୟ ଓ କବିତା

ହାସ୍ୟ ଓ ବ୍ୟଙ୍ଗ

ଇତିହାସ ଓ ପ୍ରବଂଧ

ଅନୁବାଦ ସାହିତ୍ୟ

ସମ୍ବଲପୁରୀ ଲେଖା

ଶିଶୁ କଥା

ଏବଂ

ଆହୁରି ଅନେକ



ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ପ୍ରତିଷ୍ଠାତା ଓ ସଂପାଦକ, ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ବିଶେଷ ବିଷୁବ ସଂଖ୍ୟା ୨୦୧୯

# ଆହ୍ୱାନ

ଓଡ଼ିଶାର ପ୍ରଥମ ଏବଂ ଏକମାତ୍ର ସମ୍ପୂର୍ଣ୍ଣ ଓଡ଼ିଆ ମାସିକ ସାହିତ୍ୟ ଇ-ପତ୍ରିକା



ଆସ ଓଡ଼ିଆରେ ଲେଖିବା, ପଢ଼ିବା ଓ ପଢ଼ାଇବା

ପ୍ରତିଷ୍ଠାତା - ସମ୍ପାଦକ

## ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ଏମ୍.ବି.ବି.ଏସ୍., ପି.ଜି.ଡି.ଏମ୍.ସି.ଏଚ୍., ପି.ଜି.ଡି.ଏଚ୍.ଏମ୍

ବୀମା ନଗର, ଦ୍ୱିତୀୟ ଗଳି, ବ୍ରହ୍ମପୁର, ୭୬୦୦୧୦, ଓଡ଼ିଶା

ଭ୍ରାମ୍ୟଭାଷ / ହ୍ୱାଟ୍ସଆପ୍ : ୭୦୦୮୫୬୭୦୮୫ । ଇମେଲ୍ : aahwaan@gmail.com

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com
ବିଶେଷ ବିଷୁବ ସଂଖ୍ୟା ୨୦୧୯

'ଆହ୍ୱାନ' ଇ-ପତ୍ରିକାରେ ପୂର୍ଣ୍ଣତଃ ମୌଳିକ, ଅପ୍ରକାଶିତ ଲେଖା ଗୁଡ଼ିକ ହିଁ ଲେଖାର ମାନ ଏବଂ ଭାଷା ତଥା ଉପାଦେୟତା ଆଧାରରେ ଚୟନ କରାଯାଇଥାଏ । କୌଣସି ବେନାମୀ ଲେଖା ଉପରେ ଆମର କୌଣସି କର୍ତ୍ତବ୍ୟ / ଦାୟିତ୍ୱ ରହିବ ନାହିଁ । ଲେଖାରେ ଦିଆଯାଇଥିବା ସମସ୍ତ ତଥ୍ୟ ଏବଂ ବିଚାର ଲେଖକଙ୍କର ସମ୍ପୂର୍ଣ୍ଣ ନିଜସ୍ୱ, ତାହା ଉପରେ ସମ୍ପାଦକ କିମ୍ବା ପ୍ରକାଶକଙ୍କ ସହମତି ରହିବ ବୋଲି କୌଣସି ଲିଖିତ ନିୟମ ନାହିଁ । ଯଦିଓ ପ୍ରତ୍ୟେକ ଲେଖାକୁ ଭଲଭାବରେ ପଢ଼ିବା ଏବଂ ବୁଝିବାପରେ ହିଁ ପ୍ରକାଶନ ହେତୁ ନିର୍ବାଚନ କରାଯାଇଥାଏ । ତଥାପି ଲେଖାର ଶତପ୍ରତିଶତ ସତ୍ୟତାର ଦାବୀ କେବଳ ଲେଖକଙ୍କର । କୌଣସି ଲେଖାକୁ ନେଇ ଉଠିଥିବା ବିବାଦର ଉତ୍ତରଦାୟିତ୍ୱ କେବଳ ଲେଖାର ମୂଳ ଲେଖକଙ୍କର, ଏଥିରେ ସମ୍ପାଦକ କିମ୍ବା ପତ୍ରିକାର କୌଣସି ଉତ୍ତରଦାୟିତ୍ୱ ରହିବ ନାହିଁ ।

ଏହି ପତ୍ରିକାର କୌଣସି ଅଂଶ ବା ଲେଖା ସମ୍ପାଦକଙ୍କ ଲିଖିତ ଅନୁମତି ବିନା ଅନ୍ୟ କୌଣସି ମାଧ୍ୟମ (ପତ୍ର ପତ୍ରିକା / ଗଣମାଧ୍ୟମ / ସମ୍ବାଦପତ୍ର ଇତ୍ୟାଦି)ରେ ପ୍ରକାଶିତ କରିବା ଅପରାଧ ବୋଲି ଧରିନିଆଯିବ । ପ୍ରତ୍ୟେକ ଲେଖା ଉପରେ ସମ୍ପୂର୍ଣ୍ଣ ଅଧିକାର ଲେଖକଙ୍କର ରହିବ, ସେ ଚାହିଁଲେ ତାହାକୁ ଫେସବୁକ ଏବଂ ଟ୍ୱିଟର ଆଦି ଗଣମାଧ୍ୟମରେ କିମ୍ବା ଅନ୍ୟ ମାଧ୍ୟମରେ ପ୍ରକାଶିତ କରିପାରିବେ ।




ପବିତ୍ର ଓଡ଼ିଆ ନବବର୍ଷ ଉପଲକ୍ଷେ ଆହ୍ୱାନର ଅଗଣିତ ପାଠକପାଠିକା, ଲେଖକଲେଖିକା, ଶୁଭାକାଂକ୍ଷୀ ବନ୍ଧୁ ମାନଙ୍କୁ ତଥା ସମସ୍ତ ଓଡ଼ିଶାବାସୀଙ୍କୁ ଆହ୍ୱାନ ଇ-ପତ୍ରିକା ତରଫରୁ ଅନେକ ଶୁଭେଚ୍ଛା ।

Magazine Downloaded from www.aahwaan.com
ବିଶେଷ ବିଷୁବ ସଂସ୍କରଣ ୨୦୧୯

# ଲେଖକ ମାନଙ୍କ ପାଇଁ ସୂଚନା

ଯେଉଁ ବନ୍ଧୁମାନେ ଏହି ପତ୍ରିକା ପାଇଁ ଲେଖା ପଠାଉଛନ୍ତି ସେମାନଙ୍କୁ ବିନୀତ ଅନୁରୋଧ, ସେମାନେ ଧୈର୍ଯ୍ୟର ସହ ପତ୍ରିକାର ପ୍ରକାଶନକୁ ଅପେକ୍ଷା କରନ୍ତୁ । ପତ୍ରିକା ପ୍ରକାଶିତ ହେବାପରେ ପରେ ଆହ୍ୱାନ ଇ-ପତ୍ରିକାର ୱେବ୍‌ସାଇଟ ଏବଂ ଆଣ୍ଡ୍ରଏଡ୍ ଆପ୍ ଦ୍ୱାରା ପତ୍ରିକାର ପ୍ରକାଶନ ସମ୍ବନ୍ଧୀୟ ସୂଚନା ପ୍ରେରଣ କରାଯିବ ।

ପ୍ରତ୍ୟେକ ମାସରେ ଜଣେ ଲେଖକଙ୍କ ସର୍ବାଧିକ ଦୁଇଟି ଲେଖା ହିଁ ପ୍ରକାଶିତ ହେବ । ସେଥିପାଇଁ ଲେଖକ ନିଜେ ସ୍ୱରଚିତ କେବଳ ଗୋଟିଏ କିମ୍ବା ଦୁଇଟି ଲେଖା ହିଁ ପଠାନ୍ତୁ । ଏକାଧିକ ଲେଖା ପଠାଇଲେ, ପ୍ରଥମେ ମିଳିଥିବା ଲେଖାକୁ ହିଁ ପ୍ରକାଶନ ହେତୁ ସ୍ୱୀକାର କରାଯିବ । ଲେଖା ପାଇବା ପରେ ଆମେ ଇମେଲ୍ ଦ୍ୱାରା ଜଣାଇଥାଉ, ତଥାପି ଯଦି ଆପଣ ଜାଣି ପାରନ୍ତି ନାହିଁ, ତେବେ ଆମ ଇ-ପତ୍ରିକାର ଆଣ୍ଡ୍ରଏଡ୍ ଆପ୍ ଡାଉନଲୋଡ୍ କରି ସେଠାରେ ସଂଗୃହୀତ ଆଲେଖ୍ୟ ପୃଷ୍ଠାରେ ଆଗାମୀ ସଂସ୍କରଣ ପାଇଁ ମିଳିଥିବା ଲେଖା ତାଲିକା ଦେଖି ପାରିବେ ।

ବାରମ୍ବାର ଅନୁରୋଧ ସତ୍ତ୍ୱେ ଅନେକ ବନ୍ଧୁ ଲେଖାଗୁଡ଼ିକୁ ଟାଇପ୍ କରି ପଠାଉ ନାହାନ୍ତି, ଆଉ ଯଦି ସେମାନଙ୍କୁ ଅଧିକ ବାଧ୍ୟ କରାଯାଏ, ଉଣାଅଧିକେ ଲେଖା ପଠାଉଥିବା ନବେ ପ୍ରତିଶତ ଲେଖକ ଲେଖା ପଠାଇବା ବନ୍ଦ କରିଦେବେ, କାରଣ ସେମାନଙ୍କୁ ଓଡ଼ିଆରେ ଟାଇପ୍ କରି ଆସେନି । ତେଣୁ ଯେମିତି ବି ହେଉ ଏହି ପତ୍ରିକାକୁ ପ୍ରତ୍ୟେକ ମାସରେ ପ୍ରକାଶନ କରିବା ମୋର ଲକ୍ଷ୍ୟ । ତେଣୁ ମୋର ବ୍ୟସ୍ତବହୁଳ ଜୀବନଚର୍ଯ୍ୟାରେ ସୀମିତ ସମୟର ସଦୁପଯୋଗ କରିବା ଉଦ୍ଦେଶ୍ୟରେ ଏହି ପତ୍ରିକାକୁ ପ୍ରକାଶିତ କରୁଛି ଏବଂ କରୁଥିବି ମଧ୍ୟ । ଆପଣ ମାନଙ୍କ ସହଯୋଗ ପାଇଁ ମୁଁ ଆପଣଙ୍କ ନିକଟରେ ଋଣୀ ।

**ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ, ସମ୍ପାଦକ**

ଆହ୍ୱାନ ଇ-ପତ୍ରିକାର ଆଣ୍ଡ୍ରଏଡ୍ ଆପ୍ ସମ୍ପୂର୍ଣ୍ଣ ନିଃଶୁଳ୍କ ଭାବରେ ଗୁଗୁଲ୍ ପ୍ଲେ ଷ୍ଟୋରରେ ଉପଲବ୍ଧ ଅଛି ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସୂଚୀପତ୍ର


| | | |
|---|---|---|
| ସମ୍ପାଦକଙ୍କ କଲମରୁ | ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ | ୧୪ |
| କାହାଣୀ ବିଭାଗ | | ୨୨ |
| ସୁନେଲି ସିଂହ | ଅଶୋକ ବିଶ୍ୱାଳ | ୨୩ |
| ପଡ଼ୋଶୀ | ସୁବଳ ମହାପାତ୍ର | ୨୮ |
| ଶାଗୁଆ ଚା' | ପରମିତା ମିଶ୍ର | ୩୫ |
| ଘର | ଡଃ ସୁବାସ ମିଶ୍ର | ୩୭ |
| ଭାଗ୍ୟର ପାସୱାର୍ଡ୍ | ରୋଜା ପଣ୍ଡା | ୪୨ |
| ପୁଞ୍ଜିଲାଲ୍‌ର ପୁଞ୍ଜିଭୁତ କୋହ | ଗଦାଧର ବଳ | ୪୬ |
| ଟୁନାର ଗଣେଶ ପୂଜା | ବି. ନିରୁପମା | ୫୦ |
| ଡର ଲାଗୁଛି | ପ୍ରଦୀପ ବନ୍ଧ | ୫୫ |
| ଭାଇ | ସୀତାରାମ ଦାଶ | ୬୦ |
| ସହିବାର ସୀମା ସରିଗଲା | ମହେଶ୍ୱର ସାହୁ | ୬୩ |
| କ୍ୟାମେରା | ଡା ପ୍ରଶାନ୍ତ ନାୟକ | ୬୯ |
| ଆବର୍ସନ | ଏ ପି ଶୁଭକାନ୍ତ | ୯୩ |
| ବନ୍ଧନୀ | ନାରାୟଣ ଚନ୍ଦ୍ର ସେନାପତି | ୯୬ |
| ଅଦୃଶ୍ୟ ହସ | ଅବିନାଶ ପାଣି | ୧୦୩ |

Magazine Downloaded from www.aahwaan.com
ବିଶେଷ ବିଷୁବ ସଂଖ୍ୟା ୨୦୧୯


| | | |
|---|---|---|
| ପୁପୁ ଓ ବେଲୁନ୍‌ବାଲା | ଦୀପକ ଷଡ଼ଙ୍ଗୀ | ୧୦୫ |
| ଡ୍ୟୁଟି | ଜ୍ୟୋତିରଞ୍ଜନ ସାହୁ | ୧୦୭ |
| ଭାଗବଣ୍ଟା | ଅନସୂୟା ପଣ୍ଡା | ୧୧୧ |
| ସ୍ୱୟଂସିଦ୍ଧା | ସୁଷମା ପରିଜା | ୧୧୩ |
| ଦୁଇଟି ମିନିଗଳ୍ପ | ସୁଧାଂଶୁ ଶେଖର ଦ୍ୱିବେଦୀ | ୧୨୫ |
| ସ୍ୱପ୍ନାର ସ୍ୱପ୍ନ | ଅଜୟ କୁମାର ବେହେରା | ୧୨୮ |
| ଗୋଦରୀର ୟୁଟ୍ୟୁବ୍ ନିଶା | ସନାତନ କଟା | ୧୩୧ |
| କବିତା ବିଭାଗ | | ୧୩୩ |
| ଧନ୍ୟ ମଣିଷ | ରଶ୍ମିତା ମହାନ୍ତ | ୧୩୪ |
| ଲୁହ | ଫାଲ୍‌ଗୁନୀ ଦାଶ | ୧୩୫ |
| ପଥର ଛାତିରେ ଥିଲା ଦରଦ | ସୁବ୍ରତ ଜେନା | ୧୩୬ |
| ଓଡ଼ିଆ ନବବର୍ଷ | ପଙ୍କଜ କୁମାର ମାହାନା | ୧୩୮ |
| ପୁରୁଷ ଓ ନାରୀ | ସେଠୀ କାର୍ତ୍ତିକ ଚନ୍ଦ୍ର | ୧୪୨ |
| ଦୁଇଟି କବିତା | ଶୁଭଲକ୍ଷ୍ମୀ ଦାସ | ୧୪୧ |
| ତୁମେ ତ | ପରେଶ ଚନ୍ଦ୍ର ଦାସ | ୧୪୩ |
| ନୂଆ ଡୋରି | ନବୀନ ସାହୁ | ୧୪୪ |
| ସାଥିଟିଏ ଶୁଣିବ | ସ୍ମିତପ୍ରଜ୍ଞା ମହାରଣା | ୧୪୬ |
| ଜୀବନର ସୁଖ | ଆଶୁତୋଷ ମେହେର | ୧୪୭ |
| ଏମିତି ହୁଅନ୍ତାନି | ରଜୀତ ଦାସ | ୧୪୮ |


ଆହ୍ୱାନ ଇ-ପତ୍ରିକା

ବିଶେଷ ବିଷୁବ ସଂଖ୍ୟା ୨୦୧୯


| | | |
|---|---|---|
| ରାଜନୀତି ରାଜନେତା | ସିଦ୍ଧେଶ୍ୱର ତ୍ରିପାଠୀ | ୧୪୯ |
| ପୂର୍ଣ୍ଣତା ଅପୂର୍ଣ୍ଣତା | ଚିତ୍ତରଞ୍ଜନ ସାହୁ | ୧୫୦ |
| ଅବୁଝା ହୃଦୟ | ସୌମ୍ୟା ସୁଚରିତା ସେଣ | ୧୫୨ |
| ଅସତୀ ପ୍ରିୟା | କ୍ଷମାନିଧି ସାହୁ | ୧୫୪ |
| ସ୍ମୃତି (ଅତୀତର) | ଲିପିନ୍ ରାଉତ | ୧୫୬ |
| କେମିତି ଭୁଲିବି କୁହ | ଶୟନ ନାୟକ | ୧୫୮ |
| ତୁମେ | ଜୟଶ୍ରୀ ମହାରଣା | ୧୬୦ |
| ଗର୍ବ ଲାଗୁଛି ମୋତେ | ପ୍ରଶାନ୍ତ କୁମାର ନାଥ | ୧୬୨ |
| ମା' | ଡମ୍ବରୁଧର ବାଗ | ୧୬୩ |
| ଉତ୍କଳଭୂମି | ରୋହିତ୍ ସେଠୀ | ୧୬୪ |
| ସ୍ମୃତି | କସ୍ତୁରୀ ଚରଣ ରାଉତ | ୧୬୬ |
| ବର୍ଷା | ଶୁଭସ୍ମିତା ବେହେରା | ୧୬୭ |
| ସାହାହୁଏ ବାରେ ରାଧାମାଧବ | ସନ୍ତୋଷ ପଟ୍ଟନାୟକ | ୧୬୮ |
| ସ୍ମୃତି ତୁମେ | ମନୋରମା ହାତୀ | ୧୬୯ |
| ନାୟକ | ସୌମ୍ୟରଞ୍ଜନ ପାଲ | ୧୭୦ |
| ହୋଲି | ନିବେଦିତା ମହାପାତ୍ର | ୧୭୧ |
| ଯଶୋଦା ରୋଦନ | ପ୍ରମୋଦ ପ୍ରଧାନ | ୧୭୩ |
| କଳାନାଗର | ଦୁଷ୍ମନ୍ତ କୁମାର ମିଶ୍ର | ୧୭୪ |
| ବାଉଁଶରାଣୀ | ପୂର୍ଣ୍ଣେ ଦାସ | ୧୭୬ |


ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବିଶେଷ ବିଷୁବ ସଂସ୍କରଣ ୨୦୧୯


| | | |
|---|---|---|
| ବସନ୍ତ ଆସିଛି ବୋଲି | ପ୍ରଦୀପ ବନ୍ଧ | ୧୭୭ |
| ଗୁରୁଦିବସ | ନୀଳକଣ୍ଠ ସ୍ୱାଇଁ | ୧୮୦ |
| ଅଭୁଲା ସ୍ମୃତି | ମହାସ୍ମିତା ଓଝା | ୧୮୧ |
| ସ୍ମୃତି | ସ୍ନେହଲତା ନାୟକ | ୧୮୨ |
| ମାଟିର ମୋହ | ପ୍ରମୋଦ କୁମାର ପଣ୍ଡା | ୧୮୩ |
| ହୃଦୟ ତୁମକୁ ଖୋଜଇ | ଭଗବାନ ବେହେରା | ୧୮୫ |
| ଦେବଅଂଶୀ | ଅନୁରାଧା ମିଶ୍ର | ୧୮୬ |
| ଆମ ସମୟରେ ମୋବାଇଲ୍ ନଥିଲା | ବିନୟ ମିଶ୍ର | ୧୮୭ |
| ଫଗୁଣ ସଞ୍ଜରେ | ପ୍ରଶାନ୍ତ କୁମାର ସାହୁ | ୧୯୫ |
| ବେସୁରା ଗୀତ | ଅଜିତ କୁମାର ସାହୁ | ୧୯୬ |
| କାହାଣୀ | ହଗୁରୀ ଚଣ୍ଡୀ | ୧୯୭ |
| ବନ୍ଧୁ | ବସନ୍ତ କୁମାର ମହାପାତ୍ର | ୧୯୯ |
| ମତଦାନ ଦେବି କେଉଁଠି | ମହେଶ୍ୱର ସାହୁ | ୨୦୧ |
| ଧରିବି କଲମ | ଅଙ୍କିତା ପାଢ଼ୀ | ୨୦୩ |
| ବନ୍ଧୁ | ସାଗର ପ୍ରଧାନ | ୨୦୪ |
| ତବ ନାମ | ଯଶମିତା ମହାନ୍ତି | ୨୦୫ |
| ଆମେ ସବୁ ବେଲାଳସେନର କଟାମୁଣ୍ଡ | ନୂତନ କୁମାର ବେହେରା | ୨୦୬ |
| ବୁଢ଼ାର ପର ଉପକାର | ଅନାମଚରଣ ସାହୁ | ୨୦୮ |
| ତୁମକଥା ଭାବେ ଖାଲି | ସୁଜ୍ଞାନ କୁମାର କହଁର | ୨୧୦ |


ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com
ବିଶେଷ ବିଷୁବ ସଂଖ୍ୟା ୨୦୧୯


| | | |
|---|---|---|
| କୁଆଡ଼େ ଗଲେଣି ହଜି | ଡଃ ସୁବାସ ମିଶ୍ର | ୨୧୧ |
| କବିତା ଖାତା | ରୀତା ଅପରାଜିତା ମହାନ୍ତି | ୨୧୨ |
| ହେ ବର୍ଣ୍ଣନାକାରୀ | କୁମାର ଲୋକେଶ | ୨୧୫ |
| ବୁଢ଼ା ବଳଦ | ଅବିନାଶ ବେହେରା | ୨୧୬ |
| ଅସ୍ଥିର | ମନୋଜ କୁମାର ପ୍ରଧାନ | ୨୧୭ |
| ପ୍ରଭୁଙ୍କ ସହ ଏ ଜୀବନ | ରାମ ପ୍ରସାଦ ସିଂହ | ୨୧୮ |
| ଫରୁଆରେ ଫଗୁଣ | ସସ୍ମିତା ମିଶ୍ର | ୨୧୯ |
| ସମାଜ ଅବସ୍ଥା | ନିତ୍ୟରଞ୍ଜନ ନନ୍ଦ | ୨୨୧ |
| ଫଗୁଣ | ସୁଧାଂଶୁ ଶେଖର ଜେନା | ୨୨୨ |
| ବୋଉଲୋ ପଦ୍ମ ଘୁଞ୍ଚି ଘୁଞ୍ଚି ଯାଉଛି | ସୁରେଶ କୁମାର ପରିଡ଼ା | ୨୨୪ |
| କାହା ପାଇଁ | ଚିନ୍ମୟ ଶୁଭ୍ରାଂଶୁ | ୨୨୫ |
| ପାହାଡ଼ି ଝରଣା | ରାହାସ କୁମାର ବେହେରା | ୨୨୬ |
| ଆସିଲା ମଧୁମୟ ବସନ୍ତ | ଅଜୟ କୁମାର ବେହେରା | ୨୨୮ |
| ହେ ଅତୀତ | ରୀତା ମଲ୍ଲିକ | ୨୨୯ |
| ମୁଁ ଆଜି କେଉଁଠି | ଅମିତ କୁମାର ପ୍ରଧାନ | ୨୩୧ |
| ଝାପ୍ସା ଅତୀତ | ଜିତେନ୍ଦ୍ର କୁମାର କହଁର | ୨୩୩ |
| ଉତ୍କଳମାତା | ଚିତ୍ତରଞ୍ଜନ ସାହୁ | ୨୩୭ |
| ସ୍ମୃତି ଓଡ଼ିଆ ୨୦୧୯ | ଶିବାଶିଷ ନାଏକ | ୨୩୯ |
| ହେ ସ୍ରଷ୍ଟା ପ୍ରଭୁ ଦିବ୍ୟଦ୍ରଷ୍ଟା | ଧୀରେନ୍ଦ୍ର ମଲ୍ଲିକ | ୨୪୪ |


ଆହ୍ୱାନ ଇ-ପତ୍ରିକା

ବିଶେଷ ବିଷୁବ ସଂଖ୍ୟା ୨୦୧୯


| | | |
|---|---|---|
| ବୀର ସନ୍ତାନ | ମାମିନା ନାୟକ | ୨୪୫ |
| ନେତା | ପ୍ରଶାନ୍ତ କୁମାର ପ୍ରଧାନ | ୨୪୬ |
| ମିଠା ମିଠା କେତେ ସ୍ମୃତି | ଅମ୍ବିକା ସ୍ୱାଇଁ | ୨୪୭ |
| ପାଳନ କରିବା ସଭିଏଁ ଆସ | ଭାଗିରଥୀ ଯାନୀ | ୨୪୮ |
| ହେ ଉଦୟଭାନୁ | ନାରାୟଣ ଚନ୍ଦ୍ର ସେନାପତି | ୨୪୯ |
| ଭଜେ ଆର୍ତ୍ତତ୍ରାଣ | ଆର୍ତ୍ତତ୍ରାଣ ଖୁର୍ଡ଼ିଆ | ୨୫୦ |
| ରାହାର ବାସ୍ନା | ଏମ୍.ବିଜୟ କୁମାର | ୨୫୩ |
| ସୀମାନ୍ତ ସିନ୍ଦୁର | ତପନ କୁମାର ସାହୁ | ୨୫୫ |
| ଉତ୍କଳ ଦିବସ | ଜଗବନ୍ଧୁ ସାହୁ | ୨୫୭ |
| ତୋ ପାଇଁ ସାଥିରେ | ଭବାନୀଚରଣ ମିଶ୍ର | ୨୫୮ |
| ରଙ୍ଗର ଫଗୁଣ | ବିକାଶ ଚନ୍ଦ୍ର ଧୁଙ୍ଗିଆ | ୨୬୦ |
| ନିଆରା ମନ୍ତ୍ର | ତ୍ରିନାଥ ବେହେରା | ୨୬୨ |
| ଏ କି ରଙ୍ଗ | ଧୀରେନ୍ ବାଗ୍ | ୨୬୩ |
| ଦୁର୍ନୀତିମୁକ୍ତ ସମାଜ | ବିଭୁତି ଭୂଷଣ ସାମଲ | ୨୬୪ |
| କୁଞ୍ଜବିହାରୀ | ବସନ୍ତ କୁମାର ସାମଲ | ୨୬୬ |
| ନାରୀ ନୁହେଁ ଖେଳନା | ନିନୁ ନାଏକ | ୨୬୭ |
| ନିରୁତ୍ତର ଫଗୁଣ | ଗଙ୍ଗାସୁନନ୍ଦିନୀ ରୁପମା ଗୁରୁ | ୨୬୮ |
| ଜହ୍ନ | ମୋନାଲିଶା ଦାଶ | ୨୬୯ |
| ନପୁଂସକପଣ | ଶିବ ଶଙ୍କର ସାହୁ | ୨୭୦ |


ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com
ବିଶେଷ ବିଷୁବ ସଂଖ୍ୟା ୨୦୧୯


| | | |
|---|---|---|
| ସେ | ଜୟନ୍ତ କୁମାର ସାହୁ | ୨୭୨ |
| ଜନ୍ମଦାତା | ଅକ୍ଷୟ କୁମାର ବେହେରା | ୨୭୩ |
| କଇଁଫୁଲ | ପୂର୍ଣ୍ଣଚନ୍ଦ୍ର ରଣା | ୨୭୫ |
| ଶୁଭ ସକାଳ | ରବୀନ୍ଦ୍ରନାଥ ମହାରଣା | ୨୭୭ |
| ଆମେ କେତେ ସ୍ୱାଧୀନ | ବେବିସ୍ମିତା କର | ୨୭୮ |
| ସେମାନେ ଆମେ | ସନାତନ ମହାକୁଡ଼ | ୨୭୯ |
| ତୁମ ବିନା | ପ୍ରକାଶ ଚନ୍ଦ୍ର ପଣ୍ଡା | ୨୮୦ |
| ଇଚ୍ଛା | ଗୌରୀ ପଣ୍ଡା | ୨୮୧ |
| ଅବଶିଷ୍ଟ | ତାରକ ମହାନ୍ତି | ୨୮୪ |
| ହୋଲି, ସେଦିନ ଓ ଆଜି | କଲ୍ୟାଣୀ ନନ୍ଦ | ୨୮୭ |
| ସନ୍ଧାନୀ କୁକୁର | ଦିଲ୍ଲୀପ କୁମାର ସାମଲ | ୨୮୯ |
| ବାରୁଦସ୍ତୁପରେ ମୁଁ ଜଗନ୍ନାଥ | ମନୋରଞ୍ଜନ ମୁଦୁଲି | ୨୯୧ |
| ରକ୍ତାକ୍ତ କଲମ | ସଞ୍ଜୟ କୁମାର ଦାସ | ୨୯୪ |
| ସଫେଦ୍ ଚାଦର ତଳେ | ସନ୍ତୋଷ କୁମାର ରାଉତ | ୨୯୫ |
| ତୁମର କଣ ହୋଇଛି ? | ପ୍ରାଣବନ୍ଧୁ ପ୍ରଧାନ | ୨୯୭ |
| ମୃତ୍ୟୁ | ଅଜୟ କୁମାର ବେହେରା | ୨୯୮ |
| ପୁତ୍ରସର୍ବସ୍ୱଙ୍କୁ ପଦେ | ପ୍ରିୟଙ୍କା ସାହୁ | ୩୦୦ |
| ଶିଶୁ ଯେବେ କହିଦିଏ ମା | ସମ୍ବିତ ସତ୍ୟପ୍ରକାଶ ମିଶ୍ର | ୩୦୧ |
| ବନ୍ଧୁତ୍ୱ | ସୌମ୍ୟରଞ୍ଜନ ପାତ୍ର | ୩୦୩ |


ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com
ବିଶେଷ ବିଷୁବ ସଂଖ୍ୟା ୨୦୧୯


| | | |
|---|---|---|
| କଣାମାମୁଁ | ରମେଶ ଚନ୍ଦ୍ର ସାହୁ | ୩୦୪ |
| ଗୁଣକୁ କର ଆଦର | ସୁବାସ ଚନ୍ଦ୍ର ମୁଦୁଲି | ୩୦୫ |
| ମନେ ପଡୁଅଛି ଗାଁ | ଶ୍ରୀରାଜଶେଖର ସି ଚିମା | ୩୦୬ |
| କାଞ୍ଚନ କୁମାରୀ | ହୃଦୟାନନ୍ଦ ପଧାନ | ୩୦୮ |
| ନାରୀ | ପ୍ରକାଶ ଚନ୍ଦ୍ର ମୁଦୁଲି | ୩୦୯ |
| ବିଷମ ପ୍ରଶ୍ନ | ଉର୍ମିଳା ଦାସ | ୩୧୦ |
| ନିବେଦନ | ଚନ୍ଦ୍ରକାନ୍ତ ଜେନା | ୩୧୧ |
| ଅବିର | ଯଶୋବନ୍ତ ପଟ୍ଟନାୟକ | ୩୧୨ |
| ନାରୀ | କାହ୍ନୁଚରଣ ସାହୁ | ୩୧୩ |
| ଉତ୍କଳ ଦିବସ | ଏ ପି ଶୁଭକାନ୍ତ | ୩୧୫ |
| ଆସ ଗଛ ଲଗାଇବା | ନିରୁପମା ଦେଓ | ୩୧୭ |
| ଜହ୍ନହଜେ ତାରା ଖୋଜେ | ମନୋଜ କୁମାର ବେହେରା | ୩୧୮ |
| ସୁଧାଂଶୁର ଅବୁଝା ଲୁହ | ସୁଧାଂଶୁ ଶେଖର ମଣ୍ଡଳ | ୩୨୨ |
| ଆଜିର ରେବତୀ | ବନ୍ଦନା ନାୟକ | ୩୨୩ |
| ଜୀବନର ସ୍ୱର | ମିନାକ୍ଷୀ ପଣ୍ଡା | ୩୨୯ |
| **ସମ୍ବଲପୁରୀ ବିଭାଗ** | | **୩୩୦** |
| କିଏ ହୋ ତମେ | କବି ପ୍ରସାଦ | ୩୩୧ |
| ମାଟିର୍ ମହକ୍ | ହରୀଶ ତାଣ୍ଡି | ୩୩୨ |
| ସତର୍ ଜୟ୍ | ହରୀଶ ତାଣ୍ଡି | ୩୩୩ |


ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com
ବିଶେଷ ବିଷୁବ ସଂଖ୍ୟା ୨୦୧୯

| | | |
|---|---|---|
| ମନଦେଇକରି ଶୁନ୍ | ତପସ୍ୱିନୀ କାଲୋ | ୩୩୫ |
| ଖରାର୍ ଉରାଟ୍ | ସୁଭାଷ ଚନ୍ଦ୍ର ଭୁଏ | ୩୩୭ |
| ଗରିବ୍ ଜୀବନ୍ | ମନୋଜ ମହାନନ୍ଦ | ୩୩୯ |
| କେଭେ ଫିର୍‌ବ୍ | ସରୋଜ କୁମାର ସାହୁ | ୩୪୧ |
| ଭୋଟ ଦିଅ ତମେ ଭୋଟ୍ ଦିଅ | ଏମ୍. ବିଜୟ କୁମାର | ୩୪୩ |
| ମଦ ମହିମା | ଯାଦବ ପ୍ରଦୀପ ପରୁଆ | ୩୪୫ |
| ପ୍ରବନ୍ଧ ବିଭାଗ | | ୩୪୬ |
| ବୁଦ୍ଧ ଜୟନ୍ତୀ | ବୈକୁଣ୍ଠନାଥ ଖଟୁଆ | ୩୪୭ |
| ରୌଦ୍ରଚକ୍ରୀ | ପ୍ରମୋଦ କୁମାର ପଣ୍ଡା | ୩୫୨ |
| ମାନସିକତା | ଶ୍ରୀକ୍ଷେତ୍ର ସୁନ୍ଦର | ୩୬୪ |
| ଲକ୍ଷ୍ୟ | ସତ୍ୟପ୍ରକାଶ ସେଠୀ | ୩୬୬ |
| ଯୋଗାଚାରୀ ନାଥଧର୍ମ | ଡଃ ଲକ୍ଷ୍ମଣ ସାହୁ | ୩୭୦ |
| ମଦ ବନ୍ଦ ପାଇଂ ସମୟ ବାକି | ବସନ୍ତ କୁମାର ପଣ୍ଡା | ୩୭୮ |
| ଆଧୁନିକତା ଓ ମୋବାଇଲ୍ ଫୋନ୍ | ରଜୀତ ଦାସ | ୩୮୪ |
| ଲାଲ୍ ପାଗୋଡ଼ାର ପ୍ରେତ | ମନୋଜ କୁମାର ବେହେରା | ୩୮୬ |
| ଓଡ଼ିଶା କାନ୍ଦୁଛି ଓଡ଼ିଆ ପାଇଁ | ପ୍ରେମଶିଳା ରାଉତ | ୩୯୩ |
| ବିଶେଷ ସୂଚନା | | ୩୯୯ |

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବିଶେଷ ବିଷୁବ ସଂସ୍କରଣ ୨୦୧୯



ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

# ସମ୍ପାଦକଙ୍କ କଲମରୁ...

ନମସ୍କାର

ପବିତ୍ର ମହାବିଷୁବ ସଂକ୍ରାନ୍ତି / ମେରୁ ସଂକ୍ରାନ୍ତି / ହନୁମାନ ଜୟନ୍ତୀ / ଓଡ଼ିଆ ନବବର୍ଷ ଏବଂ ଆମ୍ବେଦକର ଜୟନ୍ତୀ ଉପଲକ୍ଷେ ସମସ୍ତ ପାଠକପାଠିକା, ଲେଖକ ଲେଖିକା ଏବଂ ଉପଦେଷ୍ଟା ଏବଂ ଶୁଭାକାଂକ୍ଷୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ।

ଆହ୍ୱାନ ଇ-ପତ୍ରିକାର ଏହି ବିଶେଷ ବିଷୁବ ସଂସ୍କରଣକୁ ଡାଉନଲୋଡ୍ କରି ପଢୁଥିବା ହେତୁ ଆପଣଙ୍କୁ ସାରସ୍ୱତ ଅଭିନନ୍ଦନ ଓ ଧନ୍ୟବାଦ ଜଣାଉଛି । ପ୍ରତିବର୍ଷ ବିଷୁବ ସଂକ୍ରାନ୍ତି ସମୟରେ ଆହ୍ୱାନ ଇ-ପତ୍ରିକାର ଏକ ବିଶେଷ ସଂସ୍କରଣ ପ୍ରକାଶିତ ହୋଇଥାଏ । ଚଳିତ ବର୍ଷ କାର୍ଯ୍ୟବ୍ୟସ୍ତତା ହେତୁ ଏଥିନିମନ୍ତେ ଅଧିକ ପ୍ରଚାର ଓ ଲେଖା ଆହ୍ୱାନ କରି ପାରିନଥିଲି । ତଥାପି ପ୍ରାୟ ଏକଶହ ଷାଠିଏଟି ଲେଖା ପତ୍ରିକା ପାଇଁ ହସ୍ତଗତ ହୋଇଥିଲା । ସେଥିମଧ୍ୟରୁ ଅନେକ ଲେଖା ଏଠାରେ ପ୍ରକାଶିତ ହୋଇଛି । ଅନେକ ବନ୍ଧୁ ଏହି ପତ୍ରିକାରେ ପ୍ରଥମ ଥର ଲେଖା ଦେଇଛନ୍ତି ସେମାନଙ୍କୁ ଆହ୍ୱାନ ଓଡ଼ିଆ ପରିବାର ଏବଂ ଆହ୍ୱାନ ଇ-ପତ୍ରିକା ତରଫରୁ ସ୍ୱାଗତ ଜଣାଉଛି । ଆଶା କରୁଛି ସେମାନେ ଏହିଭଳି ନିରବଚ୍ଛିନ୍ନ ଭାବରେ ଆହ୍ୱାନ ଇ-ପତ୍ରିକାର ପୃଷ୍ଠପୋଷକତା କରୁଥିବେ । ଆମ ଭାଷା

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବିଶେଷ ନିର୍ବାଚନ ସଂଖ୍ୟା ୨୦୧୯

ଓ ସାହିତ୍ୟର ଉନ୍ନତିରେ ସେମାନେ ସର୍ବଦୈବ ସକ୍ରିୟ ରହି ସହଯୋଗ କରିବେ ।

ସମଗ୍ର ଦେଶରେ ବର୍ତ୍ତମାନ ନିର୍ବାଚନର ବାତାବରଣ ଏବଂ ସମଗ୍ର ସୋସିଆଲ୍ ମିଡ଼ିଆ ଏକ ରଣାଙ୍ଗନରେ ପରିଣତ ହୋଇଛି । ବିଭିନ୍ନ ରାଜନୈତିକ ଚିନ୍ତାଧାରାକୁ ସମର୍ଥନ ଦେଉଥିବା ବନ୍ଧୁମାନେ ପରସ୍ପର ଉପରେ ଆରୋପ ପ୍ରତ୍ୟାରୋପର ଝଡ଼ ଲଗାଇଛନ୍ତି । ପ୍ରକୃତରେ ନିର୍ବାଚନରେ ପାଦ ଦେଇଥିବା ନେତୃବର୍ଗ ହୁଏତ ଏତେ ଆକ୍ରାମକ ହୋଇନପାରନ୍ତି ଯେତିକି ସେମାନଙ୍କ ସମର୍ଥକ ମାନେ ହେଉଛନ୍ତି ।

ଏଥିପାଇଁ ଏତିକି ମାତ୍ର ନିବେଦନ କରିବାକୁ ଚାହେଁ, ରାଜନୀତିକୁ ବନ୍ଧୁତ୍ୱ ଠାରୁ ଦୂରେଇ ରଖନ୍ତୁ । ପ୍ରତ୍ୟେକ ବ୍ୟକ୍ତିର ସ୍ୱତନ୍ତ୍ର ରାଜନୈତିକ ଚିନ୍ତାଧାରା ଥାଇପାରେ, ତାହା ତା'ର ସମ୍ପୂର୍ଣ୍ଣ ବ୍ୟକ୍ତିଗତ ବ୍ୟାପାର, ସେଥିରେ ଆମେ ହସ୍ତକ୍ଷେପ କରିବା ଅନୁଚିତ, ଏବଂ ତାହାକୁ ନେଇ ବନ୍ଧୁତାରେ ଦୂରତ୍ୱ ସୃଷ୍ଟି କରିବା ଅନୁଚିତ ।

ଚଳିତ ମାସର ପତ୍ରିକାକୁ ପଠନ ପୂର୍ବରୁ ଚାଲନ୍ତୁ ଦୃଷ୍ଟିଦେବା ବିଗତ ମାସରେ ଘଟିଥିବା କିଛି ବିଶେଷ ଘଟଣା ଉପରେ ।

୧. ଭାରତୀୟ ଗଣତନ୍ତ୍ରର ସର୍ବସାଧାରଣ ନିର୍ବାଚନ

ବିଶ୍ୱର ସର୍ବବୃହତ ଗଣତନ୍ତ୍ରର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଉତ୍ସବ ହେଉଛି ସର୍ବସାଧାରଣ ନିର୍ବାଚନ । ପ୍ରତି ପାଞ୍ଚବର୍ଷରେ ଥରେ ହେଉଥିବା ଏହି ନିର୍ବାଚନ ଚଳିତ ବର୍ଷ ଅପ୍ରେଲ ମାସରେ ଅନୁଷ୍ଠିତ ହେବାକୁ ଯାଉଛି । ଚାରୋଟି ପର୍ଯ୍ୟାୟରେ ଏହି ନିର୍ବାଚର ସମୁଦାୟ ଭାରତବର୍ଷର ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ଅନୁଷ୍ଠିତ ହେବ । ଏଥିପାଇଁ ନିର୍ବାଚନ ଆୟୋଗ ବିଧିବଦ୍ଧ ଭାବରେ ଘୋଷଣା କରିଛନ୍ତି ଏବଂ ଏହାର ପ୍ରାଥମିକ ପର୍ଯ୍ୟାୟର ନିର୍ବାଚନ ଆସନ୍ତା ୧୧ ତାରିଖ ଦିନ ଅନୁଷ୍ଠିତ ହେବାକୁ ଯାଉଛି । ଓଡ଼ିଶାରେ ଏଇ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବିଶେଷ ନିର୍ବାଚନ ସଂଖ୍ୟା ୨୦୧୯

ନିର୍ବାଚନ ଚାରୋଟି ପର୍ଯ୍ୟାୟରେ ହେଉଛି ଏବଂ ଏଥିପାଇଁ ରାଜନୈତିକ ଦଳ ମାନଙ୍କ ମଧ୍ୟରେ ତୀବ୍ର ପ୍ରତିଦ୍ୱନ୍ଦିତା ଏବଂ ପରସ୍ପରକୁ କାଦୁଅ ଫୋପଡ଼ା ଆରମ୍ଭ ହୋଇଗଲାଣି ।

ଆହ୍ୱାନ ଇ-ପତ୍ରିକା ତରଫରୁ ସମସ୍ତ ପାଠକ ପାଠିକାଙ୍କୁ ନିବେଦନ କରାଯାଉଛି, "ନିଶ୍ଚୟ ଭୋଟ ଦିଅନ୍ତୁ । ମନେ ରଖନ୍ତୁ ଆପଣଙ୍କ ଗୋଟିଏ ଭୋଟ ଏହି ଦେଶକୁ ଉନ୍ନତି ପଥରେ ଆଗେଇ ନେଇ ପାରେ ।"

୨. ନେତା ମନ୍ତ୍ରୀ ମାନଙ୍କର ଦଳବଦଳ ରାଜନୀତି

ଚଳିତ ନିର୍ବାଚନ ଋତୁରେ ଯାହା ସର୍ବାଧିକ ଦେଖିବାକୁ ଓ ଶୁଣିବାକୁ ମିଳିଲା ତାହା ଥିଲା ଅସନ୍ତୋଷ ରାଜନୈତିଜ୍ଞ ମାନଙ୍କ ଦଳବଦଳ । ଅବସ୍ଥା ଏମିତି ହେଲା ଯେ ଖବରକାଗଜରେ କେବଳ ଦଳବଦଳ ବିଷୟ ସମ୍ବଳିତ ଖବର ସର୍ବାଧିକ ଦେଖିବାକୁ ମିଳିଲା । ଓଡ଼ିଶାରେ ପାଦ ପକାଉଥିବା ଭାରତୀୟ ଜନତା ପାର୍ଟିକୁ ସର୍ବାଧିକ ଅସନ୍ତୁଷ୍ଟ ଯୋଗ ଦେଇଥିବା ବେଳେ କଂଗ୍ରେସ ମଧ୍ୟ ଏହି ପ୍ରତିଯୋଗିତାରେ ବାଜିମାତ୍ କରିଥିଲା । ଉଲ୍ଲେଖଯୋଗ୍ୟ ଯେ ବିଗତ ଲୋକସଭା ଓ ବିଧାନସଭା ନିର୍ବାଚନ ବେଳେ ଯେଉଁ ପ୍ରାର୍ଥୀମାନେ ଭଲ ଫଳ ଦେଇଥିଲେ ସେମିତି ଅନେକ ପ୍ରାର୍ଥୀଙ୍କୁ ଚଳିତ ନିର୍ବାଚନ ପାଇଁ ଟିକେଟ୍ ମିଳିନଥିଲା, ଏହାକୁ ନେଇ ସ୍ଥାନୀୟ ସ୍ତରରେ ନେତୃବୃନ୍ଦଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି ହୋଇଥିଲା ।

ଯେଉଁ ସବୁ ନେତାକୁ ବିଜୁ ଜନତା ଦଳର ଟିକେଟ୍ ମିଳିନଥିଲା ସେମାନେ ନିଜର ଅସନ୍ତୋଷ ପ୍ରକାଶ କରିବା ସହ ନିଜର ସମର୍ଥକଙ୍କୁ ନେଇ ଅନ୍ୟ ଦଳରେ ଯୋଗ ଦେଇଥିଲେ । ଅବସ୍ଥା ଏମିତି ହେଲା ଯେ ସୋସିଆଲ୍ ମିଡ଼ିଆରେ ଏହାକୁ ନେଇ ଅନେକ ବ୍ୟଙ୍ଗ ସୃଷ୍ଟି ହେଲା । କୁହାଗଲା ଯେଉଁ ନେତାମାନେ କେବଳ ଟିକେଟ୍ ଲୋଭରେ ଗୋଟିଏ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବିଶେଷ ନିର୍ବାଚନ ସଂଖ୍ୟା ୨୦୧୯

ଦଳ ଛାଡ଼ି ଅନ୍ୟ ଦଳକୁ ଲମ୍ଫ ପ୍ରଦାନ କରୁଛନ୍ତି ସେମାନେ କଣ କେବଳ ସେବା କରିବା ପାଇଁ ଏମିତି କରୁଛନ୍ତି ନା ସେମାନଙ୍କ ଉଦ୍ଦେଶ୍ୟ ଆଉ କିଛି !

ଓଡ଼ିଶାର ସମସ୍ତ ବିଧାନସଭା ଓ ଲୋକସଭା ଆସନ ପାଇଁ ସମସ୍ତ ଦଳ ନିଜନିଜ ଦଳର ପ୍ରାର୍ଥୀଙ୍କ ଘୋଷଣା କରିବାପରେ ସମ୍ଭବତଃ ଏହା ସର୍ବକାଳୀନ ସର୍ବାଧିକ ପ୍ରାର୍ଥୀ ଭାଗ ନେଇଥିବା ନିର୍ବାଚନ ହୋଇପାରେ ।

୩. ଚାଲ ଗରୀବ ହେବା, ବର୍ଷକୁ ବାସ୍ତରୀ ହଜାର ପାଇବା

ନିର୍ବାଚନ ପୂର୍ବରୁ ସମସ୍ତ ରାଜନୈତିକ ଦଳ ନିଜ ନିଜ ଘୋଷଣାପତ୍ର ଜାରୀ କରନ୍ତି ଯେଉଁଥିରେ ଭୋଟର ମାନଙ୍କୁ ଲୋଭାଇବା ଭଳି ବିଭିନ୍ନ ବ୍ୟବସ୍ଥା ଥାଏ । ଚଳିତ ନିର୍ବାଚନ ସମୟରେ ବିରୋଧୀ କଂଗ୍ରେସ୍ ତରଫରୁ ଜାରୀ ହୋଇଥିବା ପତ୍ରରେ କିଛି ଏମିତି ବ୍ୟବସ୍ଥା ରହିଛି ଯାହାକୁ ପଢ଼ିବା ପରେ ଦେଶର ଅଧିକାଂଶ ଲୋକ ଜାଣି ପାରିବେନି ସେମାନେ ଖୁସି ହେବେ କି ଦୁଃଖ କରିବେ । କଂଗ୍ରେସ୍ ତରଫରୁ ଘୋଷଣା କରାଯାଉଛି ଯେ ଯଦି କଂଗ୍ରେସ୍ ଶାସନକୁ ଆସେ ତେବେ ପ୍ରତ୍ୟେକ ଗରୀବ ପରିବାରକୁ ବାର୍ଷିକ ୭୨ ହଜାର ଟଙ୍କା ଦିଆଯିବ ।

ଓଡ଼ିଶା ତଥା ଭାରତରେ ବେସରକାରୀ ଅନୁଷ୍ଠାନ ମାନଙ୍କରେ କାମ କରୁଥିବା ଅନେକ କର୍ମଚାରୀଙ୍କ ମାସିକ ଦରମା ପାଞ୍ଚ ହଜାରରୁ ଅଧିକ ହୋଇନଥିବା ବେଳେ ଏହି ଭଳି ଏକ ଘୋଷଣା ନିଶ୍ଚୟ ଭାବରେ ଲୋକଙ୍କ ଦୃଷ୍ଟି ଆକର୍ଷଣ କରିବ । କିଛି କାମ କରୁନଥିବା ଏବଂ ନିଜକୁ ଗରୀବ ବୋଲି ଜଣାଇ ଅନେକ ବ୍ୟକ୍ତି ଏହି ବ୍ୟବସ୍ଥାରୁ ଲାଭବାନ ହେବାପାଇଁ ଏବେଠାରୁ ମାନସିକ ଭାବରେ ପ୍ରସ୍ତୁତ ହୋଇସାରିବେଣି । ଅନ୍ୟୁନ ପଚିଶି କୋଟି ଲୋକଙ୍କୁ ଏହି ଲାଭ ମିଳିବ ଏବଂ ଏହାଦ୍ୱାରା ସମାଜରେ ଧନୀ ଦରିଦ୍ରର ଅସମାନତା ଦୂର ହେବ ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com
ବିଶେଷ ବିଷୁବ ସଂସ୍କରଣ ୨୦୧୯

ହେଲେ ପ୍ରଶ୍ନ ଉଠୁଛି ଏହି ଭତ୍ତା ପାଇଁ ଅର୍ଥ କେଉଁଠୁ ଆସିବ ? ଯଦି ଏହା ରାଜକୋଷରୁ ଦିଆଯାଏ ତା ହେବେ ବିଗତ ପାଞ୍ଚବର୍ଷରେ ଚଳିତ ସରକାରଙ୍କ ଆର୍ଥିକ ନୀତିଦ୍ୱାରା ହୋଇଥିବା ସଂଚୟକୁ ମାତ୍ର ଏକ ବର୍ଷ ମଧ୍ୟରେ ହିଁ ସାରି ଦିଆଯିବ । ତା ପରେ ଦେଶ ଚଳିବ କେମିତି ? ଅନେକ ପାଠକ ହୁଏତ ଜାଣିନଥିବେ କିନ୍ତୁ ବର୍ଷ ୨୦୧୪ ବେଳକୁ ରାଜକୀୟ କ୍ଷତିର ପରିମାଣ ଏତେ ମାତ୍ରାରେ ଅଧିକ ଥିଲା ଆଉ ବୈଦେଶିକ ମୁଦ୍ରା ଭଣ୍ଡାର ଭୟଙ୍କର ସ୍ଥିତିରେ ଥିବା ବେଳେ ପେଟ୍ରୋଲିୟମ୍ ପଦାର୍ଥର ଦର ବୃଦ୍ଧି କରାଯାଇ ସେ ସବୁକୁ ଭରଣା କରାଯାଇଥିଲା । ୟୁପିଏ ସରକାର ଥିବା ସମୟରେ ରକ୍ଷା ଉପକରଣ ସୌଦା ବେଳେ ରକ୍ଷାମନ୍ତ୍ରୀ ଘୋଷଣା କରିଥିଲେ ଯେ ସରକାର ଦେବାଳିଆ ସ୍ଥିତିରେ ଅଛନ୍ତି, କିଣିବା ପାଇଁ ଅର୍ଥ ନାହିଁ । କିନ୍ତୁ ବିଗତ ପାଞ୍ଚବର୍ଷରେ ସରକାରଙ୍କ ନୀତି ଯୋଗୁଁ ଏ ସବୁ ସମ୍ଭବ ହୋଇପାରିଲା । ବର୍ତ୍ତମାନ ଚିନ୍ତାର ବିଷୟ ହେଉଛି, ଏହି ଭଳି ଘୋଷଣା ସବୁ କରିବା ଦ୍ୱାରା ଭୁଲ ସନ୍ଦେଶ ସମାଜକୁ ଦିଆଯାଉ ନାହିଁ କି ?

୪. ଦେଶବିରୋଧୀ ଘୋଷଣାପତ୍ର ପାଇଁ କଂଗ୍ରେସ ସମାଲୋଚିତ

କଂଗ୍ରେସ୍ ପାର୍ଟି ଦ୍ୱାରା ଉନ୍ମୋଚିତ ଘୋଷଣାପତ୍ରରେ ଉଲ୍ଲେଖ କିଛି ତଥ୍ୟକୁ ନେଇ ସର୍ବସାଧାରଣରେ କ୍ରୋଧ ଏବଂ ଅସନ୍ତୋଷର ବାତାବରଣ ସୃଷ୍ଟି ହୋଇଛି । ଏଥିରେ ଉଲ୍ଲେଖନୀୟ ହେଉଛି ଦେଶଦ୍ରୋହର ଧାରାକୁ ହଟାଇବା ଏବଂ କାଶ୍ମୀରରେ ସେନାବାହିନୀର ବିଶେଷାଧିକାରକୁ ହଟାଇବା । ଏହି ଘୋଷଣାପତ୍ର ପ୍ରକାଶିତ ହେବାପରେ ଭାଜପା ତରଫରୁ ଅରୁଣ ଜେଟଲୀ ଏହାକୁ ଦେଶ ବିରୋଧୀ ବୋଲି ବିବେଚନା କରୁଥିବା ବେଳେ ଅନେକ ଏହାକୁ ପାକିସ୍ତାନ ଦ୍ୱାରା ପ୍ରକାଶିତ ଘୋଷଣା ପତ୍ର ବୋଲି କହିଛନ୍ତି ।

୫. ଅମେଥି ଛାଡ଼ି କେରଳର ୱାୟାନାଡ଼ରୁ ପ୍ରାର୍ଥୀ ହେଲେ ରାହୁଲ ଗାନ୍ଧୀ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବିଶେଷ ବିଷୁବ ସଂକ୍ରାନ୍ତି ୨୦୧୯

ଚଳିତ ନିର୍ବାଚନରେ କଂଗ୍ରେସ ପାର୍ଟି ମହାସଚିବ ଶ୍ରୀ ରାହୁଲ ଗାନ୍ଧୀ ନିଜର ଚିରପରିଚିତ ଅମେଥି ନିର୍ବାଚନ କ୍ଷେତ୍ର ବ୍ୟତୀତ ସୁଦୂର କେରଳର ୱାୟାନାଡ଼ ଠାରୁ ମଧ୍ୟ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି । ଏକ ଅପ୍ରତ୍ୟାଶିତ ପଦକ୍ଷେପରେ ଏହା ପାର୍ଟି ଦ୍ୱାରା ଘୋଷଣା କରାଯାଇ ତୁରନ୍ତ ପ୍ରାର୍ଥୀପତ୍ର ଦାଖଲ ହୋଇଛି । ଏହି ଅବସରରେ ଆୟୋଜିତ ଏକ ରୋଡ଼ଶୋ'ରେ ସେ ନିଜର ଦକ୍ଷତା ଓ ଲୋକପ୍ରିୟତା ଦେଖାଇବାକୁ ଚେଷ୍ଟା କରିଛନ୍ତି । ତାଙ୍କର ରୋଡ଼ ସୋ'ର କିଛି ଚିତ୍ର ସୋସିଆଲ୍ ମିଡ଼ିଆରେ ବ୍ୟାପିବାପରେ ଏହାକୁ ନେଇ ଲୋକମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖା ଦେଇଛି । ସୂଚନାଯୋଗ୍ୟ ଯେ ଶ୍ରୀ ଗାନ୍ଧୀଙ୍କ ନିର୍ବାଚନ କ୍ଷେତ୍ର ଅମେଥିରୁ ସେ ଆଗରୁ ମଧ୍ୟ ଜିତି ଆସୁଥିଲେ ସୁଦ୍ଧା ଚଳିତ ନିର୍ବାଚନ ସମୟରେ ଏଠାରେ ଭାରତୀୟ ଜନତା ପାର୍ଟିର ପ୍ରାର୍ଥିନୀ ଶ୍ରୀମତି ସ୍ମୃତି ଇରାନୀଙ୍କ ଠାରୁ ହାରିବା ସନ୍ଦେହରେ ସେ ଏହିଭଳି ଦୁଇଟି ସ୍ଥାନରୁ ପ୍ରାର୍ଥୀପତ୍ର ପକାଇଛନ୍ତି ବୋଲି କୁହାଯାଉଛି । ଏହାକୁ ନେଇ ସ୍ମୃତି ଇରାନୀ ସମେତ ଅନେକ ବ୍ୟକ୍ତି ସୋସିଆଲ୍ ମେଡ଼ିଆରେ 'ଭାଗ୍ ରାହୁଲ୍' ବୋଲି ହ୍ୟାସ୍ ଟ୍ୟାଗ୍‌କୁ ଭାଇରାଲ୍ କରିଥିଲେ ।

କେରଳର ୱାୟାନାଡ଼ ଏକ ମୁସଲମାନ ବହୁଳ ଅଞ୍ଚଳ ଏବଂ ଏଠାରେ ହିନ୍ଦୁମାନେ ସଂଖ୍ୟାଗରିଷ୍ଠ ନୁହନ୍ତି ତେଣୁ ରାହୁଲ ଗାନ୍ଧୀଙ୍କୁ ସେହି ସ୍ଥାନରେ ନିଜର ଜିତିବାର ପୂର୍ଣ୍ଣ ଧାରଣା ଥାଇପାରେ ବୋଲି କୁହାଯାଉଛି ।

୬. କମଳନାଥଙ୍କ ପାଖଲୋକ ନିକଟରୁ ଅନେକ କୋଟି ଟଙ୍କା ଜବତ

ମଧ୍ୟପ୍ରଦେଶର ମୁଖ୍ୟମନ୍ତ୍ରୀ କମଳନାଥଙ୍କ ବ୍ୟକ୍ତିଗତ ସଚିବ ଏବଂ ପରିଜନଙ୍କ ନିକଟରୁ କୋଟି କୋଟି ଟଙ୍କା ଜବତ ହେବା ଘଟଣା ଚଳିତ ସପ୍ତାହରେ ଅନେକ ବୈଦ୍ୟୁତିକ ଏବଂ ପ୍ରିଣ୍ଟ ମେଡ଼ିଆରେ ଦେଖିବାକୁ ମିଳିଥିଲା । ମୁଖ୍ୟମନ୍ତ୍ରୀ ହେବାପରେ ଜନକଲ୍ୟାଣ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବିଶେଷ ନିର୍ବାଚନ ସଂଖ୍ୟା ୨୦୧୯

ଯୋଜନା ମାନଙ୍କ ପାଇଁ ଆସିଥିବା ଟଙ୍କାକୁ ବାଟମାରଣା କରାଯାଇ ନିର୍ବାଚନରେ ବ୍ୟବହାର କରାଯାଉଥିବା ଅଭିଯୋଗ ଆସୁଛି ।

ଏହାପରେ ଉତ୍ୟକ୍ତ କମଳନାଥ ବକ୍ତବ୍ୟ ଦେଇ କହିଛନ୍ତି ଯେ ତାଙ୍କ ଉପରେ ଚାପ ପକାଇବାକୁ ଚେଷ୍ଟା କରାଯାଉଛି । କିନ୍ତୁ ଏତେ ପରିମାଣର ଟଙ୍କା କେମିତି ଏମାନଙ୍କୁ ମିଳିଲା ସେହି ପ୍ରଶ୍ନର ଉତ୍ତର ସେ ଦେଉନାହାନ୍ତି । ଏହାକୁ ନେଇ ରାହୁଳ ଗାନ୍ଧୀଙ୍କୁ ପ୍ରଶ୍ନ କରାଯିବା ସତ୍ତ୍ୱେ ସେ କୌଣସି ଉତ୍ତର ଦେଇନାହାନ୍ତି ।

ସୂଚନାଯୋଗ୍ୟ ଯେ ବୈଦ୍ୟୁତିକ ଗଣମାଧ୍ୟମ ଚ୍ୟାନେଲ୍ ରିପବ୍ଲିକ୍ ଟିଭି ଏହି ଘଟଣା ପରେ ଏହି ଟଙ୍କାର ସ୍ରୋତ ବିଷୟରେ ପ୍ରସାର କରିଛି ଏବଂ ଦେଖାଯାଉଛି ଯେ ଏଥିରେ ଶିଶୁ ମାନଙ୍କ ପାଇଁ ଆସିଥିବା ଆହାରର ଅର୍ଥକୁ ଘୋଟାଳା କରାଯାଇଛି ।

୭. ନବୀନ ପଟ୍ଟନାୟକଙ୍କ ବ୍ୟାୟାମ ଭିଡ଼ିଓ ଭାଇରାଲ୍ ହେଲା

ସାଧାରଣ ନିର୍ବାଚନ ପୂର୍ବରୁ ଓଡ଼ିଶାରେ ଏହାର ପ୍ରଭାବ ଦେଖିବାକୁ ମିଳିଛି ଏବଂ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ମାରାଥନ ପ୍ରଚାର କରିଛନ୍ତି । ଅନେକ ଦିନରୁ ଅସୁସ୍ଥ ରହି ଆସୁଥିବା ନବୀନ ପଟ୍ଟନାୟକଙ୍କ ସ୍ୱାସ୍ଥ୍ୟ ବିଷୟରେ ସମସ୍ତେ ଊଣା ଅଧିକେ ଜାଣିଥିବା ବେଳେ ହଠାତ୍ ସୋସିଆଲ୍ ମେଡ଼ିଆରେ ପ୍ରସାରିତ ଏକ ଭିଡ଼ିଓ ସମସ୍ତଙ୍କୁ ଚକିତ କରି ଦେଇଛି । ଅନ୍ୟୂନ ଅଢ଼େଇ ମିନିଟର ଏହି ଭିଡ଼ିଓରେ ନବୀନ ପଟ୍ଟନାୟକ କଳା ପୋଷାକ ପିନ୍ଧି ବ୍ୟାୟାମ କରୁଥିବା ଦେଖାଯାଉଛି । ଆଗ ଅପେକ୍ଷା ସୁନ୍ଦର ସ୍ୱାସ୍ଥ୍ୟ ଏବଂ ସୁସ୍ଥ ଦେଖାଯାଉଛନ୍ତି ।

୮. ପୁରୀରେ ନିର୍ବାଚନୀ ପ୍ରଚାରରେ ବ୍ୟସ୍ତ ସମ୍ବିତ୍ ପାତ୍ର

ଭାରତୀୟ ଜନତା ପାର୍ଟିର ଅତୀତର ରାଷ୍ଟ୍ରୀୟ ପ୍ରବକ୍ତା ଡା ସମ୍ବିତ୍ ପାତ୍ର ଚଳିତ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବିଶେଷ ବିଷୁବ ସଂକ୍ରାନ୍ତି ୨୦୧୯

ନିର୍ବାଚନରେ ପୁରୀ ନିର୍ବାଚନ ମଣ୍ଡଳୀରୁ ପ୍ରାର୍ଥିତ୍ୱ କରୁଛନ୍ତି । ଏବଂ ତାଙ୍କର ନିର୍ବାଚନ ପ୍ରଚାରର ଫଟୋ ଓ ଭିଡ଼ିଓ ସବୁ ଗଣମାଧ୍ୟମରେ ପ୍ରସାରିତ ହେଉଛି । ସୂଚନାଯୋଗ୍ୟ ଯେ ଡା ପାତ୍ରଙ୍କ ନିର୍ବାଚନ ବେଳେ କରୁଥିବା ଅଭିନୟ ଆବଶ୍ୟକତାଠାରୁ ଅଧିକ ହେଉଛି ବୋଲି ଅନେକ ମନେ କରୁଛନ୍ତି ।

ପୁରୀ ନିର୍ବାଚନରେ ଅସ୍ପଷ୍ଟ ଚିତ୍ର ରହିଛି । ବିଗତ ଅନେକ ବର୍ଷରୁ ଏହା ବିଜୁ ଜନତା ଦଳର ଗଡ଼ ରହିଥିବା ବେଳେ ଚଳିତ ନିର୍ବାଚନରେ ଡା ପାତ୍ରଙ୍କ ରାଷ୍ଟ୍ରୀୟ ସ୍ତରର ବ୍ୟକ୍ତିତ୍ୱକୁ ଦେଖି ଅଧିକ ଜନମତ ପାଇବା ଆଶା ରହିଛି ବୋଲି କୁହାଯାଉଛି ।

ଚଳିତ ମାସରେ ହଠାତ୍ ମୋତେ ନିଜ ବାସଗୃହ ସ୍ଥାନାନ୍ତରଣ କରିବାକୁ ହେଲା ସେଇଥିପାଇଁ ଏହି ସଂସ୍କରଣର ପ୍ରକାଶନରେ ଏହି ଅହେତୁକ ବିଳମ୍ବ ହେଲା । ସେଥିପାଇଁ ମୁଁ କ୍ଷମାପ୍ରାର୍ଥୀ ।

ଆଶା କରୁଛି ଚଳିତ ସଂସ୍କରଣ ଆପଣଙ୍କୁ ଭଲ ଲାଗିବ । ଆହ୍ୱାନ ଇ-ପତ୍ରିକାକୁ ଆପଣଙ୍କ ସହଯୋଗ ସବୁବେଳେ ଏମିତି ଜାରୀ ରହୁ । ଆମ ଭାଷା ସାହିତ୍ୟର ଜୟ ହେଉ ।

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ପ୍ରତିଷ୍ଠାତା - ସମ୍ପାଦକ, ଆହ୍ୱାନ ଇ-ପତ୍ରିକା

ସମସ୍ତ ବନ୍ଧୁଙ୍କୁ ଅନୁରୋଧ ଦୟାକରି ଆହ୍ୱାନ ଇ-ପତ୍ରିକାର ଆଣ୍ଡ୍ରଏଡ୍ ଆପ୍ ଗୁଗୁଲ୍ ପ୍ଲେ ଷ୍ଟୋରରୁ ଡାଉନଲୋଡ୍ କରି ନିଜ ମୋବାଇଲ୍‌ରେ ଇନ୍‌ଷ୍ଟାଲ୍ କରନ୍ତୁ । ଏବଂ ଏହି ଆପ୍‌ରେ ନିଜ ମତାମତ ଦିଅନ୍ତୁ । ଆପଣ ଚାହିଁଲେ ଏହି ଆପ୍‌ରେ ବିନା ଶୁଳ୍କରେ ଆମକୁ କ୍ଷୁଦ୍ର ସମ୍ବାଦ (ଏସ୍‌ଏମ୍‌ଏସ୍)ପଠାଇ ପାରିବେ । ଆଜି ହିଁ ଆମ୍ ଆପ୍ ଡାଉନଲୋଡ୍ କରନ୍ତୁ ।

Search “**Aahwaan e-Patrika**” on Google Play Store and Download Our App.
For More Information Read Last Pages or Send Request to 7008567085.

ବିଶେଷ ବିଷୁବ ସଂସ୍କରଣ ୨୦୧୯

# କାହାଣୀ ବିଭାଗ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com
ବିଶେଷ ଶିଶୁ ସଂଖ୍ୟା ୨୦୧୯

# ସୁନେଲୀ ସିଂହ



ଅଶୋକ ବିଶ୍ୱାଳ

## ପରିବାରରୁ ବିତାଡନ

ଏ ଭିତରେ ସେମାନେ ତିନି ବର୍ଷ ହେବାକୁ ହେଲେଣି । ସେମାନଙ୍କ ଅନକେ ପରିବର୍ତ୍ତନ ଆସିଛି ।

ଦଳର ମୁଖ୍ୟ ସିଂହ କିଛି ଦିନ ହେଲା ନିଜ ପାରିଧିକୁ ଯାଇଥିଲା । ଏଇଟା ଦଳର ମୁଖ୍ୟ ସିଂହର ଅଭ୍ୟାସ । ଗୀରର ସିଂହ ସବୁବେଳେ ଦଳ ସହ ବନ୍ଧା ହୋଇ ରହେନା । କିଛି ଦିନ ଏକାକୀ ନିଜ ରାଜ୍ୟ ଭ୍ରମଣରେ ବାହାରି ଯାଏ । ସେହି ସମୟରେ ତାର ଅନେକ ଯୁଦ୍ଧ ହୁଏ । ନିଜର ସୀମାକୁ ସେ ମୂତ୍ରତ୍ୟାଗ ବା ରାମ୍ପିବା ଦ୍ୱାରା ଠିକ ଭାବେ ନିର୍ଦ୍ଧାରଣ କରେ । ଏଥର ପାରିଧିରୁ ଫେରିବା ପରେ ସେ କେମିତି ଅଲଗା ଲାଗୁଥିଲା । ଦେହଟା କେମିତି କଙ୍କାଳିଆ ହୋଇ ଆସିଥିଲା । କିଛି ଖଣ୍ଡିଆ ମଧ୍ୟ ଥିଲା । ସାଧାରଣ କ୍ଷତ । ଶୁଖିଗଲାଣି ।

ବଡ ସିଂହକୁ ଦେଖି ଦଳ ଖୁସି ହୋଇଗଲା । ସବୁ ସଦସ୍ୟଙ୍କ ପାଖକୁ ସେ ଚାଲିଗଲା । ସିଂହୀମାନେ ତାକୁ ଶୁଂଘିଲେ । ସେ ସମସ୍ତଙ୍କୁ ଶୁଂଘିଲା । ମଝିରେ ମଝିରେ ତାର ନାକ ବିକୃତ ହୋଇ ଯାଉଥାଏ । ସିଂହର ମିଜାଜ ଭଲ ନାହିଁ ବୋଲି ଜାଣି ହେଉଥିଲା । ସେ ଦଳପାଖରେ କିଛି ସମୟ ଶୋଇଲା । ତାପରେ ଟିକିଏ ଦୂରକୁ ଯାଇ ଶୋଇଲା । ସିଂହୀମାନେ ଆଉ ଛୁଆମାନେ ତା ପାଖକୁ ଆସୁନଥିଲେ । ଛୁଆମାନେ ସାଧାରଣତଃ ଖେଳିବା ପାଇଁ ବ୍ୟସ୍ତ ହୁଅନ୍ତି । କିନ୍ତୁ ସେମାନେ ସିଂହ ନାକ ବିକୃତ କରୁଥିବାର ଦେଖି ପାଖକୁ ଆସୁନଥିଲେ ।

ଏଣେ ଦୁଇଭାଇ କିଛି ଦୂରରେ ଥିଲେ । ସେମାନେ ଖୁବ ଖୁସିରେ ବୁଲୁଥିଲେ । ଦଳର

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବିଶେଷ ବିଷୁବ ସଂଖ୍ୟା ୨୦୧୯

ମୁଖ୍ୟ ସିଂହ ଆସିଛି ବୋଲି ସେମାନେ ହଠାତ୍ ଦୌଡ଼ି ଆସିଲେ ନାହିଁ କିଛି ବିଳମ୍ବ ହେଲା । ମୁଖ୍ୟ ସିଂହ ପାଖକୁ ଯାଇ ଟିକିଏ ଶୁଂଘିଲେ ଆଉ ଦଳ ପାଖରେ ଶୋଇଗଲେ । ସେମିତି କିଛି ଘଟି ନଥିଲା ।

ଦୁଇ ଭାଇ ପଛକୁ ଅନାଇଲେ । ଜଙ୍ଗଲ ସେମିତିଆ ଅଛି । କିଛି ଖରା ପଡିଛି । ପତ୍ର ସବୁ ଉଜ୍ଜ୍ୱଳ ଲାଗୁଛି । ଏମିତିଆ ଏକ ଅପରାହ୍ନ । ସେମାନେ ବିଶ୍ରାମ ନେଇ ସାରିଥାନ୍ତି । ଦୁଇ ଭାଇ ଏପଟ ସେପଟ ବୁଲୁଥାନ୍ତି । ବେଳେ ବେଳେ ମା, ମାଉସୀ ବା ଭଉଣୀ ମାନଙ୍କ ପାଖକୁ ଚାଲି ଯାଉଥାନ୍ତି । ପିତା ମୁଖ୍ୟ ସିଂହ ଟିକିଏ ଦୂରରେ ରହି ଦଳର ଅନୁଧ୍ୟାନ କରୁଥାଏ ।

ହଠାତ୍ କଣ ହେଲା କେଜାଣି ବିଶାଳ ସିଂହ ଖୁବ ରାଗିଗଲା ଆଉ ଦଳ ଆଡକୁ ତଡି ଆସିଲା । ସବୁ ସିଂହୀ ଡରରେ ଠିଆ ହୋଇଗଲେ । ନିଜର ଦଳକୁ ଆକ୍ରମଣ କରିବାର କିଛି କାରଣ ନଥିଲା । ମୁଖ୍ୟ ସିଂହ ଖେଦି ଯାଉଥାଏ । ସେ ଦୁଇ ଭାଇଙ୍କୁ ଜୋରରେ ଖେଦିଲା । ଏମାନେ କଣ ଘଟୁଛି ବୁଝି ପାରୁନଥାନ୍ତି । ସେମାନେ ଆଜି କାଲି ଆଉ ପିତା ସିଂହ ସହ ଖେଳୁନାହାନ୍ତି ବା ତାକୁ ବିରକ୍ତ କରୁନାହାନ୍ତି । ଏଣୁ ତାର ଏମିତି ବିରକ୍ତିର କିଛି କାରଣ ନଥାଏ । ତା ଛଡା ସେମାନେ ଦଳର କିଛି ନିୟମ ମଧ୍ୟ ଭାଙ୍ଗି ନଥିଲେ । ତେଣୁ ମୁଖ୍ୟ ସିଂହର ରାଗିବାର କାରଣ କିଛି ଅଛି ବୋଲି ଜାଣି ପାରୁନଥିଲେ ।

ସେମାନେ ଗଡିପଡି ନିଜର ଆନୁଗତ୍ୟ ଦେଖାଇଲେ । ମୁଖ୍ୟ ସିଂହ ପାଖରେ ଏମିତି ନିଜକୁ ରଖାଯାଏ । ସେମାନେ ମୁଖ୍ୟ ସିଂହକୁ ଅପମାନିତ କଲା ଭଳି କିଛି କାମ ବି କରି ନାହାନ୍ତି । କିନ୍ତୁ ବଡ ସିଂହ କିଛି ମାନିବାକୁ ପ୍ରସ୍ତୁତ ନଥିଲା । ସେ ସେମାନଙ୍କୁ ଜୋରରେ ଥାପଡ ମାରିଲା । ଏମାନଙ୍କୁ ଖୁବ କାଟିଲା । ଦୁହେଁ ତରୁଣ । ପିତାର ମୁକାବିଲା କରି ପାରିବେ । କିନ୍ତୁ ପିତା ଖୁବ ଶକ୍ତିଶାଳୀ । ପିତା ସେମାନଙ୍କୁ ତଡୁଥାଏ । ତାର ଖୋଜରେ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବିଶେଷ ବିଷୁବ ସଂକ୍ରାନ୍ତି ୨୦୧୯

ମାଟିରୁ ଧୂଳି ଉଡୁଥାଏ । ସେ ଧୂଳିରେ ନେସି ହୋଇଗଲା ଭଳି ଲାଗୁଥାଏ । ଦୁଇଭାଇ ପଳାଇ ଯିବାକୁ ରାଜି ହେଉ ନଥାନ୍ତି । ସେମାନେ ଏପଟ ସେପଟ ଦୌଡି ଦଳ ଆଡକୁ ଆସି ଯାଉଥାନ୍ତି ।

ମୁଖ୍ୟ ସିଂହ କିନ୍ତୁ ସେମାନଙ୍କୁ ମୋଟେ ଛାଡୁ ନଥାଏ । ଆଗରୁ ମୁଖ୍ୟ ସିଂହ ରାଗିଗଲେ ମା ବା ମାଉସୀ ମାନେ ଗଡିପଡି ତା ପ୍ରତି ଆନୁଗତ୍ୟ ଦେଖାଉଥିଲେ । ସେତିକିରେ ସେ ଶାନ୍ତ ହୋଇ ଯାଉଥିଲା । ସେମାନେ ଆଉଥରେ ଗଡିପଡି ନିଜର ଆନୁଗତ୍ୟ ଦେଖାଇଲେ । ମୁଖ୍ୟ ସିଂହ କିନ୍ତୁ କାମୁଡାରୁ ବିରତ ହେଲାନାହିଁ । ବଡ ସିଂହର ଆଘାତ ଅଧିକରୁ ଅଧିକ କଷ୍ଟଦାୟକ ହୋଇ ଉଠିଲା । ଆଉ ସମ୍ଭାଳି ହେଉ ନଥାଏ । ସେମାନେ ଦୂରକୁ ଦୌଡି ପଳାଇଲେ । ମୁଖ୍ୟ ସିଂହ ସେମାନଙ୍କ ପଛରେ କିଛି ଦୂର ଦୌଡି ରହିଗଲା । ଏହା ହିଁ ସିଂହ ଦୁନିଆର ନିୟମ । ବଡ ତରୁଣ ଛୁଆ ମନାଙ୍କୁ ଦଳରୁ ତଡି ଦିଆଯାଏ ।

ଆଜି ବୋଧହୁଏ ବାପାଙ୍କର ମନ ଭଲ ନାହିଁ - ବିଜୟ କହିଲା ।

ଜୟ ଦୁଃଖରେ ମୁଣ୍ଡ ହଲାଇଲା । ମୁଖ୍ୟ ସିଂହର ମାଡରେ ଦେହର କେତେ ଯାଗା ପରାଶ ହୋଇଯାଇଥାଏ । କିନ୍ତୁ ସେମିତି କିଛି ବଡ ଆଘାତ ନଥାଏ ।

କାଲି ଫେରିଯିବା । - ଜୟ କହିଲା ।

ଦୁଇଭାଇ ସେଦିନ ଦଳଠାରୁ ଦୂରରେ ରହିଲେ । ଆଜି ମିଜାଜ ଖରାପ ଅଛି । ଧିରେ ଧିରେ ରାତି ହୋଇ ଆସିଲା । ଥଣ୍ଡା ହୋଇ ଆସିଲା । ଦୂରରୁ ସିଂହମାନେ ଗର୍ଜ୍ଜନ କରୁଥିଲେ । ସେମାନଙ୍କ ଦଳରୁ ମୁଖ୍ୟସିଂହ ଖୁବ ଜୋରରେ ଗର୍ଜ୍ଜନ କଲା ସତେ ଯେମିତି ଏଇ ପାହାଡ ଧୂଳିରେ ମିଶିଯିବ । ତାର ଗର୍ଜ୍ଜନରେ ଆକାଶ ପାତାଳ ପ୍ରକମ୍ପିତ ହେଉଥିଲା ।

ସେମାନଙ୍କ କାନ ଏତେ ଦୂରରୁ ତାବଦା ହେଲା ଭଳି ଲାଗୁଥିଲା । ମନରେ ଡରିଥିଲେ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବିଶେଷ ବିଷୁବ ସଂକ୍ରାନ୍ତି ୨୦୧୯

ଏମିତିଆ ଗର୍ଜ୍ଜନରେ କାନ ତାବଦା ହୋଇଯାଏ । ମୁଖ୍ୟ ସିଂହର ସ୍ୱରରେ ଯେମିତି ଜଙ୍ଗଲର ନିଆଁ ଭରି ରହିଥିଲା । ଖୁବ ବିକଟାଳ ଆଉ ଲମ୍ବା । ଏମିତିଆ ଡାକରେ ହୃଦୟ ଥରିଯିବ । ରାତିରେ ଅନେକ ଥର ଏମିତି ଗର୍ଜ୍ଜନ ଚାଲିଲା ।

ସକାଳଟେ ସେମିତି କିଛି ନଥିଲା । କୁହୁଡିଆ ସକାଳଟା ପାରି ହେଲା ପରେ ସେମାନେ ଦଳ ପାଖକୁ ଚାଲିଯିବେ ବୋଲି ଭାବୁଥିଲେ । ସକାଳ ବେଳକୁ ଦଳ ଅନେକ ଦୂର ଚାଲି ଯାଇଥିଲା । ସେମାନେ ଗତ ରାତିରେ କିଛି ଶିକାର କରି ପାରିନଥିଲେ । ସମସ୍ତଙ୍କ ପେଟରେ ଭୋକ । ଏ ଦୁହେଁ ଦଳ ପାଖକୁ ଆସିବାକୁ ଅଳ୍ପ ଦୌଡି ଆସୁଥିଲେ । ଦଳ ଦେଖି ଏମାନଙ୍କ ମନ ଖୁସିଥିଲା । ପିତା ସିଂହ ଏକ ବଡ କୁଦ ଉପରେ ଚୁପ ହୋଇ ଶୋଇଥିଲା ।

କିନ୍ତୁ ପିତା ସେମାନଙ୍କୁ ଗ୍ରହଣ କଲାନି । ଆଗଭଳି ଖୁବ ଜୋରରେ ତଡି ଆସିଲା ଏଥର ସାମାନ୍ୟ ଦୟା କଲାନି । ଖୁବ ଜୋରରେ କାମୁଡି ଦେଲା । ମା ଆଉ ମାଉସୀମାନେ ଏ ଦୁଇ ଭାଇଙ୍କୁ ଦେଖି ଠିଆ ମଧ୍ୟ ହେଲେନି । ବୋଧହୁଏ ମୁଖ୍ୟ ସିଂହର ତାଗିଦ୍ ଥିଲା । ସେମାନେ ଦଳ ପାଖକୁ ଆସି ପାରିଲେ ନାହିଁ । ମୁଖ୍ୟ ସିଂହର ତାଡନାରେ ସେମାନଙ୍କୁ ଦଳର ଦୂରକୁ ଯିବାକୁ ପଡିଲା ।

କେହି ଆମକୁ ଚାହୁଁ ନାହାନ୍ତି - ବିଜୟ କହିଲା ।

ଜୟ ସହଜରେ ହାର ମାନିବା ସିଂହ ନୁହେଁ । କିନ୍ତୁ ତାର ମଧ୍ୟ କିଛି ଉପାୟ ନଥିଲା । ପିତା ସିଂହ ପାଖ ପୁରାଇବାକୁ ଚାହୁଁନି ଆଉ ତାର ମଧ୍ୟ ପିତା ସିଂହକୁ ହରାଇଲା ଭଳି ଶକ୍ତି ନାହିଁ ।

ଜୟ ମୁଣ୍ଡ ତଳକୁ କରିଦେଲା । ତାର ପାଖରେ କିଛି ଉତ୍ତର ନଥିଲା ।

ଖୁବ ଦୂରରେ ତାଙ୍କର ଦଳ ଦେଖା ଯାଉଥାଏ । ଏହାପରେ ସେମାନେ ଆଉ ଦଳ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପାଖକୁ ଫେରି ନାହାନ୍ତି । କିଛିଦିନ ଏମିତି ଦଳ ଚାରିପାଖେ ଘୁରି ବୁଲିଲେ । ଯେତେବେଳେ ପାଖକୁ ଆସିବାକୁ ଚେଷ୍ଟା କରନ୍ତି ମୁଖ୍ୟ ସିଂହ ସେମାନଙ୍କୁ ଘଉଡାଏ । ମା ଆଉ ମାଉସୀ ମାନେ ସେମାନଙ୍କୁ କିଛି ସାହାଯ୍ୟ କରିପାରିଲେ ନାହିଁ । ମୁହଁ ଫେରାଇ ଅନେଇଲେ ନାହିଁ । ଏଣେ ପେଟରେ ଭୋକ ବଢି ଚାଲୁଥାଏ । ନିଜକୁ ଶିକାର କରି ବଂଚିବାକୁ ହେବ । ସବୁଦିନ ପାଇଁ ଦୁଇ ଭାଇ ଦଳ ଛାଡି ଦୂରକୁ ଚାଲିଗଲେ ।

ଆହ୍ୱାନ ଇ-ପତ୍ରିକା ସମ୍ବନ୍ଧିତ ସମସ୍ତ ସୂଚନା ଆପଣ ଏହି ଫେସ୍‌ବୁକ୍ ପୃଷ୍ଠାରେ ପାଇ ପାରିବେ । ପ୍ରତ୍ୟେକ ଲେଖକ ଲେଖିକାଙ୍କୁ ଇମେଲ୍ ଦ୍ୱାରା ଜଣାଇବା ସମ୍ଭବ ହେଉନାହିଁ । ତେଣୁ ଆପଣ ଆମ ୱେବ୍ ସାଇଟ୍ ଦେଖିପାରିବେ କିମ୍ବା ଫେସ୍‌ବୁକ୍ ପୃଷ୍ଠାରେ ଦେଖିପାରିବେ ।

https://www.facebook.com/odiaparibar

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

Magazine Downloaded from www.aahwaan.com
ବିଶେଷ ବିଷୁବ ସଂସ୍କରଣ ୨୦୧୯

# ପଡ଼ୋଶୀ



ସୁବଳ ମହାପାତ୍ର

ବହୁତ ଦିନ ପୂର୍ବରୁ ମଣିଷ ଜଙ୍ଗଲରେ ବାସ କରୁଥିଲା । ଫଳମୂଳ, ଜନ୍ତୁ ଶିକାର କରି ଖାଉଥିଲା । ଗଛ କୋରଡ଼, ଗୁମ୍ଫାରେ ଶୋଉଥିଲା । ଏଇ ଥିଲା ତା ଜୀବନ । ଆସ୍ତେ ଆସ୍ତେ ସେ ସଭ୍ୟ ହେବାକୁ ଲାଗିଲା । ଗଛର ପତ୍ର, ବକଳରେ ନିର୍ମିତ ପୋଷାକ ପିନ୍ଧିଲା । ନଦୀ କୂଳରେ ଚାଷବାସ କରି ନିଜର ଜୀବିକା ଉପାର୍ଜନ କରିବାକୁ ଲାଗିଲା । ସମାଜ ଗଠନ କଲା । କିଛି ନୀତିନିୟମ ପ୍ରଣୟନ କଲା । ପରିବାର ଗଢ଼ି ଏକାଠି ରହିବାକୁ ଲାଗିଲା । ନିଜ ସୁଖଦୁଃଖ ଓ ଅନ୍ୟର ସୁଖଦୁଃଖରେ ଭାଗିଦାର ହୋଇ ଜୀବନ ବିତେଇବାକୁ ଲାଗିଲା । ପରିବାର ବ୍ୟତୀତ ଏଠି ଯିଏ ସବୁଠୁ ଅଧିକ ନିଜର ସେ ହେଲା ପଡ଼ୋଶୀ । ନିଜ ସୁଖ ଦୁଃଖରେ ପଡ଼ୋଶୀ ଠିଆ ହେବା ବେଳେ ଅନ୍ୟର ସୁଖଦୁଃଖରେ ନିଜେ ଠିଆ ହୋଇ ସାହାଯ୍ୟ ସହଯୋଗ କରିବା ଜଣେ ଭଲ ପଡ଼ୋଶୀର କର୍ତ୍ତବ୍ୟ । କିନ୍ତୁ ଆଜିକାଲିର ଦୁନିଆଁରେ ପଡ଼ୋଶୀମାନେ ବି ମାରାତ୍ମକ ହୋଇ ପାରନ୍ତି, ଏକଥା ଉଣା ଅଧିକେ ସମସ୍ତଙ୍କୁ ଜଣାଥିବ । କେଉଁଠି ପଡ଼ୋଶୀ ସହ ନିବିଡ଼ ସମ୍ପର୍କ ଥିବାବେଳେ କେଉଁଠି ପଡ଼ୋଶୀ ସହ କିଛି ନଥାଏ । କେଉଁଠି କେଉଁଠି ପଡ଼ୋଶୀ କଣ୍ଟା ବାଡ଼ରେ ଲୁଗା ପକେଇ କଳି କରିବାକୁ ଅବା ହାତରେ ଠେଙ୍ଗା ବାଡ଼ି, ଭୁଜାଲି ଧରି ମାରିବାକୁ ପ୍ରସ୍ତୁତ ହୋଇ ଥାଆନ୍ତି । ଯିଏ ଯେଉଁ ଭାଷା ବୁଝେ ତାକୁ ସେଇ ଭାଷାରେ ବୁଝେଇବାକୁ ପଡେ । ହେଲେ ଆପଣମାନେ ତ ସମସ୍ତେ ଭୁକ୍ତଭୋଗୀ, ମୁଁ ଆପଣ ମାନଙ୍କୁ ଏତେ କଥା କାହିଁକି କହୁଛି ? ?

ଆହ୍ୱାନ ଇ-ପତ୍ରିକା

ବିଶେଷ ବିଷୁବ ସଂକ୍ରାନ୍ତି ୨୦୧୯

ଅଛି, ଅଛି....କାରଣ ଅଛି.....ଭାରତ ଏକ ଦେଶ ହେଲେ ତା'ର ପଡୋଶୀ ହିସାବରେ ପୂର୍ବରେ ବଙ୍ଗଳାଦେଶ, ଉତ୍ତର ପୂର୍ବରେ ନେପାଳ ଓ ଚୀନ୍, ପଶ୍ଚିମରେ ପାକିସ୍ଥାନ ଅଛି । ପାକିସ୍ଥାନ ଯିଏ କି ପ୍ରଥମେ ଭାରତ ଥିଲା କିନ୍ତୁ ୧୯୪୭ ପରଠୁ ଏବେ ଅଲଗା । ଭାଇ ଥିଲେ ଭାଗ ହୁଏ । କିଛି ଲୋକ ଯୌଥ ପରିବାରରେ ଏକାଠି ଶାନ୍ତିରେ ବାସ କରୁଥିବା ବେଳେ କିଛି ଲୋକ ଭାଗହେଲା ପରେ, ଭାଇ ଯଦି ଭଲରେ ଚଳିଲା, ତେବେ ଭିତରେ ଥିବା ଈର୍ଷା ତାଙ୍କର ବାହାରକୁ ଆସେ ଓ ଭାଇର କ୍ଷତି କରିବାକୁ ସେ ସବୁ ପ୍ରକାର ଚେଷ୍ଟା କରେ । ସ୍ୱାମୀ ପଛେ ମରୁ, ସଉତୁଣୀ ରାଣ୍ଡ ହେଉ ନ୍ୟାୟରେ ଭାଇର କ୍ଷତି କରିବାକୁ ଯାଇ, ନିଜର ଯେ କେତେ ବଡ଼ କ୍ଷତିକରେ ସେ ନିଜେ ବୁଝି ପାରେନି । ଭାଇକୁ ଶାନ୍ତିରେ ନ ରଖେଇ ଦେବାର ଅପଚେଷ୍ଟାରେ ନିଜେ କେତେ ଅଶାନ୍ତି ଭିତରେ କାଳ କାଟେ ସେ ବୁଝି ପାରେନି । ବୁଝିଲା ବେଳକୁ ନେଡିଗୁଡ଼ କହୁଣି ପାଖକୁ ବୋହି ସାରିଥାଏ ।

ପଡୋଶୀ ଚାରୋଟି ଦେଶ ମଧ୍ୟରୁ ଚାଇନା ଆମର ଚିରଶତ୍ରୁ । ବଙ୍ଗଳାଦେଶ ସହିତ ମଝିରେ ମଝିରେ କିଛି କିଛି ଚାଲିଲେ ବି ବହୁତ ଦିନ ହେଲା ସେ ଶାନ୍ତ ଅଛି । ଶ୍ରୀଯୁକ୍ତ ବିଜୁ ପଟ୍ଟନାୟକଙ୍କ ପାଇଁ ନେପାଳ ସହ ଭାରତର ଭାଇଭଉଣୀର ସମ୍ପର୍କ । ଆଜି ନେପାଳ ଓ ଭାରତ ମଧ୍ୟରେ ସୀମାରେଖା ଥିଲେ ବି, ସେ ଥାଇ ନଥିଲା ପରି । ଭାରତର ଲୋକ ନେପାଳରେ ଆଉ ନେପାଳର ଲୋକ ଭାରତରେ ଗୋଟେ ରାଜ୍ୟରୁ ଆଉ ଗୋଟେ ରାଜ୍ୟକୁ ଯିବାଆସିବା କଲା ପରି ଯିବାଆସିବା କରନ୍ତି । ଜଗନ୍ନାଥଙ୍କ ପାଇଁ କିଛି ଦ୍ରବ୍ୟ ସବୁ ନେପାଳରୁ ଆସେ । ଜୀବିକା ଅର୍ଜନ ପାଇଁ ନେପାଳର ଅଧିକାଂଶ ଘରୁ କିଏ ନା କିଏ ଭାରତରେ ରହିବା ସହ, ଭାରତ ବି ନେପାଳର ସମସ୍ତ ପ୍ରକାର ପ୍ରତିରକ୍ଷା ଦାୟିତ୍ୱ ନେଉଛି ।

ପାକିସ୍ଥାନ, ଭାରତରୁ ଭାଇ ଭାଗ କଲାପରି ଅଲଗା ହେଲା ପରେ, ନିଜର କିଛି ନଥାଇ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com
ବିଶେଷ ବିଷୁବ ସଂକ୍ରାନ୍ତି ୨୦୧୯

ପରରେ ଦେଖି ରବେଇଖବେଇ ହେଲା ପରେ, ଆମର ଚିରଶତ୍ରୁ ଚୀନ ସହ ହାତ ମିଳେଇ ଭାରତର କ୍ଷତି କରିବାକୁ ଶତ ଚେଷ୍ଟିତ । କିନ୍ତୁ ଭାରତ ଶାନ୍ତ ସରଳ ଭାବେ ପାକିସ୍ଥାନର ସବୁ ଦୁଷ୍ଟାମୀକୁ ସହ୍ୟ କରି କରି ଆଜି ବିରକ୍ତ । କେତେ ସହିବ ? ? ପଡୋଶୀ ଯଦି ବାରମ୍ବାର ଆଘାତ ଦିଏ ତେବେ ଥରେ ନା ଥରେ ତ ତାକୁ ବୁଦ୍ଧି ଶିଖେଇବାକୁ ପଡିବ । ଭାରତର ପଡ଼ୋଶୀଙ୍କ ଠୁ କିଛି ଯାଏ ଆସେ ନାହିଁ ବୋଲି ଭାରତ ନିଜେ କେମିତି ସବୁ ଜିନିଷର ସଦୁପଯୋଗ କରି ନିଜ ଗୋଡ଼ରେ ଠିଆ ହେବା ବେଳକୁ ପାକିସ୍ଥାନ ବାରମ୍ବାର ଭାରତକୁ ଆଘାତ ଦେବାକୁ ଚେଷ୍ଟା ଜାରି ରଖିଛି ।

ଅନ୍ୟ ଏକ ଲେଖା 'କାଶ୍ମୀର କାହାର'ରେ ଲେଖିଥିଲି, ବାରମ୍ବାର ଆଘାତ ସହି ଭାରତ ବିରକ୍ତ ହେଲା ପରେ ସାନଭାଇ ହିସାବରେ ଚଟକଣିଟିଏ ଲଗେଇଦେବାର ଅଧିକାର ନିଶ୍ଚିତ ଭାବେ ଭାରତ ରଖିଛି । ଏବେ ଯାଏଁ ଆପଣ ପଢିଥିବା ତଥ୍ୟ ଅନୁଯାୟୀ, ଫୁଲବାମା ୪୦ ଜଣ ସୈନିକଙ୍କ ହତ୍ୟାର ପ୍ରତିଶୋଧ ନେବାକୁ ଯାଇ ଭାରତ ପାକିସ୍ଥାନ ମାଟିରେ ୩୦୦ ଜଣ ଆତଙ୍କବାଦୀଙ୍କୁ ବୋମା ପକେଇ ଉଡେଇ ଦେଇଛି । ଏଠି କଥା ଉଠେ, ଭାରତ ଯଦି ୧୦୦୦୦ କିଲୋଗ୍ରାମର ବମ ଲାହୋରରେ କିମ୍ବା ଇସଲାମାବାଦରେ ପକେଇଥାନ୍ତା, ତେବେ ଆଜି ପାକିସ୍ଥାନରେ ଥିବା ନିର୍ଲଜମାନେ କଥା ହୋଇ ପାରିଥାନ୍ତେ ? ନା ମାଟି ତଳେ କବର ଭିତରେ ଥାଆନ୍ତେ ?

ଭାରତ ପୃଥିବୀରେ ଏକମାତ୍ର ଧର୍ମ ନିରପେକ୍ଷ ରାଷ୍ଟ୍ର । ଏଠି ହିନ୍ଦୁ, ମୁସଲିମ, ଶିଖ, ଖ୍ରୀଷ୍ଟିୟାନ୍, ବୌଦ୍ଧ, ଜୈନ ପରି ସବୁ ଧର୍ମର ଲୋକ ଭାଇ ଭାଇ ଭଳି ରୁହନ୍ତି । ଆତଙ୍କବାଦୀଙ୍କର କୌଣସି ଧର୍ମ ନଥାଏ । ସେମାନେ ଯଦି ସତରେ କୋରାନ ପଢ଼ିଥାନ୍ତେ ତେବେ ଆତଙ୍କବାଦୀ ହୋଇନଥାନ୍ତେ । କୃଷ୍ଣ ବି ଅର୍ଜୁନଙ୍କୁ କହିଛନ୍ତି । ପାପକୁ ହଟେଇବାକୁ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ହେଲେ ଧର୍ମକୁ ହତିଆର ଉଠେଇବାକୁ ପଡିବ । ଭାରତ କେବଳ ଆତଙ୍କବାଦୀମାନଙ୍କୁ ନିପାତ କରିବାକୁ, ଜନବସତିଠୁ ବହୁତ କିଲୋମିଟର ଦୂରରେ ଥିବା ଆତଙ୍କୀମାନଙ୍କ ଆଡ୍ଡାକୁ ଧ୍ୱଂସ କରିଛି । ପ୍ରତିବଦଳରେ ପାକିସ୍ଥାନ ଯୁଦ୍ଧ ବିମାନକୁ ପଠେଇ ଭାରତକୁ କ୍ଷତି ପହଞ୍ଚେଇବାକୁ ଚାହିଁଥିଲେ ବି ଭାରତର ବିଶେଷ କିଛି କ୍ଷତି ହୋଇନାହିଁ ଓ ଶେଷରେ ଭାରତ ବୀର 'ଅଭିନନ୍ଦନ'ଙ୍କୁ ମଧ୍ୟ ଭାରତକୁ ଫେରାଇ ଅଣାଯାଇଛି । କିନ୍ତୁ ନିର୍ଲଜ ପାକିସ୍ଥାନ, ଏତେ ସବୁ ପରେ ମଧ୍ୟ ଆତଙ୍କୀମାନଙ୍କୁ ନିଜ କୋଳରେ ଆଶ୍ରୟ ଦେଇ ପୁଣି ଲୁଚିଛପି ଆତଙ୍କବାଦୀଙ୍କ ନାମ ଦେଇ ଯୁଦ୍ଧ ବିରତିକୁ ଉଲଂଘନ କରି ଗୁଳିଗୋଳା ବର୍ଷଣ କରି ଚାଲିଛି, ଯାହା ଫଳରେ ଆମର ଆହୁରି ବି କିଛି ସୈନିକ ଭାଇ ସହିଦ ହେଉଛନ୍ତି ।

ଦୁଇଶହ ବର୍ଷ ଇଂରେଜମାନଙ୍କ ଅଧୀନରେ ରହି ବି ଏ ମୂର୍ଖମାନଙ୍କ ମୁଣ୍ଡରେ ପଶୁନି ଯେ, ଆଜି ଭାରତର କ୍ଷତି କରିବାକୁ ଯାଇ ଯାହା ସହିତ ସେ ହାତ ମିଶାଉଛି କାଲି ସେହି ଚୀନ ହିଁ ପାକିସ୍ଥାନକୁ ଶାସନ କରିବ ଆଉ ପାକିସ୍ଥାନ ପୁଣି ଅନିର୍ଦ୍ଦିଷ୍ଟ କାଳ ପାଇଁ ପରାଧୀନ ହୋଇଯିବ ।

ଏଠି ଗୋଟେ ପ୍ରଶ୍ନ, ଯଦି ନେପାଳପରି ପାକିସ୍ଥାନ ବି ଭଲ ପଡୋଶୀଟିଏ ହୋଇ ରୁହନ୍ତା ତେବେ କଣ ହୁଅନ୍ତା ନାହିଁ ? ଦୁଇ ଦେଶର ଲୋକ ନିଜ ନିଜ ଇଛା ଅନୁସାରେ ଦୁଇ ଦେଶ ମଝିରେ ସହଯୋଗ ରକ୍ଷା କରି ଯିବାଆସିବା କରି ପାରନ୍ତେ । ଦୁଇ ଦେଶ ମଧ୍ୟରେ ସୀମା ସୁରକ୍ଷା ପାଇଁ ଖର୍ଚ୍ଚ ହେଉଥିବା କୋଟି କୋଟି ଟଙ୍କା ନିଜ ନିଜ ଦେଶର ଉନ୍ନତି ପାଇଁ ଲଗା ଯାଇପାରନ୍ତା । ଦୁଇଟି ଯାକ ଦେଶର ଲୋକ କାଶ୍ମୀରକୁ ବୁଲିବାକୁ ଯାଇ ପାରନ୍ତେ ଓ ସତରେ କାଶ୍ମୀର ସ୍ୱର୍ଗ ହୋଇ ଯାଆନ୍ତା । ଖଣ୍ଡେ କାଶ୍ମୀରକୁ ମୋର ବୋଲି କହି ସିନ୍ଧୁକରେ ତାଲା ପକେଇ ରଖିବା (କାଶ୍ମୀର ପରି ଜାଗାକୁ ତାର ଜାଲି ଦ୍ୱାରା ଘେରି, ଅନେକ ସୈନ୍ୟ ମୁତୟନ

Magazine Downloaded from www.aahwaan.com

କରି, ପ୍ରତିବନ୍ଧିତ କ୍ଷେତ୍ର ବୋଲି ଘୋଷଣା କରି, ସାଧାରଣ ଲୋକଙ୍କୁ ସେ ଭିତରକୁ ନଛାଡିବା)ର ମାନେ କଣ ରହିଲା ? ?

ଘୁଷୁରୀ ପ୍ରକୃତି ପଙ୍କେ ଲୋଟେ, ମଣିଷ ପ୍ରକୃତି ମଲେ ତୁଟେ । ଇର୍ଷା ହିଁ ଏସବୁର କାରଣ । ପାକିସ୍ଥାନ ଅଲଗା ହେବା ଦିନଠାରୁ ୧୯୬୫ଯୁଦ୍ଧ ହେଉ କି ୧୯୭୧, ବାରମ୍ବାର ହାରିଲା ପରେ ବି ଆଜି ସେ ନା ଚେତିଛି ନା ଅବଶୋଷ ଅଛି ? ? ଘରେ ଖାଇବାକୁ ନାହିଁ, ପାଣି ମୁନ୍ଦେ ପିଇବାକୁ ନାହିଁ, ଅନ୍ୟ ପାଖରୁ ମାଗିଯାଚି ଚଳୁଥିବା ଭିକାରୀ, ଦେବାଳିଆ ଗୋଷ୍ଠୀ, ମୁହଁ ଫୁଟାଣି ମାରିବାରେ କିନ୍ତୁ ଅବହେଳା କରୁନାହିଁ । ପାଖ ପଡୋଶୀ ଦେଶ କେହି ଜଣେ ବି ପାକିସ୍ଥାନ ସହ ସମ୍ବନ୍ଧ ରଖିବାକୁ ଇଚ୍ଛୁକ ନୁହେଁ । ନିଜ ଦେଶ ବି ଏବେ ଦୁଇଭାଗ ହେବାକୁ ବସିଲାଣି ତଥାପି ଭୁରୁଡ଼ି ମାରି କାଶ୍ମୀର ଆମେ ନେବୁ ବୋଲି କହୁଥିବା ପାକିସ୍ଥାନୀମାନଙ୍କୁ ଦେଖିଲେ ଦୟା ଆସୁଛି । ତଥାପି ପାକିସ୍ଥାନ ଆମର ଯେତେ ଜନଜୀବନ କ୍ଷତି କଲାଣି, ବୋମା ପକେଇ ପୁରା ଦେଶକୁ ନିଶ୍ଚିହ୍ନ କରିଦେଲେ ବି ସହିଦ ହୋଇଥିବା ଭାଇମାନଙ୍କ ବାପା, ମା, ସ୍ତ୍ରୀ, ପିଲାଛୁଆଙ୍କ ଆଖିରୁ ଲୁହ ଶୁଖିବନି । ଏବେ ସମୟ ଆସିଛି ପାକିସ୍ଥାନକୁ ଚେତାବନୀ ଦେବାର । ଆଉ ଥରେ ମାତ୍ର ଯୁଦ୍ଧବିରତି ଉଲଂଘନ କଲେ ନିଶ୍ଚିହ୍ନ କରିଦେବାର ଭୟ ଦେଖେଇବାକୁ ପଡିବ ନିଶ୍ଚିତ । ଗୋଟିଏ ଯବାନ ସହିଦ ହେଲେ ଲାହୋରରେ ଗୋଟିଏ ବମ ପକେଇବାର ଧମକ ଦେବାକୁ ପଡିବ । ଦରକାର ପଡ଼ିଲେ ଏପରି କରିବାକୁ ବି ପଡିବ । ପୂର୍ବ ପୁରୁଷ ମାନଙ୍କ ଅଳ୍ପ କିଛି ପ୍ରେମ ପାଇଁ ସତୁରି ବର୍ଷ ହେଲା ସହି ଆସୁଥିବା, ଭୋଗି ଆସୁଥିବା କଷ୍ଟକୁ ମୂଳରୁ ଉପାଡି ଫିଙ୍ଗିବାକୁ ପଡିବ ।

ପାକିସ୍ଥାନ ସହ ତାଳ ଦେଇ ଭାରତର କିଛି ଗୃହଶତ୍ରୁ ପାକିସ୍ଥାନ ସହ ହାତ ମିଳେଇ ଭାରତକୁ ଖଣ୍ଡ ଖଣ୍ଡ କରିବାକୁ ବସିଛନ୍ତି । ଭାରତ ପାଇଁ ବାହାର ଶତ୍ରୁ ଅପେକ୍ଷା ଗୃହଶତ୍ରୁଙ୍କୁ

 Magazine Downloaded from www.aahwaan.com

ବିଶେଷ ନିର୍ବାଚନ ସଂଖ୍ୟା ୨୦୧୯

ନିପାତ କରିବା ସମୟ ଏବେ ଆସିଛି । ପାକିସ୍ଥାନକୁ ଦୟାର ହାତ ଓ ପାକିସ୍ଥାନ ପ୍ରତି ଅଶେଷ ପ୍ରୀତି ଥିବା ଲୋକଙ୍କୁ ଭାରତ ବାହାରକୁ ଗୋଇଠା ମାରି ବାହାର କରିବାର ସମୟ ଆସିଛି । ଭାରତ ମାତାର ସୁରକ୍ଷା ପାଇଁ ପ୍ରତିଟି ହିନ୍ଦୁସ୍ଥାନୀ ହାତକୁ ହାତ ମିଶେଇ ଲଢ଼ିବାର ସମୟ ଆସିଛି । କିଛି ସ୍ୱାର୍ଥନ୍ୱେସି ନେତା, କେବଳ ତାଙ୍କ ନିଜ କଥା ଭାବି ଦେଶକୁ ଖୋଳ କରି ଇଂରେଜମାନଙ୍କ ପରି ଦେଶର ସଜା ସମ୍ପତ୍ତି କୁ ନିଜ ନାଁରେ କରିବାରେ ବ୍ୟସ୍ତ । ଆଜି ଯଦି ଭାରତର ପ୍ରକୃତ ସନ୍ତାନମାନେ ସହିଦ ହେଉଥାନ୍ତି ତେବେ ତାହା କେବଳ ଏପରି ନେତା ମାନଙ୍କ ଯୋଗୁଁ । ଏମାନଙ୍କୁ ସମୂଳେ ବିନାଶ କରିବାର ସମୟ ଆସିଛି ।

ପୃଥିବୀରେ ପାପଭାର ଅଧିକ ହେଲେ ଦୁଷ୍ଟ ସଂହାର ପାଇଁ ଯୁଗେ ଯୁଗେ ଭଗବାନ ଜନ୍ମ ନିଅନ୍ତି । ଭାରତ ମାତାର ସୁରକ୍ଷା କରୁଥିବା ପ୍ରତିଟି ହାତ ଭଗବାନଙ୍କ ହାତ । ଧନ୍ୟ ସେହି ବୀର ଯବାନ ମାନେ ଯିଏ -୫୦ ଡିଗ୍ରୀରୁ +୫୦ ଡିଗ୍ରୀ ଉତ୍ତାପରେ ରହି ଭାରତମାତାର ସେବାରେ ନିଜକୁ ବ୍ରତୀ କରି ତା'ର ସୁରକ୍ଷା କରି ଆସୁଛନ୍ତି । ସଲାମ ସେମାନଙ୍କୁ ନିଜ ଘର, ପରିବାରଠୁ ଦୂରରେ ରହି ହସି ହସି ଶତ୍ରୁର ଗୁଳି ଆଗରେ ନିଜ ଛାତି ଦେଖେଇ ଦିଅନ୍ତି । ଭାରତ ମାତାକୁ ନିଜ ପରିବାରଠୁ ଅଧିକ ମାନୁଥିବା ଆମ ଯବାନ ଭାଇମାନଙ୍କ ଉପରେ ଆଙ୍ଗୁଠି ଉଠାଉଥିବା, ତାଙ୍କ ଉପରେ ସନ୍ଦେହ କରୁଥିବା ପ୍ରତିଟି ଲୋକ ଦେଶର ଶତ୍ରୁ, ଦେଶଦ୍ରୋହୀ । ଏପରି ଲୋକଙ୍କୁ ସୈନିକ ଭାଇ ମାନଙ୍କ ବନ୍ଧୁକ ଟାର୍ଗେଟ ଖମ୍ବରେ ବାନ୍ଧି ଗୁଳି ମାରିବା ପ୍ରାକ୍ଟିସ କରେଇବା କଥା ।

ଆଗକୁ ୨୦୧୯ର ନିର୍ବାଚନ । ତେବେ ଚାଲନ୍ତୁ ଆମେ ଏଥର ଏମିତି ଜଣେ ନେତା ବାଛିବା ଯିଏ ଭାରତମାତାକୁ ସୁରକ୍ଷା ଦେବା ସହ ଭାରତମାତାର ଟେକ ରଖିବ । ଶତ୍ରୁ ସଂହାର କରି ଭାରତକୁ ଉନ୍ନତି ପଥରେ ନେଇ ଚାଲିବ । ପୃଥିବୀର ସବୁ ଦେଶରୁ ଆମକୁ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବିଶେଷ ବିଷୁବ ସଂକ୍ରାନ୍ତି ୨୦୧୯

ଆଗୁଆ କରି ପାରିବ । ନିଜେ ଜଣେ ଭାରତୀୟ ବୋଲି ଗର୍ବ କରୁଥିବ ଆଉ ଗର୍ବରେ ଆମେ କହି ପାରିବା 'ଆମେ ଭାରତୀୟ, ଭାରତମାତାର ସନ୍ତାନ ।'

ଏବେ କୁହନ୍ତୁ, ଆପଣ ମାନଙ୍କୁ ନେପାଳ ପରି ପଡୋଶୀ ଦରକାର ନା ପାକିସ୍ଥାନ ପରି ? ? ଯଦି ପାକିସ୍ଥାନକୁ ନେପାଳ ପରି ପଡୋଶୀ କରିବାକୁ ଇଚ୍ଛା ତେବେ ଦୁଇପାଦ ଆଗକୁ ଆସନ୍ତୁ.... ଆମ ବୀର ଯବାନ ଭାଇମାନଙ୍କୁ ଉତ୍ସାହିତ କରନ୍ତୁ, ଜଣେ ଭଲ ନେତା ବାଛନ୍ତୁ । କାହା କଥାରେ ଭଳି ନଯାଇ, ନିଜ ବିବେକକୁ ପଚାରନ୍ତୁ ଭଲ କିଏ ? ? ତାକୁ ଭୋଟ ଦିଅନ୍ତୁ । ଭାରତରେ ଥିବା ଗୃହଶତ୍ରୁମାନଙ୍କୁ ନିପାତ କରିବା ପାଇଁ ଆପଣଙ୍କ ଭୋଟ ହିଁ ପ୍ରକୃତ ଅସ୍ତ୍ର । ବ୍ୟବହାର କରନ୍ତୁ.... ଗର୍ବରେ ଛାତି ଫୁଲେଇ କୁହନ୍ତୁ...

ଜୟ ହିନ୍ଦ.... ଜୟ ଭାରତ.... ଭାରତ ମାତା କି.... ଜୟ...

ସୁବଳ ମହାପାତ୍ର
ଖଲାରୀ, ଅନୁଗୁଳ, ଓଡିଶା
ଭ୍ରାମ୍ୟଭାଷ : ୯୩୭୬୦୧୨୫୦୦
ଇମେଲ୍ : subal.mohapatra@gmail.com

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com
ବିଶେଷ ବିଷୁବ ସଂଖ୍ୟା ୨୦୧୯

# ଶାଗୁଆ ଚା' (ଗ୍ରୀନ୍ ଟି)



ପରମିତା ମିଶ୍ର

ମୋ ଶାଶୁ, ଶ୍ୱଶୁର ଚା'ର ବହୁତ ସୌକିନ । ବୋଉ ବହୁତ୍ ଭଲ ଚା' ବନାନ୍ତି । ଚାହା ପିଉପିଉ ଘଣ୍ଟାଏ ଗପିବା ଆମର ନିତିଦିନିଆ ରୁଟିନ । ଦେଶବିଦେଶଠୁ ନେଇ ଅଫିସ ତଥା ସାହି, ଘର ସବୁ କଥା ଏହି ଚା' ସହ ଚର୍ଚ୍ଚା ହୁଏ । ସେ ଦୁହିଁଙ୍କୁ ଏ ବୟସରେ ବି ଏମିତି ପ୍ରେମରେ ବାନ୍ଧି ହୋଇଥିବା ଦେଖି ବହୁତ ଖୁସି ଲାଗେ ।

ଦିନେ ବୋଉ ମୁଣ୍ଡ ବୁଲେଇ ପଡ଼ିଗଲେ । ବୟସ ହେଲାଣି, ତେଣୁ ସବୁ ପରୀକ୍ଷା କରାଇଲା ପରେ ନାନା ରୋଗ ସବୁ ବାହାରିଲା । ବିପି ବଢ଼ିଥିବା ଯୋଗୁଁ ତାଙ୍କ ମୁଣ୍ଡ ବୁଲାଇଲା । ସାଙ୍ଗକୁ ସୁଗାର ବି ବଢ଼ି ଯାଇଥିଲା । ଡାକ୍ତର ଚିନିଜାତୀୟ ଖାଦ୍ୟ ସମ୍ପୂର୍ଣ୍ଣ ବାରଣ କରିଦେଲେ ଏବଂ ଦୁର୍ବଳତା ଯୋଗୁଁ ବୋଉ ଶଯ୍ୟାଶାୟୀ ରହିଲେ ।

ବୋଉ ଏତେ ଚା'ର ସୌକିନ ଜାଣି ଡାକ୍ତର କହିଲେ ସୁଗାରଫ୍ରି ସହ ଗ୍ରୀନ୍ ଟି ଦେବାକୁ ।

ସ୍ୱାମୀ କହିଲେ ଗ୍ରୀନ୍ ଟି ଦେହ ପାଇଁ ଭଲ ତେଣୁ ଏଥର ସମସ୍ତେ ପିଇବା । ବାପାଙ୍କୁ ବି ଦିଅ । ଡାକ୍ତର କହିବା ଯାଏଁ କାହିଁକି ଅପେକ୍ଷା । ଶେଜରେ ଥାଇ ବି ବୋଉଙ୍କ ନଜର ସମସ୍ତଙ୍କ ଉପରେ ଥାଏ । ମତେ ପାଖକୁ ଡାକି କହିଲେ, ବୋହୁ ତୋ ବାପା ଏ ଶାଗୁଆ ଚା' ପିଉଛନ୍ତି ନା ? ଦେଖୁନୁ ତୁ ଦେଉଚୁ ସେ ନେଇକି ଶାଗୁଆ ଗଛରେ ଢାଳୁଛନ୍ତି । ଟିକେ ଭଲ ଚା' କରି ଦେଇଦେ । ମୁଁ ସେଇ ଶାଗୁଆ ଚା'ରେ କିଛି ଲେମ୍ବୁ ରସ, ଗୋଲମରିଚ ଆଉ ଟିକେ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବିଶେଷ ବିଷୁବ ସଂକ୍ରାନ୍ତି ୨୦୧୯

ଅଧିକ ମହୁ ଦେଇ ବନେଇ ଦେଲି । ବାପା କିଛି ନକହି ଚୁପଚାପ ପିଇଗଲେ ।

ଦୁଇଦିନ ପରେ ସକାଳୁ ହଠାତ ଏକ ଭୁରୁଭୁରୁ ଗନ୍ଧ ସମସ୍ତଙ୍କୁ ନିଦରୁ ଉଠାଇ ଦେଲା । ସେହି ସୁଗନ୍ଧ । ଜାଣିବାକୁ ଡେରି ହେଲାନି ଯେ ମାଆଙ୍କ ହାତର ଚା' ବାସୁଛି । ସମସ୍ତେ ଆମେ ଉଠି ହାତରେ କପ୍‌ଟି ମାନ ଧରି ତାଙ୍କ ଆଗରେ ଠିଆ ହୋଇଗଲୁ । ଖୁସିରେ ଗଦଗଦ୍ ହୋଇ ରୋଷେଇରୁ ଚା' ନେଇ ଆସିଲେ ସେ । ସତ କହିବି ମୁଁ ବି ବଡ଼ ଶାନ୍ତିରେ ଚା' ଟୋପାକ ପିଇଲି । ବାପାଙ୍କ ଚେହେରାଟା ଯେମତି ଉଜ୍ଜ୍ୱଳ ସୂର୍ଯ୍ୟ ପରି ଦିଶୁଥିଲା । କେଜାଣି ଚା' ଦେଖି କି ମାଆଙ୍କୁ ଏମିତି ସୁସ୍ଥ ଦେଖି । ବୋଉ ବାପାଙ୍କୁ ଧିରି କରି କହୁଥିଲେ ଏତେ ଶରଧାରେ ବୋହୁ ଚା' କରିଦେଲା ଗୋଟିଏ ସିପ୍ ପିଇ ବେସିନ୍‌ରେ କପ ଧୋଇ ପକେଇଲ ଭାବିଛ କିଏ ଦେଖିନି ନାହିଁ? ବାପା କହିଲେ ସସସ୍ ବୋହୁ ଶୁଣିବ । ଆରେ ସେ ଗ୍ରୀନ୍ ଟି, ରେଡ୍ ଟି ମୋ ଦେଇ ହେବନି ଆମର ଏ ଦେଶୀ ଚା' ହିଁ ବଢ଼ିଆ । କହି ସୁର୍‌ରର କରି ଚା' ତକ ପିଇଗଲେ ।

ମତେ ଖରାପ ଲାଗିନି କାରଣ ମୁଁ ଜାଣିଛି ମୋ ବନେଇଥିବା ଚା' ଟି ବେସୁଆଦିଆ ନଥିଲା ସେତେବେଳେ ବାପାଙ୍କ ପାଟି ନୁହେଁ ମନଟା ବେସ୍ୱାଦ ଥିଲା । ବୋଉଙ୍କୁ ଏମିତି ସୁସ୍ଥ ହେବାଦେଖି ଏଡ଼େ ମିଠା ଖିଆ ମୋ ବାବା ଚିନି ନ ପଡ଼ିଥିବା ଚା'କୁ ବି ଖୁସିରେ ପିଇଗଲେ ।

ଆପଣା ଲୋକଙ୍କ ସ୍ନେହରେ ସତରେ କେତେ ଶକ୍ତି ଥାଏ ନା ?

ବ୍ରହ୍ମପୁର, ଓଡ଼ିଶା

ଆହ୍ୱାନ ଇ-ପତ୍ରିକା

ବିଶେଷ ବିଷୁବ ସଂସ୍କରଣ ୨୦୧୯



Magazine Downloaded from www.aahwaan.com

# ଘର



ଡଃ ସୁବାସ ମିଶ୍ର

ଦିନ ଆସି ଆଠଟା ବାଜିଲାଣି, ମାମାଲି ଚା ଧରି କେତେ ଡାକିଲାଣି, ନିର୍ମଳ ବାବୁଙ୍କ ନିଦ ଭାଙ୍ଗୁନି, "ବୋଉ, କଣ ହେଇଛି ବାପାଙ୍କର, ଉଠୁ ନାହାନ୍ତି ଯେ ?" "ସେ ହାଲିଆ ହେଇ ଶୋଇଛନ୍ତି, ଉଠାନା, ଉଠିଲେ ବଳେ ମାଗିବେ ।" କହି ରୀତା ଗଲେ ଛାତ ଉପରକୁ ବଡ଼ି ଶୁଖାଇ ।

ନିର୍ମଳ ବାବୁ ଏଠିକାର ମହିଳା ମହାବିଦ୍ୟାଳୟର ଗଣିତ ଅଧ୍ୟାପକ । ବ୍ଲକ ଗ୍ରାଣ୍ଟ । ମାସକୁ ଦରମା ଆଠ ହଜାର । ଝିଅ ମାମାଲି ବି.ଟେକ. କରୁଛି ଗୋଟେ ଘରୋଇ ଇଂଜିନିୟରିଂ କଲେଜରେ । ପୁଅ ମାନସ ଆଇ.ଆଇ.ଟି. ପାଇଁ କୋଚିଂ ନେଉଛି କୋଟାରେ । ଘରଭଡ଼ା, ପିଲାଙ୍କ ପଢ଼ା ଓ ଘର ଖର୍ଚ୍ଚ ତୁଲାଇବା ପାଇଁ ସକାଳ ଆଠରୁ ରାତି ନ' ପର୍ଯ୍ୟନ୍ତ ନିର୍ମଳ ବାବୁ ସହରର ବିଭିନ୍ନ କୋଚିଂ ସେଣ୍ଟରରେ ବୁଲିବୁଲି ପଢ଼ାନ୍ତି ।

ସହକର୍ମୀ ଅମରେଶ ବାବୁଙ୍କ ଶଶୁରଙ୍କ ଦୟାରୁ ସହର ଉପକଣ୍ଠରେ ଜାଗା ଖଣ୍ଡିଏ ମିଳିଯାଇଛି । ସହରର କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟାକୁ ପେଟରେ ପୂରେଇ ସହର ତା କାୟା ବିସ୍ତାର କରି ଚାଲିଛି ଚତୁର୍ପାର୍ଶ୍ୱ ମଫସଲ ଆଡକୁ । ସେଇ ସହର ଓ ଗାଁର ମଧ୍ୟବର୍ତ୍ତୀ ଅଂଚଳରେ ଅମରେନ୍ଦ୍ର ବାବୁଙ୍କ ଶଶୁର (ଯିଏ କି ସହର ତଳି ଅଂଚଳ ବାସିନ୍ଦା ଓ ଜମି ଦଲାଲ) ଜାଗା ଖଣ୍ଡିଏ ଦିଆ କରେଇଛନ୍ତି ତାଙ୍କୁ । ଆଉ ଅନୁଗ୍ରହ କରି କୋଡିଏ ହଜାର ଟଙ୍କାରେ ବାଲି ଭରି ଦେଇଛନ୍ତି ସେ ଖାଲୁଆ ଜମିରେ । ଅବଶ୍ୟ ପଇସା ନେଇ ।

ଜାଗା ସିନା ମିଳିଲା, ଘର ହବ କେମିତି ? ଟାଉନ ପ୍ଲାନିଂ ଅଫିସରୁ ଅନୁମତି ମିଳୁନି ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବିଶେଷ ବିଷୁବ ସଂକ୍ରାନ୍ତି ୨୦୧୯

ଘରବାଡ଼ିକୁ କନଭରସନ କଲେ ଯାଇ ଯୋଉ କଥା । ନିର୍ମଳ ବାବୁ ଦୌଡ଼ିଲେ ତହସିଲ ଅଫିସ । ବଡ଼ବାବୁ ଚଷମା ଟେକି ଚାହିଁଲେ, ଛୋଟ କାଟିଆ ନମସ୍କାରଟିଏ କଲେ । ପୂରା ଅଫିସ ସ୍ତବ୍ଧ ! ବଡ଼ବାବୁ ନମସ୍କାର କଲେ ଯେ ! ଅବଶ୍ୟ ବଡ଼ବାବୁଙ୍କ କଥାରୁ ଜଣାଗଲା ଯେ ନିର୍ମଳ ବାବୁ ବଡ଼ବାବୁଙ୍କ ପୁଅ ଆଶିଷକୁ (ଯିଏ କି ଏବେ ଆର.ଟି.ଓ. ଅଫିସର କିରାଣି) ସେ Unique ଟିଉଟରିଅଲରେ ପଢ଼ାଉ ଥିଲେ ।

ବଡ଼ବାବୁ ସବୁ ସମସ୍ୟା ଶୁଣିଲେ ଓ କହିଲେ, "ସାର ବସନ୍ତୁ, ଆରେ ହରି, ସାରଙ୍କୁ ଷ୍ଟୁଲଟେ ଦେ । ଦେଖନ୍ତୁ, ଏ ହେଲା ତହସିଲ ଅଫିସ, ବାପଠୁଁ ପୁଅ ପଇସା ନିଏ, (ଲୋକେ କହନ୍ତି, ଏ ଅଧୀନ ଜାଣିନି ।) ଆପଣ ମୋ ପୁଅର ଗୁରୁ, ମୋ ଭାଗ ମୁଁ ଛାଡ଼ିଦେବି; କିନ୍ତୁ ଅନ୍ୟ ବେଂଚ୍ ପଇସାଟା କେହି ଛାଡିବେନି । ବିନା ପଇସାରେ କଣ ଫାଇଲ ଚାଲେ ? ତା'ର କଣ ହାତ ଗୋଡ଼ ଅଛି ? ? ଏଇ ପଇସା ତାକୁ ଚଲେଇ ଆଗକୁ ନିଏ ।"

ନିର୍ମଳ ବାବୁ ଖର୍ଚ୍ଚର ଆନୁମାନିକ ପରିମାଣ ପଚାରିବାରୁ ବଡ଼ବାବୁ କହିଲେ, "ଏଇ ଦଶ ବାର ହଜାର ।" ନିର୍ମଳ ବାବୁ, "କିଛି କମ ହବନି ?" "ଦେଖନ୍ତୁ ସାର, ନିୟମ ଦେଖିଲେ ପଚାଶ ହଜାରରୁ କମ ହବନି । ହେଇ ଦେଖନ୍ତୁ, ଆପଣଙ୍କ ଜାଗା ରାଜପଥଠାରୁ ପାଞ୍ଚଶହ ମିଟର ଆକାଶ ଦୂରତା (air distance) ଥିଲେ ଡେସିମିଲକୁ ପାଞ୍ଚ ହଜାର ପଡ଼ିବ ଘରବାରି କରିବାକୁ । ତାକୁ ମୁଁ ପଚାଶ ମିଟର ବଢ଼େଇବାକୁ ଆର.ଆଇ.ଙ୍କୁ କହିବି । ସେ ବାବଦ ଯାହା ପଇସା ବଂଚିଲା, ତା'ର ଫଟି ପରସେଣ୍ଟ, ପୁଣି ଅନ୍ୟାନ୍ୟ ଖର୍ଚ୍ଚ । ରିପୋର୍ଟ ଆସିବ ଦେଢମାସ ପରେ, ପୁଣି ଏଠି ମାସେ, ପଚାଶ ଥର ଦୌଡ । ଆପଣଙ୍କୁ ଦୌଡ଼ିବାକୁ ପଡିବନି ।"

ନିର୍ମଳ ବାବୁ ଅଗତ୍ୟା ରାଜି ହେବାରୁ ବଡ଼ବାବୁ ପିଅନକୁ କହିଲେ, "ଆରେ ଦେଖିଲୁ ମଳୟ ବାହାରେ ଅଛି ତ ?" କହୁ କହୁ 'ଆଜ୍ଞା' କହି କୋଡିଏ ବାଇଶ ବର୍ଷର ଟୋକାଟେ ବଡ଼

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବିଶେଷ ବିଷୁବ ସଂକ୍ରାନ୍ତି ୨୦୧୯

ବାବୁଙ୍କ ପାଖରେ ପହଂଚି ସାରିଥିଲା । ବଡ଼ବାବୁ ନିର୍ମଳ ବାବୁଙ୍କୁ ଚିହ୍ନାଇ ଦେବା ପୂର୍ବରୁ ଟୋକାଟି ନମସ୍କାର କରି କହିଲା, "ଆଜ୍ଞା, ମୁଁ ସାରଙ୍କୁ ଜାଣେ । ମୋ ମାମୁଙ୍କ ଘର ପାଖ ନନ୍ଦିବାବୁଙ୍କ ଘରେ ଭଡ଼ାରେ ରୁହନ୍ତି । 'ବଡ଼ବାବୁ, ସାର, ପିଲାଟା ଭାରି ଭଲ, ପଇସା କମ ନିଏ, ଜଲଦି କାମ କରିଦିଏ । ୟା'ସହ କଥା ହୁଅନ୍ତୁ ।"

ବଡ଼ବାବୁ ଫାଇଲ କାମରେ ଲାଗିଲେ । ପିଲାଟି କିଛି ଫର୍ମ ଆଣି ନିର୍ମଳ ବାବୁଙ୍କ ଦସ୍ତଖତ ନେଲା ଓ କହିଲା, "ସାର, ଯାଆନ୍ତୁ, ମୁଁ କାମ ସାରିଲେ ନେଇ ଘରେ ଦେଇ ଆସିବି ।" ଆଉ ପଇସା କଥା ? ପଚାରିଲେ ନିର୍ମଳ ବାବୁ । "ଏତେ ପଇସା ତ ଏବେ ନାହିଁ !" ସ୍ମିତ ହସି ଟୋକାଟି କହିଲା, "ସାର, ମୁଁ ପଇସା କଥା ଆପଣଙ୍କୁ କହିଛି ?" ତେବେ ତୁମେ ଏ ସବୁ କାମ ଏବେ କେମିତି କରିବ ? -ପଚାରିଲେ ନିର୍ମଳ ବାବୁ । "ଯାହା ଅଛି ଏବେ ଦେଇ ଥାଆନ୍ତୁ, ପରେ ଦେବେ ।" କହିଲା ଟୋକାଟି । "ଆପଣ କଣ ନଦେବା ଲୋକ ।" କୃତଜ୍ଞତାରେ ଭରିଗଲା ହୃଦୟ ତାଙ୍କର । ଏମିତି ପିଲା ଅଛନ୍ତି ! କି ବିଶ୍ୱାସ ! ! "ଦୁଇ ହଜାର ତାକୁ ଦେଇ ଫେରିଲେ ନିର୍ମଳ ବାବୁ । ପଛରୁ ଟୋକାଟି ଡାକି କହିଲା, "ସାର, ମୋ ଫୋନ ନମ୍ବର ରଖି ଥାଆନ୍ତୁ - । ଆଉ ସାର, ଆପଣଙ୍କ ନମ୍ବର ?" ନିଜ ନମ୍ବର ଦେଇ ଫେରିଲେ ନିର୍ମଳ ବାବୁ । "ସାର, ମୋର ବହୁତ ଲୋଡ଼, ପନ୍ଦର ଦିନପରେ ଫୋନ କରିବେ, କାଳେ ଭୁଲିଯିବି ।" କହିଲା ଟୋକାଟି । ମୁଣ୍ଡ ଟୁଙ୍ଗାରିଲେ ନିର୍ମଳ ବାବୁ ।

ଠିକ୍ ଦଶଦିନ ଦିନ ବଡ଼ି ସକାଳୁ ଟୋକାଟି ଯାଇ ନିର୍ମଳବାବୁଙ୍କ ଘରେ ହାଜର । ନମସ୍କାର କରି ହାତକୁ ବଢ଼େଇ ଦେଲା କାଗଜ ଖଣ୍ଡେ । ନିର୍ମଳ ବାବୁ ଟୋକାଟିକୁ ଡ୍ରଇଂ ରୁମରେ ବସାଇ ଡାକିଲେ, "ରୀତା, ଦୁଇ କପ୍ ଚା ଆଣିବ ।" ନଉଚି । - ଭିତରୁ ଉତ୍ତର ଆସିଲା ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବିଶେଷ ବିଷୁବ ସଂଖ୍ୟା ୨୦୧୯

ଆରେ ବାବୁ, ତମେ ତ ପନ୍ଦର ଦିନ କହିଥିଲ, ଆଜି କି ତ ଦଶଦିନ ! ଟୋକାଟି କହିଲା, "ଆପଣଙ୍କ କାମ ବୋଲି ସିରିୟସଲି ଲାଗିଲି ।" ଏବେ ମୋ ପାଖରେ ତ ଏତେ ପଇସା ନାହିଁ !" କହିଲେ ନିର୍ମଳ ବାବୁ । "ମାତ୍ର ଦି'ହଜାର ଅଛି । ଆଉ କେତେ ନେବୁରେ ବାବୁ ?" କହୁ କହୁ ଚା ଆଣିଦେଲେ ରୀତା । ଚା ଢ଼ୋକେ ପିଇ ଟୋକାଟି କହିଲା, "ସାର, ଦେଇଥିଲେ ଦୁଇ, ଆଉ ତେର ଦେବେ ।" ବଡ଼ବାବୁ ତ ଦଶ ହଜାର କହୁଥିଲେ ? ଆଶ୍ଚର୍ଯ୍ୟ ହୋଇ ପଚାରିଲେ ନିର୍ମଳ ବାବୁ । ପାଖକୁ ଘୁଞ୍ଜି ଆସି ଟୋକାଟି ନିମ୍ନ ସ୍ୱରରେ କହିଲା, "ସାର, ଆପଣଙ୍କ ରାଣ, ବଡ଼ବାବୁ କଅଣ ଛାଡ଼ିଲେ କି ? ଆଜ୍ଞା, କହିବେନି କିଛି, ମୋ ବେପାର ବୁଡ଼ିବ ।" ଆଶ୍ୱାସନା ଦେଲେ ନିର୍ମଳ ବାବୁ । ଘରୁ ଆଣି ପାଂଚ ହଜାର ତାଙ୍କୁ ଦେଇ ସଂଧ୍ୟାରେ ଆଉ ଟଙ୍କା ଦେବାକୁ କହିଲେ । ସାର, ଆପଣଙ୍କ ଇଚ୍ଛା । ମୁଁ ସାତଟାରେ ଆସିବି - କହି ବିଦା ହେଲା ଟୋକାଟି ।

ନିର୍ମଳ ବାବୁ କୋଚିଂରୁ ଫେରି ସାତଟା ଏ.ଟି.ଏମ. ବୁଲିବୁଲି ହତାଶ ହୋଇ ଘରେ କଅଣ ଗଣ୍ଡେ ଖାଇ ବ୍ୟାଙ୍କ ବାହାରିଲେ । କଲେଜରେ ତ ଆଜି କ୍ଲାସ ନାହିଁ-ଆଶ୍ୱସ୍ତ ହେଲେ ସେ । ସଂଧ୍ୟା ଠିକ୍ ସାତଟା । କଲିଂ ବେଲ୍ ବାଜିଲା । ନିର୍ମଳ ବାବୁ ଦରଜା ଖୋଲି ଟୋକାଟିକୁ ଭିତରକୁ ଡାକିଲେ ଓ ବସିବାକୁ କହିଲେ । "ସାର, କ୍ଷମା କରନ୍ତୁ, ବହୁତ କାମ ।" ଟଙ୍କା ନେଇ ନମସ୍କାର କରି ଟୋକାଟି କେତେବେଳୁ ଚାଲି ଗଲାଣି । ଡ୍ରଇଂ ରୁମରେ ବସି ଭାବୁଛନ୍ତି ନିର୍ମଳ ବାବୁ । ତାଙ୍କର ବହୁ ଇପ୍ସିତ ଘରଟି କଥା । କେତେ ଦିନ ଆଉ ଭଡ଼ାଘରେ ରହିବେ ? ଗଂଜଣା ସହିବେ ? ? ବାରମ୍ବାର ଘର ବଦଳାଇ ସବୁ ଜିନିଷ ଭାଙ୍ଗିରୁଜି ଗଲା, ପୁଣି ବିଭିନ୍ନ ମାଲିକ - ମାଲିକାଣୀଙ୍କ ଭିନ୍ନଭିନ୍ନ ନିୟମ, କଣ୍ଟା ବାଡ଼ାନି, ଶବ୍ଦ କରନି, ଜୋରେ ହସନି, ଘରେ ଗହଳି କରନି ଆଦି ଅନେକ କଥା । ନିର୍ମଳ ବାବୁ ଛୋଟ ଦି'ମହଲା ଘରଟେ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବିଶେଷ ବିଷୁବ ସଂକ୍ରାନ୍ତି ୨୦୧୯

କରିବେ, ନିଜେ ରହିବେ ଓ ଘର ମାଲିକ ହୋଇ ଭଡ଼ାଟିଆ ବି ରଖିବେ । ମନେ ମନେ ଉଲ୍ଲସି ଉଠୁଥିଲେ ସେ ।

ଟାଉନ ପ୍ଲାନିଂ ଅଫିସର ବଡ଼ବାବୁ ଦଶ ହଜାର ନେଇଛନ୍ତି, ଆପ୍ରୁଭାଲ୍ ପରେ ଆଉ ଦଶ ହଜାର ନେବେ । ବର୍ଷକ ଭିତରେ ଘର କରିବାକୁ ପଡ଼ିବ । ବଙ୍ଗାଳି ମିସ୍ତ୍ରୀ ସହ କଥା ବି ହେଇ ସାରିଛନ୍ତି ନିର୍ମଳ ବାବୁ ।

ଯା ଭିତରେ ଦୁଇମାସ ବିତିଗଲା । ବଡ଼ବାବୁ ମାସେରୁ ଦେଢ ମାସ କହିଥିଲେ । ଦିନେ ବାହାରିଲେ ନିର୍ମଳ ବାବୁ ଟାଉନ ପ୍ଲାନିଂ ଅଫିସ । ବଡ଼ ବାବୁଙ୍କ ସିଟ ଫାଙ୍କା । ପାଖ ସିଟରେ ବସିଥିବା ଜଣେ ବାବୁଙ୍କୁ ବଡ଼ ବାବୁ କୁଆଡେ ଯାଇଛନ୍ତି ବୋଲି ପଚାରିବାରୁ ସାରା ଅଫିସରେ ହାସ୍ୟରୋଳ । "କୋଉଠୁ ଆସିଲେ, କଅଣ କାମ ? ଏ ଟାଉନରେ ରହନ୍ତି ନି କି.... ଆଦି ବିବିଧ ପ୍ରଶ୍ନ । ଏହି ସମୟରେ ପାଖ ରୁମରୁ ଜଣେ ବାବୁ ଆସି ଯୋଗ ଦେଲେ, "ଆଜ୍ଞାଙ୍କୁ ଚିହ୍ନିଛି । ଆପଣ ସେଇ ଗୋହୀରା ଗାଆଁ ମନ୍ଦିର ପାଖ ପ୍ଲଟିଂ ଜମି କିଣିଛନ୍ତି ତ ? ଆପଣ ସବୁ ମାଷ୍ଟ୍ରିଆ ଲୋକ କେବେ ଅପ୍‌ଟୁଡେଟ୍ ହେବେନି, ଖବରକାଗଜ ପଢିବେନି ଠିକ୍ ସମୟରେ । କଅଣ ହେଇଛି ଟିକେ ଖୋଲି କୁହନ୍ତୁ, ବ୍ୟସ୍ତ ହୋଇ ପଚାରିଲେ ନିର୍ମଳ ବାବୁ । ଜଣେ ବାବୁ କହିଲେ - ସେ ଜମି ସବୁ ଜାଲିଆତି, ଗୋଚରକୁ ଜାଲ କରି ପ୍ଲଟିଂ ହେଇଥିଲା, ଧରା ପଡ଼ିଲା, ଘର କରୁଥିବା ଲୋକଙ୍କୁ  ନୋଟିସ୍ ହେଇଛି । ବଡ଼ବାବୁ ଫେରାର, ଭୁବନେଶ୍ୱରରେ କୋଉ ମନ୍ତ୍ରୀଙ୍କ ଘରେ ଲୁଚିଛନ୍ତି.... ଏତିକି ଶୁଣୁ ଶୁଣୁ ନିର୍ମଳ ବାବୁଙ୍କ ମୁଣ୍ଡ ଘୁରାଇ ପକେଇଲା, ଚେତା ଶୂନ୍ୟ ପ୍ରାୟ, ଯେପରି ବ୍ଲକ ଗ୍ରାଣ୍ଟ ଅଧ୍ୟାପକଙ୍କ ରାଲିରେ ଗତବର୍ଷ ପୋଲିସର ଲାଠି ଖାଇ ଚେତାଶୂନ୍ୟ ପ୍ରାୟ ହୋଇଥିବା ଅବସ୍ଥା ପରି ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com
ବିଶେଷ ବିଷୁବ ସଂଖ୍ୟା ୨୦୧୯

# ଭାଗ୍ୟର ପାସୱାର୍ଡ୍



ରୋଜା ପଣ୍ଡା

ବହୁତ ବର୍ଷ ପୂର୍ବେ ଗୋଟେ ସହରରେ ଜଣେ ବଡ ଡାକ୍ତର ରହୁଥିଲେ । ସେ ଖୁବ ଦୟାଳୁ ଥିଲେ । ସମସ୍ତ ରୋଗୀମାନଙ୍କର ଚିକିତ୍ସା ଖୁବ ଖୁସିର ସହକାରେ କରୁଥିଲେ । ଥରେ ତାଙ୍କ ପାଖକୁ ଜଣେ ରୋଗୀ ଆସିଲେ । ସେ ବହୁତ ପୀଡା ଅନୁଭବ କରୁଥିଲେ । ଡାକ୍ତର ଜଣକ ତାଙ୍କୁ ହଠାତ୍ ଚିହ୍ନିପାରିଲେ ନାହିଁ । ମାତ୍ର ପରକ୍ଷଣରେ କିଛି ସମୟ ନିରୀକ୍ଷଣ କରି ଦେଖିଲା ପରେ ସେ ଅବାକ ହୋଇ ଚାହିଁ ରହିଗଲେ । ସେହି ରୋଗୀଜଣକ ଆଉ କେହି ନୁହେଁ, ତାଙ୍କ ପିଲାଦିନର ସ୍କୁଲର ସବୁଠାରୁ ପ୍ରିୟ ସାଙ୍ଗ ନିଖିଳ । ଡାକ୍ତରବାବୁ ଏବଂ ନିଖିଳ ଏକା ଦିନେ ସେଇ ଗୋଟିଏ ସହରର ବଡ ଡାକ୍ତରଖାନାରେ ଜନ୍ମ ନେଇଥିଲେ । କେବଳ ଅଲଗା ଥିଲେ ସେମାନଙ୍କର ବାପା ଓ ମାଆ ।

ଡାକ୍ତରବାବୁ ତାଙ୍କ ପ୍ରିୟ ବନ୍ଧୁଙ୍କୁ ଏପରି ଦରିଦ୍ର, ଅସହାୟ ଓ ରୁଗ୍‌ଣ ଅବସ୍ଥାରେ ଦେଖି ବହୁତ ଦୁଃଖ ଅନୁଭବ କରୁଥାନ୍ତି । ତାଙ୍କ ମନରେ ଗୋଟେ ବିସ୍ମୟଜନକ ପ୍ରଶ୍ନ ବାରବାର ଉଙ୍କି ମାରୁଥାଏ । ସେ ପ୍ରଶ୍ନଟି ଥିଲା, "ଗୋଟିଏ ସମୟରେ, ଗୋଟିଏ ମୁହୂର୍ତ୍ତରେ, ଗୋଟିଏ ସ୍ଥାନରେ ଜନ୍ମ ନେଉଥିବା ଲୋକଙ୍କର ଭାଗ୍ୟ ଏବଂ କର୍ମ ଏତେ ପୃଥକ କାହିଁକି ? କାହିଁକି ଯେ ସେମାନଙ୍କ ଜୀବନ ଏତେ ଅଲଗା ଅଲଗା । ଆଜି ଜଣେ ସଫଳ ଡାକ୍ତର ଆଉ ଜଣେ ଦରିଦ୍ର ରୋଗୀ । ସେହିଭଳି ଏକା ସାଙ୍ଗରେ ଜନ୍ମ ନେଉଥିବା ଲୋକଙ୍କ ମଧ୍ୟରୁ କିଏ ଓକିଲ, କିଏ ପୁଲିସ ତ ପୁଣି ଆଉ କିଏ ଚୋର ଆଉ ଡକାୟତ ହୋଇ ବାହାରୁଛନ୍ତି ।"

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବିଶେଷ ବିଷୁବ ସଂକ୍ରାନ୍ତି ୨୦୧୯

ଏହି ପ୍ରଶ୍ନର ଉତ୍ତର ଖୋଜିବା ପାଇଁ ଡାକ୍ତର ବାବୁ ବହୁ ବୁଦ୍ଧିଜୀବିମାନଙ୍କର ପରାମର୍ଶ ଲୋଡ଼ିଲେ । ଏମିତି ବହୁତ ଜ୍ଞାନୀଜନଙ୍କୁ ଉକ୍ତ ପ୍ରଶ୍ନଟି ପଚାରୁ ପଚାରୁ, କେହି ଜଣେ ମହାତ୍ମା ଜ୍ୟୋତିଷ ଏହାର ଉତ୍ତରରେ କହିଲେ, "ପୂର୍ବଦିଗକୁ ଗଲେ, କିଛି ଦୂରରେ ଜଣେ ବୃଦ୍ଧ ଅଛନ୍ତି । ସେ ହିଁ ଏହି ପ୍ରଶ୍ନର ସଠିକ ଉତ୍ତର ଦେଇ ପାରିବେ । ଡାକ୍ତର ଜଣଙ୍କ ସେହି ଜ୍ୟୋତିଷଙ୍କର ଇଙ୍ଗିତ ଅନୁସାରେ ପୂର୍ବ ଦିଗକୁ ଅଗ୍ରସର ହେଲେ । କିଛି ବାଟ ଗଲାପରେ ସେ ଜଣେ ବୃଦ୍ଧ ବ୍ୟକ୍ତିଙ୍କୁ ଦେଖିଲେ । ସେ ରାସ୍ତା କଡରେ ବସି ଭିକ୍ଷା ମାଗୁଥିଲେ । ତାଙ୍କ ନିକଟକୁ ଯାଇ ଡାକ୍ତରବାବୁ ନିଜ ପ୍ୟାଣ୍ଟପକେଟରୁ ଦଶ ଟଙ୍କା କାଢ଼ି ସେହି ଜୀର୍ଣ୍ଣ ଭିକାରୀଙ୍କ ଥାଳରେ ରଖି କହିଲେ, "ଆଜ୍ଞା କିଛି ଖରାପ ଭାବିବେନି, ଆପଣ ମୋର ଗୋଟେ ଜିଜ୍ଞାସାର ଉତ୍ତର ଦେବେ ?" ଆଉ ନିଜ ପ୍ରଶ୍ନ ପଚାରିଲେ । ପ୍ରଶ୍ନଟି ଶୁଣିବା ମାତ୍ରେ ବୃଦ୍ଧ ଭିକାରୀ ବସିବା ସ୍ଥାନରୁ ନିଜର ବାଡ଼ି ଧରି ଠିଆ ହୋଇଗଲେ । ଖୁବ ଜୋରରେ ରାଗରେ ତମତମ ହେଇ ଥର ଥର ହୋଇ ଚିତ୍କାର କରି କହିଲେ, "ଏ ପ୍ରଶ୍ନର ଉତ୍ତର ମୋ ପାଖରେ ନାହିଁ । କିଛି ଦୂରରେ ଗୋଟେ ଗାଁମୁଣ୍ଡର ବରଗଛ ମୂଳରେ ଗୋଟେ ସ୍ତ୍ରୀ ଲୋକ ବସିଛି । ଯା ତାକୁ ପଚାରିବୁ ।" ଏହା କହି ସେ ସେଠାରୁ ଚାଲିଗଲେ ।

ଡାକ୍ତରବାବୁ କିଛି ବୁଝି ପାରିଲେନି । ତଥାପି ତାଙ୍କର ମନର ଏହି ପ୍ରଶ୍ନ ତାଙ୍କୁ ଏତେ ବିବ୍ରତ କରୁଥିଲା ଯେ ସେ ଗାଁମୁଣ୍ଡ ଅଭିମୁଖେ ବାହାରିଗଲେ । କିଛି ସମୟ ଅତିକ୍ରାନ୍ତେ ସେ ଉକ୍ତ ଗାଁମୁଣ୍ଡରେ ପହଞ୍ଚି ବରଗଛମୂଳେ ବସିଥିବା ସ୍ତ୍ରୀଲୋକ ନିକଟରେ ପହଞ୍ଚିଲେ । ସେ ସ୍ତ୍ରୀଲୋକ ଜଣକ ପୁରାପୁରି ମାନସିକ ବିକୃତ ଥିଲେ । ଅର୍ଦ୍ଧନଗ୍ନ ଅବସ୍ଥାରେ ବସି ରାସ୍ତା କଡ଼ ନର୍ଦ୍ଦମାରୁ ଉଠାଇ ଆଣିଥିବା ଅତି ଦୁର୍ଗନ୍ଧମୟ ଜିନିଷ ସବୁ ଘାଣ୍ଟୁଥିଲେ ଏବଂ ତନ୍ମଧ୍ୟରୁ କେଜାଣି କଣ ଖାଇ ପକାଉଥିଲେ ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବିଶେଷ ବିଷ୍ଣୁବ ସଂକ୍ରାନ୍ତି ୨୦୧୯

ଡାକ୍ତରବାବୁ ଏପରି ଘୃଣ୍ୟ ଦୃଶ୍ୟ ଦେଖି ବାନ୍ତି କଲାପରି ପ୍ରତିକ୍ରିୟା ପ୍ରକାଶ କଲେ । ତଥାପି ନିଜକୁ ଆୟତ୍ତ କରି ସେ ପାଗଳି ସ୍ତ୍ରୀଲୋକ ପାଖକୁ ଯାଇ ନିଜର ଜିଜ୍ଞାସା ପ୍ରକାଶ କଲେ । ସେ ପାଗଳି ସ୍ତ୍ରୀଲୋକ ନିଜର ମୁଣ୍ଡର ଆଲରା ବାଲରା ଚୁଟିକୁ କୁଣ୍ଡାଇ କୁଣ୍ଡାଇ କହିଲା - ଯା, ଏଠୁ ପଳା । ଉତ୍ତର ଦିଗକୁ ଆଙ୍ଗୁଠିରେ ଇଙ୍ଗିତ କରି କହିଲା - ସେପଟେ ଗୋଟେ ଝିଅ ଥିବ । ସେ ମରିଯିବ । ଯା, ସେ ମରିବା ଆଗରୁ ତାକୁ ପଚାରିବୁ ।

ଡାକ୍ତରବାବୁ ଜାଣିପାରୁନଥିଲେ ଯେ ତାଙ୍କ ସହିତ ଘଟୁଥିବା ପ୍ରତ୍ୟେକଟି ଘଟଣା ସତ୍ୟ ନା କାଳ୍ପନିକ । ତଥାପି କାଳେ ସମୟ ଆଗରୁ ପହଞ୍ଚିପାରିଲେ ଉକ୍ତ ଝିଅଟିକୁ ବଞ୍ଚିପାରିବେ ସେଇ କଳ୍ପନାରେ ପାଗଳି ଦେଖାଇଥିବା ଦିଗ ଆଡେ ଦୌଡ଼ିବାକୁ ଲାଗିଲେ । ଶେଷରେ ଦୌଡ଼ି ଦୌଡ଼ି ଡାକ୍ତରବାବୁ ଉକ୍ତ ଝିଅଘରେ ପହଞ୍ଚିଲେ । ସେଠି ପହଞ୍ଚି ଦେଖିଲେ, ଝିଅଟି ବିଷ ପାନ କରି, ଛଟପଟ ହେଇ, ମୃତ୍ୟୁ ସହିତ ସଂଘର୍ଷ କରୁଛି । ସେ ତୁରନ୍ତ ଡେରି ନକରି ସେଇ ଝିଅଟିର ଚିକିତ୍ସା କଲେ । ଝିଅଟି ଧିରେ ଧିରେ ସୁସ୍ଥ ହେବାକୁ ଲାଗିଲା । ସେ ସୁସ୍ଥ ହେବାପରେ ଡାକ୍ତରବାବୁ ତାଙ୍କ ସହିତ ଘଟିଯାଇଥିବା ବିସ୍ମୟଜନକ ଘଟଣା ସବୁ ପୁନରାବୃତ୍ତି କଲେ ଏବଂ କିପରି ସେ ଉକ୍ତ ଝିଅ ପାଖରେ ପହଞ୍ଚିଲେ ସେସବୁ ବର୍ଣ୍ଣନା କରି କହିଲେ ।

ଡାକ୍ତରବାବୁଙ୍କ ଜିଜ୍ଞାସା ଶୁଣି ଝିଅଟି ଖୁବ ଜୋରରେ ହସିଲା ଏବଂ ଉତ୍ତର ଦେଲା- “ପୂର୍ବ ଜନ୍ମରେ, ଆପଣ ମୋ ସାଙ୍ଗ ଥିଲେ । ଆମେ ଚାରି ବନ୍ଧୁ ଥିଲୁ । ଆପଣ ଯେଉଁ ବୃଦ୍ଧ ଭିକାରୀ ଓ ପାଗଳି ସ୍ତ୍ରୀଙ୍କୁ ରାସ୍ତାରେ ଭେଟିଲେ ସେମାନେ ଆମର ସେଇ ପୂର୍ବ ଜନ୍ମର ଅନ୍ୟ ଦୁଇ ବନ୍ଧୁ । ଆମେ ସବୁ ଭଲସାଙ୍ଗ ଥିଲୁ । ଏକାଠି ବୁଲୁଥିଲୁ, ଖାଉଥିଲୁ, ଆଉ ଖେଳୁଥିଲୁ । ଥରେ ଆମେ ଭୋଜନ କରୁଥିବା ସମୟରେ ଜଣେ ବୃଦ୍ଧ ଆସି ଆମକୁ ଖାଇବା ମାଗିଲେ । ସେ ବହୁତ କ୍ଷୁଦାର୍ଥ ଥିଲେ । ପ୍ରଥମେ ସେ ଉକ୍ତ ବୃଦ୍ଧ ଭିକାରୀଙ୍କୁ ଖାଦ୍ୟ ମାଗିଥିଲେ । କିନ୍ତୁ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ବିଶେଷ ବିଷୁବ ସଂଖ୍ୟା ୨୦୧୯

ସେ ତାଙ୍କୁ ଅତି ନିକୁଛ କରି କହିଲେ, "ତତେ ମୋ ଖାଦ୍ୟ ଦେଇ ମୁଁ କଣ ଭିକ ମାଗିବି ।" ସେଥିପାଇଁ ସେ ଏ ଜନ୍ମରେ ଭିକ ମାଗୁଛନ୍ତି ।

ତା'ପରେ ସେ କ୍ଷୁଧାର୍ତ୍ତ ବୃଦ୍ଧ ସେ ପାଗଳି ସ୍ତ୍ରୀଙ୍କୁ ଖାଇବା ମାଗିଲେ । ସ୍ତ୍ରୀଲୋକ ଜଣକ ତାଙ୍କୁ ଉତ୍ତର ଦେଇଥିଲେ - ତତେ ମୋ ଖାଦ୍ୟ ଦେଇ ମୁଁ କଣ ରାସ୍ତା କଡ଼ର ନର୍ଦ୍ଦମା ଖାଇବି ? ସେଥିପାଇଁ ସେ ଆଜି ତାଙ୍କ ପୂର୍ବ ଜନ୍ମର କର୍ମ ଫଳ ସ୍ୱରୂପ ଏ ଜନ୍ମରେ ପାଗଳି ହୋଇ ରାସ୍ତା କଡ଼ର ନର୍ଦ୍ଦମା ଖାଇ ବଞ୍ଚୁଛନ୍ତି । ଆଉ ମତେ ଦେଖୁଛନ୍ତି । ମୁଁ ମଧ୍ୟ ସେ କ୍ଷୁଧାର୍ତ୍ତ ବୃଦ୍ଧଙ୍କୁ ତାଚ୍ଛଲ୍ୟ କରି କହିଥିଲି - ତତେ କଣ ମୋ ଖାଦ୍ୟ ଦେଇ ମୁଁ ବିଷ ଖାଇବି । ଆପଣ ତ ଦେଖିଲେ ମୁଁ କେମିତି ବିଷ ପାନ କରି ଛଟପଟ ହେଉଥିଲି । ଶେଷରେ ସେ ଖାଦ୍ୟ ଆଶାରେ ଆପଣଙ୍କ ପାଖରେ ପହଁଚିଲେ । ଆପଣ ସଙ୍ଗେ ସଙ୍ଗେ ନିଜ ଖାଦ୍ୟରୁ ଅଧେ ସେ ବୃଦ୍ଧ ବ୍ୟକ୍ତିଙ୍କୁ ଦେଇ ତାଙ୍କ ଜୀବନ ରକ୍ଷା କରିଥିଲେ । ସେଥିପାଇଁ ଆଜି ଆପଣ ନିଜର ପୂର୍ବ ଜନ୍ମର ଭଲ କର୍ମର ସୁଫଳ ଏ ଜନ୍ମରେ ଉପଲବ୍ଧ କରୁଛନ୍ତି ।

ଏ ସବୁ ଶୁଣି ଡାକ୍ତରବାବୁ ବୁଝିଗଲେ ଯେ, "ଯଦି ଗୋଟେ ଭୁଲ ପାସ୍‌ୱାର୍ଡ ଦ୍ୱାରା ଗୋଟେ ଛୋଟ ମୋବାଇଲ ଖୋଲି ପାରୁନାହିଁ, ତେବେ ଭୁଲକର୍ମ ଦ୍ୱାରା ଆମର ସୌଭାଗ୍ୟର କବାଟ କେମିତି ଖୋଲିବ ?"

ପୂର୍ଣ୍ଣାନନ୍ଦ ଭବନ, ନେତାଜୀ ନଗର,
ମଧୁପାଟଣା , କଟକ -୭୫୩୦୧୦.

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ବିଶେଷ ବିଷୁବ ସଂସ୍କରଣ ୨୦୧୯

# ପୁଞ୍ଜିଲାଲର ପୁଞ୍ଜିଭୁତ କୋହ



ଗଦାଧର ବଳ

ସେଦିନ ଥାଏ ସକାଳିଆ କଚେରିର ଶେଷ ଭାଗ, ମଧ୍ୟାହ୍ନ ସମୟ । ପ୍ରଚଣ୍ଡ ଗ୍ରୀଷ୍ମର କରାଳ ଦୃଷ୍ଟି ତଥା ସରକାରୀ ସତର୍କତା ପାଇଁ କଚେରୀ ପରିସର ପ୍ରାୟ ଜନଶୂନ୍ୟ ହେବାକୁ ବସିଲାଣି । କୋର୍ଟ କର୍ମଚାରୀ, ହାକିମ ତଥା କିଛି ମହକିଲ ଓ ଓକିଲ ମାନଙ୍କ ବ୍ୟତୀତ ପ୍ରାୟ କଚେରୀ ପରିସରରେ ଜନଶୁନ୍ୟ ଥିଲା । ମୁଁ ମଧ୍ୟ ପ୍ରଚଣ୍ଡ ନିଦାଘର କରାଳ ଦୃଷ୍ଟିରୁ ନିଜକୁ ରକ୍ଷା କରିବାକୁ ବ୍ୟାକୁଳ ଥାଏ । ଜଣେ ଆଇନଜୀବି ଭାବେ ଦୀର୍ଘ ପଚିଶି ବର୍ଷ ଅତିକ୍ରାନ୍ତ କରିସାରିବା ପରେ ମଧ୍ୟ ଅଦ୍ୟାବଧି ସଫଳତା ଓ ବିଫଳତା ଦୋଛକିରେ ନିଜକୁ ସହରର ଜଣେ ପ୍ରତିଷ୍ଠିତ ଓକିଲ ଭାବେ କିଛି ବ୍ୟବସାୟିକ ସଫଳତା ହାତେଇବାରେ ସକ୍ଷମ ହେଇଥିବା କଥା ପ୍ରଶଂସକମାନେ ଅନେକ ସମୟରେ କହନ୍ତି । ଆର୍ଥିକ ଦୃଷ୍ଟିରୁ ସଫଳତା ମିଳି ନଥିଲେ ବି ମୋର ଅଜାଣତରେ କିଛି ହିତାକାଂକ୍ଷୀ ଏହା ଭିତରେ ମୋତେ ସିନିୟର ଭାବେ ଆଖ୍ୟାୟିତ କରିବା ଆରମ୍ଭ କରିଦେଇଛନ୍ତି । ସେ ଦୃଷ୍ଟିରୁ ସହରର କିଛି ନାମିଦାମୀ ମହକିଲ ବି ଭରସା କରି ନିଜ ନିଜର ମାମଲା ପରିଚାଳନା ପାଇଁ ଦାୟିତ୍ୱ ଦେଇଛନ୍ତି ।

ସେଦିନ ନିର୍ଦ୍ଧାରିତ ସମୟର ପ୍ରାୟ ଶେଷ ଭାଗରେ ଛୋଟ କାମଟିଏ ପାଇଁ ମୁଁ ମଧ୍ୟ ଅଟକି ଯାଇଥାଏ କୋର୍ଟ ପିଣ୍ଡାରେ । ହଠାତ୍ ଦୃଷ୍ଟିକୁ ଆସିଲା ଜଣେ ବ୍ୟକ୍ତିକୁ ପୋଲିସ ହାତ ଗୋଡ଼ରେ ଲୁହା ଶିକୁଳି ପକାଇ କଡ଼ା ସୁରକ୍ଷା ବଳୟ ମଧ୍ୟରେ କୋର୍ଟ ପିଣ୍ଡାରେ ଛିଡ଼ା କରାଇଛି, ହାକିମ ସାମ୍ନାରେ ହାଜର କରାଇବାକୁ । ସହରର ଏକ ଲୋମହର୍ଷଣକାରୀ ହତ୍ୟା ମାମଲାର ଆସାମୀ ଧରାପଡ଼ିଥିବାର କଥା ଉପସ୍ଥିତ ଲୋକମାନେ ଫୁସୁର ଫାସୁର

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବିଶେଷ ବିଷୁବ ସଂକ୍ରାନ୍ତି ୨୦୧୯

ହେଉଥିବାର କାନରେ ବାଜିଲା । ମୋର ବି ଆଗ୍ରହ ହେଲା ଜାଣିବାକୁ କିଏ ସେ ଚାଲାକ ଦୁର୍ଦ୍ଦାନ୍ତ ଅପରାଧୀ ? ଯିଏ ଜଣେ ପ୍ରତିଷ୍ଠିତ ବ୍ୟବସାୟୀର ନବ ବିବାହିତ ବଧୂକୁ କୌଶଳ କ୍ରମେ ହତ୍ୟା କରି ସମସ୍ତ ପ୍ରମାଣ ନଷ୍ଟ କରି ପୋଲିସକୁ ଚକମା ଦେବାରେ ସଫଳ ହୋଇଛି । ତ ପୁଳାଏ ଘୃଣା ତଥା ଭୟରେ ପାଖକୁ ଗଲି ସେ ମହାନ ଚରିତ୍ରଟିକୁ ଦର୍ଶନ କରିବାକୁ । ଅନ୍ୟମାନଙ୍କ ପରି କିଛି ଦୁରରୁ ଅପରାଧୀକୁ ଦେଖବା ପାଇଁ ଚାହିଁଲି ତ ଅପରାଧୀଟି ଚିହ୍ନା ଚିହ୍ନା ଲାଗିଲା । କ୍ଲାନ୍ତ ଶରୀର, ଅଲୁଳାୟିତ କେଶ, ଚିରା କପଡାରେ ଆଂଶିକ ଶରୀର ଆବଦ୍ଧ ପ୍ରାୟ, ନିରିହ ଆଖିରେ ଅପଲକ ନୟନରେ ନିରପରାଧୀ ପରି ମୋ ଆଡ଼କୁ ଏକ ଧ୍ୟାନରେ ଚାହିଁ ଥାଏ, ମୁଁ କିଛି ସମୟ ତାକୁ ଚାହିଁବା ପରେ ସେଠାରୁ ପଳାଇ ଆସିବାକୁ ବାହାରୁଛି, ତ ସେ ହଠାତ୍ ମୋତେ କହି ପକାଇଲା, “ବାବୁ ମୋତେ ଚିହ୍ନିପାରୁ ନାହାନ୍ତି ବୋଧ ?”

ମୁଁ କହିଲି, “ନା ।”

ତ ସେ କହିଲେ, “ବାବୁ ତିନିଦିନ ତଳେ ଆପଣ କଚେରୀ ଆସିବା ପାଇଁ ରିକ୍ସା ଅପେକ୍ଷାରେ ରାସ୍ତାରେ ଠିଆ ହୋଇଥିଲେ, ମୁଁ ଆପଣଙ୍କୁ ମୋ ରିକ୍ସାରେ କଚେରୀ ନେଇ ଆସିଥିଲି । ମୁଁ ସେଇ ରିକ୍ସାବାଲା ଆଜ୍ଞା, ମୋ ନା ପୁଞ୍ଜିଲାଲ, ପୁଞ୍ଜିଲାଲ ନାଇଡୁ । ରେଳ ଷ୍ଟେସନ କଡ଼ ବସ୍ତିରେ ମାଇକିନା ପିଲା ଧରି ରହେ, ଆଜ୍ଞା ।”

ମୋର ବି ମନେ ପଡିଲା ଏଇ ରିକ୍ସାବାଲାର ରିକ୍ସାରେ କିଛି ଥର କଚେରୀ ପର୍ଯ୍ୟନ୍ତ ଆସିଛି ବୋଧହୁଏ । ନିରିହ ନିର୍ମାୟା ମଣିଷଟେ, ଭଡା ପାଇଁ କେବେ ବି ଅଝଟ କରେନି । ରିକ୍ସାରେ ଆସିବା ବେଳେ ମାଲି ମକଦ୍ଦମା, କୋର୍ଟ କଚେରୀ ବିଷୟରେ ଅନେକ କଥା ପଚାରେ, ରିକ୍ସା ଚାଲିବା ବେଳେ ବାଟ କେତେବେଳେ ସରିଯାଏ, ଜଣା ବି ପଡେନି । ମୁଁ ମଧ୍ୟ ମନେପକାଇ ଚିହ୍ନି ପାରିଲି ପୁଞ୍ଜିଲାଲକୁ ।

ଆହ୍ୱାନ ଇ-ପତ୍ରିକା

ବିଶେଷ ବିଷୁବ ସଂଖ୍ୟା ୨୦୧୯

ସେ ଅପରାଧୀଟି ପରି କହୁ କହୁ କହିଦେଲା, "ବାବୁ ଆପଣଙ୍କ କଥା ଅମାନ୍ୟ କଲି । ଫଳ ଭୋଗୁଛି ବାବୁ ।"

ମୁଁ ବି କେତେବେଳେ କେଉଁ ପରିସ୍ଥିତରେ ତାକୁ କଣ କହିଥିଲି ମନେ ପକାଇ ପାରିଲିନାହିଁ ।

ସାମାନ୍ୟ ନିରବ ରହିଛି, ମୋ ନିରବତାକୁ ସେ ହୃଦୟଙ୍ଗମ କରି କହିଲା, "ସେଦିନ ଆପଣ ପଚାଶ ଟଙ୍କାରେ ସହରର ଗଳିକନ୍ଦିର ସର୍ଟ ବାଟରେ କଚେରୀ ଆସିବାକୁ କହିଲେ । ମୁଁ ମଧ୍ୟ ଆପଙ୍କ କହିବା ଅନୁଯାୟୀ ସର୍ଟ ରାସ୍ତାରେ ଆପଣଙ୍କୁ କଚେରୀରେ ଛାଡିଦେଲି । ଫେରୁଥିବା ସମୟରେ ମୋତେ ଗୋଟେ କଥା କହିଥିଲେ, 'ସୁଖ ହେଉ କି ଦୁଃଖ ହେଉ ନିଜର ମାଇକିନାକୁ କେବେ ବି ସବୁ ଅସଲ କଥା କହିବୁନି ।' ମୋର କିନ୍ତୁ ମନେ ରହିଲା ନାହିଁ, ଆଜ୍ଞା । ମୁଁ ତା'ର ଫଳ ପାଇଲି ।"

ମୁଁ କହିଲି, "ସେ କଥା ସହ ତୋର ଗିରଫର କଣ ସଂପର୍କ ?"

ସେ ପୁଣି କହିବା ଆରମ୍ଭ କଲା, "ଆପଣଙ୍କୁ କଚେରୀରେ ଛାଡିଦେଇ ଷ୍ଟେସନକୁ ନଇ କୁଳ ରାସ୍ତାରେ ଫେରିଥିଲି, ଭାବିଥିଲି, କେଉଁ ଛକରୁ ଫେରିବା ବାଟରେ ଷ୍ଟେସନ ଆସୁଥିବା ଭଡା ମିଳିଯିବ । କିଛି ବାଟ ଯିବାପରେ ରାସ୍ତାର ଏକ ନିଛାଟିଆ ଜାଗାର ଦେଖିଲି ରାସ୍ତା କଡରେ ଗୋଟେ ଜରି ବସ୍ତାରେ ମୁହଁ ବାନ୍ଧି କଣ ଗୋଟେ ଜିନିଷ କିଏ ପକାଇ ଦେଇଛି, କୁକୁର କୁଆ ଘେରି ଯାଇଛନ୍ତି, ଟଣାଟଣି ମଧ୍ୟ ଆରମ୍ଭ କରି ଦେଇଥାନ୍ତି । ତ ରିକ୍ସାରୁ ଓହ୍ଲାଇ ଆସି ସଂଦେହ ହେଲା ବସ୍ତାରେ କଣ ଅଛି ଜାଣିବାକୁ । ପାଖକୁ ଯାଇ ଅଖା ମୁହଁ ଖୋଲି ଦେଇ ଦେଖିଲି ଜଣେ ମହିଳାର ରକ୍ତ ଜୁଡୁବୁଡୁ ଗଳିତ ଶରୀର, ଶରୀରର ବିଭିନ୍ନ ସ୍ଥାନରେ କ୍ଷତ ଚିହ୍ନ ଦୃଶ୍ୟମାନ ହେଉଛି, ଯିଏ କି ଅନେକ ସୁନା ଗହଣା ପିନ୍ଧିଛି । ଲୋଭ ହେଲା ବାବୁ, ନିଜର ଲୋଭ ସମ୍ଭାଳି ନପାରି ସମସ୍ତ ସୁନା ଅଳଙ୍କାରକୁ ଘରକୁ ନେଇଗଲି ବାବୁ ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବିଶେଷ ବିଷୁବ ସଂକ୍ରାନ୍ତି ୨୦୧୯

ମନଖୁସିରେ ଆଉ ଭଡା ନକରି ଘରକୁ ପଳାଇ ଯାଇଥିଲି ।”

ମୋର ମହକିଲ ପଛରେ ଠିଆ ହୋଇ ତା କେସରେ କୋର୍ଟ ଯିବା ପାଇଁ ଇଶାରା ଦେଉଥାଏ, ମୁଁ ବି ଗିରଫର କାରଣ ଜାଣିବାକୁ ବ୍ୟସ୍ତ ହେବାରୁ ସେ ପୁଣି ତାର ଅସଂପୁର୍ଣ୍ଣ କଥାକୁ କହିବା ଆରମ୍ଭ କଲା, “ଘରେ ପହଁଚିବା ପରେ ଆପଣଙ୍କ କୁହା କଥା ଭୁଲିଗଲି, ବାବୁ । ମାଇକିନାକୁ ସୁନା କିପରି ପାଇଲି ସବୁ କଥା ଖୋଲି କହି ଦେଲି । ମାତ୍ର ମୋ ମାଇକିନା କଥା ଛଳରେ ପଡିଶା ଘରେ ବି କହୁ କହୁ କହି ଦେଲା । କାନକୁ କାନ କ୍ରମେ ଏଇ ଘଟଣା କ୍ରମଶଃ ଚାରିଆଡେ ପ୍ରଚାର ହେବା ପରେ, ସହରର ଜଣେ ବ୍ୟବସାୟୀଙ୍କ ଘରେ ପଶି ମୁଁ ଟଂକା ସୁନା ଡକାଇତି କରିବାକୁ  ଯାଇ ତାଙ୍କ ସ୍ତ୍ରୀକୁ ହତ୍ୟା କରି ସୁନା ଗହଣା ଲୁଟ କରି ନେଇଥିବା ଅଭିଯୋଗରେ ପୋଲିସ ମୋତେ ଗିରଫ କରିଛି ବାବୁ । ମୁଁ ଆଦୌ ଦୋଷୀ ନୁହଁ ବାବୁ । ମୋତେ ମିଛରେ ଗିରଫ କରିଛି ପୋଲିସ । ମୋତେ ଦୟାକର ବାବୁ, ମୋ ବେଲ କରିଦିଅ ବାବୁ, ମୋ ପିଲାଛୁଆ ଭାସିଯିବେ ବାବୁ ।”

ଏତିକି ବେଳେ କୋର୍ଟର ଚପରାଶି ଆସାମୀକୁ ଆଣିବାକୁ ଡାକିଲା ଓ ପୋଲିସ ମଧ୍ୟ ତାକୁ ଘୋଷାରି ନେଇଥିଲା ।

ମୋ ଅଜଣାତରେ ମୋ ପକ୍ଷ ମଧ୍ୟ ମୋତେ କୋର୍ଟରେ କେଶ ପଡିଲାଣି କହି ସେଠାରୁ ନେଇ ଯାଇଥିଲା । ମାତ୍ର ବୈଶାଖର ଦାରୁଣ ନିଦାଘ ପୁଞ୍ଜିଲାଲର ପୁଞ୍ଜିଭୁତ ଅସନ୍ତୋଷ ନିକଟରେ ଯେମିତି ହାର ମାନିଥିବାର ମୁଁ ଅନୁଭବ କଲି । ଏମିତି ନିରିହ ନିରପରାଧି ପୁଞ୍ଜିଲାଲର ନିର୍ମାୟା ମୁହଁ ମୋତେ ସେଦିନ କିଛି ସମୟ ପାଇଁ କେଉଁ ଏକ ଅଜଣା ରାଇଜକୁ ନେଇ ଯାଇଥିଲା । ନିଦାଘର ପ୍ରଚଣ୍ଡ ତାତିରେ ମୁଁ ଯେମିତି ପରାଜିତ ସୈନୀକ ବୋଲି ଅନୁଭବ କରୁଥିଲି.....

ଆଇନଜୀବୀ, ଭଦ୍ରକ, ଭ୍ରାମ୍ୟଭାଷ : ୯୪୩୭୭୧୭୮୪୧

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com
ବିଶେଷ ଶିଶୁ ସଂଖ୍ୟା ୨୦୧୯

# ଟୁନାର ଗଣେଶ ପୂଜା



ବି. ନିରୁପମା

ଟୁନାର ମନ ଆଜି ଭାରି ଖୁସି । କଥା କ'ଣ କି, ଏଥର ସ୍କୁଲରେ ଗଣେଶ ପୂଜାରେ ସାଜସଜ୍ଜା ଲାଗି ତାକୁ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ମିଳିଛି । ରଙ୍ଗିନ୍ କାଗଜ କାଟି ଫାଟକ ପାଖରୁ ପୂଜା ମଣ୍ଡପ ପର୍ଯ୍ୟନ୍ତ ତୋରଣ ବାନ୍ଧିବା ଠାରୁ ମେଢ଼ ସଜେଇବା ଯାଏ, ସବୁ କାମକୁ ସାଙ୍ଗମାନଙ୍କ ସହ ମିଶି ଶେଷ କରିଛି । ଅନ୍ୟ ବର୍ଷ ଅପେକ୍ଷା, ପୂଜା ମଣ୍ଡପ ଢେର ସୁନ୍ଦର ଦେଖାଯାଉଛି ବୋଲି କେତେଜଣ ମତ ବି ଦେଲେଣି । ଦୁଇଦିନର ପରିଶ୍ରମ ସଫଳ ହୋଇଥିବାରୁ ସେ ଏବେ ଆଶ୍ୱସ୍ତ ।

ଏଥର ସ୍କୁଲରୁ ଘରକୁ ଫେରିଲା ଟୁନା । ଗାଧୋଇ ପାଧୋଇ ନୂଆ ପ୍ୟାଣ୍ଟ ସାର୍ଟ ପିନ୍ଧି ପ୍ରସ୍ତୁତ ହେଲା । ପୂଜା ସାମଗ୍ରୀ ସହ ଅନୁ ଅପା ଗୁନ୍ଥି ଦେଇଥିବା ଫୁଲହାର ନେଇ ସେ ବାହାରି ପଡ଼ିଲା ସ୍କୁଲ ।

ଉଭୟ ପାଖକୁ ଭଲଭାବେ ଦେଖି, ରାସ୍ତାର ବାମ ପାଖରେ ସାଇକେଲ ଚଳାଇ ଯାଉଥାଏ ଟୁନା । ସେ ଦେଖିଲା, ତଳ ଶ୍ରେଣୀର ପବନା ତରତର ହୋଇ ଧାଉଁଛି । ପୂଜା ସମୟ ହୋଇଗଲାଣି ବୋଲି ସେ ଏମିତି ଦୌଡ଼ି ଦୌଡ଼ି ଯାଉଛି ବୋଧହୁଏ !

ଟୁନା ପବନାକୁ ସାଥିରେ ଯିବାକୁ ଡାକିଲା । କିନ୍ତୁ ପବନା କିଛି ନ କହି ସେମିତି ଆଗକୁ ଧାଉଁଥାଏ । ସେ ଲକ୍ଷ୍ୟ କଲା; ପବନା ଦେହରେ ମଇଳା ପୋଷାକ, ମୁଣ୍ଡରେ ଆଲୁରା ବାଲୁରା ଚୁଟି । ମଝିରେ ମଝିରେ ସେ ତା' ଆଖି ଆଉ ମୁହଁରେ ହାତ ବି ମାରୁଛି । ଟୁନା ଆଡ଼କୁ ଥରେ ଚାହିଁଦେଇ ସେ ଏଥର ରାସ୍ତା ଛାଡ଼ି ବିଲଆଡ଼କୁ ଦୌଡ଼ିଲା ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବିଶେଷ ବିଷୁବ ସଂକ୍ରାନ୍ତି ୨୦୧୯

ଘଟଣା କ'ଣ ! ଆଜି ପୂଜା ଦିନଟାରେ ପବନା ଏମିତି ନସର ପସର ହୋଇ କୁଆଡ଼େ ଧାଉଁଛି ? ଡାକିଲେ ବି ଶୁଣୁନି !

ଟୁନା ଜାଣେ, ପବନା ସାଧାରଣ ପିଲାଙ୍କ ଭଳି ନୁହେଁ । ବିଚାର ଶକ୍ତି ଟିକିଏ କମ । ଦୁଷ୍ଟ ପିଲାମାନେ ତାକୁ ବେଡ଼ା ବା ବୋକା ବୋଲି ବି ଚିଡ଼ାନ୍ତି । ତେବେ, ଆଜି ନିଶ୍ଚିତ ଭାବରେ କିଛି ଗୋଟାଏ ଘଟିଛି । ତେଣୁ ସେ ରାସ୍ତା କଡ଼ରେ ସାଇକେଲକୁ ରଖି, ପବନାକୁ ଅଟକାଇ ପଚାରିଲା, "ପବନା, କ'ଣ ହୋଇଛି ? ତୁ ଆଜି କ'ଣ ପୂଜା କରିବାକୁ ସ୍କୁଲ ଯିବୁନି ?"

"ନା, ମୁଁ ସ୍କୁଲକୁ ଯିବିନି, ଆମ ଘରକୁ ଯିବି ।"

"ଆରେ, ପୂଜା ନ କରି ଘରକୁ ଯିବୁ, କାହିଁକି ?" ଟୁନା ପଚାରିଲା

"ମୋର ମାଆ କଥା ଭାରି ମନେ ପଡ଼ୁଛି । ମାଉସୀକୁ କେତେଥର କହିଲି, ସେ ଶୁଣିଲାନି । ପଇସା ବି ଦେଲାନି । ସେଥିଲାଗି ମୁଁ ଏକୁଟିଆ ଚାଲି ଚାଲି ଆମ ଗାଆଁକୁ ଯାଉଛି ।" ଆଖିରୁ ଲୁହ ପୋଛୁ ପୋଛୁ ଥଙ୍ଗେଇ ଥଙ୍ଗେଇ କହିଲା ପବନା ।

ପବନା ତା' ମାଉସୀ ଘରେ ରହି ପାଠପଢ଼େ । ଅନେକ ଦୂରରେ ତାଙ୍କ ଗାଆଁ । ପିଚୁ ସଡ଼କରେ କିଛି ବାଟ ଗଲାପରେ, ବଣୁଆ ପାଦଚଲା ରାସ୍ତାରେ ଯିବାକୁ ହୁଏ - ଏକଥା ଟୁନା ଜାଣିଛି । ଏତେ ଦୂର ବାଟ ପବନା ଚାଲି ଚାଲି କେମିତି ଯିବ ! ଯଦି ରାସ୍ତା ଭୁଲି ଅନ୍ୟ କୁଆଡ଼େ ଚାଲିଯାଏ !

ହାତ ଖର୍ଚ୍ଚ ପାଇଁ ମାଆ ଦେଇଥିବା କିଛି ଟଙ୍କା ତା ପାଖରେ ଥାଏ । ସେଇ ପଇସାରେ ସେ ପବନାକୁ ତାଙ୍କ ଗାଆଁକୁ ଯିବାଲାଗି ବସରେ ବସେଇ ଦେଇ ପାରନ୍ତା; କିନ୍ତୁ ସେ କ'ଣ ବସରୁ ଓହ୍ଲେଇଲା ପରେ ଠିକ ରାସ୍ତାରେ ଯାଇ ତାଙ୍କ ଘରେ ପହଞ୍ଚି ପାରିବ ? ପୁଣି ଏଠି ତା'

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବିଶେଷ ବିଷୁବ ସଂକ୍ରାନ୍ତି ୨୦୧୯

ମାଉସୀଙ୍କୁ ନ ଜଣେଇ ତାକୁ ସେମିତି ପଠେଇ ଦେବାଟା ଆଦୌ ଉଚିତ ହେବନାହିଁ ।

"ଆଛା, ତୁ ଗାଆଁକୁ ଯାଉଛୁ ବୋଲି ତୋ ମାଉସୀକୁ କହିଛୁ ଟି ?"

"ନାହିଁ, ମୁଁ କହିଲେ ପା' ସେ ମୋତେ ଜମା ଆମ ଘରକୁ ଛାଡ଼ୁନି । ଖାଲି ସ୍କୁଲ ଛୁଟିହେଲେ ଯିବା କହି ଠକି ଦଉଛି । ସବୁ ପିଲା ନିଜ ଘରେ ରହି ପାଠ ପଢ଼ିବାକୁ ସ୍କୁଲକୁ ଯାଉଛନ୍ତି । ମୁଁ କାହିଁକି ମାଉସୀ ଘରେ ରହିବି ଯେ ! ଆଜି ମୋ ମାଆ ପାଖକୁ ଯିବି । ସେଇଥିପାଇଁ ନା, ମାଉସୀକୁ ନ କହି ମୁଁ ଲୁଚିକି ଚାଲି ଆସିଛି । ତୋ ସାଙ୍ଗରେ କଥା କହି ମୋର ଡେରି ହୋଇଗଲାଣି । ବାଟଛାଡ଼, ମୁଁ ଶୀଘ୍ର ଆମ ଘରକୁ ଯାଏ ।" ପବନା ଥଙ୍ଗ ଥଙ୍ଗ ହୋଇ କହିଲା ।

"ତୋ ମାଉସୀ ଯଦି ତୋତେ ନ ପାଇ ଖୋଜନ୍ତି ?"

"ଖୋଜୁଥାଉ ।"

"ଏକୁଟିଆ ଦେଖି, ବାଟରୁ ଯଦି ପିଲା ଚୋର ତୋତେ ଉଠେଇ ନିଅନ୍ତି..."

"ନେଇଯାଆନ୍ତୁ ।" ଅଭିମାନ ଭରା କଣ୍ଠରେ ପବନା ଉତ୍ତର ଦେଲା ।

ତେଣେ ସ୍କୁଲରେ ପୂଜା ଆରମ୍ଭ ହୋଇଯିବଣି । ପବନାକୁ ଏଇଠି ଏମିତି ଛାଡ଼ିଯିବାଟା ଠିକ ହେବନାହିଁ; ତେବେ ତାକୁ ବାଧ୍ୟ କରି ସାଥିରେ ବି ନେଇ ପାରିବନି । ତେଣୁ ସେ ଟିକିଏ ଚିନ୍ତା କରି କହିଲା, "ଠିକ ଅଛି, ତୁ ତମ ଘରକୁ ଯିବାକୁ ଚାହୁଁଛୁ ଟି ? ତୋ ମାଉସୀ ତୋତେ କାହିଁକି ଛାଡ଼ିବେନି ? ମୋ ସାଥିରେ ଚାଲିଲୁ, ମୁଁ ତାଙ୍କୁ ଏ କଥା ପଚାରିବି । ଆଉ ଆଜି ଭିତରେ ତୋତେ ତୁମ ଘରକୁ ପଠେଇବି ।"

ଏଥର ଟୁନା, ପବନାକୁ ନେଇ ତା' ମାଉସୀ ଘରକୁ ଗଲା । ପୁତୁରାକୁ ନ ଦେଖି ଘରେ ବ୍ୟସ୍ତ ହୋଇ ଖୋଜୁଥା'ନ୍ତି । ଟୁନା ମାଉସୀଙ୍କ ପାଖରେ ପବନାକୁ ପହଞ୍ଚେଇ ସବୁ ଘଟଣା

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବିଶେଷ ବିଷୁବ ସଂକ୍ରାନ୍ତି ୨୦୧୯

ବର୍ଣ୍ଣନା କଲା ।

ମାଉସୀ ପବନାକୁ କୋଳକୁ ନେଉ ନେଉ ଟୁନାକୁ ଚାହିଁ କହିଲେ, "ନାନୀଘର ଗାଆଁରେ ନଇପାରି ହୋଇ ସ୍କୁଲ ଯିବାକୁ ପଡ଼େ ବୋଲି ପାଠ ପଢ଼ିବା ଲାଗି ସେ ପୁଅକୁ ଆମ ଘରେ ଛାଡ଼ି ଦେଇଛି । ପୁଅରେ, ତୁ ସ୍କୁଲ ପୂଜା ଛାଡ଼ି ମୋ ପବନାକୁ ପାଖରେ ଆଣି ପହଞ୍ଚେଇ ବଡ଼ ଉପକାର କରିଛୁ । ଠାକୁରେ ତୋର ମଙ୍ଗଳ କରନ୍ତୁ ।"

ସ୍କୁଲପୂଜା ଛାଡ଼ି ! ସତକଥା ତ, ସେ ଗଣେଶ ପୂଜା କଥା ଏଇ କିଛି ସମୟ ଲାଗି ପାସୋରି ଯାଇଥିଲା । ତୁରନ୍ତ ବିଦାୟ ମାଗି ଟୁନା ସାଇକେଲରେ ପେଡାଲ ମାରିଲା ।

ସେ ସାଜସଜ୍ଜା କରିଥିବା ପୂଜା ମଣ୍ଡପରେ ବସି ଆଜି କେମିତି ଦେଖାଯାଉଥିବେ ଶ୍ରୀଗଣେଶ ? ଅନ୍ୟ ସାଙ୍ଗମାନେ କଣ ସବୁ ମତାମତ ଦେଉଥିବେ ତୋରଣ ଆଉ ମଣ୍ଡପ ସମ୍ପର୍କରେ ? ଭଲ ହୋଇଛି ବୋଲି କହୁଥିବେ କି ତ୍ରୁଟି ଦର୍ଶାଇ ପରିହାସ କରୁଥିବେ ? ସେ ପହଞ୍ଚିଲା ବେଳକୁ ପୂଜା ସରି ଯାଇଥିବ କି ? ଏଥର କଣ ପୁଷ୍ପାଞ୍ଜଳି ବି ଦେଇ ହେବନି ? ଟୁନାର ମନରେ ଉଙ୍କି ମାରୁଥାଏ ଏମିତି ଅନେକ ପ୍ରଶ୍ନ ।

ସ୍କୁଲରେ ପହଞ୍ଚିଲା ବେଳକୁ ପୂଜା ସରିଗଲାଣି । ପିଲାମାନେ ପ୍ରସାଦ ସେବନ କରୁଥାନ୍ତି । ଟୁନାର ମୁହଁ ଶୁଖିଗଲା । ମନ ଦୁଃଖରେ ଘରକୁ ଫେରି ଆସିବାକୁ ସେ ଚିନ୍ତା କରୁଛି, ପଛରୁ ପ୍ରଶାନ୍ତ ସାରଙ୍କ ପାଟି ଶୁଭିଲା ।

"କିରେ ଟୁନା, ପୂଜାକୁ ଆସିବାରେ ଏତେ ବିଳମ୍ବ ହେଲା କାହିଁକି ? କିଛି ଅସୁବିଧା ହୋଇନି ତ ! ଇଆଡ଼େ ଚାହିଁଲୁ ! ଆରେ, ମୁହଁଟା ଏମିତି ଶୁଖିଲା ଦିଶୁଛି କାହିଁକି ? ତୁ ସଜେଇଥିବା ପୂଜା ମଣ୍ଡପ ଆଉ ତୋରଣ ଖୁବ ସୁନ୍ଦର ହୋଇଛି । ଅନ୍ୟ ଶିକ୍ଷକ ଏବଂ ଛାତ୍ରଛାତ୍ରୀ ତୋତେ ଭାରି ପ୍ରଶଂସା କରୁଥିଲେ; କିନ୍ତୁ ତୁ କୋଉଠି ରହିଗଲୁ ସେ.. ଘଟଣା

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବିଶେଷ ବିଷୁବ ସଂକ୍ରାନ୍ତି ୨୦୧୯

କ'ଣ ?"

ଟୁନା ପାଖକୁ ଆସି ସବୁ କଥା ଜଣେଇଲା । ସାର ତ ପବନାକୁ ଆଗରୁ ଜାଣିଛନ୍ତି; ଶୁଣି ସାରି, ଟୁନା ପିଠିକୁ ଥାପୁଡ଼େଇ କହିଲେ, "ତୁ ଆଜି ଗଣେଶ ପୂଜାକୁ ପଛରେ ପକେଇ, ଜଣକୁ ସାହାଯ୍ୟ କରି ବହୁତ ଭଲ ଆଉ ବଡ଼ କାମ କରିଛୁ । ପ୍ରକୃତରେ ଭଗବାନ ତାଙ୍କ ପୂଜା ଅର୍ଚ୍ଚନା ଅପେକ୍ଷା, ପରୋପକାର ଦ୍ୱାରା ଅଧିକ ସନ୍ତୋଷ ହୁଅନ୍ତି । ସଂସ୍କୃତରେ କୁହାଯାଏ - "ପରୋପକାରାୟ ସ୍ୱର୍ଗାୟ ।" ଆଉ ଓଡ଼ିଆରେ ଆମେ କହୁ - "ମାନବ ସେବା ହିଁ ମାଧବ ସେବା ।" ଗୋପବନ୍ଧୁ, ମଧୁବାବୁ, ମାଳତୀ ଚୌଧୁରୀ ଆଦି ଏମିତି ଜନସେବା କରି ହିଁ ଚିର ସ୍ମରଣୀୟ ହୋଇଛନ୍ତି ।"

ପ୍ରଶାନ୍ତ ସାରଙ୍କ କଥା ଶୁଣିବାକୁ ଅନ୍ୟ ଛାତ୍ରମାନେ ଜମା ହୋଇ ସାରିଥାଆନ୍ତି । ସାର କହିଲେ, "ପିଲାମାନେ, ପୂଜା ତ ସବୁବର୍ଷ ଆସୁଛି, ପୁଣି ଆଗକୁ ମଧ୍ୟ ଆସିବ । ହେଲେ, ଅସୁବିଧା କି ବିପଦରେ ପଡ଼ିଥିବା ମଣିଷକୁ, ଆମେ ଟୁନା ଭଳି ତୁରନ୍ତ ସାହାଯ୍ୟ କରିବା ଆବଶ୍ୟକ ।"

ବର୍ତ୍ତାଳାପର ଦିଗ ବଦଳେଇ ସାର କହିଲେ, "ତେବେ ସୁନାପିଲାଙ୍କ ହାତରୁ ପୂଜା ପାଇବାକୁ ଭଗବାନ ଗଣପତି ବେଶି ସମୟ ଅପେକ୍ଷା କରାନ୍ତି ନାହିଁ । ଆଜି ଟୁନା ଆଣିଥିବା ଭୋଗ ଗଣପତିଙ୍କ ପୂଜାରେ ଆଉଥରେ ବ୍ୟବହାର କରାଯିବ ।"

ସେ ପୂଜକଙ୍କୁ ଡକାଇ ଟୁନାର ପୂଜା ସାମଗ୍ରୀକୁ ଭୋଗ ଲଗାଇବା ସହ ଆଉଥରେ ପୁଷ୍ପାଞ୍ଜଳି ନିମନ୍ତେ ବ୍ୟବସ୍ଥା କରାଇଲେ ।

ମାମୁରିଆ ଛେଣ୍ଡିପଦା, ଅନୁଗୋଳ , ଓଡ଼ିଶା - ୭୫୯୧୨୪

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com
ବିଶେଷ ବିଷୁବ ସଂଖ୍ୟା ୨୦୧୯

# ଡର ଲାଗୁଛି



ପ୍ରଦୀପ ବନ୍ଧ

ଦୁଇ ଦିନ ହେଲା ମୁନା ଭାଇଙ୍କ ସମାଧି ପାଖ ଭଙ୍ଗା ବାଉଁଶରେ ଲଣ୍ଠନଟି ଦୁକୁ ଦୁକୁ ହେଇ ଜଳୁଚି ।

ଟିକେ ମୁହଁ ଅନ୍ଧାର ହେଲାପରେ ଘରୁ ପଦାକୁ ଆଉ ଡରରେ ଲୋକ ବାହାରୁ ନାହାନ୍ତି । ଆମ ଘରର ଠିକ୍ ଡାହାଣ ପାଖ ବାଡ଼ିରେ ତା'ର ସମାଧି । ମୋତେ ଟିକେ ଭୟ ଲାଗୁଥିଲେ ମଧ୍ୟ କାହିଁକି କେଜାଣି ଭାରି ଇଚ୍ଛା ହେଉଥିଲା ତାକୁ ଦେଖିବାକୁ । ମୁନା ଭାଇଟା ଟିକେ ବାହାରନ୍ତା କି ? ଦେଖାନ୍ତି, ମୋ ସହିତ ସେ ନିଶ୍ଚୟ କଥା ହେବ ।

ଏମିତି ଭାବୁ ଭାବୁ ଦାଣ୍ଡରେ ଠିଆ ହୋଇ ତା'ର ଫଟୋଟିକୁ ମୋବାଇଲରୁ କାଢି ଦେଖୁଥାଏ । ବିଶ୍ୱାସ କରି ପାରୁନଥାଏ ମୋ ଆଖିକୁ,ସତରେ କ'ଣ ମୁନା ଭାଇ ଆଜି ମାଟିତଳେ ଲୁଚିଯାଇଚି । ଏମିତି କେତେ କ'ଣ ଭାବୁ ଭାବୁ ଗଳା ଖଙ୍କାର ମାରି ଦାଣ୍ଡକୁ ବାହାରି ଆସିଲେ ଭକ୍ତ ଦାଦା ।

ପ୍ରଦୀପ ନା କିଏରେ କହି ମୋ ପାଖକୁ ଆସି ଗୁମ୍ ମାରି ଠିଆହୋଇଗଲେ ।

ତା'ପରେ କେତେ ଦୁଃଖ ସୁଖରେ ମଜିଗଲୁ ମୋ ପାଟିରୁ ମୁନା ଭାଇ ନାଁ'ଟା ବାହାରିଛି କି ନାହିଁ ଭୋ ଭୋ ହୋଇ କାନ୍ଦିବାକୁ ଲାଗିଲେ । ମୁଁ ବି ନିଜକୁ ସମ୍ଭାଳି ପାରିଲିନି ଦୁଇବର୍ଷ ହେଲା ଦେଖିନଥିଲି ଘରେ ପହଞ୍ଚୁ ପହଞ୍ଚୁ ତା ମରିବା ଖବର ଶୁଣି ଚକିତ ହୋଇ ଦଉଡି ଯାଇ ତା ଗାତ ପାଖରେ ଢେର କାନ୍ଦିଥିଲି, କେମିତିବା ଭୁଲିପାରିବି ଗାଁ ଗାଉଁଲି କଥା ଗାଁରେ ଯଦି

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବିଶେଷ ବିଷୁବ ସଂକ୍ରାନ୍ତି ୨୦୧୯

କେହି ଝୁଣ୍ଟି ପଡୁଥିଲା ମୁନା ଭାଇକୁ ପ୍ରଥମେ ଖୋଜା ପଡୁଥିଲା ।

ଏମିତି ପରଉପକାରୀ ସ୍ନେହିଁ ମଣିଷ ଖୋଜିଲେ ଶହେରେ ଗୋଟେ ସେ ହେଉଛି ମୁନା ଭାଇ । ଏତେ ପରେ ବି ଭକ୍ତ ଦାଦା ପିଲାଙ୍କ ଭଳି ଧକ୍କେଇ କାନ୍ଦୁଥାନ୍ତି ମୁନା ମୁନା ହୋଇ । ତାଙ୍କୁ ବୁଝେଇ ତୁନି କରିବା ପରେ କହିଲି ଦାଦା ମୁନାଭାଇ ଏହିଭଳି ଦିଶୁଥିଲା ନା କହି ମୋବାଇଲରୁ ଫଟୋ ଗୁଡିକୁ ଦେଖେଇ ଚାଲିଥାଏ । ଦାଦା ହଠାତ୍ ଚମକି ପଡିଲେ । "ଆରେ ସେ ପୂର୍ବ ଫଟୋଟା ଦେଖାଇଲୁ ।" ଦେଖେଇବା ପରେ ପ୍ରଶ୍ନ ଶୁଣି ମୁଁ ତାଜୁବ ହୋଇଯାଇଥିଲି । ଭକ୍ତ ଦାଦାଙ୍କୁ ଚାହିଁଥାଏ ।

ମୁନା ଛାତିକୁ ଆଉଜି ବସିଥିବା ବୋହୁଟା କିଏ ଏମିତି ମୋତେ ପଚାରି ଚାଲିଥାନ୍ତି ହେଲେ, ମୁଁ କିଛି ବୁଝିପାରୁନଥାଏ ତଥାପି ତାଙ୍କ କଥା ଶୁଣି ଭକ୍ତ ଦାଦାଙ୍କୁ କହିଲି "ତମେ କ'ଣ ଦାଦା ତୁମ ବୋହୂକୁ ଚିହ୍ନିପାରୁନ । ଏ ପରା ଲିନା ଭାଉଜ । ଯାହାକୁ ମୁନା ଭାଇ ତୁମକୁ ନ ପଚାରି ମନ୍ଦିରରେ ବିବାହ କରିଥିଲେ", ଏକଥା ମୋ ପାଟିରୁ ସରିଛି କି ନାହିଁ । ଭକ୍ତ ଦାଦା କହିଲେ, "ଆରେ ପଗଳା, ଲିନାକୁ ମୁଁ ଚିହ୍ନିନି, ସେ ପରା ମୋ ଲକ୍ଷ୍ମୀ ଠାକୁରାଣୀ, ମୋ କୁଳ ବୋହୂ ହାତଭାଗିନୀଟା ତାକୁ ନେଇ ମୋର କେତେ ଚିନ୍ତା କ'ଣ କରିବ ତା ପାଦରୁ ଅଳତା ଲିଭିନଥିଲା ଆଜି" ସେ କହୁ କହୁ ପୁଣି କାନ୍ଦି ପକେଇଲେ ଦାଦା ।

ମୁଁ ଆହୁରି ଯେତେ ଯାହା ପାଗଳଙ୍କ ଭଳି ଏଣୁ ସେଣୁ କହି ବୁଝେଇବାକୁ ଚେଷ୍ଟା କଲି ସେ ବୁଝିବାକୁ ନାରାଜ । ଶେଷରେ ବିଶ୍ୱାସ ହେଉନି ନା କହି ମୋ ହାତକୁ ଧରି ଟାଣି ଟାଣି ନେଇ ତାଙ୍କ ଘର ଦୁଆର ମୁହଁରୁ 'ବୋହୂମା ବୋହୁମା' ଡାକଛାଡି ମୋତେ ଭିତରକୁ ଟାଣି ନେଲେ ।

ହଠାତ୍ ଜଣେ ସ୍ତ୍ରୀଲୋକ ମୁଣ୍ଡରେ ଅଧା ଓଢଣା ଦେଇ ଡିବିରି ଧରି ଆମ ଆଡ଼କୁ ଚାଲି

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବିଶେଷ ବିଷୁବ ସଂକ୍ରାନ୍ତି ୨୦୧୯

ଆସି 'ହଁ ବାପା' କହି ମୋତେ ଦେଖିଦେଇ ଓଢଣାଟିକୁ ଟିକେ ଟାଣି ଦପ୍‌କିନା ଠିଆ ହୋଇଗଲେ । ମୁଁ ନିଜେ ଆଖିକୁ ଜମା ବିଶ୍ୱାସ କରିପାରୁନଥାଏ, ହାଁ ମାଇଲା ଭଳି ବକ ପାଲଟି ବଲ ବଲ କରି ଚାହିଁଥାଏ ଲିପାର ମୁହଁକୁ । ମୋତେ ହଲେଇ ଦେଇ ଭକ୍ତ ଦାଦା କହିଲେ ଏଥର ଦେଖିଲୁ ତ ତୋ ଲିନା ଭାଉଜଙ୍କୁ ।

ମୁଁ ହସିଦେଇ କହିଲି ଏତ ଲିପା, ଲିନା ଭାଉଜ କାହନ୍ତି, ମୋ ପାଟିରୁ କଥା ସରିଛି କି ନା ଲିପା କହିଲା, "ଲିପା କିଏ ମୁଁ ତ ଲିନା ।" କହି ଚାଲିଗଲା ।

ମୁଁ ଭକ୍ତ ଦାଦା ଆଉ ଖୁଡିଙ୍କୁ ସବୁ ଫଟୋ ଦେଖାଇ ପ୍ରମାଣିତ କରିଦେଲି ସମସ୍ତ ବାହାଘରଠାରୁ ଆଉ ଅନ୍ୟାନ୍ୟ ଫଟୋ ଦେଖି ସବୁଠୁ ବଡ଼ ପ୍ରମାଣ ମୁନା ଭାଇ ମନ୍ଦିରରେ ଲିନା ଭାଉଜଙ୍କୁ ସିନ୍ଦୁର ଦେବା ବେଳର ଫଟୋ ଦେଖି ଦାଦା ଖୁଡି ଦୁଇଜଣ ଯାକ ଆଶ୍ଚର୍ଯ୍ୟ ହୋଇ ଲିପାକୁ ଘରଭିତରୁ ଡାକି ସବୁ ପଚରା ଉଚୁରା କଲା ପରେ, ଲିପା ନିଜ ଭଉଣୀର ଦୁଃଖକୁ ଗୋଟି ଗୋଟି କରି କହିବାକୁ ଲାଗିଲା ।

ଲିନା ଦେଇ ମେଡିକାଲରେ ବିଭୁକୁ ଜନ୍ମଦେଲା ପରେ ଆମକୁ ଛାଡି ସବୁଦିନ ପାଇଁ ଆଖି ବୁଜି ଦେଲା । ତା'ପରେ ବିଭୁର ମୁହଁକୁ ଚାହିଁ ମୋ ବାପା ମାଆ ମୋତେ ପୁଣି ଏଙ୍କ ସହିତ ବିବାହ କରେଇଦେଲେ । ତମେ ପ୍ରଦୀପ ସେତେବେଳକୁ ଆମ ପାଖରୁ ଅଲଗା ହୋଇ ଦୂରରେ ରାହୁଥିଲ । ତା ପାଟିରୁ ଖୁସିର ଖବର ଟିକକ ଶୁଣି ମୁଁ ବିଭୁ ବିଭୁ ହୋଇ ଘରଟା ସାରା ଖୋଜି ପକେଇଲି । ଶେଷରେ ଲିପାକୁ ପଚାରିଲି ବିଭୁ କାହିଁ ଏକଥା ସବୁ ଶୁଣି ଦାଦା ଖୁଡି ଦୁଇଜଣ ଯାକ ଆଖିରୁ ଧାର ଧାର ଲୁହ ଗଡେଇ କାନ୍ଦୁଥା'ନ୍ତି । ହେଲେ ଲିପା ଏତିକି ବେଳେ ମୋ ପ୍ରଶ୍ନର ଉତ୍ତର ନଦେଇ ଦମ ଦମ ହୋଇ ଘର ଭିତରକୁ ଚାଲିଗଲା, ତା ପଛରେ ଧାଇଁ ଯାଇ ସବୁ ପଚାରିବାରୁ ସବୁ ଗୋଟି ଗୋଟି କରି ଉକାଳି ପକେଇଲା ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com
ବିଶେଷ ବିଷୁବ ସଂଖ୍ୟା ୨୦୧୯

ମୁଁ ବିଭୁକୁ ମାରିଦେଇଛି, କେମିତି ମାରିବିନି ଯେ ?

ମୋର କ'ଣ ସୁଖ ବୋଲି କିଛି ନାହିଁ । ଆମ ପ୍ରଥମ ମିଳନର ସୃଷ୍ଟିକୁ ତୁମ ଭାଇ ମୋ ଅଜାଣତରେ ମେଡିସିନି ଦେଇ ନଷ୍ଟ କରିଦେଲେ । ଯେତେବେଳେ ବି ପଚାରିଲି ଗୋଟିଏ ଉତ୍ତର, ବିଭୁ ପରା ଆମର ଗୋଟିଏ ପୁଅ ଆଉ କ'ଣ ଆବଶ୍ୟକ । ଏକଥା ଶୁଣି ସେଦିନ ରାତିରେ ଆମ ଘରେ ସମସ୍ତେ ଶୋଇବା ପରେ ବିଭୁର ତଣ୍ଟି ଚିପି ମୁଁ ତାକୁ ମାରିଦେଲି ।

ମିଛରେ କାନ୍ଦି କୁଟି ସମସ୍ତଙ୍କୁ ସିନା ବୁଝେଇ ଦେଲି, ହେଲେ ୟାଙ୍କ ମନରୁ ସନ୍ଦେହ ଦୂର କରିପାରିଲିନି । ବିଭୁ ଆଉ ଦେଇ କଥା ଭାବି ସବୁବେଳେ ନିଶାରେ ବୁଡି ରହିଲେ । ଅଧିକରୁ ଅଧିକ ମୋ କଥା ଭୁଲି ରାତି ରାତି ବାହାରେ ରାତି କଟେଇଲେ ।

କେମିତି ସବୁ ସହିଥା'ନ୍ତି । ତା'ପରେ ୟାଙ୍କୁ ବୁଝେଇ ସୁଝେଇ ଧରି ଘରକୁ ଆସିଲୁ ସେ ମୋତେ ଆସିଲା ବେଳେ କହିଥିଲେ ତମେ ଲିପା ବୋଲି ତମ ପରିଚୟ ବାପା ବୋଉଙ୍କୁ ଦେବନି, ଲିନା ବୋଲି ସମସ୍ତଙ୍କୁ ପରିଚୟ ଦେବ, କିଏ ଦେଖିଚି ତମକୁ ନା ତମ ଦେଇଙ୍କୁ । ଏଠାରେ ଆସି ପହଁଚିଲା ପରେ ସମସ୍ତେ ମୋତେ ନେଇ ଖୁସି ଥିଲାବେଳେ ଇଏ କିନ୍ତୁ ଆଡେଇ ଚାଲିଥିଲେ ।

ବର୍ଷ ବର୍ଷ ବିତିଗଲା ଆଉ ସହିପାରିଲିନି । ସେଥିପାଇଁ ଶେଷରେ ୟାଙ୍କ ଖାଇବାରେ ବିଷ ଦେଇ ୟାଙ୍କୁ ବି ମାରିଦେଲି । ଏତିକି କହି କବାଟ ବନ୍ଦ କରିଦେଲେ ଲିପା ।

ଏକଥା ଶୁଣି ଆଖି ଓଦା ହେଇ ଯାଉଥିଲା, ପାଦତଳ ମାଟି ଖସି ଖସି ଯାଉଥାଏ । ଦାଦା ଖୁଡି ଦୁଇଜଣ ଯାକ ପଥର ପାଲଟି ଯାଇଥା'ନ୍ତି । କିଛି ସମୟ ନିଜକୁ ଦୃଢ଼ କରି ସମସ୍ତଙ୍କୁ ବୁଝେଇବାକୁ ଭାବିଲା ବେଳକୁ, ଲିପାଟା ବି ବିଷ ଖାଇଦେଇଛି ବୋଲି କହି ଚେତାଶୂନ୍ୟ ହୋଇଗଲା ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ବିଶେଷ ବିଷୁବ ସଂକ୍ରାନ୍ତି ୨୦୧୯

ମୋତେ ଚାରି ଆଡ଼େ ଅନ୍ଧାର ଦିଶୁଥାଏ କ'ଣ କରିବି, କୁଆଡେ ଯିବି, ତାକୁ ମେଡିକାଲ ନେବା ବାଟରେ ସେ ବି ପର କରି ଆଖି ବୁଜିଦେଲା । ହେଲେ ଭକ୍ତ ଦାଦା ଆଉ ଖୁଡି ଆଜି ବି ପୁଅ ବିହୁନରେ ଝୁରି ଝୁରି କାନ୍ଦୁଛନ୍ତି । କ'ଣ ଦୋଷ କରିଥିଲେ ଏ ବାପ ମାଆ ଦୁଇଟି, ଏମିତି ଭଗବାନ ତାଙ୍କ ସହିତ କାହିଁକି ବାଘ ବଜାରି ଖେଳ ଖେଳିଲା ।

ଭାବିଲା ବେଳକୁ ଏ ସମାଜକୁ ବି ଡର ଲାଗୁଚି, ତ ମଣିଷଙ୍କୁ ଦେଖିଲେ ଭାରି ଡର ଲାଗୁଚି । ।

ପ୍ରଦୀପ ବନ୍ଧ, ଭଦ୍ରକ, ବାସୁଦେବପୁର

ସାନମଛୁଆଘାଇ,ରାଜଘରପୋଖରୀ


**ହ୍ୱାଟ୍ସଆପ୍ ଦ୍ୱାରା ଲେଖା ପଠାନ୍ତୁ ନାହିଁ, ପ୍ରକାଶନ ହେତୁ ଗ୍ରହଣ କରାଯିବ ନାହିଁ । ଧନ୍ୟବାଦ**

ଚଳିତ ସଂସ୍କରଣ ନିମନ୍ତେ ଶେଷ ତାରିଖ ପର୍ଯ୍ୟନ୍ତ ମିଳିଥିବା ସମସ୍ତ ଲେଖା ପତ୍ରିକାରେ ପ୍ରକାଶିତ କରାଯାଇଛି, ଯେଉଁମାନଙ୍କର ଲେଖା ପ୍ରକାଶିତ ହୋଇନାହିଁ, ସେମାନେ ପୁଣିଥରେ ପଠାଇ ପାରିବେ । ପ୍ରତ୍ୟେକ ମାସରେ ପ୍ରକାଶିତ ହୁଏ ଆହ୍ୱାନ ଇ-ପତ୍ରିକା, ତାହେଲେ ଆପଣ କେବେ ବି ବିଳମ୍ବ ହେବେ ନାହିଁ । ଚଳିତ ମାସରେ ନ ହେଲେ ଆପଣ ଆଗାମୀ ମାସରେ ପତ୍ରିକାରେ ସ୍ଥାନ ପାଇବେ ।

**ଆଗାମୀ ସଂସ୍କରଣ ନିମନ୍ତେ ଆପଣଙ୍କ ଲେଖା ମଇ ମାସର ୩ ତାରିଖ ସୁଦ୍ଧା ପହଞ୍ଚିବା ଦରକାର ।**

ବିଶେଷ ବିଷୁବ ସଂଖ୍ୟା ୨୦୧୯

# ଭାଇ



ସୀତାରାମ ଦାଶ

ଲିପା ଆଜି ଢେର କଥା ଶୁଣାଇଦେଲା ଭାଇକୁ । ଦିନେ ଯାହା ଆଗରେ ମୁଣ୍ଡ ଉଠାଇ ବାଟ ଚାଲି ନଥିଲା, ଆଜି ମୁହେଁ ମୁହେଁ ଜବାବ ଦେଲା । ଭାଉଜ ବି ବାଦ ପଡ଼ି ନଥିଲେ । ଭାଉଜ କେବଳ ଏତିକି କହିଲେ, "ଲିପା ସେ ତୁମ ବଡ଼ ଭାଇ, କଥାବାର୍ତ୍ତା କିପରି କରାଯାଏ ଜାଣିନ ?" ଲିପା ବି କଠୋର ଶବ୍ଦରେ ଜବାବ ଦେଲା, "ମୁଁ ଜାଣିଛି, ମତେ ସେ କେତେ ବଡ଼ ଘରେ ଦେଇଥାନ୍ତା । ଦିନେ ଅଧେ ନୁହେଁ, ଦୁଇ ବର୍ଷ ହେବ ସବୁଦିନ ଶୋଧା, ଗାଳି । ହଁ ମୁଁ ଭୁଲ କରିଛି, ତା ବୋଲି ଅଭାଷା ଭାଷା ଯାହା ମନକୁ ଆସିବ । ଅଶିକ୍ଷିତ ମୂର୍ଖ ବି ଏପରି ଶବ୍ଦ ମୁହଁରେ ଧରିବେନି ।" ଏତିକିରେ ସମସ୍ତଙ୍କ ମୁହଁ ବନ୍ଦ । ସମସ୍ତେ ନିରବ, ଘରେ ରୋଷେଇ ବାସ ବନ୍ଦ ।

ଅପରାହ୍ନରେ ଲିପା ଛାତ ଉପରେ ବସି ଦୂର ଦିଗବଳୟର ଭସା ବାଦଲ ସମୂହକୁ ଦେଖି କେତେ କଣ ଭାବି ଚାଲିଛି । ଜୀବନରେ ଭଲ ନ ପାଇବାକୁ ପଣ କରିଥିବା ସ୍ୱାଭିମାନୀ ଝିଅଟି କେଉଁ ଏକ ଦୁର୍ବଳ ମୁହୂର୍ତ୍ତରେ ମନ ଦେଇ ବସିଛି ମନର ରାଜକୁମାରକୁ । ପ୍ରେମ କେହି କେବେ କରେନି, ଆପେ ଆପେ ହୋଇଯାଏ । ପ୍ରେମ ତ ଈଶ୍ୱରଙ୍କ ଅବଦାନ, ପ୍ରେମ ଶାଶ୍ୱତ, ଚିରନ୍ତନ । ପ୍ରେମ କାହାକୁ ବାଟବଣା କରେ, କାହାକୁ ଆବାହନ କରେ, କାହାକୁ ନେଇ କୋଉଠି ପହଞ୍ଚାଏ ତାର କାଉରୀ ଛୁଆଁରେ । ଝିଅଟିଏ ଚାହେଁ ସୁନ୍ଦର ମନଟିଏ, ଯିଏକି ବୁଝିପାରୁଥିବ ତା ହୃଦୟକୁ, ସୁଖ ଦୁଃଖରେ ସାଥି ହୋଇ ଚାଲିଥିବ ସାରା ଜୀବନ । ଲିପା ବି ତାର ମନର ମଣିଷକୁ ନେଇ ଦେଖିଥିଲା ଅନେକ ସ୍ୱପ୍ନ, ସାଇତି ଥିଲା ଅନେକ ସ୍ମୃତି ଆଉ ଅନେକ ଅକୁହା କାହାଣୀ । ହେଲେ ଆଜି ତା ପାଇଁ ଚାରିଆଡେ

ଆହ୍ୱାନ-ପତ୍ରିକା

 Magazine Downloaded from www.aahwaan.com

ବିଶେଷ ବିଷୁବ ସଂଖ୍ୟା ୨୦୧୯

ଅନ୍ଧକାର, ଜୀବନଯାତ୍ରା ଆରମ୍ଭରୁ ବାଟବଣା । ପରିବାରର ସମସ୍ତେ ଦେଉଛନ୍ତି ନିନ୍ଦା, ଆଉ ଅପବାଦ । ଯେଉଁ ବାପା ଦଣ୍ଡେ ନ ଦେଖିଲେ ବ୍ୟସ୍ତ ହୋଇପଡ଼ନ୍ତି ସେ ଆଜି କଥା କହୁନାହାନ୍ତି । ବାପାଭାଇଙ୍କ ମୁହଁକୁ ଲାଜରେ ଚାହିଁପାରୁନି ଲିପା । ସାହିଭାଇରେ ଅନେକ ଗୁଜବ । କିଏ କେତେ କଥା କହୁଛି । ଲିପାର ଆଜି ଇଚ୍ଛା ହେଉଛି ଘର ଛାଡ଼ି ଚାଲିଯିବ ନ ହେଲେ କରିବ ଆତ୍ମହତ୍ୟା ।

ନିଲୁ (ଲିପାର ଭାଇ) ଦୃଢ଼ ବିରୋଧ କରିଛି ବିବାହ ପାଇଁ । ଘରେ ସମସ୍ତଙ୍କୁ ଗାଳି ଦେଇଛି । ଝିଅର ତଣ୍ଟି ଚିପି ଦେବାକୁ କହିଛି ବାପାଙ୍କୁ । ଲିପା ମନେ ପକାଇଛି ବିଗତ ଅତୀତକୁ । ଭାଇ ଭଉଣୀ ଗୋଟିଏ ଶ୍ରେଣୀ ଆଗପଛ ହୋଇ ପଢ଼ନ୍ତି । ସାଙ୍ଗ ହୋଇ ସ୍କୁଲ ଟିଉସନ ଯିବା ଆସିବା, ଫେରିବା ବାଟରେ ଆମ୍ବ, କଇଁଆ ସଂଗ୍ରହ ଠାରୁ ଆରମ୍ଭ କରି ଗାଁ ପୋଖରୀରୁ ମାଛ ଧରିବା ପର୍ଯ୍ୟନ୍ତ ସବୁ କାମ ଏକାଠି କରନ୍ତି । ଖାଇବାକୁ ଦେବାଠୁ ପୋଷାକପତ୍ର ସଫା ପର୍ଯ୍ୟନ୍ତ ଭାଇର ସବୁ କାମ ଲିପା କରିଦେଉଥିଲା ।

ନିଲୁର ମନ ବହୁତ ଦୁଃଖ । ଭଉଣୀକୁ ନେଇ ଅନେକ ଆଶା ଥିଲା । ନିଜ ଭଉଣୀ କେବେ ଏଭଳି କାମ କରିବନି ବୋଲି ଗର୍ବର ସହ ନିଲୁ କହି ବୁଲେ । ଗୋଟିଏ ବୋଲି ଭଉଣୀ, ବଡ ଘରେ ବିବାହ ଦେଇଥାନ୍ତେ । ସବୁଠୁ ସବୁ ଜିନିଷ କରି ରଖିଛନ୍ତି ଭଉଣୀ ପାଇଁ । ଅନେକ ଭଲ ଭଲ ପ୍ରସ୍ତାବ ଆସୁଥିଲା । ଭଲପାଇ ବାହା ହେବ । ଶାଶୁ ଶଶୁର କଣ ନାଇଁ କଣ କହିବେ । ବହୁତ ମାନସିକ ଚିନ୍ତାରେ ରହୁଥିଲା ନିଲୁ ।

ଲିପା ସମସ୍ତ ବିବାହ ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରି ଚାଲୁଥାଏ । ଶେଷରେ ବୋଉ ବାପାଙ୍କୁ ବୁଝାଇଲେ ଯଦି ଝିଅ ଭଲମନ୍ଦ କରିବସେ । ଗୋଟିଏ ବୋଲି ଝିଅ, ସେ ଯଦି ରାଜି ଆମର କଣ ଅଛି । ଆମ ଦୋଷ ତ ଆଉ ଦେବନି । ଅନେକ ବିଚାର ବିମର୍ଷ ପରେ, ଅନେକ ଘାତ ପ୍ରତିଘାତ ପରେ ଦୁଇ ପରିବାର ରାଜିହେଲେ ବିବାହ ପାଇଁ କିନ୍ତୁ ସବୁ କ୍ଷେତ୍ରରେ ଅପମାନିତ ହେଉଥିଲେ କନ୍ୟା ପକ୍ଷ ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବିଶେଷ ବିଷୁବ ସଂସ୍କରଣ ୨୦୧୯

ଆଜି ବିଭାଘର । ସମସ୍ତେ ଖୁସି ଥାଆନ୍ତି ହେଲେ ନିଲୁର ଅନ୍ତର କାନ୍ଦୁଥାଏ । ଦୁଃଖରେ ନୁହେଁ, ଭଉଣୀର ଚିନ୍ତାରେ । ନିଜ ଇଚ୍ଛାରେ ବାହାହେଲା, କଣ ହେବ କଣ ନାଇଁ । କେତେ କଥା କହିଛି ବିଚାରିକୁ । ଆଜିଠୁ ସାଙ୍ଗରେ ଖାଇବାକୁ କେହି ନାହିଁ, ପୋଷାକ ପତ୍ର ସଫା କରିବାକୁ କେହି ନାହିଁ, ସତରେ ଭଉଣୀ ନିଜର ହୋଇ ବି ନିଜର ନୁହେଁ । ଝିଅ ବିଦା ହେବା ସମୟରେ ଭାଇ ଭଉଣୀଙ୍କ କାନ୍ଦରେ ସମସ୍ତେ ଭାବବିହୋଳ ହୋଇଗଲେ । ଲିପା ଭାଇକୁ ଧରି ଭେଁ ଭେଁ ରଡି ଛାଡୁଥାଏ । ସମସ୍ତେ ନିରବ ଆଉ ନିସ୍ତବ୍ଧ । କିଛି ଲୋକ ଜୋର କରି ଅଲଗା କଲେ ଦୁଇ ଜଣକୁ । ବର କନ୍ୟା ବିଦାୟ ବେଳାରେ ନିଲୁ ଲିପାର ଶାଶୁ ଶଶୁର ଓ ସ୍ୱାମୀଙ୍କୁ କାନ୍ଦି କାନ୍ଦି କହିଲା, ମୋ ଭଉଣୀ ତୁମକୁ ଲାଗିଲା ତାକୁ ଟିକେ ଭଲ ମନ୍ଦରେ ଚଳେଇ ନେବ ।

ବିବାହର କିଛି ଦିନ ପରେ ଲିପା ଭାବି ସ୍ୱାମୀଙ୍କ ସହ ଦିଲ୍ଲୀ ଚାଲିଗଲା । ଦୁଇପକ୍ଷ ଲୋକଙ୍କର ରାଗରୁଷା ଆଉ ଆଗପରି ନାହିଁ । ଚାରିମାସ ପରେ ନିଲୁ ବାହାରିଲା ଲିପା ପାଖକୁ ଯିବାକୁ । ବୋଉ ମନା କଲେ । କହିଲେ, "ଏତେ ବାଟ କାହିଁକି ଯିବୁ, ଦୁଇମାସ ପରେ ତ ସେମାନେ ଆସିବେ ।" ଖାଲି ଖାଲି ଗୁଡ଼ାଏ ପଇସା ଖର୍ଚ୍ଚ । କିନ୍ତୁ ରହିପାରିଲାନି ନିଲୁ । ଭଉଣୀର ସ୍ନେହ ଆଗରେ ସବୁ ଲାଗିଲା ଫିକା । ଟଙ୍କା ଆଜି ନ ହେଲେ କାଲି ଆସିବ ।

ଏୟାରପୋର୍ଟରେ ଅପେକ୍ଷା କରିଛି ଲିପା, ଭାଇ ପାଇଁ । କିଛି ସମୟ ପରେ ନିଲୁଭାଇ ପହଁଚିଲେ । ଲିପା ଆନନ୍ଦରେ କୁଣ୍ଢାଇ ପକାଇଲା । ତା ଅଜାଣତରେ ବହି ଚାଲିଥାଏ ଦୁଇ ଆଖିରୁ ଲୁହ । ମନେ ମନେ ଭାବୁଥାଏ "ଯେଉଁ ଭାଇ ମୋ ବାହାଘରକୁ ବେଶୀ ବିରୋଧ କରୁଥିଲା ସେଇ ଭାଇ ବାହାଘରରେ ସବୁଠୁ ବେଶୀ କାନ୍ଦିଲା ଏବଂ ସୁଦୂର ଦିଲ୍ଲୀ ମଧ୍ୟ ପ୍ରଥମ ଆସିଲା । ସତରେ ସବୁ ଭାଇମାନେ ହିଁ ଏମିତି ।"

ସାନମୂଳାଇ, କଟକ, ଓଡ଼ିଶା

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com
ବିଶେଷ ବିଷୁବ ସଂଖ୍ୟା ୨୦୧୯

# ସହିବାର ସୀମା ସରିଗଲା



ମହେଶ୍ୱର ସାହୁ

ରାମୁ ଓ ଗୋପାଳ ନାମକ ଦୁଇଟି ପିଲା ସାଥିରେ ପଢ଼ନ୍ତି । ସବୁବେଳେ ମିଳିମିଶି ହସ ଖୁସିରେ ଦିନ କାଟନ୍ତି । ଦିନେ ଜଣେ ଅନ୍ୟକୁ ନଦେଖିଲେ ପାଗଳ ହେଇଯାନ୍ତି । ପାଖ ଗାଁରେ ତାଙ୍କର ସହପାଠୀମାନେ ଏମାନଙ୍କ ବନ୍ଧୁତାରେ ବହୁତ ଈର୍ଷାନ୍ୱିତ ହୁଅନ୍ତି । ସେଇ ପାଖଗାଁରେ ବଟୁ ନାମକ ଜଣେ ପିଲା ସବୁବେଳେ ଏମାନଙ୍କ ବନ୍ଧୁତ୍ୱରେ ଅଧିକ ଈର୍ଷାନ୍ୱିତ ହୁଏ ଆଉ କଳହରେ ଲିପ୍ତ ରହେ ସର୍ବଦା । ତାର ଏହି ପାଗଳାମି ଓ ହିଂଶା ମନୋଭାବ ଦେଖି ରାମୁ ଓ ଗୋପାଳ ଦୁଇଜଣ ବେଶ ବୁଝିପାରନ୍ତି ଯେ ବଟୁ ସେମାନଙ୍କୁ ଈର୍ଷା କରୁଛି ବୋଲି ।

ଖଲୁଆ ଲୋକର ଅଭ୍ୟାସ ସବୁବେଳେ ଅନ୍ୟର ମନ୍ଦ ଚିନ୍ତା କରିବା, ତେଣୁ ବଟୁ ମଧ୍ୟ ସେଇ ଅଭ୍ୟାସର ଲୋକ । ବଟୁ ସବୁ ବେଳେ ଲକ୍ଷ୍ୟ କରୁଥାଏ ଦୁଇ ଜଣଙ୍କ ମଧ୍ୟରେ କେମିତି ଖଳ ଲଗେଇ ନିଜେ ମଜା ନେବ । ଏମିତି ସୁଯୋଗ ଖୋଜି ହେଉଥାଏ ବଟୁ । ଏମିତିରେ ଦିନେ ରାମୁ ଓ ଗୋପାଳ ଖେଳୁଥାନ୍ତି ତାହା ବଟୁ ନଜରରେ ପଡ଼ିଗଲା । ବଟୁ ଉପାୟ ଖୋଜିଲା କେମିତି ଗୋପାଳ ଓ ରାମୁ ମଧ୍ୟରେ ସଂଘର୍ଷ କରାଇବ । ଏହି ଚକ୍ରାନ୍ତରେ ସେ ସୁଯୋଗ ଖୋଜି ଚାଲିଥାଏ ।

ଖେଳ ସରିବା ପରେ ରାମୁ ଓ ଗୋପାଳ ଦୁଇଜଣ ପଢ଼ିଆରୁ ଘରକୁ ଫେରିବାକୁ ବାହାରିଲେ । ରାମୁ ଗୋପାଳକୁ କହିଲା, "ଦେଖ ଗୋପାଳ ଆଜି ଆମେ ଯେମିତି ମଜା କଲେ ସେମିତି କାଲି ମଧ୍ୟ ତୁ ଆସିବୁ ଆଉ ଦୁଇଜଣ ମିଶି ଖେଳିବା ।" ରାମୁ କହିଲା, "ହଁ ରେ ତୋ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବିଶେଷ ବିଷୁବ ସଂଖ୍ୟା ୨୦୧୯

ଛଡ଼ା ମୋ ସହିତ ଖେଳିବାକୁ ଆଉ କିଏ ଅଛି ଯେ !" ଏମିତି ସାଥି ହୋଇ ଦୁଇଜଣ କଥାବାର୍ତ୍ତା ହୋଇ ଘରକୁ ଫେରିଲେ ।

ଘରେ ଆସି ପହଁଚିଲା ପରେ ରାମୁର ମାଆ ରାମୁକୁ ବାଡ଼େଇବାକୁ ଆସି କହିଲେ, "କିରେ ତମେ କଣ ଦୁଇଜଣ ମିଶି ସବୁବେଳେ ଖେଳୁଛ । ଅନ୍ୟର ବାଡ଼ିରେ ପଶି ଚୋରିକରି ଆମ୍ବ ଖାଉଛ ?"

ରାମୁ କହିଲା, "ହଁ ମାଆ ଆମେ ଦୁଇଜଣ ସାଥି ହୋଇ ଖେଳୁଛୁ ହେଲେ କାହା ବାଡ଼ିରେ ଆମ୍ବ ଚୋରି କରୁନାହୁଁ ।"

ରାମୁର ମାଆ ଆହୁରି ରାଗି କହିଲେ ତମେ ଦୁଇଜଣ ନିଲୁ ଦିଦି ଆମ୍ବ ବାଡ଼ି ପାଖରେ ଖେଳୁଥିଲ କି ?

ରାମୁ କହିଲା, "ହଁ ଖେଳୁଥିଲୁ ହେଲେ ତାଙ୍କ ବାଡ଼ିରେ ବହୁତ ଆମ୍ବ ପାଚିଛି ଆମେ ଗୋଟେ ବି ହାତ ଲଗେଇନାହୁଁ ।"

ମାଆ ବହୁତ ରାଗିଗଲେ, କାହିଁକି ନା ନିଲୁ ଦିଦି ତାଙ୍କ ଘରକୁ ଆସି ବୋହେ ଗାଳି ଗୁଲଜ କରି ଯାଇଛନ୍ତି । ଏମିତି ଅବସ୍ଥା ଗୋପାଳର ମଧ୍ୟ ! କାରଣ ନିଲୁ ଦିଦି ମଧ୍ୟ ତାଙ୍କ ଘରକୁ ଯାଇଥିଲେ ଏଇ ଆମ୍ବ ଚୋରି ପାଇଁ ।

ରାମୁ ଓ ଗୋପାଳ ଦୁହେଁ ଚୋରି ନ କରି ମଧ୍ୟ ପ୍ରବଳ ମାଡ଼ ଖାଇ କାନ୍ଦିକୁନ୍ଦି ଘରେ ଶୋଇଲେ । ତହିଁ ଆର ଦିନ ରାତିପାହି ସକାଳ ହେଲା ରାମୁ ଓ ଗୋପାଳ ନିଜର ନିତ୍ୟକର୍ମ ସାରି ବିଦ୍ୟାଳୟ ଗଲେ । ସେମାନଙ୍କର ଗୋଟିଏ ଚିନ୍ତା ଆମେ ଆମ୍ବ ନ ଖାଇ ମଧ୍ୟ ଘରେ ବେତ ପାହାର ପଡିଲା । ବିଦ୍ୟାଳୟରେ ମଧ୍ୟ ଯେତେକ ସାଙ୍ଗସାଥୀ ହସୁଥାନ୍ତି ରାମୁ ଗୋପାଳଙ୍କୁ ଦେଖି । ଆଉ କେହି କେହି କହି ଦେଉଥାନ୍ତି ଆସିଗଲା ଆମ୍ବ ଚୋର । ହେ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବିଶେଷ ବିଷୁବ ସଂକ୍ରାନ୍ତି ୨୦୧୯

ଭଗବାନ ଆମେ ଆମ୍ବ ଖାଇନାହୁଁ କିନ୍ତୁ ମିଛ ଅପବାଦ କେମିତି ସହିବୁ । ଏମତି ବହୁତ ନିନ୍ଦା ଶୁଣୁଥାନ୍ତି ଦୁଇଜଣ । ବିଦ୍ୟାଳୟରେ ବଟୁ ମଧ୍ୟ ଭେଟ ହେଲା । ସେ ତ ଗର୍ବୀ ଆଉ ଅହଙ୍କାରୀ । ସେ ମଧ୍ୟ ଦେଖେଇ ଦେଖେଇ ନାକରେ ଆଙ୍ଗୁଳି ଦେଇ ମୁରୁକି ମୁରୁକି ହସ ଛାଡି ଦେଉଥାଏ ।

ଆଜି ଦୁଇ ଜଣ କଥା ହେଲେ ଯେ କି ଆମେ ସେଇ ଆମ୍ବ ତୋଟାରେ ନ ଖେଳି ଚାଲ ପୋଖରୀ ହୁଡ଼ାରେ ଖେଳିବା । ଆଜି ପୋଖରୀ ହୁଡ଼ାରେ ଖେଳ ଆରମ୍ଭ ହେଲା ଆଉ ଖେଳ ସାରି ଘରେ ପହଁଚିଲେ ଦୁଇ ଜଣ ଯାକ ।

ଆଜି ପୁଣି ସେଇ ଅବସ୍ଥା । ମାଆଙ୍କର ବେତ ପାହାର । ଆମର ଭୁଲ କଣ ଯେ । ମା କହିଲେ ଆଜି ହୀରାଦିଦି ଆସିଥିଲେ ଆଉ କହିଲେ ତମେ ଦୁଇଜଣ କୁଆଡେ ତାଙ୍କ ବାଡ଼ିରେ ଥିବା ଫସଲ ଗଛ ଗୁଡାକୁ ମାଡ଼ି ଚକଟି ସେଥିରେ ଖେଳୁଥିଲ । ଦୁଇଜଣଙ୍କ ଅବସ୍ଥା ଏମିତି ଯେ ସେମାନଙ୍କର ମାଆ ଓ ବାପା ବିନା କାରଣରେ ବାଡେଇ ଲହୁ ଲୁହାଣ କରିଦେଉଛନ୍ତି । ବଟୁ ତ ନାଟ ଲଗେଇ ମଜା ଉଠାଉ ଥାଏ । ବଟୁ ଏମିତି ପଛରେ ପଡିଯାଇଥାଏ ଯେ ସବୁବେଳେ ସଜ ମାଛରେ ପୋକ ପକେଇଲା ଭଳି ଅପବାଦ ମିଳୁଥାଏ ରାମୁ ଓ ଗୋପାଳକୁ । ରାମୁ ଓ ଗୋପାଳ ଦୁଇଜଣ ଯାକ ଗୋଟିଏ ବୁଦ୍ଧି ପାଞ୍ଚିଲେ ଯେ ଆମେ କଣ କରିବା ଆଉ ଆମ ପଛରେ ଏମିତି ଅନ୍ୟାୟ ହେଇ ଚାଲିଥିବ । କେତେ ଦିନ ସହିବା ଏପରି ଅନ୍ୟାୟ ଆଉ ଅବିଚାରକୁ !

ରାମୁ ଓ ଗୋପାଳ ଦୁଇଜଣ ସାଙ୍ଗ ହୋଇ ବସିଥାନ୍ତି । ଆଜି କୌଣସି ଖେଳ କୁଦ ନଥାଏ । ବିଚାର ଚାଲିଥାଏ ଦୁଇ ଜଣଙ୍କ ଭିତରେ ଯେ କି ଆମ ସହିତ ଅନ୍ୟାୟ କାହିଁକି ହେଉଛି । ଏମିତି ସେମାନେ ଖେଳ କୁଦ ଛାଡି ଘରେ ବସି ଆଲୋଚନା କରନ୍ତି ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବିଶେଷ ଶିଶୁର ସଂସ୍କରଣ ୨୦୧୯

ବଟୁ କିଛି ଦିନ ହେଲା ଦେଖୁଛି ଯେ କି ରାମୁ ଆଉ ଗୋପାଳଙ୍କର କଣ ହେଇଛି ଯେ କିଛି ଦିନ ହେଲା ଖେଳ ନାହିଁ କି ବୁଲା ବୁଲି ନାହିଁ । କଣ ହେଇଛି ? କାହିଁକି ଏମାନେ ବାହାରେ ଦେଖା ଦେଉନାହାନ୍ତି ? ଖେଳିବା ସମୟରେ କୁଆଡେ ଯାଉଛନ୍ତି ଦୁଇଜଣ ? ବିଦ୍ୟାଳୟ ଆସୁଛନ୍ତି କିନ୍ତୁ ଦୁଇଜଣଙ୍କର ଖୁସିବାସୀ ନାହିଁ ! ଚିଙ୍ଗା ପାଇଗଲେ କି ? ଘରେ ମାଡ଼ ତା ସହିତ ବିଦ୍ୟାଳୟରେ ସମାଲୋଚନା କିଏ ବା ସହିବ ! ବୋଧ ହୁଏ ମନାନ୍ତର ହୋଇ ଯାଇଛି ଦୁଇ ଜଣଙ୍କର । ଭଲ ହେଇଛି ରେ ପୁଅ ନାମ ନିଅ ! ଏମିତି ବହୁତ ଭାବନା ଭିତରେ ରହିଥାଏ ବଟୁ । ମଝିରେ ଖୁସି ହେଉଥାଏ । ପୁଣି ଚିନ୍ତା କରୁଥାଏ ।

ଏମିତି କିଛି ଦିନ ବିତିଗଲା । ବିଦ୍ୟାଳୟ ଛୁଟି ହେବା ଉତ୍ତାରୁ ଦୁଇଜଣ ଘରକୁ ଫେରୁଛନ୍ତି । ଦୁଇ ଜଣଙ୍କ ଭିତରେ ଅଧିକ ବାର୍ତ୍ତାଳାପ ନ ଥାଏ । କିନ୍ତୁ ସାଥିରେ ଫେରୁଥାନ୍ତି ଓ ଯାଉଥାନ୍ତି ମଧ୍ୟ । ବଟୁ ସେମାନଙ୍କର ପ୍ରତ୍ୟେକଟି ମୁହୂର୍ତ୍ତକୁ ଲକ୍ଷ୍ୟ କରୁଥାଏ କଣ ହେଇଛି ଯେ ଦୁଇଜଣଙ୍କର । ହେଲେ ମନ୍ଦ ବୁଦ୍ଧିରେ ସୁଚିନ୍ତା କେମିତି ଆସିବ ଯେ । ରାମୁ ଓ ଗୋପାଳ ବିଦ୍ୟାଳୟରୁ ଫେରୁଥିବା ସମୟରେ ବଟୁ ସେମାନଙ୍କ ଉପରକୁ ଗୋଟିଏ ଛୋଟିଆ ପଥର ଫିଙ୍ଗିଦେଲା । ପଥରଟି ରାମୁ ଉପରେ ବାଜିଲା । ହଠାତ ରାମୁ ବୁଲି ପଡି ଦେଖେତ ବଟୁ ତାଙ୍କ ପଛେ ପଛେ ଚାଲିଛି ଯେମିତି କିଛି ନ ଜାଣିଲା ପରି । ପୁରା ସୁନା ମୁଣ୍ଡା ! ହଉ ପୁଣି କିଛି ବାଟ ଗଲା ପରେ ବଟୁର ଅନ୍ୟ ଏକ ପଥର ବାଜିଲା ଗୋପାଳର ପିଠି ଉପରେ । ଗୋପାଳ ମଧ୍ୟ ପଛକୁ ବୁଲିପଡ଼ି ଦେଖେ ତ ବଟୁ ନଜାଣିଲା ପରି ଏକୁଟିଆ ଚୁପ ଚାପ ଚାଲିଛି । ପୁଣି କିଛି ସମୟ ପରେ ବଟୁ ପୁଣି ଏକ ପଥର ତଳୁ ଉଠେଇବା ସମୟରେ ପାଖରେ ଥିବା ଗୋଟିଏ କାଳିଆ କୁକୁର ବଟୁର ପଥର ଉଠେଇବା ଦେଖି ବହୁତ ରାଗ ଗରଗର ହୋଇ, ଦାନ୍ତକୁ ଦେଖେଇ, ମୁଁହକୁ ମେଲେଇ ଭୋ ଭୋ ହେଇ ବଟୁ ଆଡକୁ ମୁହାଁଇଲା ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବିଶେଷ ବିଷୁବ ସଂକ୍ରାନ୍ତି ୨୦୧୯

ବଟୁର ତ କୁକୁରକୁ ଭାରି ଭୟ । ଏଣେ ବହୁତ ବଡ଼ କାଳିଆ କୁକୁରକୁ ଦେଖି ବଟୁ ବହୁତ ଭୟଭୀତ ହୋଇଗଲା । ତାକୁ ଚାରିଆଡ଼ ଅନ୍ଧାର ଦେଖା ଗଲା । କୁଆଡେ ଯିବ ଆଉ କୁକୁର ଦାଉରୁ କେମିତି ରକ୍ଷା ପାଇବ ଭାବି ସିଧା ଡାକ ଛାଡିଲା ରାମୁ....ଗୋପାଳ ମୋତେ ଏଇ କାଳିଆ କୁକୁର ପାଖରୁ ବଞ୍ଚାଅରେ । ବହୁତ ଜୋରରେ ଡାକ ଛାଡିଲା ।

ଡାକ ଶୁଣି ରାମୁ ଓ ଗୋପାଳ ସଙ୍ଗେ ସଙ୍ଗେ ବଟୁ ପାଖକୁ ଧାଇଁଲେ । ତିନିଜଣ ଏକାଠି ହୋଇ ଯିବାରୁ କୁକୁର ଟିକେ ଭୟଭୀତ ହୋଇ ଅଟକି ଗଲା । କୁକୁର ମଧ୍ୟ ସେମାନଙ୍କ ପାଖରୁ ଦୁରେଇ ଗଲା । କୁକୁର ଗଲା ପରେ ବଟୁର ପୁନର୍ବସ୍ଥା ପୂର୍ବକ ଅଭିନୟ ଆରମ୍ଭ ହୋଇଗଲା । କହିଲା ତମେ ଦୁଇଜଣ ଭାବୁଛ କି କୁକୁର ତୁମ ପାଇଁ ଚାଲିଗଲା । ଆରେ ଯାଅ ମ । ମୁଁ ତୁମ ସାଙ୍ଗରେ ଯିବାକୁ ଚାହେଁନି । ଚୋର କୋଉଠିକାର କହି ଭର୍ତ୍ସନା କରିବା ଆରମ୍ଭ କରିଦେଲା ।

ରାମୁ ଓ ଗୋପାଳ ଭାବୁଥାନ୍ତି ଏଠି ବି ଆମର ଭୁଲ କଣ ରହିଗଲା ଯେ । ଆମେ ତା ନିକଟକୁ ଯାଇ ତାକୁ ରକ୍ଷା କରିବା କଣ ଆମର ଭୁଲଥିଲା ? ଏମିତି ଦୁଇଜଣ ଚିନ୍ତା କରି ଚାଲୁଥାନ୍ତି ଠିକ ଏତିକି ବେଳେ ଜଣେ ମଦ୍ୟପ ଢଳି ଢଳି ଚାଲି ଚାଲି ଆସୁଥାଏ । ବଟୁର ନଜର ମଦ୍ୟପ ଉପରେ ପଡ଼ିଗଲା ଆଉ ସେ ସିଧା ଗୋଟେ ମାଟି ପେଣ୍ଡୁଳା ଉଠେଇ ସେଇ ମଦ୍ୟପ ଉପରକୁ ଫୋପାଡ଼ି ଦେଲା କାରଣ ମଦ୍ୟପ ଜଣଙ୍କ ରାମୁ ଆଉ ଗୋପାଳର ପାଖା ପାଖି ହୋଇ ଯାଇଥାନ୍ତି । ମଦ୍ୟପ ଜଣଙ୍କ ବୁଲି ପଡି ଦେଖିଲା ବେଳକୁ ରାମୁ ଆଉ ଗୋପାଳ ତାଙ୍କର ପାଖା ପାଖି ଯାଉଥାନ୍ତି । ସେ ବହୁତ ରାଗି ଯାଇ ରାମୁ ଓ ଗୋପାଳ ଉପରକୁ ଆକ୍ରମଣ କଲା । କହିଲା ତମର ଏତେ ବହପ ! ମୋ ଉପରକୁ ପଥର ଫିଙ୍ଗିବ । ଦେଉଛି ରୁହ ତୁମକୁ କହି ମନ ଇଚ୍ଛା ଗାଲ, ପିଠି ଓ ଗୋଡ଼କୁ ବିଧା ଓ ଚାବୁଡା ଖୁନ୍ଦି ଦେଇଗଲା ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବିଶେଷ ବିଷୁବ ସଂକ୍ରାନ୍ତି ୨୦୧୯

ବହୁତ କାକୁତି ମିନତୀ ହେବାରୁ ସେମାନଙ୍କୁ ଛାଡିଦେଇ ନିଜ ବାଟରେ ଚାଲିଗଲା ମଦ୍ୟପ ଜଣଙ୍କ । ବଟୁର ଏବେ ମନ ଶାନ୍ତି ହେଇଗଲା । ଖୁସି କହିଲେ ନସରେ । ହେଲେ ରାମୁ ଓ ଗୋପାଳର ଭୁଲ କଣଥିଲା । ବହୁତ ମାଡ଼ ଖାଇ ଘରେ ପହଁଚିଲେ ଦୁଇ ଜଣ । ସେମାନଙ୍କ ବାପା ଓ ମାଆ ପଚାରିବାରୁ କହିଲେ ବାଟରେ ଆସୁ ଆସୁ ପଡି ଯାଇ ଛିଡି ଯାଇଛି ।

ତା' ପରଦିନ ଦୁଇସାଙ୍ଗ ବଟୁର ତାଙ୍କ ପ୍ରତି ଅନ୍ୟାୟ ବିଷୟରେ ସତର୍କ ହେବାର ମନୋବୃତ୍ତି ପ୍ରସ୍ତୁତ କଲେ । ନିଜକୁ ନିଜେ ପ୍ରସ୍ତୁତ ହେଲେ ଆମେ ବଟୁ ପାଖରୁ କେମିତି ସୁରକ୍ଷିତ ରହିବା । କିଛି ଦିନ ବହୁତ ଦୁରେଇ ଦୁରେଇ ରହିଲେ । ହେଲେ ଯେତେ ଦୁରେଇ ଦୁରେଇ ରହିଲେ କଣ ହେବ ଯେ । ଖଲୁଆ ଲୋକ ଓ ନାଟୁଆ ଲୋକର ନାଟ ପ୍ରକୃତି ଛାଡେ ନାହିଁ । ସେ ନିଜର ପ୍ରକୃତି କେମିତି ଛାଡି ପାରିବ !

ଦିନେ ବିଦ୍ୟାଳୟରୁ ଫେରୁଥାନ୍ତି ଦୁଇ ସାଙ୍ଗ । ଠିକ ଏହି ସମୟରେ ରାମୁ, ଗୋପାଳକୁ କହିଲା, "ଗୋପାଳ ବଟୁର ନୂଆ ଉପାୟ ବିଷୟରେ ଟିକେ ସତର୍କ ରହୁଥିବୁ । ସେ ବହୁତ ହଇରାଣ କରୁଛି ଆମକୁ । ଏମିତି ପରାମର୍ଶ ହୋଇ ଦୁଇ ସାଙ୍ଗ ଚାଲିଥାନ୍ତି । ବଟୁ ତାର ନୂଆ ଅଭିନୟ ଆରମ୍ଭ କଲା । ରାସ୍ତା ପାଖରେ ଗୋଟିଏ ବଡ଼ ପୋଖରୀ ଥାଏ । ସେଇ ପୋଖରୀରେ ଅଥଳ ପାଣି । ବଟୁ ପୋଖରୀରୁ କାଦୁଅ ଆଣିବ ଓ ରାମୁ ଉପରକୁ ଫୋପାଡିବ ତା ସହିତ ଗୋପାଳ ଉପରକୁ ମଧ୍ୟ । ଯେମିତି ପୋଖରୀ ନିକଟକୁ ଯାଇଛି ପାଦ ଖସିଗଲା ଆଉ ସିଧା ଯାଇ ପୋଖରୀ ଭିତରେ । ବୁଡୁଛି ଓ ଉଠୁଛି କହୁଛି ବଞ୍ଚାଅରେ ରାମୁ ଗୋପାଳ, ମରି ଗଲିରେ.... ମରି ଗଲିରେ....

ରାମୁ ଓ ଗୋପାଳ କେବଳ ଗୋଟିଏ ପଦ କହିଥିଲେ ମରିଯା..... ତୁ ମରିଯା.....

ଗୋପୀବିନ୍ଧା, ବ୍ରାହ୍ମଣ ଗାଁ, ବାଲେଶ୍ୱର (ଭଦ୍ରକ)

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com
ବିଶେଷ ବିଷୁବ ସଂଖ୍ୟା ୨୦୧୯

# କ୍ୟାମେରା



ଡା ପ୍ରଶାନ୍ତ ନାୟକ

ସମୀର, ନାଁଟି ଶୁଣିଲେ ଲାଗେ କି ପବନର ଝୋଂକା । ସତରେ, ସେ ସେହିପରି । ସାତଆଠ ବର୍ଷ ବୟସରୁ ସେ ଯେ ପବନଭଳି କେତେବେଳେ କେଉଁଦିଗକୁ ବହିଚାଲନ୍ତି, ତାଙ୍କର ମା'ଙ୍କ ଛଡା ଆଉ କେହି ଯେ ବୁଝିପାରନ୍ତି ନାହିଁ । ଏହି ବୟସରୁ ମା ଦେଖି ପାରିଥିଲେ ଯେ ସବୁ ପର୍ବ-ପର୍ବାଣୀରେ ସମୀର ଖୁବ ଜଲ୍‌ଦି ଜଲ୍‌ଦି ରେଡି ହୋଇ ନିଜର ମନପସନ୍ଦର କପଡା ପିନ୍ଧି ନିଜ କକ୍ଷରୁ ବାହାରି ଆସନ୍ତି ଏବଂ ସେଦିନରେ ପରିବାରର ଯେତେ ଗୁଡ଼ିକ ଫଟୋ ଉଠିଥାଏ, ସେସବୁରେ ସେ ବିଦ୍ୟମାନ । ପଚାରିଲେ ସମୀର କୁହନ୍ତି ଯେ ତାଙ୍କୁ ଫଟୋଗ୍ରାଫି ଖୁବ ପସନ୍ଦ, କିନ୍ତୁ ଘରେ କେହିବି ତାଙ୍କୁ ଫଟୋ ଉଠାଇବାକୁ କ୍ୟାମେରା ଦିଅନ୍ତି ନାହିଁ । ତେଣୁ ସେ କମ ସେ କମ, ସବୁ ଫଟୋରେ ରହିବାକୁ ଚେଷ୍ଟାକରନ୍ତି । ପଚାରିଲେ, କି ବଡ଼ ହୋଇ ସେ କଣ ବନିବେ, ଉତ୍ତର ଥାଏ କି ସେ ଫଟୋଗ୍ରାଫର ବନିବେ । ତେଣୁ, ତାଙ୍କର ଦଶବର୍ଷ ଜନ୍ମଦିନରେ ମା ମିନାକ୍ଷୀ, ସମୀରଙ୍କୁ ପ୍ରଥମ କ୍ୟାମେରାଟି ଉପହାରରେ ଦେଇଥିଲେ । ଖୁସିର ସୀମା ନଥାଏ । ଏବଂ ସେହିଦିନରୁ ସମୀର ସଦାସର୍ବଦା ପାଇଁ ହଜିଯାଇଥିଲେ, ଅର୍ଥାତ ପରିବାରର କୌଣସି ବି ଫଟୋରେ ସେ ଆଉ ଦେଖାଯାନ୍ତିନାହିଁ, ସେ କ୍ୟାମେରା ପଛରେ ରହି ଯେ ଫଟୋ ଉଠାଇଥାନ୍ତି । ସମୀର ଉଠାଇଥିବା ପ୍ରତ୍ୟେକ ଫଟୋରେ କିଛି ଖାସ ଥାଏ । ସେ ଫଟୋଟିରେ ସଦାସର୍ବଦା ପାଇଁ ସମୟକୁ ଧରି ରଖିବାକୁ ଚେଷ୍ଟା କରନ୍ତି । ତେଣୁ, ସେ କେଉଁଦିଗରୁ ଫଟୋଟି ଉଠାଇଲେ ସେଥିରେ ଆଲୋକ ଠିକ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବିଶେଷ ବିଷୁବ ସଂକ୍ରାନ୍ତି ୨୦୧୯

ପରିମାଣରେ ବିକଶିତ ହୋଇପାରେ, ଫଟୋର ପଟଚିତ୍ର କିପରି ହେଲେ କଂଟ୍ରାଷ୍ଟ ଅଧିକ ହେବ, କେତେ ଦୂରତାରୁ ଉଠାଇଲେ ଫଟୋଟି ସଠିକ ରୁପରେ ଫୋକସ ହୋଇପାରିବ ଇତ୍ୟାଦି ଇତ୍ୟାଦି, ସବୁ ବିଷୟରେ ଭାବିଚିନ୍ତି ସମୀର ଫଟୋଟି ଉଠାଇଥାନ୍ତି । ତେଣୁ ପ୍ରତ୍ୟେକ ଫଟୋରେ ସେ ନିଜର କଳାକୁ ଖୁବ ସୁନ୍ଦରରୁପରେ ଦୃଶ୍ୟମାନ କରିଥାନ୍ତି । ପନ୍ଦରବର୍ଷ ବୟସ ହେଲ୍ବାବେଳକୁ, ସମୀର ଯେ ଜଣେ ପ୍ରଫେସନାଲ ଫଟୋଗ୍ରାଫର ଭଳି ଫଟୋ ଉଠାଇଚାଲିଥିଲେ । ମା ମିନାକ୍ଷୀ ପୁଅର ଏ ପ୍ରକାର ଗୁଣକୁ ଦେଖି ଖୁସିଥିଲେ । ପିତା ଚାହୁଁଥିଲେକି ପୁଅ ପାଠ ପଢି ଇଂଜିନିଅର ବନିବେ । ମା କିନ୍ତୁ ପୁଅର ଇଚ୍ଛାସହିତ ସହମତ ଥିଲେ । ନିଜର ପସନ୍ଦ ଓ ହବି ଯଦି ନିଜର ପ୍ରଫେସନ ହୋଇଯାଏ, ସେଥିରେ ଆଗକୁ ବଢିବାକୁ କଷ୍ଟ ହୁଏନାହିଁ । ତେଣୁ, ସମୀର ଯେ ଫଟୋଗ୍ରାଫି କୋର୍ସ କରିବାକୁ ହାଇଦ୍ରାବାଦ ସହରସ୍ଥିତ ଜବାହାରଲାଲ ନେହରୁ ଆର୍କିଟେକଚର ଏଣ୍ଡ ଫାଇନ ଆର୍ଟ୍ସ କଲେଜରେ ଆସି ପହଂଚିଥିଲେ । ଆସନ୍ତା ଦୁଇବର୍ଷ ପର୍ଯ୍ୟନ୍ତ ସମୀର ସେଠାରେ ରହି ଫଟୋଗ୍ରାଫି ବିଷୟରେ ସବୁକିଛି ଶିଖିବାର ସୁଯୋଗ ପାଇବେ, ମନରେ ନୂଆ ଆଶା ଓ ବିଶ୍ୱାସ । କଲେଜ ଆରମ୍ଭରୁ ସେଯେ ଅନ୍ୟ ସହପାଠୀ ମାନଙ୍କ ସହିତ ଖୁବ ବନ୍ଧୁତ୍ୱ ଗଢ଼ିପାରିଥିଲେ ।

କାମେରାଟି କଣ, ସେଠୁ ଆରମ୍ଭକରି କ୍ୟାମେରାର ବିଭିନ୍ନ ଅଂଶଗୁଡିକ ବିଷୟରେ ସବୁକିଛି ଜାଣିବାକୁ ପାଇଥିଲେ ସମୀର । ଫଟୋଗ୍ରାଫିର ଅର୍ଥନୁହେଁଯେ କାମେରାଟି ବେକରେ ଝୁଲେଇ କ୍ଲିକ କରିବା, ତାହାଯେ ଏକ ଚିତ୍ର ସଂଗ୍ରହ କରିଥାଏ, କିନ୍ତୁ ସମୀର ସେ ଚିତ୍ରରେ ଜୀବନଦାନ କରିପାରୁଥିଲେ । ତେଣୁ, ସମୀର ଉଠାଇଥିବା ଫଟୋଯେ ନିଜେନିଜେ ତାର କାହାଣୀଟି କହିଯାଏ । ତେଣୁ ଅନ୍ୟ ସମସ୍ତ ସହପାଠୀମାନେ ସମିରଙ୍କୁ "ଶ୍ରୀଯୁକ୍ତ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବିଶେଷ ବିଷୁବ ସଂକ୍ରାନ୍ତି ୨୦୧୯

କ୍ୟାମେରା" କହି ସମ୍ବୋଧନ କରିଥାନ୍ତି ।

କଲେଜରେ ଦ୍ୱିତୀୟ ବର୍ଷ । ପ୍ରାୟ ତିନିମାସ ସମୟ ମିଳିଥାଏ ଏକ ଉଚ୍ଚକୋଟୀର ପ୍ରୋଜେକ୍ଟ ସମ୍ପନ୍ନ କରିବାକୁ । ତାହାପରେ, ଶେଷ ପରୀକ୍ଷା, ଏବଂ ଏହାସହିତ ସେ ଯେ ଫଟୋଗ୍ରାଫିର ଡିଗ୍ରୀ ସାଥିରେନେଇ କଲେଜ ଛାଡ଼ି ଚାଲିଯିବେ । ସମୀର ଭାବୁଥିଲେ କି ସେ ଆସନ୍ତା ତିନିମାସ ମଧ୍ୟରେ କିପ୍ରକାର ପ୍ରୋଜେକ୍ଟ କରିବେ, ଯେଉଁଟା ଯେ ସବୁଦୃଷ୍ଟିରୁ ଉଚ୍ଚକୋଟୀର ହେବା ନିହାତି ଦରକାର, ଯେପରିକି ନାଚୁରାଲ ସିନେରୀ, ଆନିମଲ ଲାଇଫ, ସହରର ଉଚ୍ଚା ଉଚ୍ଚା ବିଲଡିଂ, ଗ୍ରାମୀଣ ପଟଚିତ୍ର, ବିଭାଘର ଇତ୍ୟାଦି ଇତ୍ୟାଦି । କିଛି ଠିକ ନକରିପାରି, ସେ ମା ମିନାକ୍ଷୀଙ୍କୁ ଫୋନ କରିଥିଲେ । ମା ସମୀରଙ୍କର ଦ୍ୱନ୍ଦ୍ୱକୁ ସମାଧାନ କରିବାକୁ ଯାଇ କହିଥିଲେକି, ଆଜକୁ ଚାରିବର୍ଷତଳେ ପରିବାରରେ ହୋଇଥିବା ନନ୍ଦିନୀଦିଦିର ବିଭାଘରର ଫଟୋଗୁଡିକ ସମୀରହିଁ ଉଠାଇଥିଲେ ଏବଂ ସେସବୁ ଯେ ଖୁବ । ତେଣୁ, ମା'ଙ୍କ ହିସାବରେ, ସମୀରଯେ ବିବାହ ସମ୍ପର୍କୀୟ ପ୍ରୋଜେକ୍ଟ କରିବା ଠିକ ହେବ । ସେ କହିଉଠିଲେ, ଆରେ ହଁ, ଏହାତ ଖୁବ ଭଲ ଆଇଡ଼ିଆ ।

ତେଣୁ, ସେ ହାଇଦ୍ରାବାଦରେ ପ୍ରତିଦିନ ପ୍ରିଣ୍ଟହେଉଥିବା ଖବର କାଗଜ ଡେକାନ-କ୍ରନିକିଲରେ ଗୋଟେ ସୂଚନା ଦେଇଥିଲେକି ନିଜର ପ୍ରୋଜେକ୍ଟ ସମ୍ପୂର୍ଣ କରିବା ଉଦ୍ଦେଶ୍ୟରେ ସେ ଆସନ୍ତା ଜୁନମାସ ୨୬ ତାରଖରେ ସହରସ୍ଥିତ ରବୀନ୍ଦ୍ରମଣ୍ଡପରେ ହେବାକୁଥିବା ବିବାହଗୁଡିକର ଫ୍ରି ଫଟୋଗ୍ରାଫି କରିବାକୁ ଇଚ୍ଛା ପ୍ରକାଶ କରିଛନ୍ତି । ପ୍ରଫେସନାଲ ଫଟୋଗ୍ରାଫି ଗ୍ୟାରେଂଟେଡ଼ । ଯଦି ପରିବାରବାସୀ ଏଥିରେ ରାଜି, ତେବେ ନିମ୍ନଲିଖିତ ଫୋନ ନମ୍ବରରେ ସମ୍ପର୍କ କରନ୍ତୁ । ସଂଧ୍ୟାସୁଧା ପ୍ରାୟ, ସେଦିନ ହେବାରଥିବା ତିନୋଟି ବିଭାଘରର ପରିବାର ଫ୍ରି ଖବରଟି ପଢି ତୁରନ୍ତ ଫୋନ କରିଥିଲେ ଏବଂ ସମୀର ସେ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବିଶେଷ ବିଷୁବ ସଂକ୍ରାନ୍ତି ୨୦୧୯

ତିନୋଟି ବିବାହର ଫଟୋ ଉଠାଇବାକୁ ରାଜି ହୋଇଥିଲେ ।

ଜୁନମାସ, ୨୭ ତାରିଖ ଦିନ ସକାଳୁ ନିଜର ସବୁଠୁ ଆଡ଼ଭାନ୍ସ କ୍ୟାମେରା ଓ ଅନ୍ୟ ସବୁ ଆସବାସପତ୍ର ଧରି ସମୀର ନିଜର ଅନ୍ୟଏକ ସାଙ୍ଗସହିତ ପହଂଚିଥିଲେ ରବୀନ୍ଦ୍ର ମଣ୍ଡପରେ । ପ୍ରଥମ ବିଭାଘର ଦିନ ନଅଟା ସମୟରୁ ଆରମ୍ଭ । ମଣ୍ଡପର ନିକଟସ୍ତ ସ୍ଥାନରେ ବିଭିନ୍ନକୋଣରୁ କ୍ୟାମେରା ଫିଟକରିବାପରେ ସେ କନ୍ୟାର ମେକପ ରୁମରେ ପହଂଚିଥିଲେ । ବିବାହ ବେଦୀକୁ ଯିବା ପୂର୍ବରୁ କନ୍ୟା ଗାୟତ୍ରୀ ଖୁବ ସୁନ୍ଦର ଭାବରେ ବେଶଭୂଷା ହୋଇଥିଲେ । ହାତରେ ମେହେନ୍ଦି, ଗାଲରେ ଲାଲୀ, ସୁବର୍ଣ ଗହନାଁରେ ମୁଣ୍ଡଠୁ ପାଦଯାଏ ଘୋଡ଼େଇ ହୋଇଯାଇଥିଲେ । ସାଥିରେ ବହୁତ ସାରେ ବାନ୍ଧବୀମାନେ, କ୍ୟାମେରା ଦେଖି ବିଭିନ୍ନ ପ୍ରକାର ପୋଜରେ ଫଟୋ ଉଠାଇବାକୁ ରେଡି । କ୍ଲିକ, କ୍ଲିକର ଶବ୍ଦରେ ସେ କକ୍ଷ ଗୁଂଜିଉଠିଲା । ହାତର ମେହେନ୍ଦୀର ଫଟୋଠୁ ଆରମ୍ଭକରି କନ୍ୟାର ଲକ୍ଷ୍ମୀ ପାଦ ପର୍ଯ୍ୟନ୍ତ, ବହୁତ ସାବଧାନୀର ସହିତ ସମୀର ସେ ସ୍ମୃତିଗୁଡିକୁ କାମେରାରେ କୈଦ କରିଚାଲିଲେ । ବାରାତିର ସ୍ୱାଗତଠୁ ଆରମ୍ଭକରି, ବରର ଆଗମନ, କନ୍ୟାର ବେଦୀ ଉପରକୁ ଆଗମନ, ହସ୍ତଗଣ୍ଠି, ସାତଫେରା, ସିନ୍ଦୁରଦାନ, ବିଦାଇ ଇତ୍ୟାଦିର ସବୁ ମହତ୍ୱପୁର୍ଣ୍ଣ ମୁହୂର୍ତ୍ତଗୁଡିକୁ ସ୍ମୃତିରୁପରେ ବାନ୍ଧିଦେଇଥିଲେ ସମୀର ମାଲହୋତ୍ରା । ତାଙ୍କର ହାତରେ ଯାଦୁ, ଚିତ୍ରଗୁଡିକ ସଜୀବ ହୋଇଉଠିଥିଲେ । ପ୍ରତ୍ୟେକ ଫଟୋଟି ଗାୟତ୍ରୀଙ୍କ ଜୀବନର ସେଦିନର କାହାଣୀ ନିଜେ କହିପାରୁଥିଲେ । ମାଗଣାରେ ଏତେସୁନ୍ଦର ଫଟୋମିଳିବାରୁ ଦୁଇ ପରିବାର ଯେ ଖୁବ ଖୁସି । ରବିନ୍ଦ୍ରମଣ୍ଡପର ବିସ୍ତୃତ ବିବାହ କକ୍ଷର ଚାରିକୋଣରେ ଉପସ୍ଥିତ ଚାରୋଟି ବିରାଟକାୟ ଟେଲିଭିଜନରେ ଦୃଶ୍ୟମାନ ଫଟୋ ଓ ଭିଡ଼ିଓଗୁଡିକ ଚଳଚିତ୍ର ଜଗତର ଫଟୋଗୁଡିକଠୁ ଅଧିକ ଆକର୍ଷଣୀୟ ଦିଶୁଥାଏ । ସମୀର, ତାସହିତ ଖୁବ ମଜେଦାର

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ହିନ୍ଦୀଗୀତ ଯୋଡ଼ିଦେଇ, ସେ ସ୍ମୃତିଗୁଡିକୁଯେ ଆହୁରି ରଙ୍ଗୀନ କରିଦେଲେ । ତାରିଫ ପରେ ତାରିଫ, ଉପସ୍ଥିତ ସମ୍ପର୍କୀୟମାନେ ସମୀରଙ୍କର ଏପ୍ରକାର ମାଜିକାଲ ଫଟୋଗ୍ରାଫିର ଖୁବ ପ୍ରଶଂସା କରିଥିଲେ । ପ୍ରଥମ ବିଭାଘରଟି ଶେଷ ହୋଇଥିଲା । ବିଦାଇର ମୁହୂର୍ତ୍ତଯେ ଖୁବ କଷ୍ଟଦାୟକ, ସମୀର ମଧ୍ୟ ଦୁଃଖୀ ଓ ବ୍ୟସ୍ତ ହୋଇଉଠିଲେ ।

ଦିନର ତିନିଟା ସମୟରୁ ଦ୍ୱିତୀୟ ବିବାହଟି ଆରମ୍ଭ ହୋଇଥିଲା । ସଙ୍ଗୀତର ସୁରରେ ନାଚି ଝୁମି ପହଂଚିଥିଲେ ବାରାତି । ଅନାହିତାର ଭାବି ସ୍ୱାମୀ ପ୍ରାଞ୍ଜଳ ଯେ ବର ବେଶରେ ଖୁବ ଆକର୍ଷଣୀୟ ଦିଶୁଥିଲେ । ପ୍ରଥମ ବିବାହର ଫଟୋଗ୍ରାଫିର ଅଭିଜ୍ଞତାଯେ ଦ୍ୱିତୀୟ ବିବାହରେ ଆହୁରି ଉଚ୍ଚକୋଟୀର ଫଟୋ ଉଠାଇବାରେ ସହାୟତା କରିଥିଲା । କନ୍ୟାଭାବରେ ସୁଶୋଭିତ ଅନାହିତା ଯେ ଭବ୍ୟଦୃଷ୍ଟିର ପରାକାଷ୍ଠା । ତାଙ୍କର ଫଟୋଉଠାଇବା ସମୟରେ ସମୀରଙ୍କୁ ଅନୁଭବ ହେଉଥିଲା ଯେ ସେ କିଛି ଭିନ୍ନ ଜଗତର ଦିବ୍ୟ ତାରକାଙ୍କୁ ଜ୍ୟୋତିମୟ ରୁପରେ ଦର୍ଶନ କରୁଛନ୍ତି । ରୂପଟି ତାଙ୍କର ଏତେ ସୁନ୍ଦର ଯେ, ସମୀର ଭାବୁଥିଲେକି ପ୍ରାଞ୍ଜଳ ବୋଧେ ଏ ଦୁନିଆର ସବୁଠୁ ଭାଗ୍ୟଶାଳି ବ୍ୟକ୍ତି, ଯିଏକି ସାକ୍ଷାତ ଦେବୀଙ୍କୁ ନିଜର ପତ୍ନୀରୁପରେ ପାଇପାରୁଛନ୍ତି । ହାତର ମେହେନ୍ଦି ମଧ୍ୟ ସହରର ବିଖ୍ୟାତ ଲେଡ଼ିଜ ପାର୍ଲରରେ ଖୁବସୁରତ ରୁପରେ ଅଙ୍କାଯାଇଥିଲା । ଦୁଇଟି ହାତକୁ ଯୋଡିଦେଇ ଅନାହିତା ତାଙ୍କର ମେହେନ୍ଦିର ଫଟୋନେବାକୁ ଅନୁରୋଧ କରିଥିଲେ ସମୀରଙ୍କୁ । କଣ୍ଠସ୍ୱରଟି ଯେ ତାଙ୍କର ରୂପଠୁ ବି ସୁନ୍ଦର । କ୍ଷଣକପାଇଁ ଅଟକିଯାଇଥିଲେ ସମୀର । ନିଜକୁ ସମ୍ଭାଳି, ସେ ଖୁବ ଆଦରର ସହିତ ମେହେନ୍ଦୀର ରଙ୍ଗରେ ରଙ୍ଗୀନ ଦୁଇଟି ଦିବ୍ୟହସ୍ତର ଏମିତି କ୍ଲିକ କରିଥିଲେ, ଯାହାକି ସେଦିନର ସବୁଠୁ ସୁନ୍ଦର ଫଟୋମାନଙ୍କ ମଧ୍ୟରୁ ଗୋଟେ ଥିଲା । ଅନାହିତା ଓ ପ୍ରାଞ୍ଜଳଙ୍କ ହସ୍ତଗଣ୍ଠି ସମୟରେ, ବିନା ସମ୍ପର୍କରେ

 Magazine Downloaded from www.aahwaan.com

ବିଶେଷ ବିଷୁବ ସଂଖ୍ୟା ୨୦୧୯

ମଧ୍ୟ, ସମୀର ଖୁବ ଦୁଃଖୀ, କାରଣ କଣ ? ସେ ତ ଅନାହିତାକୁ ଜାଣିବି ନାହାନ୍ତି । ସେ କିଏ, ତାଙ୍କ ପରିବାର କିଏ, କେଉଁଠି ରୁହନ୍ତି, କଣ କରନ୍ତି, କିଛି ଜାଣି ନାହାନ୍ତି, ତଥାପି ସେ ଦୁଃଖୀ । ଏ କି ପ୍ରକାର ଅନୁଭୂତୀ, ତାଙ୍କ ସହିତ ଥିବା ତାଙ୍କର ସାଥି ଏହା ଦେଖି ବିସ୍ମିତ । ଯାହାବି ହେଉ, ବରକନ୍ୟା ବିବାହବେଦୀରୁ ଉଠିଗଲେ । ବିଦାଇର ସମୟରେ ସମୀର, ଅନାହିତା ଓ ତାଙ୍କର ପ୍ରତ୍ୟେକ ବନ୍ଧୁ ଓ ସମ୍ପର୍କୀୟଙ୍କର ଖୁବସୁରତ ଫଟୋ ଉଠାଇଥିଲେ । ସମୀର, ଅନାହିତାଙ୍କୁ କହିଥିଲେକି, ବିଦାଇ ସମୟରେ ସେ ତାଙ୍କର ପିତାଙ୍କ ସହିତ ଏକ ରାଜକୀୟ ଓ ଭାବପୁର୍ଣ ଫଟୋ ଉଠାଇବେ, ଯାହାକି ତାଙ୍କ ଜୀବନରେ ସବୁଠୁ ସୁନ୍ଦର ମୁହୂର୍ତ୍ତ ମଧ୍ୟରେ ନିଶ୍ଚୟ ଏକହେବ । ଅନାହିତା ବିଦାଇର ଦୁଃଖକୁ ଓଠରେ ଦବାଇ ନିଜର ପିତାଙ୍କ ସହିତ ସେପରି ଫଟୋ ଉଠାଇଥିଲେ ।

ରାତ୍ରୀର ନଅଟା ସମୟରେ ଶେଷ ବିବାହ । ଦିନଟିସାରା କାର୍ଯ୍ୟରତ ସମୀର ଓ ତାଙ୍କର ବନ୍ଧୁଯେ ଥକି ଗଲେଣି । କିନ୍ତୁ, ସେମାନେଯେ ପ୍ରଫେସନାଲ, ତେଣୁ ସେମାନଙ୍କୁ ସେହି ଧର୍ଯ୍ୟ ଓ ଶ୍ରଦ୍ଧାର ସହିତ ସେ ବିବାହର ଫଟୋ ମଧ୍ୟ ଉଠାଇବାକୁ ପଡିବ । ତେଣୁ, ଅଳ୍ପ ସମୟ ବିରତି ନେବାପରେ, ସମୀର ଓ ତାଙ୍କର ବନ୍ଧୁଯେ ସେଦିନର ତୃତୀୟ ଓ ଶେଷ ବିଭାଘରର ଫଟୋଗ୍ରାଫି ପାଇଁ ରେଡି ହୋଇଗଲେ । ସେ ବିଭାଘରଟି ଥିଲା ଇନ୍ଦୁଙ୍କର । ସେ ନିଜର କଲେଜ ସମୟର ସାଥିଙ୍କ ସହିତ ବିବାହ କରୁଥିଲେ । ପରିବାର ଓ ସମ୍ପର୍କୀୟ ମାନଙ୍କ ମଧ୍ୟରେ ଖୁବ ଧୂମଧାମରେ ବିବାହ ସମ୍ପର୍କଟି ଜୀବନଭରିପାଇଁ ଯୋଡିହୋଇଗଲା । ଫଟୋଗୁଡିକ ଖୁବ ସୁନ୍ଦର ଓ ଚକ୍ଷୁକୁ ମୋହିଁନେଇଥାଏ । ରାତ୍ରୀର ବାରଟା ବାଜିବାକୁ ବସିଲାଣି । ଫଟୋଗୁଡିକ ସେ ଚାରୋଟି ବଡ଼ ବଡ଼ ସ୍କ୍ରିନରେ ପ୍ରଦର୍ଶନକରି, ଉପସ୍ଥିତ ଜନମଣ୍ଡଳୀର ବହୁତ ବହୁତ ଶୁଭେଚ୍ଛା ଓ ଧନ୍ୟବାଦ ସ୍ୱୀକାର କରି ନିଜର ଫଟୋଗ୍ରାଫିର

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କଳା ପ୍ରଦର୍ଶନ କରି ଦର୍ଶକମାନଙ୍କ ମନମୁଗ୍ଧ କରିଫେରିଆସିଲେ ନିଜର ଛାତ୍ରାବାସକୁ । ଦିନର କାର୍ଯ୍ୟଭାର ଯେ ଏତେ ଅଧିକ ଥିଲା, କି ସମୀର ଆଉ ତାଙ୍କର ବନ୍ଧୁ ବିଛଣା ଧରୁ ଧରୁ ନିଦ୍ରାଶକ୍ତ ।

ପରଦିନ, ସମୀର ନିଜ ସାଙ୍ଗଙ୍କ ସହିତ ବସି ନିଜର ପ୍ରୋଜେକ୍ଟ ବିଷୟରେ କାର୍ଯ୍ୟ ଆରମ୍ଭ କରିବାକୁ ବିଚାର କରିଥିଲେ । ପୂର୍ବଦିନର ଫଟୋଗ୍ରାଫି ଓ ଭିଡିଓଗ୍ରାଫିଦ୍ୱାରା ସେଯେ ନିଜର ବୈଷୟିକ ଜ୍ଞାନକୁ ପୂର୍ଣରୂପରେ କାର୍ଯ୍ୟାଶକ୍ତ କରିପାରିଥିଲେ । ସେଥିଲାଗି ସେ ଖୁବ ସନ୍ତୋଷ ଅନୁଭବ କରିଚାଲିଥିଲେ । ସେ ତିନୋଟି ପରିବାରଠାରୁ ଅନୁମତି ପାଇସାରିଥିଲେ, କି ସେ ବିବାହର ଫଟୋଗୁଡିକ ନିଜର ପ୍ରୋଜେକ୍ଟ କାର୍ଯ୍ୟରେ ବ୍ୟବହାର କରିପାରିବେ, କିନ୍ତୁ ପରିବାରର ପରିଚୟକୁ ଲୁଚାଇ ରଖିବାକୁ ହେବ । ତେଣୁ, ସମୀର ସେ ଫଟୋ ଓ ଭିଡ଼ିଓ ଗୁଡିକୁ ଖୁବ ସୁକ୍ଷ୍ମ ଦୃଷ୍ଟିରେ, ଜଣେ ପ୍ରଫେସନାଲ ଫଟୋଗ୍ରାଫରର ଟେକ୍ନିକାଲ ଦୃଷ୍ଟିକୋଣରୁ ଦେଖିଚାଲିଲେ । ତାଙ୍କର ପ୍ରୋଜେକ୍ଟ ପାଇଁ, ସେ ଫଟୋରେ ଥିବା ବ୍ୟକ୍ତିମାନେ ମହତ୍ୱପୂର୍ଣ ନଥିଲେ, ବରଂ ଫଟୋର କ୍ୱାଲିଟି, ରଙ୍ଗର ମିଶ୍ରଣ, ଆଲୋକର ଘନତା ଇତ୍ୟାଦି ଖୁବ ଅଧିକ ମୂଲ୍ୟବାନ । ସେଦୃଷ୍ଟିରୁ ଉତ୍ତମ ଫଟୋଗୁଡିକୁ ବାଛିଚାଲିଲେ । କିନ୍ତୁ, ମନୁଷ୍ୟର ଦୃଷ୍ଟିତ ଫଟୋରେଥିବା ଚେହରାକୁ ଅଣଦେଖା କରିପାରିବନି, ତେଣୁ ସେ ବେଳେବେଳେ ତାହା ଉପରେ ମନ୍ତବ୍ୟ ଦେଇଚାଲନ୍ତି । ଏପରି କାର୍ଯ୍ୟକ୍ରମ ମଧ୍ୟରେ ଘଣ୍ଟା ଘଣ୍ଟା ବିତିଗଲାଣି । ସେ ଦେଖିଚାଲିଥିଲେ ପୂର୍ବ ଦିନର ଦ୍ୱିତୀୟ ବିଭାଘରର ଫଟୋ । ନଜର ଅଟକି ଯାଇଥିଲା ସେହି କନ୍ୟା ଅନାହିତାର ମେହେନ୍ଦିଭରା ଦୁଇ ହସ୍ତ । ମେହେନ୍ଦୀର ସୁକ୍ଷ୍ମ କାରୁକାର୍ଯ୍ୟ ସେ ସୁନ୍ଦର ହାତଦୁଇଟିର ସୌନ୍ଦର୍ଯ୍ୟକୁ ଏତେ ଗୁଣରେ ବଢ଼ାଇ ଦେଇଥିଲାଯେ ସମୀରଙ୍କ ନଜର ଅଟକିଯାଇଥିଲା । ଦେବୀ ଲକ୍ଷ୍ମୀଙ୍କ ହସ୍ତର ସୌନ୍ଦର୍ଯ୍ୟ । ନଜର ତାଙ୍କର

 Magazine Downloaded from www.aahwaan.com

ବିଶେଷ ବିଷୁବ ସଂକ୍ରାନ୍ତି ୨୦୧୯

ପଡ଼ିଗଲା ଅନାହିତାଙ୍କ ମୁଖମଣ୍ଡଳରେ । କି ଅଦ୍ଭୁଦ ତାଙ୍କର ରୂପ, ସତେଯେପରି ସୃଷ୍ଟିକର୍ତ୍ତା ଖୁବ ଧର୍ଯ୍ୟର ସହିତ ଏପରି ମୋହିନୀରୂପର ସୃଷ୍ଟିକରିଛନ୍ତି । ଆଉ ଆଗକୁ ବଢ଼ିପାରିଲେନି ସମୀର । କଣପାଇଁ ଆଜି ତାଙ୍କର ମନ ଏକ ଅଜଣା କନ୍ୟାର ରୁପକୁ ଦେଖି ଏତେ ବ୍ୟତିବ୍ୟସ୍ତ ? ମନମଧ୍ୟରେ ଏତେ ଆସକ୍ତି ଉତ୍ପନ୍ନ ହେବାର କାରଣ କଣ ? ଏ କଣ ତାଙ୍କର ବୟସର ଅନୁଭୂତି ।

ସମୀର ସେ ମେହେନ୍ଦୀଯୁକ୍ତ ହାତଯୋଡିର ଫଟୋକୁ ଜୁମ କରି ଦେଖିଚାଲିଥିଲେ । ମେହେନ୍ଦୀର ରଙ୍ଗ ଖୁବ ଚଢ଼ିଥିଲା । ତାମଧ୍ୟରେ ପ୍ରାଞ୍ଜଳଙ୍କ ନାଁ ମଧ୍ୟ ଦିଶୁଥିଲା । ରଙ୍ଗର ସେ କାରୁକାର୍ଯ୍ୟ ମଝିରେ ଅନାହିତାଙ୍କ ପାପୁଲିର ରେଖାଗୁଡ଼ିକ ସଠିକ ରୁପରେ ଦିଶୁନଥାଏ । କଣ ଖୋଜୁଥିଲେ ସମୀର ? କିଛି ବିଶେଷ ଥିଲା ସେ ପାପୁଲିରେ, ଯାହାକୁ ସେ ସମ୍ପୂର୍ଣ୍ଣରୁପରେ ଦେଖିବି ପାରୁନଥିଲେ କି ବୁଝିବି ପାରୁନଥିଲେ । ସେ ଫୋନକଲେ ମାଙ୍କୁ, କାରଣ ସମୀର ଜାଣିଥିଲେଯେ ତାଙ୍କ ମାଙ୍କ ପାଖରେ ସମୀରଙ୍କର ସବୁ ଦ୍ୱନ୍ଦର ସମାଧାନ ମିଳିଥାଏ । ସବୁ ଶୁଣି ମିନାକ୍ଷୀ ଅନୁଭବ କରିପାରିଥିଲେଯେ ଅନାହିତାଙ୍କ ସୌନ୍ଦର୍ଯ୍ୟ ଯେ ସମୀରଙ୍କୁ ବାନ୍ଧିନେଇଛି, ଯାହାକୁ କି ପ୍ରଥମ ଦୃଷ୍ଟିରେ ପ୍ରେମ ବୋଲି କୁହାଯାଏ । କିନ୍ତୁ, ସେ ଯେ ଜଣେ ବିବାହିତ କନ୍ୟା, ପ୍ରାଞ୍ଜଳଙ୍କ ପତ୍ନୀ, କେଉଁ ଘରର ବୋହୁ । ଏହା ସମୀରଙ୍କ ଜୀବନର ବହୁତ ବଡ଼ ଭୁଲହେବ ଯଦି ସେ ଏକ ମରିଚିକାଙ୍କ ପଛରେ ଧାଇଁବାକୁ ଆରମ୍ଭ କରନ୍ତି । କିନ୍ତୁ, ସମୀର ମାଙ୍କର ବିଚାରଧାରାରେ ରୋକ ଲଗାଇ କହିଥିଲେ, ଆରେ ମା, କଥାର ରହସ୍ୟ ତାହା ନୁହେଁ । ସେତ ମେହେନ୍ଦିର ତଳେ ଛୁପିରହିଥିବା ସୁନ୍ଦର ହସ୍ତର ପାପୁଲିର ରେଖାଗୁଡ଼ିକ ବିଷୟରେ ଚିନ୍ତିତ । ଅର୍ଥାତ, ସେ ପାପୁଲି ପଢି ଭବିଷ୍ୟତ ବିଷୟରେ କିଛି ସନ୍ଦେଶ ଜାଣିବାକୁ ଚେଷ୍ଟିତ । କିନ୍ତୁ, ସେଯେ ଜଣେ ଫଟୋଗ୍ରାଫର, ସେଯେ ଜ୍ୟୋତିଷ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବିଶେଷ ବିଷୁବ ସଂକ୍ରାନ୍ତି ୨୦୧୯

ନୁହନ୍ତି । ତାଛଡା ହାତର ରେଖାଗୁଡ଼ିକତ ମେହେନ୍ଦି ରଙ୍ଗର ତଳେ ଛୁପି ଯାଇଥିଲେ । ମନରେ କିଛି ଆଶଙ୍କା ସ୍ପଷ୍ଟ ଥିଲା । ମା ମିନାକ୍ଷୀ କହିଲେକି ସମୀରଙ୍କ ମନର ଶଙ୍କା ସତ ହୋଇପାରେ କି ସମ୍ପୂର୍ଣ ମିଥ୍ୟାବି ହୋଇପାରେ । କିନ୍ତୁ ଥରେ ସଠିକ ରୁପରେ ଜାଣିବାକୁ ଚେଷ୍ଟାକରିବାରେ କିଛି ଅସୁବିଧା ନାହିଁ । ଯେଉଁ ଫଟୋରେ ଅନାହିତାର ହସ୍ତର ରେଖାଗୁଡ଼ିକ ସବୁଠୁ ଅଧିକ ସ୍ପଷ୍ଟ ଦିଶୁଛି, ସେହି ଫଟୋଗୁଡିକୁ ସମୀର ତାଙ୍କପାଖକୁ ପଠାଇଦିଅନ୍ତୁ । ଆଗକୁ କଣ କରାଯାଇପାରେ, ସେ ବିଷୟରେ ସେ ବିଚାର କରିବେ । ମିନାକ୍ଷୀ ଜଣେ ଶିକ୍ଷିତା ଓ ବୁଦ୍ଧିମତୀ ନାରୀ । ତାଙ୍କର ବିଚାରଯେ ଅଧିକାଂଶ ସମୟରେ ସତ୍ୟରେ ପରିଣତ ହୋଇଥାଏ, ତେଣୁ ସମୀର ଯେ ନିଜ ପରିବାର ମଧ୍ୟରେ ମାଙ୍କର ବିଚାରକୁ ସିରୋଧାର୍ଯ୍ୟ କରିଥାନ୍ତି ଏବଂ ତାହାହିଁ ଅନ୍ତିମ ସତ୍ୟ ରୁପରେ ଗ୍ରହଣ କରିଥାନ୍ତି । ଫଟୋଗୁଡିକ ପାଇବା ପରେ, ମିନାକ୍ଷୀ ସେଗୁଡିକୁ ଏକ ନିରୋଳା ସ୍ଥାନରେ ଏକା ଏକା ପରଖି ନିରିକ୍ଷୀ ଦେଖିଚାଲିଲେ । ସେ ହାତଯୋଡ଼ିଟି ଏତେ ସୁନ୍ଦରଯେ, ଏହା ସ୍ୱାଭାବିକ କି ସମୀରଙ୍କୁ ମଧ୍ୟ ଖୁବ ଆକର୍ଷଣ କରିନେଇଛି । ପ୍ରତ୍ୟେକ ମନୁଷ୍ୟର ହସ୍ତର ରେଖାଯେ ଭିନ୍ନ, ସେପରି ଅନାହିତାଙ୍କର ମଧ୍ୟ । ସେ ଅଂକାବଂକା ରେଖାମଧ୍ୟରେ ସମୀର ଯେ କଣ ଦେଖିଲେ ଏବଂ କଣ ଜାଣିଲେ, ଯାହାକି ତାଙ୍କୁ ଏତେ ବ୍ୟଥିତ କରିଦେଇଛି, ସେ ବିଷୟରେ ମିନାକ୍ଷୀ ଭାବି ଚାଲିଛନ୍ତି । କିଛିଦିନ ଏବିଷୟରେ ଚିନ୍ତାକରିବା ପରେ, ମିନାକ୍ଷୀ ନିଜର ଏକ ବାନ୍ଧବୀର ସହାୟତାରେ, ଜଣେ ଗ୍ରାମୀଣ ଶିକ୍ଷକଙ୍କ ପାଖରେ ପହଁଚିଲେ । ବାନ୍ଧବୀ ଜଣକ କହିଥିଲେକି ସେ ଶିକ୍ଷକ ହେଉଛନ୍ତି ବୈଦିକ ଗଣିତଜ୍ଞ, ତାସହିତ ଜ୍ୟୋତିଷ ବିଦ୍ୟାରେ ନିପୁଣ । ସେ ସେହି ଗଣିତର ହିସାବ ଲଗାଇ ହସ୍ତର ରେଖାରୁ ବର୍ତ୍ତମାନ ସମୟର ସ୍ଥିତି ଗଣନା କରନ୍ତି । ଭବିଷ୍ୟତକୁ ସେ ବର୍ତମାନର ଦର୍ପଣରେ ଦୃଶ୍ୟମାନ କରିବାକୁ ଚେଷ୍ଟା କରନ୍ତି । ଭବିଷ୍ୟତର

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବିଶେଷ ବିଷୁବ ସଂଖ୍ୟା ୨୦୧୯

ସମସ୍ତ ଭବିଷ୍ୟବାଣୀ ସମାନ ରୂପରେ ଠିକ ବା ଭୁଲ ହୋଇପାରେ । ତେଣୁ, ସେ ଭବିଷ୍ୟବାଣୀ ମାତ୍ର ଏକ ସଂକେତ । ତାଙ୍କର କହିବାର ଅର୍ଥ ଯେ ଈଶ୍ୱରଙ୍କ ସୃଷ୍ଟିରେ ଭବିଷ୍ୟତକୁ ଜାଣିବା ପ୍ରାୟ ଅସମ୍ଭବ, ତେଣୁ ଯଦି ମନୁଷ୍ୟ ବର୍ତ୍ତମାନକୁ ଠିକରେ ବୁଝିପାରେ ଓ ସମୟ ଥାଉ ଥାଉ କିଛି ପଦକ୍ଷେପ ନେଇପାରେ, ହୁଏତ ସେ ଭବିଷ୍ୟତର ଅସୁବିଧାକୁ କିଛି ମାତ୍ରାରେ ଟାଳିବାରେ ସକ୍ଷମ ହୋଇପାରେ ।

ଶିକ୍ଷକ ମହୋଦୟ ଯେ ବିଦ୍ୟାଳୟର କାର୍ଯ୍ୟକ୍ରମ ଶେଷକରି ସନ୍ଧ୍ୟାସମୟରେ ନିଜର ଗୃହକୁ ଫେରିଥିଲେ । ଗ୍ରାମଟି ମିନାକ୍ଷୀଙ୍କ ଘରଠାରୁ ପ୍ରାୟ ଶହେ କିଲୋମିଟର ଦୂରରେ ଅବସ୍ଥିତ । ପ୍ରଧାନମନ୍ତ୍ରୀ ସଡକ ଯୋଜନାର ଅନ୍ତର୍ଗତ ନିର୍ମିତ କଂକ୍ରିଟ ରାସ୍ତା ଯେ ପରିବହନର ସବୁ ସୁବିଧା କରିପାରିଛି । ତେଣୁ ରାତ୍ରୀହେଲେ ମଧ୍ୟ ମିନାକ୍ଷୀ ଓ ତାଙ୍କ ସ୍ୱାମୀ ଯେ ସହଜରେ ଘରକୁ ଫେରିପାରିବେ । ଶିକ୍ଷକ ମହୋଦୟ ଜଣେ ଗ୍ରାମୀଣ ବ୍ୟକ୍ତି, କିନ୍ତୁ ଗଣିତର ବିଷାରଦ, ସେ ଖଣ୍ଡ ଅଂଚଳରେ ଗଣିତରେ ଆଜିପର୍ଯ୍ୟନ୍ତ ତାଙ୍କୁ କେହି ଟକ୍କରଦେଇ ପାରିନାହାନ୍ତି । କିନ୍ତୁ ସେ ଏସବୁ ନେଇ କ୍ଷଣମାତ୍ର ଗର୍ବିତ ନୁହନ୍ତି । ଜୀବନଯାପନ ଅତ୍ୟଧିକ ସରଳ । ଘରର ପିଣ୍ଡାଉପରେ ବସି ସେ ମିନାକ୍ଷୀଙ୍କ ମୁଖରୁ ଘଟଣାବଳୀର ସମ୍ପୂର୍ଣ୍ଣ ବିବରଣୀ ଶୁଣିଥିଲେ । ନିଜର ମାଗ୍ନିଫଂୟିଙ୍ଗ ଗ୍ଲାସକୁ ଧରି ଅନାହିତାଙ୍କ ହସ୍ତର ରେଖାଗୁଡ଼ିକୁ ଦେଖିଚାଲିଲେ । କିଛି ରେଖା ସାମାନ୍ୟ ଦୃଶ୍ୟମାନ କିନ୍ତୁ ବହୁତଗୁଡ଼ିକ ମେହେନ୍ଦୀର ତଳେ ଅଦୃଶ୍ୟମାନ । ସବୁକିଛି ଜାଣିବା ଓ ବୁଝିବା ପରେ ଶିକ୍ଷକ ମହୋଦୟ ଆସନ୍ତା ରବିବାର ଦିନ ଭେଟ କରିବାକୁ ପ୍ରସ୍ତାବଦେଲେ । କିନ୍ତୁ, ସେ ଏହା ବି କହିଥିଲେ ଯେ ତାଙ୍କର ସୀମିତ ଜ୍ଞାନ, ଯଦି ସେ କିଛି କଳନା କରିବାରେ ସକ୍ଷମ ହେବେ, ତେବେ ସେ କିଛି ଉତ୍ତର ଦେଇପାରିବେ, ଅନ୍ୟଥା ସେ ମିଥ୍ୟା ଭ୍ରମ ସୃଷ୍ଟି କରିବେନାହିଁ । ତାଛଡା, ସେ ନିଜର ଜିଜ୍ଞାସାଯୋଗୁ ଏ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com
ବିଶେଷ ବିଷୁବ ସଂଖ୍ୟା ୨୦୧୯

ସାଧନା କରିଚାଲିଛନ୍ତି, ତେଣୁ ସେ ବଦଳରେ ପାରିଶ୍ରମିକ ସ୍ୱୀକାର କରନ୍ତି ନାହିଁ । ମିନାକ୍ଷୀ ଓ ପତି କିଛି ଆଶାକୁ ମନରେ ବାନ୍ଧି, ସେହିଁ ରାତ୍ରୀରେ ଘରକୁ ଫେରିଆସିଥିଲେ ।

ଏହା ମଧ୍ୟରେ ଶିକ୍ଷକ ମହୋଦୟ ନୈତିକ ଜୀବନରୁ ସମୟ ବାହାରିକରି ସେ ହସ୍ତର ରେଖାଗୁଡିକୁ ଗଣିତ ଜ୍ଞାନର କସୌଟୀ ପଥରରେ ଘସିବାକୁ ଲାଗିଥିଲେ । ତାଙ୍କ ପାଇଁ ପ୍ରଶ୍ନଟି ଏ ନଥିଲା କି ଜ୍ୟୋତିଷ ବିଦ୍ୟା ଭବିଷ୍ୟତ ବିଷୟରେ କଣ କହୁଛି, ବରଂ ପ୍ରଶ୍ନଟି ଖୁବ ସରଳ ଥିଲାକି ବୈଦିକ ଗଣିତଜ୍ଞାନ ସେ ହସ୍ତର ରେଖାଗୁଡିକର କିଛି ବାସ୍ତବିକ ଅର୍ଥ ବାହାରି କରିପାରିବ ନାଁ ନାହିଁ ଓ ସମୀର କଣଯେ ଦେଖି ଏତେମାତ୍ରାରେ ଭୟଭୀତ ହୋଇଉଠିଥିଲେ । ଦୁଇଦିନ ସମୟ ବିତାଇବାପରେ ସେ ବୁଝିପାରିଥିଲେ ଯେ ହସ୍ତର ରେଖାଗୁଡ଼ିକ ଯଥା ଜୀବନ ରେଖା, ଭାଗ୍ୟ ରେଖା, ହୃଦୟ ରେଖା ଇତ୍ୟାଦି ସଠିକ ସ୍ଥାନରେ ସଠିକ ରୁପରେ ଥିଲେ । କିନ୍ତୁ, ବାମ ହସ୍ତର ସ୍ୱସ୍ଥ୍ୟରେଖାର ଆରମ୍ଭରେ ଏକ ତାରକା ଖୁବ ସ୍ୱଷ୍ଟରୁପରେ ଦୃଶ୍ୟମାନ । ଏହା ପାପୁଲିର ବୁଦ୍ଧ ପର୍ବତ ଉପରେ, ଛୋଟ ଅଙ୍ଗୁଳିର ଠିକ ନିମ୍ନଭାଗରେ ଉପସ୍ଥିତ । ଏହାହିଁ ଏ ହସ୍ତର ବିଶେଷତା ଥିଲା, ଯାହାକି ସମୀର ଅନ୍ୟମାନଙ୍କ ହାତରେ ଏ ପର୍ଯ୍ୟନ୍ତ ଦେଖିନଥିଲେ । ଗଣିତ କଳନା ଓ ହସ୍ତ ଶାସ୍ତ୍ର ସାଧାରଣତଃ ଏ ଚିହ୍ନଟିକୁ ଅଶୁଭ ମାନିଥାଏ । ଏହା ସାଧାରଣତଃ ସନ୍ତାନ ବିହୀନ ଜୀବନର ସଂକେତ ଦେଇଥାଏ । ଶାରୀରିକ ଦୃଷ୍ଟିରୁ ଦେଖିଲେ, ଏ ଗୁର୍ଦାଜନିତ ବୀମାରୀ ଓ ସ୍ତ୍ରୀରୋଗ ସମ୍ବନ୍ଧୀୟ ସମସ୍ୟାର ସଂକେତ ମଧ୍ୟୟ ଦେଇଥାଏ । କିନ୍ତୁ, ଏହା ଏକ ସଂକେତ । ଭବିଷ୍ୟତରେ ଏହା ସତ୍ୟ ହୋଇପାରେ, ନହୋଇପାରେ ମଧ୍ୟୟ । କିନ୍ତୁ ସମୟ ଥାଉ ଥାଉ ସଂକେତର ମୂଲ୍ୟ ବୁଝିନେଲେ ଯେ କିଛି କ୍ଷତି ନାହିଁ ।

ରବିବାର ଦିନ ସକାଳୁ ମିନାକ୍ଷୀ ନିଜ ପତିଙ୍କ ସହିତ ଯାଇ ପହଂଚିଥିଲେ ସେହି

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବିଶେଷ ବିଷ୍ଣୁସଂଖ୍ୟା ୨୦୧୯

ଶିକ୍ଷକଙ୍କ ଗୃହରେ । ସକାଳର ନିତ୍ୟକର୍ମ ସାରି ଶିକ୍ଷକ ପିଣ୍ଡା ଉପରେ ବସି ଖବରକାଗଜ ପଢୁଥିଲେ । ଅତିଥି ଦୁହିଁଙ୍କ ଆସିବାର ଦେଖି, ଶିକ୍ଷକ ସେମାନଙ୍କ ସ୍ୱାଗତ କରିଥିଲେ । ଘଟଣାର ବୃତାନ୍ତ ସେ ବୁଝାଇ କହିଥିଲେ । ଏହାମଧ୍ୟ କହିଥିଲେକି ସମୀର ଯେ ଖୁବ ଭଲ ଫଟୋଗ୍ରାଫର, ଏବଂ ସେ ଖୁବ ସୁକ୍ଷ୍ମ କଳାକାର । ମେହେନ୍ଦିଯୁକ୍ତ ହସ୍ତରେ ସେ ଯେ ଖୁବ ଶୀଘ୍ର ସେ କ୍ଷୁଦ୍ର ତାରକାଟିକୁ ଦେଖିପାରିଲେ । ଶିକ୍ଷକ ନିଜର ମାଗ୍ନିଫାଇଙ୍ଗ ଗ୍ଲାସ ଦ୍ୱାରା ମିନାକ୍ଷୀଙ୍କୁ ମଧ୍ୟ ସେ ତାରକା ଦେଖାଇ ପାରିଥିଲେ । ଶିକ୍ଷକ ମହୋଦୟ ସେ ଦୁହେଁ ସ୍ୱାମୀ ସ୍ତ୍ରୀଙ୍କୁ କହିଥିଲେ କି ଏ ପ୍ରକାର କଳନା ଓ କଳ୍ପନା କିଛି ଅଭିଜ୍ଞତା ଓ ଜ୍ଞାନ ଉପରେ ଆଧାରିତ, ଏଥିରେ ବିଭିନ୍ନ ପ୍ରକାର ଅନିଶ୍ଚିତତା ଥାଇପାରେ । ମିନାକ୍ଷୀ ଶିକ୍ଷକଙ୍କ ସହାୟତା ପାଇଁ ଖୁବ ଧନ୍ୟବାଦ ଜଣାଇ, ନିଜ ଘରକୁ ଫେରିଆସିଲେ ।

ଘରେ ପହଂଚି ସେ ସମୀରଙ୍କୁ ଫୋନକରି ପ୍ରଥମେ ଏ ଜାଣିବାକୁ ଚାହିଁଲେ କି ସେ ଅନାହିତାଙ୍କ ହାତରେ କଣ ଦେଖି ଏତେ ବ୍ୟସ୍ତ ହୋଇଥିଲେ ? ସେ କହିଉଠିଲେ କି ମା, ସେ ବିବାହର ପରଦିନ କ୍ୟାମେରାର ଫଟୋଗୁଡିକୁ ଜୁମକରି ଦେଖିବା ସମୟରେ ବାମ ହସ୍ତର ଛୋଟ ଆଙ୍ଗୁଳି ତଳେ ଖୁବ ବଡ଼ ଆକାରର ଏକ ତାରକାଭଳି ଚିହ୍ନକୁ ଦେଖିଥିଲି । ନଜାଣେ, କେଉଁଠି ସେ ପଢ଼ିଥିଲେ ଯେ ଏହା ଅଶୁଭ ସଂକେତ । ଯଦିଓ ସେ ଏ ସବୁକୁ ବିଶ୍ୱାସ କରନ୍ତିନାହିଁ, କିନ୍ତୁ ଅନାହିତାଙ୍କପରି ଏକ ସୁନ୍ଦର ନାରୀର ଜୀବନରେ କିଛି ଅସୁବିଧା ନଆସିବା ଉଚିତ, କଣ ପାଇଁ ସେ ଏମିତି ଭାବିବାକୁ ଲାଗିଲେ, ତାହାର କାରଣ ସେ କହିପାରିବେ ନାହିଁ । ମା ଯେ ଥଟ୍ଟାର ସହିତ କହିଥିଲେ, ବାବୁରେ ତୋତେ ସେ ଦିବ୍ୟରୂପ ସହିତ ବୋଧେ ପ୍ରଥମ ନଜରରେ ପ୍ରେମ ହୋଇଯାଇଛି । ମା ଓ ପୁଅ ଉଭୟ ଖୁବ ଜୋରରେ ହସିଉଠିଥିଲେ । କ୍ଷଣକପରେ ମିନାକ୍ଷୀ, ଶିକ୍ଷକଙ୍କଦ୍ୱାରା କୁହାଯାଇଥିବା ବିଷୟ ପ୍ରସଙ୍ଗରେ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com
ବିଶେଷ ବିଷୁବ ସଂକ୍ରାନ୍ତି ୨୦୧୯

ସମୀରଙ୍କୁ ସବୁ କିଛି ଜଣାଇଥିଲେ । ଉଭୟ ଏକ ଅଜଣା କନ୍ୟାର ସୁଖମୟ ଭବିଷ୍ୟତର କାମନାକରି ଫୋନ କାଟିଥିଲେ ।

କଲେଜରେ ସମୀରଙ୍କ ସମୟ ଶେଷହୋଇଗଲା । ବାର୍ଷିକପରୀକ୍ଷା ସମାପ୍ତ, ମାସେ ପରେ ଫଳାଫଳ ଘୋଷଣା, ହାତରେ ଡିଗ୍ରୀ ମାନପତ୍ର ଧରି ସମୀର ଯେ ଜଣେ ପ୍ରଫେସନାଲ ଭାବରେ କଲେଜ ଛାଡ଼ି ଚାଲିଗଲେ । ଆଖିରେ ବହୁତଗୁଡିଏ ସ୍ୱପ୍ନକୁ ଧରି ସେ ପହଂଚିଗଲେ ଦକ୍ଷିଣ ଭାରତର ଚଳଚିତ୍ର ଜଗତରେ, ଯେଉଁଠିକି ଖୁବ ଉଚ୍ଚକୋଟିର ଫଟୋଗ୍ରାଫର ମାନଙ୍କର ଖୁବ ଆବଶ୍ୟକତା । ଏଥିସହିତ, ସେ ନିଜର ବୈଷୟିକ ଜୀବନ ଆରମ୍ଭ କରିଥିଲେ ଏବଂ ଅର୍ଥ ରୋଜଗାରର ଶ୍ରୀଗଣେଶ କରିଥିଲେ । ନିଜର କାର୍ଯ୍ୟ ଓ ଜୀବନର ଚକ୍ରରେ ସେ ଦୁନିଆର ଅନ୍ୟସମସ୍ତ ମନୁଷ୍ୟଙ୍କପରି ଘୁରିବୁଲିଲେ । ସମୟର ଖୁବ ଅଭାବ, କେଉଁ ସମୟରେ ରାତ୍ରୀରେ ଚଳଚିତ୍ର ସୁଟିଙ୍ଗ ତ କେବେ ଦିନରେ । ଛୁଟିବୋଲି କିଛି ନଥାଏ । ତେଣୁ ଏହା ମଧ୍ୟରେ ତାଙ୍କର ମନମଧ୍ୟରୁ ଅନାହିତା ଓ ତାଙ୍କର ସେ ହସ୍ତର ତାରକା ଯେ ଖୁବ ଦୁରେଇଯାଇଥିଲେ, ମନଆକାଶର କେଉଁ କୋଣରେ ଏକ ତାରକାଭଳି ଲୁଚିଯାଇଥିଲେ । ମିନାକ୍ଷୀ ମଧ୍ୟ୍ୟ ସବୁ ଭୁଲିଯାଇଛନ୍ତି, ତାଛଡା ସେମାନଙ୍କ ମଧ୍ୟରେ କିଛି ସମ୍ପର୍କ ନଥିଲା, ତେଣୁ ଭୁଲିବାଟ ସ୍ୱାଭାବିକ ।

ପ୍ରାୟ ଦୁଇବର୍ଷ ପରେ କିଛି ସମୟ ପାଇବାରୁ, ସମୀର ଆସିଥିଲେ ମା ବାପାଙ୍କୁ ଭେଟକରିବାକୁ । ପୁଅକୁ ଦେଖି ପରିବାର ଓ ସମ୍ପର୍କୀୟମାନେ ଖୁବ ଖୁସି । ତାଛଡା ଚଳଚିତ୍ରଜଗତରେ କାର୍ଯ୍ୟ କରୁଥିବାରୁ, ପ୍ରାୟ ପ୍ରତ୍ୟେକ ଛୋଟ ବଡ ବୟସକିୟ ଜଣାଶୁଣା ବ୍ୟକ୍ତିମାନେ ହିରୋ, ହିରୋଇନ ମାନଙ୍କ ବିଷୟରେ ପ୍ରଶ୍ନ ପଚାରି ପଚାରି ସମୀରଙ୍କର ମୁଣ୍ଡଟିକୁ ଅଶାନ୍ତ କରିଦେଉଥିଲେ । ତେଣୁ ସେ ଆଉ ଘରକୁ ଆସିବେନାହିଁ, ଶପଥ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବିଶେଷ ବିଷୁବ ସଂକ୍ରାନ୍ତି ୨୦୧୯

ଗ୍ରହଣକଲେ । ରାତ୍ରୀରେ ଘରର ଛାତ ଉପରେ ବସି ମାଙ୍କ ସହିତ ଗପକରୁଥିବା ବେଳେ, ହଠାତ ମା ସେ ବିବାହିତା ନାରୀ ବିଷୟରେ ଚର୍ଚା କରିଥିଲେ । ସମିରଯେ ସବୁ ଭୁଲିଗଲେଣି, ଏପରିକି ଅନାହିତାର ସୌନ୍ଦର୍ଯ୍ୟ ମଧ୍ୟ ।

ନିଜର କର୍ମକ୍ଷେତ୍ରକୁ ଫେରିଆସିଲେ ସମୀର । ଖୁବ ଭଲ ଚଳଚିତ୍ରରେ ସେ କାର୍ଯ୍ୟରତ । ସୁଟିଙ୍ଗ ଚାଲିଥାଏ, ନାୟିକାଯେ ଏକା ଏକା ଦୁଃଖରେ ଗୀତ ଗାଇବାର ସିନ, ଏହି ଦୁଃଖର ମୁହୂର୍ତ୍ତକୁ କ୍ୟାମେରାରେ କୈଦ କରିବା ସମୟରେ ସମୀରଙ୍କ ମନମଧ୍ୟରେ ଏକ ଭୟ ଆସିଥିଲା, ତାଙ୍କୁ ଅନୁଭବ ହେଲାକି ଯେପରି ସେହି ଅଜଣା ସୁନ୍ଦରୀ ଅନାହିତା ସତେଯେ ଏ ଚଳଚିତ୍ରର ନାୟିକାପରି ଖୁବ ଦୁଃଖୀ । ତାଙ୍କର ଗଳା ଶୁଖିବାକୁ ଲାଗିଲା । ସେଦିନର ସୁଟିଙ୍ଗ ସମାପ୍ତକରି ନିଜର ରୁମରେ ପହଂଚି ଥକିଯାଇ ବେଡ଼ଉପରେ ବସିପଡ଼ିଲେ ସମୀର । ସେ ଭାବିବାକୁ ଲାଗିଲେ ଯେ ପ୍ରାୟ ଦୁଇବର୍ଷ ପରେ, ଆଜି କଣ ପାଇଁ ଯେ ଅନାହିତାଙ୍କର ସେ ବିବାହ ସମୟର ରୁପ ତାଙ୍କର ଆଖିରେ ନାଚି ଚାଲିଛି, ସେ ତ ତାଙ୍କୁ ସମ୍ପୂର୍ଣ ଭାବରେ ଭୁଲିଯାଇଥିଲେ । କଣ କରିବା ଉଚିତ, ସେ ଯେ ମାଙ୍କୁ ଫୋନକଲେ ।

ପରଦିନ ସେ ନିଜର ପୁରୁଣା ବହି ଖାତା ମଧ୍ୟରେ ଖୋଜିବାକୁ ଲାଗିଲେ ସେହି ଫୋନ ନମ୍ବର ଗୁଡିକୁ । ମିଳିବା ଯେ ଅସମ୍ଭବ । କଣ କରିଲେ ସେ ଅନାହିତାଙ୍କ ବିଷୟରେ କିଛି ଖବର ପାଇପାରିବେ ? ସେ ପହଁଚିଲେ ରବିନ୍ଦ୍ରମଣ୍ଡପ । ଦୁଇବର୍ଷ ତଳର ବୁକିଙ୍ଗ ମଧ୍ୟରେ ସେ ୨୭ ଜୁନରେ ହୋଇଥିବା ବିବାହ ଗୁଡିକର ଠିକଣା ଖୋଜିପାଇଲେ । ଅବଶ୍ୟ ଏଥିପାଇଁ ତାଙ୍କୁ ବହୁତ ତେଢାରାସ୍ତାରେ ଯିବାକୁ ପଡିଥିଲା, ନିଜର ବିସିନେସ କାର୍ଡ ଦେଖାଇବାକୁ ପଡିଥିଲା । ଚଳଚିତ୍ର ଜଗତର ଲୋକମାନେ ଯେ ଭାରତରେ ଖୁବ ଅଧିକ ମାତ୍ରାରେ ସନମାନ ପାଇଥାନ୍ତି । ଅନାହିତା ୱେଡ୍ସ ପ୍ରାଞ୍ଜଳ, ବୁକିଙ୍ଗଟି ବୋଧହୁଏ କନ୍ୟାର ପିତା କି

ଆହ୍ୱାନ ପତ୍ରିକା

 Magazine Downloaded from www.aahwaan.com

ବିଶେଷ ବିଷୁବ ସଂକ୍ରାନ୍ତି ୨୦୧୯

ଅନ୍ୟକିଏ ସମ୍ପର୍କୀୟଙ୍କ ନାମରେ ଥିଲା । ସମ୍ପର୍କ କରିବାକୁ ନମ୍ବରଟି ମିଳିଯାଇଥିଲା । ଶାନ୍ତଚିତ୍ତ ଅବସ୍ଥାରେ ଏକ ରେଁସ୍ତୁରଣ୍ଟରେ ବସି, ସମୀର ସେ ଫୋନନମ୍ବରରେ ଫୋନ କରିଥିଲେ । ଅପରପକ୍ଷରେ ଜଣେ ବୟସ୍କ ବ୍ୟକ୍ତି ଫୋନ ଉଠାଇ କହିଲେ ହେଲୋ, ସମୀର ନିଜର ପରିଚୟ ଦେଉଥାକୁଯାଇ ସେ ବିବାହ ଓ ଫ୍ରି ଫଟୋଗ୍ରାଫି ବିଷୟରେ କଥାହୋଇଥିଲେ । ସେ ବ୍ୟକ୍ତି ଜଣକ ପ୍ରଥମେ କିଛି ବୁଝିନପାରି ଭୁଲ ନମ୍ବର ବୋଲି କହି ଫୋନ କାଟିଦେଲେ । କିଛି ସମୟପରେ ସମୀର ପୁଣି ଫୋନକରି କହିଥିଲେ ଯେ ରବିନ୍ଦ୍ରମଣ୍ଡପରେ ଦୁଇବର୍ଷ ତଳେ ହୋଇଥିବା ଅନାହିତା ଓ ପ୍ରାଞ୍ଜଳଙ୍କ ବିବାହର ମଣ୍ଡପ ବୁକିଙ୍ଗ ତାଙ୍କ ନାମରେ ଅଛି ଏବଂ କିଛି ପେମେଣ୍ଟ ବାକିଥିବାରୁ ସେ ଫୋନ କରୁଛନ୍ତି । ବାକି ଚୁକେଇବା କଥା ଶୁଣିବାମାତ୍ରେ ବୟସ୍କ ବ୍ୟକ୍ତି ଜଣକ କହିଥିଲେ ଯେ ବିବାହତ ସେସମୟର ବଡ଼ବାବୁଙ୍କ ଝିଅର ହୋଇଥିଲା ଏବଂ ତାଙ୍କ ଆଦେଶରେ ସେ ମଣ୍ଡପ ବୁକିଙ୍ଗ କରିଥିଲେ । ସେ ନିଜେ ଯେ ସବୁ ହିସାବ ଚୁକାଇଥିଲେ, ପୁଣି ବାକି କଣ ରହିଲାଯେ ? ବଡ଼ବାବୁ ଗତବର୍ଷଠୁ ଅବସର ଗ୍ରହଣ କଲେଣି, ଏ ସମୟରେ ସେ ଯାଇ ସେହି ବିବାହିତା ଝିଅର ଘରେ ବାଙ୍ଗାଲୋରରେ ଅଛନ୍ତି । ସମୀର ସବୁ ଖବର ପାଇବା ଆଶାରେ କହିଥିଲେ କି ବଡ଼ବାବୁ କେବେ ଫେରିବେ ଓ ତାଙ୍କର ଫୋନ ନମ୍ବରଟି ଦିଅନ୍ତୁ; ଏହାଶୁଣି ସେ ବ୍ୟକ୍ତି ଜଣକ କହିଲେ କି ତାଙ୍କ ଜୀବନରେ ବର୍ତ୍ତମାନ ବହୁତ ବିପଦ ଓ ଦୁଃଖ, ତାଙ୍କୁ ଆଉ କଷ୍ଟ ଦିଅନ୍ତୁନାହିଁ । କଣବୋଲି ପ୍ରଶ୍ନ କରିବାରୁ, ସେ ବ୍ୟକ୍ତି ନାରାଜ ହୋଇଯାଇଥିଲେ, ସମୀର ଯେ କହିଉଠିଲେକି ହୋଇପାରେ, ସେ ତାଙ୍କର କିଛି ସାହାଯ୍ୟ କରିପାରନ୍ତି । କଣ ସାହାଯ୍ୟ କରିବ ତୁମେ, କେବଳ ଈଶ୍ୱର ହିଁ ସାହାଯ୍ୟ କରିପାରିବେ । ବିବାହିତା ଝିଅର ଯେ ଗତବର୍ଷଠୁ ଶରୀର ଖୁବ ଅସୁସ୍ଥ, ତାଙ୍କରଯେ ଦୁଇଟି ଗୁର୍ଦା କାମକରିବା ବନ୍ଦ କରିଦେଲାଣି । ବାଙ୍ଗାଲୋର ସହରରେ ଥିବା "ନିଛୁ ହସ୍ପିଟାଲ",

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବିଶେଷ ବିଷୁବ ସଂଖ୍ୟା ୨୦୧୯

ଜୟନଗରରେ ଚିକିତ୍ସା ଚାଲିଛି । ଯାଅ ତୁମେ ସେଠିକୁ, ତୁମ ପଇସା ନେଇଆସିବ, ମୋତେ ଆଉ ଫୋନ କରିବନି କହି ସେ ଫୋନ ରଖିଥିଲେ । ସମୀରଯେ ଅଧର୍ଯ୍ୟ ହୋଇଗଲେ, ସେ ଜାଣିଥିଲେ କି ଏହିପ୍ରକାର ବିପଦର ଚାନ୍ସ ଅଛି, ତଥାପି ସେ କାର୍ଯ୍ୟରତ ହୋଇ ସବୁ ଭୁଲିଗଲେ । ସେ ଡରିଗଲେ କାଳେ ଅନାହିତାଙ୍କର କିଛି ହୋଇଯିବ ବୋଲି, ସେ ତାଙ୍କର ସେହି ଜନ୍ମଦାତ୍ରୀ ମାଙ୍କୁ ଫୋନକରି ପ୍ରଳାପ କରିବାକୁ ଲାଗିଲେ । ତାଙ୍କୁ ଏ ଲାଗୁଥିଲା ଯେ ଯଦି ସେ ଏପ୍ରକାର ବିପଦର ସୂଚନା କୌଣସି ଉପାୟରେ ଅନାହିତାଙ୍କୁ ଦେଇପାରିଥାନ୍ତେ, ହୁଏତ ବିପଦ ଟାଳି ହୋଇପାରିଥାନ୍ତା । ମା ଯେ ଖୁବ ସାନ୍ତ୍ୱନା ଦେଇଚାଲିଲେ, ପୁଅର ଏ ପ୍ରକାର ମାନସିକତା ଦେଖି ସେ ଗର୍ବ ଅନୁଭବ କରୁଥିଲେ ଯେ ସମୀର ଯେ ନିସ୍ୱାର୍ଥପର ଏବଂ ପରୋପକାରୀ । ସେ ନିଜ ତରଫରୁ ପ୍ରସ୍ତାବଦେଲେ କି ବାଙ୍ଗାଲୋର ଯିବା ଉଚିତ ଏବଂ ଯେଉଁପ୍ରକାର ସାହାଯ୍ୟକରିହେବ, କରିବାଟା ମାନବିକତା ଦୃଷ୍ଟିକୋଣରୁ ଠିକ ହେବ । ଏତିକି ଶୁଣିବାକୁ ଅପେକ୍ଷା କରିଥିଲେ ସମୀର । ହାଇଦ୍ରାବାଦ ସହରରୁ ରାତ୍ରୀରେ ବସରେ ବସି ଏକ ହୃଦୟବାନ ଯୁବକ ଏକ ଅଜଣା ଅଚିନ୍ହା ନାରୀକୁ ସାହାଯ୍ୟ କରିବା ପାଇଁ ଆସି ପହଂଚିଥିଲେ ଜୟନଗର ସ୍ଥିତ ନିୟୁ ହସ୍ପିଟାଲରେ । ପାଖରେ ଥିବା ଏକ ସୁଲଭ ସୌଚାଳୟରେ ନିଜର ନିତ୍ୟକର୍ମ ସାରି, ସେ ପହଂଚିଥିଲେ ହସ୍ପିଟାଲର ରିସେପ୍ସନ, ପେସେଣ୍ଟ ଅନାହିତାଙ୍କୁ ଦେଖାକରିବାର ଅଛି, ତାଛଡାଯେ ତାଙ୍କପାଖରେ ଅନ୍ୟକିଛି ଖବର ନାହିଁ । ଖୁବ ଜରୁରୀ ଏବଂ ସେ ବହୁତ ଦୂରରୁ ଥକାହାରା ହୋଇ ଆସି ପହଂଚିଛନ୍ତି । ସମ୍ପର୍କ କଣ ପ୍ରଶ୍ନ କଲାରୁ, ସମୀର କହିଥିଲେ ମାନବିକତା । ଏତିକି ଶୁଣି ସେ ରିସେପସ୍ନିଷ୍ଟ ଅନେଇରହିଯାଇଥିଲା ସମୀରଙ୍କୁ । ରୁମ ନମ୍ବର 506, ୱାର୍ଡ-D । ବେକରେ ନିଜର ପେହଚାନ, କାମେରାଟିକୁ ଝୁଲେଇ, ସମୀର ପହଂଚିଥିଲେ ସେହି ରୁମ ନିକଟରେ । ଭୟରେ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com
ବିଶେଷ ବିଷୁବ ସଂଖ୍ୟା ୨୦୧୯

ତାଙ୍କର ହାତ ଧରିବାକୁ ଲାଗିଲା । ସେ ଯେ ବିନା ସମ୍ପର୍କରେ ମଧ୍ୟ ଅନାହିତାଙ୍କର ଢଳିଯାଇଥିବା ସୌନ୍ଦର୍ଯ୍ୟବିହୀନ ରୁପକୁ ଦେଖିପାରିବେନାହିଁ । ଆଜି ତାଙ୍କର କ୍ୟାମେରା ମଧ୍ୟ ସେ ନାରୀର ଫଟୋ ଉଠାଇବାକୁ ରାଜି ନୁହେଁ । ଦୁଇହାତକୁ ଖୁବ ଜୋରରେ ଜାବୁଡିଧରି ସେ ରୁମର କବାଟ ଠକ ଠକ କରିଥିଲେ । କିଛି ସମୟ ପରେ, ସେ ରୁମରୁ ଜଣେ ବୃଦ୍ଧବ୍ୟକ୍ତି ଆସି କବାଟ ଖୋଲିଥିଲେ । ପଚାରିଲେ ଆପଣ କିଏ ଏବଂ କାହାକୁ ଖୋଜୁଛନ୍ତି, ଆପଣଙ୍କୁ ଜାଣିବାଭଳି ଲାଗୁନି । ଠିକ କହିଲେ ମଉସା, ମୁଁ କିନ୍ତୁ ଆପଣଙ୍କୁ ଅଳ୍ପ ଅଳ୍ପ ଜାଣିଛି ଏବଂ ଅନାହିତା ସହିତ ଦେଖାହୋଇପାରେକି ? ସେ ଯେ ବହୁତ ବୀମାର, ବହୁତ ପୀଡ଼ାରେ ଅଛି । ତୁମେ ଅପେକ୍ଷାକର, ତାଙ୍କୁ ପଚାରିଆସେ, କହି ମଉସା ରୁମ ମଧ୍ୟକୁ ଗଲେ । ରୁମ ମଧ୍ୟରେ ବହୁତସାରା ମେସିନ ସହିତ ଅନାହିତାଙ୍କ ଶରୀରଯେ ଯୋଡିହୋଇଯାଇଛି, ଡାଇଆଲିସିସ ଚାଲିଛି । କଷ୍ଟରେଥାଇ ମଧ୍ୟ, ନିଜକୁ ଖୁସିର ଏକ ମୁହୂର୍ତ୍ତ ଦେବାପାଇଁ ସେ ବାପାଙ୍କୁ କହିଲେ କି ସେ ଅଜଣା ବ୍ୟକ୍ତିଙ୍କୁ ରୁମ ଭିତରକୁ ଆଣିଆସ । ସମୀର ଯେ ଏ ଦୃଶ୍ୟ ସହିପାରୁନାହାନ୍ତି, ସେ ଯେ ଖୁବ ଭୟଭୀତ । ବିବାହବେଦୀର ସେ ଅନାହିତା ଆଉ ଆଜିର ଏ ବୀମାର ଶରୀର ମଧ୍ୟରେ ଯେ ଯୁଗ ଯୁଗର ଦୂରତା, ସମୀର ଅଧର୍ଯ୍ୟ, କିନ୍ତୁ ସମ୍ମୁଖରେ ପୀଡିତ ଶରୀରରେ ବଂଚିବାର ଇଚ୍ଛା ଓ ସାହାସ ଅଛି, ଏହାଦେଖି ସେ ନିଜକୁ ସାହସୀ କରିବାକୁ ଲାଗିଲେ । ଆପଣ କିଏ, ଚିନ୍‌ହି ପାରୁନି, କହିଉଠିଲେ ଅନାହିତା । ସେ ମଧୁର କଣ୍ଠ ଯେ ତାର ସୁର ଓ ତାଳ ହଜେଇଦେଲାଣି । ତୁମର ଓ ମୋର ମଧ୍ୟରେ ଦୁଇଟି ସମ୍ପର୍କ; ପ୍ରଥମଟି ହେଲା ଏହି କ୍ୟାମେରା ଯେକି ତୁମ ବିଭାଘରରେ ଫ୍ରିରେ ଫଟୋଉଠାଇଥିଲା, ଏବଂ ଦ୍ୱିତୀୟଟି ହେଲା ଏକ ଅଜଣା ଅଶୁଣା ମାନବିକତା । ତତ୍‌କ୍ଷଣାତ ଅନାହିତା ଓ ତାଙ୍କର ପିତା ସମୀରଙ୍କ ଚିନ୍‌ହିପାରିଥିଲେ ଏବଂ ମାନବିକତାର ସମ୍ପର୍କଯୋଗୁ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଏତେ ଦୂରରୁ କଷ୍ଟସହି ନିଜ ଜୀବନର ମୂଲ୍ୟବାନ ସମୟ ବ୍ୟୟକରି, ସମୀର ଭେଟକରିବାକୁ ଆସିଥିବାରୁ, ବାପା ଓ ଝିଅ ଯେ କୃତଜ୍ଞ । ସମୀରଙ୍କ ମନ ମଧ୍ୟରେ ଥିବା ଅନାହିତା ଯେ ଏ ଅନାହିତା ଠାରୁ ଖୁବ ଭିନ୍ନ । ଏ ଅନାହିତା ଯେ ଏକ ବୃକ୍ଷପରି ସବୁ ପତ୍ରଗୁଡ଼ିକ ଝାଡ଼ିଦେଇ ଏକ ଖୁଣ୍ଟଭଳି ଛିଡାହୋଇଛନ୍ତି । ସମୟର କ୍ରୁରତା ଦୁଇଟି ବର୍ଷ ମଧ୍ୟରେ ପ୍ରକାର ପରିବର୍ତ୍ତନ ଆଣିପାରେ ? ଆଜି ଯେ ତାଙ୍କୁ କ୍ୟାମେରା ଭଲ ଲାଗୁନି, ସେ ଆଉ ଫଟୋ ଉଠାଇବାକୁ ଚାହାନ୍ତିନାହିଁ । ଖୁବ ଯନ୍ତ୍ରଣା ସହି ସେ ହଜିଯାଉଥିବା ଜୀବନର ରଙ୍ଗଗୁଡିକୁ କଳା ଧଳା ହେବାର ଦେଖୁଛନ୍ତି । କେହି ସାହାଯ୍ୟ କରିପାରୁନାହାନ୍ତି । ମଣିଷ ନିଜ ଜନ୍ମ, କର୍ମ, ପାପ, ପୁଣ୍ୟର ଫଳ ନିଜେହିଁ ଭୋଗିଥାଏ । ନୟନ ଦୁଇଟି ତାର ସୌନ୍ଦର୍ଯ୍ୟ ହଜେଇଦେଇଛି, ଅଶ୍ରୁହି ବହିଚାଲିଛି । ବିବାହର ଜୀବନ ଆରମ୍ଭ କରୁ କରୁ, କାହାର ନଜର ଲାଗିଗଲା । ମା ଓ ବାପା ଅତ୍ୟନ୍ତ ଦୁଃଖୀ । ପତି ପ୍ରାଞ୍ଜଳଯେ ଅନାହିତାଙ୍କ ହାତ ଛାଡ଼ି ଚାଲିଯିବାକୁ ଓ ଭୁଲିବାକୁ ଚେଷ୍ଟା କରିଲେଣି । ବିବାହଟି ଆରେଞ୍ଜ ଅର୍ଥାତ ଯୋଗାଡ଼ କରାଯାଇଥିଲା । ବିବାହର ଏକ ବର୍ଷ ମଧ୍ୟରେ ଅନାହିତାଙ୍କ ଗୁର୍ଦା ସମ୍ବନ୍ଧୀୟ ବୀମାରୀ ଆରମ୍ଭ ହୋଇଥିଲା, ତେଣୁ ପ୍ରାଞ୍ଜଳ ଓ ତାଙ୍କ ପରିବାର ଯେ ଭାବିନେଇଥିଲେ ଯେ ଅନାହିତାଙ୍କ ଶାରୀରିକ ବୀମାରୀ ବିଷୟରେ ବୋଧେ ତାଙ୍କର ପରିବାର ଲୁଚାଇଥିଲେ । ତେଣୁ ହସ୍ପିଟାଲର ଝାମେଲା, ଖର୍ଚ୍ଚ ଓ ଅନାହିତାଙ୍କ କଷ୍ଟଭରା ପ୍ରତିଦିନର ଜୀବନ, ତା ସହିତ ତାଙ୍କର ଜୀବନରେ ଆସୁଥିବା କଷ୍ଟକୁ ସଂଭାଳିନପାରି ସେ ପତ୍ନୀର ମାତା ପିତାଙ୍କୁ ଡାକି ସବୁ ଘଟଣାବଳୀର ବର୍ଣ୍ଣନା କରିଥିଲେ । ଅନାହିତାଙ୍କର ଡାଇଆଲିସିସ ଯେ ପ୍ରାୟ ପ୍ରତି ତିନିଦିନରେ ଥରେ ହେବାକୁ ଲାଗିଲାଣି, ତାଛଡା ଶରୀରରେ ଉସ୍ଣତା ବଢିଚାଲିଛି, ଦିନକୁ ଦିନ ସେ କମଜୋର ହେଇଚାଲିଲେଣି । ତେଣୁ ପ୍ରାଞ୍ଜଳ ଓ ତାଙ୍କ ପରିବାର ଯେ

Magazine Downloaded from www.aahwaan.com
ବିଶେଷ ବିଷୁବ ସଂକ୍ରାନ୍ତି ୨୦୧୯

ଅନାହିତାଙ୍କୁ ଭେଟ କରିବାକୁ ବହୁତ ଦିନରୁ ଆସିନାହାନ୍ତି । ସେ ବିବାହ ବନ୍ଧନ, ସେ ଅଗ୍ନି, ସେ ସାତଫେରା ଇତ୍ୟାଦି ଯେ ମୂଲ୍ୟହୀନ ହୋଇଗଲା । ଅନାହିତାଙ୍କ ମାତା ପିତାଙ୍କର ଅର୍ଥର ଅଭାବ ନାହିଁ, କିନ୍ତୁ ସେ ଯେ ନିଜ ଝିଅର ଜୀବନ ବିଷୟରେ ଖୁବ ଚିନ୍ତିତ, ଦ୍ୱିତୀୟଟି ଥିଲା ପ୍ରାଞ୍ଜଳ । ଅନାହିତାଙ୍କ ବୀମାରୀ ଯେ ବିବାହପରେ ଜଣାପଡିଲା, ତା ପୂର୍ବରୁ ସେ ସମ୍ପୂର୍ଣ୍ଣ ସ୍ୱସ୍ଥ ଥିଲେ । କିନ୍ତୁ ପ୍ରାଞ୍ଜଳ ଯେ ସେମାନଙ୍କୁ ବିଶ୍ୱାସ କରୁନଥିଲେ । ପ୍ରସିଦ୍ଧ ନେଫ୍ରୋଲୋଜିଷ୍ଟ Dr Sankar କହିଥିଲେ ଯେ ଅନାହିତାଙ୍କ ଜୀବନ ବଞ୍ଚାଇବାର ଗୋଟିଏ ମାତ୍ର ରାସ୍ତା, କିଡ୍ନୀ ଟ୍ରାନ୍ସପ୍ଲାଣ୍ଟ । ବିଷମ ସମସ୍ୟା ମଧ୍ୟରେ ସମସ୍ତ ପରିବାରବାସୀ ଚେଷ୍ଟା କରୁଥିଲେ, କିନ୍ତୁ ବିଫଳ । ତାଛଡା, ସେମାନେ ନିଜେଯେ କିଡ୍ନୀ ଦାନ କରିବାକୁ ଚାହୁଁନଥିଲେ । ସେମାନେ ସମସ୍ତେ ନିଜର ଜୀବନ ଉପରେ କାଳେ ପ୍ରଭାବ ପଡିବ, ଏଥିଲାଗି ଦୂରରେ ଥାଇ ଫୋନରେ କଥାହେଉଥିଲେ । ସମ୍ପର୍କ ଯେ ସ୍ୱାର୍ଥର ଅଧୀନ, ତେଣୁ ବିପଦ ସମୟରେ ସମସ୍ତେ ଦୂରେଇଗଲେ । ମା ଓ ବାପା ଏ ବୟସରେ କିଡ୍ନୀ ଦାନକରିବାକୁ ପ୍ରସ୍ତୁତ ଥିଲେ ମଧ୍ୟ ଡାଇଆବେଟିସ ଯୋଗୁ ତାହା ସମ୍ଭବ ନୁହେଁ । ଆଖିସାମ୍ନାରେ ନିଜର ଝିଅର ମୃତ୍ୟୁ ପାଖେଇ ଆସୁଥିବାରୁ, ବୃଦ୍ଧ ମାତା ପିତା ଦୁହେଁ ଖୁବ ଅଧର୍ଯ୍ୟ । ଅନାହିତାଙ୍କୁ ମୃତ୍ୟୁର ଭୟ ନଥିଲା, ସେ କିପରିଯେ ପ୍ରାଞ୍ଜଳଙ୍କୁ ବୁଝେଇବେ କି ସେ ତାଙ୍କ ବୀମାରୀ ବିଷୟରେ କିଛି ଲୁଚାଇ ନଥିଲେ । କି ବିଚିତ୍ର ଏ ସୃଷ୍ଟି; ଜଣେ ନିଜ ପତ୍ନୀକୁ ଭରଷା କରିପାରୁନି, ଆଉଜଣେ ଯୁବକ ଏକ ଅଜଣା ଅଶୁଣା ମାନବିକତାର ସମ୍ପର୍କନେଇ ସାହାଯ୍ୟ କରିବାକୁ ଆଗେଇ ଆସିଛନ୍ତି । ତେଣୁ କିଏ କୁହେ ଯେ ସମ୍ପର୍କକୁ ବାନ୍ଧିବାକୁ ପଡ଼େ; ସେତ ଆପେ ଆପେ ବାନ୍ଧିହୋଇଯାଏ । Dr । Sankar ଏହା ମଧ୍ୟ ବୁଝାଇଥିଲେ ଯେ ଜଣେ ଶାରୀରିକ ଭାବରେ ଫିଟ ବ୍ୟକ୍ତି, ନିଜର ଦୁଇଟି କିଡ୍ନୀରୁ ଗୋଟିଏ କିଡ୍ନୀ ଦାନ କଲେ, ସେ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବିଶେଷ ବିଷୁବ ସଂଖ୍ୟା ୨୦୧୯

ବ୍ୟକ୍ତି ସାଧାରଣ ଜୀବନ ବିତାଇପାରେ । କିନ୍ତୁ, ତାଙ୍କ କଥାକୁଯେ କେହି ବିଶ୍ୱାସ କରୁନଥିଲେ । ଅନାହିତାଯେ କାହାକୁ ବାଧ୍ୟ କରିପାରିବେନି । ସେ ଏହା ଭାବୁଥିଲେ ଯେ ଯଦି ଏ ପରିସ୍ଥିତି ତାଙ୍କ ସମ୍ମୁଖରେ ଆସିଥାନ୍ତା, କଣ ସେ ନିସ୍ୱାର୍ଥପର ଭାବରେ ମାନବିକତା ଦୃଷ୍ଟିରୁ ନିଜ କିଡ୍ନୀଟି ଦାନ କରିପାରିଥାନ୍ତେ ? ହୁଏତ ସେ ଏହି ପ୍ରକାର ମହାନ ତ୍ୟାଗ କରିପାରିନଥାନ୍ତେ, ତେଣୁ ସେ କିପରି ଭାବରେ ଅନ୍ୟଠୁ ଆଶା କରିପାରିବେ ? ତେଣୁ, ସେ ମୃତ୍ୟୁ ମାର କୋଳରେ ଶାନ୍ତିରେ ଚିରଦିନ ପାଇଁ ଶୋଇଯିବାକୁ ନିଜକୁ ପ୍ରସ୍ତୁତ କରିଚାଲିଛନ୍ତି । ଶାରୀରିକ ସୌନ୍ଦର୍ଯ୍ୟଯେ ଢଳିଯିବ ।

ଆଜି ସମୀର ଜୀବନର ଏକ ଘଡିସନ୍ଧି ମୁହୂର୍ତ୍ତରେ ଛିଡାହୋଇଛନ୍ତି । ଅନାହିତାଙ୍କ ସହିତ ତାଙ୍କର ସମ୍ପର୍କ କଣ ? ସେ ଅନ୍ୟମାନଙ୍କ ଭଳି ଆଖିବୁଲେଇ ଦୁରେଇ ଯାଇପାରନ୍ତି । କିନ୍ତୁ ସେ କଣପାଇଁ ତାହା କରିପାରୁନାହାନ୍ତି, ନିଜର ସମୟ ଓ ମାନସିକ ଶାନ୍ତି ହରାଇଚାଲିଛନ୍ତି । ଦ୍ୱନ୍ଦ୍ୱ, କେବଳ ଦ୍ୱନ୍ଦ୍ୱ । ତେଣୁ ସେ ଫୋନ କରିଥିଲେ ମା ମିନାକ୍ଷୀଙ୍କୁ । ଏବେ ସମୀରଯେ ଛୋଟନାହାନ୍ତି କି ଏକ ରୁଗ୍ଣ କଣ୍ଢେଇର ମୋହ ତାଙ୍କୁ ବାନ୍ଧିରଖିଛି । ପରିସ୍ଥିତି ଯେ ବିଷମ ଏବଂ ସମୀରଯେ କିଛିବି ତ୍ୟାଗ କରିପାରନ୍ତି, ହୋଇପାରେ କି ସେ ନିଜର କିଡ୍ନୀ ଦାନକରିପାରନ୍ତି । ଦୂରରେ ରହି ସମୀରଙ୍କ ମାନସିକ ସ୍ଥିତି ବୁଝିବା କଠିନ । ତେଣୁ ମିନାକ୍ଷୀ ନିଜ ପତିଙ୍କ ସହିତ ଯଥାଶୀଘ୍ର ସମ୍ଭବ, ଆସି ପହଂଚିଥିଲେ ବାଙ୍ଗାଲୋର । ସମୀର ସହିତ ଭେଟ ହେବାପରେ, ମିନାକ୍ଷୀ ଦୁଇଟି ଥାପଡ଼ ମାରିଥିଲେ । ପ୍ରଥମ ଥାପଡ଼ଟି ଥିଲା କି ଦୁନିଆର ସବୁ ଅସୁବିଧାକୁ ନିଜର କରିବା ଉଚିତ ନୁହେଁ । ଦ୍ୱିତୀୟ ଥାପଡ଼ଟି ଥିଲାକି ଏତେ ମାତ୍ରାରେ ହୃଦୟରେ ମାନବିକତା ଓ ପ୍ରେମ ଭରିରଖିବା ଉଚିତ ନୁହେଁ । ବାପାଯେ ସମୀରଙ୍କୁ ଆଉଗୋଟିଏ ଥାପଡ଼ ଦେବାକୁ ହାତଉଠାଇଥିଲେ, କିନ୍ତୁ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବିଶେଷ ବିଷୁବ ସଂକ୍ରାନ୍ତି ୨୦୧୯

ରୋକିଦେଲେ ।

Dr Sankar, ପରଦିନ ଅନାହିତାଙ୍କୁ ଦେଖିବାକୁ ଆସିଲେ, ତାଙ୍କର ଶରୀର ଯେ ଦିନକୁ ଦିନ ଖରାପ ହେବାକୁ ଲାଗିଛି, ଏହାଦେଖି ସେ କହିଲେ ଯେ ଖୁବ ଶୀଘ୍ର ଯଦି କିଡ୍‌ନୀ ଟ୍ରାନ୍‌ସପ୍ଲାଣ୍ଟ ନକରାଯାଏ, ତାଙ୍କ ଜୀବନ ଉପରକୁ ବିପଦ ଆସିବା ପ୍ରାୟ଼ ଶତପ୍ରତିଶତ ସତ୍ୟ ହୋଇଯିବ । ଏହି ସମୟ଼ରେ ନିଜ ମା ଓ ବାପାଙ୍କ ସହିତ ହସ୍ପିଟାଲରେ ସମୀର ଆସି ପହଂଚିଥିଲେ । ପରସ୍ପର ମଧ୍ୟରେ ପରିଚୟ଼ ବିନିମୟ଼ କରିବାପରେ, ମିନାକ୍ଷୀ ଅନାହିତା କଡରେ ବସିପଡ଼ିଲେ । ଏପରି ବୀମାର ଅବସ୍ଥାରେ ମଧ୍ୟ ତାଙ୍କର ରୁପଯେ ଆକର୍ଷଣକାରୀ । ସେ ନିଜ ହାତରେ ଅନାହିତାଙ୍କର ବାମ ହସ୍ତକୁ ଧରି ପାପୁଲିର ବୁଦ୍ଧ ପର୍ବତ ଉପରେ ଛୋଟ ଅଙ୍ଗୁଳିର ନିମ୍ନଭାଗରେ ଥିବା ତାରକାକୁ ସ୍ୱଷ୍ଟ ଦେଖିପାରିଲେ । ଅନାହିତାଙ୍କ ଚକ୍ଷୁରୁ ଅଶ୍ରୁ ବହିଚାଲିଥିଲା । ଏହି କିଛି କ୍ଷଣମଧ୍ୟରେ ମିନାକ୍ଷୀଙ୍କୁ ଏକ ଅନୁଭୂତୀ ଆସିଲା ଯେପରିକି ସେ ଅନାହିତାଙ୍କ ନିଜର ମା ।

କିଡ୍ନୀତ ମିଳିପାରୁନାହିଁ, ତେଣୁ ଆଶାର ଦୀପ ବୁଝିବାକୁ ଲାଗିଥିଲା । ନିଜରସେ ଅନ୍ତର୍ନିହିତ ପ୍ରେମକୁ ରୋକି ନପାରି ନିଜ ଜୀବନଙ୍କୁ ବିପଦରେ ପକାଇ, ସମୀର ପହଁଚିଲେ ଡାକ୍ତରଙ୍କ ପାଖରେ । ସେ ନିଜ କିଡ୍ନୀ ଦେବାପାଇଁ ରାଜି । ଡାକ୍ତର ସବୁ ବୁଝାଇବାପରେ ମଧ୍ୟ୍ୟ ସମୀର ପଛେଇଲେନାହିଁ । ତେଣୁ ତାଙ୍କର ରକ୍ତ ଓ ଟିସୁକୁ ମ୍ୟାଚ କରିବାର ପରୀକ୍ଷା କରାଗଲା, କିନ୍ତୁ ତାହା କମ୍ପାଟିବଲ ନଥିଲା । ଅନାହିତା ବଞ୍ଚିବାର ଶେଷ ରାସ୍ତାଟି ମଧ୍ୟ୍ୟ ବନ୍ଦ ହୋଇଗଲା । ସମୀର ପିଲରର ପଛପଟରେ ଛିଡ଼ାହୋଇ ଖୁବ ଜୋରରେ କାଂଦିଚାଲିଥିଲେ । ସେ ଏବେହି ବୁଝିପାରିଥିଲେ କି ସେ ଅନାହିତାଙ୍କୁ ସେହି 26 ଜୁନରେ କନ୍ୟାରୁପରେ ଦେଖି ତାଙ୍କୁ ଖୁବ ଭଲପାଇଯାଇଥିଲେ । ମିନାକ୍ଷୀ ଓ ପତି, ଯେ ସମୀରକୁ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସାଥିରେନେଇ ବାଙ୍ଗାଲୋରରୁ ଫେରିବାକୁ ନିର୍ଣ୍ଣୟ କରିଲେ । ସମୀରଙ୍କ ବ୍ୟବହାରରେ ପରିବର୍ତ୍ତନ ଓ ଦୁଃଖୀ ମନକୁ ମାର ହୃଦୟ ଠିକ ବୁଝିପାରିଥିଲେ, କିନ୍ତୁ ସେମାନେଯେ କଣ କରିପାରିବେ । ସହର ଛାଡ଼ି ଯିବାପୂର୍ବରୁ ଶେଷଥରପାଇଁ ଅନାହିତାଙ୍କ ଠାରୁ ବିଦାୟ ନେବାପାଇଁ କିମ୍ବା ତାଙ୍କୁ ବିଦାୟ ଦେବାପାଇଁ ସେମାନେ ହସ୍ପିଟାଲରେ ପହଁଚିଲେ । ରୁମ ମଧ୍ୟକୁ ପ୍ରବେଶ କରିବାପରେ ଦେଖନ୍ତିଯେ ଜଣେ ଓକିଲ ଡିଭୋର୍ସ କାଗଜରେ ଅନାହିତାଙ୍କ ହସ୍ତାକ୍ଷର ନେଉଛନ୍ତି । ଅନାହିତା ଏମାନଙ୍କୁ ଦେଖି କହିଲେ ମିନାକ୍ଷୀ ଆଣ୍ଟି, ପ୍ରାଞ୍ଜଳ ଓକିଲ ପଠାଇ ଡିଭୋର୍ସ ମାଗିଛନ୍ତି । ତାଙ୍କୁ ଏ ବନ୍ଧନରୁ ମୁକ୍ତି ଦେଇଦେଲି, ଏବେ ଶାନ୍ତିରେ ଚିରଦିନପାଇଁ ଶୋଇପାରିବି । ତାଙ୍କର ବୃଦ୍ଧ ମାତା ପିତା ଝିଅର ଘର ଓ ଜୀବନ ଦୁଇଟି ଶେଷହେବାର ଦେଖି ଅଧର୍ଯ୍ୟ । ସମୀର କହିଲେ ଯେଉଁ ସମ୍ପର୍କକୁ ଚିରସ୍ଥାୟୀ କରିବାକୁ ଯାଇ ସେ ନିଜେ ଏହି କାମେରା ଦ୍ୱାରା ହସ୍ତଗଣ୍ଠିର ଫଟୋ ଉଠାଇଥିଲେ, ସେ କିପରି ଯେ ଗଣ୍ଠିକୁ ଖୋଲିପାରିବେ । ତାଙ୍କର ବିଶ୍ୱାସଥିଲା କି ତାଙ୍କ କାମେରା କେବେ ମିଛକୁହେନା, କିନ୍ତୁ ଆଜି ଯେ ସେ ବିବାହର ଫଟୋଗୁଡିକ ମିଛ ହୋଇଗଲା ।

ବିଦାୟ ନେବା ବେଳାରେ ଅନାହିତାଙ୍କ ଶୀର୍ଷରେ ହାତ ରଖି ଶୁଭେଚ୍ଛା ଦେବା ସମୟରେ ତାଙ୍କର ବୀମାର ଶରୀର ଯେ ମିନାକ୍ଷୀଙ୍କ ହାତକୁ ଉତ୍ତପ୍ତ କରିଦେଇଥିଲା । ଅନାହିତା କାହିଁ କେଜାଣି ମିନାକ୍ଷୀଙ୍କର ହାତକୁ ଜାବୁଡି ଧରି କହିଲେ ଆଣ୍ଟି ମୋତେ ବଞ୍ଚାଇ ରଖନ୍ତୁ, ମୁଁ ବଂଚିବାକୁ ଚାହେଁ । ଏତିକି ଶୁଣିବାପରେ ତାଙ୍କ ନଜରଯେ ସମୀରଙ୍କ ପାଖରେ ଅଟକିଯାଇଥିଲା । ସେ ଯେ ସେହି ଛୋଟବେଳର ସମୀର, ଯେକି କାମେରାଟି ପାଇଁ ଅଳିକରି ଖୁବ କାନ୍ଦିଚାଲିଛି, ହୁଏତ ଆଜି ସେ କାମେରାରେ କୈଦ ଫଟୋରେ ଜୀବନ ଭରିବାଲାଗି ।

ଏତେ ଧର୍ଯ୍ୟୱାନ ଓ ସାହସୀ ନାରୀ ମିନାକ୍ଷୀଯେ ଆଜି ବିଚଳିତ । ସେ ରୁମରୁ ଦୌଡ଼ି

 Magazine Downloaded from www.aahwaan.com

ବିଶେଷ ବିଷୁବ ସଂକ୍ରାନ୍ତି ୨୦୧୯

ଆସି ସିଧା ଚାଲିଗଲେ Dr । Sankar ଙ୍କ କକ୍ଷକୁ । ପଛରେ ପତି ଓ ପୁତ୍ର । ଡାକ୍ତର ତାଙ୍କଠୁ ସବୁ ଶୁଣିବାପରେ କହିଲେ ଆପଣ ବାହାରେ ଛିଡା ହୋଇଥିବା ଯୁବକଙ୍କର କିଛି ସମ୍ପର୍କୀୟ କି ? ମିନାକ୍ଷୀ କହିଲେ, ମା । ଡାକ୍ତର କହିଲେ ଅନାହିତାର ଜୀବନ ବଞ୍ଚାଇବାପାଇଁ ଏ ଯୁବକ ନିଜ କିଡ୍ନୀ ଦାନ କରିବାକୁ ଆସିଥିଲେ, କିନ୍ତୁ କମ୍ପାଟିବଲ ହେଲାନି । ମିନାକ୍ଷୀଙ୍କ ମୁଣ୍ଡରେ ବଜ୍ରପାତ ହେଲା, ସେ ଠିକ ବୁଝିପାରିଲେ କି ସମୀର ଯେ ଅନାହିତାଙ୍କୁ ନିଜ ଜୀବନଠୁ ଅଧିକ ଭଲ ପାଉଛନ୍ତି । ମାର ରୁପରେ ମିନାକ୍ଷୀ ଆଜି ନିଜର କିଡ୍ନୀ ଦାନକାରୀ ନିଜ ପୁତ୍ରର ପ୍ରେମକୁ ଜୀବନଦାନ କରିବାକୁ ଆଗେଇ ଯିବା ସମୟରେ ପତ୍ନୀଧର୍ମ ପାଳନକରି ପତିଙ୍କ ସହମତି ଓ ଆଶିର୍ବାଦର ଭିକ୍ଷା ମାଗିଥିଲେ । ପତି କେବଳ ଏହା କହିଥିଲେଯେ ଏପରି ତ୍ୟାଗ ଜଣେ ନାରୀ ଓ ଜଣେ ମା ହିଁ କରିପାରେ ।

ଈଶ୍ୱରଙ୍କ ଆଶୀର୍ଵାଦରୁ ପରୀକ୍ଷା ଦର୍ଶାଇଥିଲା କି ସହେପ୍ରତିଶତ କମ୍ପାଟିବଲ । ଲାପାରୋସ୍କୋପିକ ସର୍ଜରୀ ସମ୍ପୂର୍ଣ ଭାବରେ ସଫଳଦାୟୀ ଥିଲା । ଦୁଇଟି ପାଖାପାଖି ବେଡ଼ରେ ଦୁଇଟି ନାରୀ, ତ୍ୟାଗ ଓ ପ୍ରେମର ଉଦାହରଣ । ମାଙ୍କ ପାଦଧରି କାନ୍ଦିବା ସମୟରେ ସମୀର କହିଲେ ମା, ଏଟା ତ କାମେରା ନଥିଲା, କିଡ୍ନୀ ଥିଲା, ତୁମେ ମୋ ପାଇଁ ଏତେବଡ଼ ବଳିଦାନ କାହିଁକି କଲ ? ମିନାକ୍ଷୀ କହିଲେ ଯେ ସନ୍ତାନର ଓଠରେ ଟିକେ ହସଦେଖିବାପାଇଁ ମା ସବୁକିଛି ବଳିଦାନ କରିପାରେ । ସେ କଷ୍ଟର ସହିତ କଡ଼ ଲେଉଟାଇ ଅନାହିତାଙ୍କୁ ଦେଖି କହିଲେ, ମୋର ଗୋଟିଏ ଛୋଟ ଅନୁରୋଧ ରଖିବୁ ଅନୁ, ମୋର ଏ ନିସ୍ୱାର୍ଥପର ସରଳ ପୁଅର ଜୀବନଭରି ସାଥ ଦେଇପାରିବୁ ? ସେ ଯେ ତୋତେ ତୋର ବିବାହ ଦିନ କନ୍ୟାରୁପରେ ଦେଖି, ସେହି ମୁହୂର୍ତ୍ତରୁ ତୋତେ ତାର ଜୀବନଠୁ ଅଧିକ ଭଲପାଇଛି । ଅନୁ ଯେ ଏହା ଶୁଣି ଆଜି ଖୁସିରେ କାନ୍ଦୁଥିଲେ ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବିଶେଷ ବିଷୁବ ସଂଖ୍ୟା ୨୦୧୯

ସୁସ୍ଥ ହେବାପରେ ଅନୁର ମାତା ପିତା ଅନୁଙ୍କୁ ସମୀର, ତାଙ୍କର ମା ଓ ବାପାଙ୍କ ହାତରେ ସମର୍ପଣ କରିଥିଲେ । ସମୀର ଭଳି ହୃଦୟବାନ ବ୍ୟକ୍ତିହିଁ ଅନାହିତା ଓରଫ ଅନୁଙ୍କର ସୌନ୍ଦର୍ୟ୍ୟର ମୂଲ୍ୟ ବୁଝିପାରିବେ, ଏହାହିଁ କହି ସେମାନେ ଝିଅଠୁ ଦୁରେଇ ଚାଲିଯାଇଥିଲେ ।

ଆଜି ସମୀର ଯେ ଅନୁଙ୍କର ଯୋଡି ହସ୍ତର ଫଟୋଟି ଉଠାଇଥିଲେ, ସେଥିରେ ମେହେନ୍ଦୀର ରଙ୍ଗ ନଥିଲା । ବାମ ହସ୍ତର ପାପୁଲିରେ ଥିବା ତାରକାଟି ସ୍ପଷ୍ଟ ଦିଶୁଥିଲେ ମଧ୍ୟ ସମୀର ଭୟଭୀତ ନଥିଲେ କାରଣ ଆଜି ଅନୁଙ୍କ ସହିତ ସମୀର, ମା ମିନାକ୍ଷୀ ଓ ପିତା ରାଜନ ମାଲହୋତ୍ରା ଯେ ଅଛନ୍ତି । ମା ମିନାକ୍ଷୀ ସମୀରଙ୍କ ବୁଝେଇଥିଲେ କି କ୍ୟାମେରା ଯେ କେବେ ମିଛ କୁହେନି ।

ଡା ପ୍ରଶାନ୍ତ ନାୟକ

ବ୍ରୁନେଇ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com
ବିଶେଷ ବିଷୁବ ସଂଖ୍ୟା ୨୦୧୯

# ଆବର୍ସନ୍


ଏ ପି ଶୁଭକାନ୍ତ

ମୂଳ ହିନ୍ଦୀ - ଆରୋହୀ ନାଗର

ଓଡ଼ିଆ ଅନୁବାଦ - ଏ ପି ଶୁଭକାନ୍ତ

ସମୟ ରାତି ପ୍ରାୟ ଏଗାରଟା, କବାଟରେ ଠକ୍ ଠକ୍ ଶବ୍ଦ ଶୁଣି କବାଟ ଖୋଲିଲା ଶୁଭ । କବାଟ ସେପଟରେ ଥିବା ଆନନ୍ଦ ଶୁଭକୁ ଠେଲିଦେଇ ଘର ଭିତରକୁ ଚାଲିଗଲା । ଝିଅ ଦୁଇଜଣ ନିଦରେ ଶୋଇପଡ଼ିଥିଲେ ।

"ମୁଁ ଡାକ୍ତରଙ୍କ ସହ କଥା ହୋଇଯାଇଛି । କାଲି ଅଲଟ୍ରାସାଉଣ୍ଡ କରିନେବା ଯଦି ଝିଅ ହେଲା ତାହେଲେ ଆବର୍ସନ୍ ପାଇଁ ଗୋଟେ ଡେଟ୍ ନେଇଯିବା ।" ଆନନ୍ଦ ନିଜର ନିଷ୍ପତ୍ତି ଶୁଣାଇଲା ଭଳି କହିଲା ।

ଆନନ୍ଦ ଆଉ ଶୁଭ ଦୁଇଟି କନ୍ୟା ସନ୍ତାନର ଅଧିକାରୀ । ଯେତେବେଳେ ଶୁଭ ତୃତୀୟ ଥର ଗର୍ଭବତୀ ହେଲା ତା ଶାଶୁ ସିଧା ସିଧା କହିଦେଲେ, "ଦେଖ୍ ଆନନ୍ଦ, ମୋର ଏଥର ନାତି ଦରକାର୍ ନହେଲେ ମୋ ଠୁ ଖରାପ୍ କେହି ହେବେନି ।"

ତୃତୀୟ ଥର ସନ୍ତାନ ଚାହୁଁନଥିବା ଶୁଭ କିନ୍ତୁ ଆନନ୍ଦ ଆଉ ପରିବାରର ଜିଦ୍ ଆଗରେ ଚୁପ୍ ରହିଲା, କିନ୍ତୁ କୌଣସି ବି ପରିସ୍ଥିତିରେ ଗର୍ଭପାତ ଚାହୁଁନଥିଲା ଶୁଭ ତେଣୁ ସେ ଆନନ୍ଦର କଥାରେ ପ୍ରତିବାଦ କଲା ।

- ପୁଅ ହେଉ କି ଝିଅ, ମୁଁ ଗର୍ଭପାତ କରାଇବିନି ।

- ପାଗଳ ହେଇଗଲଣି, ୩-୩ ଜଣ ଝିଅଙ୍କ ପାଠପଢ଼ା ବାହାଘର ଖର୍ଚ୍ଚ କିଏ ଦେବ ? କ୍ରୋଧ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବିଶେଷ ବିଷୁବ ସଂକ୍ରାନ୍ତି ୨୦୧୯

ମିଶା ସ୍ୱରରେ ଜବାବ୍ ଦେଲା ଆନନ୍ଦ ।

- ପୁଅ ହେଲେ କଣ ଖର୍ଚ୍ଚ କମିଯିବ ! ଆନନ୍ଦକୁ କଟାକ୍ଷ କରିବା ଭଳି କହିଲା ଶୁଭ ।

- ପୁଅ ହେଲେ ଆମ ବଂଶ ଉଦ୍ଧାର କରିବ, ଆମ କୁଳର ନାଁ ଉଜ୍ଜ୍ୱଳ କରିବା । ଝିଅ ହେଲେ ପରଘରକୁ ତ ଯିବ ସେଥିରେ ପୁଣି ଯୌତୁକ ବି ନେଇକି ଯିବ । ପ୍ରତିବାଦ କରି କହିଲା ଆନନ୍ଦ ।

- ଆଛା ଯେବେ ସୁରଭି ଦିଦି ରାଷ୍ଟ୍ରପତି ପୁରସ୍କାର ପାଇଥିଲେ ସେତେବେଳେ କାହା ନାଁ ହେଇଥିଲା ? ମଞ୍ଚରେ କାହା ନାଁରେ ଡକାଯାଇଥିଲା ? ବାପାଙ୍କ ନାଁରେ ନା ତାଙ୍କ ଶଶୁରଙ୍କ ନାଁରେ ? ଟିଭି ଖବରକାଗଜ ସବୁଥିରେ ବାପାଙ୍କ ସହ ଦିଦିଙ୍କୁ ଦେଖି ତୁମେ ତ କହିଥିଲ ଦିଦି ଆମ ନାଁ ଉଜ୍ଜ୍ୱଳ କରିଦେଲା । ପୁରୁଣା କଥା ସବୁ ଆନନ୍ଦକୁ ମନେପକାଇ ଦେଉଥିଲା ଶୁଭ ।

- ଆନନ୍ଦ ମୁଁ ତ ମୋ ଦୁଇଝିଅଙ୍କ ସହ ଖୁସି ଥିଲି କିନ୍ତୁ ତୁମେ ହିଁ ତୃତୀୟ ସନ୍ତାନ ପାଇଁ ଜିଦ୍ କରିଥିଲ ତେଣୁ ଇଏ ପୁଅ ହେଉ କି ଝିଅ ଆମେ ଖୁସିରେ ସ୍ୱୀକାର କରିବା । ଆନନ୍ଦକୁ ବୁଝାଇବାର ଚେଷ୍ଟା କରୁଥିଲା ଶୁଭ ।

- କିନ୍ତୁ ବୋଉ....... ବୋଉ କଣ ମାନିବ ! ଆନନ୍ଦ କଥାରୁ ଭୟ ସ୍ପଷ୍ଟ ବାରି ହୋଇପଡୁଥିଲା ।

ଶୁଭ କହିଲା, "ତୁମେ ଚିନ୍ତା କରନି ମୁଁ ବୋଉଙ୍କ ସହ କଥା ହେବି ।"

ରାତିରେ ଶୁଭ ଶାଶୁଙ୍କ ପାଖକୁ ଯାଇ କହିଲା, "ବୋଉ, ପଣ୍ଡିତେ ଫୋନ୍ କରିଥିଲେ । ସେ କହୁଥିଲେ ତୁମ ପୁଅଙ୍କର ମଙ୍ଗଳ ଆଉ ଶନି ଗୋଟିଏ ଘରେ ଅଛନ୍ତି । ଗର୍ଭପାତ କଲେ ବିପଦ ପଡ଼ିପାରେ, ଘୋର ବିପଦ ।" ଏତିକି ଶୁଣି ଚମକି ପଡ଼ିଲେ ଶାଶୁ ।

- ନା ଝିଅ, ଆମେ ଗର୍ଭପାତ କରିବାନି । ଏ ପୁଅ ଝିଅରେ କଣ ଅଛି ଏବେ ତ ସବୁ ସମାନ । ପଣ୍ଡିତଙ୍କୁ କହିବୁ ପ୍ରତିକାର ପାଇଁ କଣ ଜରୁରୀ କରିବେ । ଭୟମିଶ୍ରିତ କଣ୍ଠରେ କହିଲେ ଶାଶୁ

ଆହ୍ୱାନ ଇ-ପତ୍ରିକା

ବିଶେଷ ବିଷୁବ ସଂଖ୍ୟା ୨୦୧୯

କହିଲେ ।

- ହଁ ବୋଉ ମୁଁ ପଣ୍ଡିତଙ୍କୁ କାଲି ସକାଳେ କହିଦେବି ଆଉ ତୁମ ପୁଅ କଣ କାଲି ଡାକ୍ତରଙ୍କ ପାଖକୁ ଯିବେ କହୁଥିଲେ । ଶୁଭ ଶାଶୁଙ୍କୁ ପଚାରିବା ଭଳି କହିଲା ।

- ତାକୁ କହିବୁ ଯିବା ଦରକାର ନାହିଁ । ପୁଅ ହେଉ କି ଝିଅ ଆମର କିଛି ଅସୁବିଧା ନାହିଁ । ନିଜର ଶେଷ ନିଷ୍ପତ୍ତି ଶୁଣାଇଦେଲେ ଶାଶୁ ।

ଶାଶୁଙ୍କ ନିଷ୍ପତ୍ତି ଶୁଣି ଶୁଭ ଭାବୁଥିଲା ଆଜି ତା ଶାଶୁ ପ୍ରମାଣ କରିଦେଲେ ଗୋଟେ ମା ପାଇଁ ତା ଶିଶୁ କେତେ ମୂଲ୍ୟବାନ ।

ହରିପୁର, ଖଡିଅଙ୍ଗ, ଯାଜପୁର

୭୫୫୦୪୯, ଓଡ଼ିଶା

ଭ୍ରାମ୍ୟଭାଷ : ୮୨୮୦୧୩୦୬୦୫

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବିଶେଷ ବିଷୁବ ସଂସ୍କରଣ ୨୦୧୯

# ବନ୍ଧନୀ



ନାରାୟଣ ଚନ୍ଦ୍ର ସେନାପତି

ଖୁସିକୁ ସେତେବେଳକୁ ମାତ୍ର ଦଶ ବର୍ଷ ବୟସ ହୋଇଥାଏ । ବାପା ପ୍ରକାଶ ଚନ୍ଦ୍ର ଜଣେ ଜଣାଶୁଣା ଗଣିତଜ୍ଞ । ଗଣିତର ଜଣେ ଏକନିଷ୍ଠ ସାଧକ ଓ ପ୍ରମୁଖ ପୂଜାରୀ । ଗଣିତକୁ ସେ ଏତେ ଭଲପାଉଥିଲେ ଯେ ବସିଲେ ଉଠିଲେ ସବୁବେଳେ ଗଣିତର ବ୍ୟାଖ୍ୟା କରି ଆନନ୍ଦ ନେଉଥିଲେ । ଅନ୍ୟକୁ ଆନନ୍ଦ ଦେଉଥିଲେ ମଧ୍ୟ । ଝିଅ ଖୁସି ବି କମ୍ ନୁହଁ । କଥାରେ ଅଛି ବାପ୍ ସେ ଜାଦା ବେଟି । ପଣିକିଆ ମିଶାଣ ଫେଡାଣ, ସରଳ ଗଣିତର ସମାଧାନ ମୁହେଁ ମୁହେଁ କରିଦିଏ । କିନ୍ତୁ ତାର ଟିକେ ମଝିରେ ମଝିରେ ମନ ଖରାପ ହୁଏ । କାହିଁକି ନା ତା ସାଂଗମାନଙ୍କୁ ଗଣିତ ଭଲ ଲାଗେନା । ସେମାନେ କହନ୍ତି ଗଣିତଟା ଗୋଟେ ନିରସ ପାଠ । ଏଥିରେ ସାହିତ୍ୟ କି ଇତିହାସ ପରି ମଜା ନ ଥାଏ । ଖାଲି ହିସାବ ପରେ ହିସାବ । ଏ କଥା ସବୁ ତା ବାପାଙ୍କୁ କହିଲା । ବାପା କିନ୍ତୁ କହିଲେ ତା ଓଲଟା । ଗଣିତଟା ସବୁଠୁ ମଜାଳିଆ ପାଠ । ବୁଝିଗଲେ, ଆଉ ତା ଭିତରେ ହଜିଗଲେ ନା, ସେ ଆମକୁ ଆନନ୍ଦରେ କେବଳ ଭିଜାଏ ନାହିଁ, ବରଂ ଗାଧୋଇ ଦିଏ ।

ଖୁସି ମନରେ ଦ୍ୱନ୍ଦ୍ୱ ଆସିଲା । ସତରେ ଗଣିତଟା ସରସ ନା ନିରସ । ସେ ସାଧାରଣ କଥାରେ କୌଣସି କଥାକୁ ଅନ୍ଧ ପରି ଗ୍ରହଣ କରେ ନାହିଁ । ଯଦି ବାପା କହୁଛନ୍ତି ତେବେ ସେ ବାସ୍ତବରେ ଦେଖାନ୍ତୁ ଯେ ଗଣିତଟା ସରସ ବୋଲି ।

ସେ ବାପାଙ୍କୁ ଯାଇ କହିଲା, ବାପା, ସତରେ କଣ ଗଣିତଟା ସରସ, ଆନନ୍ଦଦାୟକ ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବିଶେଷ ବିଷୁବ ସଂକ୍ରାନ୍ତି ୨୦୧୯

ତୁମେ ମୋତେ ଗଣିତର ଏକ ବିଷୟବସ୍ତୁ ବୁଝାଅ ଯିଏ ଆମ ସାହିତ୍ୟ କି ଇତିହାସ ପରି ଗଳ୍ପଟିଏ ହୋଇଥିବ, ସେଥିରୁ ଆନନ୍ଦ ମିଳୁଥିବ, ଆଉ ସହଜରେ ଜାଣି ହେଉଥିବ ଏଥିରେ ଗଣିତ କେଉଁଠି ଅଛି । ତେବେ ଯାଇ ମୁଁ ମାନିବି, ନହେଲେ ନାହିଁ । ବାପା ପ୍ରକାଶ ଚନ୍ଦ୍ର ଜାଣିଛନ୍ତି ଝିଅ ତାଙ୍କର ଜିଦଖୋର, ନଛୋଡବନ୍ଧା । ତେବେ ହଉ ଠିକ ଅଛି କହି ଭାବନାର ମୁଣିରୁ ଅଭିଜ୍ଞତା ଗୁଡିକୁ ଖୋଜିଲେ । ସେଥିରୁ କେତୋଟି ସାଉଁଟି ପରୀରାଇଜର ଗପମାଳା ତିଆରି କଲେ । ମଝିରେ ମଝିରେ ଖାଲି ଗଣିତର କେଇଟା ସଜଫୁଟା ଫୁଲ ଖୋସିଦେଲେ । ଆରମ୍ଭ କଲେ ମଜାଳିଆ ଗପ । କହିଲେ ଆରେ ଖୁସି, ମା' ତୁ ମନ ଦେଇ ଶୁଣ, ଆଉ ଗଣିତ କେଉଁଠି ଲୁଚିଛି ମୋତେ ନିଶ୍ଚୟ କହିବୁ ।

ଗୋଟିଏ ରାଜ୍ୟରେ ଜଣେ ରାଜା ଥିଲେ । ତାଙ୍କର ଥିଲେ ସାତୋଟି ଝିଅ । ଝିଅମାନେ ରୂପରେ ଯେମିତି ଗୁଣରେ ବି ସେମିତି । ଚନ୍ଦ୍ରକଳାର ବୃଦ୍ଧି ପରି ବଢୁଥାନ୍ତି ସେମାନେ । ସମସ୍ତଙ୍କର ବିବାହ ସମୟ ଉପସ୍ଥିତ । ରାଣୀ ଭାନୁମତି ବ୍ୟସ୍ତ, ରାଜା ଚନ୍ଦ୍ରଭାନୁ ସବୁବେଳେ କହୁଥାନ୍ତି ଆମ ଝିଅମାନଙ୍କ ପାଇଁ ବରପାତ୍ର ଖୋଜ । ରାଜା କିନ୍ତୁ କହୁଥାନ୍ତି ମୋ ଝିଅମାନେ କଣ ବୁଢ଼ୀ ହୋଇଗଲେଣି ନା କଣ ? ରହିଥା, ଦେଖିବା । ଦିନେ ସେ ଚିନ୍ତାକଲେ ପ୍ରକୃତରେ ଭାନୁମତୀ ଯାହା କହୁଛି ଠିକ । ରାଜା ମନ୍ତ୍ରୀ ଓ କିଛି ପରିଷଦ ଧରି ଚାଲିଲେ ବର ଅନୁସନ୍ଧାନରେ । ମଧ୍ୟାହ୍ନ ସମୟ । ଜଙ୍ଗଲ ରାସ୍ତାରେ ଘୋଡାରେ ଯାଉ ଯାଉ ସେ କ୍ଳାନ୍ତ ଅନୁଭବ କଲେ । ସମସ୍ତେ ଗୋଟିଏ ବୃକ୍ଷ ମୂଳେ ବିଶ୍ରାମ ନେଲେ । ଠିକ ସେହି ସମୟରେ ଅନ୍ୟ ଏକ ରାଜ୍ୟର ରାଜା ତାଙ୍କର ସାତପୁଅଙ୍କ ବିବାହ ନେଇ କନ୍ୟା ସନ୍ଧାନରେ ବାହାରିଥାନ୍ତି । ସେମାନେ ବି କ୍ଳାନ୍ତ ଅନୁଭବ କରୁଥିବାରୁ ସେଠାରେ ବିଶ୍ରାମ ନେଲେ । କଥାବାର୍ତ୍ତା ଓ ଭାବ ବିନିମୟରୁ ଉଭୟ ଉଭୟଙ୍କ ଆଗମନର ଅଭିପ୍ରାୟ ଜାଣିପାରିଲେ ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବିଶେଷ ବିଷୁବ ସଂଖ୍ୟା ୨୦୧୯

ଉଭୟଙ୍କ ଝିଅପୁଅଙ୍କ ବିବାହ ପାଇଁ ସିଦ୍ଧାନ୍ତ ନେଲେ । ଦିନବାର ତିଥି ନିର୍ଘଣ୍ଟ କରାଗଲା । ସେଠାରୁ ସେମାନେ ପ୍ରତ୍ୟାବର୍ତ୍ତନ କରି ବିବାହ ପ୍ରସ୍ତୁତିରେ ମାତିଲେ ।

ବିବାହ ଦିନ କିନ୍ତୁ ଗୋଟିଏ ଘଟଣା ଘଟିଲା । ସାତପୁଅଙ୍କ ଭିତରୁ ସାନ ପୁଅ ଯିବାକୁ ରାଜି ହେଲା ନାହିଁ । ରାଜା ବୁଝାଇଲେ ଓ କାରଣ ଜାଣିବାକୁ ଚାହିଁଲେ । ପୁଅ କହିଲା ବାପା ଆମେ ସମସ୍ତେ ଚାଲିଗଲେ ପଡୋଶୀ ରାଜ୍ୟ ଏଇ ସୁଯୋଗରେ ଆକ୍ରମଣ କରିପାରେ । ଆମେ ଆସିଲା ବେଳକୁ ଆମ ରାଜ୍ୟ ଥିବ ତ ? ରାଜା ଗମ୍ଭୀର ଭାବେ ଦୀର୍ଘଶ୍ୱାସଟିଏ ପକାଇ କହିଲେ ଏହା ଉଚିତ ଓ ଉପାଦେୟ କଥା । ତେବେ ଜଣଙ୍କର ଅନୁପସ୍ଥିତିରେ ତା ବିବାହ କାର୍ଯ୍ୟ ହେବ କେମିତି । ଯା'ହେଉ ତାର ପ୍ରତିମା ସହ ବରଯାତ୍ରୀ ବାଜାବାଣର ଭରପୁରରେ ଚାଲିଲା ରାଜାଙ୍କର ବରଯାତ୍ରୀ ରୋଷଣୀ କରି ।

ଆନନ୍ଦ ଉଲ୍ଲାସରେ ସମ୍ପନ୍ନ ହେଲା ବିବାହ କାର୍ଯ୍ୟ । ଭୋଜିଭାତରେ ବୋଧ ହେଲେ ବରଯାତ୍ରୀ । ବାଣ ବାଜାର ନିନାଦରେ ପ୍ରକମ୍ପିତ ହେଲା ପରିବେଶ । ଶେଷରେ କ୍ରନ୍ଦନର ରୋଳରେ ଫେରିଲେ ବରବୋହୁ । କିନ୍ତୁ ସାନ ବୋହୂର ସନ୍ଦେହ, ଦୁଃଖ, ଆଶଙ୍କା ଅତି ମାତ୍ରାରେ ଥିଲା ସାନ ରାଜପୁଅଙ୍କ ଅନୁପସ୍ଥିତି ପାଇଁ ।

ଫେରନ୍ତା ବାଟ । ପାରି ହେବାକୁ ହେବ ଏକ ନଦୀ ଓ ଘଞ୍ଚ ଜଙ୍ଗଲ । ସତେ ଯେମିତି ଆନନ୍ଦ ଓ ହସଖୁସିକୁ ସହି ପାରିନଥିଲା ଦୁଃସମୟ । ଏକ ଦୁର୍ଦ୍ଦାନ୍ତର ଆଡ୍ଡାସ୍ଥଳୀ ଥିଲା ଏ ଜଙ୍ଗଲ । ଯେ କୌଣସି ବରବୋହୁ ଫେରନ୍ତା ବାଟରେ ହେଉଥିଲେ ତାର ଶିକାର । ସଙ୍ଗେ ସଙ୍ଗେ ରାକ୍ଷସମାନେ ମାରିପକାଇଲେ ବରଯାତ୍ରୀ ଓ ଛଅ ରାଜାପୁତ୍ର ସହ ତାଙ୍କ ଆତ୍ମୀୟ ଜ୍ଞାତି କୁଟୁମ୍ବଙ୍କୁ । କେବଳ ରଖିନେଲା ସାତ ବୋହୁଙ୍କୁ କରିବାକୁ ତାର ଦାସୀ । ଆଶ୍ରୁର ଧାର ଓ ଯନ୍ତ୍ରଣାର କୋହ ଓ ଆଖିର ଲୁହ ସତେ ଯେମିତି ପ୍ରତିଯୋଗୀତା କରୁଥିଲେ ପରସ୍ପର ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବିଶେଷ ବିଷୁବ ସଂଖ୍ୟା ୨୦୧୯

ବନଭୂମି ପ୍ରକମ୍ପିତ ହେଉଥିଲା ଆକୁଳ ବୁକୁଫଟା ଚିତ୍କାରରେ । ଏପଟେ ସାନ ରାଜାପୁଅ ବରଯାତ୍ରୀଙ୍କର ଅଫେରନ୍ତାରେ ସନ୍ଦେହର ଅଡୁଆସୁତାରର ଘେରି ହେଉଥାଏ ଓ ମନକୁ ଭୟ ପାପ ଛୁଉଥାଏ ।

ଦିନପରେ ଦିନ ବିତିଗଲା । ରାକ୍ଷସଟା ବୋହୁମାନଙ୍କୁ ଦାସୀ ପରି ଖଟାଉଥିଲା । ସାନ ବୋହୁଟା ଅତି ବିଚକ୍ଷଣ ବୁଦ୍ଧିମତୀ ଥିଲା । ସେ ସେବା ଶୁଶୁଷା ବାହାନାରେ ତାର ଅତି ପ୍ରିୟଭାଜନ ହୋଇଗଲା ।

ଦିନେ ଗାଧୋଇବାକୁ ପାଖ ନଇକୁ ଯାଇଥାନ୍ତି ବୋହୁମାନେ । ସାନ ବୋହୁ ଥିଲା ପଛରେ । ନଦୀ ସେପଟେ ସାନ ରାଜାପୁଅ ବୁଲି ବୁଲି ଖୋଜି ଖୋଜି କ୍ଲାନ୍ତ ଅନୁଭବ କରି ନଦୀର ଅପରପାର୍ଶ୍ୱରେ ପିଉଥିଲା ଟୋପେ ନଇପାଣି । ଏଭଳି ଦିବ୍ୟସୁନ୍ଦରୀ ନାରୀଟିଏ ଏ ଜଙ୍ଗଲ ଭିତରେ ଦେଖି ତା ମନରେ ଅସୁମାରୀ ପ୍ରଶ୍ନ ଉଙ୍କି ମାରିଲା । ଏପଟେ ସାନ ରାଜାଝିଅଟି ବି ଏଭଳି ଯୁବକ ରାଜପୁତ୍ର ହୋଇ ବି ପାରନ୍ତି ଭାବିଲା । ନଦୀ ଏପଟକୁ ଆସିଲା ରାଜାପୁଅ । ପରସ୍ପରର କେଇପଦ ପଚରାଉଚୁରା ଓ କଥୋପକଥନରେ ଦୁହେଁ ଦୁହିଁଙ୍କୁ ଚିହ୍ନିଥିଲେ । ମିଳନର ଆବେଗ ଓ ଦୁଃଖର କୋହର ସଙ୍ଗମ ସତେ ଅବା ଚକିତ କରୁଥିଲା ପରିବେଶ ପରିସ୍ଥିତିକୁ । କଥାହେଲେ ଉଭୟେ ଉଭୟେ କିଛି ଯୋଜନା କରି ରାକ୍ଷସ ଠାରୁ କିପରି ରକ୍ଷାପାଇବେ । ଏଭଳି ପ୍ରତିଦିନ ଦେଖାହେଉଥାଏ ଦୁହିଁଙ୍କର ସେ ନଦୀକୂଳରେ ।

ସାନବୋହୁ ଅତି ମାତ୍ରାରେ ଆଦରଣୀୟ ହେଉଥାଏ ରାକ୍ଷସର ତାର ଅତି ଆତ୍ମୀୟ ଓ ଆନ୍ତରିକତାର ସେବାରେ । ରାକ୍ଷସ ବି ତାକୁ ନିଜ ଝିଅପରି ମନେ କରୁଥାଏ, ତାର ସବୁ କଥା କହୁଥାଏ । ସେଇ ସୁଯୋଗରେ ଦିନେ ରାତିରେ ତାକୁ ଘଷି ଦେଉଦେଉ କହିଲା, ବାପା

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବିଶେଷ ବିଷୁବ ସଂକ୍ରାନ୍ତି ୨୦୧୯

ତୁମେ ବହୁତ ଭଲ । ତୁମ ସ୍ନେହ ଶ୍ରଦ୍ଧା ଭୁଲିହେବନି । ହେଲେ ଗୋଟିଏ ଦୁଃଖ । ରାକ୍ଷସ ପଚାରିଲା, ଆରେ ମା, କୋଉଟା ଦୁଃଖ ମୋତେ ଖୋଲି କହୁନୁ । ବୋହୁ କହିଲା, ବାପା ମୁଁ ଚାହୁଁଛି ଆପଣ ଜମା ବୁଢା ହୁଅନ୍ତୁ ନାହିଁ । କାରଣ ବୁଢ଼ାହେଲେ ତ ଜଣେ ମରିଯାଏ । ହେଲେ ଆପଣଙ୍କ ମୃତ୍ୟୁ ମୁଁ ସହିପାରିବିନି ।

ରାକ୍ଷସ କହିଲା, ଆରେ ପାଗଳି ମୁଁ କେବେ ବି ମରିବି ନାହିଁ । ଏକଥା ଶୁଣି ବୋହୁ ଚିନ୍ତାରେ ପଡିଗଲା । ଅଭିନୟ କରି କହିଲା, ଭଲ ହୋଇଛି ବାପା... ତୁମେ ସଦା ବଞ୍ଚିଥାଅ, ମୁଁ ବହୁତ ଖୁସି ହେବି ।

ଅବଶ୍ୟ ମୋର ମରିବାର ଗୋଟିଏ ଉପାୟ ଅଛି, କିନ୍ତୁ ତାହା ସଭିଙ୍କୁ ସମ୍ପୂର୍ଣ୍ଣ ଅଜଣା । ବହୁତ ଭଲ କଥା ବାପା, ହେଲେ ମୋତେ ସେ ଉପାୟଟା ଟିକେ କୁହନ୍ତୁ ନାହିଁ । ରାକ୍ଷସ କହିଲା, ନାଁରେ ମା, ଏହା ମୁଁ ଆଜି ପର୍ଯ୍ୟନ୍ତ କାହାକୁ କହି ନାହିଁ କି କହିବି ନାହିଁ । ହଉ ବାପା ମୁଁ ତା'ହେଲେ ତୁମର କେହି ନୁହଁ କହି ଅଭିମାନ କଲା । ରାକ୍ଷସଟାକୁ ଭଲ ଲାଗିଲା ନାହିଁ । ସେ କିଛି ଦିନରେ ତା ସହ ବେଶ ମିଶିଯାଇଥିଲା । ତାକୁ ବୁଝେଇଲା ଏବଂ ଶେଷରେ ଗୋଟିଏ ସର୍ତ୍ତରେ ତାକୁ କହିଲା । ମୁଁ କହିବି କିନ୍ତୁ ସେ ଜିନିଷ ଦେଖେଇବି ନାହିଁ । ରାଜି ହେଲା ରାଜା ଝିଅ । ରାକ୍ଷସ କହିଲା କେବଳ ଗୋଟିଏ ଗୁପ୍ତ ରହସ୍ୟ ଅଛି ଯେଉଁଥିରେ ମୁଁ ମରିବି । ଆମ ଏ ଜଙ୍ଗଲ ଭିତରେ ଏକ ନୀଳ ଜଳର ପୁଷ୍କରିଣୀ ଅଛି । ସେ ପୋଖରୀ ଭିତରେ ଏକ ଭଅଁର ବି ଅକ୍ଷତ ଅବସ୍ଥାରେ ଅଛି । ମୋର ଏକ କୁହୁକ ବାଡ଼ିରେ ଯେ ତାକୁ ମାରିଦେବ, ସେତେବେଳେ ମୁଁ ମରିବି । ପୁନଶ୍ଚ ସେ ପୁଷ୍କରିଣୀ ଜଳ ଛିଞ୍ଚିଲେ ଆଜି ଯାଏ ଯେତେ ଲୋକ ମୋ ଦ୍ୱାରା ମରିଛନ୍ତି ସେମାନେ ପୁନର୍ଜ୍ଜୀବନ ପାଇବେ । ସେଠାକୁ ଯିବାର ନକ୍ସା କିଏ ପାଇବ ନା ମୁଁ ମରିବି । ଅଭିନୟରେ ବୋହୁଟି କହିଲା ବାପା କେହି ସେସବୁ ନ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବିଶେଷ ବିଷୁବ ସଂକ୍ରାନ୍ତି ୨୦୧୯

ଯାଆନ୍ତୁ, ତୁମେ ଆମର ହୋଇ ରହିଥାଅ । ସେଦିନ ରାତିରେ ତାର ନିଦ ନାହିଁ, କେମିତି କେତେବେଳେ ସଂଗ୍ରହ କରିବ ତାକୁ । ରାତି ପାହିଲା । ରାକ୍ଷସ ଚାଲିଲା ଜଙ୍ଗଲ । ସେଇ ଭିତରେ ସେ ଖୋଜି ଚାଲିଲା ସେ ସଲ । ଖିନଭିନ କରିଦେଲା ସେ ଘରକୁ । ଶେଷରେ ଏକ ରେଜେଇ, ଭିତରେ ଏକ ଛୋଟ ତକିଆ, ତା ଭିତରେ ଗୋଟେ ଛୋଟ ବାକ୍ସ । ସେଥିରେ ଏକ ନକ୍ସା, ଲେଖା କାଗଜ ଓ ବାଡ଼ି । ଯେଉଁଥିରେ ଲେଖା ଅଛି ରାକ୍ଷସର ମୃତ୍ୟୁ ବିବରଣୀ । ସେ ସବୁକୁ ସାଥିରେ ଧରି ଖୁବ୍ ଶୀଘ୍ର ସେ ଛୁଟିଲା ନଦୀକୂଳକୁ । ନଦୀକୂଳରେ ରାଜା ପୁଅକୁ ସବୁତକ ନଥି ଦେଇ ସେ ସଅଳ ଫେରି ଆସିଲା । ଜୀବନରେ ଯେତିକି ସମ୍ମାନ ଆଦର ଅଜାଡି ଦେଲା ସେ ରାକ୍ଷସ ବାପାକୁ । ମୁହୂର୍ତ୍ତେ ବି ଫୁରୁସତ ଦେଲା ନାହିଁ ତାକୁ, ତା ନଥିପତ୍ର କଥା ମନେ ପକାଇବାକୁ ।

ରାତି ପାହିଲା । ସୁବିଧା ଉଣ୍ଡି ଚାଲିଲା ରାଜାଝିଅ ଆଶା ଭରସାକୁ ହୃଦୟେ ଧରି । ରାଜା ପୁଅ ବି ରାତି ଉଜାଗର ରହି ଖୋଜୁଥିଲା ସୁବର୍ଣ୍ଣ ସୁଯୋଗ । ହଠାତ ରାଜଝିଅକୁ ଦେଖି ତା ହୃଦୟ ସ୍ପଂଦିତ ହେଲା । ଦୁହେଁ ନକ୍ସା ଦେଖି ଚାଲିଲେ ପୋଖରୀ କୂଳକୁ ।

ଏକ ବିଶାଳ ପ୍ରାଚୀର । ଭିତରକୁ ପ୍ରବେଶ କଲେ । ତା'ପରେ ଏକ ଶକ୍ତ ଲୁହା ତା'ର ବାଡ଼ । ବାଟ ଖୋଲି ପଶିଲେ ଭିତରକୁ । ଡେଇଁ ପଡିଲା ରାଜା ପୁଅ ପୋଖରୀ ଭିତରକୁ । ପୋଖରୀ ଭିତରୁ ବୁଡି ଆଣିଲା ପଙ୍କ ଭିତରୁ ଏକ ବାକ୍ସ । ବାକ୍ସ ଭିତରେ ଏକ ଫରୁଆ । ଫରୁଆ ଭିତରୁ ଏକ ଭଅଁର । ଭଅଁରକୁ ଚିପରେ ଦଳିଦେଲା । ଛଟପଟ ଭଅଁରକୁ କୁହୁକ ବାଡ଼ିରେ ପିଟୁଥାଏ । ଅଦ୍ଭୁତ ଚିତ୍କାର । ରାକ୍ଷସର ଗର୍ଜ୍ଜନରେ ଗଗନ ପବନ ପ୍ରକମ୍ପିତ ହେଲା । ବିକଟାଳ ରଡି ଛାଡି ନିମିଷକେ ପ୍ରାଣ ହରାଇଦେଲା ସେ । ଆଶ୍ଚର୍ଯ୍ୟ ଜନକ କଥା, ଭିନ୍ନଭିନ୍ନ ସ୍ଥାନରେ ମରି ପଡ଼ିଥିବା ମଣିଷ ସବୁ ଆଖି ମଳିମଳି ନିଦରୁ ଉଠିଲା ପରି ଲାଗିଲେ । ସଭିଙ୍କ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବିଶେଷ ବିଷୁବ ସଂଖ୍ୟା ୨୦୧୯

ମୁହଁରେ ହସ ଆନନ୍ଦର ପୁଲକର ଜୁଆର । ରାଜାପୁଅମାନେ ନିଜ ନିଜର ପତ୍ନୀମାନଙ୍କୁ ପାଇ ଖୁସି ହେଲେ । ରାଜା, କର୍ମଚାରୀ ଓ ପାତ୍ର ମିତ୍ର ଖୁସିରେ ଫାଟି ପଡିଲେ ।

ବାପା କହିଲେ ଖୁସି, ବୁଝିଲୁ କି ଏହା ଭିତରେ ଗଣିତରେ ଏକ କଥା ମୁଁ କହି ଦେଇଛି, କହିପାରିବୁ ତ ? ଖୁସି ଭାବିଲା, ଆରେ ଏ ତ ଭଲ ମଉଜିଆ ଗପଟେ । ହେଲେ ଗଣିତ କାହିଁ ? ଟିକେ ମୁଣ୍ଡକୁ ସେସବୁ ନେଇ ଦେଖିଲା, ପାଚେରୀ, ତା ପରେ ବାଡ଼, ତା ପରେ ବାକ୍ସ, ତା ପରେ ଫରୁଆ, ତା ଭିତରେ ଭଅଁର, ତା ମୁଣ୍ଡରେ କଲା ଗାର । ଅଭିଜ୍ଞତାକୁ ଗଣିତର ସାଙ୍କେତିକ ଚିହ୍ନ... ଅନ୍ୟାନ୍ୟ ସଂଯୋଗ କରି ଭାବିଲା... ଭାବିଲା .... ତା'ପରେ ହଠାତ କହିଲା ବାପା ପାଇଗଲି... ପାଇଗଲି, ତାହା ହେଲା ବନ୍ଧନୀ । ଏଇଟି ଅଛି ରେଖା ବନ୍ଧନୀ, ଚନ୍ଦ୍ର ବନ୍ଧନୀ, କୁଟୀଳ ବନ୍ଧନୀ ଆଉ ମଧ୍ୟ ବର୍ଗ ବନ୍ଧନୀ ।

ବାପା ଆନନ୍ଦରେ ବିଭୋର ହୋଇଗଲେ । ଆନନ୍ଦର ଅଶ୍ରୁ ଧାରଧାର ବୋହିଗଲା । ଝିଅକୁ କୁଣ୍ଢେଇ ପକାଇ କହିଲେ, ତୁ ମୋର କେବଳ ନୁହଁ, ବରଂ ଗଣିତର ବି ମାନ ରଖିଦେଲୁରେ ଖୁସି ।

ନାରାୟଣ ଚନ୍ଦ୍ର ସେନାପତି, ଜମ୍ବରା, କେନ୍ଦୁଝର

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com
ବିଶେଷ ବିଷୁବ ସଂସ୍କରଣ ୨୦୧୯

# ଅଦୃଶ୍ୟ ହସ



ଅବିନାଶ ପାଣି

ଅଜଣା ଶୁନ୍‌ଶାନ୍ ରାସ୍ତାର ଗଳି ଦେଇ ଯାଉଯାଉ ଅଜାଣତରେ କେତେବେଳେ ଯେ ପ୍ରତୀକ ପହଞ୍ଚିଯାଇଛି ସେଇ ଛୋଟିଆ କଫିସପ୍ ପାଖରେ । ଏ ହିଲ୍‌ଷ୍ଟେସନର ଜାଗା ଗୁଡାକ ହିଁ ଏମିତି....... ପ୍ରକୃତିର ସୌନ୍ଦର୍ଯ୍ୟ ଏତେ ସୁନ୍ଦର ଲାଗେ ଯେ ଆଚ୍ଛା ମଣିଷ ସବୁକିଛି ଭୁଲିଯାଏ ।

ହେଇ ଦେଖୁନ ! ସମୟ ଆସି ସନ୍ଧ୍ୟା ସାଢ଼େପାଞ୍ଚଟା ହେଲାଣି, ହେଲେ ତାର ଆଉ ମନେ ନାହିଁ ଯେ ତାକୁ ସୁପ୍ରିୟାକୁ ସର୍ପ୍ରାଇଜ୍ ଦେବାର ଅଛି ବୋଲି । ଜାଣିଶୁଣି ୧୭ ଦିନ ହେଲାଣି କଥା ହେଇନି ତା ସହିତ କେବଳ ଏଇଥି ପାଇଁ । ନୂଆକରି ଜଏନ କରିଛି ହିମାଚଳ ପ୍ରଦେଶର "ମଣ୍ଡି" ସହରରେ । ଆଉ ସେ ଜାଣିଛି ଯେ ସୁପ୍ରିୟା ଏଇ ସହରରେ ଆଗରୁ ଚାକିରି କରିଛି । ଦୁହିଁଙ୍କ ସମ୍ପର୍କ ପ୍ରାୟ ୪ବର୍ଷ ହେଇଗଲାଣି ।

ଆଜି ପ୍ରତୀକ ବହୁତ୍ ଖୁସିଥାଏ । କାରଣ ସେ ଆଜି ବହୁତ ଦିନପରେ ସୁପ୍ରିୟାକୁ ଦେଖିବ । ଫୋନ୍‌କଲ୍, ଭିଡିଓ କଲ୍ ତ ଚାଲେ, କିନ୍ତୁ ବହୁତ ଦିନପରେ ସାମ୍ନାସାମ୍ନି ହେବ । ସେଇଥିପାଇଁ, ବାଟରେ ହିମାଚଳୀ ପୋଷାକ ପିନ୍ଧି, ଫୁଲ ବିକୁଥିବା ମାଉସୀକୁ ହିନ୍ଦୀରେ କହିଲା ଯେ ଗୋଟେ ତୋଡା କରିଦିଅ । ମାଉସୀ କଣ କହିଲା ପ୍ରତୀକ କିଛି ବୁଝି ପାରୁନଥିଲେ ବି ତା ହାବଭାବରୁ ଠଉରେଇନେଲା ଯେ ମାଉସୀ ୮୦ଟଙ୍କା ବୋଲି କହୁଛି ।

ଟଙ୍କା ଦେଇ ଗୋଟେ ଅଟୋ ଭଡ଼ାକରି , ଅଟୋବାଲାକୁ ସୁପ୍ରିୟାର ଅଫିସ୍ ପାଖକୁ ନେଇଯିବାକୁ କହିଲା । ଅଟୋରେ ବସି ପ୍ରତୀକ ମନେମନେ ଭାବୁଥାଏ ସୁପ୍ରିୟା ତାକୁ ହଠାତ୍ ଦେଖିଲେ କଣ ଭାବିବ !

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବିଶେଷ ବିଷୁବ ସଂଖ୍ୟା ୨୦୧୯

"ଆରେ ! ଆଜିଯାଏଁ ବି ତୁମର ଡ୍ରେସିଂ ସେନ୍‌ସ ଆସିଲାନି ?" ଏଇଆ କହିବ ? ନା ଫିଲ୍ମ ହିରୋଇନ , ହିରୋକୁ ବହୁତ ଦିନ ପରେ ଦେଖିବାପରେ ଯେମିତି ଖୁସିରେ ପାଗଳ ହେଇଯାଏ, ସେମିତି ହେବ ? କେଜାଣି ! ତା ସୁନ୍ଦର ମୁହଁର ଡାହାଣ ପଟ ଗାଲରେ ଯେଉଁ କଳାଜାଇଟି, ସେ ହସିଲେ ଆହୁରି ସୁନ୍ଦର ଦେଖାଯିବ । ଏମିତି ଭାବୁଭାବୁ କେତେବେଳେ ଯେ ଅଟୋ ଆଣିକି ସୁପ୍ରିୟାଙ୍କ ଅଫିସ ପାଖରେ ଛାଡି ଦେଲାଣି, ଜାଣିପାରିନି ସେ ।

ସୁପ୍ରିୟାକୁ ଫୋନ ଲଗେଇଲା, ଫୋନ କିନ୍ତୁ ସ୍ୱିଚ୍ ଅଫ କହୁଛି । ଗେଟ ପାଖକୁ ଯାଇ ସିକ୍ୟୁରିଟିକୁ ପଚାରିଲାରୁ ସେ କହିଲା ଯେ ମ୍ୟାଡ଼ାମ୍ ଭିତରେ ଅଛନ୍ତି, ତାଙ୍କ ଡ଼ିଉଟି ସରିବା ଟାଇମ ହେଇଗଲାଣି, ଏଇ ଆସୁଥିବେ । ଭିତରକୁ ଯାଇ ୱେଟ କରିବା ଅପେକ୍ଷା ପ୍ରତୀକ ସେଇଠି ଗେଟ ପାଖରେ ବୁଲୁଥାଏ । ବାରମ୍ବାର ହାତଘଣ୍ଟାକୁ ଦେଖି ମନେମନେ କହୁଥାଏ, "ହେସ୍ ! ଫୁଲ ଗୁଡ଼ିକ ଯଦି ମଉଳି ଯାଆନ୍ତି, ତେବେ ସର୍ପ୍ରାଇଜର କଣ ମୂଲ୍ୟ ରହିବ ଯେ ?"

ଏମିତି ଭାବୁଭାବୁ, ହଠାତ ନଜର ପଡିଗଲା ତାର ଗେଟ ପାଖରେ ଥିବା ସିକ୍ୟୁରୀଟିର ନମସ୍କାର ଭଙ୍ଗୀ ଉପରେ.... ଆଉ ଦେଖିଲା ଜଣେ ଭଦ୍ରମହିଳାଙ୍କୁ ଯିଏ ମଥାରେ ସିନ୍ଦୂର ଲଗାଇ, ସୁନ୍ଦର ଶାଢ଼ୀଟିଏ ପିନ୍ଧି ଅଫିସରୁ ବାହାରିଲେ । ଖାଣ୍ଟି ଭାରତୀୟ ନାରୀ । ବୋଧେ ନୂଆନୂଆ ବାହା ହେଇଛନ୍ତି । ପ୍ରତୀକ ତାଙ୍କୁ ଦେଖି ଆଶ୍ଚର୍ଯ୍ୟ ନ ହୋଇ ହସହସ ମୁହଁରେ ତାଙ୍କ ପାଖକୁ ଯାଇ, ଫୁଲତୋଡାଟି ବଢେଇ ଦେଲା ଆଉ କହିଲା, "ହ୍ୟାପ୍ପି ମ୍ୟାରେଡ୍ ଲାଇଫ୍ ।"

ପ୍ରତୀକ ମୁହଁରେ ଏବେ ବି ହସଥିଲା କିନ୍ତୁ ସେ ଭଦ୍ରମହିଳାଙ୍କ ମୁହଁର ହସ ଧିରେ ଧିରେ ଫିକା ପଡି ଅଦୃଶ୍ୟ ହେଇଗଲା ।

ସ୍ନାତକୋତ୍ତର ଦ୍ୱିତୀୟବର୍ଷ,
ପତ୍ରକାରିତା ଏବଂ ଜନସଂଚାର ବିଭାଗ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବିଶେଷ ବିଷୁବ ସଂସ୍କରଣ ୨୦୧୯

# ପୁପୁ ଓ ବେଲୁନ୍‌ବାଲା



ଦୀପକ ଷଡ଼ଙ୍ଗୀ

ବଜାର ଉପରେ ଗୋଟେ ବେଲୁନ୍ ବାଲାକୁ ଦେଖି ୭ବର୍ଷର ପୁପୁ ରହିଗଲା କିଛି କ୍ଷଣ । ନାଲି, ନୀଳ, ହଳଦିଆ, ସବୁଜ ଆଦି ରଙ୍ଗବେରଙ୍ଗର ବେଲୁନ ବଡ ସୁନ୍ଦର ଭାବରେ ତା ଉପରେ ସବୁ କାର୍ଟୁନର ଚିତ୍ର ଅଙ୍କା ହୋଇଛି । ବେଲୁନବାଲା ସେଥିରେ ପବନ ପୁରେଇଲା ମାତ୍ରେ ଆପେ ଆପେ ଉପରକୁ ଉଠିଯାଉଛି । ତା ଚାରି ପାଖରେ ତା ଭଳି ଆହୁରି କେତେ ଛୋଟଛୋଟ ପିଲାମାନଙ୍କର ଭିଡ ଲାଗିଛି । ପକେଟ୍ ଅଣ୍ଡାଳିଲା ପୁପୁ । ପକେଟରେ ଗୋଟେ ଦୁଇ ଟଙ୍କିଆ କଏନ୍ । ପଇସା କୋଉଠୁ ଆଣିବ ସେ । ବାପା ତା'ର ମାଲଗୋଦାମରେ ଟ୍ରଲି ଟାଣି ଯାହା ରୋଜଗାର କରୁଛି ରାତିରେ ସବୁ ମଦରେ ଉଡେଇ ଦେଉଛି । ମା' ତା'ର ପରଘର ବାସନମାଜି ଯେତିକି ଯାହା ଆଣେ ତାକୁ ମଧ୍ୟ ବାପା ତାର ଚୋରିକରି ନେଇଯାଉଛି । ତା ଭାଗ୍ୟରେ ଏ ପିଲାମାନଙ୍କ ଭଳି ମଉଜମସ୍ତି କାଇଁ? ଏମିତି ଭାବି ଭାବି ସେ ଯାଇ ବେଲୁନବାଲା ପାଖରେ ପହଞ୍ଚିଲା । ତାକୁ ସେ ହଳଦିଆ ରଙ୍ଗର ଛୋଟାଭୀମ ବେଲୁନ ମାଗିଲା । ବେଲୁନବାଲା କହିଲା, "ଏଇଟା ୨୦ ଟଙ୍କା । ପଇସା ଅଛି ଯଦି କିଣିକି ନେ, ନହେଲେ ଯା ଏଠୁ ।" ମୁଣ୍ଡ ଆଉଁସି ପୁପୁ ସେଇଠୁ ପଳେଇ ଆସିଲା ବେଳକୁ କିଛି ସମୟ ପରେ ସେ ବେଲୁନବାଲା ପୁଣି ତାକୁ ପଛରୁ ଡାକିଲା କହିଲା, "ହଉ ହଉ ନେ ଏ ବେଲୁନ କିନ୍ତୁ ମୁଁ କାଲି ଠିକ ଏଇ ଜାଗାରେ ଛିଡା ହେଇଥିବି ମୋତେ ଆଣି ତୁ ମୋ ଟଙ୍କା ଦେଇଯିବୁ ।" ପୁପୁ ଖୁସିରେ ତା'ପାଖରେ ଥିବା ଦୁଇ ଟଙ୍କିଆ କଏନ୍‌ଟି କାଢିକି ତାକୁ ଦେଲା । ଆଉ କଥା ଦେଇକି ଗଲା ଯେ କାଲିକି ଯେମିତି ହେଲେ ସେ ତା ଅବଶିଷ୍ଟ ଅଠର ଟଙ୍କା ତାକୁ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବିଶେଷ ବିଷୁବ ସଂଖ୍ୟା ୨୦୧୯

ଆଣି ଦେଇଯିବ ବୋଲି । ତା'ପର ଦିନ ବେଲୁନବାଲା ଆସି ସେଇ ଜାଗାରେ ଛିଡା ହେଇ ବେଲୁନ ବିକ୍ରି କରୁଥାଏ । ମନେମନେ ସେ ପୁପୁକୁ ଖୋଜୁଥାଏ । ରାତି ହୋଇ ଆସିଲାଣି । ବେଲୁନବାଲା ଭବିଲା ଯେ ସେ ମେଞ୍ଚଡ ଟୋକାଟା ବୋଧେ ତାକୁ ଠକି ଦେଇ କୋଡିଏ ଟଙ୍କିଆ ବେଲୁନକୁ ଦୁଇ ଟଙ୍କାରେ ନେଇ ଛୁ ମାରିଲା । ତାକୁ ଆଉ ଅପେକ୍ଷା ନ କରି ବେଲୁନବାଲା ଘରକୁ ବାହାରିଲା ବେଳକୁ ବେଲୁନବାଲା ମଉସା ବୋଲି କିଏ ଜଣେ ପଛରୁ ଡାକିଲା । ଆରେ ଏ କଣ ଏ ତ ସେଇ ପିଲା । ଧଇଁସଇଁ ହେଇ ଆସି ପୁପୁ ବେଲୁନବାଲାକୁ ତା ଅବଶିଷ୍ଟ ପଇସା ଦେଲା । କହିଲା, "ମଉସା ମୋତେ କ୍ଷମା କରି ଦେବେ ମୁଁ ଆସିବାରେ ଟିକେ ଡେରି ହେଇଗଲା । ମୋ ପାଖରେ ଆଉ ପଇସା ନ ଥିଲା ସେଥିପାଇଁ ମୁଁ ମାଲଗୋଦାମରେ ଆଜି ମୋ ବାପା ସହ ଅଖା ବୋଝ ଉଠେଇଲି ଆଉ ୫୦ ଟଙ୍କା ପାଇଲି । ଆପଣ ଆପଣଙ୍କ ଅବଶିଷ୍ଟ ପଇସା ରଖି ମୋତେ ଆଉ ଗୋଟେ ବଡ ବେଲୁନ୍ ଦିଅନ୍ତୁ ମୋ ସାନ ଭଉଣୀ ମିକି କି ଦେବି ସେ ମୋ ଛୋଟାଭୀମ ବେଲୁନକୁ ଦେଖି ଜିଦି କରି ବସିଛି । ମୁଁ ବେଲୁନ ନେଇକି ଘରକୁ ଗଲେ ଯାଇଁ ସେ ଖାଇବ ।" ବେଲୁନବାଲାର ଆଖି ଛଳଛଳ ହେଇଗଲା । ଏତେ ଛୋଟପିଲା ଭିତରେ ସଚ୍ଚୋଟତା ଦେଖି ସେ ନିଜକୁ ଧିକାର କଲା ଆଉ ଭବିଲା ଯେ ମୁଁ କଣ ଭାବି ଯାଇଥିଲି ଯେ ପିଲା ବିଷୟରେ । ପୁପୁ ମୁଣ୍ଡରେ ହାତ ବୁଲେଇ ଆଣି ବେଲୁନବାଲା କହିଲା, "ହଉ ଦେ ମୋ ପଇସା । ଆଉ ଏ ବଡ ବେଲୁନ୍ ଟା ମୋ ତରଫରୁ ତୋ ସାନଭଉଣୀ ପାଇଁ ଗୋଟେ ଉପହାର ଏ ବେଲୁନ ପାଇଁ ତତେ କିଛି ପଇସା ଦବାକୁ ପଡିବନି ।" କିନ୍ତୁ ପୁପୁ ସେସବୁ କିଛି ନଶୁଣି ବେଲୁନବାଲା ହାତରେ ଆଉ କୋଡିଏ ଟଙ୍କା ଗୁଞ୍ଜି ଦେଇ ବେଲୁନ ଧରି ଦଉଡି ପଳେଇଲା । ବେଲୁନବାଲା ଚାହିଁ ରହିଥାଏ ପୁପୁର ସେଇ ଖୁସି ଓ ଆନନ୍ଦର ମୂହର୍ତ୍ତକୁ ।

ଅଧ୍ୟାପକ, ରୋଲାଣ୍ଡ ଫାର୍ମାସୀ କଲେଜ, ଖୋଡାସିଂଗି, ବ୍ରହ୍ମପୁର – ୧୦

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବିଶେଷ ବିଷୁବ ସଂସ୍କରଣ ୨୦୧୯

# ଡ୍ୟୁଟି



ଜ୍ୟୋତିରଞ୍ଜନ ସାହୁ

ଓଡ଼ିଶାର ଏକ ଆଦିବାସୀବହୁଳ ଜିଲ୍ଲାକୁ ନୂଆକରି ଆସିଥାଆନ୍ତି ଜଣେ ଜିଲ୍ଲା ଶିକ୍ଷାଅଧିକାରୀ ମାନେ ଡିଇଓ । ନାମ ଧରଣୀଧର ସେଠୀ । ଭାରି ରାଗି ଆଉ ଷ୍ଟ୍ରିକ୍ଟ । ତାଙ୍କ ପାଖରେ କାର୍ଯ୍ୟରତ ପ୍ରତ୍ୟେକଟି କର୍ମଚାରୀ ଖୁବ ଜଗିରଖି କଥା କୁହନ୍ତି ତାଙ୍କ ଆଗରେ । ସେଠୀସାରଙ୍କର ଇଚ୍ଛା ତାଙ୍କ ଅଧୀନରେ ଥିବା ପ୍ରତ୍ୟେକଟି ସରକାରୀ ବିଦ୍ୟାଳୟ ଯେପରି ବେସରକାରୀ ଇଂରାଜୀ ବିଦ୍ୟାଳୟ ଗୁଡିକର ସମକକ୍ଷ ହେଉ । ଏ କ୍ଷେତ୍ରରେ ସାରଙ୍କର ଚିନ୍ତାଧାରା ଖୁବ୍ ଉତ୍ତମ । ସେ ଆସିବା ଦିନରୁ ସବୁ ସରକାରୀ ଶିକ୍ଷକ ସିଧା ହୋଇଗଲେଣି । ମାନେ ସମୟାନୁବର୍ତ୍ତୀ / ପଂକ୍‌ଚୁଆଲ୍ । ଟାଇମରେ ସ୍କୁଲରେ ପହଞ୍ଚିବା, ଟାଇମରେ ବନ୍ଦ କରିବା, ପିଲାଙ୍କ ପଢା ତଦାରଖ କରିବା ଇତ୍ୟାଦି ଇତ୍ୟାଦି । ଅଧିକାଂଶ ଦିନ ସାର କୌଣସି ନା କୌଣସି ବିଦ୍ୟାଳୟ ଚେକିଂରେ ଯାଇ ପହଞ୍ଚି ଯାଆନ୍ତି । ଟିକିଏ ଭୁଲ୍ ଦେଖିଲେ ସାଙ୍ଗେ ସାଙ୍ଗେ ଏକ୍ସନ । ଆଉ ଯେଉଁଦିନ ସାରଙ୍କର ମୁଡ୍ ବିଗିଡି ଯାଇଥାଏ ସେଦିନ ଅଧିନସ୍ଥ କର୍ମଚାରୀମାନେ ମଧ୍ୟ ପ୍ରମାଦ ଗଣନ୍ତି । କଥା କଣକି ସାରଙ୍କର ଘରେ ତାଙ୍କର ରୋଗିଣା ବାପା ଅଛନ୍ତି । ଅଧିକାଂଶ ଦିନ ତାଙ୍କ ରକ୍ଷଣାବେକ୍ଷଣା ପାଇଁ ପତ୍ନୀଙ୍କ ସହ ଯୁକ୍ତିତର୍କ । ଯେଉଁଦିନ ଘରୁ ବିଗିଡି ଯାଇଥିବେ ସେଦିନ ଅଫିସଟା ଖାଲି ଉଠିବ ପଡିବ । ଦିନେ ବହୁତ ଟେନସନରେ ସାର୍ ଆସି ଅଫିସରେ ପହଞ୍ଚିଲେ । ସାରଙ୍କର ମୁଡ୍ ଦେଖି କେହି ତାଙ୍କ ପାଖକୁ ଆଉ ଯିବାକୁ ସାହସ କଲେନାହିଁ । ବହୁ ସମୟପରେ ଅଫିସର ବଡବାବୁ ଆଚାର୍ଯ୍ୟବାବୁ ସାରଙ୍କ ପାଖକୁ ଗଲେ । ହେଲେ ଯାଇ ଦେଖିଲେ ସାର୍ ସେଦିନ ଖୁବ ଚିନ୍ତାରେ । ଆଚାର୍ଯ୍ୟ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବିଶେଷ ବିଷୁବ ସଂକ୍ରାନ୍ତି ୨୦୧୯

ବାବୁ ପଚାରିଲେ, "ସାର୍ କ'ଣ ହୋଇଛି ? କିଛି ପ୍ରୋବଲେମରେ ଅଛନ୍ତି କି ?" ଦୀର୍ଘଶ୍ୱାସଟେ ଛାଡି ସେଠୀ ସାର କହିଲେ, "ପ୍ରୋବଲେମ୍ ଆଉ କଣ ଆଚାର୍ଯ୍ୟବାବୁ ! ପ୍ରବଲେମ ତ ସେଇ ଗୋଟିଏ । ମୋ ବାପା ଆଉ । ଆପଣ ତ ଜାଣନ୍ତି ତାଙ୍କୁ ସତୁରୀ ଟପିଲାଣି । ମିସେସ୍ ତାଙ୍କର ସବୁକାମ କରିବାକୁ ଅସମର୍ଥ । ଘରର କାମ ପୁଣି ବାପାଙ୍କ କାମ ସବୁ କାମକଲା ବେଳକୁ ସେ ବିରକ୍ତି ପ୍ରକାଶ କରୁଛି । ତେଣୁ ବାପାଙ୍କର କିଛି କାମ ମୋତେ କରି ଅଫିସ୍ ଆସିବାକୁ ପଡୁଛି । ସେଥିପାଇଁ ମୋତେ ଦିନେ ଦିନେ ଆସିବାକୁ ବି ବିଳମ୍ବ ହୋଇ ଯାଉଛି । ମୁଁ ଯଦି ବିଳମ୍ବରେ ଆସିବି ତାହାହେଲେ ଅନ୍ୟମାନଙ୍କୁ କଣ କହିବି ? ବାପାଙ୍କ କାମ କରିବା ଆଉ ସମ୍ଭବ ହୋଇପାରିବ ନାହିଁ ବୋଲି ମୁଁ ଅନୁଭବ କଲିଣି । ଭାବୁଛି ଓଲ୍ଡଏଜ ହୋମରେ ଛାଡିବି ନଚେତ୍ ଏହାର କିଛି ବିକଳ୍ପ ବ୍ୟବସ୍ଥା କରିବି ।" ତାଙ୍କ କଥା ଶୁଣି ଚୁପ୍ ରହିଲେ ଆଚାର୍ଯ୍ୟବାବୁ । କିଛି ସମୟପରେ କହିଲେ, "ସାର୍ ! ଆଜିପରା ବରଦାପୁର ସ୍କୁଲ ସରପ୍ରାଇଜ ଭିଜିଟ୍ କରିବାକୁ ଯିବା କଥା । ଆପଣଙ୍କ ମନଟା ଭଲ ନାହିଁ । ଆଉ କେଉଁଦିନ ସୁବିଧା ଦେଖି ଯିବା ।"

ଆଚାର୍ଯ୍ୟବାବୁଙ୍କ ପାଖରୁ ଏକଥା ଶୁଣି ସେଠୀ ସାର୍ ତୁରନ୍ତ ଚେୟାର ଛାଡି ଭିଜିଟ ପାଇଁ ରେଡି ହୋଇଗଲେ । ଦିନ ଏଗାରଟା ପାଖାପାଖି ଦଳବଳ ନେଇ ପହଞ୍ଚିଗଲେ ବରଦାପୁର ସ୍କୁଲରେ । ତାଙ୍କୁ ଦେଖି ସବୁ ଦିଦି ସାର୍ ଛାନିଆଁ । ଡିଇଓ ସାର୍ ଦେଖିବାକୁ ପାଇଲେ ଅଳ୍ପପିଲାଙ୍କ ଉପସ୍ଥାନ । ଜାଣିବାକୁ ପାଇଲେ ପିଲାଙ୍କର ପରୀକ୍ଷା ଚାଲିଛି । ଏତିକି ବେଳେ ସ୍କୁଲରେ ସ୍କୁଟି ଚଲେଇ ଆସି ପହଞ୍ଚିଲେ ଜୟନ୍ତୀ ଦିଦି । ହଠାତ୍ ଡିଇଓ ସାରଙ୍କୁ ସମ୍ମୁଖରେ ଦେଖି ଟିକିଏ ନର୍ଭସ ହୋଇଗଲେ ସିଏ । ବିରକ୍ତି ପ୍ରକାଶ କରି ଡିଇଓ ସାର୍ ବିଳମ୍ବର କାରଣଟା ପଚାରିଲେ । ଟିକିଏ ଭୟଭୀତ ସ୍ୱରରେ ଦିଦି କହିଲେ, "ସାର୍ ! ବାପାଙ୍କ ଦେହ ଖରାପ ତ । ତାଙ୍କୁ ଡାକ୍ତରଙ୍କୁ ଦେଖାଇ ଆସୁଆସୁ ଡେରି ହୋଇଗଲା । ମୁଁ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବିଶେଷ ବିଷୁବ ସଂକ୍ରାନ୍ତି ୨୦୧୯

ହେଡ୍‌ଦିଦିଙ୍କୁ ଜଣାଇ ଦେଇଥିଲି ମୋର ଟିକିଏ ଡେରିହେବ ବୋଲି ।” ବାପାଙ୍କ ପାଇଁ ତ ସକାଳୁ ସେଠୀ ସାରଙ୍କର ମୁଡ୍ ଅଫ୍ ହୋଇକି ଥିଲା । ଜୟନ୍ତୀ ଦିଦିଙ୍କ ଠାରୁ ପୁଣି ବାପାଙ୍କ ଦେହଖରାପଟା ବିଳମ୍ବର କାରଣ ବୋଲି ଜାଣି ଆହୁରି ବିରକ୍ତ ହୋଇଗଲେ ସେଠୀ ସାର୍ । କହିଲେ, “ଘରେ କଣ ଆଉ କେହି ନାହାନ୍ତି ? ଛୁଟି ନେଇ ଗଲେନି ! ଆରାମରେ ବାପାଙ୍କୁ ଡାକ୍ତର ଦେଖାଇଥାନ୍ତେ ।” ଏହାପରେ ଆଉ ଅଧିକ କିଛି ନକହି କିମ୍ବା ନ ଶୁଣି ସିଧା ଜୟନ୍ତୀଦିଦିଙ୍କ କ୍ଲାସକୁ ପଶିଗଲେ । ସେଦିନ ଜୟନ୍ତୀ ଦିଦି କରାଉଥିବା ପରୀକ୍ଷାର ବିଷୟ ଥାଏ ଚିତ୍ରାଙ୍କନ । ଡିଇଓ ସାର୍ କ୍ଲାସର ପିଲାଙ୍କୁ ନିରୀକ୍ଷଣ କରୁକରୁ ନଜରରେ ପଡିଲା ରୁମର କୋଣକୁ ଟିକିଏ ଦୂରରେ ଛୋଟ ପିଲାଟି କଣ ସବୁ ଗାରେଇ ଚାଲିଛି । କେତେବେଳେ ପାଖପିଲାର ରବରକୁ ନେଇ ଖାତାରେ ଘସି ଦେଉଛି ତ କେତେବେଳେ ନିଜ ହାତର ଆଙ୍ଗୁଳିଟିକୁ ରବର ଭଳି ଘସି ଦେଉଛି । ଛିଣ୍ଡା ସାର୍ଟ ଆଉ ଛିଣ୍ଡା ପ୍ୟାଣ୍ଟ ପୁଣି ଛୋଟ ପରିବାବ୍ୟାଗରେ କିଛି ଛିଣ୍ଡା ବହି ଧରି ବସିଥାଏ ପିଲାଟି । ଡିଇଓ ସାର୍ ଉତ୍ସୁକତାର ସହ ପିଲାଟିକୁ ପାଖକୁ ଡାକିଲେ । ସିଂଘାଣି ଭଡଭଡ କରି ପିଲାଟି ପାଖକୁ ଆସିଲା । ସାର୍ ପଚାରିଲେ, “ଦେଖି କିପରି ଚିତ୍ର ଆଙ୍କିଛୁ ?” ପିଲାଟି ପରୀକ୍ଷା ଖାତା ସାରଙ୍କ ହାତକୁ ବଢାଇ ଦେଲା । ସାର୍ ଦେଖିଲେ ଅଦ୍ଭୁତ ଚିତ୍ର ସବୁ । ସେ ଚିତ୍ରରୁ କିଛି ବୁଝା ପଡୁନଥିଲା । ତେଣୁ ସାର ପଚାରିଲେ, “ଆରେ ଯେଉଁ ଚିତ୍ରଟା କରିବାକୁ ଦିଆଯାଇଛି ସେଇଟାକୁ ନ କରି ଏଇଟା କଣ କରିଛୁ ?” ପିଲାଟି ନାକ ସଁସଁ କରି ବୁଝାଇବା ଢଙ୍ଗରେ ନିଜ ଭଙ୍ଗା ପେନସିଲର ପଛ ପାଖଟାରେ ଚିତ୍ରକୁ ଛୁଆଁଇ କହିଲା, “ସାର୍ ! ଏଇଟା ମୋର ବାପା ଏଇଟା ମୋର ମାଆ ଆଉ ଏଇ ମଝିଟା ମୁଇଁ । ମୋର ମା ମୋର ହାତ୍‌ଟା ଧରିଛି ଆର୍ ମୁଇଁ ମୋର୍ ବାପାକେ ଧରିଛେଁ ।” ତାର ସେ ବିଚିତ୍ର ଚିତ୍ର ସବୁକୁ ଦେଖି ଆଉ ପିଲାଟିର କଥା ଶୁଣି ତାଚ୍ଛଲ୍ୟଭରା ହସଟେ ହସି ସାର ପଚାରିଲେ, “ଆଚ୍ଛା ! ଚିତ୍ରରେ ତୋର ମା ତୋତେ ଧରିଛି । ଆଉ ତୁ ! ତୁ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ବିଶେଷ ବିଷୁବ ସଂକ୍ରାନ୍ତି ୨୦୧୯

ତୋର ବାପାକୁ ଧରିଛୁ ! ତୋ ବାପାକୁ ତୁ ସମ୍ଭାଳି ପାରିବୁନା ।" ଏହା କହି ହସିଗଲେ ସେଠୀ ସାର୍ ଆଉ ତାଙ୍କ ସହିତ ଆସିଥିବା ଦୁଇଜଣ କର୍ମଚାରୀ । ଏହା ଦେଖି ରାଗମିଶା ଅଭିମାନରେ ସେହି ଛୋଟ ବାଳୁତ ପିଲାଟି ଖୁବ୍ ଜୋରରେ ଚିତ୍କାର କରି କହିଲା, "ମୋର୍ ବାପାର୍ ଗୋଟେ ଗୋଡ଼ଟା ନାହିଁନ । ଟ୍ରକ୍‌ରୁ ପଡ଼ିକରି କଟିଯାଇଛି । ସେଥିଲାଗି ମୁଇଁ ତାକୁ ଧରିଛି । ନାହିଁଲେ ସେ ପଡ଼ିଯିବ ନାହିଁ ? ଗୋଟେ ଗୋଡ଼ରେ କେମିତି ଛିଡ଼ା ହେବ ସିଏ ଯେ ମୋତେ ଧରବ ?" ଜୟନ୍ତୀ ଦିଦି ଆମକୁ କହିଛନ୍ "ବାପାମା'ର ସେବା କରବ । ସେମାନକେ ସାହାଯ୍ୟ କରବ । ମୋର୍ ବାପାକେ ମୁଇଁ ନାଇଁ ଧରିଲେ ଆଉ କିଏ ଧରବ ?" ପିଲାଟିର ଏଭଳି ସରଳ ଉତ୍ତରଟା ଜଟିଳ କରିଦେଲା ସେଠାରେ ଉପସ୍ଥିତ ସମସ୍ତଙ୍କର ବିଜ୍ଞ ମସ୍ତିଷ୍କ ଗୁଡିକୁ । ହଠାତ୍ ନିରବିଗଲା ପରିବେଶଟା । ସମସ୍ତେ ଚୁପ୍ । କିଛି ସମୟପରେ ପିଲାଟିର ସିଂଘାଣି ଭଡଭଡ ନାକଟିକୁ ନିଜ ହାତରେ ସଫାକରି ସେଠୀସାର୍ ଅଫିସକୁ ଯିବାକୁ ବାହାରିଲେ । ସାଙ୍ଗରେ ଯାଇଥିବା ଆଚାର୍ଯ୍ୟବାବୁ ହଠାତ୍ ମନେପକାଇ ଦେଇ ସେଠୀସାରଙ୍କୁ କହିଲେ, "ସାର୍ ! ସେ ଜୟନ୍ତୀ ଦିଦିଟା ଉପରେ କଣ ଏକ୍ସନ ନେବା ? ଏତେ ଡେରିରେ ସ୍କୁଲ ଆସିଛି ?" ଏକଥା ଶୁଣି ଟିକିଏ ହସିଦେଇ ସେଠୀସାର୍ ଗାଡି ଭିତରେ ବସିଗଲେ । ରାସ୍ତା କହୁଥାଆନ୍ତି, "ବୁଝିଲେ ଆଚାର୍ଯ୍ୟବାବୁ ! ବେଳେବେଳେ କିଛି ଡ୍ୟୁଟି ପନକ୍‌ଚ୍ୟୁଆଲିଟି ଠାରୁ ଉର୍ଦ୍ଧରେ ଥାଏ । କିଛି ଡ୍ୟୁଟିକୁ ଆମେ ଇଚ୍ଛା କରିବି ଏଭଏଡ୍ କରିପାରିବାନି । ଠିକ୍ ଯେମିତି କିଛିଶିକ୍ଷା ଆମ ପାଠବହି ଆମକୁ ଦେଇ ପାରେନି ।" ଆଉ ସେହିଦିନ ପାଖରୁ ସେଠୀସାର୍ ବାପାଙ୍କ କାମକରି ଆସି ଅଫିସରେ ଚିଡିଚିଡି ହୁଅନ୍ତି ନାହିଁ; କି କାହା ଉପରେ ଡ୍ୟୁଟିକୁ ନେଇ ତୁରନ୍ତ ଡିସିପ୍ଲିନାରୀ ଏକ୍ସନ ନିଅନ୍ତି ନାହିଁ ॥

jrs.2013@rediffmail.com

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com
ବିଶେଷ ବିଷୁବ ସଂଖ୍ୟା ୨୦୧୯

# ଭାଗବଣ୍ଟା



ଅନସୂୟା ପଣ୍ଡା

ନୀତାର ଅଫିସ କାମ ଅନେକ କିଛି ବାକି ରହିଯାଇଥିଲା । ଗତ ସପ୍ତାହରେ ତା ଚାରିବର୍ଷର ପୁଅ ବାପୁନର ଦେହ ଖରାପ ପାଇଁ ସେ ଦୁଇଦିନ ଛୁଟି ନେଇଥିଲା । ଆଗକୁ ମାର୍ଚ୍ଚ ମାସ, ଫାଇନାନ୍ସ ଡିପାର୍ଟମେଣ୍ଟର କାମର ଭାର ଅଧିକ । ପୁଅକୁ ଶୁଆଇ ସାରି ସେ ତାର ଲାପ୍‌ଟପ୍ ଧରି ବସିଥିଲା, କିଛି ଟା ବାକି କାମକୁ ହାଲୁକା କରିବାକୁ । ହର୍ଷ ତାଙ୍କ ପ୍ରିୟ ଉପନ୍ୟାସଟିଏ ପଢ଼ିବାରେ ବୁଡ଼ି ରହିଥିଲେ । ତା ସ୍ୱାମୀ ହର୍ଷଟିକେ ଅଲଗା ପ୍ରକାରର, ବହି ପଢ଼ିବା ତାଙ୍କର ନିଶା ନ ହେଲେ, ଆଜିକାଲି ଏ ମୋବାଇଲ୍, ଇଣ୍ଟରନେଟ୍ ଯୁଗରେ କିଏ ଉପନ୍ୟାସ ବହିଧରି ପଢୁଛି ? ବୋଧହୁଏ ହର୍ଷଙ୍କ ମନ ଆଜି ବହିରେ ଲାଗୁନଥିଲା । ଦୁଇଥର ନୀତାକୁ ପଚାରି ସାରିଲେଣି, "ଆରେ କଣ କାମ ସରିଲା ?"

ଲାପ୍‌ଟପ୍ ପରଦା ଉପରୁ ମୁହଁ ନ ହଟାଇ ନୀତା କହିଲା, "ହୁଁ, କଣ କୁହ, କଣ କହିବାର ଥିଲା କହୁନ ?"

ହର୍ଷ କହିଲେ, "ଶୁଣୁଛ, ବୋଉର ଦେହାନ୍ତ ପରେ ବାପା ଭାରି ବ୍ୟସ୍ତ ହେଉଛନ୍ତି । ଘର ଜମିବାଡ଼ି ସବୁ ବାଣ୍ଟିବାକୁ ।"

"ବାଣ୍ଟିବାକୁ ମାନେ ? ତୁମେ ତ ଗୋଟିଏ ପୁଅ, ତୁମ ଦୁଇ ଭଉଣୀ ତ ବାହା ହୋଇଯାଇଛନ୍ତି ?" କାମ କରୁ କରୁ ନୀତା ଉତ୍ତର ଦେଲା ।

"ହଁ ଯେ... ହେଲେ ବାପା ଚାହାନ୍ତି, ସମସ୍ତ ପୁଅଝିଅ ସମାନ ଭାଗ ପାଆନ୍ତୁ । ଏବେ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବିଶେଷ ବିଷୁବ ସଂକ୍ରାନ୍ତି ୨୦୧୯

ଏମିତି ଆଇନ୍ ବି ହୋଇଗଲାଣି ସେଥିପାଇଁ ।” ହର୍ଷ କହିଲେ ।

“ହଁ, ବାପା ତ ତାଙ୍କୁ ଦୁଇ ଝିଅଙ୍କୁ ବେଶୀ ଭଲ ପାଆନ୍ତି । ବଡ଼ନାନୀ ଆଉ ତାଙ୍କ ପୁଅ ବାପାଙ୍କର ପ୍ରାଣ ।” ନୀତା ହର୍ଷଙ୍କୁ ଚାହିଁ କହିଦେଇ ପୁଣି କାମରେ ଲାଗିଲା ।

“ତୁମେ ତ ଅଫିସ କାମର ଆଳ ଦେଖାଇ ବେଶୀ ଘରକୁ ଗଲନି । ବୋଉର ଏତେ ଗହଣା... ? ସବୁ ହାତ ଛଡ଼ା ହେଲାପରି ଲାଗୁଛି ।” ହର୍ଷ ଟିକେ ବିବ୍ରତ ସ୍ୱରରେ କହୁଥିଲେ ।

“ଏମିତି କେଉଁ ପର୍ବପର୍ବାଣୀ ବା ଦରକାରୀ ସମୟ ନାହିଁ, ମୁଁ ଅଫିସରୁ ଛୁଟି ନେଇ ତୁମ ଘରକୁ ଯାଇନି ? ବୋହୁର କର୍ତ୍ତବ୍ୟ କରିନି ? କୌଣସି ଏମିତି ଜରୁରୀ ଆବଶ୍ୟକ ସମୟରେ ମୁଁ ତୁମ ଘର ପାଇଁ ଟଙ୍କାପଇସା ଦେଇନି ? ତାହା କେହି କହିପାରିବେନି । ତଥାପି ତୁମ ଘର ଲୋକମାନେ ମୋତେ ଆଜିଯାଏ ଘରର ସଦସ୍ୟା ବୋଲି ଭାବି ପାରିଲେନି । ଅନ୍ୟ ପାର୍ଥିବ ଜିନିଷ ଦେବା ତ ଦୂରର କଥା, ସେମାନେ ଆଜିଯାଏ ପଦେ ସ୍ନେହପୂର୍ଣ୍ଣ ଭଦ୍ର କଥା କହିପାରିଲେନି । ଭଦ୍ର ବ୍ୟବହାର ଯାହାପାଇଁ ପଇସା ଦେବାକୁ ପଡ଼େନି । ଆଉ ଯାହା ମୋର ପାଇବା ହକ୍, ତାକୁ ଦେଇ ପାରିଲେନି ଆଉ କଣ ଭାଗ ଦେବେ ବୋଲି ଭାବୁଛ ?” ତା ଲାପଟପ୍ ବନ୍ଦ କରୁ କରୁ ନୀତା କହୁଥାଏ । ତା ଗୋରା ଚନ୍ଦ୍ରଉଦିଆ ମୁହଁଟା ଅଭିମାନରେ ଲାଲ ପଡ଼ିଯାଇଥାଏ ।

ହର୍ଷ ନିର୍ବାକ୍ ନୀତାର ମୁହଁକୁ ଚାହିଁ ରହିଥାନ୍ତି ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com
ବିଶେଷ ବିଷୁବ ସଂସ୍କରଣ ୨୦୧୯

# ସ୍ୱୟଂସିଦ୍ଧା



ସୁଷମା ପରିଜା

ଫଗୁଣର ଗୋଟାଏ ରବିବାରିଆ ଅଳସ ଅପରାହ୍ନ । ପିଲାମାନେ ବୁଲି ଯାଇଥାନ୍ତି ବାଲେଶ୍ୱର, ମୋ ସାନ ଭଉଣୀଘରକୁ, ଘରଟା ଖାଲିଖାଲି ଲାଗୁଥାଏ । ବସି ବସିଗପ ବହିଟିଏ ପଢୁଛି ଆମ ଘରର ଗେଟ୍ ଖୋଲି ଭିତରକୁ ପଶିଲା ବିନତି । ବିନତି ସଂପର୍କରେ ମୋର ସାନ ଯାଆଟିଏ, ଆମ କୁଟୁମ୍ବର । ମୋ ପାଖରେ ଆସି ବସିପଡିଲା, କହିଲା, "ଏବେ ତ ତମେ ଏଠି ରହୁନ ଅପା ! କେତେବେଳେ ଆସୁଛ ଯାଉଛ ଯେ ଜଣାପଡୁନି, ଆଜି ତମକୁ ଦୁଆର ପାଖରେ ବସିଥିବା ଦେଖି ଆସିଲି ତମ ପାଖକୁ ଦି'ପଦ କଥା ହେବି ବୋଲି । ମନଟା ଖରାପ ହୋଇଗଲା ମୋର, ଭାବିଲି ସତରେ ତ, ବର୍ଷଟାଏ ହେଲା ମୁଁ ଆମ କଟକ ଘରଛାଡି ପୁଅ ପାଖରେ ଭୁବନେଶ୍ୱରରେ ରହିବା ଦିନୁ ଆଉ କାହାରି ସହିତ ଦେଖା ସାକ୍ଷାତ କରି ପାରୁନି । ଅବଶ୍ୟ ସବୁ ଶନିବାର ରାତିରେ କଟକ ଆସି ରବିବାର ରାତିରେ ପୁଣି ଫେରିଯାଉଛି ଭୁବନେଶ୍ୱର, ସେଇ ସ୍ୱଳ୍ପ ସମୟର ରହଣୀ ଭିତରେ ଆଉ କାହା ସହିତ ଦେଖାସାକ୍ଷାତ ହୋଇପାରୁନି, ସେଇଥି ପାଇଁ ବିନତିର ଏ ଅଭିମାନ । ଆମର ବଡ କୁଟୁମ୍ବ, ପଚିଶି ଭାଇଆଉ ପ୍ରାୟ ଦୁଇଶହ ଜଣିଆ ପରିବାର, ପୈତୃକ ସମ୍ପତ୍ତି ହୋଇଥିବାରୁ ଆମେ ସମସ୍ତେ ସେଇ ଗୋଟିଏ ଜାଗାରେ ଥାଉ । ଭଲମନ୍ଦ, ସୁଖ ଦୁଃଖରେ ଏକାଠି ହେଉ । ଖଞ୍ଜାଘର ହେତୁ ସମସ୍ତଙ୍କର ଘରକାନ୍ଥ ଲଗାଲଗି । ବିନତିର ଶଶୁର ଆଉ ମୋ' ଶଶୁରଙ୍କର ଘର ମଝିରେ ସେମିତି ଗୋଟିଏ କାନ୍ଥ, ସେଥିପାଇଁ ଅନ୍ୟ ପଚିଶି ଭାଇଙ୍କ ଅପେକ୍ଷା ସେମାନଙ୍କ ସଂପର୍କ ଆଉ ଟିକିଏ ଅଧିକ ନିବିଡ଼ ।

ଆହ୍ୱାନ-ପତ୍ରିକା

 Magazine Downloaded from www.aahwaan.com

ଟିକିଏ ଟିକିଏ କଥାରେ କାନ୍ଥ ଏପଟରୁ ସେପଟକୁ ଡାକରା ପଡେ, ଭଜା ତରକାରୀ ଗିନାମାନେ ଏପଟ ସେପଟ ହୁଅନ୍ତି, ମାଇପି ମହଲର ଖରାବେଳିଆ ଖାଇବାଟା ମଧ୍ୟ ଏକାଠି ହୁଏ । ବିନତିର ଶାଶୁ ନଥାନ୍ତି କି ମୋର ଶ୍ୱଶୁର ନଥାନ୍ତି, ମୋ ଶାଶୁଙ୍କୁ ବିନତି ନିଜର ଶାଶୁଭଳି ମାନେ, ଆମେ ବୋହୁମାନେ ମଧ୍ୟ ତା'ର ଶଶୁରଙ୍କୁ ଖୁବ ଭକ୍ତି କରୁ । ବିନତିର ସ୍ୱାମୀ ବିମ୍ବାଧର ମଧ୍ୟ ଟିକିଏ ଟିକିଏ କଥାରେ ଖୁଡୀ ଖୁଡୀ ବୋଲି ଆମ ଶାଶୁଙ୍କୁ ଡକା ପକାନ୍ତି । ଏମିତି ଆମ ଦୁଇ ପରିବାର ମଧ୍ୟରେ ଅଭେଦ୍ୟ ସଂପର୍କ । ସେଇ ଦୃଷ୍ଟିରୁ ବିନତିର ଅଭିମାନଟା ଯଥାର୍ଥ ବୋଲି ମୋର ମନେ ହେଲା । ତା'କୁ ପାଖକୁ ଟାଣିଆଣି କୁଣ୍ଢେଇ ପକେଇଲି ମୁଁ, କାନ୍ଦକାନ୍ଦ ହୋଇ କହିଲି, "ହଁ ଲୋ ଭଉଣୀ, ମୁଁ ସିନା କର୍ତ୍ତବ୍ୟର ତାଡନାରେ ଯାଇଛି ଭୁବନେଶ୍ୱର, ହେଲେ ମୋର ମନଟା ସବୁବେଳେ ଏଇଠି, ତମରି ମାନଙ୍କ ପାଖରେ । ମୁଁ ବି ସେଠି ଝୁରିହେଉଛି ଲୋ ତୁମମାନଙ୍କୁ ।" ମୋ କଥା ଶୁଣି ସେ ଖୁସିହେଲା । ଆମେ ସାଙ୍ଗ ହୋଇ ଚାହା ପିଉପିଉ ସେ କହିଲା, "ଜାଣିଲ ଅପା ! ଏଇ ଆମ ଲିଟୁ ମ, ତା'ର ବାହାଘର କରୁଛି ଆସନ୍ତା ଶନିବାର ଦିନ ଚାନ୍ଦିନୀଚୌକ ଜଗନ୍ନାଥ ମନ୍ଦିରରେ, ତମେ ଆସିବ ଟି ?" ମୁଁ କାବା ହେଲି କାରଣ ମୁଁ ଭଲ ଭାବରେ ଜାଣିଥିଲି ଯେ ଲିଟୁର ବାହାଘର ହୋଇଥିଲା ପାଞ୍ଚବର୍ଷ ତଳେ ଏବଂ କନ୍ୟାଟି ବାହାଘରର ଅଳ୍ପଦିନ ପରେ ତା' ବାପଘରକୁ ଯାଇ ଆଉ ଫେରି ନଥିଲା, ଦୁନିଆଁ ପ୍ରକାର ବାହାନା ଦେଖେଇ ତା'ର ପରିବାର ଲୋକେ ହଇରାଣ ହରକତ କରିଥିଲେ, ଥାନା ପୋଲିସ ଯାଏଁ ବି କଥା ଯାଇଥିଲା, ଶେଷରେ ମାମଲାର ଆପୋଷ ସମାଧାନ ହୋଇ ତା'ର ସବୁ ଜିନିଷପତ୍ର ଫେରାଇବା ସହିତ ଦୁଇଲକ୍ଷ ଟଙ୍କା ଦେବାକୁ ପଡିଥିଲା ବିନତିକୁ, ଯାହା ବହୁତ କଷ୍ଟଦାୟକ ଥିଲା ସେମାନଙ୍କ ପାଇଁ । ପୁଣି ଏତେଦିନ ପରେ ଆଉଥରେ କାହିଁକି ସେ ଅଡୁଆରେ ପଶୁଛି ବୋଲି ମୁଁ ପ୍ରଶ୍ନ କଲି ତା'କୁ ।

 Magazine Downloaded from www.aahwaan.com

ଆଖିରୁ ଲୁହ ପୋଛି ବିନତି ଉତ୍ତର ଦେଲା, "କ'ଣ ଆଉ କରିବି ଅପା ? ତିନି ଭାଇ ତ ଯିଏ ଯାହା ସଂସାର ଧରି ରହିଲେ, ଏଇଟା କଥା କିଏ ବୁଝିବ ? ମୁଁ ବଞ୍ଚିଛି ବୋଲି ମୁଠାଏ ଭାତ ବାଢି ଦେଉଛି, ଦିହ ମୁଣ୍ଡ ଦେଖୁଛି, ହେଲେ ମୋ ଅନ୍ତେ ? ମୋ ଅନ୍ତେ କ'ଣ ହେବ ତା'ର ? ? କେମିତି ରହିବ ସେ ? ? କାହା ଭରଷାରେ ଛାଡିଯିବି ତା'କୁ ? ? ବିନତିର ଆଖିଲୁହ ସଞ୍ଚରି ଆସିଲା ମୋ ଆଖିକୁ । ଭାବିଲି, ଅସହାୟ ମାଆଟିର ଆତ୍ମା ଭିତରୁ ଆସୁଥିବା କରୁଣ ଚିତ୍କାର ଇଏ । ଯେମିତି ମାଆ ମାଙ୍କଡଟିଏ ତା'ର ମଲାଛୁଆଟିକୁ ମଧ୍ୟ ସହଜରେ ନିଜ କୋଳରୁ ଅଲଗା କରିନଥାଏ, ତା'କୁ ବଞ୍ଚାଇବାକୁ ଆପ୍ରାଣ ଚେଷ୍ଟା ଚଳେଇଥାଏ, ଥକି ହାରି ନିରସ୍ତ୍ର ହେଲା ଯାଏଁ, ନିରବଚ୍ଛିନ୍ନ ଭାବରେ ଉଦ୍ୟମ କରୁଥାଏ ଛୁଆଟିକୁ ଜୀବନ ଦେବା ଲାଗି, ଠିକ୍ ସେମିତି ବିନତି ଚେଷ୍ଟା କରି ଚାଲିଛି, ହାର୍ ମାନିନାହିଁ ଏବେ ବି । ମୁଁ ଫେରିଗଲି ଚାଳିଶି ବର୍ଷ ତଳକୁ... ।

ସେତେବେଳକୁ ମୋର ନୂଆ ନୂଆ ବାହାଘର ହୋଇଥାଏ । ବହୁକୁଟୁମ୍ବୀ ପରିବାରରେ ଲୋକଙ୍କ ଗହଳି ସବୁବେଳେ ଲାଗି ରହିଥାଏ । ସମସ୍ତେ ଆସୁଥାନ୍ତି ନୂଆବୋହୁକୁ ଦେଖିବା ପାଇଁ । ଭଲ ଭାବରେ କାହାକୁ ଚିହ୍ନି ନଥାଏ ମୁଁ । ସେଇ ସମୟରେ ଥରେ ବିମ୍ବାଧର ନୂଆଉ, ନୂଆଉ ଡାକି ଆମ ରୋଷେଇ ଘର ଆଡକୁ ପଶିଆସିଲେ । ମୋ ବଡ ଯାଆ ଆଉ ମୁଁ ରୋଷେଇ କରୁଥାଉ, ସେ ପଶି ଆସିଲା ବେଳକୁ ମୋ ବଡଯାଆ ଅଟକାଇ ଦେଲେ ତାଙ୍କୁ ବାଟରେ । କହିଲେ, "ଆରେ ବିମ୍ବାଧର ! ରୁହ ସେଇଠି, ତୁମ ଭାଇବୋହୁ ଅଛି ଭିତରେ", ସେ ଅଟକି ଠିଆହେଲେ, କହିଲେ, "ହେଃ, ସିଏ କାଇଁ ମୋର ଭାଇବୋହୁ ହେବେ ମ, ଅସୀତ୍ ଭାଇ ପରା ମୋ'ଠୁ ଚାରି ପାଞ୍ଚମାସ ବଡ ହେବେ ବୋଲି ଖୁଡୀ କହୁଥିଲେ, ତମେ ମୋତେ ଦେଢଶୁର କରି ଥୋଇଲଣି । ସେଇ ସମୟରେ ସେଠାରେ ପହଞ୍ଚିଥିଲେ ମୋ ଶାଶୁ, ସିଏ

 Magazine Downloaded from www.aahwaan.com

ବିଶେଷ ବିଷୁବ ସଂକ୍ରାନ୍ତି ୨୦୧୯

ବିମ୍ବାଧରଙ୍କ କଥାକୁ ସମର୍ଥନ କଲାରୁ ପ୍ରଥମେ ବିମ୍ବାଧର ଆସି ନମସ୍କାର କଲେ ମତେ । ସ୍ୱଭାବରେ ଖୁବ୍ ଲାଜକୁଳା ଥିଲେ ବିମ୍ବାଧର । ତାଙ୍କର ବାହାଘର ଅନେକ ଦିନ ଆଗରୁ ସରିଥିଲା, ମୋ ବାହାଘର ବେଳକୁ ତାଙ୍କର ଗୋଟିଏ ଝିଅ ଆଉ ତିନୋଟି ପୁଅ, ଏମିତି ଚାରୋଟି ସନ୍ତାନ ହୋଇ ସାରିଥିଲେ । ତାଙ୍କ ବାପା କଲିକତାରେ ଚକ୍ରଧରପୁରରେ ରେଳବାଇ ଚାକିରୀ କରୁଥିଲେ, ବୟସ ବଢିଲାରୁ ତାଙ୍କର ବଡ ପୁଅକୁ ଚାକିରୀଦେଇ ସ୍ୱେଛାକୃତ ଅବସର ନେଇ ଫେରି ଆସିଥିଲେ କଟକରେ ଥିବା ନିଜର ଘରକୁ । ଜମିବାଡି ପ୍ରଚୁର ଥିଲା, ସାନପୁଅ ବିମ୍ବାଧର ସେମିତି ଭଲ ପାଠ ପଢୁ ନଥିଲା, ତେଣୁ ବାପପୁଅ ଦୁହେଁ ମିଶି ଘର ପାଖରେ ଇଟାଭାଟି କରି ବ୍ୟବସାୟ ଆରମ୍ଭ କରିଥିଲେ । ବିମ୍ବାଧର ସିନା ଭଲ ପାଠ ପଢୁ ନଥିଲା ହେଲେ କଠିନ ପରିଶ୍ରମୀ ଥିଲା,  ତା'ର ପରିଶ୍ରମ ଆଉ ବାପାଙ୍କ ବୁଦ୍ଧିରେ ବ୍ୟବସାୟ ହୁ, ହୁ ହୋଇ ବଢିଲା । ଦୁର୍ଭାଗ୍ୟକୁ ଆସିବାର ଅଳ୍ପଦିନ ଭିତରେ ବିମ୍ବାଧରଙ୍କର ମାତୃ ବିୟୋଗ ଘଟିଲା । ବାପପୁଅ ଦୁହେଁ ଖଟି ଖଟି ଆସି ଦୁଇବେଳା ମୁଠାଏ ଭାତ ଖାଇବା ଲାଗି ହଇରାଣ ହରକତ ହେଲେ, ସମସ୍ତେ କହିଲେ ବିମ୍ବାଧରକୁ ବାହାଘର କରି ବୋହୁଟିଏ ଆଣ,  ସେ ଘର ସହିତ ତମ ବାପପୁଅଙ୍କୁ ସମ୍ଭାଳିବ । ଧନଦଉଲତର ଅଭାବ ନଥିଲା, ଖାଲି ଘରୁଆ ଘରର ଭଲ ଝିଅଟିଏ ଦେଖି ଆଣିବାର ଥିଲା,  ଯିଏ ସୁଖ ଦୁଃଖସହି ଘର ସମ୍ଭାଳିବ । ବିମ୍ବାଧରର କୁନି ବୋଲି ସାନ ଭଉଣୀଟିଏ ଥିଲା । ସେଇଟା କିନ୍ତୁ ପକ୍କା ଆଲୁରି ଥିଲା,  ତା'କୁ ମଧ୍ୟ ସମ୍ଭାଳିବାକୁ ଲୋକଟିଏ ଦରକାର ଥିଲା । ସବୁଆଡକୁ ଚିନ୍ତା କରି ବାପା ବିମ୍ବାଧର ପାଇଁ ଗରିବ ଘରୁ ଝିଅଟିଏ ବୋହୁ କରି ଆଣିଲେ । ଝିଅଟି ତା'ର ଜନ୍ମକଲା ମାଆକୁ ହରାଇଥିଲା ପିଲାଟି ବେଳୁ । ଜନ୍ମଦେଲା ବାପା ଝିଅକୁ ତା'ର ମାମୁଁଘରେ ଛାଡି ଦ୍ୱିତୀୟ ବିବାହ କରି ନିଜେ ସୁଖର ସଂସାର କରିଥିଲେ । ନିରିମାଖୀ ଝିଅଟି ମାମୁଁଘରେ ମାଇଁ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବିଶେଷ ବିଷୁବ ସଂକ୍ରାନ୍ତି ୨୦୧୯

ପାଖରେ ବଡ ହେଲା, ମାମୁଁମାଇଁଙ୍କୁ ବାପାବୋଉ ବୋଲି ଡାକିଲା, ମାମୁଁମାଇଁଙ୍କ ସନ୍ତାନ ମାନଙ୍କୁ କୋଳେଇ କାଖେଇ ମଣିଷ କଲା । ପନ୍ଦର ବର୍ଷ ବେଳକୁ ମାମୁଁ ବରଘର ଖୋଜିଲେ । ପର ଦାୟିତ୍ୱ, କେମିତି ହାତକୁ ଦି'ହାତ କରିଦେଲେ ଯାଏ, କିଏ ଯାନି ଯଉତୁକ ଯୋଗାଡ କରିବ । ଝିଅଟିର ସୌଭାଗ୍ୟକୁ ହେଉ ବା ଦୁର୍ଭାଗ୍ୟକୁ, ବିମ୍ବାଧରର ବାପାଙ୍କ କାନରେ ପଡିଲା ପ୍ରସ୍ତାବଟି । ବୁଢା ନିଜେ ଗଲେ ପୁଅ ପାଇଁ କନ୍ୟା ଦେଖି । ସିଏ ସେଦିନର ପନ୍ଦରବର୍ଷର ବିନତି ଭିତରେ କ'ଣ ଦେଖିଲେ କେଜାଣି, ତା'କୁ ହିଁ ବୋହୁକରି ଆଣିଲେ ଘରକୁ । ପିଲାଟି ଦିନରୁ କାହାରି ସ୍ନେହ ଆଦର ପାଇ ନଥିବା ବିନତି ଶ୍ୱଶୁରଙ୍କର ଅମାପ ସ୍ନେହ, ସ୍ୱାମୀର ଅନାବିଳ ପ୍ରେମ, ଆଉ ସାନ ନଣନ୍ଦର ଅକୁଣ୍ଠ ଶ୍ରଦ୍ଧାରେ ଏମିତି ବାନ୍ଧି ହୋଇପଡିଲା ଯେ ସେ ସବୁ ଦୁଃଖ ସବୁ ଅବଶୋଷ ଭୁଲି ସେଇମାନଙ୍କ ସେବାରେ ନିଜକୁ ସମର୍ପିତ କରିଦେଲା । ସମୟ କ୍ରମେ ବିନତି ପାଲଟି ଗଲା ସେ ଘରର ପ୍ରାଣ କେନ୍ଦ୍ର । ଶ୍ୱଶୁର ଅତ୍ୟନ୍ତ ଖୁସି ହୋଇ, ଟଙ୍କା ପଇସା ସବୁ ଦେଲେ ତା' ହାତରେ, ଯାବତୀୟ ଆୟ ଅଳଙ୍କାର, ସୁନାରୂପାରେ ଛାଉଣି କରି ଘରର ସବୁ ଦାୟିତ୍ୱ ଦେଲେ ବିନତିକୁ । ଖୁସିରେ ଦିନ ଗଡି ଚାଲିଲା । ଏ ଭିତରେ ବିନତିର ଚତୁର୍ଥ ପୁତ୍ର ସନ୍ତାନଟି ଜନ୍ମ ନେଇଥିଲା ।

କଥାରେ ଅଛି ସବୁ ସୁଖକୁ ଦଇବ ସହେନା । ସେମିତି ଗୋଟିଏ ଘୋର ଦୁର୍ଦ୍ଦିନ ଆସିଲା ବିନତି ଜୀବନରେ । ତା'ର ଶଶୁରଙ୍କ ଦେହ ହଠାତ ଦିନେ ଖରାପ ହେଲା । ସବୁଦିନେ ପାନଖିଆ ପାଟିରେ ଚିହ୍ନଟ ହେଲା ଦୁରାରୋଗ୍ୟ କର୍କଟ ବ୍ୟାଧି । ସମସ୍ତ ଚିକିତ୍ସା ସତ୍ତ୍ୱେମଧ୍ୟ ଧିରେ ଧିରେ ରୋଗ କମିବା ପରିବର୍ତ୍ତେ ବଢିବାକୁ ଲାଗିଲା, ଶ୍ୱଶୁର ଶଯ୍ୟାଶାୟୀ ହେଲେ ।

ବିମ୍ବାଧର ଉପରେ ବ୍ୟବସାୟର ଦାୟିତ୍ୱ ପଡିଲା ବେଶୀ । ଆଗରୁ ବାପାଥିଲେ, ସବୁ ଭଲମନ୍ଦ ସେ ହିଁ ବୁଝାବୁଝି କରୁଥିଲେ, ହାଲୁକା କାମ ଦେଉଥିଲେ ବିମ୍ବାଧରଙ୍କୁ, ଏବେ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଏକୁଟିଆ ସବୁ ଦାୟିତ୍ୱ ପଡିଲାରୁ ଭାରାକ୍ରାନ୍ତ ହୋଇପଡିଥିଲେ ବିମ୍ବାଧର । ଟିକିଏ ଟିକିଏ କଥାରେ ଚିଡିଚିଡା ହୋଇ ଯାଉଥିଲେ, ଘରେ ଅଶାନ୍ତି ଲାଗି ରହୁଥିଲା । ରୋଗାକ୍ରାନ୍ତ ଶ୍ୱଶୁରଙ୍କର ଖିଆ ପିଆ, ମଳ, ମୂତ୍ର ସଫାକରିବାଠାରୁ ସମୟରେ ଔଷଧ ଦେବା, ଘରର ପିଲା ମାନଙ୍କର ଯାବତୀୟ କାମ କରି କରି ଥକି ପଡୁଥିଲା ବିନତି, ତଥାପି ବିନା ପ୍ରତିବାଦରେ କରି ଯାଉଥିଲା ସବୁ । ଅଳ୍ପଦିନ ବେମାର ପଡି ପଡି ଶ୍ୱଶୁର ଚାଲିଗଲେ । ସିଏ ଥିଲେ ବିନତିର ବଳ । ବୋହୁକରି ଆଣିଲା ଦିନୁ ଛାଇ ପରି ଗୋଡେ ଗୋଡେ ଜଗି ରହିଥିଲେ ତା'କୁ । କି ଖରା, କି ବର୍ଷା, କି ଶୀତ କାକର ସିଏ ଥିଲେ ତା'ର ଆଢୁଆଳ ହୋଇ । ତାଙ୍କର ଅବର୍ତ୍ତମାନରେ ଆଉଥରେ ନିରାଶ୍ରୟ ହୋଇ ପଡିଥିଲା ବିନତି । ବିମ୍ବାଧର ଥିଲେ କ୍ଷଣ କୋପୀ, ଟିକିଏ କଥାରେ ନାକ ଅଗରେ ରାଗ । ସବୁ କଥାକୁ ସମ୍ଭାଳି ନେଉଥିଲେ ଶ୍ୱଶୁର । ଏବେ ଧିରେ ଧିରେ ବିନତି ସବୁକଥା ବୁଝିବା ଆରମ୍ଭ କରିଥିଲା ବିମ୍ବାଧର ସହିତ । ସମୟ ଚାଲିଥିଲା ଆପଣା ଗତିରେ ।

ସେଦିନ ଥିଲା ଗୋଟାଏ ଅଶୁଭ ସକାଳ । ପ୍ରତିଦିନ ଭଳି ସକାଳୁ ଇଟାଭାଟିକୁ ବାହାରିଗଲେ ବିମ୍ବାଧର । ଇଟାଭାଟି ଟି ଆମ ଘରପାଖରୁ ଦେଢକି ଦୁଇ କିଲୋମିଟର ଦୂର ହେବ ନଦୀ କୂଳିଆ ଯାଗାଟିରେ । ବାପା ଥିଲା ବେଳେ, ବିମ୍ବାଧର ସବୁଦିନ ସେ ସକାଳୁ ଉଠି ଚାଲିଯାଆନ୍ତି ଇଟାଭାଟିକୁ, ଦିନ ଦଶଟା ବେଳକୁ ସିଆଡୁ ଗାଧୋଇ ପାଧୋଇ ଆସି ପଖାଳ ଖାଆନ୍ତି ଘରେ । ଖରାବେଳ ସମୟଟା ବାପା ରୁହନ୍ତି ଭାଟିରେ, ବିମ୍ବାଧର ଉପର ବେଳା ଦିନ ଚାରିଟା ବେଳକୁ ପୁଣି ଯାଆନ୍ତି ଭାଟିକୁ । ବାପପୁଅ ରାତି ଆଠଟା ନଅଟା ବେଳେ ଫେରନ୍ତି ଘରକୁ । ଏବେ ବାପାଙ୍କ ଅନ୍ତେ ଦିନ ସାରା ଭାଟିରେ କଟେଇବାକୁ ପଡେ ବିମ୍ବାଧରଙ୍କୁ । ସକାଳୁ ଉଠି ଚାଲିଯାଆନ୍ତି ଭାଟିକୁ, ସେଇଠି ନିତ୍ୟକର୍ମ ସାରି ଘରକୁ ଆସି ପଖାଳ ଗଣ୍ଡାଏ

 Magazine Downloaded from www.aahwaan.com

ବିଶେଷ ବିଷୁବ ସଂକ୍ରାନ୍ତି ୨୦୧୯

ଶୋଇ ଦେଇ ପୁଣି ବାହାରି ଯାଆନ୍ତି ଭାଟିକୁ । ସେଦିନ ଥାଏ ବୁଧବାର, ଭାଟିରୁ ଫେରିଲା ବେଳେ ଚୁନାମାଛ ଆଣିବି, ତୁ ବାଇଗଣଟାଏ ପୋଡି ରଖିଥା, ଆସିଲେ ପଖାଳ ଖାଇବା ବୋଲି ବିନତିକୁ କହି ଦେଇ ତରତରରେ ବାହାରିଗଲେ ବିମ୍ବାଧର । ବିନତି ପାଞ୍ଚଟି ପିଲାଙ୍କ ଜଞ୍ଜାଳ କରୁକରୁ ଦିନ ଦଶଟା ବାଜିଲା । ଚୁଲିରେ ବାଇଗଣଟାଏ ପକେଇ ଦେଇ ଲୁଗାପଟା ସଫା କରିବା ଲାଗି ଯାଇ ବସିଲା କୂଅମୂଳରେ । କିଛି ସମୟ ଯାଇଛି, କ'ଣ ଗୋଟାଏ ଘୋ ଘୋ ଶବ୍ଦ ଶୁଣାଗଲା ଖଞ୍ଜା ଭିତରେ । ଦେଢ ବର୍ଷର ସାନ ପୁଅ ଟୁଟୁକୁ ବିନତି ଶୋଇ ଦେଇ ଆସିଥିଲା ଘର ଭିତରେ, ସିଏ କାଳେ ଉଠିପଡିବ ବୋଲି ଲୁଗାପଟା କାଚିବା ଛାଡିଦେଇ ସେ ଉଠିଗଲା ଘରଭିତରକୁ ପୁଅପାଖକୁ, ପିଲାମାନେ ଯିଏ ଯୁଆଡେ ଖେଳୁଛନ୍ତି । ବିନତି ଡାକ ପକେଇଲା ନଣନ୍ଦକୁ "କୁନି ! ଏ କୁନି ! ଗଲ ଦେଖି ଆସିବ ଛୁଆସବୁ କୁଆଡେ ଗଲେ, ଖଞ୍ଜା ଆଡେ କ'ଣ ପାଟିତୁଣ୍ଡ ଶୁଭୁଛି, କିଏ ବୋଧହୁଏ ଝଗଡା ଝାଟି କରୁଛନ୍ତି, ପିଲାମାନଙ୍କୁ ନେଇ ଆସିବ ଘରକୁ ।" କୁନି ଚାଲିଗଲା ବାହାରକୁ ପିଲାମାନଙ୍କୁ ଦେଖିବାପାଇଁ ।

ଆମରି ଘର ସାମନାରେ ଠିକ ଦାସ ଘରର ବିରାଟ ଅଗଣା । ଦଳେଲୋକ ଆସି ସେଠି ହାଉହାଉ ହେଉଥାନ୍ତି, ଆମେ ବୋହୁମାନେ ସବୁ ଘର ଭିତରେ ଉତ୍ସୁକ ହୋଇ ଉଠୁଥାଉ ଘଟଣା କ'ଣ ଜାଣିବାପାଇଁ । ଦାସ ଘରର ସବୁ ବଡବଡ ପୁରୁଷ ଲୋକମାନେ ଜମା ହୋଇଥାନ୍ତି, ଯୁବକମାନେ ଧାଇଁ ଯାଇଥାନ୍ତି ବାହାର ଆଡକୁ, ହୋ ହାଲ୍ଲାରେ କିଛି ଶୁଭୁ ନଥାଏ । ଆମ ଶାଶୁ ଆଉ ଜେଠେଇଶାଶୁ ଦୁଇଜଣ ବି ଥାଆନ୍ତି ସେଇଠି । କିଛି ସମୟ ପରେ କାନ୍ଦଣାରେ ଫାଟି ପଡିଲା ଦାସ ଘର ଅଗଣା, "ବିମ୍ବାଧର ନଦୀରେ ବୁଡିଗଲା ।" ଆମେ ସବୁ ଅସମ୍ଭାଳ ହୋଇ ଧାଇଁଲୁ ଦାଣ୍ଡକୁ । ବୁଝିଲା ବେଳକୁ ଘଟଣାଟି ଏଇମିତି .....

ସବୁଦିନ ଭଳି ବିମ୍ବାଧର ଭାଟିରେ ମୂଲିଆ ମିସ୍ତ୍ରୀ ମାନଙ୍କୁ କାମକରିବାକୁ ଆଦେଶ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବିଶେଷ ବିଷୁବ ସଂକ୍ରାନ୍ତି ୨୦୧୯

ଦେଇ ସାରିବା ପରେ ଗୁଡାଖୁ ଘଷି ଘଷି ନଦୀ ଆଡକୁ ଗଲା, ସେଠାରେ ନିତ୍ୟକର୍ମ ସାରି ପାଣି ଭିତରକୁ ପଶିଲା ବୋଲି ନଦୀବନ୍ଧ ଉପରେ ଥିବା ଲୋକେ ଦେଖିଥିଲେ, ହେଲେ ଅନେକ ସମୟ ଧରି ସେ ପାଟିରୁ ଉପରକୁ ନ ଆସିବାରୁ ସେମାନଙ୍କର ସନ୍ଦେହ ହୋଇଥିଲା, ସେମାନେ ଦୁଇ ତିନି ଡାକ

ମାରିଲେ ବିମ୍ବାଧର, ବିମ୍ବାଧର ବୋଲି, କୌଣସି ଉତ୍ତର ନ ପାଇ ସେମାନଙ୍କ ମଧ୍ୟରୁ କେତଜଣ ନଦୀକୂଳ ଯାଏ ଯାଇ ଆହୁରି ଜୋରରେ ଡାକ ମାରିଲେ, ସେତିକିବେଳେ ବନ୍ଧ ଉପରେ ଥିବା ଜଣେ ଲୋକ ଅନେକ ଦୂରରେ ହାତ ଦୁଇଟି ପାଣି ଭିତରକୁ ଟାଣି ହୋଇ ବୁଡିଯିବାର ଦେଖି ଚିତ୍କାର କରିଉଠିଲା, "ବିମ୍ବାଧର ବାବୁ ବୁଡିଗଲେ" କାରଣ ବିମ୍ବାଧରଙ୍କ ଡାହାଣ ହାତରେ ପିନ୍ଧିଥିବା ବଡ ନାଲି ପଥରବସା ସୁନାମୁଦିଟିକୁ ସେ ଚିହ୍ନି ପାରିଥିଲା । ଖିଦ୍‌ଖାଦ୍ୟ ହୋଇ ଆଉ ଛଅ ସାତଜଣ ପହଁରା ଜାଣିଥିବା ଲୋକ କୁଦି ପଡିଲେ ପାଣିକୁ । ଖେଦି ପକାଇଲେ ନଦୀଯାକ । ହେଲେ ପାଇଲେ ନାହିଁ ବିମ୍ବାଧରଙ୍କୁ । ସେଥି ଭିତରେ କିଏ ଜଣେ ଖବର ପଠାଇ ଦେଇଥିଲେ ଦାସଘରକୁ । ସେଠିକାର ଜମିଦାର ଘର ଭାବରେ ଦାସଘର ବେଶ୍ ପ୍ରସିଦ୍ଧ, ତେଣୁ ବିଜୁଳିବେଗରେ ଖବରଟା ବ୍ୟାପି ଯାଇଥିଲା ଖଣ୍ଡମଣ୍ଡଳରେ । ଯୋବ୍ରା ଘାଟରୁ ଡଙ୍ଗାବାଲା ସବୁ ତୁରନ୍ତ ଡକାଇ ଅଣା ହେଲେ, ଦମକଳ ଅଫିସରେ ଖବର ଦିଆଗଲା, ଚାଲିଲା ବିମ୍ବାଧରର ଶରୀରର ଅନୁସନ୍ଧାନ । କୁନି ପାଖରୁ ଖବର ପାଇ ବିନତି ସେଇଠି ମୂର୍ଚ୍ଛା ହୋଇ ପଡିଥିଲା, ପିଲାମାନେ କାନ୍ଦିକାନ୍ଦି ଅସ୍ଥିର ହେଉଥିଲେ, ଖଞ୍ଜାରେ ଜଣେ ହେଲେ ବି ପୁରୁଷ ଲୋକ ନଥିଲେ, ସମସ୍ତେ ଯାଇ ନଦୀକୂଳରେ, ଆମେ ସ୍ତ୍ରୀଲୋକମାନେ ଯେମିତି ଜଡ ହୋଇ ଯାଇଥାଉ । ଟିକିଏ ବୁଝିବା ପିଲାମାନେ ସେଇ ଅଗଣାରେ ବସି କାନ୍ଦୁଥାନ୍ତି, ଛୋଟପିଲାମାନେ କିଛି ନ ବୁଝିପାରି ମାଆ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବିଶେଷ ବିଷୁବ ସଂଖ୍ୟା ୨୦୧୯

ମାନଙ୍କୁ ଦେଖି ଦୁଃଖୀ ହେଉଥାଆନ୍ତି । ସବୁ ଯେମିତି ସ୍ଥିର ହୋଇଯାଇଥାଏ ଦାସ ଘର ଖଞ୍ଜାରେ । ଅଧାରନ୍ଧା ବଢା ହୋଇ ଖାଦ୍ୟ ସବୁ ପଡିଥାଏ ସେମିତି । କାହାରି ହାତ ଗୋଡ ଚଳୁଥିଲା ନଥାଏ । ଆମେ ସବୁ ଯାଇ ବିନତି ପାଖରେ ବସି ତା'କୁ ଧୈର୍ଯ୍ୟ ଧରିବାକୁ ସାନ୍ତ୍ୱନା ଦେଉଥାଉ ଯଦିଓ ଆମ ଭିତରର ଧୈର୍ଯ୍ୟ ଜବାବ ଦେଇ ସାରିଥାଏ ସେତେବେଳକୁ । ଏମିତି ଅନିଶ୍ଚିତତା ଭିତରେ ରାତିପାହିଲା । ସମସ୍ତେ ଖାଡା ପାଡା ଉପାସ । ରନ୍ଧାବଢା ହୋଇଥିବା ଖାଦ୍ୟସବୁ ଫିଙ୍ଗି ଦିଆଗଲା ବାହାରେ । ପିଲାମାନେ କ୍ଷୀର, ଚୂଡା ବିସ୍କୁଟ ଖାଇଲେ । ବିମ୍ବାଧରର ଶରୀରକୁ ଖୋଜାଖୋଜି ତଥାପି ଚାଲିଥିଲା ଆହୁରି ବଡ ବଡ ଡଙ୍ଗା ସବୁ ଅଣା ହୋଇ ବିଭିନ୍ନ ଗାଆଁଗଣ୍ଡା ମାନଙ୍କରୁ । ଦ୍ୱିତୀୟ ଦିନ ବି ବିତିଗଲା ସେମିତି । ନିରାଶ ହୋଇ ଫେରିଲେ ବୁଡାଳୀମାନେ । ମହାନଦୀର ତଳମୁଣ୍ଡରୁ ଉପର ମୁଣ୍ଡ ଯାଏଁ ଉଝାଳି ପକେଇଲେ ନାଉରିଆ ମାନେ ବଡ ବଡ ବାଉଁଶଧରି । ଗୋଳେଇ ଘାଣ୍ଟି ପକେଇଲେ ଯେତ ଦୂର ସମ୍ଭବ ସେତେ ଦୂର ଯାଏଁ ହେଲେ କେଉଁଠି ବି ମିଳିଲାନି ବିମ୍ବାଧରର ଚିହ୍ନବର୍ଣ୍ଣ । କିଏ କହିଲା କୁମ୍ଭୀର ଗିଳିଦେଲା, କିଏ କହିଲା ବାଲି ଭଉଁରୀରେ ପୋତି ହୋଇଗଲା, କିଏ କେତେ ପ୍ରକାରରେ କହିଲେ । ଦାସଘରର ମୁଖିଆ ସବୁଠାରୁ ବଡ ଜେଠାଶୁର ଆମର ମତ ରଖିଲେ, "ଆମ କୁଳ ପୁରୋହିତଙ୍କୁ ପଚାରିବା, ସେ ଯାହା ଯେମିତି କହିବେ କରିବା, ବିମ୍ବାଧର ଆଉ ଜୀବିତ ନାହିଁ, ଏକଥା ସତ, କ୍ରିୟାକର୍ମ କ'ଣ କେମିତିହେବ, ସେଇଆ ପଚାରିବା କଥା ।" ତିନିଦିନ ତିନିରାତି ଧରି ଅଖିଆ ଅପିଆ ବସି ରହିଥିଲା ବିନତି କାଠଗଣ୍ଡିଟିଏ ପରି । ପୁରୋହିତଙ୍କ ପରାମର୍ଶ ଅନୁଯାୟୀ ତା'କୁ ଧରିଧରି ବାରିକାଣୀ ନେଇଥିଲା ନଦୀ କୂଳକୁ, ଯେଉଁଠି ତା'କୁ ଶେଷଥର ପାଇଁ ଦେଖିଥିଲେ ଲୋକମାନେ । ଘରର ପୁରୁଷ ଲୋକମାନେ ଜମା ହୋଇ ଚାଲିଥାଆନ୍ତି ତା'ପଛରେ, ସାଂଗରେ ଥାଏ ବାର ବର୍ଷର ବଡପୁଅ ମିଟୁ ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବିଶେଷ ବିଷୁବ ସଂକ୍ରାନ୍ତି ୨୦୧୯

ବଡବାପାଙ୍କ ସାଥିରେ ନଦୀ ଭିତରକୁ ପଶି ମୁଣ୍ଡକୁ ବୁଡେଇ ବାଲି ମୁଠାଏ ମୁଠାଇ ଧରି କୂଳକୁ ଆସିଲା ମିଟୁ । ସେଇ ବାଲି ମୁଠାକୁ ବିମ୍ବାଧରର ଶରୀର ମନେ କରି ବିନତି ହାତରୁ ଶଙ୍ଖା, ମୁଣ୍ଡରୁ ସିନ୍ଦୁର ଉତ୍ତାରି ଦିଆଗଲା । ସେଇ ବାଲିମୁଠାକୁ ବିମ୍ବାଧର ସଜେଇ ବିସର୍ଜନ କରି ଦିଆଗଲା ନଦୀରେ । ଆମେ ସବୁ ପଛରେ ଯାଇ ଆମ ତୁଠରେ ସ୍ନାନ ଶୌଚ ସାରି ଘରକୁ ଫେରିଲୁ । ବିମ୍ବାଧରର ମୃତ୍ୟୁ କ୍ରିୟାକର୍ମ କରାହେଲା ଯଥାରୀତି । ସଭା ବସିଲା ଦାସଘରର । ବିନତି ଚଳିବ କେମିତି ? କିଏ ନେବ ତା' ପିଲାମାନଙ୍କର ଆଉ ତା'ର ଦାୟିତ୍ୱ ? ପାଞ୍ଚ ପାଞ୍ଚଟା ପିଲାଧରି ବତିଶି ବର୍ଷର ସ୍ତ୍ରୀ ଲୋକଟି ଯିବ କୁଆଡେ ? ସମସ୍ତେ ନିଜ ନିଜର ଅସାମର୍ଥ୍ୟ ପ୍ରକାଶ କଲେ । ବିନତି ସେମିତି ବସି କାନ୍ଦୁଥାଏ ସେଇଠି । ଶେଷରେ ସ୍ଥିର ହେଲା ବିନତିର ଜନ୍ମକଲା ବାପା ଆଉ ପାଳିତ ବାପା(ତା'ର ମାମୁଁ), ଦୁହେଁଯାକ ବିନତିର ଗୋଟିଏ ଗୋଟିଏ ପୁଅଙ୍କୁ ନେଇ ନିଜ ପାଖରେ ରଖି ସେମାନଙ୍କର ପାଳନପୋଷଣ କରିବେ, ଏବଂ ନଣନ୍ଦସହିତ ଝିଅ ଆଉ ସାନ ସାନପୁଅ ଦୁଇଟିଙ୍କୁ ଧରି ବିନତି ରହିବ ତା'ର ନିଜର ଘରେ । ବ୍ୟାଙ୍କରେ ଜମା ଥିବା ଟଙ୍କାକୁ ସ୍ଥାୟୀ ଜମା କରିଦେଇ ସେଥିରୁ ଯାହା ସୁଧ ମିଳିବ, ସେଇଥିରେ ଚଳିବ ବିନତି । ତେଣିକି ପିଲାମାନେ ବଡହେଲେ ଯାହା କରିବେ । ବିନତିର ଜନ୍ମକଲା ବାପାଙ୍କର ପୁଅ ନଥିଲେ, ତେଣୁ ସେ ସବା ସାନପୁଅ ଗୁଟୁକୁ ନେଇକି ପାଳିବେ ବୋଲି କହିଲେ । ବିନତିର ପାଳିତ ବାପା(ମାମୁଁ)ଙ୍କର ଥିଲେ ଦୁଇଟି ପୁଅ । ସେ କହିଲେ ମୋର ଝିଅଟି ଏକୁଟିଆ କେମିତି ଏତେ ବଡ ଘରଟାରେ ପିଲାମାନଙ୍କୁ ଧରି ରହିବ, ବରଂ ମୋର ସାନ ପୁଅଟି ଆସି ତା'ପାଖରେ ରହୁ ତା'କୁ ଭଲମନ୍ଦରେ ସାହାଯ୍ୟ କରିବାପାଇଁ, ମୁଁ ତା'ର ବଡ ପୁଅ ମିଟୁକୁ ନେଇଯାଉଛି, ସେ ମୋ ପାଖରେ ରହି ପଢାପଢି କରିବ । ସେଇଆ ହେଲା, ବିନତି ଛାତିକୁ ପଥର କରି ସମସ୍ତଙ୍କ କଥା ମାନି ରହିଲା ଘରେ । ଧୈର୍ଯ୍ୟଚ୍ୟୁତ ନ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବିଶେଷ ବିଷୁବ ସଂକ୍ରାନ୍ତି ୨୦୧୯

ହୋଇ ଆଖିର ଲୁହକୁ ଓଠରେ ପିଇ ଧିରେ ଧିରେ ଜୀଇଁବାର କଳା ଶିଖିଗଲା । ବନ୍ଧୁବାନ୍ଧବ, କୁଟୁମ୍ବ ମାନଙ୍କ ସାହାଯ୍ୟ ନେଇ ତା'ର ଦ୍ୱିତୀୟ ପୁଅ ଲିଟୁ, ତୃତୀୟ ପୁଅ ମଣ୍ଟୁ ଏବଂ ବଡ ଝିଅ ଆଲିସାକୁ ପାଳିଲା, ନଣନ୍ଦର ବାହାଘର କଲା । ଲିଟୁଟି ପାଠ ପଢାରେ ଦୁର୍ବଳ ଥିଲା, ତେଣୁ ଅଧାରୁ ପାଠଶାଠ ଛାଡି କାମଧନ୍ଦା କରିବାକୁ ଲାଗିଲା । ମଣ୍ଟୁଟି ଥିଲା ବୁଦ୍ଧିମାନ୍ । ଭଲ ପାଠ ପଢୁଥିଲା ଏବଂ ଭଲ ମଣିଷଟିଏ ହେବାର ଆଗ୍ରହ ଥିଲା ତା'ର । ମାଆର ଦୁଃଖକୁ ତିଳେ ତିଳେ ଅନୁଭବ କରିଥିଲା ସିଏ । ତେଣୁ ସବୁବେଳେ ଭାବୁଥିଲା କେମିତି ହେଲେ ବି ସେ ପାଠଶାଠ ପଢି ବଡ ମଣିଷ ହେବ, ମାଆକୁ ଦୁନିଆଁର ସବୁ ସୁଖଦେଇ ସୁଖୀ କରିବ । ପ୍ରାଇମେରୀ ସ୍କୁଲ୍ ପର୍ଯ୍ୟନ୍ତ ପାଠ ମାଗଣା । ଖୁବ୍ ମନ ଲଗାଇ ପଢିଲା ମଣ୍ଟୁ । ସିଏ ପ୍ରାଇମେରୀ ସ୍କୁଲ୍ ପଢା ସାରିଲା ବେଳକୁ ମୋ ସ୍ୱାମୀ ଥାଆନ୍ତି ନୂଆବଜାର ହାଇସ୍କୁଲର ସେକ୍ରେଟେରୀ । ଦିନେ ଆସି କହିଲା, "ବଡବାପା ! ମୁଁ ହାଇସ୍କୁଲରେ ପଢିବି, ଘରେ ତ ବୋଉ ଯାଇପାରିବନି, ତମେ ମୋ ନାଆଁ ଲେଖେଇ ଦେବ ଚାଲ । ଇଏ ସାଙ୍ଗରେ ନେଇଗଲେ ତା'କୁ ସ୍କୁଲକୁ ।

ପ୍ରଧାନ ଶିକ୍ଷକ ପଚାରିଲେ ତା'କୁ, "ତୁମ ବାପାଙ୍କ ନାଁ କ'ଣ ?" ମଣ୍ଟୁ ୟାଙ୍କୁ ଦେଖାଇଦେଲା, କହିଲା "ମୋ ବାପାଙ୍କ ନାଁ, ବିଜୟ କୁମାର ଦାସ୍ ।" ଇଏ ହସିଲେ, ସ୍କୁଲ୍ ଖାତାରେ ବାପା ନାଁ ଯାଗାରେ ୟାଙ୍କରି ନାଁ ଲେଖା ହେଲା । ମଣ୍ଟୁ ପାଠ ପଢିଲା । ସ୍କୁଲ୍ ଫିସ୍ ପଡିଲାନି, ସାର୍ ମନେ ସମୟରେ ସମୟରେ ପାଠ ବୁଝାଇ ଦେଉଥିଲେ, ମୋ ଝିଅ ଥିଲା ମଣ୍ଟୁର ଉପର କ୍ଲାସରେ, ସେଇ ପଢେଇଲା ତା'କୁ, ପ୍ରତିବର୍ଷ ତା'ର ପୁରୁଣା ବହିପତ୍ର, ନୋଟ୍‌ଖାତା ସବୁଦେଇ । ମାଟ୍ରିକ ପରୀକ୍ଷାରେ ଫର୍ମ ପୂରଣ ହେଲା ବେଳକୁ ୟାଙ୍କ ନାଆଁ ହଟାଇ ବିମ୍ବାଧରଙ୍କ ନାମ ବସିଲା ମଣ୍ଟୁର ବାପା ଭାବରେ । ମଣ୍ଟୁ ମାଟ୍ରିକ ପରୀକ୍ଷାରେ ଭଲ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବିଶେଷ ବିଷୁବ ସଂକ୍ରାନ୍ତି ୨୦୧୯

ନମ୍ବର ରଖି ପାଶ୍ କରିଥିଲା । ଇଏ ତା'କୁ କଟକ କଲେଜରେ ପଢିବା ପାଇଁ କହିଲେ, ସେ କିନ୍ତୁ କହିଲା, "ନାଇଁ ବଡବାପା, ଏବେ ମୁଁ ନିଜେ କିଛି କାମ କରିବି ଆଉ ସେଇ ପଇସାରେ ପଢିବି ।" ମାଆର ସଂସ୍କାର ନେଇ ସିଏ ଏତେ ସୁନ୍ଦର କଥା କହୁଥିବାରୁ ସମସ୍ତଙ୍କୁ ଖୁସି ଲାଗୁଥିଲା । ମଣ୍ଟୁ ନିଜେ ରୋଜଗାର କରି ନିଜେ ପାଠପଢିଲା, କୌଣସି କାମକୁ ଛୋଟ ବୋଲି ଭାବିଲାନି, ଆଜି ସିଏ ଗୋଟିଏ ବଡ କମ୍ପାନୀର ଅଫିସର ପଦରେ ଅଧିଷ୍ଠିତ । ଘରଦ୍ୱାର କୋଠାବାଡି ସବୁ କରିଛି, ମାଆକୁ ସଂସାରର ସବୁ ସୁଖଦେବାକୁ ଚେଷ୍ଟା ଅବ୍ୟାହତ ରଖିଛି ଏବେ ବି । ଅନ୍ୟ ଭାଇମାନେ ମଧ୍ୟ ନିଜ ନିଜ ଜୀବନ ଜିବୀକା ନେଇ ସନ୍ତୁଷ୍ଟ । ସମସ୍ତଙ୍କୁ ବାହା ସାହା କରିଦେଇ ନିଜ ସଂସାର ନେଇ ଚଳିବାକୁ ସ୍ୱାଧୀନତା ଦେଇଥିଲେ ମଧ୍ୟ ବିନତି ନିଜେ ଦାୟିତ୍ୱ ମୁକ୍ତ ହୋଇ ପାରିନି ଆଜି ଯାଏଁ । ମାଆମନ ତା'ର ତା'କୁ ଦାୟିତ୍ୱମୁକ୍ତ ହେବାକୁ ଦେଉନି । ପନ୍ଦରବର୍ଷର ସେ ବୋକି ଝିଅ ସଂସାରର ଝଡ ଝଞ୍ଜାକୁ ସାମନା କରି କରି ଆଜି ବାଆଷଠି ବର୍ଷରେ ପାଦ ଦେଲାଣି, ଶରୀର ଜବାବ ଦେଲାଣି, କିନ୍ତୁ ମନ ହାରିବାକୁ ଚାହୁଁନି । ମାଆ କୁକୁଡା ଭଳି ଡେଣା ତଳେ ଢାଙ୍କି ଖରା ବର୍ଷା ଦାଉରୁ ରକ୍ଷା କରିବା ଲାଗି ସେ ଏବେ ବି ସତତ ଚେଷ୍ଟିତ । ତା'ର ଜିଗୀଷା ଦେଖି ମୁଗ୍ଧ ହେଲି ମୁଁ ।

ସାନଯାଆ ସାନ ଭଉଣୀ ସମାନ ହେଲେ ବି ମୋ ମଥା ନଇଁ ଯାଉଥିଲା ସେଇ ସ୍ୱୟଂସିଦ୍ଧା ବିନତି ପାଖରେ ।

କଟକ, ଓଡ଼ିଶା

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com
ବିଶେଷ ବିଷୁବ ସଂଖ୍ୟା ୨୦୧୯

# ଦୁଇଟି ମିନିଗଳ୍ପ



ସୁଧାଂଶୁ ଶେଖର ଦ୍ୱିବେଦୀ

## ଶୂନ୍ୟସ୍ଥାନ

ଏପରି କଥା ଥାଏ ଯାହା ଅନ୍ୟକୁ କହିବା ପାଇଁ ସମୟ ସାପେକ୍ଷ ହୋଇପାରେନି । ତଥାଗତ ଜୀବନରେ ସେଇ ଅକୁହା କଥାଟା ଅଟକି ରହିଲା, କଲେଜରେ ପଢୁଥିବା ବେଳେ ତୃପ୍ତିକୁ ସେ ମନ ମଧ୍ୟରେ ଭାରି ଭଲ ପାଉଥିଲା । ତୃପ୍ତି ଅନନ୍ୟା, ତା ପ୍ରତିବିମ୍ବକୁ ମନର କଳାପଟାରେ ଆଙ୍କି ଅନେକ ସମୟରେ ସ୍ୱପ୍ନବିଭୋର ହୋଇଛି ସେ, ହୃଦକନ୍ଦରରେ ଆଶାର ତାଜମହଲ ଗଢ଼ିଛି । ମୁଣ୍ଡର ତକିଆକୁ ତୃପ୍ତି ମନେକରି ଅସହଜ ଅବସ୍ଥାରେ ଜଡ଼ାଇ ଧରିଛି ଅନେକ ଥର, ସ୍ୱପ୍ନକୁ ସତ କରିବା ପାଇଁ ତୃପ୍ତିର ରାସ୍ତା ପଥକୁ ଜଗି ରହିଛି ଘଣ୍ଟା ଘଣ୍ଟା, ହେଲେ ସବୁ ତା ପାଇଁ ଅପହଞ୍ଚ - ଅନିଶ୍ଚିତ ହୋଇଛି ।

ତା'ପରେ...

କଲେଜ ଜୀବନର ସମାପ୍ତି, ଯେ ଯାହା ବସାକୁ ବାହୁଡ଼ି ଯାଇଛନ୍ତି । ତଥାଗତ ଚାକିରୀଟିଏ ପାଇଁ ବେକାର ଜୀବନର ରାହା ଅଣ୍ଡାଳିଛି । ଇଣ୍ଟରଭ୍ୟୁ ଦେଇଛି, ପାଦର ଚପଲ ଘୋରାଇଛି । ଭୋକିଲା ପେଟରେ ରାସ୍ତାକଡ଼ ନଳରୁ ପେଟେ ପାଣି ପିଉଛି । ଆଉ କେବେ ଇଣ୍ଟରଭ୍ୟୁ ଦେବାଲାଗି ଲାଇନ୍‌ରେ ଛିଡ଼ା ହୋଇ ପୋଲିସଙ୍କଠାରୁ ଲାଠିମାଡ଼ ଖାଇଛି । ମୁଣ୍ଡ ଫାଟିଛି, ତଥାପି ଇଣ୍ଟରଭ୍ୟୁ ଦେବା ତା'ର ବନ୍ଦ ହୋଇନି ।

ଦିନେ ଡାକ ପିଉନ ଠାରୁ ମୁଦିଦିଆ କାର୍ଡ଼ଟିଏ ପାଇଛି । ଖୋଲିଛି - ଦେଖୁଛି, ପଢୁଛି ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବିଶେଷ ବିଷୁବ ସଂକ୍ରାନ୍ତି ୨୦୧୯

ହଠାତ୍ ତା ଆଖି କୋଣରୁ ଦୁଇଟୋପା ଲୁହ ଗଡ଼ିପଡ଼ିଛି । ନିଜ ମନକୁ ହଜେଇ ଦେଇଥିବା ତଥାଗତ ଭଲ ପାଇବାର ସାରାଂଶକୁ ସେଦିନ ଯଦି କହି ଦେଇଥାନ୍ତା ହୁଏତ ଆଜି ତୃପ୍ତି ଦେଇଥିବା ଇନ୍‌ଭାଇଟେସନ୍ କାର୍ଡ଼ରେ ଅନ୍ୟ କାହା ନାଁ ବଦଳରେ ନିଜ ନାଁ ଲେଖା ହୋଇଥାନ୍ତା । ଆଉ ତା ଭଲ ପାଇବାର ପରିଣାମ ସ୍ୱରୂପ ଶୂନ୍ୟସ୍ଥାନ ନ ହୋଇ ସ୍ଥାନ ପୂରଣ ହୋଇଥାନ୍ତା ।

ପୂର୍ଣ୍ଣଚ୍ଛେଦ

ସମୟ ଦ୍ୱିପ୍ରହର । ହେମନ୍ତ ବସିଥିଲେ ବୈଠକ ଘରେ, ସେଦିନର ଖବର କାଗଜ ତାଙ୍କ ହାତରେ ଥିଲା । ହଠାତ୍ ଗେଟ୍ ଖୋଲିବାର ଶବ୍ଦ ଶୁଣି ଖବର କାଗଜ ହାତରେ ଧରି ବୈଠକ ଘରୁ ବାହାରକୁ ଉଠି ଆସିଲେ ସେ । ସମ୍ମୁଖରେ କକା ଓ କକାପୁଅ ଭାଇ ଜୟନ୍ତ । ଦୁହିଁଙ୍କ ହାତରେ ତୀକ୍ଷ୍ଣ୍ ମାରଣାସ୍ତ୍ର, ହେମନ୍ତ ମୁହଁ ଖୋଲିବା ପୂର୍ବରୁ ମାରଣାସ୍ତ୍ରର ଚୋଟ ପଡ଼ିଲା ତାଙ୍କ ମୁଣ୍ଡରେ, ଲାଲ ରକ୍ତର ଛିଟା ଛିଟିକି ପଡ଼ିଲା ଅନତି ଦୂରରେ, ଖବର କାଗଜ ସହ କ୍ଷତାକ୍ତ ମୁଣ୍ଡକୁ ଚାପିଧରି ସେଇଠି ଟଳିପଡ଼ିଲେ ସେ ।

ଘର ଭିତରୁ ବାହାରି ଆସିଲେ ବାପା-ମା' ଓ ସ୍ତ୍ରୀ ଶ୍ରାବଣୀ, ହେମନ୍ତ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଛଟପଟ ହେଉଥାନ୍ତି । ଶ୍ରାବଣୀ ଧାଇଁଯାଇ ତାଙ୍କୁ କୋଳରେ ଧରି ମୁଣ୍ଡରୁ ବହି ଆସୁଥିବା ରକ୍ତକୁ ନିଜ ଶାଢ଼ୀ କାନିରେ ପୋଛିବାକୁ ଲାଗିଲା । ପୁଅର କ୍ଷତାକ୍ତ ଅବସ୍ଥା ଦେଖି ବାପା ଆମ୍ବୁଲାନ୍‌ସ ପାଇଁ ଫୋନ୍ କଲେ । ମା ବାୟାଣୀ ଭଳି ବାପରେ ଧନରେ କହି ନିଜ ଆଖିରୁ ବହି ଆସୁଥିବା ଲୁହକୁ ରୋକିବା ପାଇଁ ଚେଷ୍ଟା କରୁଥାନ୍ତି । ଠିକ୍ ସେତିକି ବେଳେ ସବୁ ଶେଷ ହୋଇଗଲା । ହେମନ୍ତଙ୍କ ଶରୀର ସ୍ଥିର - ଶୀତଳ ହୋଇ ଶୂନ୍ୟରେ ମିଶିଗଲା ।

ଜମି ଭାଗବଣ୍ଟାରେ ସମାଧାନ ନ ହେବାରୁ ଭାଇ ଭାଇଙ୍କ ଭିତରେ ସୃଷ୍ଟି ହୋଇଥିବା

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବିଶେଷ ବିଷୁବ ସଂଖ୍ୟା ୨୦୧୯

ଶତୃତାପାଇଁ ଯେ ହେମନ୍ତ ବଳି ପଡ଼ିବ ତାହା କଣ ଶ୍ରାବଣୀ ଜାଣିଥିଲା ? ହେମନ୍ତ ଆରପାରିକୁ ଚାଲିଗଲେ । ଆଉ ସେ କେବଳ ଆଖିରୁ ଶ୍ରାବଣ ଝରେଇବ ଦିନରାତି । ଭାବି ହେବ ପୂର୍ବ ସ୍ମୃତି । ଚାରିଆଡ଼େ ତା ପାଇଁ ଅନ୍ଧାର । ପୂର୍ଣ୍ଣ ଛେଦ ପଡ଼ିନଥିବା ଜୀବନ ସାରାଂଶରେ ସେ କେବଳ ଅପେକ୍ଷା କରିବ ନିଜେ ପୂର୍ଣ୍ଣଛେଦ ନ ପଡ଼ିବା ଯାଏ ।

ଭ୍ରାମ୍ୟଭାଷ : ୯୬୮୧୩୭୩୫୧୨

ଇମେଲ୍ : s.dwibedy@rediffmail.com

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com
ବିଶେଷ ବିଷୁବ ସଂସ୍କରଣ ୨୦୧୯

# ସ୍ୱପ୍ନାର ସ୍ୱପ୍ନ



ଅଜୟ କୁମାର ବେହେରା

ବୈଶାଖ ମାସ ନ ପଶୁଣୁ ଟହ ଟହ ଖରା । ଗାଁ ପୋଖରୀ ଶୁଖି ଆଁ କରିଲାଣି । କୋଉ ପାଖରେ ପାଦେ ପାଦେ ପାଣି ଆଉ ପଙ୍କଭରା କାଦୁଅ ପାଣି । ହୁଡ଼ା ଉପରେ କୋଉ ଜେଜେବାପା ଅମଳର ବୁଢ଼ା ବରଗଛ । ସନା ନିଜର ଗହୀର ବିଲ ଆଡ଼େ ଗୋଟିଏ ପଲକରେ ଅନାଇ ବସିଛି । ଆଖିରେ ଲୁହ ଯେମିତି ମାଡ଼ି ଆସୁଥିଲା ଶ୍ରାବଣର ବର୍ଷା ଝଡ଼ଭଳି, ହେଲେ ତାର ଶୁଖିଲା ଫଟା ମାଟି ସେମିତି ଭିଜିବା ଅପେକ୍ଷାରେ ଥାଏ ।

କଣ ବା ମୋର ଅଛି, ଚାଳ ଛପର ଘର, ବୁଢ଼ୀ ମାଆ ଆଉ ଘରେ ଗୋଟିଏ ବଢ଼ିଲା ଝିଅ ସ୍ୱପ୍ନା । ଝିଅକୁ ଏଇ ବର୍ଷ ତେଇଶି ପଶିଲା । ବହୁ କଷ୍ଟରେ ଏମ୍‌ଏ ପଢ଼େଇଲି । ଯଦି ବିଲ କେତେଟା ବିକି ନଥାନ୍ତି ତା ହେଲେ ପାଠ କିଏ ନା ଆମେ କିଏ ! ସୁଲୋଚନା ମରିବା ପୂର୍ବରୁ ଗୋଟିଏ କଥା କହିଦେଇ ଯାଇଛି । ଝିଅକୁ ଭଲ ଘରେ ବାହାଦେବ, ପାଠଶାଠ ପଢ଼ାଇ ଭଲ ମଣିଷ କରିବ । ଦଇବ ପୁଅଟିଏ ଦେଲାନି । ଏତିକି କହି ସବୁଦିନ ପାଇଁ ମୋତେ ଛାଡ଼ିଦେଇ ଚାଲିଗଲା । ସନାତନର ଏବେ ଗୋଟିଏ ଚିନ୍ତା ଝିଅର ବାହାଘର । ଚାଳ ଛପର ଘର, ବୁଢ଼ୀ ମାଆକୁ ନେଇକି ମୋର ସମ୍ପତ୍ତି । ଗଣ୍ଡେ ଖାଇ ଦାଣ୍ଡରେ ବସିଥିବ ମୋ ମା' । ତା'ର କଣ ଯାଉଛି ପାଚିଲା ତାଳ ଆଜି ନହେଲେ କାଲି ।

ହଠାତ୍ ପଛରୁ ଶୁଣାଗଲା.... (ଅନାମ)

ହୋ ସନାଭାଇ ତମେ ଇଲେକ୍ସନ୍ ପ୍ରଚାରରେ ଯିବନି କି ? ସେଠି ଖିଆପିଆ ବ୍ୟବସ୍ଥା ସବୁ ହେଇଛି, ଆହୁରି କଣ କଣ ସବୁ ହେଉଛି । ଆସ ଯିବା ତମେ ଏଇ ଶୂନଶାନ୍ ପୋଖରୀ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବିଶେଷ ବିଷୁବ ସଂକ୍ରାନ୍ତି ୨୦୧୯

ହୁଡ଼ାଟାରେ କଣ ଯେ ଏକା ବସିଛି, ଆସ ଯିବା ।

- ନାହିଁ ରେ ଅନାମ, ଇଲେକ୍ସନ୍ ପ୍ରଚାରରେ ଯିବାକୁ ଇଚ୍ଛା ନାହିଁ । ଝିଅଟା ଘରେ ଏକା ଥିବ । ହେଲେ ଅନାମର ବାରମ୍ବାର ଜିଦ୍ ପରେ ବାଧ୍ୟ ହେଲା ସନାତନ ଯିବାପାଇଁ ।

ଏଥର ଶାସକ ଦଳ ତରଫରୁ ଆମ ଗାଁ ପ୍ରଧାନ ପୁଅ ଜୀବନ, ଏମ୍‌ଏଲ୍‌ଏ ପାଇଁ ଛିଡ଼ା ହେଇଛି । ବାପାର ଅଚଳାଚଳ ସମ୍ପତ୍ତି । ସବୁ ଏଥିରେ ଖର୍ଚ୍ଚ କରୁଛି ।

ଅନାମ ସନାତନ କାନରେ ଫୁସ୍ ଫୁସ୍ ହୋଇ କହିଲା,

- ପ୍ରଧାନ ବାବୁ କଣପାଇଁ ଡାକୁଛନ୍ତି ।

ସନାତନ କିଛି ବୁଝିପାରୁନଥାଏ । ଭିତରକୁ ଡରି ଡରି ଗଲା ।

ପ୍ରଧାନ ବାବୁଙ୍କ ପୁଅ ଜୀବନ, ଦୁଇଲକ୍ଷ ଟଙ୍କା ହାତରେ ଧରାଇ ଦେଲା । ଜୀବନରେ ପ୍ରଥମଥର ଏତେ ଟଙ୍କା ଦେଖି ସନାତନ ବରଡ଼ା ପତ୍ର ପରି ଥରୁଥାଏ କିଛି ବୁଝିପାରୁ ନଥାଏ । ଶେଷରେ ସାହାସ କରି ପଚାରିଲା, "ବାବୁ ଏ ଟଙ୍କା ?"

ମୋ ପୁଅ ଜୀବନ ତୋ ଝିଅକୁ ପସନ୍ଦ କରିଛି । ଏଇ ଇଲେକ୍ସନ ଭିତରେ ମୋ ପୁଅର ଦେଖାରେଖା କରନ୍ତା । କିଛିଦିନ ତୋ ଝିଅ ଆମ ଘରେ ରହିବ । ଆଉ ତା ପରେ ଯାହା ତୋ ଝିଅର ବାହାଘର ପାଇଁ ପଇସା ଦରକାର ପଡ଼ିବ ସବୁ ମୁଁ ଦେଇଦେବି ।

ସନାତନ ହାତରୁ ଟଙ୍କାବିଡ଼ା ଖସି ପଡ଼ିଲା । ମଲା ସ୍ତ୍ରୀ ମୁହଁ ତା ସାମ୍ନାକୁ ଆସୁଥିଲା ଯାଉଥିଲା । ସେଇ ଗୋଟିଏ କଥା ଝିଅକୁ ଭଲ ମଣିଷ କରିବ । ହେଲେ ମୁଁ ଏ ପଇସା ପାଇଁ କଣ ଝିଅକୁ ଅନ୍ୟ କାହାକୁ ଟେକିଦେବି ? ସନାତନ ସେଠାରୁ ଚାଲି ଆସିଲା ଆଉ ନିଜକୁ ବହୁତ ଧିକ୍କାରିଲା ।

ସ୍ୱପ୍ନା ଘରେ ବାପାକୁ ଅପେକ୍ଷା କରି ବସିଥାଏ । ବାପା ପହଞ୍ଚିବାକ୍ଷଣି ରାଗରେ ପାଟିକଲା । ସକାଳୁ ଯାଇଛ ନା କିଛି ଖାଉଛ । ତମେ ଜାଣିଛ ଏ ଇଲେକ୍ସନ୍ ପ୍ରଚାର

ଆହ୍ୱାନ ପତ୍ରିକା

 Magazine Downloaded from www.aahwaan.com
ବିଶେଷ ବିଷୁବ ସଂଖ୍ୟା ୨୦୧୯

ସମୟରେ କେତେ କଣ ହୁଏ । କିନ୍ତୁ ସନାତନ କଣ ପାଇଁ ଚୁପ୍ ଥିଲା କେବଳ ସେ ନିଜେ ହିଁ ଜାଣିଥିଲା । ସ୍ୱପ୍ନା କଣ ସେ ସବୁ ବୁଝି ପାରିବ । ପଖାଳ ଭାତ ସହ ଆଳୁ ଭଜା ପିଣ୍ଡାରେ ବାଢ଼ିଦେଲା । କହୁଥାଏ ବାପା ଏ ବର୍ଷ ମୁଁ ଓଏଏସ୍ ପରୀକ୍ଷା ଦେଇଛି । ଲାଗୁଛି ଆଜି ତାର ଫଳ ପ୍ରକାଶ ପାଇବ । ବାପା କିଛି ବୁଝି ପାରୁନଥିଲେ । ଖାଲି କହୁଥିଲେ ଭଲ । ଏଇ କଥା ଭିତରେ ଗାଁର କିଛି ବାଳୁଙ୍ଗା ପିଲା କିଛି ଦଳୀୟ ପତାକା ଚାଳରେ ଖୋସିଦେଇ ପଳେଇଗଲେ । ଦେଖୁ ଦେଖୁ ଦୁଇଟା ମିଡ଼ିଆ ଗାଡ଼ି ଆସି ଲାଗିଲା ସ୍ୱପ୍ନାର ଘର ସାମ୍ନାରେ । କିଛି ବୁଝିବା ଆଗରୁ ଫୁଲ ତୋଡ଼ା ଧରେଇ ଦେଲେ ସନାତନ ହାତରେ । ଆପଣଙ୍କ ଝିଅ ଓଏଏସ୍ ପରୀକ୍ଷାରେ ଟପ୍ପର୍ ହୋଇଛି । ତୁମ କଷ୍ଟ ଗଲା ଜାଣ ।  ତୁମ ପରିଶ୍ରମର ଫଳ ଏଇଟା । ଝିଅ ବାପାର ଗୋଡ଼ ଧରି କହିଲା, ବାପା ଏଇଟା ତୁମ ସଚ୍ଚୋଟପଣିଆ ପାଇଁ ହୋଇପାରିଛି । ସନାତନ ଆଖିରୁ ଦୁଇଟୋପା ଲୁହ ଝରି ପଡୁଥିଲା । ଖବର କାଗଜ, ମିଡ଼ିଆ, ଟିଭି ସବୁଆଡ଼େ ଗୋଟିଏ ଚର୍ଚ୍ଚା । ସ୍ୱପ୍ନାର ସ୍ୱପ୍ନ ସାକାର ହେଲା ।

ନିରୋଳାରେ ଦାଣ୍ଡରେ ବସିଥାଏ ସନାତନ । ଭୋଟ୍ ପାଖେଇ ଆସୁଥାଏ ଗାଁରୁ ସହର ସବୁଆଡ଼େ ପୋଷ୍ଟର ଆଉ ବ୍ୟାନର୍ । ସନାତନ ଚାଳ ଉପରେ ଉଡୁଥିବା ତିନୋଟି ଦଳର ପତାକା । ପତାକା ମଝିରେ ଥିବା ଚିହ୍ନମାନ ସନାତନକୁ ଦେଖି କହୁଥିଲେ, “ତୋ ସ୍ୱାଭିମାନ ଆଗରେ ଆମେ ହାରି ଯାଉଛୁ ରେ ସନାତନ ।” ଏଇ ସମୟରେ ପ୍ରଧାନ ବାବୁ ସନାତନ ହାତରେ ଫୁଲ ତୋଡ଼ା ଧରାଇ ନିଜ କର୍ତ୍ତବ୍ୟ କରି ସେଠାରୁ ପଳାଇଲେ ନା କିଛି କହିବାକୁ ତାଙ୍କ ପାଖରେ ଶବ୍ଦ ଥିଲା । ଏ ସମୟରେ ସ୍ୱପ୍ନା ପ୍ରଥମ ଦିନର କାମ ସାରି ଅଫିସରୁ ଫେରୁଥାଏ । ବାପା ଆକାଶକୁ ଅନାଇ କହୁଥିଲେ ବୋଉକୁ ସ୍ୱପ୍ନାର ସ୍ୱପ୍ନ ସାକାର ହେଲା ।

ସୁଲୋଚନା ।

କାମାକ୍ଷାନଗର, ଢେଙ୍କାନାଳ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com
ବିଶେଷ ବିଷୁବ ସଂସ୍କରଣ ୨୦୧୯

# ଗୋଦରୀର ୟୁଟ୍ୟୁବ୍ ନିଶା



ସନାତନ କଟା

କଲେଜରେ ପାଦ ଦେଲା ଦିନଠୁ ଗୋଦରୀ ହାତରେ ସ୍ମାର୍ଟ୍ ଫୋନ୍ । ହ୍ୱାଟ୍ସଆପ୍, ଫେସ୍‌ବୁକ୍, ୟୁଟ୍ୟୁବ୍ ଭଳି ଗୁଡ଼ାଏ ସୋସିଆଲ୍ ମିଡ଼ିଆରେ ସେ ଆକ୍ଟିଭ୍ । କେତେବେଳେ ପାଉଟ୍ ବାଲା ସେଲ୍‌ଫି ଇନ୍‌ଷ୍ଟାଗ୍ରାମ୍‌ରେ ଛାଡୁଛି ତ ପୁଣି କେତେବେଳେ ଛୋଟ ଛୋଟ ଘଟଣାବଳୀକୁ ୟୁଟ୍ୟୁବ୍ କିମ୍ବା ଟିକ୍ ଟକ୍‌ରେ ଭାଇରାଲ୍ କରୁଛି । ଏଗୁଡ଼ାକ ପାଇଁ ତା ସାଙ୍ଗ ମହଲରେ ତା'ର ବହୁତ କାଟତି ।

କଥା କଥାକରେ ଗୁଗୁଲ୍ କିମ୍ବା ୟୁଟ୍ୟୁବ୍‌ରେ ସର୍ଚ୍ କରିବା ତା'ର ପୁରୁଣା ଅଭ୍ୟାସ ହୋଇଗଲାଣି । ମନେକର କୌଣସି ବିଷୟରେ ବୁଝି ପାରିଲା ନାହିଁ, ସେ ୟୁଟ୍ୟୁବ୍‌ରୁ ଭିଡ଼ିଓ ଡାଉନଲୋଡ୍ କରିକି ବୁଝିନେଲା । ଏମିତି ବି ତା ମୁହଁ କେମିତି କଲେ ସୁନ୍ଦର ଦିଶିବ, ମାସକରେ ଚର୍ବି କେମିତି କମିବ, ମୁଣ୍ଡରେ କେମିତି ରୂପି ରହିବେନି, କଣ କଲେ ମୁଣ୍ଡବାଳ ଘନ ଓ ଲମ୍ବା ହେବ, ୟୁଟ୍ୟୁବ୍‌ରେ ତାର ନିତିଦିନିଆ ଖୋଜା ଚାଲେ ।

ୟୁଟ୍ୟୁବ୍ ପାଇଁ ସିଏ ବାପାମା'ଙ୍କ କଥା ମଧ୍ୟ ଭଲରେ ଶୁଣିଲା ନାହିଁ । ମାଆ ବାପା କିମ୍ବା ଗୁରୁ ହୁଏତ ଭୁଲ୍ କହିଥାଇ ପାରନ୍ତି, ଅବା ବୁଝେଇ ଥାଇ ପାରନ୍ତି; କିନ୍ତୁ ୟୁଟ୍ୟୁବ୍ ଜମାରୁ ନୁହେଁ ।

ମୋବାଇଲ୍ ଆଉ ଆଖିର ଘନିଷ୍ଠ ସମ୍ପର୍କ । ମୋବାଇଲ୍ ଛାଡ଼ିକି ମୁଣ୍ଡ ଉପରକୁ କରିବାର ସମୟ ବା କାହିଁ ?

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com
ବିଶେଷ ବିଷୁବ ସଂଖ୍ୟା ୨୦୧୯

ଗୋଦରୀ ବାହା ହେଇ ଶାଶୁଘରକୁ ଗଲା । ଯେହେତୁ ବାପଘରେ ଭଲରେ ରୋଷେଇ ଶିଖିନଥିଲା, ସମସ୍ତେ ଭାବୁଥିଲେ ସିଏ ଅସୁବିଧାର ସମ୍ମୁଖୀନ ହେବ । କିନ୍ତୁ ସବୁଥର ପରି ଏଥରକ ବି ୟୁଟ୍ୟୁବ ତାକୁ ଦେବଦୁତ ଭଳି ସାହାଯ୍ୟ କଲା । ଆଧୁନିକ ହେଉ ଅବା ପାରମ୍ପାରିକ, ଫାଷ୍ଟ ଫୁଡ୍ ହେଉ ବା ଚାଇନିଜ୍, ସବୁ ୟୁଟ୍ୟୁବ୍ ଦେଖି ଦେଖି ଶିଖିନେଲା ।

ଜୀବନରେ କେବେ ଗୀତା ଭାଗବତ ଦେଖିନଥିବା, ପଢ଼ିନଥିବା ଗୋଦରୀ ୟୁଟ୍ୟୁବରୁ ଦେଖେଇକି ଶୁଣେଇକି ଶାଶୁଶଶୁରଙ୍କୁ ଅତି ଅଳ୍ପ ଦିନରେ ନିଜର କରିନେଲା ।

ଏ ଘଷାପିଟା ଜୀବନରେ ସିଏ ଏତିକି ବି ବୁଝିଗଲା, ୟୁଟ୍ୟୁବ୍ ଅଛିମାନେ କିଛି ବି ଜିନିଷ ଅସାଧ୍ୟ ନୁହେଁ ।

ସେଦିନ ଘରେ କେହି ନଥା'ନ୍ତି । ଶାଶୁଶଶୁର ତୀର୍ଥ ପାଇଁ ଯାଇଥିଲେ । ପତି ପରମେଶ୍ୱରଙ୍କ ପ୍ଲାଣ୍ଟରେ ନାଇଟ୍ ସିଫ୍ଟ ଚାଲିଥାଏ । ଘରେ ଗୋଦରୀ ଏକା । ଅଧରାତିରେ ତା'ର ଦି ମାସିଆ ଛୋଟ ଛୁଆଟା କ'ଣ ହେଲା କେଜାଣି କାନ୍ଦିଲା । ଶାଶୁ ଥିଲାବେଳେ ଛୁଆ କାନ୍ଦିଲେ ସେ ବୁଝେଇ ଦେଉଥିଲେ । ଏଥର ଗୋଦରୀ କରିବ କଣ ? କେହି ନାହାନ୍ତି ଘରେ । କାହାକୁ ଫୋନ୍ କରିବ ଅଧ ରାତିରେ ? ଆଉ ବେଶୀ କିଛି ମୁଣ୍ଡ ନ ଖଟେଇ କାନ୍ଦୁଥିବା ଛୁଆକୁ ଛାଡ଼ିଦେଇ ୟୁଟ୍ୟୁବରେ ଖୋଜିବାକୁ ଆରମ୍ଭ କରିଦେଲା, "ଅଧ ରାତିରେ କାନ୍ଦୁଥିବା ଛୁଆକୁ ଚୁପ୍ କରାଇବ କେମିତି ?"

ସିଲୁଆଁ, ଟିଟିଲାଗଡ଼, ବଲାଙ୍ଗୀର
ଭ୍ରାମ୍ୟଭାଷ : ୯୪୩୭୮୭୮୨୬୩

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବିଶେଷ ବିଷୁବ ସଂସ୍କରଣ ୨୦୧୯

# କବିତା ବିଭାଗ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ବିଶେଷ ବିଷୁବ ସଂଖ୍ୟା ୨୦୧୯

# ଧନ୍ୟ ମଣିଷ



ରଶ୍ମିତା ମହାନ୍ତ

ସତ୍ୟ ହିଁ ଈଶ୍ୱର
        ମିଥ୍ୟା ଅଟେ ଏ ସଂସାର
ହେଲେ ଗର୍ବ ଦେଖ ଏ ମଣିଷର
        ଭାବନ୍ତି ନିଜକୁ ସ୍ୱୟଂ ଈଶ୍ୱର
ମନକୁ କରି ସ୍ୱାର୍ଥର ଆଧାର
        ନିଜସ୍ୱ ଛଡା ଯାଏନା ଅନ୍ୟପକ୍ଷେ ନଜର
ଭାବନ୍ତି ଖାଲି ମୋର ମୋର......
        ସୁନ୍ଦର ନିର୍ମଳ ଧର୍ମ ପ୍ରକୃତିର
ଏ ତୁଚ୍ଛ ଶରୀରେ ଭରା କେତେ ଅହଂକାର
        ସମୟ ସହିତ କରିଚାଲନ୍ତି ବ୍ୟାପାର
ଶ୍ରେଷ୍ଠଜୀବ ଭାବେ ମାନ୍ୟତା ତୁମ୍ଭର
        ଧନ୍ୟ ତୁମେ ମଣିଷ ଧନ୍ୟ ତୁମ ମାନବତ୍ୱର
ଅନ୍ୟ ହିତେ ବଳି ପଡ଼ି ଖାଏ ପଥର
        ଅନ୍ୟାୟ କୁକର୍ମ କରି ପାଏ ଫୁଲହାର
ଧନ୍ୟ ତୁମ୍ଭ ରୀତି ଧନ୍ୟ ଏ ସଂସାର ।।

ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ, ବାରିପଦା, ମୟୁରଭଞ୍ଜ, ଓଡ଼ିଶା

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com
ବିଶେଷ ବିଷୁବ ସଂଖ୍ୟା ୨୦୧୯

# ଲୁହ



ଫାଲ୍‌ଗୁନୀ ଦାଶ

ଝିପ୍ ଝିପ୍ ହୋଇ ଝରିପଡ଼େ
ମାଆ ଆଖିର ଲୁହ
ଯେତେବେଳେ ସେ ସହିପାରେ ନାହିଁ
ସନ୍ତାନର କୋହ [୧]
ଝିପ୍ ଝିପ୍ ହୋଇ ଝରିପଡ଼େ
ସନ୍ତାନ ଆଖିରୁ ଲୁହ
ଯେତେବେଳେ ତାକୁ ବାନ୍ଧିନିଏ
ସଂସାରର ମୋହ [୨]
କେବେ ଶୁଖେନାହିଁ ଝରୁଥିବା ସେହି
ବ୍ୟକ୍ତି ଆଖିର ଲୁହ
ଭୋକ ସହି ସହି ଅଧିର ଅତିଷ୍ଠ
ହୋଇଥାଏ ଯା'ର ଦେହ [୩]
ଅଜଣା ଲୁହର ଆଶଙ୍କାରେ କାନ୍ଦେ
ସୈନିକ ପ୍ରତିକ୍ଷଣ
ଅଜବ ଏ ଲୁହ ଆସେନି ଆଖିରେ
ଯେବେ ଛୁଏଁ ତାକୁ ଶତ୍ରୁର ବାଣ [୪]
ଏହି ତ ବୀରର ମରଣ
ଯାହାର ମୃତ୍ୟୁଭରେ
ପ୍ରତିଟି ଆଖିରେ
ବୀରତ୍ୱ ଲୁହର ଜଣାଣ [୫]
କାନ୍ଦୁଛି ଏ ମାଟି
ଆଜି ଯେଉଁ ବୀର
ଲୋଟିଛନ୍ତି ତା ଛାତିରେ
ଲୁହ ନୁହେଁ ଏ ତ
ଲହୁ ଝରାଇବ
ଆତଙ୍କି ଲଙ୍କାର ମାଟିରେ [୬]
ଭାରତ ମାଆର ଲୁହ
ଜଳାଇ ଦେବ ସେ ଆତଙ୍କି ଭୂମିକୁ
ପ୍ରତି ଭାରତୀୟ ଶପଥ ନିଅ । [୭]

ଯୁକ୍ତ ତିନି, ଦ୍ୱିତୀୟବର୍ଷ
ବ୍ରହ୍ମପୁର, ଗଞ୍ଜାମ, ଓଡ଼ିଶା

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com
ବିଶେଷ ବିଷୁବ ସଂଖ୍ୟା ୨୦୧୯

# ପଥର ଛାତିରେ ଥିଲା ଦରଦ



ସୁବ୍ରତ ଜେନା

ପଥର ଦେହରେ ଥିଲା ଏତେ ଦରଦ
କିଏ ଜାଣିଥିଲା କିଏ କେବେ ଶୁଣିଥିଲେ
ଲୁଚିଥିଲା ଯାହା ଗଦା ଗଦା ଇତିହାସ ପୃଷ୍ଠା ତଳେ
ଧନ୍ୟ ତୁମେ ଶିଳ୍ପୀ ଗଢ଼ିଥିଲ ତୁମ ନିହାଣ ବଳେ....
ଅଜଣା ଅଶୁଣା ଲାଗିଲେ ବି ଏ ସତ
କେତେ ଶିଳ୍ପୀର ରକତ ଝାଳରେ ବୋଳା
କେତେ ରମଣୀର ପ୍ରାଣ ପ୍ରିୟର ଥିଲା ଏ ହାତର ଖେଳ
ଯାହା ଲାଗି ଆଜି ଐତିହାସିକଙ୍କ ଲାଗେ ସେଠାରେ ମେଳ.....
ଘରେ ପଛେ ଥିଲେ ଭୋକ ଉପବାସେ
ଆସୁ ନଥିଲା ମନରେ କେବେ ଦୁଃଖ
ଦେଶ ଜାତି ଲାଗି ଭୋକେ ଥାଇ ମଧ୍ୟ
ଦିଶୁଥିଲା ଶିଳ୍ପୀ ଭାଇର ହସ ହସ ସଦା ମୁଖ.....
ଦିନ ପରେ ଦିନ ଯାଇଛି ହଜି
ରହିଛି ଖାଲି ଯାହା ଅଭୁଲା ଚିହ୍ନ
ଓଡ଼ିଆ ପୁଅ କେବେ ଭୁଲିବ ନାହିଁ
ବାର ବର୍ଷର ଧରମାର ତ୍ୟାଗର ସେ ଦିନ.....

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ବାର ବର୍ଷର ହୋଇଥିଲେ ସୁଦ୍ଧା

ରଖିଥିଲା ବାରଶହ ବଢେଇଙ୍କ ମାନ

ଧନ୍ୟ ତାର ବାପା ଧନ୍ୟ ତାର ମା

ନିଜ ଜୀବନ ଦେଇ ରଖିଥିଲା ଶିଳ୍ପୀ କୂଳର ସମ୍ମାନ.....

ଭଗବାନ ବୋଧେ କରିଛନ୍ତି ଲୀଳା

ନିର୍ଜୀବ ପଥରରେ ଭରିବାକୁ ଜୀବନ ପ୍ରାଣ

ଅତି ସନ୍ତର୍ପଣେ ଏ ଧରାକୁ ଆସନ୍ତି ଓହ୍ଲାଇ

ପଥର ଦେହରେ ଜୀବନ ରଙ୍ଗକୁ ବୋଳି କରନ୍ତି କେତେ ଖେଳ...

ସାରା ବିଶ୍ୱରେ ଆମେ ରଚିଥିଲୁ କୀର୍ତ୍ତି

ଯାହା ଆଜିବି ରହିଛି ସ୍ୱର୍ଣ୍ଣାକ୍ଷରେ ଲିପିବଦ୍ଧ

ଶିଳ୍ପୀ ହଜିଲେ ବି ଶିଳ୍ପ ଗାଉଥିବ ସଦା ତା'ର ଜୟଗାନ

ଆମେରେ ଭାଇ ଈଶ୍ୱରଙ୍କ ପ୍ରିୟ ସନ୍ତାନ

ଆମ ଲାଗି ଆମ କଳାକୃତି କରୁଥିବ ସଦା ଆମ ଜୟଗାନ....

ସୁବ୍ରତ ଜେନା,

ସୁରଡିହ, ନନ୍ଦିପୁର୍

ଯାଜପୁର, ଓଡ଼ିଶା

ଭ୍ରାମ୍ୟଭାଷ : ୯୭୭୭୨୦୮୯୩୦

ବିଶେଷ ବିଶ୍ୱକର୍ମା ସଂଖ୍ୟା ୨୦୧୯
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com
ବିଶେଷ ବିଷୁବ ସଂସ୍କରଣ ୨୦୧୯

# ଓଡ଼ିଆ ନବବର୍ଷ



ପଙ୍କଜ କୁମାର ମାହାନା

ଗରବେ ଓଡ଼ିଆ ଛାତିକୁ ଫୁଲାଇ,
ଦୁନିଆ ଦାଣ୍ଡରେ କହେ ।
ନୂତନ ବରଷ ଆସିଅଛି ଆଜି,
ସଭିଙ୍କ ହୃଦୟ ଛୁଏଁ ।।
ଅତୀତର ମାନ ଅଭିମାନ ସବୁ,
ଭୁଲିଯିବା ଆଜି ଭାଇ ।
ପ୍ରେମ ବାଣ୍ଟୁଥିବା ସମସ୍ତଙ୍କ ପାଇଁ,
ସଂକଳ୍ପ ନେବାରେ ଆଜି ।।
ବାର ମାସେ ତେର ହୁଅଇ ଯେ ଯାତ,
ଜଗତର ନାଥ ଦ୍ୱାରେ ।
ସଂସ୍କୃତି ଓଡ଼ିଆ ଅଟଇ ନିଆରା,
ଦୁନିଆ ଯେ ହସି କହେ ।।
ଘରେ ଘରେ ଆଉ ପୁରେ ପୁରେ କେତେ,
ଖାଇ ଆନନ୍ଦିତ ପଣା ।
ଖୁସିରେ ବିଭୋର ହୋଇ କେତେ ଆଜି,
ଗର୍ବରେ କହେ ଓଡ଼ିଆ ।।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବିଶେଷ ବିଷୁବ ସଂଖ୍ୟା ୨୦୧୯

ବୈଶାଖ ମାସ ପହିଲି ଯେ ଦିନ,

ବାଜଇ ପହିଲି ଘଣ୍ଟି ।

ପ୍ରଭୁ ପାଦେ ନମି ପଣ୍ଡିତ ଯେ ତାର,

ଲେଖୁଥିଲା ତାର ପାଞ୍ଜି ।।

ପଙ୍କଜ ଅର୍ପିତ କରେ ମୁଁ ଜନନୀ,

ତୁମରି ପାଦରେ ମୁହିଁ ।

ଭାଗ୍ୟବନ୍ତ ମନେ କରେ ଗୋ ଜନନୀ,

ଓଡ଼ିଆ ଜନମ ହୋଇ ।।

ଓଡ଼ିଆର ଧ୍ୱଜା ସବୁଦିନ ଉଡୁ,

ନପଡୁ ଭୂଇଁରେ ଲୋଟି ।

ତାର ମାନ ଆମେ ଟେକ ରଖିଥିବା,

ନତ କରିଦେବା ନାହିଁ ।।

ପଙ୍କଜ କୁମାର ମାହାନା

ମହାରାଜା ପୂର୍ଣ୍ଣଚନ୍ଦ୍ର କନିଷ୍ଠ ମହାବିଦ୍ୟାଳୟ

ବାରିପଦା, ମୟୂରଭଞ୍ଜ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବିଶେଷ ବିଷୁବ ସଂଖ୍ୟା ୨୦୧୯

# ପୁରୁଷ ଓ ନାରୀ



ସେଠୀ କାର୍ତ୍ତିକ ଚନ୍ଦ୍ର

ପୁରୁଷ ତ ନିଶ୍ଚେ ବିଭୁ ବିନ୍ଦୁକଣ
ନାରୀ ଶିରୀ ମଥାମଣି
ପୁରୁଷ ବିହୁନେ ଅସମ୍ପୂର୍ଣ୍ଣା ନାରୀ
ନାରୀ ବିନା ନର ପୁଣି ।।

ମୂଳ ଉତ୍ସେ ଦୁହେଁ ଶାନ୍ତାକାର ବିଷ୍ଣୁ
ଆଉ ଲକ୍ଷ୍ମୀ ଠାକୁରାଣୀ
ସମତ୍ୱ ଭାବର ଧ୍ୱଜା ଉଡ଼ାଇଣ
ଜଗତେ କରନ୍ତି ଋଣୀ ।।

ସ୍ୱରୂପରେ ତିଷ୍ଠି ଦେଖିଲେ ନୟନେ
ପ୍ରେମମୟ ଦିଶେ ଧରା
ହିଂସା, କ୍ରୁରପଣ ଯେତେ ଅବିଗୁଣ
ତ୍ୟାଗ କଲେ ଶୁଭ ପରା ।।

ନାରୀ ନାରାୟଣୀ ନର ନାରାୟଣ
ଆଚରଣେ ସିଦ୍ଧ ଶ୍ଳୋକ
ଏକ ଆରେକର ଉତ୍ତମ ବିଚାରେ
ହୁଅନ୍ତି ପରିପୂରକ ।।

ଉଗ୍ର ଭାବଧାରା ଉଭୟେ କରାଏ
ନୀଚ ଯୋନି ଆଚରଣ
ସ୍ୱଭାବ ହରାଇ ସ୍ଥାନ ଦାବି କଲେ
ମୂର୍ଖତା ନିଶ୍ଚେ ଏ ଜାଣ ।।

ଚଉମୁଖ, ବାଲେଶ୍ୱର

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com
ବିଶେଷ ବିଷୁବ ସଂଖ୍ୟା ୨୦୧୯

# ଦୁଇଟି କବିତା



ଶୁଭଲକ୍ଷ୍ମୀ ଦାସ

୧ - ବାକି ଅଛି କଥା କିଛି

ପୂର୍ଣ୍ଣଚ୍ଛେଦ ପକେଇବାକୁ !!!!

ସୁଯୋଗ ଓ ସଂଯୋଗ,

ଉଭୟ ପକ୍ଷରୁ ଯଥେଷ୍ଟ ସମ୍ଭାବନା ସୃଷ୍ଟି ହୋଇଥିଲା,

ତଥାପି ବାକି ଅଛି କଥା କିଛି.....

ହୃଦୟର ଶୂନ୍ୟତା ମଧ୍ୟେ ଲୁଚକାଳି ଖେଳିବାକୁ,

ନା ବୟସ ଅଛି....ନା ସେ ଯୌବନ ଅଛି,

ତଥାପି ବାକି ଅଛି କଥା କିଛି.....

ଅଦିନିଆ କାଳବୈଶାଖୀର ସାମ୍ନାରେ ହାର ମାନିଛି,

କିନ୍ତୁ କେବେ ବି,

ଅସଂଯମତାର ଲାଞ୍ଛନା ସହ୍ୟ କରିନାହିଁ

ତୁମେ ଯେଉଁ ନୈସର୍ଗିକ ପ୍ରେମର ପ୍ରଦୀପଟିଏ

ମୋ ହୃଦୟ ଅଗଣାରେ ପ୍ରଜ୍ଜ୍ୱଳିତ କରିସାରିଥିଲ....

ସେହି ପ୍ରେମର ଦ୍ୱାହି ଦେଇ, ଅପ୍ରାକୃତିକ ଆବରଣ ମଧ୍ୟରେ

ମୁଁ ବଞ୍ଚିବାର ପ୍ରୟାସ କରୁଛି, କାହିଁକି ନା....

ବାକି ଅଛି କଥା କିଛି.......

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com
ବିଶେଷ ବିଷୁବ ସଂକ୍ରାନ୍ତି ୨୦୧୯

କବିତା (୨) - ଅପେକ୍ଷା

ବର୍ଷା !!!!!

ତୁ ମୋତେ ଛୁଇଁ ଦେଇ ଭାସି ଯାଆ....

କଳା ବାଦଲ ସାଥୀରେ,

ସାତ ଦରିଆ ପାରି ହୋଇ ସେଇ କୁହୁକ ଦେଶକୁ ।

ଚାତକ ପରି ଚାହିଁ ବସିଥିବ ସେ,

ମୋର ଭଲମନ୍ଦ ଜାଣିବାକୁ....

ବେଶୀ କିଛି କହିବାକୁ ନାହିଁ,

ଖାଲି ଏତିକି କହିବୁ....

ମୁଁ ଆନମନା ହୋଇ....

ଦିନ ଗଣୁଛି ନିଇତି କେବେ ଫେରିବ ଫଗୁଣ,

କେବେ ଫେରିବ ଫଗୁ ମିଳନର ଋତୁ ।

ଶୁଭଲକ୍ଷ୍ମୀ ଦାସ,

ସି.ଡି.ଏ., କଟକ,

ଦୂରଭାଷ - ୭୪୪୦୦୫୧୧୫୧

ଆହ୍ୱାନ ଇ-ପତ୍ରିକା

ବିଶେଷ ବିଷୁବ ସଂଖ୍ୟା ୨୦୧୯


Magazine Downloaded from www.aahwaan.com

# ତୁମେ ତ



ପରେଶ ଚନ୍ଦ୍ର ଦାସ

ତୁମେ ଶିଶିରର    କାକର ବୁନ୍ଦା ଗୋ
    ଘାସ ଗାଲିଚାରେ ମୋତି  ।
ମୁଁ ଯେ କୁହୁଡ଼ିରେ    ବଣା ପଥିକଟେ
    ସାଉଁଟେ ଅନ୍ଧାର ରାତି ।।
ତୁମେ ନୀଳଉର୍ମୀ କା' ପ୍ରେମ ସାଗରେ
    ବିବସନା ବେଳା ପାଦେ ।
ମୁଁ ଯେ ଦିଗବଳୟ    ଛୁଇଁବି ଛୁଏଁନା
    ଝୁରେ ଖାଲି ଅବସାଦେ  ।।
ତୁମେ  ସୌଦାମିନୀ  କା' ପଣତେ ବନ୍ଧା
    ଝଲସ ମୁକୁତା ପରି ।
ମୁଁ ଯେ ମରୁବାଲି    ମରେ ଜଳି ଜଳି
    ବେଦନାର ଅନ୍ତ ଚିରି ।।

ତୁମେ ନିଳୋତ୍ପଳ    ଜୋଛନାର ପ୍ରାଣ
    ଜହ୍ନର ହୃଦୟ ମଣି  ।
ମୁଁ ଯେ ମଲାଗ୍ରହ    ଅନ୍ଧାରୀ ଗୌହର
    ଆଲୋକ ପାରେନା ଜାଣି  ।
ତୁମେ ଇପ୍ସିତା ଗୋ   କାବ୍ୟର ନାୟିକା
    କବି କଳ୍ପନାର ଇନ୍ଦୁ  ।
ମୁଁ ଯେ ସାଗରର    ଅଲୋଡ଼ା ଅଖୋଜା
    ଛୋଟ ଏକ ଜଳ ବିନ୍ଦୁ ।।

ଗୋପାଳପୁର, ଭୋଗରାଇ, ବାଲେଶ୍ୱର

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ବିଶେଷ ବିଷୁବ ସଂସ୍କରଣ ୨୦୧୯

# ନୂଆ ଡୋରି



ନବୀନ ସାହୁ

ଆକାଶକୁ ଚାହିଁବାର ଡୋରି
ଛିଣ୍ଡିଗଲା ପରେପରେ
ଯେଉଁ ଥିରେ ବାନ୍ଧି ହୋଇଥିଲି,
ତା'ର ପ୍ରେମ-ଅନୁରାଗ
ଲାଗୁଥିଲା ନିଜର ନିଜର
ଅତି ଆପଣାର ।

ଜୀବନ ତ ଠିକଠାକ ଚାଲୁଥିଲା,
ନା ଶୋଷ ଜଣା ପଡୁଥିଲା
ନା ପାଣି ବୋଲି କିଛି ଗୋଟେ
ମନେ ପଡୁଥିଲା
ଖାଲି, ଆତ୍ମହତ୍ୟା ଭୟ ଯୋଗୁଁ
ଯାହା କିଛି ଗଢ଼ି ଚାଲୁଥିଲା ।

ନିଜକୁ ନିଜ ଭିତରେ
ଭୁଲିବାର ଗଢ଼ଟିକୁ
ଜିତିଲା ବେଳକୁ
ସମୟ ବି ଅଜବ ଭାବେ
ଖେଳଟେ ଖେଳିଲା ,
ତୁମ ସାଥେ ଭେଟକରି
ଭୁଲିବାର ନୂଆଁ ଏକ
ଜାଗା ଦେଇଗଲା ।

ପାହାଡ଼ ସେପାଖେ
ଭରସାର ନୂଆଁ ଏକ ସୂର୍ଯ୍ୟୋଦୟ
ନିର୍ମଳ ଆକାଶ ତଳେ
ଭେଟ ହେଲା ଉପହାର ପରି
କଅଁଳ ତାତିରେ ହାଏ ଧକ କଲା ଛାତି !

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବିଶେଷ ବିଷୁବ ସଂକ୍ରାନ୍ତି ୨୦୧୯

ବିଶ୍ୱାସର କଳାପଟା ଲିଭିଗଲା ବେଳେ
ତୁମେ ଆସି ଲେଖି ଦେଲ
ଅଲିଭା ରଙ୍ଗରେ
ସାରସ୍ୱତ ଜୀବନର
ଶଙ୍ଖନାଦ ସୁରେ ।

ତୁମକୁ ପାଇଲା ପରେ
ଦେଖିଲି ମୁଁ ଆଖିବୁଜି
ଅତୀତକୁ ଥରେ
କେତେ ଲୁହ କେତେ ଲହୁ
ବହିଯାଇଥିଲେ
ହତାଶାର ମାଳାସବୁ
ମୋତେ ବରୁଥିଲେ ।

ବଞ୍ଚିବାର ସବୁ ଆଶା ଆଜି ତୁମେ
ମୋ'ର ମନ ଆକାଶର ଶଶୀ
ଆଜି ପୁଣି ନୂଆଁ ହୋଇ
ତୁମ ସାଥେ ସାଥୀ
ଜୀଇଁବାକୁ ଖୁସି ମନେ
ଆଗେଇ ଚାଲିଛି ,
ତୁମରି ପ୍ରେମରେ ହାଏ
ଆଉ ଥରେ ନିଜକୁ ଭୁଲିଛି !!

nabinsahu24@gmail.com

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com
ବିଶେଷ ବିଷୁବ ସଂସ୍କରଣ ୨୦୧୯

# ସାଥି ଟିକେ ଶୁଣିବ



ସ୍ମିତପ୍ରଜ୍ଞା ମହାରଣା

ସାଥି ଟିକେ ଶୁଣିବ...
ଦୋଷ କାହାର ଥିଲା ...

ଦୋଷ ବୟସର ଥିଲା,
ଦୋଷ ଅୟସର ଥିଲା,
ଦୋଷ ସମୟର ଥିଲା,

ଦୋଷ ଫଗୁଣରେ ଫଗୁର ଥିଲା,
ଦୋଷ ଚୈତିରେ ପବନର ଥିଲା,
ଦୋଷ ଶ୍ରାବଣରେ ବିନ୍ଦୁ ବିନ୍ଦୁ ବର୍ଷାର ଥିଲା,
ନା ଦୋଷ ଆମ ମନର ଥିଲା ? ? ?

ଜାଣିନି କଣ ପାଇଁ ମୋତେ,
ଦଣ୍ଡ ଦେଉଚି ଏ ଦୁନିଆ,
ଇଶ୍... କାହା ଆଗେ ଦେଉଚି ମୁଁ,
ଦୁନିଆ ଯାକର ଫେରାଦ,
ଯିଏ ନିଜ ଅଧିକାର,
ଦୁନିଆକୁ ବିକିଦେଇ ଥିଲା,

ଜାରଜ ସନ୍ତାନ ପରି,
ଦୋଷକୁ ଆଡେଇ ଦେଲ,
ଦୋଷ ତୁମକୁ ସମ୍ପତ୍ତିରେ,
ଭାଗ ମାଗି ନ ଥିଲା,
ଭୁଲ୍ ଥିଲା ଦୋଷର,
ସେ ତୁମକୁ ତୁମ ପରିଚୟ ମାଗିଥିଲା ! ! !

ସେଥିପାଇଁ କହୁଛ କି ? ? ?
ଦୋଷ ତୁମ ପାଇଁ ସମ୍ପର୍କରେ ତିକ୍ତତା ଥିଲା,
ହେଲେ ମୋ ପାଇଁ ଦୋଷ ଭାବନାର ସିକ୍ତତା ଥିଲା,
କାହାର ନ ହେଲା ନାହିଁ,
ଦୋଷକୁ ମୁଁ ମୋର କରୁଛି,
ଦୋଷ ମୋ ପାଇଁ ମାତୃତ୍ୱର ପୂର୍ଣ୍ଣତା ଥିଲା ...

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com
ବିଶେଷ ବିଷୁବ ସଂସ୍କରଣ ୨୦୧୯

# ଜୀବନର ସୁଖ



ଆଶୁତୋଷ ମେହେର

ମନ ଉପବନେ ଫୁଲ ହସ ଭରା
ମହକ ମହକେ ଧାରେ
ତୁମ ହସ ଭରେ ଜୀବନେ ମୋ ଭାବ
ଶରୀର ଶରୀରେ ଗାରେ ।।

ମୋ ମନ ଆକାଶେ ସମାହିତ ତୁମେ
ସାତରଂଗ ରଂଗେ ରଂଗା
ହେମନ୍ତ ବସନ୍ତ ନାଚି ବାହି ନିଏ
ଜୀବନ ର ସୁଖ ଡଂଗା ।।

ଜୀବନେ ଏମିତି ହସ ହସେ ହସୁ
ନାଚ ଗୀତେ ଯାଉ ଭରି
ରାତି ପାହି ଯିବ ସକାଳ ହସିବ
ଆଲୋକ ର ଧାର ଧରି ।।

୫୪ ଆର୍ଯ୍ୟପଲ୍ଲୀ କିଟଛକ,ପଟିଆ
ଭୁବନେଶ୍ୱର ୭୫୧୦୨୪, ଦୂରଭାଷ: ୯୪୩୭୦୮୫୩୯୭

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ବିଶେଷ ବିଷୁବ ସଂସ୍କରଣ ୨୦୧୯

# ଏମିତି ହୁଅନ୍ତାନି



ରଜୀତ ଦାସ

କେମିତି ହୁଅନ୍ତା ସାରା ପୃଥିବୀରୁ
ସୀମା ସରହଦ ଉଠିଗଲେ
ଭଲ ହୁଅନ୍ତାନି ଆମ ମଧ୍ୟେ ଥିବା
ବାଦ ବିଦ୍ୱେଷକୁ ଭୁଲିଗଲେ ।
ତମେ ଆସୁଥିବ ଆମେ ଯାଉଥିବୁ
ନ ଥିବ ମଝିରେ ବାଡ଼ ବତା
ସୁନ୍ଦର ପୃଥିବୀ ସଜେଇ ଦିଅନ୍ତେ
ନ ରଖି ମନରେ ସଂକୀର୍ଣ୍ଣତା ।
ତୋଅର ମୋ'ର ନ କହିକି ଆମେ
ସଭିଏଁ ଆମର କହୁଥାନ୍ତେ
ଏଇ ପୃଥିବୀରେ ଜନମ ନେଇଛେ
ଆନନ୍ଦେ ଏଇଠି ମରିଥାନ୍ତେ ।
ନ ଥାନ୍ତେ ଆତଙ୍କି ଓ ଆତଙ୍କରାଜ
ଜାତି ଧର୍ମ ଏକ ହୋଇଥାନ୍ତା
ପରମାଣୁ ବୋମା ହାତ ହତିଆର
କାହିଁ ଆବଶ୍ୟକ ପଡ଼ିଥାନ୍ତା ।
ଆଖି ଅବୁଝି ଆଖି ଖୋଲି ଦେଲା ପରେ
ସମୟ କୁଆଡେ ଯାଏ ଗଡି
ଏକ ହୋଇଯାଅ ମୋ ପୃଥିବୀ ବାସୀ
ଯୁଧ୍ୟ ବିଭୀଷିକା ସବୁ ଛାଡି ।

କୁଜଙ୍ଗ, ପାରାଦ୍ୱୀପ ୮୪୯୩୦୯୪୬୦

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com
ବିଶେଷ ବିଷୁବ ସଂଖ୍ୟା ୨୦୧୯

# ରାଜନୀତି ରାଜନେତା



ସିଦ୍ଧେଶ୍ୱର ତ୍ରିପାଠୀ

ଏଘର ମାଉସୀ ସେ ଘର ପିଉସୀ
ନେତା ଛାଡିଲେଣି ରଡି
ଅହି ନକୁଳରେ ଯିଏ ଗଣା ଥିଲେ
ଆଜି ତାଙ୍କ ନୂଆ ଯୋଡି । [୧]

ଆସିଲେଣି ଅଣ୍ଟା ଭିଡି
ଦଳୀୟ ଟିକେଟ ଖଣ୍ଡିକ ମିଳିଲେ
ସୁପ୍ରିମୋଙ୍କ ପାଦେ
ଆନନ୍ଦରେ ଯିବେ ଗଡି । [୨]

ସାତ ଆସନକୁ ସତୁରି ଆଶାୟୀ
ସବୁ ଛାତି ଧଡଧଡ
କାହାକୁ ଶୀତଳ
କର ଏବେ ତୁମେ
ସବୁ ଏଠି ନିଆଁ ରଡ । [୩]

ଉଠି ରାଜନୀତି ଝଡ
ବାପ ପୁଅ ଆଉ
ଶଳା ଭିଣୋଇଙ୍କ
ମଝିରେ ପକାଏ ବାଡ । [୪]

ପକେଇଲା ଛେପ ପୁଣି ଚାଟନ୍ତି
ମୁଣ୍ଡି ମୁଣ୍ଡି ମୁଣ୍ଡିଆଳ
କ୍ଷୀର ନିର ଏଠି ଟିକିଏ କଥାରେ
ହୋଇଯାଏ ଦୁଇ ଫାଳ । [୫]

ଏତ ରାଜନୀତି ଖେଳ
କାହା ପାଇଁ ସାଜେ ସୁନାର ମୁକୁଟ
କାହା ପାଇଁ ହୁଏ କାଳ । [୬]

ଖୋର୍ଦ୍ଧା, ଓଡ଼ିଶା ଭ୍ରାମ୍ୟଭାଷ : ୮୦୧୮୬୪୬୭୦୪

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ବିଶେଷ ବିଷୁବ ସଂସ୍କରଣ ୨୦୧୯

# ପୂର୍ଣ୍ଣତା ଅପୂର୍ଣ୍ଣତା



ଚିତ୍ତରଞ୍ଜନ ସାହୁ

ଜହ୍ନ ସାକ୍ଷୀ ଅଛି !

ତୁମ ସହ ମୋର ପ୍ରଥମ ଭେଟକୁ ।

ସମୟ ଥିଲା ବସନ୍ତର ପ୍ରଥମ ସନ୍ଧ୍ୟା,

ତୁମେ ଆସିଥିଲ ତୁମର ପ୍ରେମଭରା

ଦୁଲକାଏ ମଳୟକୁ ନେଇ ।

ମୋର ଅନ୍ୟମନସ୍କତାର ସାମାନ୍ୟ ଉପରେ

ତୁମେ ଆସି ରହିଗଲ,

ମୁଁ ଫେରି ଆସିଲି ବର୍ତ୍ତମାନକୁ ।

ବିସ୍ମିତ ହେଲି ତୁମ ଚେହେରାକୁ ଦେଖି ! !

ଓଃ ! ଏକି ଶିହରଣ ଖେଳିଗଲା

ମୋ ଦେହରେ,

ତୁମର ସେ ମିଠା ସ୍ପର୍ଶ ପାଇ ।

ତୁମ ଲକ୍ଷ ଆଉ କିଛି ଥିଲା,

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବିଶେଷ ବିଷୁବ ସଂଖ୍ୟା ୨୦୧୯

ମାତ୍ର ମୋ ଉପରେ ପ୍ରସନ୍ନ ହେବାର

କାରଣ କ'ଣ ?

ମୋ ଠାରେ ଅଟକିଯିବାର,

ତୁମ ମନରେ ଯେଉଁ ତୃଷ୍ଣା ପ୍ରକଟ ହେଲା,

ତାହା ମୋ ଆଖି ବେଶ ବୁଝି ନେଇଥିଲା ।

ତୁମର ଦୁଇ ଆଖିକୁ ଦେଖି,

ତୁମକୁ ନିଃସନ୍ଦେହରେ ଆପଣେଇ ଥିଲା

ମୋର ଏ ମନ ।

ଏ ଦେହର ଦୀର୍ଣ୍ଣ ମରୁଭୂମିକୁ

ପ୍ରଥମ ଥର କେହି ସିକ୍ତ କରିଥିଲା ।

ଅବତୀର୍ଣ୍ଣ ହେଲେ ଅନେକ ଭାବନା ।

ଉତ୍ପତି ହେଲା ଅଜସ୍ର ଆନନ୍ଦ ।

ଜୀବନ ପୂର୍ବବତ ଅପୂର୍ଣ୍ଣତାର ଶିଖରରୁ

ଫେରିଆସି

ଉପସ୍ଥିତ ହେଲା ପୂର୍ଣ୍ଣତାର ପାଦଦେଶରେ ।

ଚିତ୍ତରଞ୍ଜନ ସାହୁ

ସିଙ୍ଗିରି, ଆଳି, କେନ୍ଦ୍ରାପଡା

ଭ୍ରାମ୍ୟଭାଷ : ୭୩୭୭୬୭୮୭୩୮

ଇମେଲ୍ : schittaranjan93@gmail.com

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com
ବିଶେଷ ବିଷୁବ ସଂଖ୍ୟା ୨୦୧୯

# ଅବୁଝା ହୃଦୟ



ସୌମ୍ୟା ସୁଚରିତା ସେଣ

ଜୀବନଟା ଅତି ବିରହ କଟୁଛି
ସକାଳରୁ ସଞ୍ଜଯାଏ,
ପ୍ରତି ମୁହୂର୍ତ୍ତରେ ତୁମକୁ ଝୁରେ
ପାଗଳ ମୁଁ ହେଇଯାଏ ।

ହୃଦୟଟା ଯଦି ବୁଝି ପାରନ୍ତା
ବୁଝାଇ ଦିଅନ୍ତି ତାକୁ,
ପାଗଳ ପରିକା ଚାହିଁ ରହିଥାଏ
କଥା ଟିକେ ହେବାକୁ ।

ଭୁଲିବାକୁ ଚାହିଁ ଭୁଲି ପାରୁନାହିଁ
ତମବିନା ବଞ୍ଚି ହୁଏନା,
ଫରକ ପଡ଼େନା ତୁମକୁ ତ କିଛି
ଭାବନା କେବେ ବୁଝନା ।

ଯଦି ଭୁଲିଯିବା କଥା ଭୁଲିଯାଅ ମତେ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବିଶେଷ ବିଷୁବ ସଂକ୍ରାନ୍ତି ୨୦୧୯

ମନକୁ ବୁଝେଇ ଦେବି,

ପ୍ରତି ମୁହୂର୍ତ୍ତରେ ମାରିବା ଅପେକ୍ଷା

ଏକାଥରେ ମରି ଯିବି.

ଥରଟେ ସତ କହିଦିଅ ମତେ

ତୁମ ମନରେ କଣ ଅଛି ?

କୋଉ ଜନ୍ମର ପ୍ରତିଶୋଧ ଏ

ପଥର ପରାଏ ଛାତି.

ତମ ପାଇଁ ବୋଧେ ଅଲୋଡ଼ା ଟିଏ ମୁଁ

ଏତେ ଘୃଣା  କିଆଁ କର,

ଦୁରେଇ ଦେବାର ଆଛି ମତେ ଯଦି

କହିକିତ ଯାହା କର.

ହେଇପାରେ ମୋର ସବୁ ଗୁଣ ଗୁଡା

ଖରାପ ଲାଗୁ ଥିବ

କୁହ ତୁମବିନା ବଞ୍ଚିବି କିମିତି

ଜୀବନ ମୋ ଚାଲିଯିବ.

ଜୀବନରେ ତୁମ ଖୁସିର ଲହଡି

ଉଙ୍କି ମରୁଥାଉ ନୀତି,

ଏ କଳା  ବାଦଲ ଛାଡି ଯାଉଅଛି

କେବେ ନ ମାଡ଼ିବ କତି .

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବିଶେଷ ବିଷୁବ ସଂସ୍କରଣ ୨୦୧୯

# ଅସତୀ ପ୍ରିୟା



କ୍ଷମାନିଧି ସାହୁ

ଜୀବନରେ ଦିନେ ରଙ୍ଗ ଭରିଥିଲା
ଆଗେ ହେଇଥିଲା ଠିଆ
ଗୋଲାପି ଓଠରେ ମୁରୁକି ହସେ ଯେ
ସେ ଥିଲା ଅସତୀ ପ୍ରିୟା ।

ତା ବିନା ଜୀବନ ଫିକାଫିକା ଥିଲା
କିଛି ଭଲ ଲାଗେ ନାହିଁ
କେତେବେଳେ ସିଏ ଦେଖାଦେବ ମତେ
ରହିଥାଏ ପଥ ଚାହିଁ ।

ଅପୂର୍ବ ତାହାର ରୂପ ଓ ନୟନ
ଚାହାଣୀ ତା ମନୋହର
ଲୁଚି ଯାଉଥିଲା ଦେଖିଦେଲେ ମତେ
ଅଦ୍ଭୁତ ତା ବ୍ୟବହାର ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଭେଟ ହେଇଥିଲୁ ମନ୍ଦିର ପ୍ରାଙ୍ଗଣେ
ଦେଇଥିଲି ପ୍ରେମପତ୍ର
ପ୍ରତି ବଦଳରେ ଦେଇଥିଲା ମତେ
ଦଶାଙ୍କ ଭ୍ରାମ୍ୟ ନମ୍ବର ।

ଯେବେଠୁ ଏମନ ଚାହିଁଲା ତାହାକୁ
ଲାଗେ ଅପସରୀ ଭଳି
ମଧୁକଣ୍ଠ ସ୍ୱରେ କହୁଥିଲା ଯେବେ
ସବୁ କଷ୍ଟ ଯାଏ ଭୁଲି ।

ପାଠପଢା ପାଇଁ ମନ ବୋଲାଏନି
ଯାଉଥିଲି ପାଖେ ଧାଇଁ
ଅସତୀ ପ୍ରେମିକା ଜାଣିକି ଅଜଣା
ମିଳେନାହିଁ ତାର ଛାଇ ।

ତାରି ପାଇଁ ଦିନେ ସବୁ କରୁଥିଲି
ଯାହା ସେ ମତେ କହିବ
ଆକାଶରୁ ଜହ୍ନ,ତାରା ତୋଳିଥାନ୍ତି
ସେ କାହୁଁ ଏହା ବୁଝିବ ।

ଯାହା ଭାବୁ ସିଏ ତାରି ପାଇଁ ଦିନେ
ନିତି ମନେ ଝୁରୁଥାଏ
ଭଲ ପାଉଥିଲି ଦିନେ ମୁଁ ତାହାକୁ
କିନ୍ତୁ ଏବେ ଘୃଣା ବହେ ।

ଫୁଲର ପାଖୁଡା ନଥିଲା କେବେ ସେ
ଥିଲା ଗୋଲାପର କଣ୍ଟା
ପ୍ରେମ ନାଟକରେ ମାୟାବିନି ହେଇ
ସାଜିଲା ଅସତୀ ପ୍ରିୟା ।

 Magazine Downloaded from www.aahwaan.com

ବିଶେଷ ବିଷୁବ ସଂସ୍କରଣ ୨୦୧୯

# ସ୍ମୃତି (ଅତୀତର)



ଲିପିନ୍ ରାଉତ

ସ୍ମୃତି,

ଗୋଟିଏ ଅତୀତ, ଲକ୍ଷେ ଚିହ୍ନ

ଏ ମନ ରେ

ତାକୁ ଭୁଲିବା ସହଜ ନୁହଁ

ଠିକ ସେହିପରି ,ମୋ ପାଇଁ ବି

ସହଜ ନୁହଁ , ସେ ସ୍ମୃତି ଗୁଡା କୁ ଭୁଲିବା,

ଯାହାକୁ ମୁଁ ଛାଡି ଆସିଥିଲି ଏଇ

କିଛିଦିନ ତଳେ,

କିନ୍ତୁ,ସେ ଆଜି ତାଜା ସମ୍ପୂର୍ଣ୍ଣ ରୂପେ,

କରିଦେଲ ତୁମେ ମୋ ମନ ଓ ଆତ୍ମା କୁ

ସତେଜ, ତାକୁ ମୋ ବର୍ତ୍ତମାନ ସହ ଯୋଡି ଦେଇ । [୧]

ମୁଁ ଏବେ ଶାନ୍ତ ଓ ଶିଥିଳ

ଖୁସି ଓ ବିଭୋର

ଜାଣିପାରେନା ହସିବି ନା କାନ୍ଦିବି, କାହିଁକି ନା,

ମୁଁ ଆଜି କିଛି ପାଇଲି,

ଆଉ କିଛି ହରେଇଲି

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବିଶେଷ ବିଷୁବ ସଂକ୍ରାନ୍ତି ୨୦୧୯

କିଛି ମୋ ପାଇଁ ଦୃଶ୍ୟ ଥିଲେ ତ ଆଉ କିଛି ଅଦୃଶ୍ୟ

ବୋଧହୁଏ ସେମାନେ ଥିଲେ ବିବଶ

ନିଜ ପାଖରେ, ନିଜ କର୍ତ୍ତବ୍ୟ ପାଖରେ

କିନ୍ତୁ ଦୁଃଖ ନାହିଁ,

ମୁଁ ବୁଝିପାରୁଛି,

ସେମାନଙ୍କ ପରିସ୍ଥିତି ଆଉ ସମସ୍ୟାକୁ

ଆଉ ଗ୍ରହଣ କରୁଛି ମଧ୍ୟ

ଏ କ୍ରୁର ସତ୍ୟତା କୁ । [୨]

ହେଇ ପୁଣି ! ସମୟ ମତେ ଡାକିଲାଣି

ହାତ ଠାରି,

ଫେରିବାକୁ ହେବ ମୋତେ ମୋ ଦୁନିଆ କୁ

ତେବେ ବିଦାୟ ନେଉଛି

ହେ ବନ୍ଧୁ ! ! ତୁମ ଠୁ

ଆଉ ସାଙ୍ଗ ରେ ନେଉଛି

ଆଜି ର ଏ ସ୍ମୃତି ସବୁ କୁ ,ଜାଣେନା

ପୁଣି କେବେ ଆଉ ଦେଖା ହେବ

କି ନ ହେବ ? ? ? ? [୩]

ମଦନପୁର, କେନ୍ଦୁଝର, ୭୫୮୦୪୩, ଓଡ଼ିଶା

ଭ୍ରାମ୍ୟଭାଷ : ୯୭୭୭୯୨୩୨୭୭

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com
ବିଶେଷ ବିଷୁବ ସଂସ୍କରଣ ୨୦୧୯

# କେମିତି ଭୁଲିବି କୁହ ?



ଶୟନ ନାୟକ

ନୁହେଁ ମୁଁ ଲେଖକ
ନୁହେଁ ମୁଁ କଳାକାର,
ବଞ୍ଚିବାକୁ ଚାହେଁ ନା ହୋଇ ବୋଝ ପୃଥିବୀର ।
ମୋର କବି ଜୀବନରେ
ଲେଖିବି ମୁଁ ଅନେକ କବିତା,
ପୁରସ୍କାର ନ ପାଇଲେ ବି
ସାଇତି ରଖିବି ସେ ଗାଥା
ଦୀପଶିଖା ପରି ଜାଳୁଥିବି
ପରକୁ ଆଲୁଅ ଦେଇ,
ଚନ୍ଦନ ପରି ହୋଇବି ଧାରାରେ
ଅନ୍ୟର ଅର୍ଚ୍ଚନା ପାଇଁ
ପରଖିବି ନାହିଁ ପାପ-ପୁଣ୍ୟ କିଛି
ପର ହିତେ ଦେବି ମନ,
ଫୁଟାଇବି ଫୁଲ ସବୁରି ମନରେ
ରଖିଦେଇ ପାଦଚିହ୍ନ ।
ନଦୀଟିଏ ହୋଇ ବହିଚାଲୁଥିବି

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com
ବିଶେଷ ବିଷୁବ ସଂଖ୍ୟା ୨୦୧୯

ପଥରର ଦାଉ ସହି,
ବଞ୍ଚିରହିଥିବି ମନରେ ତୁମର
ପ୍ରେମକୁ ଭୁଲିବି ନାହିଁ ।
ତୁମେ ସହଜରେ କହିଦେଇ ପାର
ମତେ ତୁମେ ଭୁଲିଯାଅ
ଜୀବନରେ ଥରେ ଭଲ ପାଇଥିଲେ
କେମିତି ଭୁଲିବି କୁହ ?

ଭଞ୍ଜନଗର, ଗଞ୍ଜାମ, ଓଡ଼ିଶା
ଭ୍ରାମ୍ୟଭାଷ : ୯୯୩୮୮୦୨୭୦୨

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com
ବିଶେଷ ବିଷୁବ ସଂଖ୍ୟା ୨୦୧୯

# ତୁମେ



ଜୟଶ୍ରୀ ମହାରଣା

ତୁମେ ଦେଇଥିବା ଗୋଲାପ ଫୁଲଟା
ଆଜି ବି ରହିଛି ସ୍ମୃତିଟେ ହୋଇ
ହେଲେ ତୁମେ ନାହଁ ଆଜି ମୋ ନିକଟେ
ନୟନୁ ଝରୁଛି ଲୁହର ନଈ ।

ତୁମେ ଦେଇଥିବା ଗୋଲାପି ଚିଠିଟି
ଆଜି ବି ରହିଛି ବହିରେ ମୋର
କାହିଁ ଯୋଡିଥିଲ ସମ୍ପର୍କର ସେତୁ
ଭାଙ୍ଗିବାକୁ ଯଦି ନଥିଲା ଡର ।

ବୋଲିଥିଲ ଯେଉଁ ପ୍ରେମର ଅବିର
ଆଜିବି ରହିଛି ଚିହ୍ନ ମୋ ଦେହେ
ଫଗୁଣ ଆସିଲେ ହୃଦୟ ଜଳୁଛି
ତୁମ କଥା ପରା ସେ କାନେ କହେ ।

ଗଢିଥିଲ ଯେଉଁ ପ୍ରେମର ନୀଡ଼ଟା

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com
ବିଶେଷ ବିଷୁବ ସଂଖ୍ୟା ୨୦୧୯

ଆଜି ବି ରହିଛି ଶୂନ୍ୟ କୋଠରୀ
ତୁମେ ଚାଲିଗଲ ମୋତି ମହଲକୁ
ବିଦେଶିନୀ କଲା ମନକୁ ଚୋରି ।

ତୁମେ ଦେଇଥିବା ଶେଷ ଉପହାର
ଆଜି ବି ଗୁଞ୍ଜରେ କାନରେ ମୋର
ଭୁଲିଯାଅ ମୋତେ ଅତି ସହଜରେ
କହିଦେଇ ଯେବେ କରିଲ ପର ।

ପ୍ରେମର ପାଉଣା ତୁମରି ଛଳନା
ଆଜି ବି ରଖିଛି ସାଇତି କରି
ନିରୋଳା ଜାଗାରେ ବସି ମୁଁ ଭାବୁଛି
କଣ୍ଢେଇଠାରୁ କି ମୁଁ ଅବା ସରି ?

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ବିଶେଷ ବିଷୁବ ସଂସ୍କରଣ ୨୦୧୯

# ଗର୍ବ ଲାଗୁଛି ମୋତେ



ପ୍ରଶାନ୍ତ କୁମାର ନାଥ

ଓଡ଼ିଆ ମାଟିର ସନ୍ତାନ ବୋଲିକି
ଲାଗୁଅଛି ମୋତେ ଗର୍ବ
ଯେଉଁ ଓଡ଼ିଶାରେ ପାଳନ ହେଉଛି
ବାର ମାସେ ତେର ପର୍ବ ।
ଯେଉଁ ଓଡ଼ିଶାର ଆରାଧ୍ୟ ଦେବତା
ଅଟନ୍ତି କଳା ଠାକୁର
ଯେଉଁଠି ପ୍ରସିଦ୍ଧ କଳା କୀର୍ତ୍ତିମାନ
କୋଣାର୍କ ସୂର୍ଯ୍ୟ ମନ୍ଦିର ।
ବହି ଯାଉଅଛି ମହାନଦୀ ଯା'ର
ଚରଣକୁ ନିତି ଛୁଇଁ
ଇତିହାସ ଯା'ର ଗାରିମା ଗାଉଛି
ଧନ୍ୟ ସେ ଉତ୍କଳ ଭୂଇଁ ।
ବାରବାଟୀ ନାମେ ଖେଳ ପଡ଼ିଆଟେ
ଯେଉଁଠାରେ ଅବସ୍ଥିତ
ମନ୍ଦିର ମାଳିନୀ ସହର ନାମରେ
ରାଜଧାନୀ ଯା' ପ୍ରସିଦ୍ଧ ।

ପାରାଦ୍ୱୀପ ନାମେ ବନ୍ଦର ଗୋଟିଏ
ଅଛି ଏହି ଓଡ଼ିଶାରେ
ଦେଶ ବିଦେଶରେ ବେପାର ବଣିଜ
ହେଉଥାଏ ଜାହାଜରେ ।
ସ୍ମାର୍ଟ ସିଟି ଭାବେ ରାଜଧାନୀ ଯା'ର
ଭାରତେ ଏକ ନମ୍ବର
ଶସ୍ୟ ଓ ଶ୍ୟାମଳା ସବୁଜ ବନାନୀ
ଲାଗଇ ଭାରି ସୁନ୍ଦର ।
ନିଜକୁ ଆଜି ମୁଁ ଧନ୍ୟ ମଣୁଅଛି
ସେ ରାଜ୍ୟ ସନ୍ତାନ ହୋଇ ।
ଗରବେ କହୁଛି ଅଟେ ମୁ ଓଡ଼ିଆ
ଓଡିଶା ମୋ ଜନ୍ମଭୂଇଁ ।

ସୁନ୍ଦରପୁର, ଉତ୍ତରକୂଳହାଟ୍, ପ୍ରୀତିପୁର, ଯାଜପୁର,
ମୋ-୦୮୮୯୭୩୦୧୧୪୩

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com
ବିଶେଷ ବିଷୁବ ସଂଖ୍ୟା ୨୦୧୯

# ମା’



ଡମ୍ବରୁଧର ବାଗ

ଯାହା ପାଇଁ ଦେଖିଲି ମୁଁ ବିଶାଳ ସଂସାର ।
ଯାହା ପାଇଁ ଶିଖିଲି ମୁଁ କେତେ ଯେ ସଂସ୍କାର ।
ସିଏ ଆଉ କେହି ନୁହେଁ ସିଏ ମୋର ମାଆ ।
ସବୁଠୁ ମଧୁର ଲାଗେ ମୋତେ ତା'ର ନାଆ ।
ତା'ପଣତ କାନି ହୁଏ ମୋ ଆଶ୍ରୟସ୍ଥଳୀ ।
କ୍ଷଣେ ନ ଦେଖିଲେ ତାକୁ ଯାଏ ପ୍ରାଣ ଜଳି ।
ଛାତିରେ ତା' ଭରା ଦେଇ ଶିଖିଲି ମୁଁ ଚାଲି ।
ଚାଲି ଚାଲି ଦେଖିଲି ମୁଁ କେତେ ଗାଁ ଗଳି ।
ସେ ଥିଲେ ସଂସାରରେ ନାହିଁ କିଛି ଡର ।
ସବୁଠାରୁ ଭଲ ସିଏ ତା କଥାଟି ସୁନ୍ଦର ।
ଛୋଟରୁ ସେ ବଡ କଲା ଭୋଗି ନା ନା କଷ୍ଟ ।
ହାତଧରି ଶିଖାଇଲା ଦେଖାଇଲା ବାଟ ।
ଯେତେବେଳେ ଯାହା ମାଗେ ଦିଏ ତା ଯୋଗାଇ ।
ମନ ଉଣା କରେ ନାହିଁ ନିଏ ସେ କୋଳେଇ ।
ମାଆ ପରା ମାଆ ମୋର ସ୍ୱର୍ଗ ଠାରୁ ବଡ ।
ତା'ବିନା ଏ ସଂସାରଟା ଲାଗେ ମୋତେ ଜଡ ।
ବେନି ହସ୍ତ ଯୋଡି ମୁହିଁ କରେ ନମସ୍କାର ।
ତୋ ବିନା ଏ ସଂସାର ଲାଗିବ ଅସାର ।

ଚପ୍ରିଆ, ଗୋଲାମୁଣ୍ଡା, କଳାହାଣ୍ଡି ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com
ବିଶେଷ ବିଷୁବ ସଂସ୍କରଣ ୨୦୧୯

# ଉତ୍କଳ ଭୂମି



ରୋହିତ୍ ସେଠୀ

ଚିର ହାସ୍ୟମୟୀ   ଚିର ଲାସ୍ୟମୟୀ
ହେ ମୋର ଉତ୍କଳ ଭୂମି,
ଧନ୍ୟ ହୋଇଅଛି   ଜୀବନ ମୋହରି
ତୋହର କୋଳେ ଜନମି  ।୧ ।

ମାଆ ଗରଭରୁ   ପଡ଼ିଲି ଯେବେ ମୁଁ
ଧାତ୍ରୀ ହେଲୁ ମୋ ପାଇଁ,
ତୋହରି କୋଳରେ  ନାଚିଲି ଡେଇଁଲି
ନାନା ରଙ୍ଗେ ଗୀତ ଗାଇ  ।୨ ।

ଶାକ ତଣ୍ଡୁଳ ତୋ   ଶକତି ଭରିଲା
ପରିପୃଷ୍ଟ ହେଲା ତନୁ,
ରୂପ-ରସ-ଗନ୍ଧ   ପରଶ ତୋହରି
ଭୁଲି ପାରୁନାହିଁ ମନୁ  ।୩ ।

ତୋର ବୁକୁ ଚିରି   ପିଆଇଛୁ କେତେ
ମଧୁ ସୁଶୀତଳ ନୀର,
ଶାନ୍ତି ଆତ୍ମତୃପ୍ତି   ଦେଇଅଛି ମୋତେ
ମୃଦୁ ମଳୟ ସମୀର  ।୪ ।

କୀଟରୁ ପତଙ୍ଗ   ପିପିଲି ମାତଙ୍ଗ
ତୋର ସନ୍ତାନ ସରବେ,
ସବୁଜ ବନାନୀ   କୁସୁମ କାନ୍ତିରେ
ଝଲସୁଛୁ ବଇଭବେ  ।୫ ।

ତୋ ମଧୁର କଥା   ହରି ନିଏ ବ୍ୟଥା
କୋଇଲିର ମିଠା ସ୍ୱରେ,
ପାହାଡ଼ ଛାତିରୁ   ଝରଣା ଝରଇ
କୁଳୁକୁଳୁ ଶବଦରେ  ।୬ ।

ମାତୃଭୂମି ଭାଷା   ମାତୃଭାଷା ମୋର
କେଡ଼େ ସୁମଧୁର ଆହା,
ଗରବେ କହିବି   ଛାତିକୁ ଫୁଲାଇ
ଓଡ଼ିଆ ତାହାରି ନାଆଁ  ।୭ ।

କେତେ ବୀର-ବୀରା   ନୃପ ମହାରଥୀ
ପ୍ରସବ କରିଛୁ ତୁହି,

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବିଶେଷ ବିଷୁବ ସଂଖ୍ୟା ୨୦୧୯

ବୀର-ପ୍ରସବିନୀ ଉତ୍କଳ ଜନନୀ
ନାମଟିକୁ ତୋର ବହି ।୮ ।

କେତେ ସାରସ୍ୱତ ସାହିତ୍ୟ ସାଧକ
ଲେଖକ-ଭାବୁକ-କବି,
ଧନ୍ୟ ହୋଇଛନ୍ତି ତୋହର କୋଳରେ
ସରବେ ଜନମ ଲଭି ।୯ ।

ଉତ୍କଳ ଐତିହ୍ୟ ଗଉରବ ମୟ
କୋଣାରକ କହେ କଥା ,
ବାରବାଟୀ ଦୂର୍ଗ ଧଉଳି ପାହାଡ଼
ଗାଏ ଚିରନ୍ତନ ଗାଥା ।୧୦ ।

ଓଡ଼ିଆ ପୁଅଙ୍କ କଳା କାରିଗରୀ
ନିଖୁଣ ସ୍ଥାପତ୍ୟ ଦେଖି,
ବିମୋହିତ କରେ ଦରଶକ ପ୍ରାଣ
ଆଖି ଯାଏ ସତେ ଲାଖି ।୧୧ ।

ଅରଣ୍ୟ କୁନ୍ତଳା ତଟିନୀ ମେଖଳା
ଛବିଳ ଉତ୍କଳ ତୋର,
କେଉଁ ରୂପକାର ରଙ୍ଗ ତୂଳୀ ଧରି
ଗଢ଼ିଛି ଏଡ଼େ ସୁନ୍ଦର ।୧୨ ।

ମନ୍ଦିର ମାଳିନୀ ପ୍ରକୃତି ଶାଳିନୀ
ସବୁଜିମା ତୋର କାନ୍ତି,
ଆହୁରି ସୁନ୍ଦର ଅସ୍ତ କାଳେ ରବି
ଉଡୁଥିଲେ ଖଗ ପନ୍ତି ।୧୩ ।

କି ଗୁଣ ଗାଇବି ଉତ୍କଳ ଜନନୀ
ସରେ ନାହିଁ ତୋର କଥା,
ହେ ଉତ୍କଳ ମାତ ତୋ ଚରଣ ତଳେ
ନୁଏଁ ସଦା ମୋର ମଥା ।୧୪ ।

ରୋହିତ୍ ସେଠୀ,
ଦୁତିମେଣ୍ଡି, ଖଜୁରୀପଡା, କନ୍ଧମାଳ ।
ମୋବାଇଲ-୯୪୩୮୦୭୩୯୩୦

ଆହ୍ବାନ ଇ-ପତ୍ରିକା

ବିଶେଷ ବିଷୁବ ସଂସ୍କରଣ ୨୦୧୯

Magazine Downloaded from www.aahwaan.com

# ସ୍ମୃତି



କସ୍ତୁରୀ ଚରଣ ରାଉତ

ପୂର୍ଣ୍ଣମୀ ରାତିର ଅଭିସାର ପର୍ବ
ଉଆଁସ ମଉନ ହସ
ସ୍ମୃତିର ରୋମାଞ୍ଚ ଅନନ୍ୟ ସୌରଭ
କରେ ମୋତେ ଉପହାସ ।

ସ୍ୱାର୍ଥର ପ୍ରୟାଗେ ପିଣ୍ଡ ଦାନ କଲ
ମୋ ପ୍ରେମକୁ ଜାଳିଦେଇ
ଦିନ ହୁଏ ମୋର ନୀରବ ନିଶବ୍ଦ
ରାତି ଛଳଛଳ ନଇ ।

ସହର ଇଲାକା ଲାଗେ ଏକାଏକା
ତମ ସ୍ମୃତି ଥାଉଥାଉ
ସେ ହଜିଲା ଦିନ ପାରେନା ଜଡାଇ
ଆବେଗରେ ମୋତେ ଆଉ ।

ସ୍ମୃତି ସବୁ ମୋର ମନ ଆକାଶରେ
ଭାସେ ଭସା ମେଘ ପରି
କେମନ୍ତେ କେଜାଣି ଶୂନ୍ୟସ୍ଥାନଟିଏ
ଛାତିରେ ଯାଏ ପହଁରି ।

ଶିକ୍ଷକ, ସତ୍ୟବାଦୀ ହାଇସ୍କୁଲ୍
ଧଣ୍ଡାମାଳ, ଦେଓଗାଁ, ବଲାଙ୍ଗିର
ମୋ.୯୯୩୭୯୯୭୮୪୬

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ବିଶେଷ ବିଷୁବ ସଂସ୍କରଣ ୨୦୧୯

# ବର୍ଷା



ଶୁଭସ୍ମିତା ବେହେରା

ଯେବେ ଆସେ ବର୍ଷା ଋତୁ
ଆକାଶର କ୍ରନ୍ଦନରେ ମୋ ନୟନୁ
ଲୁହ ବୁନ୍ଦା ବୁନ୍ଦା ବୋହି ଚାଲେ ଅବିରତ.....
ବନ ତ ପୋଡିଲେ ସଭିଏଁ ଜାଣନ୍ତି
ମନ କଥା କେ ପଚାରେ...
ପରିସ୍ଥିତିର ଦାସ ପାଲଟି ଆଜି
ମୁଁ  ନିହତ,
ଏ ନିହତ ପଣକୁ ସମ୍ଭାଳିବାକୁ
ପାଖେ କେହି ନାହିଁ..
ଥିଲି ଅଭିମାନୀ ପ୍ରିୟ

ମୁଁ ତୁମର,
ସଜେଇଲ ଏ ଦୁନିଆଁ ବୁକୁରେ
ପାଗଳୀ ପ୍ରେମିକା...
ଦୁଃଖ ଲାଗେ ଏତିକି,
ନଥିଲା ଟିକେ ବି ଛଳନା
ମୋ ପ୍ରେମର ..
ଆଜି ନୀରବେ ମୁଁ
ନିଜକୁ ପଚାରି ବସୁଛି,
ପ୍ରତିଦାନେ କାହିଁ ଦେଇଗଲ ,
ଅଜସ୍ର ଲାଞ୍ଛନା......

ଜେନାପୁର, ଯାଜପୁର, ଓଡ଼ିଶା

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ବିଶେଷ ବିଷୁବ ସଂଖ୍ୟା ୨୦୧୯

# ସାହାହୁଅ ବାରେ ରାଧାମାଧବ



ସନ୍ତୋଷ ପଟ୍ଟନାୟକ

ରଙ୍ଗହୀନ ଆଜି ଜୀବନ ପଥଟା
ଯିବାକୁ'ତ ହବ ବହୁତ ଦୂର
ରଙ୍ଗେଇ ଦିଅହେ ରଙ୍ଗିଲା ଗୋସେଇଁ
ପାଦେ ସମର୍ପୁଛି ରଙ୍ଗ ଅବିର....

ଦୋଳ ବିମାନରୁ ଆଶିଷ ବରଷି
ସର୍ବ ମନ କର ରସ ମଧୁର
ପ୍ରୀତିର ଘୃତରେ ପ୍ରେମ ଦୀପ ଜାଳେ
ପ୍ରଣତୀକୁ ମୋର କର ଆଦର .....

ହୃଦୟ ମନ୍ଦିରେ ବିଜେ ହୁଅ ପ୍ରଭୁ
ସହାହୁଅ ବାରେ ରାଧା ମାଧବ
ପୁଲକିତ ହେଉ ତନୁମନ ଡାଳ
ମନ ଚାଖୁ ଥରେ ଭକତି ସ୍ୱାଦ.....

ରାଧା ମୋହନଙ୍କ ପଦ ସ୍ମରୁ ସ୍ମରୁ
ଜୀବ ପାରିହଉ ସଂସାର ଭବ
କର୍ମଫଳ ପାଇଁ ଚିନ୍ତିତ ନଥାଉ
ସଅଳେ ପହଞ୍ଚୁ ସେକୂଳେ ନାବ.....

ବେଗୁନିଆପଡା ବ୍ଲକ୍, ଡିଡ୍ଡିଡା/ ଗଞ୍ଜାମ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com
ବିଶେଷ ବିଷୁବ ସଂଖ୍ୟା ୨୦୧୯

# ସ୍ମୃତି ତୁମେ



ମନୋରମା ହାତୀ

ସ୍ମୃତି ତୁମ କେବେ ଆତତାୟୀ ସାଜି
ହତ୍ୟା କରେ ଆଖି ସ୍ୱପ୍ନ
ସ୍ମୃତି ତୁମ କେବେ କୁହୁଳି କୁହୁଳି
ଜାଳିଦିଏ ମନ ପ୍ରାଣ ।

ସ୍ମୃତି ତୁମ କେବେ ଲୁଟେରାଟେ ସାଜି
ଲୁଚାଏ ମୋ ଖୁସି ଜହ୍ନ
ସ୍ମୃତି ତୁମ କେବେ ବହିଯାଏ ହୃଦେ
ସାଜି ହୁତାଶ ପବନ ।

ସ୍ମୃତି ତୁମ କେବେ ଆଙ୍କିଦିଏ ମନେ
ଯନ୍ତ୍ରଣାର ଲିପିରେଖା
ସ୍ମୃତି ତୁମ କେବେ ଜାଳିଦିଏ ଆସି
ଅସହ୍ୟ ଅତୀତ ଶିଖା ।

ସ୍ମୃତି ଅଗଣାରେ ଦିଅ ତମେ ଆଙ୍କି
ଏଥର ଲକ୍ଷ୍ମଣରେଖା
ସତ କହୁଛି ମୁଁ,
ନିତିନିତି ଆଉ ସ୍ମୃତି ସାଥେ ତୁମ
ପାରିବିନି କରି ଦେଖା ।

ଚୋରେଇ ନେଇଛ ପ୍ରୀତି କୋଳାହଳ
ମନେ ଭରିଥିଲା ଯେତେ
ସେଥିପାଇଁ ବୋଧେ !

ସ୍ମୃତି ତୁମ ଆଜି ସଜେଇ ଦେଇଛି
ଜୀଅନ୍ତା ଶବଟେ ମୋତେ ।

କନ୍ହେଇପୁର, ସି. ଆର୍. ଆର୍. ଆଇ, କଟକ,
୭୫୩୦୦୬, ଭ୍ରାମ୍ୟଭାଷ : ୮୯୧୭୭୭୯୦୨୩

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com
ବିଶେଷ ବିଷୁବ ସଂଖ୍ୟା ୨୦୧୯

# ନାୟକ



ସୌମ୍ୟରଞ୍ଜନ ପାଲ

ଚାଲିଗଲେ ତୁମେ ଛାପ ଛାଡିଯାଅ
ପାଦଚିହ୍ନ ପଡ଼ିରହେ ,
ଆଙ୍ଗୁଳି ଦେଖେଇ ନବଜାତକଟି
ସେଇ ବାଟେ ଯିବ କହେ ।

ତୁମ କଣ୍ଠ ଚିରି ନିଗାଡି ଆସଇ
ସାଜି ସୁର ସବୁ ଯେତେ ,
ବାର ବାର ଶୁଣି ମନ ଭରେନାହିଁ
ବାଜୁଥାଏ ଗଣି ସେତେ ।

ଅଧୁନା ବସନ ଉଚ୍ଚରେ ଆସନ
ଅଟେ ପ୍ରିୟ ସଭିଙ୍କର ,
ନୂତନ ପ୍ରକାର ହୁଏ ଆବିଷ୍କାର
ଠାଣି ଦିଅନ୍ତି ଶଙ୍କର ।

ପ୍ରତିଟି ବଦନେ ରକତ ବାହୁଛ
ଦେଇ ନୂଆ ପରିଚୟ ,
ପ୍ରତିଟି ମୁହୂର୍ତ୍ତ ଜୀବନ୍ତ କରୁଛ
ପରଦେଶୀ ଅପଚୟ ।

ଦାୟିତ୍ୱ ନିଜର ମନେ ଦେଇ ଜୋର
ତିଆରେ ଶକତ ବାସ ,
ଝାଞ୍ଜି ଖରା ପୁଣି ମଳୟ ପ୍ରଭାବେ
ବାସନା ଝାଡେ ପଳାଶ ।

ଗ୍ରା/ପୋ:- ବଡ଼ଶୋଳ, ଭାୟା - ଝାରପୋଖରିଆ
ଜିଲ୍ଲା - ମୟୁରଭଞ୍ଜ, ପିନ - ୭୫୭୦୮୬
ଦୂରଭାଷ - ୯୯୩୭୮୮୯୮୩୩

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com
ବିଶେଷ ବିଷୁବ ସଂଖ୍ୟା ୨୦୧୯

# ହୋଲି



ନିବେଦିତା ମହାପାତ୍ର

ଫଗୁଣ ଆସିଛି ଧରାକୁ ଧରି ରଙ୍ଗର ପସରା
ପ୍ରୀତି ରଙ୍ଗେ ତାର ସଭିଙ୍କୁ ରଂଗେଇବ ପରା ।
କେତେ ରଙ୍ଗର ଅବିର ଧରି ଆସିଛି ହୋଲି
ନୂଆ ରୂପ ଦେଇ ବସୁଧାକୁ ସଜେଇବ ବୋଲି ।
ଜାତି ଧର୍ମ ବର୍ଣ୍ଣର ଭେଦଭାବ ଦେବାକୁ ଦୁରେଇ
ଆସିଛି ଫଗୁଣ ନିଜକୁ ସପ୍ତ ରଂଗରେ ସଜେଇ ।
ପୋଛି ଦେଇ ସବୁରି ମନରୁ ଛଳନାର ରଙ୍ଗ
କରି ଦେବ ମମତା ଶ୍ରଦ୍ଧା ସ୍ନେହରେ ଆବଦ୍ଧ ।
ହିଂସା ଦ୍ୱେଷ ରାଗ ଲୋଭ ମାନ ଅଭିମାନ
ପାସେରି ଦେଇ ସବୁ ବାନ୍ଧିବ ଭାବର ବନ୍ଧନ ।
ହୃଦୟ କନ୍ଦରୁ ପୋଛି ହୀନ ଶତ୍ରୁତାର ଭାବ
ଭରି ଦେବ ଶାନ୍ତି ପ୍ରୀତି ମୈତ୍ରୀର ଆବେଗ ।
ନାଲି ନୀଳ ସବୁଜ ଗୋଲାପି କେତେ ରଙ୍ଗ
ସବୁଠୁ ପବିତ୍ର ଅଟଇ ପରା ଅବିରର ରଙ୍ଗ ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com
ବିଶେଷ ବିଷୁବ ସଂଖ୍ୟା ୨୦୧୯

ସେହି ରଙ୍ଗେ ଖେଳିବେ ହୋଲି ମଦନ ମୋହନ

ଦୋଳ ବିମାନେ ବସି କରିବେ ନଗର ଭ୍ରମଣ ।

ସବୁ ମନେ ଲାଗିଲେ ପ୍ରୀତି ରଙ୍ଗର ଫୁଆର

ଗୋପ ପୁର ପାଲଟିବ ଏହି ସାରା ସଂସାର ।

ଫଗୁଣରେ ଫଗୁ ଖେଳ ଲାଗେ ଭାରି ମନୋହର

ଭୁଲି ନିଜ ଅହଙ୍କାର ସଭିଏଁ ହୁଅନ୍ତି ଏକାକାର ।

ମୁକୁନ୍ଦ ମିଶ୍ର ନଗର, ଗୋପିନାଥପୁର, ପୁରୀ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com
ବିଶେଷ ବିଷୁବ ସଂଖ୍ୟା ୨୦୧୯

# ଯଶୋଦା ରୋଦନ



ପ୍ରମୋଦ ପ୍ରଧାନ

ବାତ୍ସଲ୍ୟମୟୀ ଯଶୋଦା କରନ୍ତି ରୋଦନ
କାହିଁ ଗଲୁ ବାଳକୃଷ୍ଣ ମୋ ହୃଦଚନ୍ଦନ
ମୋ ଧନ ଢଳି ଢଳି ଆସ
କୋଳ ମୋ ଶୂନ୍ୟ ପଡିଛି ଚିନ୍ତାକରେ ଗ୍ରାସ
ମୋ ଧନ ଢଳି ଢଳି ଢଳି ଆସ,,,,,,,,,

ବାହୁଡ଼ିଲେ ଗୋପ ଚାଟ ନିଜ ନିଜ ନିଡ଼େ
ଗୋଧୁଳି ଅତୀତ ହେଲା ଚିନ୍ତା ମୋର ବଢ଼େ
ମୋ ଧନ,,,,,,
ହୃଦ ଆନ୍ଦୋଳିତ ହୁଏ ରାକ୍ଷସଙ୍କ ତ୍ରାସ
ମୋ ଧନ,,,,,,,,,,,,,

ମୟୁର ଚନ୍ଦ୍ରିକା ଚୂଳ ଶ୍ରୀ ମୁଖ ଶୋଭନ
ଦୃଷ୍ଟି କା'ର ପଡ଼ିଗଲା କି ମୋ ଜୀବଧନ
ମୋ ଧନ,,,,
କି ଅମଙ୍ଗଳ ଘଟିଲା ହେଲି ମୁଁ ନିରାଶ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବିଶେଷ ବିଷୁବ ସଂକ୍ରାନ୍ତି ୨୦୧୯

ମୋ ଧନ,,,,,,,,,,,

ବଂଶୀର ସ୍ୱନ କର୍ଣ୍ଣରେ ଗୁଂଜେ ବାରମ୍ବାର

ମନ ହୁଅଇ ଚଞ୍ଚଳ ଛନକା ଅନ୍ତର

ମୋ ଧନ,,,,,

ନାଚି ଉଠେ ମୋ ଚକ୍ଷୁରେ ତୋର ମନ୍ଦ ହସ

ମୋ ଧନ,,,,,,,,,,

ମଳୟ ମରୁତ ବହେ ହୋଇ ଥିରି ଥିରି

ଅଜଣା ଭୟେ କମ୍ପଇ ଅନ୍ଧକାର ଘେରି

ମୋ ଧନ,,,,,,

ବଚନ କହୁଚି ସତ୍ୟ ଆତ୍ମା ଦେବି ଝାସ

ମୋ ଧନ ଢଳି ଢଳି ଆସ,,,

ପ୍ରମୋଦ ପ୍ରଧାନ,

ରଣପୁର ସିନ୍ଦୁରିଆ, ନୟାଗଡ଼, ୭୫୨୦୨୫,

ଭ୍ରାମ୍ୟଭାଷ–୭୦୦୮୩୩୭୮୭୩

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ବିଶେଷ ବିଷୁବ ସଂସ୍କରଣ ୨୦୧୯

# କଳାନାଗର



ଦୁଷ୍ମନ୍ତକୁମାର ମିଶ୍ର

ଯମୁନା କୂଳରେ  କଦମ୍ବ ମୂଳରେ
ବିହାର କରନ୍ତି ବନେ
ଆହେ ନାରାୟଣ ଦେବତା କଲ୍ୟାଣ
ଡାକୁଛି ଅଧମ ମନେ
ରାଧାଙ୍କ ଅଧର ରସରେ ମଧୁର
ଚନ୍ଦ୍ରବଂଶ ଚୂଡ଼ାମଣି
ମୟୂର ପୁଛିଆ କାଳୀୟ ନାଟୁଆ
ଯଶୋଦାଙ୍କ ନେତ୍ରମଣୀ
ନୟନ କମଳ ଉତ୍ପତ୍ତିର ମୂଳ
ଉଦ୍ଧାର କରନ୍ତୁ ମୋତେ
ଆହେ ପିତାମ୍ବର ଶତ୍ରୁ ଯେ କଂସର
ଗୁହାରି କରୁଛି ତୋତେ

ମାନବର ଗର୍ବ   ଦାନବର ଖର୍ବ
କରନ୍ତି ଆପଣ ପରା
ଗିରି ଗୋବର୍ଦ୍ଧନ କରେଣ ଧାରଣ
ଗୋବିନ୍ଦ ନାମଟି ସାରା
ପ୍ରଭୁ ଚକ୍ରଧର ଅଟନ୍ତି ଶ୍ରୀଧର
ବାଳିକୁ ନିଗ୍ରହ ଯଥା
ସୁଗ୍ରୀବର ହିତ ଧିବର ସହିତ
କି ବର୍ଣ୍ଣିବି ତୁମ ଗାଥା
କରୁଛି ମିନତୀ ଆହେ ଯଦୁପତି
ରକ୍ଷା କର ବଳବନ୍ତ
ଜାଣେ ନାହିଁ ଛନ୍ଦି ଗୀତରେ ମୁ ବାନ୍ଧି
ଅଧମ ଅଟେ ଦୁଷ୍ମନ୍ତ  ।

ପ୍ରଧାନ ଶିକ୍ଷକ, ଓରିଙ୍ଗା ବାଲିସାହି
ମଠକରଗୋଳା, ଢେଙ୍କାନାଳ  ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com
ବିଶେଷ ବିଷୁବ ସଂଖ୍ୟା ୨୦୧୯

# ବାଉଁଶରାଣୀ



ପୂର୍ଣ୍ଣ ଦାସ

ଢୋଲିକି ଚାଟିରେ ଗାଁ ଦୁଲୁକୁଚି
କୁହାଟ ଆଣୁଛି ଟାଣି
ଆସ ଆସ ମୋର ମାଆ ମାଉସିଏ
ଆସିଚି ବାଉଁଶରଣୀ,

ବାଉଁଶ ଅଗରେ ଘିରିଘିରି ଘୁରେ
ଜୀବନ ମୃରୁଛା ଖେଳ
ପେଟ ପାଇଁ ନାଟ କରୁଚି ଝିଅଟି
ଭୁଲି ତା' କୁଆଁରୀ ବେଳ,

ଏଇତ ଜୀବନ କେତେ ହୀନିମାନ
ପେଟ ଚାଖଣ୍ଡକ ପାଇଁ
ଜାନୁ ଯଉବନ ମୃରୁଛି ଦେଇଚି
ନିଜ ପର କିଛି ନାଇଁ,

ତୋ' ଚତୁରୀ କଥା ଭାବିଲା ବେଳକୁ
ଭାବୁଚି ପାଖରେ ଥିଲେ
ଦେଖିଥା'ନ୍ତ ନିଜେ ଭୋକରେ ପଡିଲେ
ଜୀବନ କେମିତି ଝୁଲେ, ।।

କଣ୍ଟାବଣିଆ, ଛତ୍ରପଡା
ପ୍ରୀତିପୁର, ଯାଜପୁର, ୭୫୫୦୧୩,
ଭ୍ରାମ୍ୟଭାଷ–୯୩୩୮୨୮୮୮୮୫

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com
ବିଶେଷ ବିଷୁବ ସଂସ୍କରଣ ୨୦୧୯

# ବସନ୍ତ ଆସିଛି ବୋଲି



ପ୍ରଦୀପ ବନ୍ଧ

ସକାଳର ସୁରୁଜ ଆଜି ଚିକ୍କଣ ହେଇ
ସମସ୍ତଙ୍କୁ ଛୁଇଁ ଛୁଇଁ ଚାଲିଛି
ଆଖି ମଳି ମଳି ନିଦରୁ ଉଠିଲା ଭଳି
ଦୁବ ଘାସର କଅଁଳ ପତ୍ରଟି
ଟିକି କୁଆଁଟେ କାଢ଼ିଛି ।

ବସନ୍ତ ଆସିଛି ବୋଲି ମୃଦୁ ମଳୟରେ
ସମସ୍ତ ଗଛ ପତରକୁ ଦୋହଲେଇ
ଆମ୍ବ ବଉଳର ପେନ୍ଥାରେ
କୋଇଲିର କୁହୁ କୁହୁ ତାନରେ
ବୋହି ଆସୁଛି ମିଠା ମିଠା ସ୍ୱରର ଝଙ୍କାର ।।

ବନଫୁଲ ମାନଙ୍କର ଉଚ୍ଛାଟ ଭାରି ମନୋରମ
ରାଧାଚୂଡା ଓ କୃଷ୍ଣଚୂଡା ପାଖା ପାଖି ହୋଇ
ସାଥିରେ ରପ୍ତାର ଗତିରେ ବସନ୍ତର ଚୋରା ଚଇତିରେ  ହସି ହସି
ଝୁଲି ଚାଲିଛନ୍ତି ବସନ୍ତର ମଳୟ ଝୁଲଣରେ ।।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବିଶେଷ ବିଷୁବ ସଂସ୍କରଣ ୨୦୧୯

ପାଇନ୍ ଗଛର ଉଚ୍ଚତା ସାଙ୍ଗକୁ

ଖାପ ଖୁଆଇ ସୁ ସୁ ସ୍ୱରରେ

ବୋହି ଆସୁଛି ଝାଉଁ ବଣରୁ

ମଧୁର ସଙ୍ଗୀତର ମୂର୍ଚ୍ଛନା ।

ଜୋଡି ଯାଉଁଳି ହୋଇ  ବିହାର

କରୁଛନ୍ତି ବଗ ଆଉ ବଗୁଲି

ଗାଁ ପୋଖରୀର ବୁର ଫୁଲ ଆଉ

ସାରୁ ପତର ଗହଳିରେ

ଲୁଚି କୁମ୍ଭାଟୁଆ ଆଉ ବେଙ୍ଗ ମାନଙ୍କ ସହିତ  ।।

ଗାଁ ମନ୍ଦିରରୁ ଓଁକାର ନାଦରେ ବୋହି ଆସୁଛି  ଘଣ୍ଟା ଶଙ୍ଖ ଧ୍ୱନିରେ

ସତ୍ୟ ଆଉ ପ୍ରେମର ପ୍ରଚାର

ଦକ୍ଷିଣା ପବନ ଅହଂକାର କୁ

ଉଡେଇ ନେଇ ଫୋପାଡ଼ି ଦେଉଛି

ଶୂନଶାନ ଇଲାକାରେ ।।

କାୟା ବିସ୍ତାର କରି ମଣିଷ ଜୀବନ ଆରମ୍ଭ କରୁଛି ପ୍ରଫୁଲ୍ଲିତ ମନରେ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com
ବିଶେଷ ବିଷୁବ ସଂଖ୍ୟା ୨୦୧୯

ଆଉ ଏକ ନୂଆ ଅଧ୍ୟାୟ

ଗାଁ ଗୋଡି  ମାଟିର ସମ୍ପର୍କ ସ୍ଥାପନ କରୁଛି

ଗାଡି ମଟର ଆଉ ସମସ୍ତ ଜୀବଜନ୍ତୁ ଚରାଚର ମାନଙ୍କର ଖାଲି ପାଦ । ।

ବିଲ ହିଡ ମୂଳରେ ଟେଣ୍ଟେଇ ର

ଅଣ୍ଡା ସାଙ୍ଗକୁ ଗାଈ ଗୋରୁ

ମାନଙ୍କର ହମ୍ବା ରଡ଼ିରେ

ମୂଲିଆ ମୂଲେଇ ଚାଲିଛି

କାନ୍ଧରେ ଶିକା ବାହୁଙ୍ଗି ଆଉ

କୋଦାଳ ଧରି ଖୁସି ମନରେ

ଗାଇ ଗାଇ ଗୀତ

ଧର୍ମର ପ୍ରସାର ପ୍ରଚାର ପାଇଁ

ବାଜା ଢୋଲ ଝାଞ୍ଜ କର୍ତାଳ

ସାଙ୍ଗକୁ ହରିବୋଲ ଆଉ ହୁଳ ହୁଳିରେ ଫାଟି ପଡୁଛି ପୃଥିବୀ

ବସନ୍ତ ଆସିଛି ବୋଲି  । ।

ଭଦ୍ରକ, ବାସୁଦେବପୁର

ସାନମଛୁଆଘାଇ, ରାଜଘରପୋଖରୀ

ଭ୍ରାମ୍ୟଭାଷ–୮୦୭୨୭୩୭୨୨୦

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com
ବିଶେଷ ବିଷୁବ ସଂସ୍କରଣ ୨୦୧୯

# ଗୁରୁ ଦିବସ



ନୀଳକଣ୍ଠ ସ୍ୱାଇଁ

ଗୁରୁ ଦିବସରେ love କେକ୍
କାଟିଲେ ଭାଇନା ମୋର ।
ପରମ୍ପରା ଏବେ କୁଆଡେ ଗଲାଣି
ଆପଣେ ବିଚାର କର ??
ଚନ୍ଦନ କର୍ପୂର ଅରୁଆ ଚାଉଳ
ଦୂବ ଧୂପ ଆଉ ଦୀପ ।
ଏଇମିତି ଆମେ ପୂଜା କରୁଥିଲୁ
ପିଲାଦିନେ ସବୁଜାକ ।
ହସ ବି ଲାଗିଲା ଦୁଃଖ ବି ଲାଗିଲା
ଭାଇଙ୍କର ଫଟୋ ଦେଖି ।
ପାଖରେ ତାଙ୍କର ବସି ଛନ୍ତି ପୁଣି
ଭାଉଜ ବା ତାଙ୍କ ପତ୍ନୀ !!

ସାରୁ ଖାଁ ଙ୍କର ମୋହବତେଁ ଫିଲ୍ମ
ଦେଖିଆସ ତୁମେ ଯାଇ ।
ଗୁରୁ କୁଳ ଠାରେ ନିତି ନିୟମ କୁ
କେମିତି ଭାଙ୍ଗନ୍ତି ସେହି ।
ଭାସ୍କର ଭାଇନା କେଉଁ କୁଳ ପାଖେ
ରହିଛନ୍ତି ଠିଆ ହୋଇ....
କେଉଁ ଭଳି ଶିକ୍ଷା ପାଉ ଛନ୍ତି ପିଲେ
ଆପଣେ କୁହନ୍ତୁ ଭାଇ !!
ମୁଁ କହିଲେ ପା ଖରାପ ହେଉଛି
ମୋର କହିବାର ନାହିଁ ।।

ଭୁବନେଶ୍ୱର

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com
ବିଶେଷ ବିଷୁବ ସଂସ୍କରଣ ୨୦୧୯

# ଅଭୁଲା ସ୍ମୃତି



ମହାସ୍ମିତା ଓଝା

ଭାରି ଭଲ ଲାଗେ ଜହ୍ନ ବୁଡିଗଲେ
ତମେତ ନିଇତି ଖୋଜିବ ମୋତେ
ଭାରି ଭଲ ଲାଗେ ଆଜିବି ତୁମେ
ମନ ହୃଦୟରେ ରଖିଛ ସାଇତି
କଜଳ ଆଖିର ସଜଳ ଚିଠି
ଆଖି ଆଇନାରେ ଖୋଜିଛି କେତେ
ତୁମ ପାଇଁ  ସଞ୍ଜ ନିଇତି ଜାଳେ । [୧]

ସଞ୍ଜ ସହିତ ହୃଦୟ ମୋହର
ଦିକି ଦିକି ହୋଇ ଜଳୁଛି ନିତି
ପ୍ରଥମ ଦେଖାର ପ୍ରଥମ ସ୍ମୃତି
ତୁମ ହାତଲେଖା ଗୋଲାପିଚିଠି
ତୁମ ଗାଆଁ ପାଖ ମନ୍ଦିର ପାଖେ
ମୋ ପାଇଁ ଥିଲାତ ପ୍ରଥମ ଭେଟି
ଖୋଜୁଛି ଆଜି ସେ ସ୍ମୃତି କେଉଁଠି । [୨]

ନୀରବରେ ଲୁହ ଝାରୁଛି ବସି
କିଏ ଛୁଇଁ ଦିଏ ସପନେ ଆସି
ଜହ୍ନ ବୁଡିଗଲେ ବଉଦ ଫାଙ୍କେ
ମନ ଝରକାକୁ ନିଇତି ଝାଙ୍କେ
ପହିଲି ଦେଖାର ପହିଲି ଛୁଆଁ
ହୃଦୟରେ ଆଜି ଜାଳୁଛି ନିଆଁ
ଖୋଜୁଛି ଆଜି ମୁଁ ସାରା ଦୁନିଆଁ । [୩]

ମନ ସିନ୍ଦୁକର ଚାବି ଖୋଲେ ଯେବେ
ତୁମ ପ୍ରତିଛବି ନିତି ଭାସି ଉଠଇ
ସୁଖର ସ୍ମୃତିକି କେବେ ଫେରି ଆସଇ
ଭୁଲି ମୁଁ ପାରୁନି ତୁମେ ଦେଇଥିବା
ପହିଲି ଦେଖାର ପହିଲି ଭେଟି
ଜୀବନର ସେଇ ଅଭୁଲା ସ୍ମୃତି
ପଣତେ ରଖିଛି ପକାଇ ଗଣ୍ଠି । । [୪]

ଜଗତସିଂହପୁର, ଓଡ଼ିଶା

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com
ବିଶେଷ ବିଷୁବ ସଂସ୍କରଣ ୨୦୧୯

# ସ୍ମୃତି



ସ୍ନେହଲତା ନାୟକ

ସ୍ମୃତି ତୁମେ ମୋର ଶୀତ ସକାଳର
କଅଁଳ ସୁନେଲି ଖରା ।
ଆମ ଧାନକ୍ଷେତ ଶୋରିଷ କିଆରୀ
ଅପାଶୋରା ସ୍ମୃତି ଭରା ।

ସ୍ମୃତି ତୁମେ ମୋର ଗାଁ ଚାଟଶାଳୀ
ପଣକିଆ ଅଙ୍କକଷା ।
ବାପାଙ୍କ ଆକଟ ବୋଉ ମିଠା ଗାଳି
ମିଛି ମିଛି ରାଗ ରୁଷା ।

ସ୍ମୃତି ତୁମେ ମୋର ଭୋଦୁଅ ସଞ୍ଜର
କାଗଜ ତିଆରି ନାଆ ।
କୁଆଁର ପୁନେଇ ରଜ ଦୋଳି ଗୀତ
ଅଦିନେ ଚଇତି ବାଆ ।

ସ୍ମୃତି ତୁମେ ମୋର ମାଣଓଷା ଗୀତ
ମୋ ବୋଉର ଝୋଟି ଚିତା ।
ଜେଜେ ମା'ର ଗପ ପେଡି ର ପସରା
ମୋ ବୋଉ ତିଆରି ପିଠା ।

ବାରିପଦା

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ବିଶେଷ ବିଷୁବ ସଂଖ୍ୟା ୨୦୧୯

# ମାଟିର ମୋହ



ପ୍ରମୋଦକୁମାର ପଣ୍ଡା

ରାତି ଏଠି ସ୍ୱପ୍ନ ପାଲଟନ୍ତି
ସକାଳଟା ମଧୁର ରାଗିଣୀ
ଦିନ ଗୁଡା ଆଗାମୀ ସମ୍ଭାବ୍ୟ
ପ୍ରୀତିଲଗ୍ନା ସଞ୍ଜର ରୋଷଣି
ସୂର୍ଯ୍ୟ ଆଣେ ନୂତନ ପୁଲକ
ଜହ୍ନ ଏଠି ଖୋଜେ ନୀଳ କଇଁ
ମମତାର ମଧୁଝରା ବାସ
ପବନଟା ଦିଏ ଚହଟାଇ
ଋତୁ ଏଠି ଜନ୍ମହୋଇ ମରେ
ପୁଣି ଜନ୍ମହୁଏ ବାର ବାର
ସ୍ଥାନାନ୍ତରେ ଖୋଜି ମୁଁ ପାଏନା
ଏଠି ଉର୍ଦ୍ଧି ପ୍ରାନ୍ତର କେଦାର

ଡହ ଡହ ନିର୍ମେଘ ଗଗନ
ନଈ ତୂଠେ ସଞ୍ଜ ନଇଁଗଲେ
ପଲ୍ଲୀବାଳା ନୂପୁର ନିକ୍ୱଣେ
ଚଇତାଳି ବାଆ ବହିଚାଲେ
ବିରହୀ ସେ ବଇଁଶୀର ସୂର
ଗୋଧୂଳିର ହମ୍ବା ରଡି ଧ୍ୱନୀ
ମନ୍ଦିରର ମଙ୍ଗଳ ଆଳତୀ
ବଧୂ ଫେରେ ଭିଜା ଦେହ ଘେନି
ବର୍ଷା ଧୁଆ ସଞ୍ଜ ଯେବେ ବୁଡେ
ଭେକ ରଡି କର୍କଶ ରାଗିଣୀ
ନଈଧାରେ କିଆ ଓ କେତକୀ
ଶୂନ୍ୟଗର୍ଭା ହୁଏ ସ୍ରୋତସ୍ୱିନୀ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବିଶେଷ ବିଷୁବ ସଂକ୍ରାନ୍ତି ୨୦୧୯

ରୋମାଂଚିତ କଦମ୍ବର ସ୍ପର୍ଶ
କାଦମ୍ବିନୀ ଚପଳା ଚମକ
ବଳାହକେ ପୁରିତ ଅମ୍ବର
ଭିଜା ମାଟି ଅପୂର୍ବ ମହକ

ନଈ ପଠା କାଶତଣ୍ଡି ବଣେ
ଶରତଟା କଡ ଲେଉଟାଏ
ଅଲାଜୁକୀ ଫୁଲେଇ ନଈଟା
ମୁହଁପୋତି ବହିଯାଉଥାଏ

ପାର୍ବଣରେ ଡୁବେ ଯେବେ ମାଟି
ଝରା ଶେଫାଳୀର ତୋରା ଦେହେ
ଋତୁ ଛୁଆଁ ଅଯୁତ ରୋମାଂଚ
ପ୍ରବାସୀଟା ମାଟି ମୋହେ ଧାଏଁ

ଧାନବିଲ ଲହକା କ୍ଷେତରେ
ବୁଣିଦିଏ ସୁନେଲି ଅବିର
କଙ୍କାଳଟା ପୁନର୍ଜନ୍ମ ପାଏ
ଶୁଖିଯାଏ ଲୋତକର ଧାର

ଜହ୍ନ ଯେବେ ଛେତା ପଡିଯାଏ
କୁହୁଡିର ଆବରଣ ତଳେ
ଲିଭି ଯାଉ ଯାଉ ସଞ୍ଜବତୀ
ବତାସର ନିଆଁ ଏଠି ଜଳେ

ଆମ୍ବତୋଟା ମହ ମହ ବାସେ
କୋଇଲିଟା ଛାଡଇ ରାଗିଣୀ
ବସନ୍ତର ଉଚ୍ଛନ୍ନ ଯୌବନ
କୁନ୍ଦ ଫୁଲେ ମଳୟ ଉଜାଣି

ମୁଠେ ମାଟି ଆଞ୍ଜୁଳେ ସପନ
ତା ମହକ ନିହାତି ନିଆରା
ତାଳ, ତମାଳ ଶୋଭିତ ପଥ
ଧୂଳି ଦାଣ୍ଡ ବ୍ୟସ୍ତ ଚଉତରା

ଜନ୍ମ ଏଠି ମୃତ୍ୟୁ ପୁଣି ଏଠି
ଏନ୍ତୁଡିରୁ ଅନ୍ତକାଳ ଯାଏଁ
ଜୁଇ ଏଠି ଥଣ୍ଡା ପଡୁ ପଡୁ
ଏ ମାଟିର ଆହ୍ୱାନ ମୁଁ ପାଏ

ବାଘମାରୀ, ଖୋର୍ଦ୍ଧା, ଓଡ଼ିଶା

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ବିଶେଷ ବିଷୁବ ସଂସ୍କରଣ ୨୦୧୯

# ହୃଦୟ ତୁମକୁ ଖୋଜଇ



ଭଗବାନ ବେହେରା

ସମୟଟା ଆଜି  ବେଇମାନୀ ସାଜି
ରଖିଅଛି ମୋତେ ଲୁଚେଇ
ହେ ମୋ'ର ଆତ୍ମୀୟ  ଫେରାଅନି ମୁହଁ
ଯାଅ ନାହିଁ ମୋ ଠୁ ଦୁରେଇ  ।୦ ।

ଭୁଲିନି ତୁମକୁ  ଭଲ ପାଇବାକୁ
ହୃଦୟେ ରଖିଛି ସଜେଇ
ତୁମରି ମନରୁ  ଅବା ଭାବନାରୁ
ଦିଅନାହିଁ ମୋତେ ହଜେଇ  ।୧ ।

ନିତି ମୋ'ର ମନେ  ଆସ ସବୁଦିନେ
ହୃଦୟ ତୁମକୁ ଖୋଜଇ
ତୁମକଥା ଭାବି  ନ ଦେଖିକି ଛବି
ଆଖିପତା ଲୁହେ ଭିଜଇ  ।୨ ।

ଦିନୁଦିନ ଯାଏ  ସ୍ମୃତି ରହିଥାଏ
ଖିଆଲି ମନରେ ଭାବଇ
ସେ ସମୟ ପୁଣି  ଆସନ୍ତାନି ଜାଣି
ଭାବନା ଦିଅନ୍ତି ଭୁଲେଇ  ।୩ ।

ବାରକୋଟ, ଦେବଗଡ଼, ଓଡ଼ିଶା
୭୯୮୧୦୭୩୮୮୪

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com
ବିଶେଷ ବିଷୁବ ସଂସ୍କରଣ ୨୦୧୯

# ଦେବଅଂଶୀ



ଅନୁରାଧା ମିଶ୍ର

ମୁଁ ଦେଖୁଥିଲି ସନ୍ତର୍ପଣେ
ସେ କେମିତି ପାଳଟି
ପାରିଥିଲେ ସହଜରେ
ଏତେ ଅନନ୍ୟା [୧]

ମୋ ପରି ତାଙ୍କର ବି
ତେଲ ଲୁଣର ଜଞ୍ଜାଳ
ଅସ୍ତିତ୍ୱର ଚାରିପାଖ
ରକ୍ଷଣଶୀଳତାର ପ୍ରାଚୀର [୨]

ମୋ ଠାରୁ ଶତଗୁଣ
ଶୃଂଗାର ପ୍ରିୟା ହୋଇ
କେମିତି କହୁଥିଲେ
ନିର୍ମମ ବୈରାଗ୍ୟର ଭାଷା [୩]

ଆଉ ଟିକେ ଅନ୍ତରଂଗ
ହେବାର ପ୍ରୟାସରେ
ଛୁଇଁବା ପରେ ହୃଦୟକୁ
ଜାଣିଲି ମୁଁ ତାଙ୍କର [୪]

ସେ ମୋ'ଠାରୁ ବେଶୀ
ଅସହାୟ ନାରୀଟିଏ
ମୁକ୍ତିର ଶବ୍ଦେ ପ୍ରବୋଧୁଛି
ସଂସାରକୁ ମିଛଟାରେ [୫]

ଅଳଂକାରର ଓଜନ
ଆଉ ବସ୍ତ୍ରର ଆଡ଼ମ୍ବର ତଳେ
ଦୟନୀୟ ଭାବେ ଦାହ୍ୟ
ଦେବ ଅଂଶୀର ପିତୁଳାଟିଏ [୬]

ସପନପୁର, ଦେବୀଦ୍ୱାର, ଯାଜପୁର

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com
ବିଶେଷ ବିଷୁବ ସଂଖ୍ୟା ୨୦୧୯

# ଆମ ସମୟରେ ମୋବାଇଲ୍ ନଥିଲା



ବିନୟ ମହାପାତ୍ର

ଚଷମାର କାଚ ପୋଛୁ ପୋଛୁ

ଜେଜେଙ୍କ ପାକୁଆ ଓଠରେ

ବୁନ୍ଦାଏ ହସ ଚମକି ଗଲା,

ଜେଜେମାଙ୍କୁ ଦେଖି, ଜେଜେ ଥଟ୍ଟାରେ କହିଲେ

ଆରେ ଶୁଣୁଚ, ଆମ ସମୟରେ ମୋବାଇଲ ନଥିଲା...

ଜେଜେମା-

ସତ କଥାଟିଏ କହିଲ,

କିନ୍ତୁ ସବୁଦିନ ସଂଧ୍ୟା ୫:୫୫ ମିନିଟ୍ ରେ

ମୁଁ ଯେବେ ପାଣିଗ୍ଲାସ ନେଇ

କବାଟ ପାଖରେ ପହୁଞ୍ଚେ

ଅଫିସରୁ ତୁମକୁ ଫେରିବାର ଦେଖେ ।

ଜେଜେ-

ମୁଁ ତିରିଶ ବରଷ ଚାକିରୀ କରିଲି

ହେଲେ ଆଜିଯାଏ ବୁଝିପାରିଲିନି,

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମୁଁ ଆସୁଛି ବୋଲି ଜାଣି

ତୁମେ ପାଣି ନେଇ ଆସ,

ଅବା ତୁମେ ପାଣିଗ୍ଲାସ ନେଇ

ମୋର ଅପେକ୍ଷା କରିଛ ବୋଲି

ମୁଁ ଫେରେ ତୁମ ପାଶ ।

ଜେଜେମା-

ହଁ, ଆଜିବି ମୋର ମନେପଡେ

ରିଟାୟର୍ଡ ଆଗରୁ ଯେବେ

ତୁମେ ଡାଇବେଟିକ୍ ନଥିଲ,

ମୁଁ ଯେବେ ତୁମ ମନଲାଖି ଖିରି ପରଶିଦିଏ

ତୁମେ ଟିକେ ହସିଦିଅ ଆଉ କୁହ,

ଛାଣିଛ, ଆଜି ଦି'ପହରେ ମନହେଉଥିଲା

ରାତି ଖାଇବାରେ ମିଠା ଖିରି ମିଳିଗଲେ

ସତେ କେତେ ମଜା ଆସିଯାନ୍ତା ।

ଜେଜେ-

ହଁ, ଏଇକଥା ସତ

ଅଫିସ୍ ରୁ ଫେରିଲାବେଳେ

 Magazine Downloaded from www.aahwaan.com

ଯାହାକିଛି ମନେ ଭାବୁଥାଏ

ଘରେ ପହଞ୍ଚିଲା ପରେ

ଖାଇବାକୁ ସବୁକିଛି ଠିକ୍ ଠିକ୍

ସେଇମିତି ମିଳିଯାଏ ।

ଜେଜେମା-

ତୁମର କି ମନେ ଅଛି

ବଡପୁଅ ଜନ୍ମବେଳେ,

ମୁଁ ଯେବେ ବାପଘରେ ଥିଲି,

ଯେବେ କଷ୍ଟ ଆରମ୍ଭହେଲା

ମନେମନେ ଭାବୁଥିଲି,

ତୁମେ ମୋ ପାଖରେ ଥାଆନ୍ତ ହେଲେ

ଥରଟିଏ ତୁମକୁ ଦେଖନ୍ତି ।

ଚମତ୍କାର ହେଲା,

ଅଧଘଣ୍ଟା ଭିତରେ ତୁମେ ମୋର ପାଖରେ ଥିଲ

ମୋ ମଥାରେ ହାତରଖି ଟିକିଏ ହସିଦେଲ

ଆଉ କହିଲ କିଛି ଡରନାହିଁ

ମୁଁ ତୁମ ପାଖେ ପାଖେ ଅଛି

ସବୁକିଛି ହେବ ଭଲ ଭଲ ।

 Magazine Downloaded from www.aahwaan.com

ବିଶେଷ ବିଷୁବ ସଂସ୍କରଣ ୨୦୧୯

ଜେଜେ-

ହଁ, କେଜାଣି କାହିଁକି

ସେଦିନ ତୁମକୁ ଥରେ ଦେଖିବାକୁ

ଭାରି ମନହେଲା

ସବୁକାମ ଛାଡି, ତୁମପାଖେ ଏ ଅଧମ ପତି

ତୁରନ୍ତ ହାଜର ହେଲା  ।

ଜେଜମାଆ-

ମନେଅଛି ଯେବେ କେବେ ତୁମେ

ମୋ ଆଖିରେ ଆଖି ମିଳାଇ

ଦୁଇପଦ କବିତା ଶୁଣାଇ ଦିଅ..

ଜେଜେ-

ଆରେ ହଁ,

ତୁମେ ଟିକେ ଲାଜେଇ ଯାଅ,

ତୁମ ଲାଜ ଲାଜ ମୁହଁ

ତୁମେ ହାତ ପାପୁଲିରେ ଲୁଚେଇନିଅ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବିଶେଷ ବିଷୁବ ସଂଖ୍ୟା ୨୦୧୯

ମୋତେ ଲାଗେ, ସତେ

ତୁମେ, ମୋ କବିତାକୁ ଲାଇକ୍ କରିଦିଅ ।

ଜେଜେମାଆ-

ଦିନେ ଦିପହରେ ଗରମ କଢେଇରେ

ମୋର ହାତ ପୋଡିଗଲା,

ସେଇଦିନ ସଂଧ୍ୟାରେ ତୁମେ

ବର୍ଣ୍ଣଲର ଟ୍ୟୁବ ଆଣିଥିଲ,

ଯେବେ ପଚାରିଲି,

ମୋ ହାତ ପୋଡିଗଲା ବୋଲି

ତୁମେ କେମିତି ଜାଣିଲ !

ତୁମେ ଆଶ୍ଚର୍ଯ୍ୟରେ ମୋତେ ଥରେ ଦେଖିଲ,

ଆଉ କହିଲ ମୁଁ ତ ଜାଣିନି କିଛି, କିନ୍ତୁ

ମୋତେ କାହିଁକି ଏପରି ଲାଗିଲା

ଘରେ ବର୍ଣ୍ଣଲ ସରିଯାଇଥିବ

ପୁଣି କାଳେ ଦରକାର ହେବ !

ଜେଜେମାଆ-

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com
ବିଶେଷ ବିଷୁବ ସଂଖ୍ୟା ୨୦୧୯

ଅଫିସ ଗଲାବେଳେ ତୁମେ କହିଯାଅ,

ଚାଲ ଆଜି ସିନେମା ଦେଖିବା

ବାହାରେ ଭୋଜନ କରିବା,

ଅଫିସରୁ ମୁଁ ସିଧା ହଲ ପହଞ୍ଚିଯିବି

ସେଠି ତୁମ ଅପେକ୍ଷା କରିବି ।

ଜେଜେ-

ବଡ ଆଶ୍ଚର୍ଯ୍ୟ ଲାଗେ,

ତୁମେ ଯେବେ ରିକ୍ସାରୁ ଓହ୍ଲାଅ,

ତୁମକୁ ମୁଁ ଯେଉଁ ଶାଢିରେ ଦେଖିବାକୁ ଭାବିଥାଏ

ତୁମେ ଠିକ୍ ସେଇ ଶିଢୀ ପିନ୍ଧିଥାଅ

ସତକୁହ, ମୋ ମନକଥା

ତୁମେ କେମିତି ଯେ ଜାଣିଯାଅ ?

ଜେଜେମାଆ ମୁରୁକି ହସିଲେ,

ଲାଜେଇ ଲାଜେଇ ଜେଜେଙ୍କ ହାତକୁ ଧରିଲେ

କହିଲେ- ହଁ, ଆମ ସମୟରେ ଖାଲି ପ୍ରେମ ଥିଲା

ହେଲେ ମୋବାଇଲ ନଥିଲା ।

ତୁମେ ଥିଲ, ମୁଁ ଥିଲି ଆଉ ଆମ ଭିତରେ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com
ବିଶେଷ ବିଷୁବ ସଂଖ୍ୟା ୨୦୧୯

ଗଭୀର ପ୍ରେମ ଭରିଥିଲା ।

ଆଜି-

ପୁଅ ବୋହୁ ସାଥିହୋଇ ତ ରହନ୍ତି

କିନ୍ତୁ କଥା ନୁହେଁ, ହ୍ୱାଟସପ କରନ୍ତି

ପରସ୍ପର ସ୍ନେହକମ୍ କିନ୍ତୁ ଟ୍ୟାଗ୍ ବେଶି କରନ୍ତି

ପ୍ରେମର କେମିଷ୍ଟ୍ରି ଭୁଲି କମେଣ୍ଟ ଦିଅନ୍ତି

ଲଭ୍ ଥାଉକି ନଥାଉ ଲାଇକ୍ ମାରନ୍ତି

ମିଠା ମିଠା ଥଟ୍ଟା ମଜା ସହିହୁଏନା

ସିଧା ଅନଫ୍ରେଣ୍ଡ କରନ୍ତି ।

ଆଉତ ଆଉ ପିଲାଛୁଆ ଦରକାର ନାହିଁ

କେଣ୍ଡିକ୍ରସ, ସାଗା, ଟେମ୍ପଲରନ୍ ଆଉ

ସବୁଙ୍କେ ସଫର୍ସ ଚାହାଁନ୍ତି ।

ଜେଜେ-

ଛାଡ, ଆଜି ସମୟ ବଦଳିଯାଇଛି

ଆମେ ଏବେ ଭାଇବ୍ରେଟ୍ ମୋଡରେ

ଜୀବନ ବ୍ୟାଟେରୀ ଗୋଟିଏ ଗାରରେ ଝୁଲୁଛି ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବିଶେଷ ବିଷୁବ ସଂଖ୍ୟା ୨୦୧୯

ଜେଜେମାଆ-

ସଂଧ୍ୟା ଛଅ ବାଜିଲାଣି,

ମୁଁ ଯାଏ ତୁମପାଇଁ ଚାହା ବନେଇବି

ତୁମ ଚାହାର ସମୟ ହେଲାଣି ।

ଜେଜେ-

ଆରେ, ତୁମେ କେମିତି ଜାଣିଲ,

ମୁଁ ତୁମକୁ ଏବେ ଚାହାପାଇଁ କହିଥାଆନ୍ତି

ହେଲେ, ତୁମେ ମୋର ମନକଥା କହିଦେଲ ।

ଜେଜେମାଆ ପାକୁଆ ପାଟିରେ

ଟିକିଏ ହସିଲେ ଆଉ କହିଲେ,

ଆମ ସମୟରେ ମୋବାଇଲ ନଥିଲା

ହେଲେ ମନ ପଢିବାର ଉଚ୍ଚ ଶକ୍ତିଶାଳୀ

ସିକ୍ସଥ୍ ସେନ୍ସ ଥିଲା ।

ପଟିଆ, ଭୁବନେଶ୍ୱର, ଓଡିଶା

ହ୍ୱାଟସଆପରେ ଜଣେ ଅଜଣା କବିଙ୍କର ଗୋଟିଏ ହିନ୍ଦୀ କବିତା ପଢିଥିଲି, ମୋତେ ଭଲ ଲାଗିଲା, ଆପଣମାନଙ୍କ ପାଇଁ ଓଡ଼ିଆରେ ଭାବାନୁବାଦ କରିଦେଲି । ଆଶାକରୁଛି ଭଲ ଲାଗିବ । (ସମ୍ପର୍କକୁ ଏତେ ଗଭୀରଭାବେ ବୁଝିପାରିଥିବା ସେହି ଅଜଣା କବିଙ୍କୁ ପ୍ରଣାମ ।)

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com
ବିଶେଷ ବିଷୁବ ସଂସ୍କରଣ ୨୦୧୯

# ଫଗୁଣ ସଞ୍ଜରେ...



ପ୍ରଶାନ୍ତକୁମାର ସାହୁ

କ୍ଲାନ୍ତ ଅସ୍ତାଚଳେ ଉଦାସୀ ପଲକେ
ଚାହିଁଛି ସୂରୁଯ ଦେଖ
ମଞ୍ଜୁଳା ଚିଲିକା ରଙ୍ଗେ ବିଭୁଶିତା
ଅଳସେ ଲୋଟାଏ ବକ୍ଷ ।
ଗୋଧୂଳି ଲଗନ କରେ ହୀନିମାନ
ଲୁଚାଇ ହୁଏନା କଥା
ବ୍ୟାପିଛି ସରଗୁ ମରତ ମଣ୍ଡଳେ
ଦେଇ ଜୀବନ ବାରତା ।

କିଏ କାହା ସଙ୍ଗେ କିଭଳି ସଂରଚେ
ମିଳନ ପର୍ବର ଭାବ
ଉଦାସ ଉଚ୍ଛ୍ୱାସ ବିରହ ବିଶ୍ୱାସ
ଅଛି ଯେତେ ଅନୁଭବ ।
ଫଗୁଣ ନିରତି ମନେ ଆଣେ ଭୀତି
ଯେବେ ପାଶୁ ଯିବ ଚାଲି
କେଉଁ ରଙ୍ଗ ଫୁଲ ହେବ ଝଲମଲ
ପ୍ରିୟାର ଖୋସାରେ ଝୁଲି ।
ଫଗୁଣ ରୁଷିବ ପ୍ରିୟା ବି ରୁଷିବ
ଗାଇ ଝିଙ୍କାରୀ ରାଗିଣୀ
ମନ ଝଡ଼ାଦେଲେ ଭାବନା ବହିଲେ
ହେବ ଅଦିନ ଧରଣୀ ।

ଛତ୍ରଗଡ଼, ଖୋର୍ଦ୍ଧା

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com
ବିଶେଷ ବିଷୁବ ସଂଖ୍ୟା ୨୦୧୯

# ବେସୁରା ଗୀତ...



ଅଜିତକୁମାର ସାହୁ

ଫିକା ଫିକା ଲାଗେ ଏଇ ଫଗୁଣଟା
ତୁମ ବିନୁ ପ୍ରିୟ ସାଥୀ
କେବେ ତ ପଚାର କେମିତି ବଞ୍ଚିଛି
କେମିତି ବିତୁଛି ରାତି
କେତେ ମୁଁ ଖୋଜୁଛି ଜହ୍ନ ଆଲୁଅରେ
ତୁମରି ଚୋରାପୀରତି
ଗୁଣୁ ଗୁଣୁ ହୋଇ ଲେଖୁଛି କବିତା
ଗାଉଛି ବେସୁରା ଗୀତି
ମୋର ବିନା ସିନା ତୁମେ ଗୋ ବଞ୍ଚିଛ
ସଜାଇ ରଙ୍ଗୀନ ରାତି
ମୋ ରାତି ବିତୁନି ଏଇ ଫଗୁଣରେ
ସ୍ପନ୍ଦନେ ଭରୁଛି ଛାତି
ରଙ୍ଗ ଅବିରରେ ଲେସି ହୋଇଆସ
ଛାଡ଼ିଯିବ ଗୁପ୍ତ ସ୍ମୃତି
ଅମର ହୋଇବ ଏଇ ଫଗୁଣରେ
ଆମରି ଖୋଜା ପୀରତି ।।।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବିଶେଷ ବିଷୁବ ସଂଖ୍ୟା ୨୦୧୯

# କାହାଣୀ



ହଗୁରୀ ଚଣ୍ଡୀ

ପାଳି ବଦଳରେ ବେଳ ସରିଯାଏ
ଖେଳ ଭାଂଗି ଯାଏ ଆପଣା ଛାଏଁ
ହାରିବା ଜିତିବା ଛକି ଶୁନ ଖେଳେ
ଜଣେ ହାରେ ଜଣେ ଜିତିତ ଯାଏ !!

ସବୁ ଚିହ୍ନା ମୁହଁ ଆପଣାର ନୁହଁ
ସବୁ ଆପଣାବି ଚିହ୍ନାତ ନୁହେଁ
ନିଜ ଲୋକ ଯେବେ ପର ହୋଇ ଯାଏ
ପର କେହି ଜଣେ ନିଜର ହୁଏ !!

ଆଖି ମାପେ ହୁଏ ସପନ ତିଆରି
ଦିନର ଲମ୍ବେ ହୁଏ ରାତିର ମାପ
ବିଶ୍ୱାସ ପିଉଛି ବିଶ୍ୱାସେ ଜହର
ଭାଗ୍ୟ ଗଣ୍ଠୋଉଛି ଦୁଃଖର ବୋଝ !!

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com
ବିଶେଷ ବିଷୁବ ସଂଖ୍ୟା ୨୦୧୯

ଜିତିବା ଆନନ୍ଦ ହାରିବା ଦୁଃଖର
ଚାଲିଛି ଚାଲିବ  କାହାଣୀ ଲେଖା
ସମୟ କହିବ କିଏ ସେ ଛୁଉଁଛି
କିଏ ସେ ଡେଉଁଛି କା' ସୀମା ରେଖା   ! !

ଶବ କି ଜାଣିଛି ମଶାଣୀ ଠିକଣା
ଦାହ ଦହନର କୁହୁଳା ତାତି
କାହିଁକି ଖୋଜୁଛ ହଜିବା ଠିକଣା
ଅପରିଚିତର ନିଜର ଭାବି ! !

ହଗୁରୀ ଚଣ୍ଡୀ, ହାଇଦ୍ରାବାଦ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com
ବିଶେଷ ବିଷୁବ ସଂସ୍କରଣ ୨୦୧୯

# ବନ୍ଧୁ...



ବସନ୍ତ କୁମାର
ମହାପାତ୍ର

ଯୋଜନ ଯୋଜନ ଦୂରରୁ ବି
ଦେଖିହୁଏ ଛୁଇଁହୁଏ ଅନୁଭବ କରିହୁଏ
ଶୁଣିହୁଏ ତାର ହୃଦୟର ଭାଷା...
ଶରୀରର ସୂକ୍ଷ୍ମତନ୍ତ୍ରୀରୁ ରକ୍ତକୁ ନିଗାଡି ଦେଇ
ସେ ଜାହିରି କରେ
ବାପାଙ୍କର  ସ୍ନେହ
ମା ର ମମତା
ଭାତୃତ୍ୱର ଭାବ
ସାନଭଉଣି ପରି
କେବେ ଅଝଟ ସିଏତ
ଜାୟାପରି ଅଭିମାନି
ମନେତାର ଅବଶୋଷର ବ୍ୟଥା...... ll

ଆଗମନେ ତାର ଖେଳିଯାଏ
ଆନନ୍ଦ ଲହରି
ବସନ୍ତର କୋଣେ ଅନୁକୋଣେ
ମୁଖରିତ ବନେ ଉପବନେ
ରଙ୍ଗ ଓ ଗନ୍ଧର ସମ୍ଭାର
ଖିଲ୍  ଖିଲ୍ ହସେ ତାର
ହସିଉଠେ ମନର ବଗିଚା
ଦୁର୍ଲଭ ଅମୂଲ୍ୟ ସେ ସଂପର୍କଟି
ସଙ୍ଖାକୁ ସଜାଡୁ ସଜାଡୁ
ଆକାଶ ପରିତା ଅସୀମ ପ୍ରସସ୍ତ
ପ୍ରଶାନ୍ତ ବୁକୁରେ
ମଥା ରଖି ବକିବାକୁ ଇଚ୍ଛା ହୁଏ
ଅନ୍ତରର ଅବ୍ୟକ୍ତ ଆବେଗ...... ll ll

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବିଶେଷ ବିଷୁବ ସଂକ୍ରାନ୍ତି ୨୦୧୯

ଚିନ୍ତା ଓ ଚେତନାର ଯନ୍ତ୍ରଣା ସବୁ

ନିଃସଙ୍କୋଚେ ସମର୍ପି ଦେଇ

ନିଶ୍ଚିନ୍ତ ମନେ ଜାଗେ

ଜିଜିବିଷ.

ଏଠିନାହିଁ ରକ୍ତର ସଂପର୍କ

ଅଛିକିନ୍ତୁ ରକ୍ତଜର ମୋହ

ସଜ୍ଞାହୀନ.ଜାତି.ଗୋତ୍ର.ଭାଷାହୀନ

ସେ ଏକ  ଆତ୍ମପ୍ରତ୍ୟୟ

ନିରାପତ୍ତାର ସେ ଜାଗ୍ରତ

ସତର୍କ ପ୍ରହରୀ

ନୁହେଁ ସେ ଶୂନ୍ୟ ପ୍ରତ୍ୟୟ

ଅବା ସ୍ୱାର୍ଥାନ୍ଧ ଜଲ୍ଲାଦ.... ॥ ॥

ଅଧ୍ୟକ୍ଷ, ନ୍ୟାସନାଲ୍ ପବ୍ଲିକ୍ ସ୍କୁଲ୍

କବିସୂର୍ଯ୍ୟନଗର, ଗଞ୍ଜାମ, ଓଡ଼ିଶା

ଭ୍ରାମ୍ୟଭାଷ : ୯୪୩୮୧୬୨୭୧୭

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମତଦାନ ଦେବି କେଉଁଠି



ମହେଶ୍ୱର ସାହୁ

ନିର୍ବାଚନ ଆସି, ଦେଉଛି ହଲେଇ,
ପଡିଛି ଚହଳ କେତେ ।
କଉ ଦଳ ଦେଖି, ମାରିବି ମୋହର,
ଭାବୁଥାଏ ବସି ଯେତେ ।।
ପ୍ରଚାର ଚାଲିଛି, ପ୍ରସାର ଚାଲିଛି,
ତକା ତକ ଚାଲେ ନୀତି ।
ସବୁ ଖୋଲ ତାଡ଼, ଦୂର ଦର୍ଶନରେ,
ସତେକି ଜିବେ ସେ ଜିତି ।।
ଦଳ ଦଳ ମଧ୍ୟେ, ଚାଲେ ହଣା କଟା,
ଭୋକୁଆ ଯେ ନାଗରିକ ।
ନ ମିଳିଲା ନାହିଁ, ଯୋଜନା ଦରବ,
ଅର୍ଥ ମତଦାନ ଭେକ ।।

କିଛି ତ ମିଳୁନି, ସାଧାରଣ ଲୋକେ,
ଖାଇ ଯାଏ କୁଜି ନେତା ।
ପାଇଥିବା ଲୋକ, ଦୁଇଥର ପାଉ,
ଗରିବ ଛିଣ୍ଡାଏ ଜୋତା ।।
ନିର୍ବାଚନ ଦେଖି, ନେତା ଦିଏ ଅର୍ଥ,
ବଣୀକୁ ଖୁଦ ପରାଏ ।
ପାଞ୍ଚ ବର୍ଷ ଯାକ, ନଦିଅଇ ଦେଖା,
ମଲେବି କି ତାର ଯାଏ ।।
ପରିବାର ପାଇଁ, ଶହେ ଦୁଇ ଶହ,
ନିର୍ବାଚନ ଦେଖି ଦିଏ ।
ଜିତି ଗଲେ ବନ୍ଧୁ, ଚେର ଲାଗି ଯାଏ,
କଥା ପଦେ ଭାଗ୍ୟ ହୁଏ ।।

Magazine Downloaded from www.aahwaan.com
ବିଶେଷ ନିର୍ବାଚନ ସଂସ୍କରଣ ୨୦୧୯

ଲଢାଏ ଆମକୁ, ଭାଇ ସାହି ମଧ୍ୟେ,

ସଫଳ କରେ ତା କାମ ।

ବିପଦେ ପଡିଲେ, ଡରେ ସମ୍ମାନକୁ,

ଦେଇ ଦିଏ ହରି ନାମ ।।

ଚାକିରୀ ମୁଁ ଦେବି, ଘର ମୁଇଁ ଦେବୀ,

ଦେବୀ ମୁଁ ଦାନା ଭରତା ।

ଘରଟିଏ କଲେ, ମାଗୁ ଅଛ ଟଙ୍କା,

କଳଙ୍କ ଏମିତି ନେତା ।।

କବି ଟିଏ ଲେଖେ, ସତ୍ୟ ସାଧନାର,

ଦେଶର ମଙ୍ଗଳ ବାଣୀ ।

ଲୋଡ଼ା ନାହିଁ ମୋର, କବିର ଆସନ,

ସତ୍ୟ ମୁଁ ଲେଖିଛି ଜାଣି ।।

କାହାକୁ ମୁଁ ଦେବି, ନିଜ ମତ ଦାନ,

ମୁଇଁ ଜଣେ ନାଗରିକ ।

ନିର୍ବାଚନ ବେଳେ, ହାତ ଯୋଡିଥାଅ,

ଜିତି ହୁଅ ବାବୁ ଲୋକ ।।

କଥା ଦେଇ ଯିଏ, କରିଣ ଦେଖାଏ,

ସେଇ ଯେ ପ୍ରକୃତ ନେତା ।

ନିଜ ପାଇଁ କଦା, କରେ ନାହିଁ ଚିନ୍ତା,

ତା' ପାଇଁ ମୁଖ୍ୟ ଜନତା ।।

ଗୋପୀବିନ୍ଧା, ବ୍ରାହ୍ମଣଗାଁ,

ବାଲେଶ୍ୱର (ଭଦ୍ରକ)

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ବିଶେଷ ବିଷୁବ ସଂସ୍କରଣ ୨୦୧୯

# ଧରିବି କଲମ



ଅଙ୍କିତା ପାଢ଼ୀ

ଧରିବି କଲମ,   ଲେଖିଦେବି କିଛି,
    ସେଇ ମଣିଷର ପାଇଁ  ।
ଯାହାର ହୃଦୟ,   ପଥରଠୁଁ ଶକ୍ତ,
    ବିଚାର ଟିକିଏ ନାଇଁ  ।।
ଧରିବି କଲମ,   ଲେଖିଦେବି କିଛି,
    ବୀର ସୈନିକର ପାଇଁ  ।
ତୁମେ ବୀରବର,   ସୁରକ୍ଷା ଆମର,
    ରହିଛ ସୀମାରେ ଚେଇଁ  ।।
ଧରିବି କଲମ,   ପରୋପକାରୀର,
    ଆୟୁଷ ବିକାଶ ପାଇଁ  ।
ପର ପାଇଁ ଯିଏ,   ହୋଇଣ କାତର,
    ଧାଉଁଛି ଲୋତକ ନେଇ  ।।
ଧରିବି କଲମ,  ସେଇ ନେତା ପାଇଁ,
    କରେ ଯେ ଶପଥ ରକ୍ଷା  ।
ଦେଇଥିବା କଥା, ନିଃସହାୟ ପାଇଁ,
    କରି ଯେ ଦିଏ ପରୀକ୍ଷା  ।।

ଧରିବି କଲମ,   କୃଷକର ପାଇଁ,
    ଖଟେ ଯେ ବିଲରେ ନୀତି  ।
ମଣିଷ ପେଟରେ, ଦିଏ ନିତି ଦାନା,
    ପଥର କରିଣ ଛାତି  ।।
ଧରିବି କଲମ,   ପରିବାର ପାଇଁ,
    ଖୁସିରେ ଯା ଚାଲେ ଘର  ।
ପରସ୍ପର ସ୍ନେହ,  ପ୍ରେମ ଭକ୍ତି ପ୍ରୀତି,
    ରହିଥାଏ ନିରନ୍ତର  ।।
ଧରିବି କଲମ,   ସେଇ ବୃକ୍ଷ ପାଇଁ,
    ଯିଏ ଆମ ପ୍ରାଣ ଜ୍ୟୋତି  ।
ଫଳ ପୁଷ୍ପ ପତ୍ର,   ଅମ୍ଳାନ ଭରି,
    ସବୁଜିମା କରେ ପୃଥ୍ୱୀ  ।।

ଶ୍ରେଣୀ ଷଷ୍ଠ, ଜେନିଥ ଇଂରାଜୀ ମାଧ୍ୟମିକ
ବିଦ୍ୟାଳୟ, ଗଗନ ବାବୁ ଛକ, ଏଡ଼ତାଳ, ଭଦ୍ରକ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ବିଶେଷ ବିଷୁବ ସଂସ୍କରଣ ୨୦୧୯

# ବନ୍ଧୁ



ସାଗର ପ୍ରଧାନ

ମନ ଖୋଜୁଥାଏ ମନର ମଣିଷ
କହିବାକୁ ଦୁଃଖ ସୁଖ,
କହିବା ଆଗରୁ ପଢ଼ିନିଏ ଯିଏ
ଦୂର ହୋଇଯାଏ ଦୁଃଖ ।

ପଲକେ ପଲକେ ରୂପ ତା ଝଲକେ
ମନ ବୋଲ ମାନେ ନାହିଁ,
ଗୁଣ ଗାରିମା ତା ମନେ ପଡ଼ିଯାଏ
ସଦା ତାକୁ ଝୁରୁ ଥାଇ ।

କୃଷ୍ଣ ସୁଦାମାର ବନ୍ଧୁତ୍ୱର ଗାଥା
ଆଚମ୍ବିତ କରିଥାଏ
ଦୁଇଟି ଆତ୍ମାର ମିଳନ ସେଇଠି
ଆମକୁ ଦୃଷ୍ଟାନ୍ତ ଦିଏ ।

ପାଇବାର ଆଶା ନ ଥିଲା କାହାଠୁ
ନ ଥିଲା ତ ଭେଦଭାବ,
ସମର୍ପଣ ଭାବ  ହିଂସା କ୍ରୋଧ ତ୍ୟାଗ
ଥିଲା ତାଙ୍କର ସ୍ୱଭାବ ।

ବନ୍ଧୁର ଆଖିରୁ ଲୁହ ଯେବେ ଝରେ
ବନ୍ଧୁଙ୍କୁ ଖବର ହୁଏ,
ଅଜାଣତରେ ତ ଗଙ୍ଗା ଓ ଯମୁନା
ନୟନରୁ ଝରିଯାଏ ।

ଗଂଜାମ, ଓଡ଼ିଶା

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com
ବିଶେଷ ବିଷୁବ ସଂଖ୍ୟା ୨୦୧୯

# ତବ ନାମ



ଯଶମିତା ମହାନ୍ତି

ଆସ୍ଥା ବିଶ୍ୱାସର ପ୍ରଥମ ଅକ୍ଷର

କାଳିଆ ନାମଟି ଅତ୍ୟନ୍ତ ମଧୁର

ପ୍ରଥମ ସ୍ପନ୍ଦନ ପ୍ରତ୍ୟକ ପ୍ରାଣର

ପବିତ୍ର ଆହ୍ୱାନ ତା ଖୋଲା ବାହୁ ର

ଚକା ଆଖି ଖୋଲି ପୃଥିବୀ ଦେଖୁଛ

ସାରା ଜଗତକୁ ତୁମେ ଡିଆରୁଛ

ତୁମ ପ୍ରେମେ ନାହିଁ କିଛି ପ୍ରତାରଣା

ଥରେ ମଜ୍ଜିଗଲେ ମିଳଇ ଠିକଣା

ଶେଷ ଠିକଣା ତ ତୁମେ ହିଁ ତୁମେ

ଶେଷ ଆଶ୍ରୟ ତୁମରି ଧାମେ ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com
ବିଶେଷ ବିଷୁବ ସଂଖ୍ୟା ୨୦୧୯

# ଆମେ ସବୁ ବେଲାଳସେନର କଟାମୁଣ୍ଡ



ନୂତନ କୁମାର
ବେହେରା

ଆମେ ସବୁ ବେଲାଳସେନର କଟା ମୁଣ୍ଡ ,
ଖୋଲା ଆଖିରେ ଦେଖୁଛୁ ସବୁ ସତ
ହେଲେ ଚାହିଁଲେ ବି ଖୋଲି ପାରୁନୁ ତୁଣ୍ଡ ।
ଦେଖୁଛୁ ସିଂହାସନ ଲାଗି ଟଣାଓଟରା
କୁରୁକ୍ଷେତ୍ରେ ଚାଲିଛି ତୁମୁଳ ସଂଗ୍ରାମ ,
କର୍ଣ୍ଣ ଅର୍ଜୁନ, ଭୀମ ଦୁଃସାଶନର
ଆକ୍ରମଣ ପ୍ରତିଆକ୍ରମଣ
ଚାଲିଛି ଅବିରତ ନ କରି ବିଶ୍ରାମ ।
ପ୍ରତିବାଦ କି ପ୍ରତିକାର
କରିବାର ଜୁ ନାହିଁ ଆମର ,
ଖାଲି ମୁଣ୍ଡଟେ ନେଇ ବଞ୍ଚିଛୁ
ନାହିଁ ହାତ ଗୋଡ଼ କି ଅନ୍ୟ କିଛି ଅବୟବ,
ସବୁ ତ ହୋଇଛି ବ୍ୟବଚ୍ଛେଦ
ସହଯୋଗ କରିବାକୁ
ଆଲୋଡିତ ହୁଏ ଯାହା ମସ୍ତିଷ୍କର ଭାବ ।

ରଥି ମହାରଥି ସାଥେ ପିତାମହ ଭୀଷ୍ମଦେବ
କୁରୁସେନାର ମହା ପଟୁଆର,
ମାନୀ ଦୁର୍ଯ୍ୟୋଧନର ମାନ ରଖିବାକୁ
ହୋଇ ବଶମ୍ୱଦ
ନାନା ଅସ୍ତ୍ର ଧରି ହସ୍ତେ କରନ୍ତି ସମର ।
ଧର୍ମରକ୍ଷା ପାଇଁ ବିନାଶିବାକୁ ଦୁଷ୍ଟକୁଳ
ସାରଥି ସ୍ୱୟଂ ଶ୍ରୀକୃଷ୍ଣ
କପିଧ୍ୱଜ ଅର୍ଜୁନ ରଥେ ହୋଇ ଆରୂଢ
ହୋଇଛନ୍ତି ବଚନବଦ୍ଧ ,
ନ ଧରି ନିଜେ ଅସ୍ତ୍ର ବୁଝାନ୍ତି ଶାସ୍ତ୍ର
ଗୀତାର ଦିବ୍ୟଜ୍ଞାନ ସେ ମହତବାଣୀ
ଦିଅନ୍ତି କରିବାକୁ ଉଦ୍ବୋଧନେ ଉଦ୍ବୁଦ୍ଧ ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଶୁଭେ ପଞ୍ଚଜନ୍ୟ ଶଙ୍ଖ ନାଦ ସଙ୍ଗେ
ଗାଣ୍ଡିବର ଟଙ୍କାର,
କିଏ କେତେ ବୀର ଦିଅନ୍ତି ରଣ ହୁଙ୍କାର ।
ଭାସି ଆସେ ଅଦୂରରୁ ଆହତ ନିହତ
ସଂଗ୍ରାମୀ ସୈନିକର ଆର୍ତ୍ତଚିତ୍କାର ଅନୁକ୍ଷଣ,
ବହିଯାଏ ତାଜା ରକ୍ତର ନଦୀ
ତା ସ୍ରୋତରେ ପୁତ୍ର ଲଖଣ କୁମାରର ଶବ
ଭେଳା କରି ପିତା ଦୁର୍ଯ୍ୟୋଧନ
କରେ ସନ୍ତରଣ ।
କି କରୁଣ ! ହୃଦୟ ବିଦାରକ
ସମ୍ବେଦନଶୀଳ ଦୃଶ୍ୟପଟ ,
ତଥାପି ନ ବୁଝି ନ କରି ଅନୁଶୋଚନା
କୌରବେ କରନ୍ତି ହଟ ।

ବିଭୀଷିକାମୟ ଯୁଦ୍ଧର ପରିସମାପ୍ତି ପରେ
ବେଲାଳସେନର କଟାମୁଣ୍ଡକୁ
ସାକ୍ଷୀକରି ମାଗିଲେ ନିର୍ଯାସ,
ନ୍ୟାୟୋଚିତ ଉତ୍ତରରେ ନ ହୋଇ ସନ୍ତୁଷ୍ଟ
କ୍ରୋଧଭରେ ମଧ୍ୟମ ପାଣ୍ଡବ ହସ୍ତେ କଚାଡି
କରେ ତାର ଧ୍ୱଂସ ।
ସରଳ ନୀରିହ ଜନତା ଆଜି
ରାଜନୀତି କୁରୁକ୍ଷେତ୍ରେ ନୀରବ ଦ୍ରଷ୍ଟା
ବେଲାଳସେନର କଟାମୁଣ୍ଡ ,
ପାଏନା ସେ ଶାନ୍ତି ସୁଖ
ଖୋଜି ଏ ସାରା ବ୍ରହ୍ମାଣ୍ଡ ।

କୋହି, ଗଡିଆ, ମୟୂରଭଞ୍ଜ

Magazine Downloaded from www.aahwaan.com
ବିଶେଷ ବିଷୁବ ସଂସ୍କରଣ ୨୦୧୯

# ବୁଢ଼ାର ପର ଉପକାର



ଅନାମଚରଣ ସାହୁ

ସୂରୁଜ କିରଣ ଜାଳଇ ପରାଣ
ଆସିଲା ନିଦାଘ କାଳ
ରାସ୍ତାଘାଟ ଏବେ ଶୂନଶାନ ଦିଶେ
ନ ଦିଶଇ ମୁଣ୍ଡ ମାଳ ।

ଏମନ୍ତ ସମୟେ ବୁଢା ଲୋକଟିଏ
ଜରୁରୀ କାମେ ତାହାର
ପାଖ ସହରକୁ ଯାଉଥିଲା ଭାଇ
ବେଗେ ହୋଇ ତରତର ।

ଦେଖେ ଚଲାପଥ ନ ଦିଶଇ ଗଛ
ମୁଣ୍ଡ ହୁଏ ଝାଇଁଝାଇଁ
ରାସ୍ତା ଘର ପାଇଁ ବଳି ପଡିଛନ୍ତି
ନିଜର ପରାଣ ଦେଇ ।

ଦୁଃଖରେ ତାଙ୍କର ଜଳିଲା ହୃଦୟ
ଅଶ୍ରୁଧାର ଯାଏ ବୋହି
ବିଶ୍ରାମ ନେବାରେ ଅସୁବିଧା ଭୋଗେ
ନ ମିଳିଲା କାହିଁ ଛାଇ ।

ବହୁତ କଷ୍ଟରେ ପହଞ୍ଚି ସହରେ
ଆପଣା କାମକୁ ସାରି
ଫେରିଲା ତୁରିତେ ଚାରା ଆଣି ସାଥେ
ହୃଦୟରେ କୋହ ଭରି ।

ବଳ ହଜିଲାଣି ନେଲାଣି ମେଲାଣି
ମୁଣ୍ଡ ଝାଳ ତୁଣ୍ଡେ ମାରି
ରାସ୍ତା କଡେ କେତେ ଚାରା ଲଗାଏ ସେ
ପରିଶ୍ରମେ ଥରି ଥରି ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବିଶେଷ ବିଷୁବ ସଂକ୍ରାନ୍ତି ୨୦୧୯

ଏହି କଥା ଦେଖି ତା'ର ଯୁବା ନାତି
ନିଜ ସାଙ୍ଗସାଥି ଧରି
ଲାଗିଗଲା କାମେ ସ୍ନେହୀ ଅଜା ସାଥେ
ମନରେ ଉତ୍ସାହ ଭରି ।

ଲୋକେ ଏହା ଦେଖି ବାଃ ବାଃ କହି
ବୁଢାକୁ ମଞ୍ଚେ ବସାଇ
ନାହିଁ ଫଳ ଆଶ ଅବା ଲୋଡା ଯଶ
ପର ଉପକାର ପାଇଁ ।

ଚାରା ଦିନେ ବଢି ମହାଦ୍ରୁମ ହୋଇ
ହୁଅଇ ପକ୍ଷୀଙ୍କ ଘର
ଉଷ୍ମ ତପନରେ ଛାଇ ଦେଇଥାଏ
ନ ଭାବି ଆପଣା ପର ।

ଏହିପରି ଆମେ ଭଲ କାମ କଲେ
ଦୁନିଆରେ ବଡ ହେବା
ଜାତି ଗଉରବ ମହୀରେ ବଢିବ
ଦେଶକୁ ଆଗେଇ ନେବା ।

ଅନାମ ଚରଣ ସାହୁ
ବିଭୂତିପୁର, କାକଟପୁର, ପୁରୀ
ମୋ-୯୯୩୭୨୧୦୨୭୦

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com
ବିଶେଷ ବିଷୁବ ସଂସ୍କରଣ ୨୦୧୯

# ତୁମ କଥା ଭାବେ ଖାଲି



ସୁଜ୍ଞାନ କୁମାର କହଁର

ବଙ୍କିମ ଭ୍ରୁଲତା ନଚାଇ କି ଯେବେ
ହସିଦିଅ ଖିଲଖିଲି ।
ମୋ ହୃଦୟେ ସୃଜେ ନବ ଉନ୍ମାଦନା
ତୁମ କଥା ଭାବି ଖାଲି ।।
ହସର ପସରା ମେଲାଇଛ ତମେ
ମୁଁ ଯେ ଗ୍ରାହକ ସାଜିଛି ।
ପାରନ୍ତି ଯଦି ମୁଁ ତୁମର ହସରୁ
ନେଇଥାନ୍ତି କିଣି କିଛି ।।
ହସିଦେଲେ ମୁହିଁ ଲାଜେଇ ଯାଅ ଯେ
ଲାଜରେ ମୁହଁ ଲୁଚାଅ ।
ଚୁନିଟି ମୁହଁ ରେ ଲାଜରେ ଢାଙ୍କିଣ
ଗୋପନରେ ହସୁଥାଅ ।।
ତୁମ ହସ ମୋତେ ପୁଷ୍ପବାଣ ପରି
ବିଦ୍ଧ କରେ ହୃଦୟରେ ।
ହସିହସି ଖାଲି ମୋ ମନ ମୋହିଲ
ପଡ଼ିଲି ତୁମ ପ୍ରେମରେ ।।

ଯେବେ ବି ଏକାକୀ ମୋତେ ତୁମେ ଦେଖ
ପ୍ରେମର ସଙ୍କେତ ଦିଅ ।
ସୁଯୋଗ ଦେଖିଣ ବିଜନ ବେଳାରେ
'ଭଲପାଏ' ବୋଲି କୁହ ।।
କହି କି ପୁଣି ଯେ ଲାଜେଇ ଲାଜେଇ
ମୋ ପାଶୁ ଯାଅ ଦୂରେଇ ।
ଲାଗେ ସତେ ତମେ ଚହଲା ପାଣିରେ
ଗୋଡ଼ ଦେଇଛ ବୁଡ଼େଇ ।।
ଭାବେ ବାରବାର ସତ୍ୟ ନା ସପନ
ତଥାପି ମୁଁ ଅନିଶ୍ଚିତ ।
ହସରେ ହସରେ ଭଲପାଏ ବୋଲି
କହି,କରିଛ ମୋହିତ ।।

ଶିକ୍ଷକ, ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ,
ଦେଶୁଘାଟି

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ବିଶେଷ ବିଷୁବ ସଂଖ୍ୟା ୨୦୧୯

# କୁଆଡ଼େ ଗଲେଣି ହଜି



ଡଃ ସୁବାସ ମିଶ୍ର

ତୁମ ହସ ପ୍ରିୟେ ଲାଗୁଛି କିମିତି
ମୋନାଲିସା ହସ ପରି,
ତୁମ କଥା ଲାଗେ ରହସ୍ୟମୟ ଗୋ,
କିଏ ବା ବୁଝିବ ପାରି !

ଆଖି ଦିଓଟିର ଭାଷା ତ ଅବୁଝା
କେମିତି ବୁଝିବି କୁହ,
ତୁମ ରୂପ ସିନା ଅପରୂପ ଅଟେ
(ମୋ ପାଇଁ) ମାୟାପୁରୀ ଦୁରୁବହ ।

ତୁମେ ଅଟ କି ଗୋ,ରାକ୍ଷସପୁରୀର
ବନ୍ଦିନୀ ସେ ରାଜକନ୍ୟା,
ଅବା ସରଗର କେଉଁ ଅପସରୀ
ହୃଦେ ମୋ ଛୁଟାଅ ବନ୍ୟା !

ତୁମ ପ୍ରେମ,ତୁମ ଆପଣାପଣ ତ
ରହସ୍ୟଘେରା ଅଂଧାର,
ଦରାଣ୍ଡଇ ସେହି ଅନ୍ଧାରରେ ମୁଁ ଯେ
ଦିନରାତି ଅବିରଳ ।

ଭଲପାଇବାକୁ,ଆପଣାପଣକୁ
ବୁଲୁଅଛି ଖୋଜିଖୋଜି,
ତୁମେ ଅଛ; କିନ୍ତୁ ସେ ସବୁ କୁହତ
କୁଆଡେ ଗଲେଣି ହଜି ?

ଶିମିଳିପଡା,ଅନୁଗୁଳ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com
ବିଶେଷ ବିଷୁବ ସଂଖ୍ୟା ୨୦୧୯

# କବିତା ଖାତା



ରୀତା ଅପରାଜିତା
ମହାନ୍ତି

ସବୁଦିନ ମୁଁ ମତେ ଖୋଜେ
ଖୋଜା ଶେଷ ରେ ମୋର ନିରାଶା ହିଁ ହାତ ଲାଗେ ।
ହଜିଲା ପିଲା ଦିନ
ଢେଉ ଢେଉକା
ମୋ ମନର ଅନେକ ସ୍ୱପ୍ନ
ଫଗୁଣ ବା ବତାସର ସ୍ୱପ୍ନ
ଆଜି ଆଉ ମିଳେନି ତା ପତ୍ତା
ସରୁ ଗୋଲାପୀ ଓଠର ଅନେକ ଭାଷା
ଆଜି ଭାରି ଶବ୍ଦହୀନ
ସତ ରେ ଭାରି ଶବ୍ଦହୀନ.......
ଝିପି ଝିପି ବର୍ଷା ରେ ମୁଁ ଓଦା
ହେଲେ ମୋ ଦେହରେ ଭାରି ତାତି
ମୁଁ ଚାହିଁ ରହେ ଦାଣ୍ଡରାସ୍ତା କୁ
କାହାର ଆସିବାର ଶବ୍ଦ
ଚପଲ ବା ଯୋତା ଓହ୍ଲେଇବାର ଶବ୍ଦ ମୋ କାନ ଟା ଅପେକ୍ଷା କରିଥାଏ
ସତେ ଯେପରି..... ? ? ? ? ?

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବିଶେଷ ବିଷୁବ ସଂକ୍ରାନ୍ତି ୨୦୧୯

ଆଜିଭାରି ଇଚ୍ଛା ହୁଏ

ନିଜେ ଉଡିଯିବାକୁ ପବନର ସାଥେ ସାଥେ

ମୋ କଥା ତୁମ କଥା ଟିକେ କହି

ପୁଣି ଓହ୍ଲାନ୍ତି ଧରା କୁ

ମୋ କବିତା ଖାତା

କେତେଦିନରୁ ଖାଲି ପଡ଼ିଛି

କଲମରୁ ଶ୍ୟାହି ଶୁଖିଆସିଲାଣି

ବେଳେବେଳେ ମତେ ଲାଗେ

ମୁଁ ନିଜେ ଗୋଟେ କବିତା ଖାତା

ମୋ ଦେହରେ ଲେଖା ମମତା, ପ୍ରେମ, ଯଂତ୍ରଣା, ବିରହ ,ଦୟା ଅନେକ ରଙ୍ଗର କବିତା

କେଜାଣି ଏ ଅସ୍ତରଙ୍ଗ

କବିତା ପଢି କିଏ ବୁଝିବ ତା ସାରମର୍ମ...... ? ? ? ?

ମୋ ଆଖିର ଚମକ

ମୋ ଅସ୍ଥିର ବେଦନା

ମୋ ଲୁହର ମର୍ମ

ବେଦନା ର ଅର୍ଥ

କିଏ କଣ ବୁଝିପାରିବ

ମୋ ଆଖିର ଏଇ ଲାଜୁଆ ଭାବ

ଯଦି କେବେ ଧରାପଡ଼େ କାହା ଆଖିର ଡୋରରେ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com
ବିଶେଷ ବିଷୁବ ସଂକ୍ରାନ୍ତି ସଂଖ୍ୟା ୨୦୧୯

ମୋ ହୃଦୟର ସ୍ପନ୍ଦନ

ଯଦି କେବେ ବାଧା ପାଏ

କାହା ଦ୍ରାଘିମା ରେ

ତାହେଲେ ହୁଏତ

ଜୀବନର ଧାଁ ଦଉଡ଼

ଜୀବନ ଟା ସରିଯିବ

ମୋ ଖାତାରୁ ପୃଷ୍ଠା

ସବୁ ସରି ସରିଗଲେ ।

ପ୍ଲଟ ନ-୮୩(ସି), ଭୁବନେଶ୍ୱର-୨୧, ମୋ : ୯୩୩୮୫୮୪୮୫୭

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବିଶେଷ ବିଷୁବ ସଂଖ୍ୟା ୨୦୧୯

# ହେ ବର୍ଣ୍ଣନାକାରୀ



କୁମାର ଲୋକେଶ

ଅନନ୍ତ ପୁରୁଷ ଶ୍ରୀକ୍ଷେତ୍ର ବାସୀ ମୋ
ପାଦ ତଳେ ନମସ୍କାର
ତମ ରୂପ ପ୍ରଭୁ ଜାଣି ନାହିଁ କିଛି
ଏତିକି ଗୁହାରୀ ମୋର,
ଦେଖିପାରୁ ନାହିଁ ବର୍ଣ୍ଣକୁ ତମର
କେମିତି ଆଙ୍କିବି କୁହ
ଆଖି ବୁଜି ଦେଇ ବର୍ଣ୍ଣନା କରିଲେ
ଗଳି ପଡେ ଆଖି ଲୁହ,

ଦେଖା ଦିଅ ଥରେ ବର୍ଣ୍ଣନାକାରୀ ହେ
ନୀଳଚକ୍ର ଗିରିଧାରୀ
ଚିତ୍ର ଆଙ୍କି ଆଙ୍କି ଶରଧା ମନରେ
ତମ ପୁର ଯିବି ହରି,
ରୋକିବନି ମୋତେ କଷ୍ଟ ଦେଇକରି
ଏତିକି ପ୍ରାର୍ଥନା ପ୍ରଭୁ
ପାଦତଳେ ତମ ବର୍ଣ୍ଣନା କରିକି
ଜୀବନର ଦୀପ ଲିଭୁ,
ବର୍ଣ୍ଣନାକାରୀ ମୋ ଶ୍ରୀକ୍ଷେତ୍ରର ବାସୀ
ଏତିକି କରିଥା ଦୟା
ରୂପଠୁ ତମର ଦୂରରେକି ରଖ
ନଲାଗୁ ମୋ ଠାରେ ମାୟା ।

ଢେଙ୍କାନାଳ, ଗୋରଡାପାଳ, ୨୯୮୧୩୧୦୨୧୯

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com
ବିଶେଷ ବିଷୁବ ସଂସ୍କରଣ ୨୦୧୯

# ବୁଢ଼ା ବଳଦ



ଅବିନାଶ ବେହେରା

ମୋତେ କିଏରେ କରିବ ନିଜର,
ଭାବିଲେ ଲାଗୁଛି ଡର,
ମୋଠାରେ ନାହିଁ କାହାର ନଜର,
ମୁଁ ଅଲୋଡ଼ା ସଭିଁଙ୍କର ।
ରୋଜଗାର ନାହିଁ ବୋଲି ମୋହର
ହୁଏ ଅଣଦେଖା ସମାଜର,
କାମରେ ଆସେନା ମୁଁ ଲୋକଙ୍କର,
ତେଣୁ କରିଥାନ୍ତି ହତାଦର ।
ବଳବୟସ ଥିବା ସମୟର,
କଥା କହୁଛି, ଶୁଣ ଏଥର...
ଅଭାବ ନ ଥିଲା ମୋ ଯତ୍ନର,
ମିଳୁଥିଲା ଅତି ସୁଆଦର ।

କରୁଥିଲି ଯେବେ ରୋଜଗାର,
ମିଳୁଥିଲା ମୋତେ ଅଗ୍ରାଧିକାର ,
ହେଉଥିଲି ମୁଁ ଲୋଡା ସଭିଁଙ୍କର,
ଭଲ ଥିଲା ମୋ ପାଇଁ ବ୍ୟବହାର ।
ଆସୁଥିଲି କାମେ ନିତି ଦିନର,
ଏବେ ନାହିଁ ଦେହରେ ବଳମୋର,
ଅପେକ୍ଷା କରିଛି ବାଟ ମୃତ୍ୟୁର,
ଜାଣି ପାରିଲଣି କଥାଟି ମୋର ।
କହୁଛି କିଏ ରେ ମୁଁ..... କୁହ ଏଥର,
ମୁଁ ପରା ବୁଢ଼ା ବଳଦ ତୁମ ଘରର....

ସଂସ୍କୃତ ଶିକ୍ଷକ,
ବାକରତଳା ସରକାରୀ ଉଚ୍ଚ ବିଦ୍ୟାଳୟ,
ମୟୂରଭଞ୍ଜ ।
ଭ୍ରାମ୍ୟଭାଷ:୯୯୩୮୩୩୪୭୨୫

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com
ବିଶେଷ ବିଷୁବ ସଂଖ୍ୟା ୨୦୧୯

# ଅସ୍ଥିର



ମନୋଜ କୁମାର ପ୍ରଧାନ

ମନଟା ଅସ୍ଥିର ଧନ ବି ଅସ୍ଥିର
ମୁଣ୍ଡ ସ୍ଥିର ହେବା କଷ୍ଟ
ଜୀବନ ଅସ୍ଥିର ଯୌବନ ଅସ୍ଥିର
ଅସ୍ଥିରେ ହେଲିଣି ନଷ୍ଟ,,

ଦୁଃଖ ବି ଅସ୍ଥିର ସୁଖ ବି ଅସ୍ଥିର
ଅସ୍ଥିର ବହୁଛି ବାଆ
ନିଶ୍ୱାସ ଅସ୍ଥିର ବିଶ୍ୱାସ ଅସ୍ଥିର
ଅସ୍ଥିରେ ଚଳୁଛି ନାଆ,,

ସାହାସ ଅସ୍ଥିର ରାହାସ ଅସ୍ଥିର
ଅସ୍ଥିର ମୋପାଇଁ ବିଶ୍ୱ
ଭାବ ମୋ ଅସ୍ଥିର ରାଜ୍ୟ ମୋ ଅସ୍ଥିର
ଅସ୍ଥିରେ ହେଲିଣି ନିଃସ୍ୱ,

ବେଳ ତ ଅସ୍ଥିର ଖେଳ ବି ଅସ୍ଥିର
ଅସ୍ଥିର ହେଲାଣି ହାତ
ବଳ ବି ଅସ୍ଥିର ଥଳ ବି ଅସ୍ଥିର
ଅସ୍ଥିର ସର୍ବଦା କାତ,,

ମଳୟ ଅସ୍ଥିର ବଳୟ ଅସ୍ଥିର
ଅସ୍ଥିର ହେଉଛି ମଥା
ଭିଡ଼ ବି ଅସ୍ଥିର ନିଡ଼ ବି ଅସ୍ଥିର
ଅସ୍ଥିର ହେଲାଣି କଥା,,

ବ୍ରଜରାଜ ପାଟଣା, କଟିକଟା, କଟକ
ଭ୍ରାମ୍ୟଭାଷ: ୯୯୨୩୧୯୨୮୭୩୭

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବିଶେଷ ବିଷୁବ ସଂସ୍କରଣ ୨୦୧୯

# ପ୍ରଭୁଙ୍କ ସହ ଏ ଜୀବନ



ରାମପ୍ରସାଦ ସିଂହ

ଜୀବନ ଅଟଇ  ଏକ ଶୁଷ୍କ ପତ୍ର
ନାହିଁ ଟିକିଏ ଅସ୍ତିତ୍ୱ,
ସାଗରିତ ରଶ୍ମୀ  ସ୍ଥାପିତ ଚିତ୍ରତା
ବାସଇ  ମଧୁର ତତ୍ୱ ।।
ପୋଥିତ ଭାବର  ସଂସ୍କାର ପଠାଏ
ନିୟତି କର୍ମର ଠାବ,
ଅସରାଏ ପୂର୍ଣ୍ଣତା  କହେ ସ୍ୱରରେ
ମଲ୍‌ହାର  ଛବିର ନାଙ୍ ।।
ବାଷ୍ପ ଭ୍ରମିତ ଏଇ  ଜୀବନ ଆସେ
ସମସ୍ୟା ଚରିତ ବିନ୍ଦୁ,
କୁହୁକ ଜ୍ୱାଳାରେ  ସାନ୍ତ୍ୱନା ହସେ
ଗ୍ରହଣ ସ୍ତଂବିତ ଇନ୍ଦୁ ।।
ଆଚରଣ ବିଦ୍ଧି  ହୁଏ ସାଧୁନୀତି
ଏଇ ଉଷ୍ମ ଜୀବନରେ,
ଶାଳୀନତା ରସ  ହୁଏ ପୁଣ୍ୟମତି
ଏଇ ମନ ସାଗରରେ ।।

ଲିଖିତ ଉପାସନା  କରେ ଜୀବନ
ଆତ୍ମା ରୂପରେ ପାଲଟି,
ପରମବ୍ରହ୍ମଙ୍କ  ଭାବର ଆଇନା
ଖେଳେ ଶରୀରେ ଚଇତି ।।
ପ୍ରିୟତା ଢ଼ଳେ  ପ୍ରଭୁଙ୍କ ଶ୍ରୀଚରଣେ
ଏଇ ଯୁକ୍ତ ଜୀବନର,
ସମର୍ପଣର ଭାବ  ପ୍ରକାଶ ଛୁଟେରେ
ପାଇ ତାଙ୍କୁ ଆପଣାର ।।
ନିର୍ମଳ ତଥ୍ୟ  ଅଟଇ ଏ ଜୀବନ
ଭକ୍ତି ହୁଅଇ ରହସ୍ୟ,
ପ୍ରଭୁଙ୍କ ସହିତ  ସମ୍ପର୍କ ସ୍ଥାପନା
ଆତ୍ମିୟତା ହିଁ ଅବଶ୍ୟ ।।

ସୁକରପଡ଼ା, କଟକ
ଭ୍ରାମ୍ୟଭାଷ : ୯୫୭୪୫୭୦୫୬୪

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com
ବିଶେଷ ବିଷୁବ ସଂସ୍କରଣ ୨୦୧୯

# ଫରୁଆରେ ଫଗୁଣ



ସସ୍ମିତା ମିଶ୍ର

ଫଗୁଣରେ

ତୁ ଆସିଥିବୁ

ଆସି ଫେରିଯାଇଥିବୁ

ପଛଘୁଞ୍ଚା ଦେଇ

ଏଠି ଆକାଶର ରଙ୍ଗ

ହରଦମ୍ କଳା

ପବନର ରଙ୍ଗ

ଧୂସର

ଧରାର ରଙ୍ଗ ଛଡେଇ ନବାକୁ

ମନ୍ତ୍ରୀମାନେ

ଯନ୍ତ୍ରୀମାନେ

କାନତରାଟି ବାବୁମାନେ

ମୁହୂର୍ତ୍ତକୁ ମୁହୂର୍ତ୍ତ

ଜାଗୃତ

ପାହାଡ଼ରେ ଖଞ୍ଜା ହୁଏ ଡିନାମାଇଟ

ବଡବଡିଆଙ୍କ ଗ୍ରାନାଇଟ ପାଇଁ

କ୍ଷତାକ୍ତ ହୁଏ ତାର ଛାତି

ଆର୍ତ୍ତ ଚିତ୍କାର କରେ ସିଏ

ଅଜଣା ରାସ୍ତାରେ ଅପରିଚିତର ଦୁର୍ଘଟଣା

କିଏ ଶୁଣେ

ଚୁଲ୍ ବୁଲ୍ ବନାନୀ ରାତାରାତି

ଶୋଇଯାଏ ,ନୀରବହୋଇଯାଏ

ତଣ୍ଡ ଦେଇ

ମନ୍ତ୍ରୀ ଯନ୍ତ୍ରୀ ତନ୍ତ୍ରୀଙ୍କୁ

ବଡ଼ଲୋକ କରୁଥିବା

ବିଲ୍ଡ଼ର ଭସ୍ମାସୁର ସ୍ପର୍ଶରେ

କେଉଁଠି ଭରିବୁ ରଙ୍ଗ

ଗଛରେ, ଫୁଲରେ

ଦେହରେ, ମନରେ

ଛିଃ ଛିଃ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com
ବିଶେଷ ବିଷୁବ ସଂଖ୍ୟା ୨୦୧୯

ଏ. ତ କଂକ୍ରିଟ ଧରା
ଏନୁହେଁ ହରା ଭରା
ଏଠି ଫଗୁଣ ଆସେ
କର୍ପୋରେଟରଙ୍କ ଆଦେଶରେ
ସବୁଜ ଭୁବନେଶ୍ୱର ନାରାରେ
ରାତାରାତି
ସବୁଜ ହୁଏ
ରାସ୍ତାକଡ
ଛକମୋଡ
ଦୋକାନବଜାର
କାନ୍ଥ ବାଡ଼
ସେ ସବୁଜ ନିଏନି ବିଷ
ଦିଏନି ଅମୃତ
କାଗଜ କଲମରେ ବଂଚନ୍ତି
ଗଛମାନେ
ବଡହୁଅନ୍ତି
ମରିଯାଆନ୍ତି
ସୃଷ୍ଟି ହୁଏ ସବୁଜିମା
ଏ ସବୁଜ ସହରରେ ଫଗୁଣ

ଅସମୟରେ ଅଜାଗାକୁ
ଅନୁପ୍ରବେଶ ତୋର
ଆଇମା ର ଗପ ପରି
ସାତତାଳ ପ୍ରସାଦ
ପ୍ରାସାଦ ଗର୍ଭରେ ଅନେକ କୋଠରୀ
କୋଠରୀରେ ଶୀତତାପ ଯନ୍ତ୍ର
ସେଇ ଫରୁଆରେ ତୋର ଜୀବନ
ବନ୍ଧା ପଡିବ ପୂର୍ବରୁ ଫେରିଗଲୁ
ଖୁବଭଲକଲୁ
ମୁଁ  କିନ୍ତୁ ଚାହିଁ ବସିଥିଲି ତତେ
ମୋ ଦିଙ୍ଫୁଟିଆ ବାଲକୋନିରେ
ପକ୍ଷେ କାଳ ଭିତର ବାହାରହୋଇ
ଶେଷରେ ମିଳିଲା ମନକୁ
ତୋର ପ୍ରତ୍ୟାଗମନର ଖବର
ତୁ ଅଶ୍ୱସ୍ତି ହେଲୁନି
ଏଇ ବୋଧରେ
ମୁଁ ଆଶ୍ୱସ୍ତ ହେଲି

ମହାନଦୀ  ବିହାର ମହିଳା ମହାବିଦ୍ୟାଳୟ, କଟକ,
ଭ୍ରାମ୍ୟଭାଷ : ୯୦୭୮୫୭୯୬୧୨

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com
ବିଶେଷ ବିଷୁବ ସଂସ୍କରଣ ୨୦୧୯

# ସମାଜ ଅବସ୍ଥା



ନିତ୍ୟରଞ୍ଜନ ନନ୍ଦ

ଚିତାକଟା ନେତାଙ୍କୁ ଫିତାକଟା ମନ୍ତ୍ରୀ
ତଣ୍ଟିକଟା ଡାକତରକୁ ଅଣ୍ଟିକଟା ଯନ୍ତ୍ରୀ ।।
ବଟିଖିଆ ପୁଲିସିକି ଲୁଟିଖିଆ ଚୋର
କାହାକୁ ଧରିବ ଏଠି ତୁମେ ଧର ।।
ପିଠିକଟା ବ୍ଲାଉଜ୍‌କୁ ଚୁଟିକଟା ଝିଅ
ରେଣା ଲୁଚୁଛି ବାରେଣା ଦିଶୁଅଛି ଦେହ ।।
ପେଞ୍ଚମରା କିରାଣୀକି ଲାଞ୍ଚୁଆ ସାହିବ
କାହାକୁ ଏଠି ତୁମେ କ'ଣ କହିବ ।।
ତୁଣ୍ଡିଦିଆ ଜନତାକୁ ସ୍ୱାର୍ଥପର ନେତା
ବାହାପିଆ ବକ୍ତାଙ୍କୁ ହାପିଆ ଶ୍ରୋତା ।।
ନେବାଳିଆ ପ୍ରସାଶକ ଦେବାଳିଆ ସଂସ୍ଥା
ଅଖ ଢିଲା ଚକ ଢିଲା ଶାସନ ବ୍ୟବସ୍ଥା ।।
କାହାରି ଉପରେ କାହାର ନାହିଁ ଏଠି ଆସ୍ଥା
ଏଇ ହେଲା ଆଜି ଆମ ସମାଜ ବ୍ୟବସ୍ଥା ।।

ଡି.ଏଲ.ଏ-୧୨, ଭି.ଏସ.ଏସ.ନଗର
ଭୁବନେଶ୍ୱର-୭୫୧୦୦୭, ମୋ-୯୪୩୭୧୭୮୪୨୪

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com
ବିଶେଷ ବିଷୁବ ସଂସ୍କରଣ ୨୦୧୯

# ଫଗୁଣ



ସୁଧାଂଶୁ ଶେଖର ଜେନା

ତମେ ଆସ ଥିରି ଥିରି

ଜଗତକୁ ପଲ୍ଲବିତ କରି

ସାଥେ ଥାଏ ମୃଦୁ ମଳୟ ।

ସେଇ ମଳୟ ର ମହୁଲିପବନ

ଆଲ୍ହାଦିତ କରେ ତନୁ ମନ ।

ଉଲ୍ଲାସିତ ପୁରବାସୀ ଆଜି

ପଲ୍ଲବିତ ହେବେ ସର୍ବରାଜି ।

କି ! ମଧୁର କି ! ସୁନ୍ଦର କୋକିଳର କୁହୁ କୁହୁ ଗାନ

ନିଃଶବ୍ଦ ନିର୍ଜନ ବନାନୀ ରେ କୃଷ୍ଣଚୂଡ଼ା ଝଡ଼ିବାର ସ୍ୱନ । ।

ଭାରି ମଜା ଲାଗେ ଫଗୁଣ ର ପହିଲି କିରଣ

ଫଗୁ ସହ ନାଚ ଗୀତ ଅଉ ମେଳଣ ।

ସବୁଠୁ ବଢ଼ିଆ ପୁଣି ସନ୍ଧ୍ୟା ର ମାଦକତା

ସଭିଙ୍କ ମନରେ ଆଣେ ନୂଆ ଉନ୍ମାଦତା । ।

କେତେଦିନ ପରେ ପୁଣି ଆସିଯାଏ ହୋଲି

ରାଧା କୃଷ୍ଣ ଗୋପି ସଙ୍ଗେ ଖେଳୁ ଥାନ୍ତି ଦୋଳି ।

ପିଠା ପଣା ସଙ୍ଗେ ଗାଏ ଗୋପାଳ ଓଗାଳ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବିଶେଷ ବିଷୁବ ସଂକ୍ରାନ୍ତି ୨୦୧୯

ଫୁଲ ପଲ୍ଲୀ ପୁରି ଉଠେ ହୋଇ ମାଳ ମାଳ । ।

ଶିଶୁ ର ଓଠରେ ଆଜି ଖିଲି ଖିଲି ହସ

ବର୍ଷକର ପାଠ ସାରି ନଉଛି ଉସାସ ।

ସାଙ୍ଗ ସାଥି ମେଳେ ଯାଏ ମେଳଣ କୁ ବୁଲି

ମନେ ଭାବି ଗଡ଼ ଗୋଟେ ଜିତି ଗଲା ବୋଲି । ।

ବାଃ ବାଃ ରେ ଫଗୁଣ ତୋ ଏତେ ଅଛି ଗୁଣ

ସଭିଙ୍କ ମନରେ ରଖୁ ଖୁସି ଛ ଗୁଣ । ।....

- - ସୁଧାଂଶୁ ଶେଖର ଜେନା

ଓଡିଶା ଆଦର୍ଶ ବିଦ୍ୟାଳୟ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ବିଶେଷ ବିଷୁବ ସଂସ୍କରଣ ୨୦୧୯

# ବୋଉଲୋ ପଦ୍ମ ଘୁଞ୍ଚି ଯାଉଚି



ସୁରେଶ କୁମାର ପରିଡ଼ା

ବୋଉଲୋ, ପଦ୍ମ ଘୁଂଚି ଘୁଂଚି ଯାଉଛି,
ହାତ ପାହାନ୍ତା ରେ ବାସ୍ନା ପରସ ରେ
ସ୍ୱପ୍ନ ରାଜି ବୁଣି ଦେଉଛି,
ଆଣ୍ଠୁଆଣି ପାଣି ପାଦ ଥାପିଥିଲି
ଏବେ ତ କମର ଧରୁଛି,
ବୋଉଲୋ, ପଦ୍ମ ଘୁଂଚି ଘୁଂଚି ଯାଉଛି,

ଆଶା ଅସୁମାରୀ କବଳିତ ପ୍ରାଣ
ଯେତେ ତା ନିକର ହେଉଛି,
ନୟନର ତୀରେ ମୃଗ ତୃଷ୍ଣା ମରେ
ସବୁ ନିର ପରି ଦିଶୁଛି,
ବୋଉଲୋ, ପଦ୍ମ ଘୁଂଚି ଘୁଂଚି ଯାଉଛି,

ସ୍ତମ୍ଭିଭୂତ ପାଦ ହସ୍ତର ଆବେଗ
ନାକ କାନ ବୁଡି ଯାଉଛି,
କୁମ୍ଭୀର ପିଠିରେ ପଦ୍ମଖେଳୁଥାଏ
ହସ୍ତ ବଢ଼େଇଲେ କି ପାଉଛି,
ବୋଉଲୋ,ପଦ୍ମ ଘୁଂଚି ଘୁଂଚି ଯାଉଛି,

ସାଲୁଣି, ଚମ୍ପତିପୁର, ନୟାଗଡ଼,
ଭ୍ରାମ୍ୟଭାଷ : ୮୦୦୮୦୧୬୩୧୬

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com
ବିଶେଷ ବିଷୁବ ସଂସ୍କରଣ ୨୦୧୯

# କାହାପାଇଁ...



ଚିନ୍ମୟ ଶୁଭ୍ରାଂଶୁ

ଆଖିରେ ଆଖିଏ ଚଞ୍ଚଳତା
ମନରେ ଆଞ୍ଜୁଳାଏ ଚପଳତା
ହୃଦୟ ରେ ଭାବର ବିହ୍ୱଳତା
ହେଲେ ଏହା କାହା ପାଇଁ.... ? [୧]

ହୃଦୟରେ ଏ ପ୍ରସନ୍ନତା
ଆଖିରେ ସେ ଉତ୍ସୁକତା
ପୁଣି ଓଠ ରେ ସେ ନୀରବତା
କିନ୍ତୁ ଏହା କାହା ପାଇଁ.... ? [୨]

ଆଖିରେ ସେ ଅଶ୍ରୁର ଧାରା
ହୃଦୟରେ ସେ କେଉଁ କୋହ ଭରା
ମନରେ ନାହିଁ ଶାନ୍ତିର ଧାରା
କିନ୍ତୁ କାହା ପାଇଁ..... ?

ବୋଧ ହୁଏ ଏହା
କେବଳ ଓ କେବଳ ତୁମ ପାଇଁ..... । । [୩]

ଗ୍ରାମ/ପୋ: - କୁଆମରା
ଥାନା - ଖୁଣ୍ଟା, ଜିଲ୍ଲା - ମୟୂରଭଞ୍ଜ, ୭୫୭୦୭୭
ଦୂରଭାଷ - ୯୭୭୬୦୫୦୬୬୭

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ବିଶେଷ ବିଷୁବ ସଂଖ୍ୟା ୨୦୧୯

# ପାହାଡ଼ି ଝରଣା



ରାହାସ କୁମାର ବେହେରା

ମହୁଲର ଝାରେ ଝାରେ ଫୁଲେଇ ଝରଣା
କୁଳୁ କୁଳୁ ଗୀତ ଗାଏ ହୋଇ ବାଟ ବଣା ।
ଦେହ ବାସେ ମିଠା ମିଠା ମନ ଆନମନା
ଲମ୍ବିଛି ପାହାଡ଼େ ଦେଖ ରୁପାର ଗହଣା ।
ରୂପବତୀ ଗୁଣବତୀ ଚିର ଯଉବନା
ଷୋଡସୀ ତରୁଣୀ ବାଳା ଅପୂର୍ବ ସୁଷମା ।
ଅପରୂପା ଆକର୍ଷଣ ଫୁଲେଇ ମାନିନୀ
ପାଦର ପାଉଁଜି ଖଞ୍ଜି ଚିତ୍ତ ମତ୍ତ ଜିଣି ।
ନିର୍ମଳ ଶୀତଳ ଜଳ ଅମୃତର ଧାରା
ଆକର୍ଷଣେ ପଥଚାରୀ ଦେଖୁଛି ନିଆରା ।
ମିଠା ଜଳ ଦାନ କରେ ପଶୁ ପକ୍ଷୀ ପ୍ରାଣେ
ଜୀବନ୍ୟାସ ଗିରିସମେ ନିଘଞ୍ଚ ଅରଣ୍ୟେ ।

ଟପ ଟାପ ଶବ୍ଦ ତାଳେ ମାଦଳ କମ୍ପିଲେ
ମହୁଲି ନିଶାରେ ଝୁଲେ ଡଙ୍ଗରିଆ ଭଲେ ।
ଝରଣାର ପାଣି ପିଇ ଧାଙ୍ଗଡା ଧାଙ୍ଗଡୀ
ମୁଣ୍ଡେ ନାଇ ବୁଲୁଥାନ୍ତି କୋରେଇର କଢୀ ।
ମଧୁକାଳେ ମନୋରମ ପ୍ରକୃତି ଅବୟେ
ସ୍ନାହାନ କଲେ ଲାଗଇ ଅମୃତ ପରାୟେ ।
ପେନ୍ଥା ପେନ୍ଥା ଶାଳ ଫୁଲ ଗଭାରେ ନାଇଣ
ଶୋଭା ଦେଖେ ଭୂଆସୁଣୀ ଆଇନା କରିଣ ।
ଭାବୁକ ମନ ତୋ ପାଖେ ରହିଛି ଅଟକି
ଭାବନାରେ ପ୍ରତିଛବି ଆଙ୍କେ ସେ ନିରୀଖି ।
କି ସୁନ୍ଦର ମନୋରମ ପ୍ରକୃତି ନନ୍ଦିନୀ
ଦରଶନେ ଆତ୍ମ ତୃପ୍ତି ହୃଦୟ ବାନ୍ଧବୀ ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବିଶେଷ ବିଷୁବ ସଂଖ୍ୟା ୨୦୧୯

ପରଦେଶୀ ମନ ମୋର ବନ୍ଧା ଯେ ପଡିଛି
ତୋ ଭଲ ପାଇବା କେତେ ଆନନ୍ଦ ଦେଉଛି
ଆହ୍ଲାଦିନୀ ରୂପ-ଝର ଝର ଝର ନିତି
ଗାଉଛି ପ୍ରୀତିର ଶବ୍ଦ ଅଭୁଲା ସେ ସ୍ମୃତି ।
ପ୍ରକୃତି ନିୟମେ ବନ୍ଧା ମିଳନ ପିଆସୀ
ମିଶିଯାଉ ସୁନା କ୍ଷେତେ ତୁହି ହସି ହସି ।
ହୃଦୟରେ ଘରକରି ରହିଛି ତୋ ପାଶେ
ସ୍ମୃତିରେ ଉକୁଟେ ଆଭା ପ୍ରତିଟି ନିଶ୍ୱାସେ ।
ଅପୂର୍ବ ଆତିଥ୍ୟ ସତେ ଲାଗୁଛ ନିଜର
ବିଦାୟେ ଚୁମୁଛି କରି ଶତ ନମସ୍କାର ।

ବାଲ୍ୟମ୍ବା, ଢେଙ୍କାନାଳ :୭୫୯୦୧୫
ମୋ:୯୪୩୮୧୧୪୩୬୮

ଆହ୍ୱାନ ଇ-ପତ୍ରିକା

ବିଶେଷ ବିଷୁବ ସଂସ୍କରଣ ୨୦୧୯

# ଆସିଲା ମଧୁମୟ ବସନ୍ତ



ଅଜୟ କୁମାର ବେହେରା

ଶୀତର ପ୍ରକୋପ ବଇରୀ ସାଜିଲା
ଦୁଃଖ ଦେଇ ଲୁହେ ସେ ଭିଜେଇ ଦେଲା ।।
ଆସିଲା ମଧୁମୟ ବସନ୍ତ ଋତୁ
ମଳୟ ବହିଲା ଯେ ତାହାରି ହେତୁ ।।
ହସେ ଧରା ଫୁଲର ମହକେ ପରା
ଚାରିଆଡେ ଦେଖ ଫୁଲର ପସରା ।।
କୋଇଲି ଗାଏ ଗୀତ ମଧୁର ସ୍ୱରେ
ପୁରପଲ୍ଲୀ ଫାଟେ ଘଣ୍ଟ ପାଟୁଆ ରେ ।।
ଘରେ ଘରେ ହରିନାମ ସଂକୀର୍ତ୍ତନ
ଭରି ଯାଏ ଖୁସିରେ ସଭିଙ୍କ ମନ ।।
କୁଆଁରୀ ମନରେ କେତେ ଆଶା ଜାଗେ
ମନ ଜାଣି ସିଏ ସତେ ବର ମାଗେ ।।
ଧନ୍ୟ ମହିମା ସତେ ପ୍ରଭୁ ତୁମର
ତୁମ ବିନା ନାହିଁ ସ୍ଥିତି ସଂସାରର ।।

ମୋରଡ଼ା, ମୟୂରଭଞ୍ଜ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ବିଶେଷ ବିଷୁବ ସଂଖ୍ୟା ୨୦୧୯

# ହେ ଅତୀତ



ରୀତା ମଲ୍ଲିକ

ହେ ଅତୀତ ଫେରିଆସ ଥରେ
ହଜିଯିବି ତୁମ କୋଳେ
ଅତି ଆନନ୍ଦରେ ।
ତୁମ ସାଥେ ଥିବେ ନିଶ୍ଚେ
ପିଅର ମୋହର
ଗେହ୍ଲାରେ ସେ ଡାକୁଥିବେ,
ମାଆ'ବୋଲି ମୋତେ
ସେ ଡାକରେ ଭୁଲିଯିବି,
ହୃଦୟର ବ୍ୟଥା ।
ସ୍ନେହମୟୀ ଜନନୀର
ସରାଗ ସମ୍ଭାର
ତା' ଅମୃତ ପରଶରେ
ଭୁଲିଯିବି ନିଜକୁ ମୁଁ
କିଛି କ୍ଷଣ ପାଇଁ
ସବୁତ ନିଜର ଥିବେ
ନଥିବ ଏ ରୁକ୍ଷ ବର୍ତ୍ତମାନ

ପିତା ମାତା,ଭାଇ ଆଉ
ଭଗିନୀଙ୍କ ମଧ୍ୟେ
ପୂରିରହିଥିବେ ତହିଁ
ଜ୍ଞାନ୍ତିପରିଜନ ।
ପିଲାଦିନ ଧୂଳିଖେଳ
ତୁମ ସଙ୍ଗେ ଆସିଥିବ ଫେରି
ସାଙ୍ଗସାଥୀ ମେଳେ ଯହିଁ
କଟିଯିବ ଦିବସ ରଜନୀ ।
ଫେରାଇ ଦିଅଗୋ ମତେ
ମୋ ପିଲା ଦିନକୁ
ମାମୁଁ ଘର ବାଲିତଣ୍ଡା,
ସେ ଝାଉଁବଣକୁ ।
ଯେଉଁଠାରେ କବାଡି ଓ
ବୋହୂଚୋରୀ ଖେଳର ଆସର,

ଆହ୍ୱାନ ଇ-ପତ୍ରିକା

ବିଶେଷ ବିଷୁବ ସଂଖ୍ୟା ୨୦୧୯

ଅଜାଙ୍କର ମିଛରାଗ

ଆଈର ସେ କଅଁଳିଆ ଡାକ

ସେ ଡାକରେ ଭରିଥିବ

ଶ୍ରଦ୍ଧା ଆଉ ବାତ୍ସଲ୍ୟର ଭାବ ।

ସବୁକିଛି ମନେପଡେ ଆଜି

ହୃଦୟଟା ଫାଟି ହୁଏ,

ଖଣ୍ଡବିଖଣ୍ଡିତ ।

ଏ ମୋର ପ୍ରିୟ ଅତୀତ,

ଥରେ ତୁମ ଝଲକ ଦେଖାଅ

ଥିବ ଯହିଁ ଆତ୍ମୀୟତା

ଆପଣାର ସବୁ

ଜଣକର ପାଇଁ ଯହିଁ

ଅନ୍ୟଜଣେ କାନ୍ଦେ

ନାହିଁ ତହିଁ ମିଥ୍ୟା ଅଭିନୟ ।

ହେ ଅତୀତ

ତୁମ କୋଳେ ପାଇଛି ମୁଁ

ବିନା ସ୍ୱାର୍ଥେ ଭାବର

ଆଦାନ ପ୍ରଦାନ

ଅକୁଣ୍ଠିତ ହୃଦୟରୁ

ମନଭରି ପ୍ରେମ ।

ଏ ସବୁକୁ ବର୍ତ୍ତମାନେ

ଖୋଜିଛି ମୁଁ କେତେ

ହେଲେ ନିରାଶାର ଅନ୍ଧକାରେ

ମନ ଖାଲି ଝୁରେ ।

ଥରେ ତୁମେ ଫେରିଆସ

ହେ ମୋର ପ୍ରିୟ ଅତୀତ

ସଙ୍ଗେ ତୁମ ନେଇଆସ

ହଜିଲା ଆନନ୍ଦ ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com
ବିଶେଷ ବିଷୁବ ସଂଖ୍ୟା ୨୦୧୯

# ମୁଁ ଆଜି କେଉଁଠି



ଅମିତ କୁମାର
ପ୍ରଧାନ

ଖୋଜିଲି ମୁଁ ମାତା କୋଳେ
ପିତାର ଗର୍ବରେ
ପ୍ରେମିକାର ଅଧରରେ ତା ଚଞ୍ଚଳ ଚକ୍ଷୁରେ
ମୋ ଭଉଣୀର ରାକ୍ଷୀରେ, ତା କାତୁର ଅବସ୍ଥାରେ ସାହସ ଭାବରେ
ମୋ ସାଙ୍ଗଙ୍କର ଖଟିରେ, ଚା ମୁଢ଼ି ମିକ୍ସଚର ପାର୍ଟିରେ
ମୋ ଶତ୍ରୁଙ୍କର ଭୟରେ, ତହୁଁ ଜାତ କ୍ରୋଧରେ
ବିଶ୍ୱାସ ଘାତକର ଛଳନାରେ,ଈର୍ଷାଳୁଙ୍କ ଅସହାୟତରେ
ଖୋଜୁଛି ଖୋଜୁଛି ପାଉନି ନିଜକୁ
ବୋଧେ ମୁଁ ନାଇଁ ଏଇ ଦୁନିଆରେ ।
ଦେଖିଲି ମୁଁ ମୋ ରୁମ ସଜଡ଼ା ହୋଇଛି
ଚପଲ-ପ୍ୟାଣ୍ଟ-ସାର୍ଟ-ବହି ଠିକ ଠିକ ଜାଗାରେ ରହିଛି
ମୋ ଖାତାର କାଗଜରେ ଲାଗିନି କଲମର କାଳି
ମୋ ଡାଏରୀ ଉପରେ ଜମିଛି ଇଞ୍ଚେ ମୋଟ ଧୂଳି
ମୋ ପୋଷା କୁକୁର ଟଙ୍କି କଣ ପାଇଁ ସୁଖିଯାଇଛି
କଣ ଗୋଟେ ହରାଇବାର ବାସ୍ନାକଁ ତା ନାକରୁ ଉହୁଙ୍କି ଉଠୁଛି
ମୋ ଅଳସୁଆ ପୁଅ ବ୍ଲକ୍ ଅଫିସ କାହିଁ ଦୌଡୁଅଛି

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବିଶେଷ ବିଷୁବ ସଂଖ୍ୟା ୨୦୧୯

ସେ ଆଉ ଗାର୍ଲସ କଲେଜ ଆଗରେ ଖଟି କରୁନାହିଁ

କ୍ରିକେଟ ଖେଳୁନାହିଁ କି ସ୍ପୋର୍ଟସ ବାଇକ ପାଇଁ ଲବି କରୁନାହିଁ

ସେ କୁକୁର ଏବେ ଏଗାରଟା ପୂର୍ବରୁ କାହିଁକି ଉଠୁଛି

ସେ କଣ ଏତେ ଜଲଦି ମାନିନେଲା

ତା ବାପ ମରିଯାଇଅଛି ।

ଲୋ ପ୍ରିୟା,

କୁଆଡ଼େ ଗଲା ତୋ ବେଣୀରୁ ସେ ମୋହିନୀ ବାସ୍ନା

ତୋ ଚନ୍ଦ୍ର ମୁଖରୁ କାହିଁ ନିଷ୍ପ୍ରଭଲୋ ଜ୍ୟୋସ୍ନା

ତୋ ଦୁଇ ହାତ ଆଜି କାହିଁ ଏତେ କି ହୁଗୁଳା

ଯାହା ଦିନେ ମୋତେ ଭିଡ଼ି ଅବଶ କରିଦେଉଥିଲା

ହେଲେ ଆଜିବି ତୋ ଚୁଲୁବୁଲି ଆଖି ଅପଲକେ ବାହାରକୁ ଚାହିଁଛି

କିନ୍ତୁ ସେ ଆଖିରେ ମୁଁ ଫେରିବାର ବ୍ୟଗ୍ରତା ନାହିଁ

ବୋଧେ...

ସେ ମାନି ନେଇଛି...

ମୋର ଆଉ ଫେରିବାର ନାହିଁ ।

ଚରିତ୍ରହୀନା ! ମୋତେ ଆଉ ଭଲ ପାଉନାହିଁ ।

ଓଡ଼ିଆ ବିଭାଗ (ସ୍ନାତକୋତ୍ତର)

କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଓଡ଼ିଶା, କୋରାପୁଟ

ଭ୍ରାମ୍ୟଭାଷ : ୮୯୧୭୪୩୯୯୩

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com
ବିଶେଷ ବିଷୁବ ସଂସ୍କରଣ ୨୦୧୯

# ଝାପ୍ସା ଅତୀତ



ଜିତେନ୍ଦ୍ର କୁମାର
କହଁର

ତୋଠୁ ଏବେ ତ
ଅନେକ ଦୂରରେ ମୁଁ
ସେ ସମୟର ଦୂରତ୍ୱ ବି ଢେର ଅଧିକ
ଯେଉଁ ସମୟର କାନ୍ଥରେ ତୁମ ଆଉ ମୋ ଚିତ୍ର ଚିତ୍ରିତ
ତଥାପି ଆଖି ଆଗେ
ଜୁଆର ପରି ଭାସିଆସେ କାହିଁ ସେ ଝାପ୍ସା ଝାପ୍ସା ଅତୀତ ।

ଭୁଲିବି ଅଭୁଲା ଅନେକ କିଛି
ଅଜାଣତେ ସାଇତା ଅନେକ ସ୍ମୃତି
ନ ଚାହିଁଲେ ବି ମନେ ପଡେ
କାରଣ ବୋଧହୁଏ ସେ ସମ୍ପର୍କ ଭାଙ୍ଗିନି
ଭାଙ୍ଗିବି ଯୋଡ଼ିହୋଇ ରହିଛି
ହୃଦୟର କେଉଁ ଏକ ଶୁନଶାନ୍ ନିଭୃତ କୋଣରେ ।

କାହାର ଏ କ୍ରନ୍ଦନର ସ୍ୱର
ଭାରି ଚିହ୍ନା ଚିହ୍ନା ଭାରି ଆପଣାର
ଅହରହ ପ୍ରତିଧ୍ୱନିତ ହୁଏ କର୍ଣ୍ଣେ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବିଶେଷ ବିଷୁବ ସଂକ୍ରାନ୍ତି ୨୦୧୯

ଜାଣିବି ନ ଜାଣିବାର ଅଭିନୟ କରିଚାଲେ କାରଣ

ସେ କ୍ରନ୍ଦନର ସ୍ୱର ଆଉ କାହାର ନୁହେଁ ନିଜ ଅବୁଝା ମନର□

ଆଖି ସାମ୍ନାରେ ଯେ ଦେଖିଛି

ତାସର ଘର ପରି ଉଜୁଡ଼ି ପଡୁଥିବା ଆମ ସମ୍ପର୍କକୁ

ସାଇତିବାକୁ ଅନେକ ଚେଷ୍ଟା କରିବି ପାରିନି

ଲୁହକୁ ଲହୁକରି ସ୍ୱାଭିମାନକୁ ବଳିଦେଇ

ତୋରି ପାଖରେ ଆକୁଳ ଅନୁରୋଧ ସବୁ ପାଣିର ଗାର ସାଜିଛି ।

ସତେ ଫୁଲ ବି

କଣ୍ଟାର ରୂପ ନେଇପାରେ

ଭଲପାଇବା ବି ଘୃଣାରେ ପରିଣତ ହୋଇପାରେ

ହଁ କାରଣ ନିଜେ ମୁଁ ଅସହାୟ ମୂକସାକ୍ଷୀ ତା'ର

ନିଜ ହାତରେ ଗଢିଥିବା ଅନେକ ବାଲିଘର

ଢେଉରେ ମିଶିବା ପରି ତୋ ମୋ ସମ୍ପର୍କ ଆଜି ନିରୁଦ୍ଦିଷ୍ଟପ୍ରାୟ ।

ଭୁଲିବାର ଚେଷ୍ଟା ବି

ସମୟର ସ୍ରୋତରେ ବାରମ୍ବାର କରିଛି

ହଁ ଆଗପରି ଏ ଆଖି ଆଉ ଗୁମୁରି କାନ୍ଦୁନି

କିନ୍ତୁ ତଥାପି ଏ ହୃଦୟ ତତେ ଭୁଲିବି ପାରୁନି

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବିଶେଷ ବିଷୁବ ସଂକ୍ରାନ୍ତି ସଂଖ୍ୟା ୨୦୧୯

ନା ଅତୀତକୁ ଛାଡି ପାରୁଛି ନା ଆଗକୁ ବଢିପାରୁଛି

ସେଇ ଝାପ୍ସା ଝାପ୍ସା ଅତୀତରେ ବେଳେବେଳେ ବଞ୍ଚିବାକୁ ପଡୁଛି ।

ମନେପଡ଼େ ଅନେକ କିଛି

ଛାତିତଳେ କବରିତ ସାଇତା ସ୍ମୃତି

ହେଲେ ଯେଉଁ ସ୍ମୃତି ଯେଉଁ କଥା ଦିନେ ଖୁସିର କାରଣ ଥିଲା

ଆଜି କେବଳ ଲୁହ କଷ୍ଟ କୋହରେ ବନ୍ଦୀ..

ସ୍ମୃତିପଟକୁ ଆସେ କିନ୍ତୁ ଏକୁଟିଆ ଆସେନି

ହସ ବଦଳରେ ଲୁହ ଖୁସି ବଦଳରେ କୋହ ନେଇ ଆସେ ।

ଆଜି ଅନେକ ବର୍ଷପରେ

ଝାପ୍ସା ଝାପ୍ସା ଅତୀତରେ ପୁଣି ଜୀବନ୍ତ ତୁମେ

ବିବେକର ବିରୋଧ ପରେ ବି ଖିନଭିନ ହୋଇ

ଏଣେତେଣେ ପଡ଼ିଥିବା ସ୍ମୃତି ସବୁକୁ ସାଉଁଟିବାକୁ

ବୃଥା ଚେଷ୍ଟାକରି କେବଳ ସାଉଁଟେ କିଛି କଷ୍ଟ କିଛି ଯନ୍ତ୍ରଣାକୁ ।

ଭାଗିଦାର କରିପାରେନି

କଷ୍ଟକୁ ଆଉ କାହା ସହ କାରଣ

ସେଇ ହସରେ ବି ତୁମେ ଥିଲ

ଆଉ ଆଜି ଏଇ କଷ୍ଟରେ ବି ତୁମେ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବିଶେଷ ବିଷୁବ ସଂଖ୍ୟା ୨୦୧୯

ବୋଝ୍ ଉତାରିବାକୁ ଚେଷ୍ଟାକରେ
କଲମରୁ କବିତାକୁ ଭାବନାରୁ ଗଳ୍ପକୁ
ଯନ୍ତ୍ରଣାକୁ ଟିକିଏ ବିଶ୍ରାମ ଦେବାକୁ... ।

କେବେପାରେ କେବେ ତ ପାରେନା
ବେଳେବେଳେ ହାତ କ'ଣ ନିଶ୍ୱାସ ଅଟକିଲା ପରି ମନେହୁଏ
ତଥାପି ଖୋଜିବାକୁ ଚେଷ୍ଟାକରେ ଯନ୍ତ୍ରଣାର ଜୁଇ ଭିତରେ
କୁନି ହସଟିକୁ ନୂଆ ଜୀବନଟିକୁ
ହାରିବାର ଠିକଣାରେ ଜିତିବାର ଖୋଜିବାକୁ... ।

ବିତିଯା'ନ୍ତା କି ଅନେକ ବର୍ଷ କ୍ଷଣକରେ
ଝାପ୍ସା ଅତୀତ ବି ବିସ୍ମୃତିର ରୂପ ନିଅନ୍ତା
ନା ମନେପଡ଼ିବାକୁ କିଛି ଥା'ନ୍ତା
ନା କେବେ ଅତୀତକୁ ସାଉଁଟିବାକୁ ପୁଣି ପଡ଼ନ୍ତା
ହେଲେ ବିଡ଼ମ୍ବନା ବୋଧହୁଏ
ଜଳିବାକୁ ଅଛି ପ୍ରତି ମୁହୂର୍ତ୍ତରେ ସେଇ
ଝାପ୍ସା ଝାପ୍ସା ଅତୀତରେ.... ଝାପ୍ସା ଝାପ୍ସା ଅତୀତରେ ।

କଲାଡ଼ି, ଫୁଲବାଣୀ, ଓଡ଼ିଶା

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com
ବିଶେଷ ବିଷୁବ ସଂଖ୍ୟା ୨୦୧୯

# ଉତ୍କଳମାତା



ଚିତ୍ତରଞ୍ଜନ ସାହୁ

ତୁ ସେହି ଉତ୍କଳ !  !

ଯା' କୋଳେ ବଢ଼ିଛି, ଗଢ଼ିଛି ଯା' କୋଳେ ଘର ।

ଉତ୍କଳ ଜନନୀ,

ଓଡ଼ିଆର ପ୍ରାଣ ତତେ କୋଟି ନମସ୍କାର  !

ତୋହରି ଗରଭୁ ,

କେତେ ମହାବୀର ଜନମିଛି ଦେଶ ପାଇଁ ।

ଜୀବନ ଦେଇଛି,

ଜୀବନ ନେଇଛି ଆମ ମାଟି ମା' ପାଇଁ ।

ଓଡ଼ିଆ ଜାତିର

ଜୀବନ ମାଆ ତୁ, ତୁହି ଅଟୁ ପ୍ରାଣବିନ୍ଦୁ ।

ତୋହରି ଚରଣ

ଯୁଗଳ ଧୋଉଛି ସଦା ଏହି ମହାସିନ୍ଧୁ ।

ପୂର୍ବରୁ ପଶ୍ଚିମ,

ଉତ୍ତରୁ ଦକ୍ଷିଣ ସର୍ବତ୍ର ତୋ ଶୋଭାଥାଏ ।

ଧନୀ ହେଉ ଅବା

ହେଉ ସେ ଗରିବ ଓଡ଼ିଆ ମୋ ଜାତି କୁହେ ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବିଶେଷ ଉତ୍କଳ ଦିବସ ସଂଖ୍ୟା ୨୦୧୯

ଆଜିର ଦିନଟି

ଉତ୍କଳ ଦିବସ ତୋର ନାମ ସୁମରିଣ

କରୁଛି ଶପଥ !

ଭଲ କାମ କରି ରଖିବି ମା' ତୋର ନାମ ।

ଚିର ବନ୍ଦନୀୟ !

ଚିର ପୂଜନୀୟ ! ଚିର ଶୋଭନୀୟ ! ତୁହି ।

ପ୍ରାତଃ ଦିବା ସନ୍ଧ୍ୟା,

ନିଶି ସର୍ବତ୍ରରେ ନିର୍ମଳ ତୁ ମହାମାୟୀ ।

ତୋ ଗାନ ବନ୍ଦନା,

ତୋ ପାଦପୂଜନ ସଦା କରେ ମୋର ମନ ।

ହେ ମାତା ଉତ୍କଳ !

ଓଡ଼ିଆର ପ୍ରାଣ, ଧନ୍ୟ ! ମାତା ତୁହି ଧନ୍ୟ ।

ଚିତ୍ତରଞ୍ଜନ ସାହୁ

ସିଙ୍ଗିରି ଆଳି କେନ୍ଦ୍ରାପଡା

ଇମେଲ୍ : schittaranjan93@gmail.com

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com
ବିଶେଷ ବିଷୁବ ସଂସ୍କରଣ ୨୦୧୯

# ସ୍ମୃତି ଓଡ଼ିଆ ୨୦୧୯



ଶିବାଶିଷ ନାଏକ

ସ୍ମିତହସ ତାଙ୍କ ଭାବନାର ସ୍ତୁପ
ଧିର ମନ୍ଥର ଯେ କହିବାର ରୂପ
ବୁଣିଦେଇଛନ୍ତି କବିତାର ଗୁଚ୍ଛ
ତା ସଙ୍ଗେ ଗଳ୍ପ ଆଉ ମନର ସିନ୍ଧୁକ ।୧ ।

ଅଶ୍ୱ ପରି ତାଙ୍କ ମନର ଭାବନା
କାମନାର ସିଏ ଏକ ଠିକଣା
ସର୍ବ କାର୍ଯ୍ୟେ ଯେ ଦିଏ ଯୋଗଦାନ
ସେ ଆପଣାର
ଅଶୋକ ଭାଇ ନାମ ।୨ ।

ଶୀତଳ ଜଳର ବୁନ୍ଦା ପରି
ନିଷ୍ପାପ କୋମଳମତି ତାହାରି
କ୍ଷୁଧା ଅସମ୍ଭାଳ ମନ ପ୍ରବୃତ୍ତି
କବିତା ଲେଖିବା ବୃତ୍ତି ଜାଣନ୍ତି
କେବେ ତୁମେ ଅଛ
ପାଣି ବୋତଲ
ମିଠା କଥା ଯେ ଲାଗେ ମଧୁର ।୩ ।

ଅମୃତ ବଚନ ଅମୃତ ଧାରା
ବିଶ୍ୱ ଜୀବନେ ଏକ ହି ଧାରା
ଚଲାପଥ ତାଙ୍କ ଅମୃତ ମୟ
ଆପଣାର ସେ
ଅମିତ ଭାଇ ଜାଣ ।୪ ।

ହସ ହସ ମୁଖ
ଆଦରର ପାତ୍ର
ଆପଣା କରିବା
ତାଙ୍କ ଗୁହ୍ୟ ମନ୍ତ୍ର
କେବେ ମିଛ ରାଗ
କେବେ ହାସ୍ୟାସ୍ୱଦ
ସଭିଙ୍କ ସାହାଯ୍ୟେ ତାଙ୍କ ମନ ଭାବ ।୫ ।
କେବେ ତାରା ରୂପ
କେବେ ଦୈବ ରୂପ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବିଶେଷ ବିଷୁବ ସଂକ୍ରାନ୍ତି ୨୦୧୯

ଏକତା ସୂତ୍ରର
　　ସେ ସୂଚକ ।୬ ।
ଓଡ଼ିଆ ବିଭାଗେ
　　ଦୁଇ ଗୋଟି ନାମ
ଏକରେ ରାଜୁ
　　ଦୈତାରି ପଣ୍ଡା ନାମ ।୭ ।
ଦେଇଥିଲେ ପାଇ
　　ନୀତି ତାଙ୍କରି
ରାଗ ରୁଷା ମନ
　　ନାହିଁ ତାଙ୍କରି
ସାହାଯ୍ୟର ପଥେ
　　ତାଙ୍କ ଯୋଗଦାନ
କେତେ ସଙ୍ଗଠନେ
　　ନେତୃତ ମାନ ।୮ ।
କବିତା ସଙ୍ଗେ
　　ଗଳ୍ପର ମାଳା
ପଢ଼ିଲେ ଲାଗଇ
　　ସରସ ଧାରା ।୯ ।
କେଉଁ ସୁର ଦେବି
　　ତାଙ୍କ ନାମରେ
ସାତ ସୁରେ ବନ୍ଧା
　　ତାଙ୍କ ନାମ ଯେ ।୧୦ ।
ଜଟିଳତା ମଧ୍ୟେ
　　ତାଙ୍କରି ନାମ
ଆପଣାର ସେ
　　କିଶୋର ଭାଇ ନାମ ।୧୧ ।
କର୍ମ ହିଁ ଜୀବନ
　　ତାଙ୍କ ପଥ ଧାର
ପରିବାର ସଙ୍ଗେ
　　ନିଜ କର୍ମ ଭାର
ପାଠପଢ଼ା ସଙ୍ଗେ
　　ବିଗବଜାର
ମାନିବାକୁ ହେବ
　　କଷଣର ଧାର ।୧୨ ।
ସଭିଙ୍କ ପାଇଁ ଯେ
　　ଜଳିଉଠେ
ଆପଣାର ପଥ
　　ନିଜେ ବାଛେ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ସେ ଆପଣାର
    ସରୋଜ ଭାଇ ଯେ ।୧୩ ।
ରାଗ ମୁଖେ ତାଙ୍କ
    ସ୍ମିତ ହସ ଛୁପା
କଥା ଯେ
    କୋଇଲି ପରି
ନୃତ୍ୟରେ ସିଏ
    ଧୁରିଣ ଜାଣ
କଳ୍ପନାର ଜାଦୁଗରୀ ।୧୪ ।
ଖୁଁ ଖୁଁ ଶବ୍ଦ
    କହିବା ମଧ୍ୟେ
ଆସିଥାଏ
    ବାରମ୍ବାର
ତଥାପି ସାହସ
    ନେଇ ମନଯେ
ଦେଇଥାନ୍ତି
    ପ୍ରଶ୍ନୋତ୍ତର ।୧୫ ।
ପୃଥିବୀ ବୁକୁରେ
    ଜନମ ହୋଇ

ଶେଷରେ ମିଶିବେ
    ମାଟିରେ ଯାଇ
ସର୍ବ ଯୁଗେ ଅଛି
    ତାଙ୍କ ଗୁଣ ଗାନ
ସେ ଆପଣାର
    ଭୂମିଜା ଭଗ୍ନୀ ନାମ ।୧୬ ।
ଗୁଣୁ ଗୁଣୁ ହୋଇ
    ଗାଇ ଉଠନ୍ତି
ବାଦ୍ୟ ସଙ୍ଗୀତେ
    ନାଚି ଉଠନ୍ତି
କଥା କହିବା
    ଧିର ପ୍ରକୃତି
ଖୁସି ବାଣ୍ଟିବା ତାଙ୍କ ପ୍ରକୃତି ।୧୭ ।
ପ୍ରତିବର୍ଷେ ଆସେ
    ତାଙ୍କ ପୀରତି
ସଭିଙ୍କ ହୃଦୟେ
    ଅଲିଭା ବତୀ
ସେ ଆପଣାର
    ସ୍ୱାଗତିକା ନାନୀ ।୧୮ ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ସବୁ କଥାରେ
ହଁ ତାଙ୍କ ବାକ୍ୟ
ମନରେ ଅଛି
ଅଲିଭା ଗଳ୍ପ
କହିବାକୁ ମନ ଚାହେଁ
କହିଦେଲେ କାଳେ
ଭୁଲ ହେବକି
ଭାବି ମନେ ମନେ କହେ ।୧୯ ।
ତିଳକୁ ତାଳ କରିବା ଭାବ
ଯୋଡିଛି ତାଙ୍କ ନାମ
ସେହି ତାଳରୁ ଅଲଗା ଯେ ନାନୀ
ତିଳୋତ୍ତମା ତାଙ୍କ ନାମ ।୨୦ ।
ଉଚ୍ଚ ସ୍ୱରେ କେବେ
ନିମ୍ନ ସ୍ୱରେ କେବେ
କହିବା ତାଙ୍କ ଭାବ
ଗୀତ ଶୁଣିବା
ଗୀତ ଗାଇବା
ଅଛି ଗୁପ୍ତ କାମ ।୨୧ ।
ଏକ ତାଲିକା
ନାମେ ଯେ ଅଛି
ତାଙ୍କରି ନାମ ଯୋଡ଼ା
ଓଡ଼ିଆ ସଙ୍ଗେ ବିଭିନ୍ନ ପାଠ୍ୟ
ହୋଇଛି ଏକ ଧାରା
ସେ ଆପଣାର
ସୂଚିତା ଭଉଣୀ ।୨୨ ।
ଆୟୋଜନ କାର୍ଯ୍ୟେ
ଭାରି ଧୁରିଣ
ନୃତ୍ୟେ ଯେ
ପୁରା ମଳିନ
ଆବଭାବ ପୁରା
ଚୁପୁଚାପିଆ
କଥା ତାଙ୍କର
ଭାରି ବଢିଆ ।୨୩ ।
ଉଜ୍ଜୟିନୀ ସିଏ ପୃଥିବୀ ରାଶି
ସଭିଙ୍କୁ ଆଲୋକେ ଦିଏ ଲାଖି
ଜାଣିଛ କି କିଏ ?
ସେ ଆପଣାର
ରଶ୍ମି ନାନୀ ଯେ ।୨୪ ।

ବିଶେଷ ବିଷୁବ ସଂଖ୍ୟା ୨୦୧୯
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବିଶେଷ ବିଷୁବ ସଂକ୍ରାନ୍ତି ୨୦୧୯

କଥା ତାଙ୍କ ଲାଗେ

କଅଁଳ କଅଁଳ

ହସ ତାଙ୍କ

ନିରିମାଖି

ସଭିଙ୍କୁ ଆପଣା

କରିବାର ଆଶା

ରହିଛି ତାଙ୍କ ପ୍ରକୃତି ।୨୫ ।

ଅନ୍ଧକାରକୁ ଯେ

ଜାଳିଦିଏ ମନେ

ହୋଇଯାଏ ଏକ ଶିଖା

ସେ ଶିଖା ଯେ ସଂସାର ଗଢ଼େ

ସେ ଆପଣାର ଦୀପା ।୨୬ ।

ସଂସାର ସଙ୍ଗେ ପାଠର ମୂଲ

ଲାଗିଛି ଧାଡ଼ି ଧାଡ଼ି

ମାନିବାକୁ ହେବ

ମନ ପ୍ରକୃତି

ସେ ଆପଣାର ରେଣୁ ଦିଦି ।୨୭ ।

ଓଡ଼ିଆ ସମ୍ମାନ ଛାତ୍ର

ଧରଣୀଧର ସ୍ୱୟଂଶାସିତ ମହାବିଦ୍ୟାଳୟ, କେନ୍ଦୁଝର

ଜଘିଂରା, କେନ୍ଦୁଝର, ଓଡ଼ିଶା

ବାର୍ତ୍ତାଳାପ - ୯୬୬୮୬୦୩୮୭୧, ୭୯୭୮୧୫୭୯୩୬

ଇ-ମେଲ ଠିକଣା - shibashees-naikjgr@gmail.com

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com
ବିଶେଷ ବିଷୁବ ସଂସ୍କରଣ ୨୦୧୯

# ହେ ସ୍ରଷ୍ଟା ପ୍ରଭୁ ଦିବ୍ୟଦ୍ରଷ୍ଟା



ଧୀରେନ୍ଦ୍ର ମଲ୍ଲିକ

ହେ ସ୍ରଷ୍ଟା ପ୍ରଭୁ ଦିବ୍ୟଦ୍ରଷ୍ଟା
କୃପାନେତ୍ରେ ଚାହଁ ବାରେ,
ମୁହିଁତ ଅକ୍ଷମ ଆଜ୍ଞାନ ଅଧମ
ତୁମ ନାମ ଜପ କରେ,,
ଦିଅ ଦରଶନ ହେ ବିଶିକେଶନ
କହିବି ମୋ ହୃଦକଥା,
ମାଗିବିନି ଧନ ଅବା ଜ୍ଞାନ ଜନ
ନୁଆଇଁ କହୁଛି ମଥା,,
ତୁମ ଶ୍ରୀଚରଣେ ଜଗାଟିକେ ଦିଅ
ତୁମ ପାଖେ ରହିଯିବି,
ଭକତି ମନରେ ଦିବା ନିଶି ଖାଲି
ତୁମ ପାଦ ସେବୁଥିବୀ,,
ଏତିକି ମାଗୁଣି ମନକଥା ଜାଣି
ଶୁଣିବ ବିନତି ମୋର,
ଭାବିବନି ପର ହୃଦେ ବାସକର
ସ୍ଥିର ଚିତ୍ତେ ସ୍ମରେ ଧିର,,

ନିଳକଣ୍ଠପୁର ମଙ୍ଗଳପୁର ଯାଜପୁର
ଭ୍ରାମ୍ୟଭାଷ : ୭୯୦୪୯୩୯୭୮୬

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com
ବିଶେଷ ବିଷୁବ ସଂଖ୍ୟା ୨୦୧୯

# ବୀର ସନ୍ତାନ



ମାମିନା ନାୟକ

ପକ୍ଷୀ ଉଡ଼ିଯାଏ ଶୂନ୍ୟ ଆକାଶରେ
ମାଆ ଖୋଜୁଥାଏ କୋଳ
ପଥହୁଡ଼ା ହେଲା ଫେରିଲାତ ନାହିଁ
ବୁଡ଼ିଲାଣି ସଞ୍ଜବେଳ ।
ପୁଅ ଆସି କହେ ବସାନିକଟରେ
ଆସିଲି ମାଆ ମୁଁ ଫେରି
ବ୍ୟସ୍ତ ବିଚଳିତ କାହିଁକି ହେଉଛ
ବୀର ମା ଯାଏ କି ଡରି ।।
ଶିଖିଛି ତୁମଠୁ ଆକାଶେ ଉଡ଼ିବା
କେହେବ ମୋ ସଙ୍ଗେ ସରି
କେଉଁ ବିପର୍ଯ୍ୟୟ ତୁମଠାରୁ ବଡ଼
କିଏ ବା ପାରିବ ମାରି ।।।
ମାଆ ମନ ସିନା ଉତୁରିଲା ଖୀର
ବୁଝି ମୁଁ ପାରିଲି ଧନ
ବୀର ସନ୍ତାନକୁ ଜନମ ଦେଇଛି
ସାର୍ଥକ ମୋର ଜୀବନ ।

ଭ୍ରାମ୍ୟଭାଷ : ୯୩୩୭୦୦୯୩୦୭

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com
ବିଶେଷ ବିଷୁବ ସଂସ୍କରଣ ୨୦୧୯

# ନେତା



ପ୍ରଶାନ୍ତକୁମାର ପ୍ରଧାନ

ଯାଦୁଗର ପରି ଯାଦୁ ଜାଣ ତୁମେ
କଥାରେ କର କୁହୁକ
ପ୍ରତିଶ୍ରୁତି ତୁମ ପାଣିଗାର ସମ
ସ୍ୱାର୍ଥ ପାଇଁ ମାଗ ଭିକ ।।
ଯାହା ପାଇଁ ମିଳେ ସମ୍ମାନ ପ୍ରତିଷ୍ଠା
ତାକୁ ଯାଅ ତୁମେ ଭୁଲି
ମିଛ ଭରସାରେ ଜନତା ବିଚରା
ଭାଷଣରେ ମାରେ ତାଳି ।।

ସ୍ୱଚ୍ଛ ଓ ନିର୍ମଳ ଚେହେରା ତୁମର
ଯେମିତି ଅଯୋଧ୍ୟା ରାମ
ଆଖି ପଲକରେ ରାମରୁ ରାବଣ
ସରିଗଲେ ନିର୍ବାଚନ ।।
ବିଜୟର ପରେ ଭୁଲିଯାଅ ତୁମେ
ନିର୍ବାଚନ ମଣ୍ଡଳୀକୁ
ମିଳେନାହିଁ ଦେଖା ପାଞ୍ଚବର୍ଷ ଯାଏଁ
ଧୋକା ଦିଅ ଜନତାକୁ ।।
ଋତୁ ପରି ତୁମେ ଦଳ ବଦଳାଅ
ସରିଗଲେ କାର୍ଯ୍ୟକାଳ
ସତେକି ଯେମିତି ରାଜନୀତି ଅଟେ
ତୁମପାଇଁ ପିଲାଖେଳ ।।

ଗ୍ରାମ-ବୁରୋମୁଣ୍ଡା, ଜିଲ୍ଲା-ବରଗଡ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com
ବିଶେଷ ବିଷୁବ ସଂଖ୍ୟା ୨୦୧୯

# ମିଠା ମିଠା କେତେ ସ୍ମୃତି



ଅମ୍ବିକା ସ୍ୱାଇଁ

ମିଠା, ମିଠା କେତେ ସ୍ମୃତି
ଝୁରେ ମନ ନିତି ନିତି,
ଫୁଲର ପାଖୁଡ଼ା ମେଲି
ଗାଉଥାଏ ପ୍ରେମଗୀତି ।୧ ।

ମନ କରେ ଆନମନା
ତୋଳିଧରେ ସ୍ନେହ ପ୍ରେମ,
ଆଖି ଡୋଳେ ନାଚିଯାଏ
ବିତିଥିବା ଦିନ ଆମ ।୨ ।

ସ୍ମୃତିର ପାଖୁଡ଼ା ମେଲି
ଚାଲୁଥିବା ପଥ ଆମେ ,
ମନ କରି ଉଲ୍ଲସିତ
ବଞ୍ଚୁଥିବା କରି କର୍ମେ ।୩ ।

ସ୍ମୃତିରେ ମହକୁ ଥିବା
ହସିହସି ଯିବା ବିତି,
ମିଠାସ୍ମୃତି ଭରେ ପ୍ରୀତି
ସ୍ମରୁଥିବା ଦିନରାତି ।୪ ।

ପ୍ରଜାପତି ପରି ନୁହେଁ
ସ୍ମୃତି ଆମ ଚଗଲିଆ
ଉଡି ଚାଲିଯିବ ସେତ
ମନ କରି ପାଣିଚିଆ ।୫ ।

ସ୍ମୃତିର ହୃଦୟେ ଆମେ
ତୋଳିବା ପ୍ରୀତିର ଘର
ରଖିଥିବା ସ୍ନେହ, ଶ୍ରଦ୍ଧା
ଭୁଲିବାନି ପରସ୍ପର ।୬ ।

ଭୁବନେଶ୍ୱର, ଓଡ଼ିଶା,
ଭ୍ରାମ୍ୟଭାଷ : ୯୭୭୭୫୯୯୭୯୫

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବିଶେଷ ବିଷୁବ ସଂସ୍କରଣ ୨୦୧୯

# ପାଳନ କରିବା ସଭିଏଁ ଆସ



ଭାଗିରଥୀ ଯାନୀ

ଓଡିଶା ଆମର ଜନମ ଭୂଇଁ,
ସ୍ୱର୍ଗଠାରୁ ବଡ ଆମରି ପାଇଁ । ।୧ । ।
ବଢିଆ ଆମର ଓଡ଼ିଆ ଭାଷା,
ସଭିଙ୍କୁ ଘାରୁ ଦେଶପ୍ରେମ ନିଶା । ।୨ । ।
ସ୍ୱତନ୍ତ୍ର ଆମ ସଂସ୍କୃତି ଐତିହ୍ୟ,
ସବୁଠୁ ମିଠା ଭାଷା ସାହିତ୍ୟ । ।୩ । ।
ପରାଧୀନ ଥିଲା ଆମ ଉତ୍କଳ,
କର୍ମବଳେ ହେଲା ଆମ ସମ୍ବଳ । ।୪ । ।
ମନୀଷୀଗଣଙ୍କ ପ୍ରଚେଷ୍ଟା ଦ୍ୱାରା,
ଆମେ ସ୍ୱାଧୀନତା ପାଇଛୁ ପରା । ।୫ । ।
ସେଦିନ ଥିଲା ପହିଲା ଅପ୍ରେଲ୍,
ଉଣେଇଶ ଶହ ଛତିଶ ସାଲ । ।୬ । ।
ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ହେଲା,
ସଭିଙ୍କ ସପନ ସତ ହୋଇଲା । ।୭ । ।
ଆଜି ପବିତ୍ର ଉତ୍କଳ ଦିବସ,
ପାଳନ କରିବା ହୋଇ ହରଷ । ।୮ । ।
ମହାପୁରୁଷଙ୍କ ଚରଣ ତଳେ,
ପୁଷ୍ପ ସମର୍ପିବା ହାତ ଆଞ୍ଜୁଳେ । ।୯ । ।
ଆମରି ଓଡିଶା କହି କାହାଣୀ,
ସଭିଙ୍କର ମନ ନେଉଛି ଟାଣି । ।୧୦ । ।
ଆଜି ସ୍ୱତନ୍ତ୍ର ଉତ୍କଳ ଦିବସ,
ପାଳନ କରିବା ସଭିଏଁ ଆସ । ।୧୧ । ।

ଫୁଲବାଣୀ, ଖଜୁରୀପଡା, କନ୍ଧମାଳ ।
ଭ୍ରାମ୍ୟଭାଷ-୯୪୩୮୦୭୬୮୪୮

ଆହ୍ୱାନ ପତ୍ରିକା

Magazine Downloaded from www.aahwaan.com
ବିଶେଷ ବିଷୁବ ସଂଖ୍ୟା ୨୦୧୯

# ହେ ଉଦୟଭାନୁ



ନାରାୟଣ ଚନ୍ଦ୍ର
ସେନାପତି

ହେ ଉଦୟଭାନୁ..

ନିଶାର ତମସାକୁ ଦେଇ ସାମୟିକ ବିଦାୟ

ସ୍ୱାଗତ କର ଯେବେ ମୋ ପୁରବାସୀଙ୍କୁ

କାକ ପିକ କୁକ୍କୁଟ ବଜାନ୍ତି ଭେରିତୁରୀ

ସମୀରଣ କରେ ସୁମଧୁର ଗୁଞ୍ଜନ

ଅପରୂପ ସୁଷମାର ଅନନ୍ୟ ସଙ୍ଗମ

ଆନନ୍ଦ ବିଭୋରେ ସର୍ବେ କରନ୍ତି ଦର୍ଶନ

ପାହାଡ଼ ଫାଙ୍କରୁ ଦେଖି ତବ ଶ୍ରୀମୁଖର ଦୀପ୍ତ ଜ୍ୟୋତି

ହାତଯୋଡି ଜୀବେ କହନ୍ତି

ନମୋ ନମଃ ନମଃ ସୂର୍ଯ୍ୟନାରାୟଣାୟ ।

ହେ ଉଦିତ ତପନ

ତୁମ ଏ କଅଁଳ ତୀର୍ଯ୍ୟକ କିରଣ

କରେ ଯେବେ ଧରଣୀକୁ ମଧୁସ୍ପର୍ଶ

ଲାଜରେ ଓଢଣୀ ଦେଇ ଲୁଚନ୍ତି କାକରେ

ଚୋରା ଚାହାଣୀରେ ଛୁଇଁ-

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବିଶେଷ ବିଷୁବ ସଂକ୍ରାନ୍ତି ୨୦୧୯

ପ୍ରତିଫଳିତ ମୃଦୁ୍ୟହସ

ବାଣ୍ଟ ସରାଗରେ ଗୁପ୍ତେ ଭିଟାମିନ ଡି ରସ

ଆନନ୍ଦେ ଭରି ଫୁର୍ତ୍ତି ଓ ପୁଲକ

ଆଖି ଚାପି ସର୍ବେ କହନ୍ତି

ଧନ୍ୟ ତୁମ ବଡ଼ପଣ ହେ ବିଶ୍ୱରୂପାୟ ।

ହେ ଉଦିତ ଅରୁଣ

ନିଷ୍ଠୁର ଶୀତ ପ୍ରକୋପେ

ଦୀନ ଶିଶୁ ଯେବେ ମାରୁଥାନ୍ତି ଦାନ୍ତଡ଼ି

ଦୟାର୍ଦ୍ର ହୃଦୟ ତବ ଯାଏ ତରଳି

ଦେଇ ତାପ ରେଣୁ

ହୃଦୟେ ଫୁଟାଅ ତାର ଖୁସିର ସୁମନ

ବିଚରା ଦରିଦ୍ର ସବୁ ଉତ୍‌ଫୁଲ୍ଲିତେ କହନ୍ତି

ଶତ ଦଣ୍ଡବତ ହେ ଦିବାକର

ନମୋ ନମଃ ନମଃ ହେ ମିତ୍ରାୟ ।

ହେ ଉଦିତ ଉଦ୍ଭୀତ ଆର୍ଯ୍ୟ ପରିବାର

ତୁମ ସେ ଶ୍ରଦ୍ଧା କୋଠାରୀର ପ୍ରେମ ସ୍ପର୍ଶ

ବାନ୍ଧିଛି ସଭିଙ୍କୁ ସମ୍ପର୍କର ଡୋରରେ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବିଶେଷ ବିଷୁବ ସଂକ୍ରାନ୍ତି ୨୦୧୯

କି ନିଷ୍ପାପ ତୁମ ଆତ୍ମା

ଭାବନାର ପଦ୍ୟେ ରଚ ଜିଜ୍ଞାସାର ଗଦ୍ୟ

ଭାଷା ବିନିମୟେ ଗଢ ସାହିତ୍ୟ ମହଲ

ପ୍ରକୃତି ନାଚି ନାଚି କହେ

ଓଁ ନମଃ ସୁସାହିତ୍ୟେ ଭାଷା ଶାସ୍ତ୍ରାୟ ।

ନାରାୟଣ ଚନ୍ଦ୍ର ସେନାପତି, ଜମ୍ବୁରା, କେନ୍ଦୁଝର

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ବିଶେଷ ବିଷୁବ ସଂସ୍କରଣ ୨୦୧୯

# ଭଜେ ଆର୍ତ୍ତତ୍ରାଣ



ଆର୍ତ୍ତତ୍ରାଣ ଖୁର୍ଦ୍ଦିଆ

ଜୟ ଜୟ ମହାବାହୁ ଶବର ଦେବତା
ନୀଳଗିରି ନିଃବାସାୟ ଚରଣେ ଆଶ୍ରିତା.
ତୁହି ଜଗନ୍ନାଥ ପ୍ରଭୁ ତୁହି ଅଟୁ ଶ୍ୟାମ
ଜଗତକରତା ତୁହି ଅଟୁ ପୁଣି ରାମ.

ସକଳ ସୃଷ୍ଟିକୁ ହସ୍ତେ କରୁ ଆତଯାତ,
ତୋ ଘଟରୁ ଝରେ ସବୁ ଅକ୍ଷର ଅମୃତ ।
କେବେ ବୁଦ୍ଧ କେବେ ଯୀଶୁ କେବେଅଟୁ ଜୈନ
କେବେ ନୀଳମାଧବ ତୁ କେବେ ନିରଞ୍ଜନ ।

ପୂଜିଲେ ଶବର ତତେ କହିକି 'ଜଗନ୍ତ'
ଶାନ୍ତି, ମୈତ୍ରୀ, ପ୍ରୀତି ଦାତା ଅଟୁ ତୁ ଅନନ୍ତ ।
ଷୋଳକଳା ପୂର୍ଣ୍ଣ ତୁହି ବଜେନ୍ଦ୍ରନନ୍ଦନ,
ଯେତେକ ଧରମ ଅଛି ତବ ପାଖେ ଲୀନ ।

ନୀଳାଦ୍ରୀ ରୂପରେ କେବେ 'ବୌଦ୍ଧ' ଅବତାର,
କାଳିଆ ନାମଟି ପୁଣି ସଂସାରରେ ସାର ।
ହସ୍ତ ନାହିଁ କର୍ଣ୍ଣ ନାହିଁ ଶୁଣୁଛ କେମିତି,
ମୁହିଁ ହୀନ ଅକୀଞ୍ଚନ କରୁଛି ମିନତି ।

ସର୍ବଧର୍ମ ସମନ୍ୱୟେ କରି ରଥଯାତ,
ନମୁଛି ହେ ମହାବାହୁ ଘେନ ପ୍ରଣିପାତ ।
ଜାଣେ ନାହିଁ ପୂଜାବିଧି ଅଟେ ମୁଁ ଅଜ୍ଞାନ,
ଚରଣରେ ଆଶ୍ରା ଦିଅ ଭଜେ 'ଆର୍ତ୍ତତ୍ରାଣ' ।

ଶ୍ରୀମାନ୍ ଆର୍ତ୍ତତ୍ରାଣ ଖୁର୍ଦ୍ଦିଆ, ସ୍ନାତ୍ତକୋତ୍ତର ଓଡ଼ିଆ
ବୀରମହାରାଜପୁର, ସୁବର୍ଣ୍ଣପୁର, ଓଡ଼ିଶା

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ରାହାର ବାସ୍ନା



ଏମ୍. ବିଜୟ କୁମାର

ଭାରତମାତା କହୁଛି ଶୁଣ ମାଟିବୀର
ଶିକ୍ଷିତ ସଂଗଠିତ ହୋଇ ସଂଘର୍ଷ କର
ସଂଘର୍ଷ କର
ଗ୍ଲେହା ଗ୍ଲେହାଇ ପୁଅଝିଅ ସବୁ ସମାନ
ତୁମ ପାଇଁ ସୁବିଧା ସୁଯୋଗ ଅଛି ଜାଣ

ଦଳିତ ଆଦିବାସୀ ପଛୁଆ ସଂଖ୍ୟାଲଘୁ
ଉଠ ଜାଗ ଉଠ ରାହାର ବାସ୍ନା ଶୁଘୁ

ବିଶ୍ୱର ସର୍ବବୃହତ ସଂବିଧାନ ପିତା
ଭାରତ ମାଟି ମାଁ ରୁପୀ ଆମ୍ବେଦକର

ଛଅ ବିଙ୍କ ମନିଷୀ ମଧ୍ୟେ ଚିର ଅମର
ସମସ୍ତଙ୍କୁ ଦେଇ ସମାନ ମାନବାଧିକାର

ଅଚଳା ପାହାଡ ଗିଳିବାକୁ ଆଁ ଫାରୁଛି
ଆର୍ତ୍ତନାଦ ନୁହେଁ ପ୍ରତିବାଦ ମାଁ କରୁଛି

ଭୁଖା ଭୂଗୋଳରେ ଯାଏ ଭୂମିକମ୍ପ ମାଡି
ଭିକ୍ଷାଥାଳ ଧରାଇ ଭିକ ଫିକଇ ଜୁରୀ

ଅଲ୍ପ ଅଲ୍ପ ଭାଗ ଭାଗ ହୋଇ ବହୁଜନ
ଅନ୍ଧକୂପେ ରହି ଭୋକ ଶୋଷେ କାଟୁ ଦିନ

ସର୍ବ ଦୁର୍ନୀତି ଜିନ୍ଦାବାଦର  ସରକାର
ଚର୍ତୁଦିଗେ କଳଂକ ଆତଂକରାତ କା'ର
ଚଳିବ ନାହିଁ ଚଳିବ ନାହିଁ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ମୂଳନିବାସୀ ଭାରତେ ବିଦେଶୀ ଶାସକ
ଧର୍ମ କର୍ମ ଈଶ୍ୱର ନାଁରେ ବନାଇ ଭେକ
ନଚାଉଛି
ନାଚ ମାକରୀ ନାଚ
କୁଣା ଖାଏବୁ ନାଚ

ମୂଳନିବାସୀଙ୍କ ସ୍ୱାଧୀନତା ଆନ୍ଦୋଳନ
ନିଃଶବ୍ଦ ମଣିଷ ଏକ ସ୍ୱର ଉତ୍ତୋଳନ

ଛଳ କପଟେ ସାମାଜିକ - ଅର୍ଥନୈତିକ
ଯୁଗ ଯୁଗ ଦାସ କରି ରଖିଛ ଶାସକ

ସ୍ୱାଧୀନ ଭାରତ ପରାଧୀନ ବହୁଜନ !
ନୁହେଁ ସ୍ୱାଧୀନ ନୁହେଁ ସ୍ୱାଧୀନ

ଜନ ଗଣ ମନ ଅଧିନାୟକ ଜୟ ହେ
ଭାରତ ଭାଗ୍ୟ -ବିଧାତା
ମୂଳନିବାସୀ ଶୁଦ୍ର ବହୁଜନ ଜାଗ ହେ
ମୁକ୍ତି ହେବ ସ୍ୱାଧୀନତା
ଜୟ ଭୀମ ଜୟ ମୂଳନିବାସୀ
ଜୟ ଭାରତ
ଉଠ ଉଠ ହୁଅ ଜାଗ୍ରତ ହୁଅ ପ୍ରସ୍ତୁତ

ଦଳିତ ଆଦିବାସୀ ପଛୁଆ ସଂଖ୍ୟାଲଘୁ
ଜନ ଆନ୍ଦୋଳନ ରାସ୍ତାର ବାସ୍ନା ଶୁଂଘୁ

ଭାରତ ମାତା କହୁଛି ଶୁଣ ରକ୍ତ ବୀର
ଶିକ୍ଷିତ ସଂଗଠିତ ହୋଇ ସଂଘର୍ଷ କର
ସଂଘର୍ଷ  କର ।

ମାର୍ଫତ ବିଜୟ ମହପାତ୍ର
ଡେଲଟା କଲୋନୀ ଉତ୍ତରା
କୌଶଲ୍ୟାଗଙ୍ଗା-୦୨, ଭୁବନେଶ୍ୱର
ମୋ - ୭୯୭୮୭୮୯୩୦

Magazine Downloaded from www.aahwaan.com
ବିଶେଷ ବିଷୁବ ସଂସ୍କରଣ ୨୦୧୯

# ସୀମାନ୍ତ ସିନ୍ଦୁର



ତପନକୁମାର ସାହୁ

ଅବିରକ୍ତ
ପଥ ଚାହେଁ
ଅଦୃଶ୍ୟ ପ୍ରତିମା
ମୋ ପ୍ରିୟତମା ॥

ନିଜକୁ ଭସାଇ
ଭାସି ଜଳି ଚାଲେ
ନିର୍ଭୀକ ଫଗୁଣେ
ମନ ର ଅତଳ ତଳେ ତା
ସବନ୍ୟା ବିଜୁଳି ଝରଣ
ଅଧରର ଅଦେଖା
ଚପଳତା
ମୁକର ବଂପିତ ଭାଷା
ମାଟିର ପ୍ରତିମା
କିସେ ଅବା ସବୁଜିମା
ମୋ ପ୍ରିୟତମା ॥

ନିଜେ ନିଜକୁ
ମୁଁ ଚିରି ତ ପାଇଁ ଗଢିତୋଳିଛି
ଶଙ୍ଖା ଚୁଡି ମୁଦି ଓ ପାଉଁଜି
ମଥାମଣି, ଓଡ଼ିଆଣୀ
ରକ୍ତ ର ନିଗାଡ଼ି ରଙ୍ଗ
ଅଳତା ତା ପାଦେ ମୁଁ ଯେ
ସୀମାନ୍ତ ସିନ୍ଦୁର ଗାର
ଅବଶୋଷ ଆବରଣ ତାର
ଦିଏ ଦେଖା ଲୁପ୍ତ ଚେତନା ରେ ମୋର
କାଠ ର ପ୍ରତିମା ମୋ ପ୍ରିୟତମା ॥

ଆହ୍ୱାନ ଇ-ପତ୍ରିକା

ବିଶେଷ ବିଷୁବ ସଂସ୍କରଣ ୨୦୧୯

ବାସକ ସଜ୍ଜାହୃଦେ

ସଜ୍ଜିତ ମନୋରଥ

ବସନ୍ତର ଆଗାମନି

ସ୍ୱପ୍ନ ପ୍ରତିଫଳିତ

ମୋ ହୃଦୟ ନନ୍ଦନ ବନେ

ଅହେତୁକ ଆଶଙ୍କାର ପରିସମାପ୍ତି

ନିର୍ଜୀବ ମନର ଅନ୍ୱେଷଣ

କୌତୁହଳ ଇନ୍ଧନ

ମୁଁ ମୋ ସ୍ତବ୍ଧ ଓ ସ୍ୱପ୍ନିଳ ପ୍ରତିମା

ମୋ ପ୍ରିୟତମା ॥

ତପନ କୁମାର ସାହୁ

ଟକାରୁମାଲ, କଳାହାଣ୍ଡି

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com
ବିଶେଷ ବିଷୁବ ସଂଖ୍ୟା ୨୦୧୯

# ଉତ୍କଳ ଦିବସ



ଜଗବନ୍ଧୁ ସାହୁ

ଉତ୍କଳ ରାଇଜେ ଘର ଅଟେ ମୋର
ଉତ୍କଳ ମୋର ଜନନୀ
ଭାଷା ମୋ ଓଡ଼ିଆ ଲାଗଇ ବଢିଆ
ଆମେ ଭାରି ସ୍ୱାଭିମାନୀ

ନିହଣ ମୁନରେ ପଥର ଦେହରେ
ସାଇତା ଓଡ଼ିଆ କଳା
ନଟ ନିଟି ହାତୀ ଅଶ୍ୱ ରଥଚକ
ଅପୂର୍ବ ଛନ୍ଦରେ ବାଳା

ବାର ମାସେ ତେର ପର୍ବ ଯେ ଏଇଠି
ସଂସ୍କୃତି ଗାଏ କାହାଣୀ
କଳା ସଂସ୍କୃତିର ଏଇ ମୋ ରାଇଜେ
କୋଣାର୍କ କଳାର ଖଣି

ବାର ବାଟିଦୁର୍ଗ ଏବେବି ଗାଉଛି
ବୀରଙ୍କର ସେଇ ଗାଥା
ମାତୃଭୂମି ମାତୃଭାଷା ର ଚରଣେ
ନୂଆଁଅ ସଭିଏଁ ମଥା....

[ ପ୍ରେମ୍ କବି ଜଗବନ୍ଧୁ ସାହୁ ]

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com
ବିଶେଷ ବିଷୁବ ସଂସ୍କରଣ ୨୦୧୯

# ତୋପାଇଁ ସାଥୀରେ...



ଭବାନୀଚରଣ ମିଶ୍ର

ତୁମ ପାଇଁ କେତେ ସପନ ଦେଖିଲି
ଜୀବନକୁ ସ୍ୱପ୍ନ କରି.. ।
ରାତି ନ ପାହୁଣୁ ତୁମେ ହଜିଗଲ
ସେ ପାଇଁ ଜୀଇଁଛି ମରି.. ॥
ତୁମ ପାଇଁ ପ୍ରିୟା ଏ ଜୀବନ ଜୁଆ
ଯୋଉଠି ଗଲି ମୁଁ ହାରି.. ।
ପରାଜିତ ସେଇ ପାଣ୍ଡବ ଯିଏ
ପାରିବନି ଆଉ ଫେରି.. ॥
ଦେହମନ ଆତ୍ମା ସବୁ ହାରିଦେଲି
କେବେ ଥର ଥର କରି.. ।
କଳଙ୍କିତ ଏଇ ଅଲୋଡା ସ୍ମୃତି ଯା
ହୃଦୟ ଦଉଛି ଚିରି.. ॥
ନିଜ ପାଖେ ନିଜେ ବନ୍ଧା ପଡିଥିବା
କ୍ରୀତଦାସଟିଏ ପରି.. ।
ମନର କଥାରେ ମାଟି ହେଲାପରେ
ତଥାପି ହେଉଛି ଝୁରି.. ॥

ତୁମେ ଖେଳୁଥିଲ ମିଛି ମିଛିକା ଗୋ
ହୃଦୟ ସାଇତି କରି.. ।
ମୁଁ ଧାଉଁ ଥିଲି ମାୟାମୃଗ ପଛେ
ଯାହା ଥିଲା ତୁଛ କରି.. ॥
ଫେରିଗଲ ତୁମେ କେବେ ସତେ ଦିନେ
ମୋତେ ସାତ ପର କରି.. ॥
ସାତ ଜନମର ସାଥୀ ବୋଲି ସାଥୀ
ସପନେ ହେଉଛି ଝୁରି.. ॥
ଏ ଆଖିର ଲୁହ ଏତେ ଅଲୋଡା ଯା
ଝରୁଛି ଶ୍ରାବଣ ପରି.. ।
ହସର ସହରେ ଥିଲା ମୋର ଘର
ଲାଗେ ସତେ ସ୍ୱପ୍ନ ପରି.. ॥
ଜୀବନକୁ ଏବେ ଜୀଇଁ ବାକୁ ହୁଏ
ନିଶ୍ୱାସ ଛାତରେ ଭରି.. ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବିଶେଷ ବିଷୁବ ସଂକ୍ରାନ୍ତି ୨୦୧୯

କୋହିଲେ ମୋ ପ୍ରିୟା ମୁଁ କୋଉ ଜୀଇଁଛି
ତୁମେ ଗଲା ପରେ ଫେରି.. ॥
ରାତିର ଅନ୍ଧାରେ ବହଳ ନିଦରେ
ସପନେ ଆସୁଛ ଫେରି.. ।
ନିଦ ଭାଙ୍ଗିଗଲେ ସପନ ହଜିଲେ
ସକାଳୁ ଯାଏ ମୁଁ ମରି.. ॥
ଓଠ ସେଇଁ ମୋର ହୃଦୟ ଖୋଲୁଛି
କେହି ଶୁଣି ଦେବେ ହୁରି.. ।
ସତରେ ମୋ ପ୍ରିୟା ଜୀଇଁ ହଉନାହିଁ
ଯନ୍ତ୍ରଣାକୁ ସହି କରି.. ॥
ସତ ହଉ କିବା ମିଛ ହଉ ତୁମେ
ହସି ପାର ଓଠ ଚିରି.. ॥
ତୁମ ସେ ହସରେ ରାଣ ପୁଣି ଥରେ
ହୃଦୟ ଯାଉଛି ଚିରି.. ॥
ଥରେ ଗଲା ପରେ ପୁଣି କେବେ ଥରେ
ତୁମେ କି ଆସିଛ ଫେରି.. ?
ହାଏ ପ୍ରିୟା ମୋର ଏ କାହା ସିନ୍ଦୁର
ଦେଲା ମୋତେ ପର କରି.. ॥

ଚାଲି ଯାଆ ତୁମେ ଆଖିର ଲୁହକୁ
ଆଖିରେ ଲୁଚେଇ କରି.. ।
ଜଣିଛ ଆଖିରେ ଲୁହ ନାହିଁ ଆଉ
ତୁମ ପାଇଁ ଦେବି ଝାରି.. ॥
ତର ତର ହେଇ ଚାଲି ଗଲା ପରେ
ଦେଖ ତୁମେ ଲୁଚିକରି.. ।
ଯାହା ଦେଖ ସବୁ ସତ ସତେ ମୁଁ ଯେ
ଆଜି ବି ଯାଇନି ମରି.. ॥
ତୁମକୁ ମୋ ରାଣ ଶେଷେ ଯୋଉ ଦିନ
ଆସୁଥିବ ମୋ'ଠୁ ଫେରି.. ।
ଜୁଇରୁ ତୁମକୁ ଦେଖେ କି ନ ଦେଖେ
ଦେଖିବନି ମୋତେ ଫେରି.. ॥
ତୁମେ ଚାହିଁ ଦେଲେ ମୋ ଦେହରେ କାଳେ
ମୃତ୍ୟୁ ସତେ ଯିବ ମରି.. ।
ଯନ୍ତ୍ରଣା ମୋହର ସରିଥିବ ଆଉ
କେତେ ଯେ ସହିବି
ପୁଣି ଥରେ ଜୀଇଁ କରି.. ???

ମୋହନା, ଦିଗପହଣ୍ଡି, ଓଡ଼ିଶା

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବିଶେଷ ବିଷୁବ ସଂକ୍ରାନ୍ତି ୨୦୧୯

# ରଙ୍ଗର ଫଗୁଣ...



ବିକାଶଚନ୍ଦ୍ର ଧୁଙ୍ଗିଆ

ଦୋଳରେ ଖେଳୁଛି ଦୋଳଗୋବିନ୍ଦ ସେ,
ରାଧିକା ମାଇଁଙ୍କ ସାଥେ ।
ରଙ୍ଗର ପସରା ମେଲେଇ ଦେଇଛି,
ବୋଳିଦେବା ପାଇଁ ଦେହେ ।।
ଗୋପାଙ୍ଗନା ସଭି ଚାହିଁ ବସିଛନ୍ତି,
ହାତରେ ଅଭିର ନେଇ ।
କାହ୍ନୁ ସାଥେ ପ୍ରୀତି ଦେହରେ ତାହାର,
ରଙ୍ଗ ବୋଳିଦେବା ପାଇଁ ।।
ବସନ୍ତେ ଫଗୁଣ ମୃଦୁ ସମୀରଣ,
ଥିରି ଥିରି ଯେବେ ବୋହେ ।
କବି ଆଉ ପ୍ରେମୀ ଆନମନା ହୁଏ,
ବାଜିଗଲେ ତାର ଦେହେ ।।
ପ୍ରେମିକ ଖୋଜଇ ମିଳନ ମୂହୁର୍ତ୍ତ,
ପୁଲକିତ ହୁଏ ମନ ।
ମଳୟ ସ୍ପର୍ଶରେ ଆନ୍ଦୋଳିତ ହୁଏ,
କରେ ମନ ପ୍ରାଣ ଏକ ।।

ବସନ୍ତେ ପଳାଶ ହୁଏ ନାଲି ମୁଖ,
ଧରଣୀ ବକ୍ଷରେ ତାର ।
କୃଷ୍ଣଚୂଡ଼ା ଆଜି ଅପେକ୍ଷାରେ ତାର,
ମିଳନର ଅଭିସାର ।।
କୋଇଲି ଗାଉଛି ସାତସୂରେ ଗୀତ,
ପାଦପେ ବଉଳ ଆମ୍ବ ।
ପାଦପ ହେଇଛି ଋତୁମତୀ ଆଜି,
ମେଲିଛି ଦାନର ହାତ ।।
ଫଗୁଣ ଆସିଛି ରଙ୍ଗ ନେଇ କେତେ,
ଖୁସିର ଜୁଆର ପାଇଁ ।
ଭିଜେଇବା ପାଇଁ ସଭିଙ୍କ ହୃଦୟ,
ରଙ୍ଗରେ ରଙ୍ଗରେ ଆଜି ।।
ଦୁଃଖ, କ୍ଲେଶ, ଈର୍ଷା ସବୁ ଭୁଲିଯାଇ,
ପୁରେ ପୁରେ ହେଲେ ଏକ ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବିଶେଷ ବିଷୁବ ସଂକ୍ରାନ୍ତି ୨୦୧୯

ଖୁସିରେ ବିଭୋର ହୋଇଗଲେ ଆଜି,

ରଙ୍ଗ ପାଇଁ ହେଲେ ଏକ ।।

ପ୍ରକୃତିର ରଙ୍ଗ ଲାଗୁ ସଭି ଦେହେ,

ଖୁସିରେ ବିଭୋର ଜନ ।

କାହାରି ମନରେ ନାହିଁ ରହୁ ଦୁଃଖ,

ପରାପ୍ରୃରେ କରେ ନମ ।।

ବିକାଶ ଚନ୍ଦ୍ର ଧୁଙ୍ଗିଆ

ମୟୂରଭଞ୍ଜ, ଓଡ଼ିଶା

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com
ବିଶେଷ ବିଷୁବ ସଂସ୍କରଣ ୨୦୧୯

# ନିଆରା ମନ୍ତ୍ର



ତ୍ରିନାଥ ବେହେରା

ଭାବୁଛି
ନିରବି ଯିବି !
ସବୁଦିନ ପାଇଁ ନ ହେଲେ ବି
ଅଳ୍ପ ସମୟ, କେତେଟା ଦିନ
ହେଇପାରେ କେତେ ମାସ, କିଛି ବର୍ଷ
ଯେତେଦିନ ଯାଏଁ
ମେଣ୍ଟି ନାହିଁ କ୍ଷମତା ଲିପ୍ସୁଙ୍କ ଶୋଷ
ଖ୍ୟାତି ଅର୍ଜନର ଭୋକ ।।
ମୋ ଜୀବନର ପୁଞ୍ଜି ତ
ଓଠେ ଝଲସୁଥିବା
ମୋ ଚେନାଏ ହସ ଆଉ
ଆଖିର ତାଜା ସ୍ୱପ୍ନ
ସମାଜ ବିବର୍ତ୍ତନର
କିଏ ସେ କଥା ବୁଝୁ କି ନ ବୁଝୁ
ସ୍ୱପ୍ନ ଦେଖି ସାକାର କରିବା ତ
ମୋ ପ୍ରକୃତି ।।

ଚାରିଆଡେ ଦେଖୁଛି କୁଢ କୁଢ ମଇଳା
ସେ ଭିତରୁ ସାଉଁଟି ଚାଲିଛି
ଫଗୁଣର ରଙ୍ଗ ଛିଟା
ଯେଉଁଥିରେ ଗଢିବି ଇନ୍ଦ୍ରଧନୁ
ତା' ଉପରେ ଆଶାର ଆଲୋକ ପଡି
ଶିଖାଇ ଦେବ ମତେ
ଏ ଯୁଗର ନୈରାଶ୍ୟ ଅନ୍ଧାରୁ
ମୁକୁଳି ଯିବାର ସେ ନିଆରା ମନ୍ତ୍ର ।।

ବଡ଼ କୋଦଣ୍ଡା, ଭଞ୍ଜନଗର,
ଗଞ୍ଜାମ, ଓଡ଼ିଶା, ଭ୍ରାମ୍ୟଭାଷ : ୯୭୭୭୪୦୮୪୦୩
ଇମେଲ୍ : trinathbehera1989@gmail.com

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com
ବିଶେଷ ବିଷୁବ ସଂଖ୍ୟା ୨୦୧୯

# ଏ କି ରଙ୍ଗ



ଧୀରେନ୍ ବାଗ୍

ମୋ ହୃଦୟର
ଶୂନଶାନ ଇଲାକାରେ
ତୁମେ ଯେବେ ଦେଲ
ଏ କି ରଙ୍ଗ ଲଗାଇ
ଫିକା ପଡ଼ିଥିବା
ରଙ୍ଗହୀନ ଜୀବନଟା ।
ସତେ ଯେମିତି
ନାନା ରଙ୍ଗପାଇ
ରଙ୍ଗେଇ ଉଠିଲା ।

ଜାଣିନଥିଲି ଏ ରଙ୍ଗ
ଏତେ କି ଗାଢ଼
ବାରବାର ଲିଭାଇ ଚାଲିଛି
କିନ୍ତୁ କାହିଁ
ଏ ରଙ୍ଗତ ଲିଭୁନି
ବରଂ ଆହୁରି ଏ ତ
ଚକ୍ ଚକ୍ ଦିଶୁଛି
ଏ ବୋଧେ ଫଗୁଣର
ପ୍ରେମ ରଙ୍ଗ ।

ଗୌଡ଼ରମା, କୁଳିଅଣା, ମୟୂରଭଞ୍ଜ
ଭ୍ରାମ୍ୟଭାଷ : ୯୬୯୨୧୮୮୦୮୧

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com
ବିଶେଷ ବିଷୁବ ସଂଖ୍ୟା ୨୦୧୯

# ଦୁର୍ନୀତିମୁକ୍ତ ସମାଜ



ବିଭୁତିଭୂଷଣ ସାମଲ

ହୋଇକି ପାରିବ ବନ୍ଧୁ ହେ
ଆମ ସ୍ୱପ୍ନ ସାକାର,
ଦୁର୍ନୀତିମୁକ୍ତ ହେବକି
ଏହି ଦେଶ ଆମର...

ବସ୍ତୁବାଦୀ ହେବା ଅଭ୍ୟାସ
କରିବା ପରିହାର,
ଅଳପେ ସନ୍ତୁଷ୍ଟ ରହିବା
ଅଭ୍ୟାସ ଏବେ କର ।

ଗୁଣମାନ ସହ ଓଜନ
ପରଖି ଦେଖି ମୂଲ୍ୟ ବସ୍ତୁର
ନିର୍ମାଣ ନଷ୍ଟ ପରଖି
ପାଉଣା ପୈଠ କର ।
ଆଇନ କାନୁନ ଜାଣିବା
ଆମର ଅଧିକାର,
ସଚେତନ ନାଗରିକର
କର୍ତ୍ତବ୍ୟ ପରିସର ।
ଉଡ଼ା ମନଗଢ଼ା ଖବର
ମିଥ୍ୟା ଅପପ୍ରଚାର
ଉଜାଡୁଛି କେତେ ଜୀବନ
କେତେ ଘର ସଂସାର ।
ଗଣମାଧ୍ୟମରେ ସୂଚନା
ଦେବା ଚୋର ଠକର,
ପୁଲିସଙ୍କୁ ଗୁପ୍ତ ଖବର
କରେ ଦୁର୍ନୀତି ଦୂର ।
ଦୁର୍ନୀତି ବାରଣ ବିଭାଗ
ହୋଇଅଛି ତତ୍‌ପର

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବିଶେଷ ବିଷୁବ ସଂଖ୍ୟା ୨୦୧୯

ଦୁର୍ନୀତିଖୋରର ଖବର

ଅଭିଯୋଗଟି ଭର ।

ଗୀତା ଭାଗବତ ପୁରାଣ

କଥା ମହାଭାରତର

ଆଧ୍ୟାତ୍ମିକ ଜ୍ଞାନ ସଂଯମ

ଲୋଡ଼ା ଧ୍ୟାନ ଯୋଗର ।

ତେବେ ସିନା ବନ୍ଧୁ ବଞ୍ଚିବ

ଦେଶ ବିଶ୍ୱ ଆମର

ମୂଳରୁ ଉପାଡ଼ି ଫୋପାଡ଼

ଦୁର୍ନୀତି ବୃକ୍ଷ ଚେର ।

ସମାଜରେ ପରିବର୍ତ୍ତନ

ସମାଜର ସଂସ୍କାର

ଦୁର୍ନୀତିରୁ ମୁକ୍ତ ହୋଇବ

ଏହି ଦେଶ ଆମର ।

ଜଳପରିମଳ ବିଭାଗ

ବାରିପଦା, ମୟୁରଭଞ୍ଜ, ଓଡ଼ିଶା

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com
ବିଶେଷ ବିଷୁବ ସଂସ୍କରଣ ୨୦୧୯

# କୁଞ୍ଜବିହାରୀ



ବସନ୍ତକୁମାର ସାମଲ

ସେ ରାସବିହାରୀ ରସମୟ ହରି ରାସ ରାସେଶ୍ୱରୀ ସଙ୍ଗେ
ଭକତଙ୍କ ସଙ୍ଗେ ବିହରନ୍ତି ରଙ୍ଗେ ଦେଖ ଦେଖ ନେତ୍ରଯୁଗେ ।
ସେ ଶୋଭାମୂରତୀ ସୁଶୋଭନ ଅତି ରତିପତି ଶୋଭାଜିଣା
ଏ ନେତ୍ର ପବିତ୍ର ଦର୍ଶନେ ସେ ଚିତ୍ର ସେ ସେତ ମୁନୀମନ କିଣା ।
ଆଉ କିଏ ଭାବ ଜୀବନେ ଆସିବ ଯେବେଥିବେ କୁଞ୍ଜେହରି
ସେ ଶୋଭା ନିରେଖି ଆଖିଯିବ ଲାଖି ଏ ଦେହ ଭାବପାଶୋରି ।
ହୃଦ ସିଂହାସନେ ବହା ମୋଦମନେ ଜୀବନ ସଫଳ ହେଉ
ଗୋପୀଭାବ ଘେନି ଗାଅ ଆଗମନୀ ଜୀବ ଶିବ ଏକ ହେଉ ।
ପ୍ରେମଫଗୁରଙ୍ଗେ ସେ ବେନି ଅପାଙ୍ଗେ ସମର୍ପିତ ହେଉବାରେ
ହୃଦୟ ଦୋଳିରେ ଯୁଗଳମୂରତୀ ଖେଳୁଥାନ୍ତୁ ଚିର କାଳେ ।

ତାଳଚେର, ଓଡ଼ିଶା

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com
ବିଶେଷ ବିଷୁବ ସଂସ୍କରଣ ୨୦୧୯

# ନାରୀ ନୁହେଁ ଖେଳନା



ନିନୁ ନାଏକ

ନାରୀ ନୁହେଁ ଖେଳନା କଣ୍ଢେଇ
ତା ଜୀବନ ସାଥେ ଖେଳିବି
ସୁନ୍ଦରୀ ଭାବି ଆପଣାକରି
ଫିଙ୍ଗିଦେଇ ଚାଲିଯିବି ।
ଭାବନା ତାଙ୍କୁ ଦୁର୍ବଳା ଜମା
ସେ ଅଟେ ଜଗତଜିତା
ତା'ପାଇଁ ସଭିଏଁ ବଞ୍ଚିଛୁ ସିନା
ଥରେ ବୁଝିବା ତା ମନ କଥା ।
କାହାପାଇଁ ସେ ଭଗିନୀ
ଆଉ କାହାର ମା
ପୁଣି ସେ ଝିଅ ହୋଇ
ରଖେ ବାପାଙ୍କ ନାଆ ।
ନୂଆ ବୋହୁ ସାଜି
ଭୁଲେ ନିଜର ମନ
ସ୍ତ୍ରୀ ଭୂମିକାରେ ସେ ତ
କରେ ସଭିଁଙ୍କୁ ଆପଣାର ।

ସ୍ନେହମୟୀ ସେ ମମତାମୟୀ
ପରଦୁଃଖେ ହୁଏ ଦୁଃଖି
ଦୋଷକଲେ ଦିଅଇ କ୍ଷମା
ନିଜ ଜୀବନ ଉତ୍ସର୍ଗକରି ।
ଦୀପଟିଏ ହୋଇ ନିତିଜଳେ
ନିଜ ପରିଜନ ପାଇଁ
ଭାବେନା କେବେ ନିଜ କଥା
ଖୁସିବାଣ୍ଟି ସେ ତ ଟେ ତୃପ୍ତା ।
ନ ଦିଅ କେବେ ତାକୁ ଯନ୍ତ୍ରଣା
ନକର ତାକୁ ଜମା ହେଳା
ନାରୀ ଆଖିରୁ ବୋହିଲେ ଲୁହ
ବୁଡ଼ିବ ସଭିଙ୍କ ଭେଳା ।

ଅସନବଣୀ, ହିଞ୍ଜିଳି, ବାଙ୍ଗିରିପୋଷି, ମୟୂରଭଞ୍ଜ,

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com
ବିଶେଷ ବିଷୁବ ସଂସ୍କରଣ ୨୦୧୯

# ନିରୁତ୍ତର ଫଗୁଣ



ଗଙ୍ଗାସୁନନ୍ଦିନୀ
ରୁପମା ଗୁରୁ

କଥା ଦେଇପରା ଫେରିଛି ଫଗୁଣ
ଲାଗୁଛି ସେ ଯାହା ଫିକା ଫିକା
ସବୁ ରଙ୍ଗ ସିଏ ଆଣିଛି ଯେ କିନ୍ତୁ
ନାଲିକୁ ଆଣିନି ଖାଲି ଏକା ।
ନାଲି ରଙ୍ଗ ସିଏ ପାଇବ କେଉଁଠୁ
ସବୁ ନାଲି ପରା ସୀମାନ୍ତରେ
ଖେଳୁ ଖେଳୁ ସିଏ ସରେଇ ଦେଇଛି
ଆତଙ୍କବାଦୀର ଆକ୍ରୋଶରେ
ସହୀଦ ପ୍ରିୟା ଯେ ଅମଙ୍ଗ ହେଉଛି
ଖେଳିବାକୁ ଆଜି ରଙ୍ଗ ହୋଲି
ନାହିଁ ତା' ପାଶେ ତା ମନର ରଙ୍ଗ
ଫଗୁଣ ଯେ ତୁମେ ଯାଅ ଚାଲି ।
ତୁମେ କି ଜାଣନା କରିଲ ଛଳନା
ନାଲି ରଙ୍ଗ ତା'ର ପ୍ରିୟ ବୋଲି
କେମିତି ସାରିଲ ସବୁତକ ନାଲି
ତା' କଥାକୁ ତୁମେ ଗଲ ଭୁଲି ।

ବିନା ରଙ୍ଗ ଖେଳେ ପ୍ରାକ୍ ଫଗୁଣରେ
ଅଦିନେ କାହିଁକି ଖେଳିଦେଲ ?
ବିଚିତ୍ରବର୍ଣ୍ଣାକୁ ବିବର୍ଣ୍ଣା କରି ଯେ
ତା ମନ ମଣିଷ ଛଡ଼ାଇଲ ।
ନିରୁତ୍ତର ଆଜି ଫଗୁଣ ସାଜିଛି
ଉତ୍ତରବିହୀନ ପ୍ରଶ୍ନଟିଏ
ତା ପ୍ରଶ୍ନ ଉତ୍ତର କି ଦେବ ଫଗୁଣ
ଶବ୍ଦହୀନ ପରା ନିଜେ ସିଏ...

ବାଲିସୁଆଁ ୟୁ ଜି, ୟୁ ପି ସ୍କୁଲ୍
ମହାକାଳପଡ଼ା, କେନ୍ଦ୍ରାପଡ଼ା, ଓଡ଼ିଶା

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com
ବିଶେଷ ବିଷୁବ ସଂସ୍କରଣ ୨୦୧୯

# ଜହ୍ନ



ମୋନାଲିଶା ଦାଶ

କେବେ ସେ କଳ୍ପନା କେବେ ସେ ସ୍ୱପ୍ନ

ଦୂର ଆକାଶର ଜହ୍ନ ସିଏ

ଜହ୍ନ ନୁହେଁ ସେ ତ ସ୍ୱପ୍ନଟିଏ

ଯା'ର ଶୀତଳ କୋମଳ ପରଶରେ

ରାତି ହୁଏ ଚିର ସୁନ୍ଦର

ଅମା ଅନ୍ଧାର କାଳ ରାତ୍ରୀରେ ଭରେ

ରୂପେଲି କିରଣ

ଜହ୍ନ ତ ଥାଏ ଅନେକ ଦୂରେ

ଆମ ପାଇଁ ସେ ତ ସପନଟାଏ

ଦେଖିହୁଏ ସିନା, ଛୁଇଁତ ହୁଏନା

ସେଥିପାଇଁ ପରା...

ଦୂର ଆକାଶର ଜହ୍ନସିଏ

ଜହ୍ନ ନୁହେଁ ସେ ତ ସ୍ୱପ୍ନଟିଏ ।

ଭୋଇପାଲି, ବରଗଡ଼

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com
ବିଶେଷ ବିଷୁବ ସଂଖ୍ୟା ୨୦୧୯

# ନପୁଂସକପଣ



ଶିବଶଙ୍କର ସାହୁ

ତମେ ସେଇଠି ଥାଅ
ମୁଁ ଆସୁଛି, କହିଥିଲ ବୋଲି
ଦିନ ଦିନଧରି ଜୀଇଁଛି, ତମରି ପ୍ରତୀକ୍ଷାରେ !
କୋଉଠି କୋଳାହଳ ଶୁଭିଲେ
ଲାଗୁଛି ତମେ ଆସୁଛ
କୋଉଠି ଫୁଲଟିଏ ଫୁଟିଲେ
ଲାଗୁଛି ତମେ ଆସୁଛ
କା' କା' ରାବ କାଉର ବିଶ୍ୱାସ ଭରୁଛି ମନରେ -
ଅଥଚ କେତେ ଯେ ଲମ୍ବା ଆୟୁଷ - ପ୍ରତୀକ୍ଷାର !
ଖଣ୍ଡ ଖଣ୍ଡ ବାଦଲପରି ମିଳେଇ ଯାଉଛି ବିଶ୍ୱାସ
ଫଟାମାଟିପରି ପଡ଼ି ରହୁଛି ଆୟୁଷ
ଅନାଗତ ଭବିଷ୍ୟତର - କରୁଣ ମୂର୍ଚ୍ଛନାରେ ! !
ମୁଁ ଜଳୁଛି, ନିଜ ଭିତରେ ।
ଜାଣେନି, କାହାକୁ କ'ଣ ଦେଖାଯାଉଛି
ହୁଏତ ଖାଲି ଧୂଆଁ ଦେଖାଯାଉଥିବ ଉପରେ -
ଅଥଚ ଲେଲିହାନ ଶିଖା, ପ୍ରତୀକ୍ଷାର

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଅନବରତ ଜାଳିଚାଲିଛି ମୋତେ, ମୋର ହାଡ଼ମାଂସ

ଓ ତମାମ୍ ଦମ୍ଭକୁ ।

ଧିରେ ଧିରେ ଭାବୁଛି

ବେଶ୍ ହେଲା, ଆଉ ନୁହେଁ ଏଥର ।

ବେଶ୍ ସମୟ ବସି ସାରିଲିଣି ସେଇ ଗୋଟିଏ ଯାଗାରେ

ବାଲ୍ମିକୀ ଭଳି ହୁଂକା ପାଲଟିଯିବା ଭବିତବ୍ୟ, ମୋର ?

ନା, ଆଉ ନୁହେଁ

ଫିଙ୍ଗିଦେଇ ସବୁ ନିରୀହପଣ, ପଛରେ ଥୋଇ ତମାମ୍ ପ୍ରତିଜ୍ଞା

ମୁଁ ଫେରିଯିବି ମୋ ବାଟରେ ।

ତମେ ଆସ କି ନ ଆସ

ମୋର କିଛି ଯାଏଆସେ ନାହିଁ -

ବହୁତ ହେଲା ନପୁଂସକପଣ

ଆଉ ନୁହେଁ, ଆଉ ନୁହେଁ ! !

ସହାୟକ ଯନ୍ତ୍ରୀ (ରେଳପଥ) / ପୂର୍ବତଟ ରେଳୱେ

ପ୍ରଧାନ ମୁଖ୍ୟଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ନର୍ଥ ବ୍ଲକ୍

ରେଳ ସଦନ, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର

ଭ୍ରାମ୍ୟଭାଷ : ୯୪୩୭୫୮୪୫୮୯

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com
ବିଶେଷ ବିଷୁବ ସଂସ୍କରଣ ୨୦୧୯

# ସେ



ଜୟନ୍ତକୁମାର ସାହୁ

ହଜିଯାଇଛି ତା ମୁହଁର ହସ
କିନ୍ତୁ କିଏ ଯେ ତା'ର ଦୋଷୀ
ହୋଇଯାଇଛି ସେ ନିରବ
କେଉଁ ତୃଷ୍ଣାପାଇଁ ସେ ଶୋଷୀ ।

ଶୁଭୁନି ଆଉ ତା'ର ରାଗରୁଷା
କ'ଣ ଏତେ ଜଲଦି ସେ ବଡ଼ ହୋଇଗଲା
ନା ସେ ପିଲାଦିନ ଆଉ ନାହିଁ
କାହିଁ ରାସ୍ତାର ଗହଳିରେ ନାହିଁ ତା ପାଦଚଲା ।

ପଚାର ପଚାର କ'ଣ ହେଉଛି
କାହିଁକି ଦେଉନି ସେ ଉତ୍ତର
କାହାକୁ ଦେଖି ଭୟ କରେ
କେଉଁ ଭୂଲ ପାଇଁ ଏତେ ଡର ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com
ବିଶେଷ ବିଷୁବ ସଂଖ୍ୟା ୨୦୧୯

# ଜନ୍ମଦାତା


ଅକ୍ଷୟ କୁମାର ବେହେରା

ଅକ୍ଷୟ କୁମାର
ବେହେରା

ପିତା ପରଂବ୍ରହ୍ମ, ଧର୍ମ, କର୍ମ ତପଃ
ସ୍ୱର୍ଗଠୁ ଉର୍ଦ୍ଧ୍ୱରେ ସ୍ଥାନ
ଶିଶୁ ଅବସ୍ଥାରୁ ପାଳନ୍ତି ସ୍ନେହରେ
ସର୍ବଦା ରଖିଣ ଧ୍ୟାନ ।
ମାତୃଗର୍ଭେ ମାତା ଧାରଣ କରନ୍ତି
ଦଶମାସ ଦଶ ଦିନ
ପିତା ତ ଆମର ବୋଝକୁ ଉଠାନ୍ତି
ଯେତେଦିନ ତାଙ୍କ ପ୍ରାଣ ।
ଦୁଃଖ ଯନ୍ତ୍ରଣାକୁ ଅଙ୍ଗେ ସେ ନିଭାନ୍ତି
ଖୁସି ଟିକେ ଦେବାପାଇଁ
ଭୋକିଲା ପେଟରେ ଦାନାକୁ ଯୋଗାନ୍ତି
କଷ୍ଟ ସବୁ ନିଜେ ସହି ।

ଦେହ ଅସୁସ୍ଥରେ ଚିକିତ୍ସା ପାଇଁ ମୋ
ଔଷଧ ଆଣି ଦିଅନ୍ତି,
ବୋଉ ସାଥେ ଦୁହେଁ ରାତି ଉଜାଗରେ
ପାଶେ ଜଗି ବସିଥାନ୍ତି ।
ଭଲ ମଣିଷଟି କରିବା ଆଶାରେ
ଉଚିତ ଶିକ୍ଷା ଦିଅନ୍ତି
ଅଳି ଅଝଟକୁ ପୂରଣ କରନ୍ତି
ସନ୍ତାନେ କରିଣ ଶାନ୍ତି ।
ବଡ଼ ହୋଇ ଦିନେ ନାଆଁକୁ ରଖିବେ
ମନେ ଏଇ କଥା ଚିନ୍ତି
ପୁଅ ହେଉ ଅବା ଝିଅଟି ସେ ହେଉ
ଦୁହେଁ ସମାନ ଭାବନ୍ତି ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବିଶେଷ ବିଷୁବ ସଂଖ୍ୟା ୨୦୧୯

ଅଜ୍ଞାନ ପଥରେ ଆଲୋକ ଦେଖାନ୍ତି

ଜ୍ଞାନ ଦୀପଟିଏ ଜାଳି

ପାଦପଦ୍ମେ ତାଙ୍କ କୋଟି ପ୍ରଣିପାତ

ଭକ୍ତିରେ ଦିଏ ମୁଁ ଢାଳି ।

ଯାହା ବଖାଣିଲେ ଯେତେ ବି ଲେଖିଲେ

ଅସରନ୍ତି ତାଙ୍କ ଗାଥା

ଜୀବନ୍ତ ଦେବତା ଆମ ପାଇଁ ପିତା

ସେ ଆମର 'ଜନ୍ମଦାତା' ।

କେନ୍ଦୁଡ଼ିହା, ବଡ଼ସାହି, ମୟୂରଭଞ୍ଜ

ଓଡ଼ିଶା

ଭ୍ରାମ୍ୟଭାଷ : ୯୩୪୮୮୧୯୯୧୭

ଇମେଲ୍ : akshaykumarbehera064@gmail.com

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com
ବିଶେଷ ବିଷୁବ ସଂସ୍କରଣ ୨୦୧୯

# କଇଁଫୁଲ



ପୂର୍ଣ୍ଣଚନ୍ଦ୍ର ରଣା

ଏ କଇଁଫୁଲ
କହିଲୁ,
କାହିଁ ତୁ ତୁଚ୍ଛାଟାରେ ହସୁଛୁ ?
ନା ତତେ କିଏ ଚାହୁଁଛି
ନା ତତେ କିଏ ଭାବୁଛି
ଖାଲି ହସୁଛୁ ଯେ ହସୁଛୁ
ହଉଛୁ ତୁ ଫୁଲେଇ
ତୋର ଏ ଫୁଲେଇପଣ ଦେଖି
କେଜାଣି କାହିଁକି
ମୋ ହୃଦ୍ ସ୍ପନ୍ଦନରେ ପସିଯାଏ
ସେ କଳା ବାଦଲର ବିଜୁଳି ,
ଏ କଇଁଫୁଲ

ଜାଣିଛୁ,
ଭଲେ ତତେ କିଏ ନ ଚାହୁଁ
କି ଭଲ କିଏ ନ ପାଉ
ତୋର ସେ କଳ୍ପିତ ରୂପ ଦେଖି
ତୋର ସେଇ ଢଙ୍ଗ ଆଉ ଠାଣି
ମତେ କରିଛି ଯେ ପାଗଳ . . . ୨
ଜାଣିଛି ମୁଁ ଜାଣିଛି
ତୋ ଭାବ ଜାଣି ପାରୁଛି
ଲଗାଇଛୁ ଅତର
ତୋର ସେଇ ମନ୍ଦ ମନ୍ଦ ବାସରେ
ଏ ଶରୀର ଯେମିତି ହେଇଯାଏ ଦୁର୍ବଳ
କରିଦିଏ ଶରୀରକୁ ତୋ ପାଇଁ ସମର୍ପିତ
ଇଛା ହୁଏ ତୋ ସହିତ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବିଶେଷ ବିଷୁବ ସଂଖ୍ୟା ୨୦୧୯

କାଟିବାକୁ ବାକି ଜୀବନ,

ଏ କଇଁଫୁଲ

କହୁନୁ,

ତୋର ଏ ଶୁଭ୍ର ରୂପ

ତୋର ସେ ହଳଦୀ ମୁଖ

ଆଉ ତୋର ଏ ସୁନ୍ଦର ଶରୀର

ପଛରେ କାହାର ହାତ ?

ଜାଣିଛି ମୁଁ ଜାଣିଛି

ତୋ ରୂପ ଦେଖି ଜାଣିପାରୁଛି

ସେ ଜହ୍ନଟି ଦଉଚି ଚାନ୍ଦିନି ତତେ

ସେ ଚାନ୍ଦିନିକୁ ହେଲୁ ତୁହି ବୋଲି

ଆଉ ଚୋରିକଲୁ ମୋର ଏ ମନ

ତୋ ପାଇଁ ନା ଶୋଇ ପାରୁଛି

ନା ବସି ପାରୁଚି

ଖାଲି ଭାବୁଛି ଯେ ଭାବୁଛୁ

ଖାଲି ତୋରି କଥା ।. . . . ୨

ପୂର୍ଣ୍ଣଚନ୍ଦ୍ର ଋଣା
ହାଟସିଂହାପୁର, ଯାଜପୁର

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com
ବିଶେଷ ବିଷୁବ ସଂସ୍କରଣ ୨୦୧୯

# ଶୁଭସକାଳ



ରବୀନ୍ଦ୍ରନାଥ ମହାରଣା

ପ୍ରାଚୀ ନଗରରେ ଉଠିଲେ ସବିତା
ରାତିର ଆଳସ୍ୟ ତେଜି,
ଉଷା ଆଗମନେ ପକ୍ଷୀଙ୍କ କାକଳି
ଶଙ୍ଖସମ ଉଠେ ବାଜି ।
ରହି ରହି ଶୁଭେ କୁକ୍କୁଟର ଡାକ
ଉଷାର ସ୍ୱାଗତ ପାଇଁ,
ପ୍ରକୃତି ଜଗିଛି ଆନନ୍ଦ ମନରେ
ଫୁଲର ସମ୍ଭାର ନେଇ ।
ଛାଡ଼ି ନିଜ ନୀଡ଼ ବିହଙ୍ଗମ ଦଳ
ଖାଦ୍ୟ ଅନ୍ୱେଷଣ ପାଇଁ,
ଉଠି ପ୍ରଭାତରୁ ନୀଳ ଆକାଶରେ
ଉଡ଼ନ୍ତି ପକ୍ଷ ମେଲାଇ ।
କାକ ପିକ ଶୁକ କରନ୍ତି କାକଳୀ
ସକାଳର ଆଗମନେ,
ସଭିଏଁ ଉଠନ୍ତି ମୁଖରିତ ହୋଇ
ଯିବାକୁ କାର୍ଯ୍ୟ ସନ୍ଧାନେ ।

ହୁଏ କର୍ଣ୍ଣପାତ ପ୍ରଭାତ ସଙ୍ଗୀତ
ଦୂର ଦେବାଳୟ ଠାରୁ,
ଭକତି ଭାବନା କରେ ଆନମନା
ସତେ କିବା ପ୍ରଭାତରୁ ।
ସହାସ୍ୟ ବଦନେ କରନ୍ତି ସ୍ୱାଗତ
ସର୍ବଜନେ ପ୍ରଭାତକୁ,
ରାତିର ସପନ ଭୁଲିଯାଇ ସବୁ
ଧାଆନ୍ତି କର୍ମକ୍ଷେତ୍ରକୁ ।
ସମୟ ସୁଅରେ ଆସଇ ପ୍ରଭାତ
ହସଖୁସି ସାଥେ ନେଇ
କହିଯାଏ କାନେ ଚାଲ ଭବିଷ୍ୟତେ
ଅତୀତକୁ ଭୁଲିଯାଇ ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com
ବିଶେଷ ବିଷୁବ ସଂସ୍କରଣ ୨୦୧୯

# ଆମେ କେତେ ସ୍ୱାଧୀନ



ବେବିସ୍ମିତା କର

ସ୍ୱାଧୀନତା ପରେ
ଆମେ ସ୍ୱାଧୀନରେ
ରହିରୁକି ଟିକେ ଭାବ
ସ୍ୱାଧୀନ - ସ୍ୱାଧୀନ
ଢିଣ୍ଡୋରା ପିଟିଲେ
ସ୍ୱାଧୀନ ତୁମେ କି ହେବ !
ରାଜନୀତି ତାତି
ଦଳବଦଳ ନୀତି
ଅଛିପରା ଆମ ଦେଶରେ
ଆଜି ଏ ଦଳରେ ଗୁଣଗାନକରେ
କାଲିକୁ ଗୋଇଠା ମାରେ ।
ଅନ୍ୟାୟ ଦୁର୍ନୀତି
ଏ କି ରାଜନୀତି;
ବଢ଼ି ବଢ଼ି ଦେଶେ ଚାଲେ
ଯୁବନେତା ଏଠି
ହାତେ ଛୁରୀ ଆଉ
ବନ୍ଧୁକ ଧରିକି ବୁଲେ ।
ଠାକୁର ଖାଇକି
ଖଟୁଲି ଖାଇବା
ପରିସ୍ଥିତି ଦେଖାଯାଏ,
ମହାପ୍ରଭୁଙ୍କୁ ବି
ଅଖୁଆ, ଅପୂଜା
ଘଣ୍ଟା ଘଣ୍ଟା ରଖାଯାଏ ।
ଫିକାଲାଗେ ଆଜି
ସ୍ୱାଧୀନତା ସ୍ୱାଦ
ଜୀଇଁଛି ଏକା ମଣିଷ
ଇଏ ତା ମୁଣ୍ଡରେ
ସିଏ ତା ମୁଣ୍ଡରେ
ବୋଲନ୍ତି ଦୁର୍ନୀତି ଦୋଷ ।

ସାମନ୍ତରାପୁର, ଭୁବନେଶ୍ୱର, ଓଡ଼ିଶା

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com
ବିଶେଷ ବିଷୁବ ସଂସ୍କରଣ ୨୦୧୯

# ସେମାନେ ଆମେ





ସନାତନ ମହାକୁଡ଼

ମୂଳ ରଚନା (ହିନ୍ଦୀ) : ଧରମ ଦୁବେ

ଓଡ଼ିଆ ଭାଷାନ୍ତର : ସନାତନ ମହାକୁଡ଼

କିଛି ଲୋକ ଦୋକାନ ଚଲାନ୍ତି
ହିଂସାଦ୍ୱେଷ କଳହ ବିକନ୍ତି
ଧର୍ମ ଜାଗତିକ ଭେଦ
କଥା କହନ୍ତି
ଏହାଙ୍କୁ ସାଂପ୍ରଦାୟିକ
କୁହାଯାଇ ପାରେ
ଆଉ କିଛି ଲୋକ
ଏଭଳି ଦୋକାନରୁ
ସଉଦା ଆଣିବାକୁ ଯା'ନ୍ତି ।
ସେମାନେ ମୁଁ ଓ ଆପଣ ହୋଇଥାନ୍ତି ।

ଗ୍ରା/ପୋ : ବେରୁଆଁବାରୀ, ନୟାଗଡ଼, ୭୫୨୦୮୨
ଭ୍ରାମ୍ୟଭାଷ : ୦୯୩୩୯୭୨୦୧୬୮
ଇମେଲ୍ : sanmahakud@gmail.com
ୱେବ୍‌ସାଇଟ୍ : www.sanatanmahakud.in

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବିଶେଷ ବିଷୁବ ସଂଖ୍ୟା ୨୦୧୯

# ତୁମ ବିନା



ପ୍ରକାଶଚନ୍ଦ୍ର ପଣ୍ଡା

କାହିଁକି ଆସିଲ ଜୀବନରେ କେବେ
ମରିଚୀକାଟିଏ ହୋଇ
ଅଧାଗଢ଼ା ଏହି ଜୀବନ ମୋହର
ସତେ ପ୍ରିୟା ତୁମପାଇଁ ।

କାଳିମାର ଏହି ଘନ ଅନ୍ଧକାର
ଘୋଟି ଆସିଲାଣି ସତେ
ପାଇବାର ମୋହ ହରେଇବା ଦୁଃଖ
ବଳିଯାଏ ଆଜି ଏତେ ।

ବିଧିର ବିଧାନ କେ କରିବ ଆନ
ନ୍ୟୁନ ଏଠି ଆମ ପ୍ରେମ
ମିଛିମିଛିକା ଏ ସଂସାରରେ ସତେ
ସବୁ ଏଠି ପ୍ରିୟା ଭ୍ରମ ।

ହୃଦୟ ଭିତରେ ମୋ ମନ ମନ୍ଦିରେ
ଥିଲ ତୁମେ ମୋର ରାଣୀ
ମମତାଜ ବିନା ସାହଜାହାଁ ଏକା
ଅଧୁରା ପ୍ରେମ କାହାଣୀ ।

ଭାଙ୍ଗିରୁଜି ଆଜି ଭଗ୍ନସ୍ତୁପ ସାଜେ
ତାଜମହଲଟା ଏଠି
ତୁମବିନା କେତେ ନିଃସଙ୍ଗତା ଲାଗେ
ଜୀବନଟା ସତେ ମାଟି ।

ବିଜ୍ଞାନ ଶିକ୍ଷକ
କଲ୍ୟାଣପୁର, ଭୁଇଁପୁର, ଯାଜପୁର
ଭ୍ରାମ୍ୟଭାଷ : ୮୨୪୯୪୯୯୦୭୪

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com
ବିଶେଷ ବିଷୁବ ସଂଖ୍ୟା ୨୦୧୯

# ଇଚ୍ଛା



ଗୌରୀ ପଣ୍ଡା

ଇଚ୍ଛା ହେଲେ ମୋର
ବୁଲି ଆସିପାରେ
ମନଯାନେ ତିନିପୁର ।
ମନ୍ତ୍ରୀ କଟୁଆଳ
ମୁହିଁ ଜିଲ୍ଲାପାଳ
ଇଚ୍ଛା ଅଟେ ମୋ ନିଜର ।
ଇଚ୍ଛା କଲେ ମୁହିଁ
ବନିବି ତାରକା
ବମ୍ବେ ସିନେ ଜଗତର,
ମୁହିଁ ଇଚ୍ଛା କଲେ
ବୁଲି ଆସିପାରେ
ସାତ ସମୁଦ୍ରର ପାର ।

ଇଚ୍ଛାରେ ରହିଛି
ଯଥେଷ୍ଟ ସାହାସ
ଇଚ୍ଛା ଅଛି ଜାଣିବାର,
ଇଚ୍ଛା ତ ଯୋଗାଏ
କୌଶଳ ଉପାୟ
ଇଚ୍ଛା ଆଣେ ଜିତିବାର ।
ଇଚ୍ଛାରେ ଆୟତ
ହେଲେ କବଳିତ
ଇଚ୍ଛା ଅତି ଭୟଙ୍କର,
ହେଲେ ଇଚ୍ଛାଧୀନ
ଦୁଃଖେ କଟେ ଦିନ
ଇଚ୍ଛା ବନ୍ଧୁ ଜଗତର ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com
ବିଶେଷ ବିଷୁବ ସଂକ୍ରାନ୍ତି ୨୦୧୯

ଇଚ୍ଛା ସଭିଙ୍କର
ବଡ଼ ବଡ଼ ପଦ
ନହେଲେ ଦୁଃଖ କାତର,
ଇଚ୍ଛା ବେଳେ ବେଳେ
ଯୋଗାଏ ଉତ୍ସାହ
ଝର ହୁଏ ପ୍ରେରଣାର ।
ଇଚ୍ଛା ଆମ ସାଥି
ବନ୍ଧୁ ସହୋଦର
ଇଚ୍ଛା ଅତି ଆପଣାର,
ଇଛା ବିନା ଜୀବ
ବଞ୍ଚି କି ପାରିବ
ଇଚ୍ଛା ଯେ ନାହିଁ କାହାର ?
ଇଚ୍ଛା ରହୁ ସଦା
ଆମ ପାଶେ ପାଶେ
ଇଚ୍ଛା ନ ହେଉ ଦୁର୍ବାର,
ଇଚ୍ଛା କରୁଥିବା
ପାଇ ଖୁସି ହେବା
ନପାଇଲେ ନାହିଁ ହାର ।

ଇଚ୍ଛା ହେଉ ବନ୍ଧୁ
ହେଉ ସାଥି, ପ୍ରୀତି
ରହୁ ଆମ ଅକ୍ତିଆର,
ଇଚ୍ଛା ପାଇଁ ଆମ
ବଦଳି ନ ଯାଉ
ଆଚରଣ, ବ୍ୟବହାର ।
ଇଚ୍ଛାରେ ସଂସ୍କାର
ପରିବର୍ତ୍ତନର ସ୍ୱର
ଆଣିବାକୁ କର ସ୍ଥିର,
ଇଚ୍ଛାକୁ ଲଗାଅ
ଉନ୍ନତି ପଥରେ
ଚକ ଗଡୁ ପ୍ରଗତିର ।
ଇଚ୍ଛା ସୃଷ୍ଟିପରା
ଭଗବାନଙ୍କର
ଇଚ୍ଛା ତାଙ୍କ କଳେବର,
ଇଚ୍ଛା ପ୍ରଭୁଙ୍କର
ନୟନ ପିତୁଳା
ଇଚ୍ଛାମୟ ଚକ୍ରଧର ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com
ବିଶେଷ ବିଷୁବ ସଂକ୍ରାନ୍ତି ୨୦୧୯

ପ୍ରଭୁ ଇଚ୍ଛାଧାରେ

ଚାଲିଛି ଜଗତ

ଲୀଳାମୟ ଓମକାର,

ତାଙ୍କ ଇଚ୍ଛାବଳେ

ଜନମ ମରଣ

ଆମେ ବି ଇଚ୍ଛା ତାଙ୍କର ।

ମାନବ ଇଚ୍ଛାରେ

ଚାଲେନି ସଂସାର

ଚଳାନ୍ତି ସେଇ ଠାକୁର,

ତାଙ୍କ ଇଚ୍ଛା ଖେଳେ

ଆମେ ପଶାକାଠି

ଖେଳନା ପ୍ରଭୁ ହାତର ।

ଜୟପୁର, କୋରାପୁଟ, ଓଡ଼ିଶା

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ବିଶେଷ ବିଷୁବ ସଂଖ୍ୟା ୨୦୧୯

# ଅବଶିଷ୍ଟ



ତାରକ ମହାନ୍ତି

ନିଦ ହଜେଇଥିବା ଆଖିର ବେଦନାପରି
ଜୀବନ ଯନ୍ତ୍ରଣାର ଦୋ'ଛକିରେ ମଣିଷ
ପ୍ରାରବ୍ଧ ଓ କର୍ମଫଳକୁ ନେଇ ଏବେ ସନ୍ଦୀହାନ ।

ଅତଏବ ଗୋଟିଏ ନୂଆ ଦିଗକୁ
ଚାହିଁବ ଚାହିଁବ ବୋଲି ବିତି ଯାଉଛି
ତମାମ ଜୀବନ
ପଛ ଧାଡ଼ିର ଶ୍ରୋତାମାନେ କେବେଠୁ
ଆଗରେ ଯାଇ ବସି ପଡ଼ିଲେଣି
ସେ ଭିତରେ ନିଜ ପାଇଁ ସ୍ଥାନଟିଏ
ବାଛିବ ବାଛିବ ବୋଲି କରିପାରୁନି ନିରୂପଣ ।

ସେମାନେ ଯେତେବେଳେ ସାଙ୍ଗ ହୋଇ
ଦୌଡ଼ ଆରମ୍ଭ କରିଥିଲେ, ସେତେବେଳେ
ଦେହରେ ତେଜଥିଲା, ବପୁରେ ଥିଲା ବଳ
ପ୍ରେମ, ପ୍ରତାରଣା ଓ ଭଲ ପାଇବାକୁ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସାମନା କଲାଭଳି ମନରେ ଭରାଥିଲା ଯୌବନ ।

କର୍ମଯୋଗ, ଧ୍ୟାନ ସବୁଥିରେ ଥିଲା ମନ
ହୃଦୟ ବି ରଙ୍ଗୀନ ଥିଲା
ଯେଉଁଠି ଅବିରତ ବହୁଥିଲା ଝରଣାର ଜଳ
ଚିତ୍ରରେ ଯେଉଁ ନଣ୍ଡା ପାହାଡ଼ ଦେଖୁଛ
ତାହାଥିଲା ଘଞ୍ଚ ଏକ ସବୁଜ ଜଙ୍ଗଲ ।

ତରୁଣ ବୟସରେ ଡାଲମାଙ୍କୁଡ଼ି
ଖେଳୁ ଖେଳୁ ଖସିଯାଇଥିଲା ଗୋଡ଼
ଯାହା ଏବେ ପକ୍ଷାଘାତ ଆକ୍ରାନ୍ତରେ
ନା' ଯାଇପାରୁଛି ଆଗକୁ
ନା' ଫେରିପାରୁଛି ପଛକୁ
ଶଯ୍ୟାଶାୟୀ ରୋଗୀଟିଏ ପରି
ସାମନା କରୁଛି ନର୍କର ଯନ୍ତ୍ରଣା ।

ଏରୁଣ୍ଡି ବନ୍ଧ ଡେଇଁପାରୁନି ବୋଲି
ସ୍ୱପ୍ନ ଦେଖିବା ମନା
ନଈକୁ ଚାହିଁବା ମନା

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ପାଣିକୁ ଫୁ କରି ଫିଙ୍ଗିବା ମନା
ସବୁଥିରେ ଏବେ ଲାଗିଛି ରୋକ୍ ।

ଓହଳ ବିକଳ ଲାଗୁଥିଲା ବେଳେ
ଜୀବନର ମୂଲ୍ୟବୋଧ, ତ୍ୟାଗ ଓ
ତପସ୍ୟାର ମାନେ କିଛିନାହିଁ
ଯିଏ ଆସୁଛ ଆସ, ଯାଉଛ ଯାଅ ।
ମନାକରିବାର ଯୁ' ନାହିଁ ବୋଲି
ପରାସ୍ତ ପ୍ରେମିକଟେ ପରି
ଅବିଶ୍ୱାସ ଏବଂ ଅବଶୋଷକୁ ନେଇ
ଅବଶିଷ୍ଟ ଜୀବନ ବିତେଇବାର
ଚିତ୍ରଟେ ଆଙ୍କୁଛି ମୁଁ ଏକା ଏକା
ସେ ଭିତରେ ଖୋଜିପାରୁଛ ତ
ନିଜକୁ ନିଜେ ଆସି ଖୋଜିନିଅ ।

ସମ୍ପାଦକ, ଏକମାତ୍ର
ଭୁବନେଶ୍ୱର - ୭୫୧୦୨୧
ଭ୍ରାମ୍ୟଭାଷ : ୯୪୩୭୧୩୩୭୬୭

Magazine Downloaded from www.aahwaan.com

ବିଶେଷ ବିଷୁବ ସଂସ୍କରଣ ୨୦୧୯

# ହୋଲି, ସେଦିନ ଓ ଆଜି



କଲ୍ୟାଣୀ ନନ୍ଦ

ସେଦିନ,

ହୋଲି ତୁ ଯେ ଥିଲୁ ରଙ୍ଗର ପସରା

ଖୁସିର ଅଫୁରନ୍ତ ଧାରା,

ପର୍ବ ତୁ ପ୍ରେମର, ସତ୍ୟର, ଶାନ୍ତିର

ବିଶ୍ୱାସର ବନ୍ଧୁତ୍ୱର ଭାତୃତ୍ୱର ଏକତାର ।

ହେଲେ ଆଜି,

ହୋଲି ବଦଳିଛି ରଙ୍ଗ ତୋର

ପାଲଟି ଯାଇଛୁ ତୁ କ୍ରୀଡ଼ାନକ

ଇର୍ଷାର, ଦ୍ୱେଷର ହିଂସା ଆଉ କ୍ରୋଧର

ଅତ୍ୟାଚାରୀର ବର୍ବରତାର ପ୍ରତୀକ

ଭୂଲୁଣ୍ଠିତ ନାରୀ ଅସ୍ମିତାର

ଶୀତଳ ଲହୁଧାର, ଝରି ଯାଉଥିବା ଲୁହର ଧାର

ଚତୁର୍ଦିଗେ ଶୁଭେ ଖାଲି କରୁଣ ଚିତ୍କାର, ହାହାକାର ।

ଯାଉଛି ହଜି ସେଦିନର ସ୍ୱପ୍ନର ସାତରଙ୍ଗ

ଅଛି ଯାହା ବାକି ଖାଲି ନାଲିରଙ୍ଗ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବିଶେଷ ବିଷୁବ ସଂଖ୍ୟା ୨୦୧୯

ସେ ନାଲି ରଙ୍ଗ ମଧ୍ୟେ ପାଇନି ଖୋଜି ମୁଁ

ସବୁ ରଙ୍ଗେ ସାଜିଥିବା ସେଇ ମନଟି ମୋର

ଆଜିବି ଖୋଜୁଛି ତୋତେ ମୁଁ

ହୋଲି ସେ ଦିନର... ସେ ଦିନର !

ବୁଢ଼ାରଜା, ସମ୍ବଲପୁର, ଓଡ଼ିଶା

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବିଶେଷ ବିଷୁବ ସଂସ୍କରଣ ୨୦୧୯

# ସନ୍ଧାନୀ କୁକୁର



ଦିଲ୍ଲୀପ କୁମାର ସାମଲ

ସେ ସନ୍ଧାନୀ କୁକୁର
ଅଙ୍କା ବଙ୍କା ବାଟେ ନାକେ ବାରବାର
ବିଶ୍ୱାସକୁ ନେଇ ଗତି ତାହାର
ସେ ସନ୍ଧାନୀ କୁକୁର ।
ଝିଲି ମିଲି ଆଲୁଅରେ
ଲୋଡ଼ା ଏକ ଚଷମା ଘର
ହେଲେ ସେ ଚଷମା ଘର କି ସନ୍ଦେହ
ଦପ ଦପ ଆଲୁଅରେ ଭରପୁର ।
ଘର ନୁହେଁ ସେ ଦପ ଦପ ଖାଲି
ଆଲୁଅର ଅନ୍ଧାର ଘର
ଖଟାମିଠା ମାୟା ମରୀଚିକା
ଘର ଖାଲି ନିଘୋଡ଼ ଅନ୍ଧାର ।
ଆଶା ଆକାଂକ୍ଷାରେ ଭରି ଉଠେ
ଏକ ମାୟା ଜୀବନର ଯାନ
ସୁଖ ଟିକେ ପାଇଁ ଦିଶୁନି ଦୁଃଖ
ପାଶୋରିଯାଏ ମନ ହିତାହିତ ଜ୍ଞାନ ।
ମନୁଆ କହେ ମୁଁ ବଡ଼ ଏଠି
ବିବେକ ବାବୁଙ୍କୁ କିଏ ବା ମାନେ
ବିବେକ ବାବୁ ସବୁ ଜାଣିଶୁଣି
ଉତ୍ତର ଦିଅନ୍ତି କାନେ କାନେ ।
ଚାରିଦିଗୁ ଦେଖି ପରଖି ପାରେନି
କିଏ ଖଟା କିଏ ମିଠା
ଦୁଃଖ ଜାଣି ମଧ୍ୟ ସୁଖ ଟିକେ ପାଇଁ
ଦିଏ ନାହିଁ ପଛ ଘୁଞ୍ଚା ।
ସାଗର ମଝିରେ ଭାସୁଛି ନଉକା
ମନ ଲାଗେ ସତେ ଗଗନରେ
ଅସ୍ତ ବ୍ୟସ୍ତ ଲାଗେ ସମୟ ଆସିଲେ
ଲାଗି ପାରୁନାହିଁ କେଉଁ କୂଳ ଆଡ଼େ ।
ମନୁଆ ପଡ଼ିଛି ମାୟାର ପ୍ରେମରେ
ହୋଇ ପାରୁନାହିଁ ମୁକ୍ତ ବିହଙ୍ଗଟିଏ
ଏଇ ଦପ ଦପ ରଙ୍ଗୀନ ଆଲୁଅରେ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com
ବିଶେଷ ବିଷୁବ ସଂଖ୍ୟା ୨୦୧୯

ଖୋଜୁଛି ବିବେକି କିଏ ।

ସନ୍ଧାନୀ କୁକୁର

ଏ ଦପ ଦପ ଆଲୁଅରେ ଦେଖେ ନଦେଖେ ବାରବାର

ସବୁ ଏଠି କଳା ଲାଗେ ସବୁ ଧଳା

ଅତୁଆ ଜାଲର ମେଞ୍ଚା ଖିଅ ପରି ଲାଗେ ସବୁ ଅନ୍ଧକାର ।

ଏଠି ବିବେକି କିଏ

ସଚ୍ଚା ସତ୍ୟ ଖୋଜେ ବାରବାର

ସନ୍ଧାନୀ କୁକୁର

ଏଠି କେହିନୁହେଁ କାହାର ।

ତୁ ହିଁ ନିଜର

କାହିଁକି ମାନେ ନାହିଁ ତୋତେ

ଉତ୍ତର ଥାଇବି

ଖୋଲି ପାରେ ନାହିଁ ମୋ ବିବେକର ଦ୍ୱାର ।

ଯେତେ ବେଳେ ତୋ କଥାରେ ଚାଲିବି

ଜୀବନ ମୋ ରାଜ ରାସ୍ତାରେ

ପଛ ଘୁଞ୍ଚା ନାହିଁ ଆଗକୁ ବଢ଼ିବି

ଚକ ଗଡ଼ିଯିବ ବିଜୟ ପଥରେ

ହଁ ହଁ ବିଜୟ ପଥରେ ।

ରାଇପୁର, ଛତିଶଗଡ଼

ଭ୍ରାମ୍ୟଭାଷ : ୯୮୫୩୫୭୦୦୧୯

ଆହ୍ୱାନ ପତ୍ରିକା

Magazine Downloaded from www.aahwaan.com
ବିଶେଷ ବିଷୁବ ସଂଖ୍ୟା ୨୦୧୯

# ବାରୁଦସ୍ତୁପରେ ମୁଁ ଜଗନ୍ନାଥ



ମନୋରଞ୍ଜନ
ମୁଦୁଲି

ବିଖଣ୍ଡିତ ବିକ୍ଷିପ୍ତ ଧ୍ୱଂସ କରାଳ ପାଦତଳେ,
କଳା ଧୂଆଁ... ପୋଡ଼ା ମଣିଷର ଗନ୍ଧ,
ଦରପୋଡା ଅସ୍ଥି ମାଂସ ମୃତ ଶରୀର...
ଯନ୍ତ୍ରଣାରେ ଛଟପଟ ଲକ୍ଷଲକ୍ଷ ବିକଳାଙ୍ଗ,
କଳ୍ପନା ବାହାରେ ବୀଭତ୍ସ ସେ ଦୃଶ୍ୟ......
ଏତିକିରେ ନଥିଲା ସରି ପ୍ରଳୟର ଶେଷ ।
ବିକୃତ ମସ୍ତିଷ୍କରେ ବିକଟାଳ ରୂପ,
ଆଗାମୀ କେତେ ପିଢ଼ିଯାଏ ଲମ୍ବିଥିଲା କରାଳର ହସ୍ତ ।
ଜୀବନି ଶକ୍ତିଟିକକ ମାରୁଥିଲି କଷ୍ଟରେ ନିଃଶ୍ୱାସ,
ଯଦି ବା ଥିଲା ସେଦିନ ପରମାଣୁର ଗୋଟିଏ ଶତାଂଶ ।

ତୁମକୁ ମୁଁ ଦେଇଥିଲି ସାରା ସରଗର ସୁଖ...,
ବଞ୍ଚିବାର ଅମୋଘ କାଇଦା ଟିକକ ।
ସଜାଡି ଦେବାକୁ ମୁଁ ପଠାଇଛି କେତେ ମୋର ଶାନ୍ତିଦୂତ,
ଧର୍ମଂ ଶରଣଂ ଗଚ୍ଛାମୀ.... ସଂଘମ୍ ଶରଣଂ ଗଚ୍ଛାମୀ...
ବୁଦ୍ଧଂ ଶରଣଂ ଗଚ୍ଛାମୀ କାନେ କାନେ କେତେ ମୁଁ କହିଲି ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବିଶେଷ ବିଷୁବ ସଂଖ୍ୟା ୨୦୧୯

କେତେଥର ଆଉ ଆସିବି ନିର୍ବୋଧ ମଣିଷ ହୋଇ,

ସମ୍ଭବାମୀ ଯୁଗେ ଯୁଗେ ଦେଇଥିଲି କହି...

ଆସୁଥିବି ଖାଲି ତୁମ ବର୍ବାଦୀକୁ ଦେଖିବା ପାଇଁ... !

କେତେ ଯେ ଦେଇଛି ସାଧନା ସିଦ୍ଧି ସମାଧାନ,

ଜନ୍ମ ଜନ୍ମାନ୍ତର ପାପ ପ୍ରାୟଶ୍ଚିତ ପାଇଁ,

ସତ୍ୟ ଶାନ୍ତି ମୁକ୍ତିର ପଥ ଦେଇଛି ଦେଖାଇ...

ଶରଣ ନେବାକୁ ସମୟ ନାହିଁ ତ କାହାରି ।

ଶାନ୍ତିର ପ୍ରସ୍ତାବ ନେଇ ଯାଇଥିଲି.... ଯୁଦ୍ଧଟାକୁ ଦେବାକୁ ଏଡାଇ,

ଅସ୍ତ୍ର ମୁଁ ଧରିବି ନାହିଁ ପ୍ରତିଜ୍ଞା କରିଥିଲି......,

ପାର୍ଥିବ ଶରୀରରୁ ଅନେକ ଉର୍ଦ୍ଧ୍ୱକୁ ନେଇ ଦେଖାଇଲି ଆତ୍ମାର ସ୍ୱରୂପ...

ରଣ କ୍ଷେତ୍ରେ ସଖା ପାର୍ଥର ସାରଥୀ ହୋଇ... !

ଇତିହାସ କହିଲା କପଟୀ... ତଥାପି ସହିଲି,

ବିବସ ହେଇଛି ବିବସ୍ତ୍ର ନାରୀ ମର୍ଯ୍ୟାଦା ପାଇଁ ।

ତଥାପି ଅନ୍ଧ ହେଇଗଲ ତୁମେ ସବୁ..., ଅନ୍ଧପୁଟୁଳି ଆଖିରେ ବାନ୍ଧି ।

ରକ୍ତର ନଦୀ... ଛିନ୍ନ ମସ୍ତକ ଶରୀର.. କେତେ ବୀର ସିପାହୀ ଘୋଡ଼ା ଆଉ ହାତୀ,

ଦେଖିବାକୁ ରହିଲେନି କେହି ଜଣେ ବାକି...

ସୁନ୍ଦର ଏଇ ସୃଷ୍ଟିଟା ନଥିଲା ତୁମରି...,

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବିଶେଷ ବିଷୁବ ସଂଖ୍ୟା ୨୦୧୯

ଅଣୁରୁ ପରମାଣୁ ବିଶ୍ୱ ବ୍ରହ୍ମାଣ୍ଡ ସାରା ସୃଷ୍ଟିଥିଲା ତ ମୋହରି,

ଲୁହ ଓ ଲହୁର ବନ୍ୟା ତୁମେ କରିଛ ତିଆରି ।

ପାରିବ କି ଏ ଯାଏ ବିନ୍ଦୁଏ ରକ୍ତକଣିକା ତିଆରି... ?

ପାରିବନି ଯୁଗ ଯୁଗ ଚେଷ୍ଟାକରି ଜୀବନର ସତ୍ତାକୁ ତିଆରି ।

ପାରିବକି ମଳୟରେ ମଧୁର ଗନ୍ଧଟି କେ ଭରି.... ?

ପାରିବ କି ଆଲୋକକୁ ଥରେ ସ୍ପର୍ଶ କରି... ?

ଗଢିବାର ଶକ୍ତି ଯଦି ନାହିଁ ତ ତୁମରି,

କାହିଁକି କରୁଛ ନଷ୍ଟ ଏ ସୁନ୍ଦର ସୃଷ୍ଟିକୁ ମୋହରି.... !

ପରମାଣୁ ବାରୁଦ ସ୍ତୁପରେ ମୋତେ ଠିଆ କରି ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବିଶେଷ ବିଷୁବ ସଂସ୍କରଣ ୨୦୧୯

# ରକ୍ତାକ୍ତ କଲମ



ସଞ୍ଜୟ କୁମାର ଦାସ

ପୁଳେ ମଣିଷଖିଆଙ୍କ ଆତଙ୍କବାଦ,
ନପୁଂସକ ମାନଙ୍କ ବଳାତ୍କାର
ମୋଟା ଟଙ୍କା, ପଇସାପୂର୍ଣ୍ଣ ଚର୍ବି,
ଆଉ କିଛି ଧଳାଟୋପି ଗୁଡାଙ୍କର ଭୁକିବା –

ଦେଖି ଦେଖି ସହେ, ଆଉ ସହି ସହି ଦେଖେ
ଏ ନିରୀହ କଲମ ।
ଚିତ୍କାର କରି କରି –
କ୍ଳାନ୍ତ ପଡିଯାଇଛି ସେ,
ପରାସ୍ତ କରିପାରେନି ଏ ବହୁରୁପୀମାନଙ୍କୁ ।

କଲମର ଆବେଗ ବଢ଼େ ସିନା,
ତୀବ୍ରତା ମନ୍ଥରି ଯାଏ
କଲମ ଚାହେଁ ଶାନ୍ତି,
ସଭ୍ୟ, ସିଖିତ ପରିପକ୍ୱ ରାମରାଜ୍ୟ
"ଲଢି ଚାଲିଛି ସେ ଏକାକୀ, ଉର୍ଦ୍ଧଗାମୀ ହୋଇ
କାଳି ସରିବା ପର୍ଯ୍ୟନ୍ତ" ।

ଢେଙ୍କାନାଳ, ଭ୍ରାମ୍ୟଭାଷ : ୭୬୦୮୯୪୬୫୯୯

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com
ବିଶେଷ ବିଷୁବ ସଂଖ୍ୟା ୨୦୧୯

# ସଫେଦ ଚାଦର ତଳେ



ସନ୍ତୋଷ କୁମାର ରାଉତ

ସଫେଦ ଚାଦର ତଳେ
ଢାଙ୍କି ହୋଇଅଛି ସେହି
ନିଷ୍ପ୍ରାଣ ପଞ୍ଚଭୂତର ମିଥ୍ୟା ଶରୀର ।
କେତେ ଆଶା କେତେ ସ୍ୱପ୍ନ
କେତେ ବୃଥା ଆସ୍ଫାଳନ
ଗର୍ବ, ଦମ୍ଭ, ଅହଂକାର ହୋଇଛି ସ୍ଥିର ।
ନିରବି ଯାଇଛି ସବୁ ଶବ୍ଦ ତାହାର ।
ଖାଁ ଖାଁ ଚାରିଆଡ଼, ପରିପାର୍ଶ୍ୱ ସବୁ ସ୍ଥିର
ପରିଜନଙ୍କ ଆଖିରେ ଲୁହର ଧାର ।
ଧନ ଜନ ସମ୍ପତ୍ତିର
ପ୍ରତିଷ୍ଠା ପ୍ରତିପତ୍ତିର
ମତ୍ତ ଗର୍ବେ ବୃଥା ମନକରି ନିଜର ।
ମୋହଜାଲେ ଛନ୍ଦି ହୋଇ
କେତେ ପ୍ରାଣେ କଷ୍ଟ ଦେଇ
ଭାବୁଥିଲ ସବୁ କିଛି ଅଟେ ମୋର ।
କାହିଁ କେହି ତ ନ ଗଲେ ସାଥେ ତୁମର ?

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବିଶେଷ ବିଷୁବ ସଂଖ୍ୟା ୨୦୧୯

ମିଥ୍ୟା ପଛେ ଧାଇଁ ଧାଇଁ, ଜୀବନ ଦେଲ ବିତାଇ

ଏ ଶରୀର ସତ୍ୟମଣି, କଳଙ୍କେ ଢାଙ୍କିଲ ଦେହେ କଳାଚାଦର ।

ଶେଷ କିନ୍ତୁ ଏଠି ସତ୍ୟ, ଆପାଦ ମସ୍ତକେ ଥିବ ଶ୍ୱେତଚାଦର ।

ଦର୍ଶନାର୍ଥୀ ଚିନ୍ତାକରେ, କ୍ଷଣେ ବୈରାଗ୍ୟକୁ ଧରେ

ବାଟ ହୁଡ଼ି ପୁଣି ଚାଲେ ସେ ନର୍କଦ୍ୱାର ।

ଭୁଲିଯାଏ ସେ ଦିନର, ସଫେଦ୍ ଚାଦର... ସଫେଦ୍ ଚାଦର... ।

କେନ୍ଦ୍ରାପଡ଼ା, ଓଡ଼ିଶା

ଭ୍ରାମ୍ୟଭାଷ : ୭୦୦୮୦୩୯୮୪୮

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବିଶେଷ ବିଷୁବ ସଂଖ୍ୟା ୨୦୧୯

# ତୁମର କଣ ହୋଇଛି ?



ପ୍ରାଣବନ୍ଧୁ ପ୍ରଧାନ

ତୁମର କ'ଣ ହୋଇଛି ?
ନା, କିଛି ନୁହେଁ ବାସ ଭାବବିହ୍ୱଳିତ ହୋଇ ଅଧିକ କିଛି କହିଦେଇଥିବା
ପାଟିରେ ଆଜି କିଏ ଶିକୁଳି ପକାଇ ଦେଇଛି ।
ତୁମର କ'ଣ ହୋଇଛି ?
ନା କିଛି ନୁହେଁ ବାସ ଅଧିକ ଭାବୁଥିବା ଲୋକଟି ସବୁଦିନପାଇଁ
ଭାବନା ନଦୀର ଅତଳ ଗର୍ଭରେ ବୁଡ଼ିଯାଇଛି ।
ତୁମର କ'ଣ ହୋଇଛି ?
ନା କିଛି ନୁହେଁ, ବାସ୍ ଅତିକଷ୍ଟରେ ଲେଖିଥିବା କବିତାଟିର
କେତୋଟି ପଂକ୍ତି କୁଆଡ଼େ କେଜାଣି ହଜିଯାଇଛି ।
ତୁମର କ'ଣ ହୋଇଛି ?
ନା କିଛି ନୁହେଁ, ବାସ୍ ମୋ ପ୍ରିୟ ବହିଟିର କିଛିଟା ଫର୍ଦ୍ଦ
ମୋ ଅଜ୍ଞାତରେ କୁଆଡ଼େ ଉଡ଼ିଯାଇଛି ।
ତୁମର କ'ଣ ହୋଇଛି ?
ନା କିଛି ନୁହେଁ, ବାସ୍ ଅନ୍ୟର ସ୍ମିତି ସଜାଡୁଥିବା ଲୋକଟି
ଆଜି ନିଜର ସ୍ମିତିକୁ ନିଜେ ହରାଇ ବସିଛି ।
ତୁମର କ'ଣ ହୋଇଛି ?
ନା କିଛି ନୁହେଁ, ବାସ୍ ଅଜାଗାରେ ଗୋଟେ ଘା' ହୋଇଛି
ନା ତାକୁ ମୁଁ ନିଜେ ଦେଖି ପାରୁଛି ନା ଅନ୍ୟକୁ ଦେଖାଇ ପାରୁଛି ।

ସ୍ନାତକୋତ୍ତର ସଂସ୍କୃତ ଛାତ୍ର
କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, ଓଡ଼ିଶା

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com
ବିଶେଷ ବିଷୁବ ସଂକ୍ରାନ୍ତି ୨୦୧୯

# ମୃତ୍ୟୁ



ଅଜୟକୁମାର ବେହେରା

ଜୀବନର ଶେଷ ସୀମା କଣ ମୃତ୍ୟୁ
କେବେ ଏଡ଼ିହୁଏ ନାହିଁ
ମୋ ପ୍ରିୟାର ଆରପାରିରୁ ଆହ୍ୱାନ
ଡାକୁଥାଏ ବାର ବାର
ଆସିଯାଅ ପ୍ରେମିକ ଆସିଯାଅ ପତି

ମୃତ୍ୟୁର ଆକାଶରେ
ଶାନ୍ତିର ରହି ଆଜି ଉଇଁଉଠେ
ଢାଳିଦିଏ ଅମୃତର ବାରି
ତୋଳିନେବାପାଇଁ ଅଶାନ୍ତ ସାଗରରୁ

ମୃତ୍ୟୁର ଶଯ୍ୟାରେ ଶୋଇ
ଆଜି ଦେଖୁଛି ସପନ
ହାତରେ ଧରିଛି ପ୍ରେମର ଗୋଲାପ
ଶୁଖିଯାଇଛି ପାଖୁଡ଼ା
ଅର୍ଦ୍ଧ ଦଗ୍ଧ କାଠର ଜ୍ୱାଳାରେ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବିଶେଷ ବିଷୁବ ସଂକ୍ରାନ୍ତି ୨୦୧୯

ନାହିଁ ତାର ଛନ୍ଦ, ନାହିଁ ତାର ମାୟା

ସନ୍ଦେଶ ଭରା ଚିଠି ନେଇ

ଘୋଟି ଆସେ ମୃତ୍ୟୁର କାୟା ।

ଜୀବନର ପ୍ରାଙ୍ଗଣରେ ବାଜି ଉଠିଛି

ମୃତ୍ୟୁର ଭୈରବ ରାଗିଣୀ

ଭରିଆସେ ଲୋତକର ସିନ୍ଧୁ

ଅକାଳରେ ଘୋଟିଗଲା ପ୍ରେମିକର ମୃତ୍ୟୁ

ବିଜୁଳିର ଚମକରେ ଫାଟିଯାଏ ବୁକୁ

ଆସ୍ତେ ଆସ୍ତେ ଚାଲିଆସେ ଜୀବନରେ ମୃତ୍ୟୁ...

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com
ବିଶେଷ ବିଷୁବ ସଂସ୍କରଣ ୨୦୧୯

# ପୁତ୍ରସର୍ବସ୍ୱଙ୍କୁ ପଦେ



ପ୍ରିୟଙ୍କା ସାହୁ

ଅଭିଶାପ ଝିଅ ଜନନ,　　ପୁଅ ସାଜିବରାଜା,
କନ୍ୟାଭ୍ରୂଣକରି ହନନ,　　ବୋହୂଚାଲିଛିଖୋଜା ।
ଅପରୂପା ଖୋଜେ ଲଳନା　　ସତେ ସରଗପରୀ,
ସେମିତି ବଧୂଟେ ମିଳେନା,　　ଯାଏ ବୟସ ସରି ।
ଦାଢ଼ିନିଶ ବଢ଼ି ପାକଳ,　　ମଥା ଦିଶେ ଖଲ୍ୱାଟ,
ଖୋଜିବୁଲେ କଳି କଅଁଳ,　　କନ୍ୟା କିଳେ କବାଟ ।
ଫେରିବକି ଆଉ ସେ ଦିନ　　ବୋହୂ କିଣି ଆଣିବି,
ସେ ଆଶା ହେଲାଣି ମଳିନ　　ବୋହୂ କାହୁଁ ପାଇବି ?
ବଦଳି ଯାଇଛି ସମୟ　　କିଏ ବିକିବ କନ୍ୟା,
ଅପାଠୁଆ ସାଥେ ପ୍ରଣୟ　　ଦେବ ଲୁହର ବନ୍ୟା ।
ପୁଅ ବାହା ଆଶା ମରିବ,　　ଶେଷେ ହେବ ସେ ବାବା,
ନାରୀ ବିନା ଗୃହ ରଚିବ　　ସର୍ବେ ହୋଇବେ କାବା ।

ଶବ୍ଦାର୍ଥ - ଜନନ - ଜନ୍ମ, ହନନ - ହତ୍ୟା, ଖଲ୍ୱାଟ – ଲଣ୍ଡା

ସାହାନିଆଜ ପୁର, କଟକ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com
ବିଶେଷ ଶିଶୁ ସଂସ୍କରଣ ୨୦୧୯

# ଶିଶୁ ଯେବେ କହିଦିଏ ମା



ସମ୍ବିତ ସତ୍ୟପ୍ରକାଶ
ମିଶ୍ର

ମାଟିରୁ ଆକାଶଯାଏ ପ୍ରତିଧ୍ୱନି ଖେଳିଯାଏ
ଶିଶୁ ଯେବେ କହିଦିଏ ମା
ଥାଏ ସେ ମୋ ଚେତନାରେ
ହୃଦୟର ବେଦନାରେ
ଥାଏ ମୋ ସ୍ପନ୍ଦିତ ଆତ୍ମାରେ
ଥାଏ ସେ ମୋ ପ୍ରାର୍ଥନାରେ
ଆଲୋକିତ କରି ସେ ମୋ ସମଗ୍ର ସତ୍ତାକୁ
ଅଦୃଶ୍ୟରେ ଉଭା ସିଏ ନାରୀଟିଏ
ବାଟକୁ ମୋ ଜଗିଥାଏ
ମୋ ଅବାଧ୍ୟତାକୁ କରିଥାଏ ଆକଟ
ଲୁହ ଦେଖିଦେଲେ ମୋ ଦୁଇ ଆଖିରେ
ସେ କାନ୍ଦି ଉଠେ ତା ଅନ୍ତର ଭିତରେ
ଆଖିର ଲୁହ ତା
ଲୁଚାଇ ରଖେ ସେ ନିଜ ଭିତରେ
ଖାଲି ସେତିକି ନୁହେଁ...
ଦୁଇଟୋପା ଲୁହ ପୋଛିଦିଏ ନିଜ ପଣତକାନିରେ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବିଶେଷ ବିଷୁବ ସଂଖ୍ୟା ୨୦୧୯

ଆଶା ନଥାଏ ତା କିଛି ପାଇବାର

ଥାଏ ସେ ମୋ ପାଖେ ପାଖେ ମୋ ସୁଖରେ ଦୁଃଖରେ

ହସରେ କାନ୍ଦରେ ଭାବରେ ପୁଣି ମୋ ଅଭାବରେ

ବସନ୍ତର ଆଗମନେ ସ୍ୱାଗତ ତୁମକୁ

ଏ ଧରଣୀ ବୁକୁରେ ମା ମୋର ।

ଗୁଡିଆନଳୀ ,ଢେଙ୍କାନାଳ -୭୫୯୦୦୧

ଇମେଲ ଠିକଣା : sambitsm1987@gmail.com

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com
ବିଶେଷ ବିଷୁବ ସଂଖ୍ୟା ୨୦୧୯

# ବନ୍ଧୁତ୍ୱ



ସୌମ୍ୟରଞ୍ଜନ ପାତ୍ର

ଯଦି କେ ପଚାରେ ପିତାମାତା ପରେ
ଜୀବନରେ ଶ୍ରେଷ୍ଠ କିଏ
ନିଃସନ୍ଦେହେ ଏହା ହୃଦୟ ମୋ କହେ
ବନ୍ଧୁବିନା କେହି ନୁହେଁ
ହୃଦୟ ଭାବନା ବନ୍ଧୁ ଜାଣିପାରେ
ବନ୍ଧୁତ୍ୱର ମୂଲ ପାଇଁ
ବନ୍ଧୁ ବିନା ଏହି ଜୀବନ ଅଧୁରା
ପାରିବେନି କେହି ଜୀଇଁ
କାହିଁ ପିଲାବେଳ ପୁଣି ଧୂଳିଖେଳ
ମନେପଡି ଲୁହ ଝରେ
କେତେ ଅଭିମାନ ପୁଣି ରାଗରୁଷା
କ୍ଷଣିକରେ ସବୁ ସରେ
ଜୀବନର ସବୁ କଠିନ ସମସ୍ୟା
ମିଶି କରୁ ସମାଧାନ
ସମ୍ମାନର ପ୍ରଶ୍ନ ଉଙ୍କେ ଯେବେ ମନେ
ରଖୁ ବନ୍ଧୁତ୍ୱର ମାନ

ଜୀବନ ମୋତର ପ୍ରତିଟି ମୁହୂର୍ତ୍ତେ
ଛିଡା ହୋଇଥାଏ ବନ୍ଧୁ
ବିପଦେ ଆପଦେ ସବୁ ସମୟରେ
ଲଙ୍ଘିପାରେ ସାତ ସିନ୍ଧୁ
ବନ୍ଧୁର ବନ୍ଧୁତ୍ୱ ସ୍ୱର୍ଗଠାରୁ ବଡ
କେହି ନୁହେଁ ତାର ସରି
ବଞ୍ଚିଥିବା ଯାଏଁ ଜୀବନରୁ କେବେ
ଯାଏ ନାହିଁ ଅପସରି
ତିନୋଟି ଅକ୍ଷର ସମ୍ମିଶ୍ରଣେ ସୃଷ୍ଟି
ଏହି ସଂସାର ଅସ୍ତିତ୍ୱ
ପ୍ରତାରଣା ଭରା ଦୁନିଆଁରେ ଆଜି
ସତ ଖାଲିଏ ବନ୍ଧୁତ୍ୱ ।

ଗ୍ରାମ/ପୋଷ୍ଟ: ଖଡିଅଙ୍ଗ
ଜିଲ୍ଲା: ଯାଜପୁର
ପିନ୍: ୭୫୫୦୪୯

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବିଶେଷ ବିଷୁବ ସଂଖ୍ୟା ୨୦୧୯

# କଣାମାମୁଁ



ରମେଶଚନ୍ଦ୍ର ସାହୁ

ଦୁଇ ମିଶାଣ ସାତ ସମାନ
କେତେ ହେବ କହି ପାରୁନ
ଗାରଟଣା ତୁମେ ଗଣିତ ଶିଖିଛ
ପୋଢ଼ ଭୁରୁଡୁ ଜମା ଛାଡୁନ ।

ତୁମ ପୁନାସରେ ପଡ଼ିନି ପଥର
ପଙ୍କମାଟି ମୁଣ୍ଡ ଟେକିଛି
ଉଆସ ଦେଖିଲେ ମୁହଁ ମୋଡୁଅଛ
ଚିକ୍କଣରେ ଗୋଡ଼ ଖସୁଛି ।

ଜଳା ପଞ୍ଜିରିଟି ରଖିନାହଁ ତୁମେ
ଦୁଆରେ ପଶୁଛି ପବନ
ଏତେ ଜ୍ଞାନୀ ବୋଲି ସଫେଇ ଦେଉଛ
ଶହେରୁ ଆଣୁଛ ଶୂନ ।

ଅଳେଇଚ ମଞ୍ଜି ଖାଇସାରି କିଏ
ଚୋପା ଫିଙ୍ଗିଥିଲା ପିଣ୍ଡାରେ
ନ ଜାଣିଲା ପରି ତୁଣ୍ଡରେ ପୁରାଇ
ଫୁଟାଣି ଛାଡୁଛ ଦାଣ୍ଡରେ ।

କଣାମାମୁଁ ଭଲ ସଭିଏଁ କହନ୍ତି
କଣେଇ କାହାକୁ ନ ଚାହୁଁ
ଉତ୍ତମମଧ୍ୟମ ସମ୍ଭାବନା ବେଶୀ
ନିକିତି ସମାନେ ଝୁଲୁଥାଉ ।

ତୁମ ବିଜ୍ଞ କଥା ବଖାଣି ବସିଲେ
ବାନର ସେନାକୁ ମନେ ପଡ଼େ
ଶିମ୍ବମଞ୍ଜିଠାରୁ ଉପରକୁ ଡେଇଁ
ମଲାବେଳେ ହନୁ କରଯୋଡ଼େ ।

ହିଞ୍ଜିଳିକାଟୁ, ଗଞ୍ଜାମ, ଓଡ଼ିଶା

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବିଶେଷ ବିଷୁବ ସଂଖ୍ୟା ୨୦୧୯

# ଗୁଣକୁ କର ଆଦର



ସୁବାସ ଚନ୍ଦ୍ର ମୁଦୁଲି

ଖଣିଜ ଦରବ ଭିତରେ ସାର

କୋଇଲା ଅଟଇ ନାମଟି ତାର

ମିଳଇ ତାଠାରୁ କେତେ ଜିନିଷ

ରଙ୍ଗ, ଫିନାଇଲ, ରାନ୍ଧିବା ଗ୍ୟାସ

ସାକାରିନ, ପିଚୁ, ଗନ୍ଧକର୍ପୂର

ଘରକୁ ବିଜୁଳି, କ୍ଷେତକୁ ସାର

ରୋଗୀକୁ ଔଷଧ, ଦେହକୁ କନା

କେତେ ଉପକାର କରଇ ସିନା

ଆଖିକୁ ପଛକେ ନଦିଶୁ ତୋରା

ଦିଅଇ ଆମକୁ କୃତ୍ରିମ ହୀରା

ସେଥିପାଇଁ 'କୃଷ୍ଣ ହୀରକ' ନାମ

ରଙ୍ଗ ନୁହେଁ, ଗୁଣ ଆଣେ ସୁନାମ

ବରିଷ୍ଠ ପ୍ରାଯୁକ୍ତିକ

ମୁଖ୍ୟ ଚିକିତ୍ସାଳୟ , ସମ୍ବଲପୁର

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com
ବିଶେଷ ବିଷୁବ ସଂଖ୍ୟା ୨୦୧୯

# ମନେ ପଡୁଅଛି ଗାଆଁ



ଶ୍ରୀରାଜଶେଖର
'ସି' ଚିମା

ଅତି ନିର୍ମଳ ନୈସର୍ଗିକ ମୋର ଗାଆଁ,
ହଂସପାଳ ବୋଲି ସୁପ୍ରସିଦ୍ଧ ଯାହାର ନାଆଁ ।୧।

ମନେ ପଡୁଛି ଜେଜେବାପା ଜେଜେମାଙ୍କ ଘର ଅଗଣା,
ତାଙ୍କଠାରୁ ଶୁଣିଥିବା ନୀତି କାହାଣୀରୁ ମିଳେ ପ୍ରେରଣା ।୨।

ପୁଣି କେତେ ଖୁସିରେ ସ୍ନେହ କରନ୍ତି ମୋ ଅଜାଆଇ,
ନିଜକୁ ଭାଗ୍ୟବାନ ଭାବେ ତାଙ୍କ ଅପାର ପ୍ରେମ ପାଇ ।୩।

ଶୁଭ୍ର ବାୟୁମଣ୍ଡଳ ବିଶୁଦ୍ଧ ଜଳ ଏଇଠି ପୁରା ମାଗଣା,
ପ୍ରାକୃତିକ ପ୍ରଦୂଷଣ ଆର୍ତ୍ତନାଦର ନାହିଁ ଏଇଠି ପ୍ରତାରଣା ।୪।

କେତେ ସୁନ୍ଦର ଯେ ଆମ ଗ୍ରାମ୍ୟ ପୁଷ୍କରିଣୀ,
ଦେଖିଲେ ଲାଗେ ଯେମିତି ସ୍ଥିର ତରଙ୍ଗିଣୀ ।୫।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବିଶେଷ ବିଷୁବ ସଂକ୍ରାନ୍ତି ୨୦୧୯

କେତେ ବଢ଼ିଆ ସାହି ପଡ଼ିଶାର ଗପ,

କିଛି ସମୟପାଇଁ ଭୁଲିଯାଏ କାମର ଚାପ ।୬।

ଭକ୍ତିପୂର୍ଣ୍ଣ ପରିବେଶ ଦିଅନ୍ତି ନିକୁଞ୍ଜ ବିହାରୀ ଶିବ ମାରୁତିଙ୍କ ମନ୍ଦିର,

ଗ୍ରାମବାସୀ ଭକ୍ତିରେ ଦର୍ଶନ କରନ୍ତି ମାଆ ତାରିଣୀଙ୍କ ମନ୍ଦିର ।୭।

ଚିରସ୍ଥାୟୀ ଚିତ୍ରରେ ସୁସଜ୍ଜିତ ହୋଇଛି ଘରଘରର ପାଚେରି,

ଦେଖି ଦେଖି ଆଭାସ ହୁଏ ଯେ ଏହା ପ୍ରତି ଘରର ସୁନ୍ଦର ପ୍ରହରୀ ।୮।

କେତେ ହରିତ ଦିଶନ୍ତି ବିଲ ବଗିଚା,

ସଦା ଏହି ସବୁଜ ପ୍ରଦେଶେ ରହିବାର ହୁଏ ଇଚ୍ଛା ।୯।

ଭୁଲିହୁଏନି ଦୋଳପୂର୍ଣ୍ଣିମା ଦୋଳ ଗୋବିନ୍ଦଙ୍କ ଦୋଳଯାତ୍ରା,

ବନ୍ଧୁମିଳନରୁ ଶୋଭନୀୟ ହୁଏ ଶ୍ରୀଜୀଉଙ୍କ ରଥଯାତ୍ରା ।୧୦।

ଗାଆଁ ଯିବାକୁ ଖୋଜୁଛି ବାହାନା,

ନିଜ ଗାଆଁ କେବେ ଆସିବାକୁ କରେନି ମନା ।୧୧।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com
ବିଶେଷ ବିଷୁବ ସଂସ୍କରଣ ୨୦୧୯

# କାଞ୍ଚନ କୁମାରୀ



ହୃଦୟାନନ୍ଦ ପଧାନ

ହୃଦୟକୁ ଦୁଃଖ ଦେଇ ଚାଲିଗଲ କାହିଁକି
ମୋ ଘରଣୀ ରାଣୀ ତୁମେ ଏକି କଲ ସଖୀ ।

ବସନ୍ତ ଶଶାଙ୍କ ତୁମ ଚାରୁ ମୁଖ ସ୍ଥଳ
ପଲ୍ଲୀସିମନ୍ତିନୀ ପରି କାର୍ଯ୍ୟ ଗୋ ମଞ୍ଜୁଳ ।

କର୍ଣ୍ଣେ ଶୋଭା ପାଉଥିଲା କାଞ୍ଚନର ମାଳ
ଅରୁଣ କିରଣେ ଦିଶୁଥିଲା କି ପ୍ରାଞ୍ଜଳା ।

ଗ୍ରିବାଚୁମ୍ବି କୁନ୍ତଳ ତୋ ସୁଶ୍ରୀ ଶୋଭାବନ
ପ୍ରଭୁଞ୍ଜନ ପ୍ରଭାବହେ ସତେ ତରଙ୍ଗ ସମାନ ।

ତବ ଅଙ୍ଗେ ରଙ୍ଗପଟ ବସ୍ତ୍ରର କି ଶୋଭା
ସତେକି ବାରୁଣୀ ଭାନୁର ଅସ୍ତଗାମୀ ଆଭା ।

ରୁନୁ ଝୁଣୁ ବାଜୁଥିଲା ଚରଣ ନୁପୁର
ସତେ କି ମୋହନ ମୁରଲୀ ବଂଶୀ ସ୍ୱର ।

ହୃଦୟ ତୋ ପବିତ୍ରର ଥିଲା ସ୍ମୃତି ସ୍ଥଳ
କେଉଁ ଉପାଦାନେ ଗଢ଼ାଥିଲୁ ଲୋ ବିରଳ ।

ଗୁଣରେ ତୁ ଶ୍ରେଷ୍ଠ ଥିଲୁ ସପ୍ତସତୀ ପରି
ଶାନ୍ତ ସ୍ନିଗ୍ଧା କୋମଳ ତୁ ସୁଧାଂଶୁ ପରି ।

ତୋ ପରି ମୁଁ ଦେଖି ନାଇଁ ପୁଣ୍ୟବତୀ ସ୍ତିରୀ
ଧରା ପୃଷ୍ଠେ ନଥିବେ ଲୋ ସତୀସାଦ୍ୱି ନାରୀ ।

ତୁ ଥିଲୁ ମୋ ଏ କୋଇର ଅବଳା ସୁନ୍ଦରୀ
ଜୀବନର ଅନ୍ତିମ ପ୍ରଣୟ ସହ ଚାରି ।
ଜନକ ଜନନୀ ଥିଲେ ପ୍ରଭୁଙ୍କ ପୂଜାରୀ
ଗେହ୍ଲାରେ ନାଁ ରଖିଥିଲେ କାଞ୍ଚନ କୁମାରୀ ।

ଅମରପାଲି , ବୀରମହାରାଜପୁର
ସୁବର୍ଣ୍ଣପୁର, ଓଡ଼ିଶା

ଆହ୍ୱାନ ପତ୍ରିକା

Magazine Downloaded from www.aahwaan.com
ବିଶେଷ ବିଷୁବ ସଂଖ୍ୟା ୨୦୧୯

# ନାରୀ



ପ୍ରକାଶ ଚନ୍ଦ୍ର ମୁଦୁଲି

ନାରୀ :-

ନାରୀ  ଘରକୁ ସୁନ୍ଦର
କନ୍ୟା ରୂପରେ ସୁନ୍ଦର
ପୁତ୍ର କୂଳକୁ  ସୁନ୍ଦର
ହେଲେ ସୃଷ୍ଟିରେ  ସୁନ୍ଦର ପରମେଶ୍ୱର

କନ୍ୟା :-

କନ୍ୟା ଦୁହିତା ଦୁଇ କୂଳକୁ ହିତା
ନହେଲେ  ଦୁଇ କୂଳକୁ ପିତା
କନ୍ୟା ପାଇଁ ଲୋଡ଼ା ବର
ପୁତ୍ର ପାଇଁ ଲୋଡ଼ା ପୁତ୍ର ବଧୁ
ସ୍ତ୍ରୀ ପାଇଁ ଲୋଡ଼ା ପ୍ରକୃତ ସ୍ୱାମୀ
ହେଲେ ଜଗତ ପାଇଁ ଲୋଡ଼ା ଜଗଦୀଶ୍ୱର

ପୁତ୍ର :-

ଜଳ ବିନା ଯେବେ ଝସ
ପୁତ୍ର ବିନା ଯେବେ ମାତ
ଈଶ୍ୱର ବିନା ଯେବେ ସଂସାର
ସବୁ ଲାଗେ ତୁଚ୍ଛ
ନାରୀ କେବେ ଜନନୀ
ପୁଣି କେବେ ଜାୟା
ନାରୀ ଅଟେ ଦୁହିତା
କୂଳ  ରକ୍ଷା ଲାଗି ଜନମିଛି  ଯେପରି  ।

ପ୍ରକାଶ ଚନ୍ଦ୍ର ମୁଦୁଲି, MA.BED.
ସହକାରୀ ଶିକ୍ଷକ, ରାୟଗଡା

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com
ବିଶେଷ ବିଷୁବ ସଂଖ୍ୟା ୨୦୧୯

# ବିଷମ ପ୍ରଶ୍ନ



ଉର୍ମିଳା ଦାସ

ପତଙ୍ଗ ଜାଳଇ ନିଜକୁ ନିଜେ ନା
ଦୀପ ଜାଳେ ପତଙ୍ଗକୁ
ଏ ବିଷମ ପ୍ରଶ୍ନ ବୁଝେନି ପରା ମୁଁ
ପଚାର ତ ସମୟକୁ ।
ମୁଁ ପରା ଅଜ୍ଞାନ ନାହିଁ ମୋର ଜ୍ଞାନ
ଆଗେ ବୀଜ ଅବା ଗଛ
ଜାଣେନା ମୁଁ ଆଗ ଅଣ୍ଡା ନା କୁକୁଡ଼ା
କିଏ ଆଗ କିଏ ପଛ ।
ଜାଣେନା କେ ଆଗ ପୁରୁଷ ପ୍ରକୃତି
କାହାର ପ୍ରଥମ ସୃଷ୍ଟି
ପ୍ରକୃତି ଲୋଡ଼ଇ ପୁରୁଷକୁ ଅବା
ପୁରୁଷ ଲୋଡ଼େ ପ୍ରକୃତି ।
କେବେ ତ ବୁଝିନି ଚୁମ୍ବକ ଲୁହାକୁ
ଅବା ଲୁହା ଚୁମ୍ବକକୁ
କିଏ ଆକର୍ଷଣ କରଇ କାହାକୁ
କିଏ ଭେଟି ଦିଏ ନିଜକୁ ।
ଜହ୍ନ ଉଦୟରେ କଇଁ ଫୁଟେ ଅବା
ଜହ୍ନ ଆସେ ଦେଖି କଇଁ
ଏତିକି ବୁଝିଛି ଭାବେ ବନ୍ଧା ପରା
ଦୁହେଁ ତ ଦୁହିଁଙ୍କ ପାଇଁ ।
ଏତିକି ବୁଝିଛି ଜଣେ କ୍ଷୀର ହେଲେ
ଆନ ତା ମଧ୍ୟରେ ନୀର
ଜଣେ ବିନ୍ଦୁ ହେଲେ ଆରେକ ସାଗର
ହୃଦୟ ତ ଏକାକାର ।

ଗୋକୁଳପୁର, ଟାଙ୍ଗୀ, କଟକ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com
ବିଶେଷ ବିଷୁବ ସଂଖ୍ୟା ୨୦୧୯

# ନିବେଦନ



ଚନ୍ଦ୍ରକାନ୍ତ ଜେନା

ଦୁଃଖୀଟିଏ ପ୍ରଭୁ କରୁଛି ଗୁହାରି
ଏତିକି ଶୁଣିମା ହେଉ
କାମନା ବାସନା, ଅହଙ୍କାର ପ୍ରଭୁ
ସର୍ଭିଁଠୁ ଦୁରେଇ ଯାଉ ।

ରାଗ ଭୟ କ୍ରୋଧ ଦୁରେଇ ଦିଅ ହେ
ପ୍ରତିଟି ଜନମାନସୁ
ଶାନ୍ତି, ମୈତ୍ରୀ ଭାବ ଜାଗ୍ରତ କର ହେ
ବିଶ୍ୱ ଆଜି ହସି ଉଠୁ ।

ମୋହ ମାୟା ଆଉ ସ୍ୱାର୍ଥପରତାକୁ
ବିନାଶ କର ହେ ପ୍ରଭୁ
ଶୁଦ୍ଧ ଚିତ୍ତ ଆଉ ନିଷ୍କଳ ହୃଦୟ
ତୁମରି ନାମକୁ ଭାବୁ ।

ପର ଅନିଷ୍ଟ ଓ ଆତ୍ମ ବଡ଼ିମାରେ
କି ଅବା ଅଛି ହେ ଲାଭ
ଏ ମାୟା ସଂସାରେ ଦୁଃଖ ଯାତନାରେ
ତୁମରି ନାମ ହିଁ ଶୁଭ ।

ଜୀବନର ମାନେ ଏଠି ଅମୂଲ୍ୟ ହେ
କେହି କିଛି ବୁଝେ ନାହିଁ
ଦୁର୍ଲଭ ଜୀବନ ପାଇକି ବି ପ୍ରଭୁ
କିଛି ଏଠି ଲାଭ ନାହିଁ ।

ସଦବୁଦ୍ଧି ସଦଜ୍ଞାନର ସାଗରେ
ଭସାଇ ନିଅ ହେ ପ୍ରଭୁ
ହୃଦୟକୁ ଆମ କର ନିର୍ବିକାର
ମନେ ଆନନ୍ଦ ଝଲସୁ ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com
ବିଶେଷ ବିଷୁବ ସଂସ୍କରଣ ୨୦୧୯

# ଅବିର



ଯଶୋବନ୍ତ ପଟ୍ଟନାୟକ

ହେ ଅବିର... ! !

ତୁମ ସାଥେ ଖେଳିଛି ମୁଁ କେତେ...

ସାଙ୍ଗ ସାଥି ମେଳେ;

କେତେ ଉତ୍ସାହରେ - କେତେ ପୁଲକରେ

ଝୁମିଛି ମୁଁ

ନାଚି ନାଚି, ଗାଇ ଗାଇ

ତୁମରି ରଙ୍ଗରେ ରଙ୍ଗାୟିତ ହୋଇ ।

ହେଲେ ଆଜି ! !

କାହିଁ ଗଲ ଛାଡ଼ିଦେଇ ମୋତେ...

ଏକୁଟିଆ କରି;

କେତେ ଯାତନାରେ - କେତେ ଯନ୍ତ୍ରଣାରେ

ଝୁରୁଛି ମୁଁ

ତିଳ ତିଳ - କାନ୍ଦି କାନ୍ଦି

ତୁମରି ସ୍ମୃତିରେ କୋହକୁ ମୁଁ ଛନ୍ଦି ।

ହଁ ବୋଧହୁଏ ! !

ସେଦିନ ତୁମେ ନିଶ୍ଚୟ ଫେରିବ...

ସବୁ ରଙ୍ଗ ଧରି;

ଜଡ଼ ଦେହଟାକୁ - ଧଳା ଲୁଗାତଳେ

ଚାପିରଖି ମୁଁ -

ଚୁପ୍ ଚାପ୍ - ଆଖି ବୁଜି,

ଯେବେ କୋକେଇର କୋଳେ ଯିବି ହଜି ।

ଓଡ଼ଗାଁ, ନୟାଗଡ଼, ଓଡ଼ିଶା

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com
ବିଶେଷ ବିଷୁବ ସଂସ୍କରଣ ୨୦୧୯

# ନାରୀ



କାହ୍ନୁଚରଣ ସାହୁ

କେବେ ନାରୀ କେବେ ନାରାୟଣୀ ସାଜି
ସୁଧାରେ ସେ ଧରାଧାମ
ଦୁନିଆ ଭିତରେ ଅମୂଲ୍ୟ ରତନ
ଅତୁଳନୀୟ ତା' ପ୍ରେମ... ।ଘୋଷା ।

ଧରଣୀ ବୁକୁରେ ବିବିଧ ରୂପରେ
ଚତୁର୍ଦ୍ଦିଗେ ବିରାଜିଛି
ଆକାଶ ପରି ତା' ବିଶାଳ ହୃଦୟୁ
ସ୍ନେହ ପ୍ରେମ ଝରୁଅଛି ।
ମାତା ରୂପେ ପୁଣି ଚିର ବନ୍ଦନୀୟା
ସନ୍ତାନକୁ ଦିଏ ଜନ୍ମ
ଶତକଷ୍ଟ ସହି ପରିବାର ପାଇଁ
ମନାସଇ ଭଗବାନ ।

କେବେ ନାରୀ କେବେ... ।୧ ।

କୁମାରୀରୁ ସେହି କୂଳବଧୂ ହୋଇ
ଚଳଇ ଶଶୁର ଘର
ପତିକୁ ଈଶ୍ୱର ମଣି ନିରନ୍ତର
ଗଢ଼େ ସୁଖର ସଂସାର ।
କେତେ ଓଷାବ୍ରତ କେତେ ଉପବାସ
କରୁଥାଇ ରାତିଦିନ
ପରିବାରେ କେହି ରୋଗରେ ପଡ଼ିଲେ
ଅସ୍ତବ୍ୟସ୍ତ ତାର ମନ ।

କେବେ ନାରୀ କେବେ... ।୨ ।

ଭଗିନୀ ସାଜି ସେ ବାନ୍ଧେ ଭାଇ ହାତେ
ଅଛିଣ୍ଡା ବନ୍ଧନ ସୁତା

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ସୁଖେ ଦୁଃଖେ ତାର ଥିଲେ ଭାଇ ସଦା
ହୋଇବ ଜଗତ ଜିତା ।
କେବେ ସାଜେ ପ୍ରାଣ କେବେ ପ୍ରିୟତମା
କଥା କହି ଜିଣେ ମନ ପ୍ରେମର
ପ୍ରେମର ନିଶାରେ ହୃଦୟ ଚୋରାଏ
ଭୁଲି ରାଗ ଅଭିମାନ ।
କେବେ ନାରୀ କେବେ... ।୩ ।

ପଣ୍ଡକାମାଳ, ମ.ରାମପୁର, କଳାହାଣ୍ଡି, ଓଡ଼ିଶା
ଭ୍ରାମ୍ୟଭାଷ : ୯୫୫୬୮୨୨୪୪୭
ଇମେଲ୍ : kahnuchsahus@gmail.com

Magazine Downloaded from www.aahwaan.com
ବିଶେଷ ବିଷୁବ ସଂସ୍କରଣ ୨୦୧୯

# ଉତ୍କଳ ଦିବସ



ଏ ପି ଶୁଭକାନ୍ତ

ଉତ୍କଳ ଦିବସ
କାହିଁ କେତେ କାଳୁ
ଜନମିଥିଲା କେଜାଣି,
ବ୍ରିଟିଶ ଶାସନ କାଳେ
ଭାଗହେଲା ପୁଣି ।

ହିନ୍ଦୀ ତେଲୁଗୁ ବଙ୍ଗାଳୀ
କଲେ ଅବହେଳା,
ପରିଚୟ ପାଇଁ ଲଢ଼ିଛି
ଆସିଛି ସେ ବେଳା ।

ଓଡ଼ିଆ ଭାଷା ଇତିହାସ
କରିବାକୁ ବିଲୟ,
ବଙ୍ଗାଳୀ ମିତ୍ର କହିଲେ
"ଓଡିୟା ଏକଟି ସ୍ୱତନ୍ତ୍ର ଭାଷା ନୟ"

ରଥ ସେନାପତି
କୃଷ୍ଣଚନ୍ଦ୍ର ମଧୁବାବୁ,
ଗଢିତୋଳିଲେ ଭାଷାକୁ
ଉତ୍ସର୍ଗ କରି ସବୁ ।

ଆହ୍ୱାନ ଇ-ପତ୍ରିକା

ବିଶେଷ ବିଷୁବ ସଂଖ୍ୟା ୨୦୧୯

୧୯୩୬ ଅପ୍ରେଲ

୧ ତାରିଖରେ,

ଫେରିପାଇଲା ପରିଚୟ

ଓଡ଼ିଶା ରୂପରେ ।

ଦେଖୁ ଦେଖୁ ବିତିଲାଣି

ତାକୁ କେତେ ଦିନ,

ଆଜି ବି ମୋ ଭାଷା ପାଇଁ

ବ୍ୟସ୍ତ ହୁଏ ମନ ।

ଏ ପି ଶୁଭକାନ୍ତ ସାମଲ

ହରିପୁର, ଖଡିଅଙ୍ଗ, ଯାଜପୁର ୭୫୫୦୪୯

zubun98@gmail.com

ଭ୍ରାମ୍ୟଭାଷ : ୮୨୮୦୧୩୦୬୦୫

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com
ବିଶେଷ ବିଷୁବ ସଂସ୍କରଣ ୨୦୧୯

# ଆସ ଗଛ ଲଗାଇବା



ନିରୁପମା ଦେଓ

ଗଛ ଲଗାଇବା ଗଛ ଲଗାଇବା
        ଆସ ମୋ ଭଉଣୀ ଭାଇ
ଚାରିପାଖେ ତାର ବାଡ ଦେଇଦେବା
        ଖାଇବେନି ଗୋରୁ ଗାଇ
ବରଷା ଆସିଲେ ପାଣି ଦେଇଦେବ
        ସବୁଜ ହୋଇବ ମାଟି
ଖରାଦିନେ ଆଉ ତାତି ବନି ଧରା
        ଖୁସିରେ ଉଠିବା ମାତି
ବଡ ହେଲେ ସିଏ ଫୁଲ ଫଳ ଦେବ
        ଥକା ମାରିବାକୁ ଛାଇ
ତା'ପରି ମହତ କାମ କଲେ ଆମେ
        ସରଗ ହୋଇବ ଭୂଇଁ

ଶିକ୍ଷୟିତ୍ରୀ ,ସମ୍ବଲପୁର

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ବିଶେଷ ବିଷୁବ ସଂଖ୍ୟା ୨୦୧୯

# ଜହ୍ନହଜେ ତାରା ଖୋଜେ



ମନୋଜ କୁମାର ବେହେରା

ଭଗବାନ ନ କରନ୍ତୁ
ପିଲାଙ୍କ ଡ୍ରଇଁ ଖାତାରେ
କରିବାକୁ ପଡୁ କେବେ ନୃଶଂସ (*) ଚିତ୍ର ।
ଶଗଡ଼ର ପୃଷ୍ଠପିଠିକାରେ ଲଦା ହେଉଥିବା
ସେଇ ଦୁର୍ଲ୍ଲଭ ଦୃଶ୍ୟ,
କ୍ୟାନଭାସରେ ବାନ୍ଧିବାକୁ ନପଡୁ ଯେମିତି
ଅନ୍ଧାରୁଆ ଅଙ୍କାବଙ୍କା ଶଗଡ଼ର ଛାତ ।

ପାହାଡ଼ତଳି ନଈର ନିର୍ଜନ ପଥରେ
ଶଗଡ଼ିଆର ମଧୁର ସଂଗୀତ,
ମନେ ନ ପଡୁ ଯେମିତି ସେ
ଓଡ଼ିଆ ପୁଅର ପୁଷ୍ପକ ବିମାନ ।

ପିଲାଙ୍କ ବର୍ଣ୍ଣନାରେ ଅଛି କି ନାହିଁ
ପଶ୍ଚିମାର ସେଇ ଦୃଶ୍ୟପଟ
ବଣ - ବିଲ - ବୃକ୍ଷଲତା କୂଳରେ ବସିଛି

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବିଶେଷ ବିଷୁବ ସଂଖ୍ୟା ୨୦୧୯

ମୁହୂର୍ତ୍ତ ଏ କୃପଣ ରାକ୍ଷସ ।

ମାଟିଖଲା ଉପରରେ କଂକ୍ରିଟ୍ ଚାଦର
କାଠ ମେରିହି ସାଜିଛି ଲୁହାର ସ୍ତମ୍ଭ
ହସୁଛି ଟ୍ରାକ୍ଟର ବଳଦିଆ ଆଖି ନେଇ
ଭାସୁଛି ବାଷ୍ପାୟିତ ଧୂମକେତୁ
ଆକାଶକୁ କେବେ ଚିରି କେବେ ହସି ହସ୍ତସନ୍ତ କରି ।

ଉଚ୍ଚପ୍ରାଥମିକ ରଚନା ଖାତାରେ
ଆଉ ହସୁନି ମହୁଲିଆ ଶୀତର କାକର
ଖାଲି ରଡୁଛି, ବୁଡୁଛି ହତାଶା - ନିରାଶା
ଚତୁର୍ଦ୍ଦିଗେ ଶୁଭେ ଅବଶୋଷର ଗଭୀର ଚିତ୍କାର ।

ହସୁନି ଶୀତୁଆ କାକର ବୁନ୍ଦାରେ
ଆଉ ପାଚିଲା ଧାନର ଫଳ
ଫୁଟୁନି ଆଉ କାଇଁ ମଲିମୁଣ୍ଡିଆ ଓଠରେ
ଶ୍ରାବଣରେ ଖୁସିର ଝଲକ ।

ଆଉ ବାସୁନି ମହମହ ମୋ ଜୁଇଯାଇ, ମାଳତୀ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବିଶେଷ ବିଷୁବ ସଂଖ୍ୟା ୨୦୧୯

ଆଉ ଫୁଟୁନି କୁଆ ମଇତା, ଜହ୍ନିଫୁଲ କାହିଁ
ଗାଆଁର ଚାଳୁଆ ମୁଣ୍ଡକୁ ଜାବୁଡ଼ି ଜାବୁଡ଼ି ।
ଆଉ କଣ୍ଟା ଦେହେ ହସୁନି ରକ୍ତମୟ ଶିମିଳିର ଫୁଲ
ଆଉ କାଇଁ ଚହଟୁନି ପଳାଶର ଦେହସାରା ।
ଯୌବନର ଯୁତ ।

ହସୁଚି ଚାରିଆଡ଼େ ଅନ୍ଧକାର ହତାଶାର ଛାଇ
ପହଁରୁଛି ଏ କୂଳରୁ ସେ କୂଳକୁ
ଜୀବନରେ ବେସାହାରା ହୋଇ ।

ଆଉ ହସ ଦିଶୁନାହିଁ
ଟାଆଁସିଆ ମାଉଁସିଆ କାଦୁଅ ଦିହରେ
ଏବେ ଖାଲି ହସୁଅଛି ବିବର୍ଣ୍ଣତା
ଘନ ଛାଇ ହତାଶାର କାଳିଆ ଦିହରେ ।

ଗାଁ ହଜେ ଗୋଠ ହଜେ
ମନ ଖୋଜେ
ବଂଶୀର ସେ ଅପୂର୍ବ ତରଙ୍ଗ
ହିଲ୍ଲୋଳତା ଖୋଜିବସେ ମୋ ଗାଁକୁ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବିଶେଷ ବିଷୁବ ସଂଖ୍ୟା ୨୦୧୯

ବାନ୍ଧିବାକୁ ଘରୁଆ ସକାଳ ।

ସହରର ଛାତ ତଳେ ଗାଁ ଖଣ୍ଡେ ଖୋଜେ ବସି
ମନମୋର ହଜେ ନିତି
ସଂକୁଚିତ ଜୀବନର ଚିତ୍ର ହସି
ତାଳ - ଗଣ୍ଠିବଣ ହଜେ ମନ କାନ୍ଦେ
ଗୋହିରା ବମ୍ବୁରୁ ଶାଳେ ପିଟି ନିତି
ପିଲାବେଳ ଖୋଜୁଥାଏ ନିର୍ଜନତା
ଏକା ଏଠି ବସି ବସି ।

(* ପ୍ରଥମ ପାରାଗ୍ରାଫରେ ଲେଖକ କଣ ଲେଖିଛନ୍ତି ପଢ଼ି ହେଉନାହିଁ)

ଅଧ୍ୟାପକ, ଓଡ଼ିଆ ବିଭାଗ
ପି.ଏସ୍.ଏସ୍.ଜେ. ଡିଗ୍ରୀ ମହାବିଦ୍ୟାଳୟ
ବଅଁରପାଳ, ଓଡ଼ିଶା
ଭ୍ରାମ୍ୟଭାଷ : ୭୩୭୭୪୪୯୭୫୪

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com
ବିଶେଷ ବିଷୁବ ସଂସ୍କରଣ ୨୦୧୯

# ସୁଧାଂଶୁର ଅବୁଝା ଲୁହ



ସୁଧାଂଶୁ ଶେଖର ମଣ୍ଡଳ

ଭାଗ୍ୟ ତ ଧରିଚି ସତେ କେଉଁ ଲେଖନୀ
ଲେଖିଲା ସେ କି ଅକ୍ଷର କେହି ଦେଖିନି
ଏଠି ଜନମ ଦୋଷ ନା କରମ ଦୋଷ
ଏଠି ଭାଗ୍ୟର ଦୋଷ ନା ସମୟର ଦୋଷ
ହସିବାକୁ ଡର ଲାଗେ ଝରୁଛି ଲୁହ
ଏ ତ ସୁଧାଂଶୁର ଅବୁଝା ଲୁହ ।

ବେଳେ ବେଳେ ଏମିତିକା ଭୁଲ ହୋଇଯାଏ
ସେଥିପାଇଁ ପ୍ରାୟଶ୍ଚିତ କରିବାକୁ ହୁଏ
ହେଲେ ସେଇ ଭୁଲର କିଛି କାରଣ ଅଛି
ଏତେ ଦରଦ ଦୁନିଆଁ ଥାଇ ବୁଝେନା କିଛି ।
ନିରିମାଖି ମନ ତା'ର ନିଜର ନୁହଁ
ଏଇ ତ ସୁଧାଂଶୁର ଅବୁଝା ଲୁହ ।

ବାଲେଶ୍ୱର, ଓଡ଼ିଶା
ଭ୍ରାମ୍ୟଭାଷ : ୭୭୫୨୦୪୬୭୬୦

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com
ବିଶେଷ ବିଷୁବ ସଂଖ୍ୟା ୨୦୧୯

# ଆଜିର ରେବତୀ



ବନ୍ଦନା ନାୟକ

ବଣ ମଲ୍ଲୀ  ମୁଁ
ବଣରେ ଫୁଟି ଝରିବା ପୂର୍ବରୁ
କିଏ ତୁମେ ଦେବଦୂତ ତୋଳି ନିଅ ମୋତେ
ତୁମ ପ୍ରିୟାର ଗଭାରେ ଗଜରା କରି ବାନ୍ଧିଦିଅ,
ଘଡ଼ିଏ ଖୁସିହୁଅ......
ଝରା ଶେଫାଳି ମୁଁ
ରାତି ପାଇଲେ ଝରିଯିବି
କିଏ ତୁମେ ଦେବଦୂତ
ରାତି ଅଧଟାରେ ତୋଳିନେଇ
ତୁମ ବାସର ରାତିକୁ
ସୁଗନ୍ଧିତ କରିଦିଅ.....
ବ୍ୟାସ କବିଙ୍କ ମାନସ କନ୍ୟା ରେବତୀ ମୁଁ
ପାହାନ୍ତି ତାରାକୁ ଚାହିଁ ଚାହିଁ
ମୃତ୍ୟୁର ଦିନ ଗଣୁଥିଲା ବେଳେ
କିଏ ତୁମେ ଦେବଦୂତ
ହାତ ଧରି ନେଇଯାଅ ମୋତେ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପାହାଚ ପରେ ପାହାଚ ଚଢାଇ

ଉଚ୍ଚ ଶିକ୍ଷା ର ଶିଖର ରେ ପହଞ୍ଚାଇ ଦିଅ ।

ଆଉ ତା'ପରେ ମୁଁ ଜୀବନ ଜିଇଁବାର ସଂଘର୍ଷ ରେ ହାରିଯାଏ

ଏଠି ସାର୍ଟିଫିକେଟ ସବୁ ମୂଲ୍ୟହୀନ ହୋଇପଡେ

ଦୁନିଆଁ ଚାହେଁ ଆଉ କିଛି.....

ନିରାଶ ହୁଏ ମନ

ଅବଶ ହୁଏ ଶରୀର

ପଛକୁ ଚାହିଁଲା ବେଳକୁ

ତୁମେ ନ ଥାଅ,ଥାଏ ଖାଲି

ଲୋ ରେବ, ଲୋ ନିଆଁ,

ଲୋ ଚୁଲିର କର୍କଶ ସ୍ୱର....

ହେ ଦେବଦୂତ

ଆଗରେବି ତୁମେ ନଥାଅ

ଥାଏ ଖାଲି ହାଏ, ହେଲୋ ର

ଆନ୍ତରିକତା ହୀନ ସମ୍ପର୍କ

ମୋତେ ବ୍ୟସ୍ତ କରେ,

ବିବ୍ରତ କରେ,

ମୁଁ ହତ ଚକିତ ହୁଏ

ପ୍ରେମିକ ସହ କଟାଇଥିବା

 Magazine Downloaded from www.aahwaan.com

ବିଶେଷ ବିଷୁବ ସଂକ୍ରାନ୍ତି ୨୦୧୯

ନିରୋଳା ମୁହୂର୍ତ୍ତସବୁ ଯେତେବେଳେ ପ୍ରତାରଣା ର

ବଜାରରେ ନିଲାମ ହୁଏ

ବିଶ୍ୱାସଘାତକତାର ତରାଜୁରେ ଡିଭିଡ଼ି ପ୍ଲେୟର ରେ ।

ମୁଁ ବାରମ୍ବାର ଆତ୍ମହତ୍ୟା ର ଦ୍ୱାହି ଦେଇ ଅଲାଜୁକି ଙ୍କ ପରି

ଯେପରି ଜୀଇଁ ଥାଏ ...

ଅନିଚ୍ଛା ସତ୍ତ୍ୱେ ନିଜକୁ ସଜାଡେ

ପେନ୍ ସିଲ୍ ରେ ଭୂରୁ ଟାଣି,ହାଇ ହିଲ୍ ପିନ୍ଧି,

ଦେହରେ ଅନାବୃତ ପୋଷାକ ଆଚ୍ଛାଦିତ କରି

ମୋ ଉତ୍ତାଳ ଯୌବନକୁ ତରଙ୍ଗାୟିତ କରେ

ବାରମ୍ବାର ଧର୍ଷିତା ହୁଏ

ଦେହ ଓ ମନ

ଡାକ୍ତରଖାନାର ଚୌହଦି ଭିତରେ ସୀମିତ ରହେ ମାତୃତ୍ୱ

ବ୍ୟଥାବେଦନା ହାହାକାର ଭିତରେ ମୁଁ ବଞ୍ଚିରହେ

ଗାଉଁଲି ରେବ ଆଉ ମାଡାମ୍ ରେବତୀ ଭିତରେ

ଅନେକ ତଫାତ୍......

ମୁଁ ଅତିଷ୍ଠ ହୁଏ ଶୈଶବ ବିଳପି ଉଠେ,ମନ ଉଚ୍ଚାଟ ହୁଏ

ଲୋ ରେବ, ଲୋ ନିଆଁ,ଲୋ ଚୁଲି ର ଡାକରେ

ଭରି ରହି ଥିବା

ଆତ୍ମୀୟତା, ଆକଟତା ମୋତେ ଫେରେଇନିଏ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com
ବିଶେଷ ବିଷୁବ ସଂକ୍ରାନ୍ତି ୨୦୧୯

ଯେଉଁଠି ଥିଲା ମୋର କଉଡ଼ି ତିଆରି ଷଠିଘର,ଏକ୍ତଡ଼ିଶାଳ ..

* * * * * *

ଯାହାରି ଭିତରେ ବଦଳି ଯାଇଥାଏ ଗାଁର ନକ୍ସା

ଧାନ, ପାନ, ମୀନ,ମନ ସବୁରି ଉପରେ ଠିଆ ହୋଇଥାଏ

ଭିଦେଶୀ କମ୍ପାନୀ

ଭାଗବତ ଟୁଙ୍ଗିରେ ଏଲସିଡି

ଅଲବମ ଗୀତ,କ୍ରିକେଟ ଖେଳ ମତୁଆଲା କରେ

ଏଠାରେ ବି ଭାଟି,ଖଟି,ବଟି, ରାଜନୀତି ।

ବଦଳି ଯାଇଛି ବୁଢ଼ୀମା ମାନଙ୍କର ମାନସିକତା

ଗାଁରେ ଗଢି ଉଠିଛି

ବାଳିକା ସ୍କୁଲ

ମୋତେ ଦେଖି ନ ଦେଖିଲାର ଭାବ,

ବାଟଭାଙ୍ଗି ଚାଲିଯାନ୍ତି

ସବୁ ପ୍ରିୟ ପରିଚିତ

ସମ୍ପର୍କ ସଂଜ୍ଞା ହୀନ ମନେ ହୁଏ

ମୁଁ ପ୍ରକୃତିସ୍ଥ ହୁଏ

ନିଜକୁ ସଜାଡେ

ବାର ହାତ କପଡ଼ାରେ ଆବୃତ ପିଠି ପେଟ ସବୁ

ଠିକ ଠାକ୍ ଥାଏ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଧିରେ ଧିରେ ଘରଡିହ ରେ

ପାଦ ଥାପି ଦେଖେ

ଟଙ୍କିକିଆ ଚାଉଳର ଭାତ ଖାଇ

ହେଣ୍ତି ମାରୁଥିବା କେଇଟା ରାଣ୍ଡିପୁଅ ଙ୍କ ଜୁଆ ଆଡା ପାଲଟିଥାଏ...

ମୁଁ ନିଃଶବ୍ଦ ରେ ପଛକୁ ଫେରେ

ମୁଣ୍ଡ ଉପରେ ଟାଣ ଖରା,

ପାଦତଳେ ଉତ୍ତପ୍ତ ମରୁବାଲି

ଜୀବନ ଦୁର୍ବିସହ ମନେହୁଏ

ନୈରାଶ୍ୟ ରେ ଗାଁ ମୁଣ୍ଡ ବରଗଛ ମୂଳେ ଦଣ୍ଡେ ବସି

ଜୀବନକୁ ତର୍ଜମା କରୁଥିବା ବେଳେ

କିଏ ତୁମେ ଦେବଦୂତ

ମୋର ସବୁ କଳଙ୍କକୁ ତୁମ ପ୍ରେମର ଲୁହରେ ଧୋଇଦେଇ,

ହୃଦୟରୁ ବୋଧ ଦେଇ,ପ୍ରୀତିର ସିନ୍ଦୂର ପିନ୍ଧାଇ,ମୋତେ ଶଙ୍ଖୋଳି ନିଅ ଗୃହଲକ୍ଷ୍ମୀ ର ମର୍ଯ୍ୟାଦା ଦେଇ

ମୁଁ ଝୋଟି ଦିଆ ଦହି ମୁହାଁର ଘରକରଣା ଭିତରେ ସମସ୍ତଙ୍କୁ ଆପଣାର କରିବାକୁ ଚେଷ୍ଟା କଲାବେଳେ

ସେମାନେ ମୋତେ ପୋଡ଼ି ମାରନ୍ତି

ଯୌତୁକ ଜଟୁଗୃହେ

ସକଳ କାକୁତି ବ୍ୟର୍ଥ ହୁଏ ,

 Magazine Downloaded from www.aahwaan.com

ମୁଁ ଶ୍ମସାନୀତ ହୁଏ

ଆଉ ତୁମେ ଆସି ମୋ ଦରପୋଡା ଉଷୁମ ପାଉଁଶ ଭିତରୁ ଅସ୍ଥି ଖଣ୍ଡିଏ ଖାଲି ଅଣ୍ଡାଳୁ ଥାଅ

ଆଉ ଭାବୁଥାଅ

ରେବତୀ ମାନେ କଣ

କାଳେ କାଳେ

ଅସୁରକ୍ଷିତ, ନିର୍ଯାତିତ ନିଷ୍ପେସିତ.... ? ? ? ?

ଭୁବନେଶ୍ୱର

Magazine Downloaded from www.aahwaan.com
ବିଶେଷ ବିଷୁବ ସଂଖ୍ୟା ୨୦୧୯

# ଜୀବନର ସ୍ୱର



ମିନାକ୍ଷୀ ପଣ୍ଡା

ନିଃଶବ୍ଦରେ ଯାତ ଦହେ ଜନପଥ
ଏକାକୀ ନୁହେଁ ତଟିନୀ
ନାଉରୀ ତା'ମିତ କଣ୍ଠେ ନାନା ଗୀତ
କୋଳେ ଜଳଚର ପ୍ରାଣୀ ।

ଶୂନ୍ୟ ନୀଳାକାଶେ ଇନ୍ଦ୍ରଧନୁ ହସେ
ସପ୍ତରଙ୍ଗ କିଏ ଭରେ ?
ଏକାନ୍ତେ କହ୍ନାଇ ବଂଶୀ ବାଉଥାଇ
ଗୋପେ ପ୍ରୀତିରସ ଝରେ ।

ନିଃସଙ୍ଗ ଜୀବନ ଜୀଇଁକି ସୁମନ
ଭ୍ରମର ହାରିବ ପ୍ରାଣ
ମନରେ ସାଇତା ଅବୋଲା କବିତା
ଦେଉଥାଏ ସୁରମନ ।

ନୁହେଁ ଏକାକିନୀ ଜୀବନ ତରଣୀ
କାତ ହାତେ ନନ୍ଦସୁତ
ଗଭୀର ଗମ୍ଭୀର ନିରବତା ସ୍ୱର
ନାହିଁ କେ ଏ ତ ଏକାନ୍ତ ।

ପାରଳାଖେମୁଣ୍ଡି, ଗଜପତି

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com
ବିଶେଷ ବିଷୁବ ସଂସ୍କରଣ ୨୦୧୯

# ସଂବଲପୁରୀ

# ବିଭାଗ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com
ବିଶେଷ ବିଷୁବ ସଂସ୍କରଣ ୨୦୧୯

# କିଏ ହୋ ତମେ



କବି ପ୍ରସାଦ

କିଏ ହୋ ତମେ
ଆଇଛ କେନୁ
ଆନିଛ କାଏଁଟା ସଁଗେ
ଦେବ ହୋ କାଣା
ନେବ ହୋ କାଣା
କାଣା ଅଛେ ତୁମର୍ ଭାଗେ ।
ଜାନିଛ କି ଛୁଛେ
ଘାଁଟି ହେଉଛ ଯେ
ଘାଏ ବସି ଭାବ ରଚେ
ଇ ବେଲାବୁଲି
ଯାହାହେବା ହେବା
ଆଁ ଫାରି ଥିବନ ପଛେ ।
ମୋର୍ ମୋର୍ ବଲି
ଆବିରି ଧରିଛ
ହେଟାଭିତ ହେବା ପର୍
ମୋହ ମାୟା ଛାଡି
ପାହାଁ ଥିଲେ କାଢି
ସଁସାର୍ କରବା ନିଜର୍ ।

ଗାଗର୍ ଗଦରା ନୁ
ପରାନ୍ ପାଏନ୍ ଟା
ଯେନ୍ ଦିନ ଯିବା ଶୁଖି
କିଛି କଭାରେ ଆରୁ
ନି ଲାଗେ ହେ ସବୁ
ସେନ୍ତୁକେ ଯେନ୍ ଅଛ ଭରି ।
କମାହ ହୋ ଥୋଡେ
ଧରମ୍ ଧନ୍ ଭବେ
ଇହପର ହେବା ଧଏନ୍
ଦୀନ୍ ଦୁଖିଆରୀର୍
ସେବାକରି କରି
ସୁଖେ କାଟୁଥ ହୋ ଦିନ୍ ।

ସର୍ଗିଗୁଡା, ମଣ୍ଡଳ, ବେଲପଡା, ବଲାଙ୍ଗୀର
ମୋବାଇଲ୍ - ୭୬୦୬୦୫୧୮୩୯୫

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com
ବିଶେଷ ବିଷୁବ ସଂସ୍କରଣ ୨୦୧୯

# ମାଟିର୍ ମହକ୍



ହରୀଶ୍ ତାଣ୍ତି

ଇ ମାଟି ଖେଲିକୁଦି  ବଡିଛେ
ସାଙ୍ଗ୍ ସାଥି ମାର୍ ଗାଲି ଲଡିଛେ
ଖାଇଛେଁ କେତନି ମାଡ୍,
ମା କୁଲେ ବସି ଖୁଏଇ ଦେଇଛେ
ଦାଏଲ୍ ତୁନ୍ ନୁନ୍ ଭାତ୍

ନରଦା ଡେଗା ଆଁଠୁ ଗଏଁଟ୍ ଫଟା
କ୍ଷେତ୍ ଖଲା ଜଙ୍ଗଲ୍ ନଲିଆ କଁଟା
ସାଙ୍ଗ୍ ସାଥି ଭିଲେ ମିଶି,
ପାଠ୍ ପଢ଼ା ଛାଡ଼ି ଆମଖାଇ ଯିମୁ
ବହିମୁନା କେ ଫିକି

ଇ ମାଟି ହଲ୍ ନଙ୍ଗଲ୍ ଧରି
ଚାଷୀ ପୁସେ ରାଏଜ୍ ଫସଲ୍ କରି
ତାର୍ ମୁହେଁ ନାଇଁ ହଁସି,
କିଏ ସୁନବା ଚାଷିର୍ କଥା
ବେଁକେ ଲଗାଲା ଫାଷି

ଇ ମାଟିର୍ ଯେତେ ନିରିହ ଲୁକେ
ଅସତ୍ ନି କହନ୍ ମରବେ ଭୁଖେ
ନେତାଆସି ଦେଲେଠଁକି,
ବଡ଼ ଲୁକିଆ ସରକାରି କଥା
ଆଁ କରି ଅଛନ୍ ଟାକି

ଆହ୍ୱାନ ଇ-ପତ୍ରିକା

ବିଶେଷ ବିଷୁବ ସଂଖ୍ୟା ୨୦୧୯

ଇ ମାଟି ଆମର୍ ପନପୁରୁଷା
ମାଏଟ୍ ବୁହି ହେଲେ ବଡେ ସରସା
ଭୁଖେ ନାଇଁ ମରି ଦିନେ,
ମାଏଟ୍ ଛାଡ଼ି କାହିଁ ବିଦେଶ୍ ଯିବୁ
ଛୁଆପିଲା ହେବେ ଭିନେ

ଇ ମାଟି ମିଶି ଯିମାରେ ସରଗ୍
ନେଇନାଇଁ ପାରୁ କିଛି ଦରବ୍
ଖାଲି ହାତେ ଯିମା ଫିରି,
ଭଲେ ରଖିଥିବୁ ମାଁ ସମଲେଇ
ଏତକି କରୁଛୁଁ ଗୁହାରି

ସାଲେପାଲି ଗଜବନ୍ଧ ସୁବର୍ଣ୍ଣପୁର
ମୋ-୮୦୧୮୪୦୫୨୮୭

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ବିଶେଷ ବିଷୁବ ସଂଖ୍ୟା ୨୦୧୯

# ସତର୍ ଜୟ



ହରୀଶ୍ ତାଣ୍ତି

ଯୁଗେ ଯୁଗେ ଉଡ଼େ ସତ ର୍ ବାନା
ସତ୍ ଧର୍ମର ନାଇନ ସିମା
ଅସତର୍ ମନେ ଭୟେ
ସତ୍ ଦ୍ୱାପର ତେରତୟା ଯୁଗେ
ସତର୍ ହୋଇଛେ ଜୟ୍ [୧]

ସତ୍ ଧରମେ ପାଁଚ୍ ପାଣ୍ଡବ
ଫଲମୁଲ୍ ଖାଇ ବୁଲଲେ ଜଙ୍ଗଲ୍
କାଟଲେ ମାୟାର୍ ଫାଶ୍
ହେତିର୍ ଲାଗି ସିନା କୌରବ୍ ସେନା
ସହେଭାଇ ଗଲେ ନାସ୍ [୨]

ସତ୍ ବଚନେ ରାମ୍ ମାହାପୁରୁ
ବନବାସ୍ ଗଲେ ରାଜ୍ ମହଲୁ
ଅନିଏର୍ ହେଲା ହାର୍
ରାବଣର୍ ଗଢ଼ା ସୁନାର୍ ଲଙ୍କା
ଜଲିପୁଡି ହେଲା ଖାର୍ [୩]

ସରଗ୍ ମରତ୍ ପାତାଳପୁରେ
ଅନିଏର୍ ବଲେ ରାଜ୍ ଦରବାରେ
ଦେବକୀ କେ କଲା ବନଧୀ
ଜନମିଲେ ପୁରେ କୃଷ୍ଣ ଅବତାରେ
କଁସ କେ ଦେଲେ ବଧୀ [୪]

ଗାନ୍ଧି ଧରଲେ ଅହିଂସା ନିତୀ
ସାରା ଭାରତେ ଉଠଲେ ଚେତି
ଇଂରେଜ ମାନଲେ ହାର୍
ସତର୍ ଜୟ ଯୁଗେ ଯୁଗେ ହେବା
ଅସତର୍ ନାର୍ ଖାର୍ [୫]

ସାଲେପାଲି ଗଜବନ୍ଧ ସୁବର୍ଣ୍ଣପୁର
ମୋ-୮୦୧୮୪୦୫୨୮୭

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com
ବିଶେଷ ବିଷୁବ ସଂଖ୍ୟା ୨୦୧୯

# ବାର ପାହାଡ଼



ତପସ୍ୱିନୀ କାଲୋ

ଜଙ୍ଗଲ୍ ଭିତରେ ବାର୍ ପାହାଡ୍
ପେନ୍ ଝରୁଛେ ଧାର୍ କେ ଧାର୍ ।
କୁର୍ରି ଠେକୁଆ ଭାଲୁର୍ ମଜା
ଜଙ୍ଗଲ୍ ଭିତ୍ ରେ କୁଲ୍‌ହିଆ ରଜା ।
ଆ ଦେଖି ଯିମା ବାର୍ ପାହାଡ୍
ବୀର୍ ସୁରେନର୍ ସୁନାର୍ ଗଡ୍ ।
କର୍ଡି ହେତୁଁଆ ବାଉଁଶର୍ ଗଡ୍
ଲୋକ୍ କହେସନ୍ ଇଟାକେ ଡେବ୍ରିଗଡ୍ ।
ବାର୍ ପାହାଡର୍ ପାତ୍ ତଲେ
ପେନ୍ ଝରୁଛେ କଲେ କଲେ ।
ମହାନଏଦ୍ କେ ଯାଏସି ବହି
ବାର୍ ପାହାଡର୍ ପଡସି ଛାଇ ।
ଜଙ୍ଗଲ୍ ଭିତରେ କରମା ଘର୍
ବାଘ ଭାଲୁ କେ ନାଇ ନ ଡର୍ ।
ବାର୍ ପାହାଡର୍ ମହୁଲ ଝାର୍
ବେଲ୍ ଆମ୍ ତେତେଲ୍ ଚାର୍ ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବିଶେଷ ବିଷୁବ ସଂଖ୍ୟା ୨୦୧୯

ମହାନଏଦ୍ ର ଝୁରୀ କକଁରା
　　ଗରିବ୍ ଦୁଃଖୀର୍ ବଢିଆ ପସରା ।
ବାର୍ ପାହାଡ଼ର୍ ପେନ୍ ପବନ୍
　　ଜଙ୍ଗଲ୍ ଭିତରେ ଶାନ୍ତି ମନ୍ ।
ମହୁଲ୍ ଝାରର୍ ଧୁକା ପବନ୍
　　ରସ୍ ରସିଆ ଆମର୍ ଜୀବନ୍ ।
ଇ ଜଙ୍ଗଲର୍ କେତନି ଗୁନ୍
　　ମନ୍ ଦେଇ କରି ବଢିଆ ଶୁନ୍ ।

ଶ୍ରୀମତୀ ତପସ୍ୱିନୀ କାଲୋ
ଗ୍ରାମ/ପୋଷ୍ଟ-ଲଖନପୁର, ଭାୟା-ଡୁଙ୍ଗରୀ
ଜିଲ୍ଲା-ବରଗଡ, ଓଡ଼ିଶା
ପିନ୍-୭୬୮୦୫୬

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com
ବିଶେଷ ବିଷୁବ ସଂସ୍କରଣ ୨୦୧୯

# ଖରାର୍ ଉରାଟ୍



ସୁଭାସଚନ୍ଦ୍ର ଭୁଏ

ଫଗୁନ୍ ବୁଡ଼ଲା ଉଦଲା ଚଇତ୍
　　ସିତ୍ ଛାଡ଼ି ହେଲା ଖରା
ଫଟିକ୍ ରେତ୍ ଉଜୁର୍ ଦିସେ
　　ଚକ୍ ଚକ୍ ଜନ ତରା ।।।

ତିଥି ଆଏଲେ ରାମ୍ ନବମି
　　ଗରଜିସି ଗାଁ ପରା
ରାଏତ୍ ବିକାଲ୍ ଜାତରା ଦେଖା
　　ଗୁଗାଗୁଗି ଠରାନରା ।।।

ଧୁକା ଗରଡ଼ି ଅକରତିଆ ପାନି
　　ମାରି ନଉଛେ କରା
ପିଲ୍ ଧାନ୍ ଚାର ମହୁଲ୍ ଲାଗି
　　ଚାସିର୍ ଚିନ୍ତା ଘରକରା ।।।

ଟଁ ଟଁ ସୁଖେ ନଏଦ୍ ନଲିଆ
　　ଟଁ ଟଁ ସୁଖେ ଟଁଟି
ଉରାଟ୍ ଦେଖେଇ ସୁରୁଜ୍ କହେ
　　ନାଇ ହେଇପାର କଁଟି ।।।

ସଖାଲୁ ସଖାଲୁ ରଟ୍ କରୁଛେ
ଗରମ ଲାଗିକରି ଚଟ୍ କରୁଛେ
　　ଝାଳ୍ ମଏସେନା ଜାଏ ଫିଟି
ଗଛର୍ ଛାଏଁ ନୁରା ଲାଗୁ ଛେ
　　ଦଗଲି ଜାଉଛେ ହିଟି ।।।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ବିଶେଷ ବିଷୁବ ସଂକ୍ରାନ୍ତି ସଂଖ୍ୟା ୨୦୧୯

ଅଁଧବେଲାନୁ ଥିର୍ ବାସି ପାଖାଲ
ଉଦା କରିନେସି ଟଁଟି
ଝାଉ ଖରାକେ ଡର ନାଇଲଗେ
କାମ କରୁଥିସୁ ଖଟି ।।।

ପାଏନ୍ ପବନ ଟା ବଦଲି ଜାଉଛେ
ଝାର୍ ଜଙ୍ଗଲ ଟା ସରି ଜାଉଛେ
ବଦଲି ଜାଉଛେ ପରକୁତି
କେନ୍ତା ହେବେ ଜିବ୍ ଢ଼ହଁକ୍ ବିକଳ
ଇଟା ଆଏ ତାକର ରଏତି ।।।

ଜଙ୍ଗଲ ଭିତରୁ ଖାଦପାନ ଲାଗି
ଜିବ୍ ନରଧିଲେ ଘରକୁତି
ଧିକରେ ମୁନୁସ୍ ନିଜର ଗୁଢ଼େ ନିଜେ ଚୋଟ
କେନ୍ କେ ଜିବୁ କେନ୍ କୁତି ।।।

ଗଛ ଆଏ ଆମର ଅରନ୍ ଦାତା
ଧୁକା ଦିଏ ଫୁଲ୍ ଫଲ୍
ଜଗାଲେ ଗଛ ହେବା ସଜ୍
ନାଇମରୁ ହେଇ କଲ ବଲ୍ ।।।

ଘରେ ଘରେ ଗଛ ବଢ଼ତି ଜଙ୍ଗଲ୍
ଉରାଟ୍ ସୁରୁଜର୍ ଭାଙ୍ଗେ
ଉଠ୍ ରେ ଉଠ୍ ନୁକୋ ମୁନୁସ୍ ଜେତ୍
ସୁରଜ୍ କେ ଦେମା ଚାଙ୍ଗେ ।।।.....

ଡୁଙ୍ଗୁରିପାଲି ମହାବିଦ୍ୟାଳୟ, ସୁବର୍ଣ୍ଣପୁର
ଧାଙ୍ଗେର, ବରଗଡ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ବିଶେଷ ବିଷୁବ ସଂଖ୍ୟା ୨୦୧୯

# ଗରିବ୍ ଜୀବନ୍



ମନୋଜ ମହାନନ୍ଦ

ଖଁଅରେଇ ଦେଖେଁ କଂଗରାବାର୍ ଲାଗି
ବାଘ୍ ଲେଁଖେଁନ୍ ଛଲାଂଗ୍ ମାରି,
ପନେସ୍ ବଁଟା ଗନ୍ଧୁଆ ରସିର୍
ଆଁକରି ବନ୍ଧା ଲାଠ୍ ଧରି ।

ଡୁଡମେଇ ହେନି ହୁମଡେ ମେତାନ୍
ଦୁଇ ଲାଂଗ୍ ପାଏନି ତର୍ ସର୍,
ଅଷଡିଆ ଗଛର ମଖଡିଆ ଡାହି
ଭିତରେ କିର୍ହା ସର୍ ସର୍ ।

ଖୁଁଟ୍, ଖୁଁଟଲି ସଁକଲି ବଟଲି
କଁଟ୍ ଗୁଟେ କରି କଁଟଲି,
ଦୁଇ ପେଣା କାଠ୍ ରହେନ ପଁଟେ ବାନ୍ଧି
ଠୁଡସି, କିରଚେଲ୍ ପିଟଲି ।

ଛାଏଁ ମଡାବେଲ୍ ହେଲା ମୁହେଁ ପାନ୍ ନାଇଁ
ପେଟେ ନାଇଁ ପଡବାର୍ ଅରନ୍,
ଅଁତିପୁଟା ମୋର୍ ଲଟକି ଯାଇ
ଭୁଖେ ଥରମରେ ଜୀବନ୍ ।

ଜୁତିନେ ଜୁଗରେଇ ଭାରେ ଫାନ୍ଦିକରି
ବଜାର୍ କେ ଯଉଥାଏଁ ବିକି,
ମାଟିଆ କୁର୍ତ୍ତା ପିନ୍ଧି ଚପରାସି ବାବୁ
ଅଧା ବାଟେ ଦେଲେ ଛେକି ।

ହାତ୍ ଯୁଡିକରି କହେନି ଛାଡି ଦଉନ୍
ଯେନଟା ହେବା ଦେମି ଅଧା,
କାଏଲ୍ ଠାନୁ ଘରେ ଚୁଏଲ୍ ନି ଜଲବାର୍
ନାଇଁ ହେବାର୍ କିଛି ରନ୍ଧା ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com
ବିଶେଷ ବିଷୁବ ସଂସ୍କରଣ ୨୦୧୯

ତେହେଁରୁ ବଜାର୍ ପହଞ୍ଚି ଗନି
ଏକ୍ ନିଶ୍ୱାସେ ଚାଲି,
ହଟେଲ୍ ବାଲା ମୋର୍ କାଠ୍ ରଖଲା
ଜୁତି, ଭାର୍ ଦେନି ଖୁଲି ।

ବୁଝାନୁ ଘିଚି ଚୁଲେ୍ହ ଝପେ କାଠ୍
କେନ୍ତା ଜଲବା ବୋଲି,
ପୁଖରା ଖଣେ କୁହୁଲି ଗଲା
ସହେନି କେତେ ଗାଲି ।

ଗରିବ ଜୀବନ୍ ସୁଖ୍ ନାହିଁ ମୁଟେ
ସବୁବେଳେ ଅଛେଁ ଦୁଃଖେ,
କେଭେ ନୁନ୍ ଧରି ଖଉଛେଁ ତ
କେଭେ ସୁଉଛେଁ ଭୁଖେ ।

ବାଗଯୋର, ସଇଁନ୍ତଲା, ବଲାଙ୍ଗିର
ମୋ - ୮୦୧୮୦୮୯୩୩୪

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com
ବିଶେଷ ବିଷୁବ ସଂସ୍କରଣ ୨୦୧୯

# କେଭେ ଫିର୍‌ବ



ସରୋଜ କୁମାର ସାହୁ

ଇ ମୋର....

ହୃଦୁଦ ଭିତରର ଅନ୍ଧାରି କନେ

ତୋର ଫିରବାର ଆଶ

ମୋର ଲାଗି

ଗୁଟେ ଅଜନା ଚାଲତି

ଧରସାର ବାଟ....

ସୋର ଲାଗସି.....

ସେ ମନ୍ଦିରର ଘଣ୍ଟି କେ

ଲହଁପେଇ ନାଇଁ ପାରଲେ

ମୋର ଆଡେ ଦେଖବାର ଟା....

ସେ ସମିଆଁ କେ...

ହେତେଇ କରି ରାଏତ ସରତା

ଉସନୀନ୍ଦ୍ରା ହେଇ

ସପନ କେ ବି ପର କାରବାର ଟା......

ସେ ଯାତ୍ରା ଭିତରେ.....

ଲୁକି ଲୁକି କରି ମତେ

ଦେଖବାର ବାହାନା ଆର

ହଁସି କରି ଆଂଖି ଆଂଖି

ସବୁ କହିଦେବାର ଟା....

ସେ ଗାଧୁଆ ଘାଟେ....

ଆଂଖି ଆଁଏଖ ମିଶିଗଲେ

ଲାଜେ ସଁକିରି ଯାଇ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବିଶେଷ ବିଷୁବ ସଂକ୍ରାନ୍ତି ୨୦୧୯

ମୁହଁକୁ କେ ତଳ କରି

ଗୋଡ଼ ରେତା ପଖାନ

ସାଙ୍ଗେ କଥା ହେବାର ଟା.....

ସଭେ ତ ଫିରସନ....

ହେ ଫଗୁନ ବି ଫିରସି

ମହୁଲର ରସେ, ବଉଲର ବାସେ

ହୁଇଲିର ରଙ୍ଗେ, କୁଇଲିର ସୁରେ

ଆର କୁରେଫୁଲର କହରେ...

ତମେ କେଭେ ଫିରବ

କେବେ ଫିରବ ତମେ

ସରୋଜ କୁମାର ସାହୁ

ଭ୍ରାମ୍ୟଭାଷ : ୭୬୮୪୯୨୬୪୯୧

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com
ବିଶେଷ ବିଷୁବ ସଂସ୍କରଣ ୨୦୧୯

# ଭୋଟ୍ ଦିଅ ତମେ ଭୋଟଦିଅ



ଏମ୍ ବିଜୟ କୁମାର

ଭୋଟ ଦିଅ ତମେ ଭୋଟ ଦିଅ
କହଲେ ନାଇ ଲୁଏ ମୋର କଥା
ଖାଲି କରୁଛେ ମୁଇ ସୁରତା
ତମେ ତୋ ସବଜାନତା ହୋ ଭୋଟର
ଆର କହେମି ମୁଇ କେନ କଥା
ଭୋଟ ଦିଅ ତମେ ଭୋଟଦିଅ
ନୋଟ ନେଇ କରି ଭୋଟ ଦିଅ
ଭୋଟଦିଅ ତମେ ଭୋଟଦିଅ
ମଦ ପିଇ କରି ତମେ ଭୋଟଦିଅ
ସଲାସୁତରା ଭିତରିଆ ସାରି
ମଗନିହା ପାଟି ସଭୁ ତୋ ସାଗସରତା(୦)

ଭୋଟଦିଅ ତମେ ଭୋଟଦିଅ
ସାଗୁନ-କପଡା ନେଇ ଭୋଟ ଦିଅ
ଭୋଟ ଦିଅ ତମେ ଭୋଟ ଦିଅ !
ପରବତ ଉଫଡେଇ ଦେମୁଁ ଦେଖୁଥ

ରାଜା ଜମିଦାର ପଏସାବାଲାକେ
ବୁଆ/ଶଶୁର ତମର ଲେତାଗୁତା(୧)

ମୁଡିଆ ମାରୁଛୁ ଢୋ ଢୋ ଗୋଡ଼ ତଲେ
ଉହୁଲି ଯାଉଛୁ ବାରେ ଘାଏ ରଖ ହେଲେ
ସବୁବେଳେ ଠିଆ ହେଉଛୁ ତମର ସଖା
ଭୋଟ ବେଲେ ଖାଲି ଆମକେ ନାଇପ ଦେଖା
ମହାଦାନୀ ତମେ ହୋ ଧେନ ଧେନ
ଭୋଟଦାତା (୨)

ଉଘି ନୁରେ ଖୁକି ମାଛି ନୁରେ ଘା
ବିଲେଇ ଆଏଖ ମୁଜି ତପଚାରନୀ ହୁଏଗା
ଖଲି ଚଁଟା ଚାମଚା ପରର ଭାତେ
କୁକୁରମାଡ଼

ଆହ୍ୱାନ ଇ-ପତ୍ରିକା

ବିଶେଷ ବିଷୁବ ସଂଖ୍ୟା ୨୦୧୯

ଡାଲଭାତ ଖାଇ ଜିନ୍ଦାବାଦ କରି କରି
ନିଜେ ମୃର୍ଦାବାଦ ନାଇ ମିଲେ ଟିକେ ହାଡ଼
ନେଇ ନେଇ ନେତା ମୁତି ମୁତି ମୁତୁରୀ
ଜିତି ଜିତି ଗୋଡ଼ର ଜୋତା(୩)

କାଏ ଲାଭଲୋଭର ଲାଗି ନିଜକେ କରୁଛ ବିକ୍ରି
ଘିନି ନେଉଛନ ଭୋଟ ତମର ହାତ କାଟି କରି
ମନେରଖ ସବୁ ଦଲେ ଉଛ ଜାଏତ ମଗୁଁଆଲ
ସାବଧାନ ତମେ ତୋ ତାକର ପଛୁଆଲ
ଖୁଡ଼କଟା ଲୋକ ଇ ମାଏଟେ ତମେ ତୋ
ସାସନ କରବାର କଥା(୪)

କହଲେ ନାଇ ଲୁଏ ମୋର କଥା
ଖାଲି କରୁଛେ ମୁଇ ସୁରତା
ତମେ ତୋ ସବଜାନତା ହୋ ଭୋଟର
ଆର କହେମି ମୁଇ କେନ କଥା । ।

ମହୁଲପଲ୍ଲୀ /ବୁଢ଼ାବାହାଲ/ସଁଇନ୍ତଲା/ବଲାଙ୍ଗୀର-୩୨
ମୋ-୭୯୭୮୭୮୪୧୩୦

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com
ବିଶେଷ ବିଷୁବ ସଂଖ୍ୟା ୨୦୧୯

# ମଦ ମହିମା



ଯାଦବ ପ୍ରଦୀପ ପରୁଆ

ତ୍ରେତୟା ଯୁଗେ ଖଣ୍ ଖିର୍ସା ଦୁଆପର୍ ଯୁଗେ ଘି
କଲି ଯୁଗେ ଘୁଡା ଛାପ୍ ସନ୍ଦି  ଚିପ ଚିପି ପି  ।
ମାରି ଦେବୁ ଯଦି ସନ୍ଦି ଛାକେ ଦୁଖ୍ ଭୁଲି ଯିବୁ ସବୁ
ଚାଲ୍ତି ବାଟ୍ ଛୋଟ୍ ପଡି ଯିବା ତରାତରା ପିଟି ହେବୁ  ।
ବାଟ୍ ଦିସ୍ବା ଡଗୋଡଗୋ କରି ଯାଉ ଥିଲେ ଅଧା ରାତି
ଭାଲୁ କୁଲିହା ଦୁରିଆ କଥା ଆଲ୍ଟି ଦେବୁ  ହାତୀ  ।
ମେର୍ହା ଧରି ମାହେଜି ଯଦି ଘରେ କର୍ବା ଲାଡ୍
ମରଦ୍ ପୁଓ କେ ଦରଦ୍ ନି ହୁଏ  ଯତେ ଖାଏଲେ ମାଡ୍  ।
ଇ ନିଶା ମାରି ଗାଡି ଚଲାଲେ ପବନେ ଖେଲ୍ସି ଦୁଲି
ଦେହେ ଥିବାର୍ ତକ୍ ନିଶା ଭାଇ ସଂସାର୍ ଯିବୁ ଭୁଲି  ।
ଲାଗି ଥିବା ଯଦି ଇ ନିଶା ଛାକେ ଶାଷ୍କେ ଡାକ୍ସୁ ବହୁ
ଘେସ୍ତୁ ଥିବୁ ଖତ୍ ଗଦାଥି ରଜା ପିଲା ଲେଖେ ଭାଉ  ।
କଲି ଯୁଗିଆ ଅମୃତ ପାଏନ୍ ଜର୍ ବେମାର୍ ଡାକ୍ସି
ଡର୍ ଭଏ କିଛି ନାଇନ ଯମ୍ ନାଇ ପାରେ ଭର୍ସି  ।
ଯେତେ ଅଛେ ଇଚ୍ଛାର୍ ଲୀଲା ଆର୍ କେତେ କହେମା
ଗରୀବ୍ ଧନୀ ସବ୍ କର୍ ସାଙ୍ଗ୍ ଇଟା ମଦର୍ ମହିମା  ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com
ବିଶେଷ ବିଷୁବ ସଂସ୍କରଣ ୨୦୧୯

# ପ୍ରବନ୍ଧ ବିଭାଗ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ବିଶେଷ ବିଷୁବ ସଂସ୍କରଣ ୨୦୧୯

# ବୁଦ୍ଧ ଜୟନ୍ତୀ



ବୈକୁଣ୍ଠନାଥ ଖୁଟୁଆ

ବର୍ତ୍ତମାନ ଯୁଗରେ ବୁଦ୍ଧଙ୍କ ଆବିର୍ଭାବ ନିହାତି ଆବଶ୍ୟକ । ଯୁଗେ ଯୁଗେ ମହାପୁରୁଷମାନେ ଆବିର୍ଭାବ ହୋଇ ଧର୍ମର ଧାରା ପ୍ରବର୍ତନ କରି ଏ ଦେଶକୁ ପବିତ୍ର କରିଛନ୍ତି । ପରମ କାରୁଣିକ ବୁଦ୍ଧ ବୈଶାଖ ମାସ ପୂର୍ଣ୍ଣମୀ ତିଥିରେ ଧରାଧାମରେ ଅବତୀର୍ଣ୍ଣ ହୋଇଥିଲେ । ଏହିଦିନ ସେ ବୁଦ୍ଧତ୍ୱଲାଭ କରିଥିଲେ ଓ ଏହି ଦିନ ମହାପରିନିର୍ବାଣପ୍ରାପ୍ତ ହୋଇଥିଲେ । ବୌଦ୍ଧଧର୍ମ ଭାରତରେ ଜନ୍ମଲାଭ କଲେ ମଧ୍ୟ ଏହା ନିର୍ମୂଳୀ ଲତା ପରି ଭାରତ ଭୂମିରୁ ଉତ୍ପାଟୀତ ହୋଇ ସୁଦୂର ଜାପାନ ପର୍ଯ୍ୟନ୍ତ ମାଡ଼ିଯାଇଥିଲା । ଏହା ଭାରତ ଭୂମିରେ ପ୍ରାୟ ପନ୍ଦରଶହ ବର୍ଷ ପର୍ଯ୍ୟନ୍ତ ଅବିଚଳିତ ଭାବରେ ତାର ଧର୍ମଧ୍ୱଜା ଅହରହ ଫରଫର ହୋଇ ଉଡୁଥିଲା । ଏହା ସାରା ଏସିଆ ମହାଦେଶରେ କାୟା ବିସ୍ତାର କରିଥିଲା । ସୁଦୂର ଚିନରୁ ବୌଦ୍ଧ ସନ୍ୟାସୀମାନେ ଯଥା ଫାଇହାନ୍, ଇ-ସିଙ୍ଗ୍ ଓ ହୁଏନ୍‌ସା ଜ୍ଞାନ ଅର୍ଜନ ପାଇଁ ବହୁ କଷ୍ଟ ସ୍ୱୀକାର କରି ଜଳପଥରେ ଓ ସ୍ଥଳପଥରେ ଭାରତକୁ ଆସିଥିଲେ ଓ ଫେରିଥିଲେ । ଭାରତରୁ ମଧ୍ୟ ବୌଦ୍ଧ ସନ୍ୟାସୀ ଧର୍ମ ପ୍ରଚାର ପାଇଁ ଚୀନ୍‌କୁ ଯାଇ ଧର୍ମ ପ୍ରଚାର କରିଛନ୍ତି ଏପରିକି ସେଠାରେ ମଧ୍ୟ ରହିଯାଇଛନ୍ତି । ଅନେକ ଚୀନ୍ ଭ୍ରମଣକାରୀ ଭାରତରେ ମଧ୍ୟ ରହିଯାଇଛନ୍ତି ।

ବୁଦ୍ଧ ନୈଷ୍ଠିକ କ୍ଷତ୍ରିୟ ଥିଲେ । ବୁଦ୍ଧ ନିଜେ ଲଳିତ ବିସ୍ତରରେ ନିଜ ବଂଶାନୁଚରିତ ବର୍ଣ୍ଣନା କରିଛନ୍ତି - ସେ ଏକ ସୁଦୀର୍ଘ ଅତୀତର କଥା । ରାଜା ରାମଚନ୍ଦ୍ରଙ୍କର ପୂର୍ବ ବଂଶଜ ସାକେତର ରାଜା ଆଦିତ୍ୟ (ସୂର୍ଯ୍ୟ) ବଂଶରେ ଇକ୍ଷ୍ୱାକୁଙ୍କର ୪ଟି ରାଣୀ ଥିଲେ । ଭଦ୍ରା, ଚିତ୍ରା,

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଜାଳିନୀ ଓ ବିଶାଖା । ଭଟ୍ଟାଙ୍କର ୪ଟି ପୁଅ ଓ ୫ଟି ଝିଅ ଥିଲେ । ପୁଅମାନଙ୍କର ନାମ ଥିଲା – ଉଲ୍କାମୁଖ, କରକର୍ଣ୍ଣ, ହସ୍ତୀନିକ, ଓ ଶ୍ରୀନୁପୁର । ପାଂଚ କନ୍ୟା ଥିଲେ - ପ୍ରିୟା ସୁପ୍ରିୟା, ଆନନ୍ଦା, ବିଜିତ ଓ ବିଜିତସେନା । ଭାଇ ଭଉଣୀମାନଙ୍କ ମଧ୍ୟରେ ପ୍ରିୟାଥିଲେ ସମସ୍ତଙ୍କଠାରୁ ବଡ଼ । ଅନ୍ୟ ତିନିରାଣୀଙ୍କର କୌଣସି ସନ୍ତାନ ନଥିଲେ । କାଳାନ୍ତରେ ପଟସହିଷୀଙ୍କର ଅକାଳମୃତ୍ୟୁ ହେଲା । ରାଜା ଇକ୍ଷୁ ଜୟନ୍ତୀ ନାମ୍ନି ଜଣେ ବୈଶ୍ୟ ପରିଚାରିକାର ସୌନ୍ଦର୍ଯ୍ୟରେ ମୁଗ୍ଧ ହୋଇ ବିବାହ କଲେ ଓ ତାଙ୍କ ଗର୍ଭରୁ ଏକ ସନ୍ତାନ ଜନ୍ମ ହେଲା ଏବଂ ରାଜାଙ୍କୁ ପ୍ରତିଜ୍ଞା କରାଇ ତାଙ୍କୁ ରାଜାକରାଇବା ପାଇଁ ରାଜି କରାଇଲା । ଏଥିରେ ରାଜା ଅକର୍ତ୍ତବ୍ୟ । ଏହା ଶୁଣି ରାଜପୁତ୍ର ଓ ରାଜକନ୍ୟାମାନେ ଘୃଣାକରିବାରେ ଲାଗିଲେ । ବୈଶ୍ୟ ପରିଚାରିକା ପୁତ୍ର ରାଜା ହେବା ଶୁଣି ରାଜପୁତ୍ର ଓ ରାଜକନ୍ୟାମାନେ କୋଶଳ ରାଜ୍ୟର ଉତ୍ତର-ପୂର୍ବ ସୀମାନ୍ତରେ ଅଭ୍ରଂଲିହ ହିମାଳୟ ପାଦଦେଶରେ ଘଂଚଶାଳ (ସ୍ରକ)ଗଛ ବେଷ୍ଟିତ ଅରଣ୍ୟରେ ପହଞ୍ଚିଲେ । ଏହି ଶାଳ ବଣରୁ ଏହି ବଂଶର ନାମ ହେଲା ଶାକ୍ୟ ବଂଶ । ଭାରତରେ ବିଶେଷ ଭାବରେ ଜାମୁ ଗଛ ଦେଖାଯାଉଥିବାରୁ ଏହାକୁ ଜମ୍ବୁଦ୍ୱୀପ କହୁଥିଲେ । ଏହିଠାରେ କପିଳ ଋଷି ତପସ୍ୟା କରୁଥିଲେ । ତେଣୁ ଏହାର ନାମ ହେଲା କପିଳବାସ୍ତୁ । ଏହିଠାରେ ସେମାନେ ରାଜ୍ୟ ସ୍ଥାପନା କରିଲେ । ସେଠାରେ ବିଶୁଦ୍ଧ କ୍ଷତ୍ରିୟ ନଥିଲେ । ଆଦିମ ଅଧିବାସୀ ଚଣ୍ଡାଳ ଜାତିର ଲୋକଥିଲେ । ବଡ଼ ଭଉଣୀ ବୟସରେ ସମସ୍ତଙ୍କଠାରୁ ବଡ଼ ଥିଲା । ତାକୁ ମାତୃସ୍ଥାନୀୟା ମନେକରି ଏକୁଟିଆ ରହିବାକୁ କହିଲେ । ୪ଭାଇ ୪ଭଉଣୀକୁ ଭାଇଭଉଣୀ ମଧ୍ୟରେ ବିବାହ ବନ୍ଧନରେ ଆବଦ୍ଧ ହେଲେ । ଶାଳବଣରେ ରାଜ୍ୟ ସ୍ଥାପନ କରିଥିବାରୁ ଏହାକୁ ଶକ୍ୟବଂଶ କହିଲେ । ବଡ଼ଭଉଣୀ ସେଠାରୁ ଅଳ୍ପଦୂର ରୋହିଣୀ ନଦୀ କୂଳରେ ଆଶ୍ରମ ସ୍ଥାପନ କରି ବସବାସ କଲେ । କିଛିଦିନ ପରେ

 Magazine Downloaded from www.aahwaan.com

ବିଶେଷ ବିଷ୍ଣୁ ସଂଖ୍ୟା ୨୦୧୯

କାଶୀ (ବସ୍ତ୍ର)ଦେଶର କୋଳ ନାମକ ଏକ ରାଜକୁମାର ଶିକାର ଉଦ୍ଦେଶ୍ୟରେ ରୋହିଣୀ ନଦୀକୂଳରେ ଆସି ଉପସ୍ଥିତହେଲେ ଓ ରାଜକୁମାରୀଙ୍କ ସହିତ ବିବାହ ହୋଇ ରାଜ୍ୟ ସ୍ଥାପନ କଲେ । ଏହି କୋଳ ନାମରୁ ରାଜ୍ୟରେ କୋଳ ରାଜବଂଶ ସ୍ଥାପନ ହେଲା । ରାଜ୍ୟର ନାମ ଦେବଦହ ଦେଲେ । ଏହାର ରାଜଧାନୀ ରାମଗ୍ରାମ ଥିଲା ।  ଶାକ୍ୟମାନେ ନୈଷ୍ଟିକ କ୍ଷତ୍ରିୟ ବୋଲି ଅନ୍ୟ କୌଣସି କ୍ଷତ୍ରିୟ ପରିବାରରେ ବିବାହ କରୁନଥିଲେ । ଏହି ସୂତ୍ରରେ ଶାକ୍ୟମାନଙ୍କର କୋଲିୟ ସହିତ ବୈବାହିକ ସଂପର୍କ ସ୍ଥାପନ ହୋଇଥାଏ । ବିଦୁ୍ୟଡଭର ମା ଶାକ୍ୟ ରାଜା ମାହାନାମ୍ନାଙ୍କର ଦାସୀ କନ୍ୟା ଥିଲେ ।  ବିଦୁ୍ୟଡଭର ମା ଦାସୀ କନ୍ୟା ଥିବାରୁ ବିଦୁ୍ୟଡଭଙ୍କୁ ନିକୃଷ୍ଟ କ୍ଷତ୍ରିୟ ବୋଲି କହୁଥିଲ । ବୁଦ୍ଧଦେବଙ୍କର ଜୀବନୀ ଇତିବୃତ ପାଲି ଭାଷାରେ ଲିଖିତ ନିଦାନ କଥାରେ ଉଲ୍ଲେଖ ଅଛି । ପରେ ମହାବସ୍ତୁ ଓ ଲଳିତବିସ୍ତର ପ୍ରକାଶ ହେଲା । ଆଉ ମଧ୍ୟ ଅଶ୍ୱଘୋଷ ସଂସ୍କୃତରେ ବୁଦ୍ଧ ଚରିତ ରଚନା କରିଥିଲେ, ସେଥିରୁ ମଧ୍ୟ ପ୍ରମାଣ ମିଳେ ।

ବୁଦ୍ଧଙ୍କ ଜନ୍ମ ୬୨୩ ବୈଶାଖ ପୂର୍ଣ୍ଣିମାରେ ଲୁମ୍ବିନୀର ଶାଳବଣରେ ହୋଇଥିଲା । ରାଣୀ ମୟାଦେବୀ କପିଳବାସ୍ତୁରୁ ଦେବଦହ (ରାମଗ୍ରାମ) ଯାଉଥିବା ବାଟରେ ରୋହିଣୀ ନଦୀ ପାଖ ଶାଳବଣରେ ବୈଶଖ ପୂର୍ଣ୍ଣିମା ଦିନ ଜନ୍ମଗ୍ରହଣ କରିଥିଲେ । ପରେ ପରେ ରାଜା ସୁଦ୍‌ଦୋଧନ ପଣ୍ଡିତମାନଙ୍କୁ ଡ଼କାଇ କୋଷ୍ଠି ତିଆରି କଲେ ଓ ସିଦ୍ଧିଯୁକ୍ତ ତଥା ସିଦ୍ଧି ବିଧାନକାରୀ ଲକ୍ଷଣମାନ ବହନ କରୁଥିବା ଯୋଗେ ତାଙ୍କ ନାମ ରଖାଗଲା ସିଦ୍ଧାର୍ଥ । ବୁଦ୍ଧଙ୍କ ଜନ୍ମର ୭ ଦିନ ପରେ ମାୟାଦେବୀଙ୍କର ମୃତୁ୍ୟହେଲା । ବୁଦ୍ଧଙ୍କ ମାଉସୀ ମହାପ୍ରଜାପତୀ ଗୌତମୀ ଗୌତମଙ୍କୁ ଲାଳନ ପାଳନ କରିଥିବାରୁ ତାଙ୍କୁ ଗୌତମ କହିଲେ । ଆଉ ମଧ୍ୟ ଶାକ୍ୟ ବଂଶର ଗୋତ୍ର ଗୌତମ ହୋଇଥିବାରୁ ତାଙ୍କୁ ଗୌତମ କହିଲେ । ବୁଦ୍ଧଙ୍କ ଜନ୍ମ ପୂର୍ବରୁ ବୁଦ୍ଧ ବହୁବାର

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବିଶେଷ ବିଷୁବ ସଂଖ୍ୟା ୨୦୧୯

ଧରା ପୃଷ୍ଠରେ ଅବତୀର୍ଣ୍ଣ ହୋଇଥିଲେ । ସେଥିରୁ ଦୀପଙ୍କର ବୁଦ୍ଧ ଅନ୍ୟତମ । ସେ ବୁଦ୍ଧରୂପେ ପରିଚିତ ହେବାପାଇଁ ୫୫୦ବାର ଅତୀତରେ ଜନ୍ମ ଗ୍ରହଣ କରିଥିଲେ । ସେମାନେ ହେଉଛନ୍ତି ବୋଧିସତ୍ୱ । ସେ ଉତ୍ତମ ମାର୍ଗରେ ପରିଚାଳିତ ହେଉଥିବାରୁ ତାଙ୍କୁ ସୁଗତ କହୁଥିଲେ । ସେ ବୁଦ୍ଧତ୍ୱପ୍ରାପ୍ତି ହେବାରୁ ତାଙ୍କୁ ବୁଦ୍ଧ କହିଲେ । ଏସବୁ ସତ୍ୱେ ଆଚାର୍ଯ୍ୟ ବ୍ରାହ୍ମଣମାନେ ତାଙ୍କୁ ତଥାଗତ କହୁଥିଲେ । ତଥାଗତ ଅର୍ଥ ତତ୍ ଆଗତ । ତା'ର ଅର୍ଥ, "ପରେ ଆସିଲେ" । ବୁଦ୍ଧଦେବଙ୍କୁ ବ୍ରାହ୍ମଣମାନେ ଘୃଣା କରୁଥିଲେ । ତେଣୁ ତାଙ୍କୁ ତଥାଗତ କହୁଥିଲେ । କହିଲେ ପରେ ଆସିଲେ । ଶାକ୍ୟା ରାଜ୍ୟରେ ଜନ୍ମହୋଇ ସଂସାର ପ୍ରତି ଆସକ୍ତି ନଥିବାରୁ ତାଙ୍କୁ ଶାକ୍ୟମୁନି ବୋଲି କହୁଥିଲେ । ଯେତେବେଳେ ବୁଦ୍ଧଦେବ ଶୁଣିଲେ ତାଙ୍କର ପୁଅଟିଏ ହୋଇଛି ବୁଦ୍ଧଦେବ କହିଲେ – ରାହୁ ଆସିଛି । ତେଣୁ ତାଙ୍କର ନାମ ହେଲା ରାହୁଲ । ବୁଦ୍ଧଙ୍କର ବୁଦ୍ଧତ୍ୱପ୍ରାପ୍ତି ତାଙ୍କର ୩୫ ବର୍ଷ ସମୟରେ ହୋଇଥିଲା । ଗୌତମ ବୁଦ୍ଧ ତାଙ୍କ ମାମୁଁ ଝିଅ ଯଶୋଧାରଙ୍କୁ ବିବାହ କରିଥିଲେ । ସେମାନେ ଅନ୍ୟ ବଂଶରେ ବିବାହ କରନ୍ତି ନାହିଁ । ଉରୁବେଳାର ସେହି ରାଜଗହ (ପାଲିଭାଷାରେ) ରାଜଗୃହ । ଚାରିପଟେ ଭୀଷଣ ଜଙ୍ଗଲ ମଝିରେ ରାଜଗହ । ଏହା ହେଉଛି ପ୍ରେତଶିଳା ଜଙ୍ଗଲ । ଚାରିପଟେ ସୁଉଚ୍ଚ ପାହାଡ଼ ତାର ମଝିରେ ରାଜଗହ । ଏହିଠାରେ ପ୍ରବଳ ପତାପୀ ମଗଧର ରାଜା ଜରାସନ୍ଧଙ୍କର ରାଜଧାନୀ ଥିଲା । ଜରାସନ୍ଧ ଭୟରେ କୃଷ୍ଣ ମଥୁରା ଛାଡ଼ି ଦ୍ୱାରିକାକୁ ପଳାଇଲେ । ପାଖରେ ନିରଞ୍ଜନା ନଦୀ ବହିଯାଉଛି । ନିରଞ୍ଜନା ନଦୀ ଓ ଆଉ ଗୋଟିଏ ଧାର ମିଶି ଦୁଇଟି ଧାର ଏକତ୍ର ହୋଇ ଫଲ୍ଗୁ ନାମ ଧାରଣ କରି ସୁବର୍ଣ୍ଣ ବାହ ନଦୀରେ ମିଶିଛନ୍ତି । ରାଜା ଅଜାତ୍‌ଶତ୍ରୁ ରାଜଧାନୀ ରଜଗହରୁ ପାଟଳିଗ୍ରାମକୁ ଉଠାଇ ଆଣିଲେ । ଏଠାରେ ପାଟଳି ନାମକ ଗଛ ଥିବାରୁ ଏହକୁ ପାଟଳିପୁତ୍ର କହୁଥିଲେ । ଗଙ୍ଗାନଦୀର ଉତ୍ତର ପାର୍ଶ୍ୱରେ ବୈଶାଳୀ । ଏହା

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବିଶେଷ ବିଷୁବ ସଂଖ୍ୟା ୨୦୧୯

ବଜ୍ଜିମାନଙ୍କର ରାଜଧାନୀ । ବଜ୍ଜିମାନଙ୍କୁ ଅକ୍ରମଣ କରିବାକୁ ରାଜଧାନୀ ପାଟଳୀପୁତ୍ରକୁ ରାଜଧାନୀ ଉଠାଇ ଆଣିଲେ । ରାଜଗହର ଚାରିପଟେ ଭୀଷଣ ପାହାଡ଼ ନିରଞ୍ଜନା ନଦୀର ତଟରେ ମହାବୋଧିବୃକ୍ଷ । ଏହି ଅଶ୍ୱସ୍ତ ବୃକ୍ଷ ମୂଳରେ ବୋଧିତ୍ୱ ପ୍ରାପ୍ତ ହେଲେ । ମୃତ୍ୟୁ ଖ୍ରୀ.ପୂ. ୫୪୩ ବୈଶାଖ ପୂର୍ଣ୍ଣିମାରେ ହୋଇଥିଲା । ବୁଦ୍ଧଙ୍କ ମୃତ୍ୟୁ ମଲ୍ଲମାନଙ୍କ ରାଜ୍ୟ (କୁଶୀନାର) ପାବାର ଶାଳବଣରେ ସେଇ ବୈଶାଖ ପୂର୍ଣ୍ଣିମାରେ ହୋଇଥିଲା । ଚୁନ୍ଦନାମକ କମାର ତାଙ୍କୁ ଘୁଷୁରୀ ମାଂସ ଖାଇବାକୁ ଦେବାରୁ ସେ ଅସୁସ୍ଥ ହୋଇ ପଡ଼ିଲେ । ୮୦ ବର୍ଷ ବୟସରେ ଠିକ୍ ଆଜିର ଦିନରେ ତାଙ୍କର ମହାପରିନିର୍ବାଣପ୍ରପ୍ତ ହୋଇଥିଲା ।

ବୈକୁଣ୍ଠନାଥ ଖଟୁଆ

ଏଲ୍-୨୪୨/ଫେଜ-୧, ଡୁମୁଡୁମା ହା.ବୋ. ଭୁବନେଶ୍ୱର-୧୯

(ମୋ-୯୭୭୭୧୪୩୪୮୫)

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com
ବିଶେଷ ବିଷୁବ ସଂସ୍କରଣ ୨୦୧୯

# ରୌଦ୍ରଚକ୍ରୀ



ପ୍ରମୋଦ କୁମାର ପଣ୍ଡା

ଆଜି ମୁଖ୍ୟ ମହଲ ଭିତରେ ସମସ୍ତେ ଗୌତମ ବୁଦ୍ଧଙ୍କ କପିଳାବାସ୍ତୁ ଆଗମନର ସମ୍ବାଦରେ ଉଲ୍ଲସିତ ଓ ଚଳଚଞ୍ଚଳ ଥିଲେ, କିନ୍ତୁ ବିମ୍ବା ବାହାରକୁ ବାହାରି ନ ପାରି ରାଜପଥକୁ ସେହି ପଥର - କାନ୍ଥ ଜାଲି ଭିତର, ଯେଉଁ ରାସ୍ତାରେ ସେ ସ୍ୱାମୀଙ୍କ ବିଦାୟକାଳୀନ ଦୃଶ୍ୟରେ ଗୃହ ପରିତ୍ୟାଗର ପ୍ରଗାଢ ଦୃଶ୍ୟ ଦେଖି ବି ମର୍ମାହାତ ନ ହୋଇ ସହନ କରି ଯାଇ ଗ୍ରହଣ କରି ସାରିଥିଲେ, ଦେଇ ବାହାର ଭିଡ ଭିତରେ ତାଙ୍କ ସ୍ୱାମୀଙ୍କ ପରିବର୍ତ୍ତେ ଚୂଳଶୃଙ୍ଗଧାରୀ ଲମ୍ବା ଗୈରିକ ରଙ୍ଗର ବସ୍ତ୍ରାବୃତା ବୁଦ୍ଧଙ୍କୁ ଦଳ ଆଗରେ ଥିବାର ଭିକ୍ଷୁ-ଯାତ୍ରା ଦୃଶ୍ୟକୁ ଦେଖୁଥିଲେ । ଯିଏ ସର୍ବା ଆଗରେ ଦଳକୁ ଆଗେଇ ନେଉଥିଲେ, ସେ ତାଙ୍କ ବାଲ୍ୟସଙ୍ଗୀ, ପାଣିଧର ଓ ସହଚର ଥିଲେ । ତାଙ୍କ ବିଜ୍ଞ, ବିଚାରଶୀଳ ସ୍ୱାମୀଙ୍କ ସହ ତାଙ୍କର ବିବାହର ୧୩ ବର୍ଷ ପରେ ଜନ୍ମିତ ରାହୁଲର ପିତା ଥିଲେ । ଯଦିଓ ସେ ୨୯ ବର୍ଷ ବୟସରେ କିଛି ସାମାଜିକ କାରଣ ଯୋଗୁଁ ଗୃହ ପରିତ୍ୟାଗ କରି ପଦବ୍ରଜରେ ଯାଇଥିଲେ, ତଥାପି ତାଙ୍କ ଗୃହ ପରିତ୍ୟାଗ ଦିନ ସେ ସଚେତନ ଥିଲେ । ତାଙ୍କ ନିଶବ୍ଦ ପାଦଶବ୍ଦରୁ ଘୋଡାଟାପୁର ଦୂରକୁ ଦୂରକୁ ଯାଉଥିବା ଶବ୍ଦର ସେ ନୀରବ ଶ୍ରବଣ-ସାକ୍ଷୀ ଥିଲେ । ପରେ ଶୁଣିଥିଲେ, ସେ ସନ୍ନ୍ୟାସ ଦୀକ୍ଷା ନେଇ ବୁଦ୍ଧତ୍ୱକୁ ପ୍ରାପ୍ତ ହୋଇ ସାରିଛନ୍ତି ।

ବାହାରେ ଅନ୍ୟ ମାନଙ୍କ ସହ ସେହି ସନ୍ଥଯାତ୍ରାର ଦର୍ଶକ ସାଜି ଦେଖୁଥିବା ୭ ବର୍ଷର ରାହୁଲ ଦୌଡି ଆସି ମାଙ୍କୁ ପଚାରୁଥିଲା - କିଏ ମା ଏ ମହାତ୍ମା ?

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବିଶେଷ ବିଷ୍ଣୁବ ସଂଖ୍ୟା ୨୦୧୯

କିଏ କହିବେ ତାକୁ ବିମ୍ବା ? ଯାହାଙ୍କ ସହ ସହବାସ କରି ରାହୁଲକୁ ଗର୍ଭକୁ ଆଣିଥିଲେ, କହି ପାରିବେ କି ଇଏ ସେହି ? ତଥାପି କହିବା ପାଇଁ ସାହାସ ବାନ୍ଧିଲେ । ରାହୁଲକୁ ତାର ପିତାଙ୍କ ପରିଚୟ ଦେବାକୁ ହେବ । ଏହି ବଂଶର ଉତ୍ତରାଧିକାରୀ ତାଙ୍କ ପରିଚୟ ପାଇବାକୁ ହେବ ।

ସେ ସାହାସ ବାନ୍ଧିଲେ । ରାହୁଲକୁ କୌଣସି ମତେ ତାର ପିତାଙ୍କ ପରିଚୟ ଦେବାକୁ ହେବ । ଜାଲି ଭିତରେ ଦେଖିବାକୁ କହି ସେ କହିଲେ

– ଏହି ସନ୍ନ୍ୟାସୀଙ୍କ ଦଳରେ ଯେଉଁ ଜଣଙ୍କ ଆଗରେ ଯାଉଛନ୍ତି, ସେ ତମର ପିତା ।

ବାଳକ ରାହୁଲର କୌତୁହଳୀ ଆଖି ଏହି ପ୍ରଥମ ତଥ୍ୟର ଶ୍ରବଣରେ ଚିକ୍‌ଚିକ୍‌କରି ଉଠିଲା – ପିତା, ମୋ ପିତା ? ତାଙ୍କ ବିଷୟରେ ଆଉ କିଛି କୁହ ମାଆ ।

ବିମ୍ବା ଗାଇଥିଲେ :

ଜନହିତ ପାଇଁ ଜାତ ନର ବୀର,
ଶାକ୍ୟସିଂହ ଅଟନ୍ତି କୁଳୀନ ସୁକୁମାର ।
ଲୋକହିତାର୍ଥ ଲକ୍ଷଣେ ଭରି ସମ୍ପୂର୍ଣ୍ଣ ଶରୀର,
ସେ ହିଁ ବାସ୍ତବ ତୁମ ପିତା ନରସିଂହ ଆହେ କୁମର ।

ଲୋକୈଷଣେ ପ୍ରଦର୍ଶି ମୁଖକାନ୍ତି,
ଦେବ-ମନୁଷ୍ୟେ ଅତିପ୍ରିୟ ଯଥା ପୂର୍ଣ୍ଣଚନ୍ଦ୍ର ।
ଚାଲନ୍ତି ଯେଉଳି ଆଭିଜାତ୍ୟ-କୁଳ ହୃଷ୍ଟ ଗଜେନ୍ଦ୍ର,
ସେ ହିଁ ବାସ୍ତବ ତୁମ ପିତା ନରସିଂହ, ହେ କୁଳଚନ୍ଦ୍ର ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com
ବିଶେଷ ବିଷ୍ଣୁବ ସଂସ୍କରଣ ୨୦୧୯

ଦେବ ମନୁଷ୍ୟ ତାଙ୍କ ପାଦ ବନ୍ଦିତା,

ନୈତିକ ଏକାଗ୍ରେ ଚିତ୍ତ ସଠିକେ ସଂସ୍ଥିତା ।

ଆଭିଜାତ୍ୟ କ୍ଷତ୍ରୀୟ କୂଳରେ ହେଲେ ଜାତା,

ସେ ହିଁ ବାସ୍ତବ ନରସିଂହ ହେ କୁମର ତୁମ ପିତା ।

ଉନ୍ନତ ଲମ୍ବା ନାସିକା ସୁଗଠିତା,

ଇନ୍ଦ୍ରଧନୁଷୀ ଘନ ନୀଳ-ନୟନ ଭୃଲତା ।

ଚଳଚଞ୍ଚଳ ଛଡାର ନୀଳ ନୟନ-ବିମ୍ବେ ସ୍ଥିତା,

ସେ ହିଁ ବାସ୍ତବ ନରସିଂହ ହେ କୁମର ତୁମର ପିତା ।

ସିଂହୀ ହନୁ-ହାଡେ ପଶୁରାଜ ଶରୀର,

ସୁକୋମଳ ସୁଗଠିତ ଗ୍ରୀବା ଗୋଲାକାର ।

ଜାଜ୍ଜ୍ୱଲ୍ୟମାନେ ପ୍ରଦର୍ଶିଥାଏ ସୁବର୍ଣ୍ଣ ଶରୀର,

ସେ ହିଁ ବାସ୍ତବ ପିତା ନରସିଂହ ହେ କୁମର ତୁମର ।

ଅଞ୍ଜନ ସଦୃଶ୍ୟ ଘନ କେଶ ନୀଳ,

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com
ବିଶେଷ ବିଷୁବ ସଂସ୍କରଣ ୨୦୧୯

ପରିଷ୍କୃତ ସୁବର୍ଣ୍ଣ ପାତ ସଦୃଶ୍ୟ କପାଳ ।
ପାହାନ୍ତା ନକ୍ଷତ୍ର ପ୍ରାୟେ ତ୍ରିନେତ୍ରୀ କେଶଚୂଳ,
ସେ ହିଁ ବାସ୍ତବ ନରସିଂହ ହେ କୁମର ପିତା ତୁମର

ସୁକୋମଳ ଗମ୍ଭୀର ସୁମଧୁର ସ୍ୱର,
ଜିହ୍ୱାରଙ୍ଗ ଯାହାଙ୍କ ଅଟେ ରକ୍ତାଭ ସିନ୍ଦୁର ।
କୋଡିଏଟି ଶ୍ୱେତ ଦନ୍ତପଂକ୍ତିର ବିଶିଷ୍ଟ ସମ୍ଭାର,
ସେ ହିଁ ବାସ୍ତବ ନରସିଂହ ହେ କୁମର ପିତା ତୁମର ।

ଯେସନ ଆକାଶ ଭରେ,
ଚନ୍ଦ୍ର ପରିଭ୍ରମନ୍ତି ନକ୍ଷତ୍ରଙ୍କ ଘେରେ ।
ଦେଖ ଭିକ୍ଷୁଙ୍କ ଈଶ୍ୱର ଯାଉଛନ୍ତି ଶିଷ୍ୟ ଗହଣରେ,
ସେ ହିଁ ବାସ୍ତବ ନରସିଂହ ତୁମର ପିତା ଆହେ କୁମରେ ।

(ଯଶୋଧାରା ସ୍ୱାମୀଙ୍କ ଦିଗେ ଆଙ୍ଗୁଠି ଦେଖାଇ ରାହୁଲକୁ ଗୀତରେ ବୁଝେଥିଲେ, ଯାହାକୁ ନରସିହ ଗାଥା ରୂପେ ବୌଦ୍ଧଧର୍ମରେ ପରିଗଣିତ ହୁଏ)

ଦୁଇ

ରାହୁଲଙ୍କୁ ସିନା ତାଙ୍କ ସ୍ୱାମୀଙ୍କ ଶୌର୍ଯ୍ୟଶକ୍ତି ବିଷୟରେ କହି ପାରିଲେ, କିନ୍ତୁ ଗୌତାଙ୍କର ଏହି କପିଳାବାସ୍ତୁ ଆଗମନକୁ ସେ ସ୍ୱୀକାର କରି ପାରୁ ନ ଥିଲେ । ସନ୍ନ୍ୟାସୀଙ୍କ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବିଶେଷ ବିଷୁବ ସଂଖ୍ୟା ୨୦୧୯

ଗୃହସ୍ଥ ଘରେ କଣ କାମ ? ତାଙ୍କ ବାତାୟନର ଜାଲି ପାଖରୁ କେତେବେଳେ ଯେ ବୁଦ୍ଧଙ୍କର ଯାତ୍ରାଦଳ ଅନ୍ତର୍ନିହିତ ହୋଇ ସାରିଲେଣି, ସେ ବିଷୟରେ ତାଙ୍କର ନିଘା ନ ଥିଲା । ରାହୁଲଙ୍କୁ ହାତ ସ୍ପର୍ଶରେ ନ ପାଇ ତାଙ୍କ ଧ୍ୟାନରେ ବ୍ୟାଘାତ ଆସିଲା । ଭିକ୍ଷୁମାନଙ୍କୁ ରାଜାଙ୍କ ମହଲରେ ଖାଦ୍ୟ ଗ୍ରହଣର ନିମନ୍ତ୍ରଣ ମିଳିଛି । ସେମାନେ ଆସିଯିବେ । ବିମ୍ବାଙ୍କୁ ସେମାନଙ୍କ ବ୍ୟବସ୍ଥା ଦେଖିବାକୁ ହେବ । ରୋଷଗୃହ ଆଡକୁ ଗଲାବେଳେ ଖବର ପାଇଲେ ଭିକ୍ଷୁମାନେ ଆସି ରାଜାଙ୍କର ଉଦ୍ୟାନ ଅତିଥି ଗୃହରେ ଅବସ୍ଥାନ କରୁଛନ୍ତି । ଗୌତମଙ୍କୁ ରାଣୀ ମହାମାୟାଙ୍କ ପାଖରୁ ଅନ୍ତପୁରକୁ ନିମନ୍ତ୍ରଣ ଗଲା । କିନ୍ତୁ ସେ ଆସିବାକୁ ମନା କରିଦେଲେ । ଖାଇଲାବେଳେ ଅନ୍ୟମାନଙ୍କ ସହ ହିଁ ସେ ଅନ୍ତପୁରକୁ ଯିବେ । ହତାସ ମହାମାୟାଙ୍କ ପାଖରୁ ଏହା ଶୁଣିବା ପରେ ବିମ୍ବା ନିଜେ ନିଷ୍ପତ୍ତି ନେଲେ, ସେ ଗୌତମଙ୍କ ପାଖକୁ ଖବର ପଠେଇବେ । ନିଜର ଅନ୍ତରଙ୍ଗ ଦାସୀକୁ ଏହି ଦାୟିତ୍ୱ ଦେଲେ । ଆଗରୁ ତାଙ୍କ ସହ ଗୌତମଙ୍କ ପରିଚୟ ଥିଲା । କିନ୍ତୁ ତାଙ୍କୁ ମଧ୍ୟ ନିରାଶ ହୋଇ ଫେରିବାକୁ ପଡିଲା । ବୁଦ୍ଧଙ୍କ ନିକଟରେ ଥିବା ଜଣେ ଶିଷ୍ୟ ପ୍ରତିକ୍ରିୟାରେ ନିଜେ କିଛି କହିବାକୁ ଯାଉଥିଲେ । କିନ୍ତୁ ବୁଦ୍ଧ ତାଙ୍କୁ କହିବାକୁ ନ ଦେଇ କହିଲେ- ସେ ଭିତରକୁ ଗଲେ କଥା ହେବେ ।

ଗୃହତ୍ୟାଗ ଦିନ ବିମ୍ବା ଭାଙ୍ଗିଯାଇ ନ ଥିଲେ, ଆଜି ଆସିବା ସମ୍ବାଦ ପାଇ ବି ଉତଫୁଲ୍ଲିତ ହୋଇ ନ ଥିଲେ । କିନ୍ତୁ ନିଜ ପରମ ବନ୍ଧୁଙ୍କ ଏହି ବ୍ୟବହାର ତାଙ୍କୁ ଆଘାତ ଦେଉଥିଲା । ସୁଦକ୍ଷାଙ୍କ ପାଖରୁ ଉତ୍ତର ପାଇଲା ପରେ ବି ସେ ଭାଙ୍ଗିଲେନି । ଅପେକ୍ଷା କରି ରହିଲେ, ଭିକ୍ଷୁ ମାନଙ୍କ ଖାଦ୍ୟ ଗ୍ରହଣ କରିବା ପର୍ଯ୍ୟନ୍ତ ।

ମହଲ ଭିତରେ ଖୋଲା ପ୍ରାଙ୍ଗଣରେ ଗୌତମଙ୍କ ଇଛାନୁଯାୟୀ ଖାଇବା ବ୍ୟବସ୍ଥା କରା ଯାଇଥିଲା । ପଂକ୍ତିବଦ୍ଧ ଭାବେ ସବୁ ଭିକ୍ଷୁ ବସି ଖାଦ୍ୟ ଗ୍ରହଣ ପୂର୍ବରୁ ଈଶ୍ୱରଙ୍କ ଉଦ୍ଦେଶ୍ୟରେ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବିଶେଷ ବିଷୁବ ସଂକ୍ରାନ୍ତି ୨୦୧୯

ସାମୁହିକ ପ୍ରାର୍ଥନା କରିଥିଲେ । ତାଙ୍କୁ ଦେଖି ରାଜା ଶୁଦ୍ଧୋଦନ ଙ୍କ ସହ ମହଲର ଅନ୍ୟ ସମସ୍ତେ ମଧ୍ୟ ତଳେ ବସି ପ୍ରାର୍ଥନାରେ ଭାଗ ନେଇଥିଲେ । ବିମ୍ବା କିନ୍ତୁ ବସି ପାରି ନ ଥିଲେ । କାନ୍ଥକୁ ଆଉଜି ଠିଆ ହୋଇ ରହିଥିଲେ । ତଳେ ବସିସାରି ରାହୁଲ ତାଙ୍କ କାନି ଟାଣୁଥିଲା । ତଥାପି ସେ ବସି ପାରିଲେନି । ଏଇଠିକୁ ଆସି ତାଙ୍କ ସହ ନ ମିଶିବା ତାଙ୍କୁ ଖାଇ ଗୋଡାଉଥିଲା । ହୃଦୟ ଭିତରେ ଏକ ରିକ୍ତ ସ୍ଥାନର ଅନୁଭବ ସେ କରିଥିଲେ ।

ଜଣକ କାହାର ହେଲେ ଥାଳିରେ ଦାନାର କଣି ଟିଏ ମଧ୍ୟ ଅଇଁଠା ଖାଦ୍ୟ ନ ଥିଲା । ନିଜ ନିଜର ଥାଳି ଭିକ୍ଷୁମାନେ ନିଜେ ନିଜେ ଧୋଇ ଗୋଟିଏ ପାଖେ ରଖୁଥିଲେ, ଅତ୍ୟନ୍ତ ସନ୍ତର୍ପଣରେ, ନିଷ୍ଠାର ସହ, ନିଶବ୍ଦରେ । ଗୌତମ ବି ନିଜ ଥାଳି ନିଜେ ଧୋଇଲେ । ରାଜ କର୍ମଚାରୀ ମାନଙ୍କ ଉପରେ ପଡି ତାଙ୍କ ଥାଳି ନେବାବେଳେ ସେ ସହାସ୍ୟ ସେମାନଙ୍କୁ ସେହିରୁ ନିବୃତ୍ତାଇଲେ । କିନ୍ତୁ ହାତ ଧୋଇଲା ବେଳେ ରାଣୀ ମହାମାୟା ତାଙ୍କୁ ପାଣି ଗଡାଇଦେବା ଦେଖି ଗୌତମ କିଛି ନ କହି ଚୁପଚାପ ହାତ ଧୋଇବାରେ ଲାଗିଥିଲେ । ମହାମାୟା ଜନ୍ମକାରୀ ମା ନ ହେଲେ ମଧ୍ୟ ତାଙ୍କ ଦୁହିଁଙ୍କ ସମ୍ପର୍କ ଅତି ପ୍ରଗାଢ ଥିଲା । ନନ୍ଦଙ୍କୁ ଜନ୍ମ ଦେଇ ବି ମହାମାୟାଙ୍କ ଗୌତମଙ୍କ ପ୍ରତି ଥିବା ମମତା କାଣିଚାଏ ବି ଊଣା ନ ଥିଲା । ବିମ୍ବାଙ୍କର ନିଜ ପିଉସୀ ଥିଲେ ସିଏ । ବଡଭଉଣୀଙ୍କ ମୃତ୍ୟୁ ପରେ ସାନ ଭଉଣୀ ମହାରାଜାଙ୍କୁ ବିବାହ କରିଥିଲେ । ଗୌତମଙ୍କ ୨୯ ବର୍ଷ ବୟସରେ ସନ୍ଥାଗାରରେ ସୃଷ୍ଟି ହୋଇଥିବା ଅଚଳ ଅବସ୍ଥାର ସାକ୍ଷୀ ଉଭୟ ଶାଶୁ-ବୋହୂ ଥିଲେ । ନୂତନ ତିଆରି ସନ୍ଥାଗାରରେ ୨୧ ବର୍ଷ ବୟସରେ ହିଁ ଯୋଗଦାନ କଲାପରେ ପରେ ସିଦ୍ଧାର୍ଥ ଗୌତମଙ୍କୁ ସନ୍ଥାଗାରର ଅଧ୍ୟକ୍ଷ ରୂପେ ନିଯୁକ୍ତି କରା ଯାଇଥିଲା । ସନ୍ଥାଗାର ଏକ ଚକ୍ରାକାର ଗମ୍ବୁଜ ବିଶିଷ୍ଟ ପ୍ରାସାଦ ଥିଲା । ମୂଳ କକ୍ଷ ଗୋଲାକାର ଆକୃତିର ୬୪ ଟି ୨୭ ଫୁଟ ଉଚ୍ଚତା ବିଶିଷ୍ଟ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବିଶେଷ ବିଷୁବ ସଂଖ୍ୟା ୨୦୧୯

ଗେମ୍ବ ସମୂହ ପ୍ରାସାଦୀୟ ଢାଞ୍ଚାର ଏକ ସଂଘୀୟ ବ୍ୟବସ୍ଥାସ୍ଥଳ ଥିଲା, ଯାହାକୁ ସିଦ୍ଧାର୍ଥଙ୍କ କୋଶଳ ଆକ୍ରମଣକୁ ନିରସ୍ତ କରିଥିବା ପରିପେକ୍ଷୀରେ ତାଙ୍କ ଦ୍ୱାରା ହିଁ ଉନ୍ମୋଚନ କରା ଯାଇଥିଲା । ସିଦ୍ଧାର୍ଥଙ୍କ ଗୃହତ୍ୟାଗ ପୂର୍ବର ସନ୍ଥାଗାରରେ ଘଟିଥିବା ଘଟଣାଟି ବିମ୍ବାଙ୍କୁ କାଲିର ଘଟଣା ଭଳି ଲାଗୁଥିଲା ।

ସନ୍ଥାଗାର ଅର୍ଥାତ୍‌ସନ୍ଥ ପୁରୁଷଙ୍କ ମାନଙ୍କର ସମବେତ ସ୍ଥଳରେ ସିଦ୍ଧାର୍ଥଙ୍କ ଏକ ପ୍ରସ୍ତାବ ଉପରେ ମତ ନିଆ ଯାଉଥିଲା । ପ୍ରସ୍ତାବଟି ଥିଲା – କୋଶଳ ରାଜାଙ୍କ ସର୍ତ୍ତ ଅନୁସାରେ ତାଙ୍କ ରାଣୀ ହେବା ପାଇଁ ଶାକ୍ୟ ବଂଶୀୟ ଜଣେ  ଅଭିଆତୀ କନ୍ୟା ବଦଳରେ ମ୍ଳେଛ ଜାତିର ଏକ କନ୍ୟାକୁ ସପର୍ପି ଦେବା ନିମନ୍ତେ ଚାଲିଥିବା ପ୍ରସ୍ତାବକୁ କାଟ କରିବା । ବିଷୟ ଥିଲା, କୋଶଳ ଦେଶର ରାଜା ପ୍ରସେନଜିତଙ୍କ ଆକ୍ରମଣକୁ ପ୍ରତିହତ କରିବା ନିମନ୍ତେ ସନ୍ଥାଗାରର ବିଶେଷ ଯୋଦ୍ଧା ଗୌତମଙ୍କ ଅନୁଜ ଦେବଦତ୍ତଙ୍କ ନେତୃତ୍ୱରେ ଯାଇଥିବା ସୈନିକ ଦଳ କୌଶଳ ଯୁଦ୍ଧରେ ହାରିଯାଇ ଉପରୋକ୍ତ ସର୍ତ୍ତ ମାନି ଆସିଥିଲେ । କିନ୍ତୁ ଶାକ୍ୟବଂଶୀମାନେ କାହାର ହେଲେ କନ୍ୟା କୋଶଳ ରାଜାଙ୍କୁ ସମର୍ପିବା ନିମନ୍ତେ ପ୍ରସ୍ତୁତ ନ ଥିଲେ । ଫଳତଃ ଏକ ଲୁକ୍କାୟିତ କୌଶଳ ଅବଲମ୍ବନ କରିବା ପାଇଁ ସ୍ଥିରନିଶ୍ଚିତ ହୋଇଥିଲା । ଏହି ବିଧର୍ମୀ କାର୍ଯ୍ୟ ତଥା ଶାକ୍ୟ ମାନଙ୍କ ସ୍ୱାର୍ଥ ପାଇଁ ଅବହେଳିତ ଗୋଷ୍ଠୀଙ୍କ କନ୍ୟାଙ୍କୁ ସମର୍ପିବା ପାଇଁ ସନ୍ଥାଗାରର ଅଧ୍ୟକ୍ଷ ରାଜି ହୋଇ ନ ଥିଲେ । ଫଳରେ ଏହାକୁ କାଟ କରିବା ପାଇଁ ଆଣିଥିବା ଗୌତମଙ୍କ ପ୍ରସ୍ତାବ ହିଁ କାଟ ଖାଇଥିଲା । ଅଧ୍ୟକ୍ଷଙ୍କ ପ୍ରସ୍ତାବ କାଟ ଖାଇବାର ଦଣ୍ଡ ଥିଲା – ଅଧ୍ୟକ୍ଷ ପଦ ତ୍ୟାଗ ତଥା ପଦବ୍ରଜରେ ଦେଶାଟନ ।

ଏଭଳି ଏକ ପ୍ରସ୍ତାବ ଆଣିବା ପାଇଁ ଗୌତମଙ୍କ ଉଦ୍ୟମକୁ ଶୁଦ୍ଧୋଦନ ଓ ମହାମାୟା ମନା କରିଥିଲେ । କିନ୍ତୁ ସେତେବେଳେ ହିଁ ବିମ୍ବା ଜାଣିସାରିଥିଲେ – ନିଷ୍ଠା ଓ ନୀତିବାନ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବିଶେଷ ବିଷୁବ ସଂକ୍ରାନ୍ତି ୨୦୧୯

ତାଙ୍କ ସ୍ୱାମୀଙ୍କ ଗୃହ ପରିତ୍ୟାଗ ସମୟ ଆସି ଯାଇଥିଲା । ସେତେବେଳେ ସେ ସଦ୍ୟ ପ୍ରସୂତୀ । ୨୧ ଦିନର ଶିଶୁପୁତ୍ରକୁ କୋଳରେ ଧରି ତାଙ୍କ ପାଇଁ ପ୍ରସ୍ତୁତ ଏକ କକ୍ଷରେ ରହିଥିବା ବିମ୍ବାଙ୍କ ପକ୍ଷରେ କେବଳ ତାଙ୍କ ଗତିବିଧିକୁ ଲକ୍ଷ୍ୟ କରି ରହିବା ଛଡା ତାଙ୍କର ଅନ୍ୟୋପାୟ ନ ଥିଲା ।

ଶାକ୍ୟବଂଶୀ ସିଦ୍ଧାର୍ଥ ଗୌତମ ପ୍ରକୃତିରେ ଅତୀବ ସମ୍ବେଦନଶୀଳ ଥିଲେ । ଜରା,ମୃତ୍ୟୁ ପାଇଁ ମନରେ ବୈରାଗ୍ୟ ହିଁ ଥିଲା ସେହି ବୀର ଯୋଦ୍ଧାଙ୍କର ହୃଦୟରେ । ବାହାଘର ପରେ ଅନେକ ଥର ଯୁବରାଜଙ୍କ ସହ ସେ ନଗର ଭ୍ରମଣରେ ଯାଇଥିବେ । ତାଙ୍କ ପାଟିରୁ ଯୁଦ୍ଧ କଥା କମ୍‌ତଥା ଜୀବନର ଗମ୍ଭୀରତା ବିଷୟରେ ସେ ବିମ୍ବାଙ୍କ ସହ ଅଧିକ ଗପୁଥିଲେ ।

ତାଙ୍କ ସ୍ୱାମୀ ସୁକୁମାର ଥିଲେ, ଅତ୍ୟନ୍ତ ସୁକୁମାର । ଏହି ମହଲ ପରିସରରେ ତିନୋଟି କମଳ ପୁଷ୍କର ସରଣୀ କେବଳ ସେମାନଙ୍କ ପାଇଁ ତିଆରି କରା ଯାଇଥିଲା । ଗୋଟିଏ ନୀଳ ପଦ୍ମ, ଆଉ ଗୋଟିଏରେ ଲାଲ ପଦ୍ମ ଓ ଅନ୍ୟଟିରେ ଶ୍ୱେତପଦ୍ମ ପ୍ରଷ୍ଫୁଟିତ ହେଉଥିଲା । କାଶୀରୁ ଅଣା ଯାଇ ନ ଥିବା କୌଣସି ଚନ୍ଦନର ବସ୍ତୁ ତାଙ୍କ ସ୍ୱାମୀ ଉପଯୋଗ କରୁ ନ ଥିଲେ । ପଗଡି, ଅଙ୍ଗରକ୍ଷା, ପୋଷାକ ଓ ପାଦାବୃତ୍ତାର୍ଥ ବସ୍ତ୍ର ସବୁ କିଛି କାଶୀର ଥିଲା ।

ଗରମ ଅଥବା ଥଣ୍ଡା, ଧୂଳି, ଝଡା ପତ୍ର କିମ୍ବା କାକର ବିନ୍ଦୁରୁ ଅଛୁଆଁ ରହିବା ପାଇଁ ରାତ୍ର ଦିନ ତାଙ୍କ ମଥା ଉପରେ ଶ୍ୱେତଛତ୍ର ଆବୋରି  ରଖା ଯାଉଥିଲା ।

ଶୀତ, ଗ୍ରୀଷ୍ମ ଓ ବର୍ଷା ର ତିନୋଟି ଭିନ୍ନ ଭିନ୍ନ ଋତୁରେ ସେମାନଙ୍କ ବ୍ୟବହାର ନିମନ୍ତେ ତିନୋଟି ଅଲଗା  ପ୍ରସାଦମାନ ମହାରାଜ ତିଆରି କରିଥିଲେ । ବର୍ଷାକାଳର ଚାରିମାସ ଯାକ ବାହାରକୁ ନ ଯାଇ ମହଲ ଭିତରେ ହିଁ ନର୍ତ୍ତକୀ ତଥା ସଙ୍ଗୀତଜ୍ଞ ମାନଙ୍କ ଗହଣରେ ସେମାନଙ୍କର କଟୁଥିଲା । ଅନ୍ୟମାନଙ୍କ ଘରେ ଦାସ ଓ ଶ୍ରମିକ ମାନଙ୍କୁ ଖୁଦ କଣିକାର ବାସି

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବିଶେଷ ବିଷୁବ ସଂଖ୍ୟା ୨୦୧୯

ଜାଉ ଦିଆ ଯାଉଥିଲା ବେଳେ ରାଜ ଉଆସରେ ସେମାନଙ୍କୁ ଭାତ ତଥା ମାଂସ ଦିଆ ଯାଉଥିଲା ।

ତାଙ୍କ ଷୋହଳ ବର୍ଷ ବୟସରେ ଯେଉଁଦିନ ସେ, ରାଜକୁମାରୀ ବିମ୍ବା, ଯଶୋଧାରା ଭଦଦ୍ଧାଚାନ୍ନା କୈାଳୀୟ ବଂଶୀୟ ରାଜା ସୁପ୍ରବୁଦ୍ଧ ତଥା ସିଦ୍ଧାର୍ଥ ଗୌତମଙ୍କ ପିଉସୀ ରାଣୀ ପମିତାଙ୍କ ଅଲିଅଳ ଓ ଐଶର୍ଯ୍ୟରେ ଲାଳିତପାଳିତ କନ୍ୟା ଏକ ଆଡମ୍ବରପୂର୍ଣ୍ଣ ବିବାହୋତ୍ସବରେ ଧନୁ ତୀର ଯୁଦ୍ଧରେ ବିଜୟୀ ଦେଦୀପ୍ୟମାନ ଚେହେରାଯୁକ୍ତ ରାଜା ଶୁଦ୍ଧୋଦନଙ୍କ ଷୋହଳ ବର୍ଷୀୟ ପୁତ୍ର ଯୁବରାଜ ଗୌତମଙ୍କ ସହ ଅଗ୍ନିଙ୍କୁ ସାକ୍ଷୀ ରଖି କାୟ ମନୋବାକ୍ୟରେ ତାଙ୍କ ହାତ ବଢାଇ ଦେଇଥିଲେ, ମନେ ମନେ ଈଶ୍ୱରଙ୍କୁ ସେମାନଙ୍କର କଲ୍ୟାଣ ନିମନ୍ତେ ପ୍ରାର୍ଥନା କରିଥିଲେ । ଆଜି ତାଙ୍କ କୌତୁହଳ ଦୃଷ୍ଟିର ସବା ଆଗରେ ସେହି ବାଲ୍ୟସଙ୍ଗୀଙ୍କୁ ଜ୍ଞାନପ୍ରାପ୍ତିର ସପ୍ତମ ବର୍ଷ ପରର ବୁଦ୍ଧରୂପୀ ଗୌତମ ରୂପେ ସେ ଦେଖୁଥିଲେ । ଏହି ରୂପ ପ୍ରଥମେ ଦେଖିଥିବା ଶୌର୍ଯ୍ୟରୂପୀ-ଯୋଦ୍ଧାର ଠିକ୍‌ବିପରୀତ ଥିଲା । ତେଜୋଦୀପ୍ତ, ପ୍ରଶାନ୍ତମୟ ମୁଖମଣ୍ଡଳ, ପୂର୍ବ ରୂପ-ଚେହେରା ଠାରୁ ଅଧିକ ଦେଦୀପ୍ୟମାନ ଥିଲା ।

ତିନି

ମାଆ ହାତ ଧୋଇବାକୁ ଗଲାବେଳକୁ ଗୌତମ ମନା କରି ପାରି ନ ଥିଲେ । ହୃଦୟର ନିଭୃତ କୋଣରେ ଅସଂଲଗ୍ନିତ ସମ୍ପରକର ମୂହୂର୍ତ୍ତ ଗୁଡିକ ସକ୍ରିୟ ହୋଇ ଯାଇଥିଲେ । ପାଣ୍ଡୁର ରଙ୍ଗରେ ରଙ୍ଗାୟିତ ଏହି ଧାଇ ରୂପକ ଜନନୀଙ୍କ ଓଳର ସ୍ପର୍ଶ ସେ ଏବେ ବି ଅନୁଭବ କରୁଥିଲେ । କିଛି ନ କହିଲେ ବି ସ୍ମିତ ହାସ୍ୟ ସହକାରେ ମାଙ୍କର ଖସି ଯାଉଥିବା ଓଢଣା ଟିକୁ ସିନ୍ଥି ଉପରକୁ ଟାଣି ଆଣିଲେ । ବିହ୍ୱଳିତ ହୋଇଗଲେ ମହାମାୟା । ପିଲାଦିନର ଏହି ଅଭ୍ୟାସ ଗୌତମଙ୍କର ରହିଛି ତା ହେଲେ । ସିଧା ସିଧା ତାଙ୍କ ଆଖିକୁ ଚାହିଁଲେ । ସିଦ୍ଧାର୍ଥଙ୍କ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com
ବିଶେଷ ବିଷ୍ଣୁ ସଂଖ୍ୟା ୨୦୧୯

ଓଠରେ ପ୍ରଶାନ୍ତମୟ ହସ ଥିଲା । କିନ୍ତୁ ଦୁର୍ବଳତାର ଚିହ୍ନ ମହାମାୟା ଦେଖି ପାରିଲେନି ।

ହାତ ଧୋଇବା ଜାଗାରୁ ଫେରୁଥିବା ଅବସ୍ଥାରେ ମହଲ ବାରଣ୍ଡାରେ ବିମ୍ବାଙ୍କୁ କାନ୍ଥକୁ ଆଉଜି ଠୁଆ ହୋଇ ଥିବାର ଦେଖିଲେ ଗୌତମ । ଆଭୁଷଣହୀନା, ଗେରୁଆ ବସ୍ତ୍ରରେ ବସ୍ତ୍ରାଭୂତା ବିମ୍ବା ସ୍ଥିର ଚକ୍ଷୁ ନେଇ ତାଙ୍କୁ ଚାହିଁ ରହିଥିଲେ । ତାଙ୍କ ଗୋଡ ପାଖେ ବସିଥିବା ବାଳକଟି ଯେ ତାଙ୍କ ଔରସରୁ ଜନ୍ମିତ ଶିଶୁ ସନ୍ତାନ, ତାହା ସେ ବୁଝି ସାରିଥିଲେ । ସେମାନଙ୍କ ଆଡକୁ ଆସୁଥିବା ଦେଖି ବିମ୍ବାଙ୍କ ଗୋଡ ପାଖରେ ଚଟାଣରେ ବସିଥିବା ରାହୁଲ ଉଠି ଠିଆ ହୋଇ ଆଶାପୂର୍ଣ୍ଣ ନୟନରେ ଗୌତମଙ୍କୁ ଚାହିଁ ରହିଲା । ବିମ୍ବା କିଛି କହିବା ଆଗରୁ ଗୌତମ ହିଁ ପ୍ରଶ୍ନ କଲେ – ସବୁ କୁଶଳ ମଙ୍ଗଳ ଅଛି ?

ପ୍ରଶ୍ନରେ ଆନ୍ତରିକତା ବୋଧ କଲେ ନାହିଁ ବିମ୍ବା । ବରଂ ଶବ୍ଦଗୁଡିକ ଅଧିକ ଆପଣାର ଥିଲା । ସେ କିଛି କହିବା ଆଗରୁ ଗୌତମଙ୍କ ପଛରେ ଆସୁଥିବା ଶୁଦ୍ଧୋଦନ କହିଲେ – ଆପଣଙ୍କ ପଛରେ ଛୁଆଟିର ଲାଳନପାଳନରେ ସେ ଅଧିକ କଷ୍ଟ ସହନ କରିଛନ୍ତି ପ୍ରଭୁ ! ସ୍ୱାମୀ ପରିତ୍ୟକ୍ତା ସ୍ତ୍ରୀର ସାଦା ସିଧା ଜୀବନ ଅତିବାହିତ କରିଛନ୍ତି ।

ଗୌତମଙ୍କର ବୁଦ୍ଧତ୍ୱ ପ୍ରାପ୍ତିର ଖବର ତଥା ତାଙ୍କ ଚଲାପଥରେ ଆସି ମିଶୁଥିବା ରାଜା ପ୍ରଜାମାନଙ୍କ ମିଳନ ର ଖବର ଶୁଦ୍ଧୋଦନଙ୍କ ପାଖରେ ଆସି ପହଞ୍ଚୁ ଥିଲା, ଗୌତମଙ୍କ ପାଖରୁ ପୁତ୍ରର ମୋହରେ ସେ ମହତ୍‌ବ୍ୟକ୍ତିଙ୍କ ତାଲିକାରେ ଗୌତମଙ୍କୁ ରଖି ସାରିଥିଲେ । ସେଥି ନିମନ୍ତେ ନାଁ ଧରି ଡାକିବା ପରିବର୍ତ୍ତେ ସେ ତାଙ୍କୁ ପ୍ରଭୁ ସମ୍ବୋଧନ କରୁଥିଲେ ।

ଗୌତମ ପିତାଙ୍କୁ ଚାହିଁ କହିଲେ – ହଁ । ସେ ସର୍ବଦା ପ୍ରେମାଳୁ ତଥା ବନ୍ଦନୀୟା । ପୂର୍ବଜନ୍ମରେ ଚନ୍ଦା ରୂପେ ମୋତେ ତାଙ୍କ ଦୃଷ୍ଟିକେନ୍ଦ୍ରରେ ରଖିଥିଲେ । ତଥା ତାଙ୍କ ଅପାର ପ୍ରେମ ବଳରେ ମୁଁ ମୃତ୍ୟୁମୁଖରୁ ଫେରି ଆସିଥିଲି । ମୋର ଜନ୍ମ ଯକ୍ଷ ରୂପେ ଓ ତାଙ୍କ ଜନ୍ମ

ଆହ୍ୱାନ ଇ-ପତ୍ରିକା

ବିଶେଷ ବିଷ୍ଣୁ ସଂଖ୍ୟା ୨୦୧୯

ପକ୍ଷିଣୀ ରୁପେ ହୋଇଥିଲା ।

ବିମ୍ବା କିଛି କହି ପାରି ନ ଥିଲେ । କେବଳ ଏକ ଲୟରେ ଗୌତମଙ୍କୁ ଚାହିଁ ରହିଥିଲେ । ଗୌତମ ଫେରିବାକୁ ଉଦ୍ୟତ ହେଲେ । ବିମ୍ବା ରାହୁଲକୁ କହିଲେ – ତମେ ରାଜକୁମାର । ବାପାଙ୍କୁ ତାଙ୍କର ଉତ୍ତରାଧିକାରୀ ସୂତ୍ରେ ତମ ପାଇଁ କିଛି ମାଗ ।

ରାହୁଲ ଗୌତମଙ୍କ ପାଖକୁ ଆସି କହିଲେ – ହେ ପିତା, ଆପଣ ଅତ୍ୟନ୍ତ ଦୀପ୍ତିବନ୍ତ ଦିଶୁଛନ୍ତି । ମୁଁ ଆପଣଙ୍କ ଉତ୍ତରାଧିକାରୀ ।  ମୋତେ କହି ଦେଇ ଯାଇ ଯାଅ, ମୋ ପାଇଁ କଣ ରଖିଛ ?

ଗୌତମଙ୍କୁ ତକ୍ଷଶିଳାରେ ଶୁଣିଥିବା ଉପନିଷଦ କାହାଣୀ ମନେ ପଡିଲା । ଶ୍ୱେତକେତୁ-ପୁତ୍ର-ନଚିକେତାଙ୍କ ପ୍ରଶ୍ନ – ବାପା ତମେ ମୋତେ କାହାକୁ ଦେବ ?

ପଛକୁ ଫେରି ଗୌତମ ନିଜ ସନ୍ତାନଙ୍କୁ ଚାହିଁଲେ । ସ୍ମିତହାସ୍ୟ ହସି କହିଲେ - ମୋ ସହିତ ଯିବ ?

ମୁଣ୍ଡ ଟୁଙ୍ଗାରି ରାହୁଲ ହଁ କଲେ । ଗୌତମ ବିମ୍ବାଙ୍କୁ ଚାହିଁଲେ । ତାଙ୍କ ମୁଖମଣ୍ଡଳରେ ଅବସାଦର ଲେଶ ମାତ୍ର ଚିହ୍ନ ନ ଥିଲା । ସେ ଗୃହ ତ୍ୟାଗ କରି ଗଲା ଦିନ ମଧ୍ୟ ତାଙ୍କ ପାଣ୍ଡୁର ମୁଖମଣ୍ଡଳରେ କୌଣସି ପରିବର୍ତ୍ତନର ଲକ୍ଷଣ ନ ଥିଲା ।

ବୁଦ୍ଧ ସାରୀପୁତ୍ତଙ୍କୁ ଚାହିଁ କହିଲେ – ତମେ ସଙ୍ଘରେ ରାହୁଲଙ୍କ ଧ୍ୟାନ ନିଅ । ପୁଅ କିଛି ବାପାକୁ ମାଗୁଛି । ଧନରତ୍ନ ଯାହା ଦେଲେ ଏହି ସଂସାରରେ ରହିଯିବ । ଉତ୍ତରାଧିକାରୀ ସୂତ୍ରରେ ମୋ ଠୁଁ ଜ୍ଞାନ ନେବା ହିଁ ଠିକ ରହିବ ।

ମାଆଙ୍କୁ ନ ଦେଖି ବିନା ଦ୍ୱିଧାରେ ରାହୁଲ ସାରିପୁତ୍ତଙ୍କ ସହ ଆଗେଇଲେ । ଶୁଦ୍ଧୋଦନ ବୁଦ୍ଧଙ୍କୁ ଅଟକାଇ କହିଲେ – ହେ ପ୍ରଭୁ, ଏହା ପରଠୁ ଜଣଙ୍କୁ ତାଙ୍କର ପିତାଙ୍କ ବିନା

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବିଶେଷ ବିଷ୍ଣୁ ସଂଖ୍ୟା ୨୦୧୯

ଅନୁମତିରେ ସଙ୍ଘରେ ଶ୍ରେଣୀଭୂକ୍ତ କରିବେ ନାହିଁ । କାରଣ ପୁତ୍ର ହରେଇବାର ଦୁଃଖ ମୁଁ ଭୋଗିଛି ।

ଗୌତମ ସ୍ମିତ ହାସ୍ୟ ସହ ପିତାଙ୍କ କାନ୍ଧରେ ହାତ ରଖି କହିଲେ – ରୋହିଣୀର ଭବିଷ୍ୟତ ଉଜ୍ଜ୍ୱଳ । ତାକୁ କହିଦେବେ ।

(ରୋହିଣୀ ରାଜା ଶୁଦ୍ଧୋଦନଙ୍କ ସାନ ଭାଇଙ୍କ ଝିଅ ଥିଲେ ଓ ପିଲାଟି ଦିନରୁ ଚର୍ମ ରୋଗର ଶିକାର ଥିଲେ । ପରେ ତାଙ୍କ ସଂଘରେ ଯୋଗଦାନ ଦେଇ ଆରୋଗ୍ୟ ଲାଭ କରିଥିଲେ)

ସେଇଠି ତାଙ୍କୁ ବିଦା ଦେବା ପାଇଁ ଠିଆ ହୋଇଥିବା ଦେବଦତ୍ତ, ଆନନ୍ଦ ତଥା ନନ୍ଦ ସମେତ ସମସ୍ତ ଶାକ୍ୟବଂଶୀ ମାନଙ୍କୁ ଦେଖି କହିଲେ – ଧର୍ମଂ ଶରଣଂ ଗଚ୍ଛାମି ।

ତାଙ୍କ ଅନୁଗାମୀମାନେ ଏହାକୁ ଗୁଣୁଗୁଣେଇଲେ । ଅନ୍ୟମାନେ ତାଙ୍କ କଥାକୁ ପାଳିଆ ଧରିଲେ । ସମସ୍ତଙ୍କ ପଛରେ ଠିଆ ହୋଇ ନିର୍ବାକ ବିମ୍ବା ଏହି ଯାତ୍ରାଦଳର ଯିବା ଦୃଶ୍ୟକୁ ଦେଖୁଥିଲେ । ସେ କଣ କେବେ ଭାବିଥିଲେ – ସରାଗରେ ରାହୁଲକୁ ସେ କହି ମଗେଇଥିବା ଦ୍ରବ୍ୟ ଏଇୟା ମିଳିବ ବୋଲି ।

ମହାନତାର ଦ୍ୱାରଦେଶରେ ତାଙ୍କୁ ଠିଆ କରେଇଦେଇ ଭିକ୍ଷୁଦଳ ସହ ଦୂରକୁ ଦୂରକୁ ଯାଉଥିବା ଗୌତମଙ୍କ ସହ ସେ ଆଜି ରାହୁଲଙ୍କ ମଧ୍ୟ ନିଶବ୍ଦ ପଦଧ୍ୱନିରେ ଧର୍ମଂ ଶରଣଂ ଗଚ୍ଛାମି, ସଂଘମ ଶରଣଂ ଗଚ୍ଛାମି ବୁଦ୍ଧଂ ଶରଣଂ ଗଚ୍ଛାମି ର ସମୂହ ପ୍ରତିଧ୍ୱନି ଶୁଣି ପାରୁଥିଲେ ।

(ନରସିହ ଗାଥା ଓ ବିଭିନ୍ନ ବୌଦ୍ଧ-ଜାତକରୁ ପଢିଥିବା ବିଷୟବସ୍ତୁର ଛାୟାରେ ଲିଖିତ)

୨ୟ ତୋଟା ସାହି, ବିଜିପୁର

ବ୍ରହ୍ମପୁର -୭୬୦୦୦୫

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com
ବିଶେଷ ବିଷୁବ ସଂଖ୍ୟା ୨୦୧୯

# ମାନସିକତା



ଶ୍ରୀକ୍ଷେତ୍ର ସୁନ୍ଦର

ସାଂପ୍ରତିକ ସମୟର ଶିକ୍ଷା ବ୍ୟବସ୍ଥାରେ ବିଦ୍ୟାଳୟ ସ୍ତରରୁ ହିଁ ଛାତ୍ରଟିକୁ ବିଭିନ୍ନ ବିଷୟ ସହିତ ପରିଚିତ କରାଯାଉଛି । କାରଣ ଭବିଷ୍ୟତ ଜୀବନରେ ଏହି ବିଷୟ ମାନଙ୍କ ମଧ୍ୟରୁ ସେ ନିଜସ୍ୱ ରୁଚି ଅନୁଯାୟୀ ସ୍ୱାଧୀନ ଭାବରେ ତାର ପ୍ରିୟ ବିଷୟ ଚୟନ କରି ସେ ଦିଗରେ ଅଧିକରୁ ଅଧିକ ଅଧ୍ୟୟନ କରିବ ଓ ଜଣେ ସଫଳ ବ୍ୟକ୍ତିତ୍ୱର ଅଧିକାରୀ ହୋଇପାରିବ । ଏବଂ ଏହି ଶିକ୍ଷା ବ୍ୟବସ୍ଥାର ପ୍ରଚଳନ ନିଃସନ୍ଦେହ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ।

ତେବେ କଣ ପ୍ରକୃତରେ ଆମେ ଏହି ମହତ ଲକ୍ଷ୍ୟ ସିଦ୍ଧି ଦିଗରେ କାହାକୁ ପ୍ରୋତ୍ସାହିତ କରୁ ? ବିଦ୍ୟାଳୟ ସ୍ତରରୁ - ଆମ ସମାଜ ପର୍ଯ୍ୟନ୍ତ ସବୁଠି ସେଇ ଏକା କଥା । ଆମେ ଆମ ନିଜ ସ୍ୱଳ୍ପ ଜ୍ଞାନର ଗାରିମା ପ୍ରଦର୍ଶନ କରିବାର ମୂଲ୍ୟ ବଦଳରେ ଅନେକ ମୂଲ୍ୟବାନ ମେଧାଙ୍କୁ ହରାଇ ବସୁ । ତୃଣମୂଳ ସ୍ତରରୁ ଯଦି ବା କ୍ୱଚିତ କୌଣସି ବ୍ୟକ୍ତି ଅନେକ ପ୍ରତିବନ୍ଧକ ସତ୍ତ୍ୱେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରନ୍ତି । ତେବେ ମଧ୍ୟ ଆମେ ତାକୁ ଉଚିତ ପ୍ରୋତ୍ସାହନ ବା ସମ୍ମାନ ଦେବାରେ କୁଣ୍ଠାବୋଧ କରୁ । ଆମେ ଆମ ସୀମିତ ଜ୍ଞାନର ମିଥ୍ୟା ଅହମିକା ମାପକାଠିରେ ଏ ସମାଜର ସବୁ ବ୍ୟକ୍ତିବିଶେଷଙ୍କର ଦକ୍ଷତାକୁ ମାପିବାର ହୀନ ପ୍ରୟାସ କରୁ । ଏ ବିଷୟରେ ମହାନ ବୈଜ୍ଞାନିକ ଆଲବର୍ଟ୍ ଆଇନ୍‌ଷ୍ଟାଇନଙ୍କ ଗୋଟିଏ ସୁନ୍ଦର ଉକ୍ତି ମନେପଡ଼େ;

"Everybody is a Genius. But if you judge a fish by its ability to climb a tree,

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com
ବିଶେଷ ବିଷୁବ ସଂକ୍ରାନ୍ତି ୨୦୧୯

it will live its whole life believing that it is stupid."

ତେବେ ବୋଧେ ଆମ ମନରେ କେଉଁଠି ନା କେଉଁଠି ସନ୍ଦେହ ଥାଏ । ପାରିବାପଣିଆକୁ ନେଇ - ନିଷ୍ଠାକୁ ନେଇ - ସାଧନାକୁ ନେଇ । ଆମେ କଣ ସତେ ଏତେ ମହାନୁଭବ ଯେ କାହାର ବ୍ୟକ୍ତିଗତ ସାଧନାର ପରାକାଷ୍ଠାକୁ ଆକଳନ କରି ପାରିବା ? ଏହା ନିଶ୍ଚୟ ଧୃଷ୍ଟତା ହେବ, ଅସମ୍ମାନ ହେବ ସେହି ବ୍ୟକ୍ତିଙ୍କ ପ୍ରତି । ଏ ରୁଗ୍ଣ ମାନସିକତାର ପରିବର୍ତ୍ତନ ନିହାତି ଆବଶ୍ୟକ । ଆମ ସମାଜରେ ପ୍ରତ୍ୟେକ କ୍ଷେତ୍ରରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରୁଥିବା ବ୍ୟକ୍ତିଙ୍କ ପ୍ରତି ଆମର ସମାନ ଦୃଷ୍ଟିଭଙ୍ଗୀ ରହିବା ଉଚିତ । ନଚେତ ଏହା କେବେ ହେଁ ସମାଜ ପାଇଁ ମଙ୍ଗଳକାରୀ ହୋଇନପାରେ ।

ସଂଗୀତ ଶିକ୍ଷକ
ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ଗାଇସିଲଟ୍, ବରଗଡ଼
ଭ୍ରାମ୍ୟଭାଷ : ୯୦୯୦୨୭୭୮୦୬

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com
ବିଶେଷ ବିଷୁବ ସଂସ୍କରଣ ୨୦୧୯

# ଲକ୍ଷ୍ୟ



ସତ୍ୟପ୍ରକାଶ ସେଠୀ

ଜୀବନର ନିର୍ଦ୍ଦିଷ୍ଟ ଲକ୍ଷ୍ୟ ଖୋଜି ପାଉନଥିବା, ଅପ୍ରାପ୍ତିଜନକ ହତାଶାରେ ସଢୁଥିବା, ବନ୍ଧନରେ ବାନ୍ଧି ହୋଇ ଛଟପଟ ହେଉଥିବା, ମୁଁ ଏକ ଭିନ୍ନ ଅଥଚ ସେଇ ଏକ ବ୍ୟକ୍ତି । ମୋତେ ଏଠି ଖୋଜିଲେ ମୁଁ ନିରୁଦ୍ଦିଷ୍ଟ । ମୁଁ ଏକ ଅଭିନ୍ନ ମାନବସତ୍ତା ଅଥଚ ଭିନ୍ନ ଏକ ବ୍ୟକ୍ତିତ୍ୱ । ମୁଁ ଏଠି ମୁଁ ନୁହେଁ, ମୋର ବୋଲି କେହି ନାହିଁ । ସମସ୍ତେ ଅଜଣା ଅଶୁଣା, ସବୁକିଛି ମୋ ପାଇଁ ଅପହଞ୍ଚ, ଅଗମ୍ୟ, ଦୁର୍ଗମ । ତଥାପି ପିପାସା ମେଣ୍ଟେନା, କାମନାର ପରିସମାପ୍ତି ଘଟେନ, ମୋ ଖୋଜିବାରେ ଅନ୍ତ ହୁଏନା । କ'ଣ ଯେ କେଉଁଠାରେ ଖୋଜୁଛି, କିନ୍ତୁ ଖୋଜିବାଟା ଖୋଜିବାରେ ଯାଉଛି । ହରେଇବାଟା ସାର ହେଉଛି । ହେଲେ ଖୋଜିବାରେ କାହିଁ ସେ ଆତ୍ମତୃପ୍ତି କାହିଁ ବା ପରିସମାପ୍ତି ଆସେନା । ଯନ୍ତ୍ରଣାରେ ଜର୍ଜରିତ ଅନ୍ତରାତ୍ମା, ବିଳପିତ ନେତ୍ର ଯୁଗଳ, ଶାନ୍ତିର ସ୍ତୁପ ଭିତରେ ଅଶାନ୍ତିର ଝଡ଼ । ସାମୁଦ୍ରିକ ତୋଫାନ, ଶାନ୍ତିର ନିଦ୍ରା ଭାଜିଲେ ଘୋଟିଯାଏ ସର୍ବରୀରେ ଅଶାନ୍ତିର ଝଡ଼ । ଚତୁର୍ଦ୍ଦିଗେ ଅନ୍ଧକାର, ହା ହୁତାଶନ । ପଛକୁ ଫେରିବାର ବାଟ ନାହିଁ, କି ଆଗକୁ ଆଗେଇବାର ଶକ୍ତି ନାହିଁ । ସେଦିନର ଗିରି ଲଂଘିବାର ଦୁଃସାହସ, ଏକା ଲମ୍ଫକେ ସମୁଦ୍ର ଅତିକ୍ରମ କରିଯିବାର ହନୁମାନୀ ଶକ୍ତି, ଆଉ ଯେତକ ପାରିବାର ପଣ, ମୋଠୁଁ ଏବେ କେବେଠୁଁ ଉଭାନ । ତଥାପି ଏତେ ମତେ ଦାରୁଣ୍ୟ, କାରୁଣ୍ୟ ମୋ ମନୁ ପାରିନି ସେ ଲିଭାଇ, ମୋ ଜୀବନର ଘଟଣ ଅଘଟଣ, ସଞ୍ଚିତ ଯହିଁ ମୋ ଜୀବନରେ ସକଳ ଅନୁଭବ ଓ ଅନୁଭୁତିର ଲମ୍ବା ଲମ୍ବା ପୃଷ୍ଠା ନିଶ୍ଚୟ, ଯାହାକି ରୁଦ୍ଧିମନ୍ତ ଓ ରୁଚିବନ୍ତ କରି

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଗଢି ତୋଳିପାରେ ଜୀବନ ପୁସ୍ତିକାର କଳେବର ।

ମଣିଷ ଏକ ଅଜବ ପ୍ରାଣୀ । ସେହି ଏକ ପଶୁ ଅଥଚ ଭିନ୍ନ ଏକ ଜୀବନ । ବଞ୍ଚିବାର ଓ ଜୀବନଧାରଣ କରିବାର ଶୈଳୀ ଟିକେ ଅଲଗା । ସିଏ ବି ପ୍ରକୃତର ନିୟମରେ ଜୀବନର ବିଭିନ୍ନ ସୋପାନ ଦେଇ ଗତିକରେ । ଶୈଶବ, ବାଲ୍ୟ, କୈଶୋର, ପୌଗଣ୍ଡ, ଯୌବନ, ପ୍ରୌଢ, ବାର୍ଦ୍ଧକ୍ୟ ଓ ଜରା ଅତିକ୍ରମ କରି ଶେଷରେ ମୃତ୍ୟୁର ନିକଟବର୍ତ୍ତୀ ହୁଏ । ଅନ୍ୟ ପ୍ରାଣୀ ପରି ତା'ର ବି ଅଛି ପାଞ୍ଚ ମନ ପଚିଶି ପ୍ରକୃତି, ସିଏ ବି ଅନ୍ୟ ଭଳି ହିଂସା, ଦ୍ୱେଷ ଆନନ୍ଦ, ଦୁଃଖ ପ୍ରକାଶ କରେ । କେବଳ ସେ ପ୍ରକାଶ କରିବାର ଭିନ୍ନ ଶୈଳୀଟା ଯା' ଅବଲମ୍ବନ କରେ । ଭାବ ବହନ କ୍ଷମ ଶବ୍ଦରାଜିକୁ ସଜାଇ କେତେବେଳେ ସେ ଜୀବନ ସୌଧର ଏକ ନୂତନ କୋଣାର୍କ ବା ତାଜ ନିର୍ମାଣ କରେ, ଯାହିଁର କଳାତ୍ମକ ପରିପ୍ରକାଶ ହୁଏତ ଭାବୋଦ୍ଦୀପକ, ଦର୍ଶନଶାସ୍ତ୍ର ସମ୍ଭୂତ, ମନନଶୀଳ ଓ ଚିନ୍ତା ଚେତନା ପ୍ରସୂନ ହୋଇପାରେ । ମଣିଷ କୌଣସି ଗୁଣରେ ନ୍ୟୁନ ବା ଗୌଣ ହୋଇପାରେନା । ନ୍ୟୁନ ଯା ମଣିଷ ପଣିଆ । ମୁଁ କି ସେହୁ ସେଇ ଭାତ ହାଣ୍ଡିର ଗୋଟେ ଚାଉଳ ବା ମଣିଷସମାଜଟା ମୋ ପରି ମଣିଷ ମାନଙ୍କର ଗୋଟେ ବିଶାଳ ସମୁଦାୟ? ମଣିଷ କୂଳରେ ମୋର ଜନ୍ମ । ମଣିଷକୁ ବୁଝି ନହେଲେ କୁଆଡ଼େ ଜୀବନକୁ ବୁଝି ହୁଏନା । ମୁଁ ତ ଗୋଟେ ଉଦଭ୍ରାନ୍ତ ମଣିଷ । ପଥହରା ଅଶାନ୍ତ ଗ୍ରହ । ମନ ମୋ ବିଷାଦିତ । କ୍ଳାନ୍ତ, ଅବସନ୍ନ ଶରୀର । ବିଷର୍ଣ୍ଣ ମୁଖମଣ୍ଡଳ । ନିଷ୍ପ୍ରଭ ଭାବଭଙ୍ଗୀ । କେମିତି ବୁଝାଇବି ଜୀବନର ଏଡ଼େ ବଡ଼ ବେଦ, ନିଜକୁ ତ ପାରୁନି ମୁଁ ବୁଝି । ମୁଁ କିନ୍ତୁ ମୋ ଜୀବନର ସମସ୍ତ ପୃଷ୍ଠା ତୁମ ଆଗେ ଉନ୍ମୋଚନ କରିବାକୁ ଚାହେଁ ।

କ୍ରମଶଃ ଦିନ ପରେ ଦିନ ବିତି ଚାଲେ । ଜୀବନର ଲକ୍ଷ୍ୟ ମୁଁ ଖୋଜି ବୁଲିଲି । ମନରେ ସ୍ୱତଃ ପ୍ରଶ୍ନ ଉଠିଲା, "ଜୀବନ ମରଣ ଯଦି ସତ୍ୟ ତେବେ ମଣିଷ ବୃଥା ପରିଶ୍ରମ କରି କାହିଁକି

 Magazine Downloaded from www.aahwaan.com

ବିଶେଷ ବିଷୁବ ସଂକ୍ରାନ୍ତି ୨୦୧୯

ଅର୍ଥୋପାର୍ଜନ କରିବ, ପାଠ ପଢିବ, ଏତେ ସବୁ କଷ୍ଟ ସହିବ, ଜୀବନ ଯନ୍ତ୍ରଣା ନେଇ ବଞ୍ଚିରହିବ, କାହିଁକି ଭଲା ଏତେ ନାଟ, ଏତେ ଆୟୋଜନ, ତା ଭିତରେ ପୁଣି ନିଜକୁ ଅହରହ ହଜାଇ ଏମିତି ଖୋଜିବା, ପୁଣି କେତେବେଳେ ଖାଲି ନିଖୋଜ ହେଉଥିବା ।" ସେହି କାହିଁକିଟା ଏମିତି ଗୁଡେଇ ତୁଡ଼େଇ ମୋ ଜୀବନ ପରିବୃତ ଭିତରେ ଘୂରି ବୁଲିବାକୁ ଲାଗିଲା ଯେ, ମୁଁ ଏକଦମ୍ ଅଣନିଃଶ୍ୱାସୀ ହୋଇପଡ଼ିଲି, ଲକ୍ଷ୍ୟ ମୋର ହଜିବାକୁ ଲାଗିଲା । ମନ ସଦା ସର୍ବଦା ଅଶାନ୍ତ । ମୁଖ ମଣ୍ଡଳ ଗମ୍ଭୀର । ଏହି ଅସମାହିତ ପ୍ରଶ୍ନର ହେତୁ ନିର୍ଦ୍ଧାରଣ ମୋ ପକ୍ଷେ ଅସମ୍ଭବ । କ୍ରମଶଃ ଆଧ୍ୟାତ୍ମିକ ଚିନ୍ତା ଚେତନାର ଦ୍ୟୋତନା ପରିଲକ୍ଷିତ ହେଲା । ଈଶ୍ୱରଙ୍କ ଠାରେ ସମର୍ପଣ ଭାବ ଆସିଲା ମନେ ମନେ ପ୍ରାର୍ଥନା କଲି, ହେ ଅଦୃଷ୍ଟ ଶକ୍ତି, ପ୍ରେରଣାର ଉତ୍ସ, ଏ ଘନ ଘୋର ଅନ୍ଧକାରେ ମୋତେ ଆଲୋକ ଦେଖାଅ, ହେ ଆଲୋକ ବର୍ତ୍ତିକା ! ମୁଁ ଆଉ ଆଗକୁ ପାରୁନି ଚାଲି, କଷ୍ଟ ହେଲାଣି ଅସୁମାରି । ମୋର ଲକ୍ଷ୍ୟ ଏଣିକି ନିର୍ଦ୍ଧିଷ୍ଟ ହେଉ । ହଠାତ୍ ଏକ ଦିବ୍ୟ ଆନନ୍ଦ ଅନୁଭବ ହେଲା କି କ'ଣ, କ୍ରମଶଃ ମନ ହାଲୁକା ଲାଗିଲା । ସତେ ଯେମିତି କେହି ନିର୍ଦ୍ଦେଶ ଦେବା ଠାଣିରେ କହୁଛି, "ଅଧ୍ୟୟନ ଓ ଅଧିତବ୍ୟ ବିଷୟକ ଅଭିଜ୍ଞତା ଓ ଅନୁଭୂତି ଅର୍ଜ୍ଜନ ତୁମ ଜୀବନର ଶ୍ରେୟ ଆଉ ଧେୟ ହେଉ । ଏଥୁ ଅନ୍ତେ ତୁମକୁ ମିଳିଯାଇପାରେ, ତୁମ କାହିଁକିର ସବୁତକ ଉତ୍ତର ।" ତହିଁ ଉତ୍ତାରେ ମୋତେ ବା ମିଳିଗଲା ମୋର ଲକ୍ଷ୍ୟ ! ମୁଁ ପାଠ ପଢିଲି । ସମାଜର ଅନ୍ୟ ମଣିଷ ପରି ମୋ ଜୀବନର ଲକ୍ଷ୍ୟ ମଧ୍ୟ ସାମାଜିକ ବିଧି ବ୍ୟବସ୍ଥା ଦେଇ ଆଗକୁ ଆଗକୁ ବଢି ଚାଲିଲା । ପାଠ ପଢିଲା ପରେ ଓ ଜୀବନର ବେଶ୍ କିଛି ବାଟ ଆଗେଇ ସାରିବା ପରେ ପୁଣି ମୋର ପାଗଳାମି ଆରମ୍ଭ ହୋଇଗଲା । ମୁଁ ମୋର ଲକ୍ଷ୍ୟ ଖୋଜିବା ବ୍ୟାପାର ପୁନଶ୍ଚ ଆରମ୍ଭ କରିଦେଲି । ମୋ ଜୀବନର ଅନେକ ଆଶା, ଅନେକ ଆକାଂକ୍ଷା, କିଛି ବ୍ୟଗ୍ରତା ଆଉ ଯେତକ ଉତ୍କଣ୍ଠା ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବିଶେଷ ବିଷୁବ ସଂକ୍ରାନ୍ତି ୨୦୧୯

ଏତେବେଳେ ମୁଁ ମୋ ଜୀବନର ଲକ୍ଷ୍ୟ ଖୋଜି ବା ପାଅନ୍ତି କିପରି ? ପୁଣି ସବୁ ଭୁଲ, ସବୁ ମିଛ, ମିଥ୍ୟା ପ୍ରତିଶୃତି ଆଉ ପ୍ରତାରଣା । ମୋର ସମସ୍ତ ପରିକଳ୍ପନା ଉଦ୍ଭଟ, ପରବର୍ତ୍ତୀ ଲକ୍ଷ୍ୟ କ'ଣ ହେବା ଦରକାର ମୁଁ ଠିକ୍ କରିପାରୁ ନଥାଏ । ଠିକସେ କରି ଚିହ୍ନଟ କରିପାରୁ ନଥାଏ । ସତେ କି ମୋ ମସ୍ତିଷ୍କ ପୂରାପୂରି ଫାଙ୍କା । ମୁଁ କିଛି ଜାଣି ପାରୁ ନଥାଏ, କି ବୁଝି ପାରୁ ନଥାଏ, ସ୍ଥିର ବି କରି ପାରୁ ନଥାଏ, ମୋ ଭିତରେ ସେଇ ପୁରୁଣା ଆର୍ତ୍ତ ହେ ଭଗବାନ ମୋତେ ତୁମେ ପଥ ଦେଖାଅ ! ମୋର ଲକ୍ଷ୍ୟ ମୋତେ କହିଦିଅ ! ! ଆଗକୁ ଯିବାକୁ ଇଙ୍ଗିତ କର ! କାହିଁ କିଛି ଇଙ୍ଗିତ ତ ମିଳୁନାହିଁ । ତେବେ କି ସେ  ସବୁ ନିଷ୍ଫଳ ପ୍ରୟାସ, ବୃଥା ଅପଚେଷ୍ଟା ? କ'ଣ ଏ ସଂସାରରେ ଖାଲି ଦୁଃଖଦ ଅନୁଭବ ମୋର ପୁଞ୍ଜି ? ଏତେ ବର୍ଷର ତପସ୍ୟା ପରେ ବି ଆଉ କିଛି ସାଉଁଟି ପାରିଲିନି ଯେ ଏହି ମୋର ତପସ୍ୟାରେ ସିଦ୍ଧି, ନିଷ୍ଫଳ କର୍ମଯୋଗ ? ହେ ତୁମେ (ପାଠକେ) ! ତୁମକୁ ମୁଁ କିଛି ପରାମର୍ଶ ଅବା ପରାଭବ ଦେବାକୁ ଚାହୁଁନାହିଁ । ତେବେ ମୋ ଜୀବନର ଲକ୍ଷ୍ୟ ଖୋଜି ମୁଁ ପାଉନଥିବା ବେଳେ, ମୁଁ ବୁଝିଛି, ମଣିଷ କାହିଁକି ଜୀବନରେ ଏମିତି କ୍ଷଣ କ୍ଷଣକେ ଅଟକେ ଆଉ ଭଟକେ ।ତେଣୁ ସେହି ତାଙ୍କୁ ପ୍ରାର୍ଥନା କରୁଛି ସେ ତୁମ ଜୀବନର ଲକ୍ଷ୍ୟ ନିର୍ଦ୍ଦିଷ୍ଟ କରନ୍ତୁ । ତୁମେ ଆହୁରି ଚଟୂଳ ଅନୁଭୂତି ଆଉ ଅନୁଭବରେ ପରିପୁଷ୍ଟ ହୁଅ । ଜୀବନ ତୁମର ନିରର୍ଥକ ନହୋଇ ସାର୍ଥକତାରେ ଭରି ଉଠୁ । ଏ ବିଶାଳ ମାନବ ଜୀବନକୁ ସକୁଶଳେ ଜୀଇଁବାର କଳା ତୁମକୁ ତୁମଠିଁ ମିଳୁ । ମାନବରେ ବୃହତ୍ତର ଉଦ୍ଦେଶ୍ୟଟି ହେଉ ଚରିତାର୍ଥ । ତହିଁରେ ତୁମେ ସାଜ ଅଗ୍ରଦୂତ, ଅଗ୍ର ସାରଥୀ ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com
ବିଶେଷ ବିଷୁବ ସଂସ୍କରଣ ୨୦୧୯

# ଯୋଗାଚାରୀ ନାଥଧର୍ମ



ଡଃ ଲକ୍ଷ୍ମଣ ସାହୁ

## ଯୋଗାଚାରୀ ନାଥଧର୍ମ ଦର୍ଶନର ସାମଗ୍ରିକ ଅନ୍ତଃସ୍ୱର

ଭାରତବର୍ଷର ଉଦାର ଚିନ୍ତନ ଭିତରେ ଅନେକଧର୍ମର ପ୍ରବାହ ଘଟି ଭାରତୀୟମାନଙ୍କ ଆଚରିତ ଧର୍ମରୂପେ ବିବେଚିତ ହୋଇଆସିଛି । ବୈଦିକଯୁଗର ସମକାଳରେ ମଧ୍ୟ ଏଭଳି ନାନା ଧର୍ମର ଅବବୋଧ ଜନଚିନ୍ତନକୁ ପ୍ରଭାବିତ କରି ଧର୍ମଧାରାରେ ଯୋଗ ପିଣ୍ଡିତ ମୋକ୍ଷମାର୍ଗର ପଥଦର୍ଶାଇ ଆସିଛି । ଏହି ନାଥଧର୍ମ ଏକ ଯୋଗଭିତ୍ତିକ ଧର୍ମ । ପ୍ରାଚୀନ ଓଡ଼ିଆ ସାହିତ୍ୟକୁ ଦୃଷ୍ଟି ଦେଲେ ନାଥ ସାହିତ୍ୟ ଏକ ଯୋଗପିଣ୍ଡିତ ମୋକ୍ଷମାର୍ଗର ଧର୍ମ ସାହିତ୍ୟ । ନାଥ ସାହିତ୍ୟ ବିଶେଷକରି ନାଥଧର୍ମର ଆଦର୍ଶ, ଦର୍ଶନ, ତାତ୍ତ୍ୱିକ ଅନୁଚିନ୍ତନ ସାଧନାମାର୍ଗକୁ ନେଇ ପର୍ଯ୍ୟବେସିତ । ନାଥ ସାଧକମାନେ ବିଶେଷକରି ଶୈବ ଉପାସକ ଓ ହଠଯୋଗୀ, ଏହା ଏକ ପ୍ରାଚୀନ ଧର୍ମବିଶେଷ । ଏହି ଧର୍ମର ଉପାସ୍ୟଦେବତା ହେଉଛନ୍ତି ଆଦିନାଥ ଶିବ । ଯେଉଁମାନେ ଶିବଙ୍କୁ ଉପାସନା କରନ୍ତି, ସେହିମାନଙ୍କୁ ଯୋଗୀ କୁହାଯାଏ । ଭାରତରେ ଅସଂଖ୍ୟ ଯୋଗଭିତ୍ତିକ ଧର୍ମର ସ୍ଥିତି ଥିଲେ ମଧ୍ୟ ଏହି ଧର୍ମକୁ ନାଥନାମରେ ନାମିତ କରିବାର ମୂଳକାରଣ ହେଉଛି, ଏହି ଧର୍ମର ମୁଖ୍ୟ ପ୍ରବର୍ତ୍ତକ ଓ ପ୍ରଚାରକଗଣଙ୍କୁ 'ନାଥ' ପଦବୀରେ ଭୂଷିତ କରାଯାଇଛି । ଯେଉଁମାନେ ଏହି ଧର୍ମକୁ ଗ୍ରହଣ କରନ୍ତି, ସେମାନେ ଯେକୌଣସି ଜାତି, ବର୍ଣ୍ଣ, ସଂପ୍ରଦାୟ, ବା ଗୋଷ୍ଠୀର ହୁଅନ୍ତୁ ସେ ନିଜର କୌଳିକ ଉପାଧି ପରିତ୍ୟାଗ କରି ନାଥ ଉପାଧିରେ ଭୂଷିତ ହୋଇଥାନ୍ତି । ଏହି ନାଥ ଶବ୍ଦର ସାଧାରଣ ଅର୍ଥ ସ୍ୱାମୀ ବା ପ୍ରଭୁକୁ ବୁଝାଇଥାଏ । ‘ରାଜଗୁହ୍ୟ’ ଅନୁସାରେ ‘ନାଥ’

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com
ବିଶେଷ ବିଷୁବ ସଂଖ୍ୟା ୨୦୧୯

ଶବ୍ଦର ଅନ୍ୟ ଏକ ବ୍ୟୁତ୍ପତ୍ତି ହେଉଛି - 'ନା' - ନାଥ ବ୍ରହ୍ମା, ଯେ ମୋକ୍ଷଦେବାରେ ଦକ୍ଷ ଅଟନ୍ତି, 'ଥ'-ର ଅର୍ଥ ଯେ ଅନ୍ଧକାରକୁ ଦୂରେଇ ଦେବାରେ ଦକ୍ଷ ଅଟନ୍ତି । ଧର୍ମ ସଂପ୍ରଦାୟ ଦୃଷ୍ଟିରୁ ନାଥ ଶବ୍ଦ ବିଶେଷକରି ଗୋରେଖପନ୍ଥୀ ଯୋଗୀମାନଙ୍କର ଏକ ଉପାଧିକୁ ବୁଝାଇଥାଏ । କିନ୍ତୁ ଓଡିଶାରେ ଏହି ଅର୍ଥରେ ଯୋଗୀ ବା ଯୋଗୀଜାତିକୁ ସାଧାରଣତଃ ବୁଝାଯାଏ ।

ନାଥ ଶବ୍ଦର ବାଖ୍ୟା ମଧ୍ୟ ଭିନ୍ନ ଭିନ୍ନ ଭାବରେ କରାଯାଇଥାଏ । ଅର୍ଥାତ ନ'କାର ହେଉଛି ଅନାଦି ରୂପ, ଓ 'ଥ' କାର ତ୍ରିଭୂନର ସ୍ଥିତିକୁ ଧରାଯାଏ । ତେଣୁ କୁହାଯାଏ;

"ନ' କାର ଅନାଦି ରୂପ

"ଥ" କାର ଭୂବନ ସ୍ଥିତୀ ।"

ତେଣୁ 'ନ" ହେଉଛି ଅନାଦି, ପରମ, 'ଥ' ତିନି ଭୁବନର ସ୍ଥିତି । ଏଣୁ ପ୍ରଥମରୁ କୁହାଯାଇଥିବା ନାଥ ଶବ୍ଦର ଅର୍ଥ ସ୍ୱାମୀ ବା ପ୍ରଭୁ । ନାଥ ଯୋଗୀମାନେ ଯୋଗର ଐଶ୍ୱର୍ଯ୍ୟରେ ସିଦ୍ଧିପ୍ରାପ୍ତ ହୋଇଥିବାରୁ ସେହି ଦୃଷ୍ଟିରୁ ସେମାନଙ୍କୁ ନାଥ/ପ୍ରଭୁଭାବରେ ଗ୍ରହଣ କରାଯାଇଛି । ନାଥ ସ୍ୱରୂପରେ ବିଶେଷକରି ଜଡ ଚେତନ, ସତ୍ୟ ଏବଂ ଅସତ୍ୟ, ଦ୍ୱୈତ ଏବଂ ଅଦ୍ୱୈତ ସାମ୍ୟଭାବ ପରିଲକ୍ଷିତ ହୋଇଥିଲା ।

ନାଥଧର୍ମ ମୁଖ୍ୟତଃ ଓଡିଶା ସମେତ ପୂର୍ବ ଭାରତ ଓ ଉତ୍ତର ଭାରତ ଅଞ୍ଚଳରେ ଲୋକପ୍ରିୟତା ଲାଭ କରିଥିଲା । ଏହି ଧର୍ମ ପ୍ରତି ଆକୃଷ୍ଟ ହୋଇ ଯେଉଁମାନେ ଧର୍ମଗ୍ରହଣ କରୁଥିଲେ, ସେମାନଙ୍କୁ ନାଥ ଉପାଧି ପ୍ରଦାନ କରାଯାଉଥିଲା ଓ ସ୍ୱତଃ ସେମାନେ ନାଥ ଭାବେ ପରିଚିତ ହେଉଥିଲେ । ଏହି ନାଥବୃତ୍ତର ମୂଳ କେନ୍ଦ୍ରବିନ୍ଦୁରେ ବିଦ୍ୟମାନ ଥିଲେ ଆଦିନାଥ । ସମ୍ଭବତଃ ସପ୍ତମ/ଅଷ୍ଟମ ଶତାବ୍ଦୀରୁ ଓଡ଼ିଆ ଜନମାନସରେ ଚର୍ଯ୍ୟାଗାନ ବା ଦୋହାର ସିଦ୍ଧସାଧକମାନେ ଯେଭଳି ଢଙ୍ଗରେ କାୟାସାଧନର ପ୍ରତିଷ୍ଠା ଓ ପ୍ରଭାବ ପକାଇ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com
ବିଶେଷ ବିଷୁବ ସଂଖ୍ୟା ୨୦୧୯

ପାରିଥିଲେ, ତାହା ଅଧିକମାତ୍ରାରେ ନାଥଧର୍ମ ଓ ନାଥ ସାହିତ୍ୟକୁ ତଦୀୟ ଧର୍ମୀୟ ଆଦର୍ଶ ଭିତ୍ତିରେ ପରିବର୍ତ୍ତିତ ହୋଇଥିଲା । ଭୋଗ ଅପେକ୍ଷା ଯୋଗ, ସୁଖ ଓ ସମ୍ଭୋଗ ଅପେକ୍ଷା ମୁକ୍ତିର ମାର୍ଗ ପ୍ରତି ଅତ୍ୟନ୍ତ ଆସକ୍ତ ଭାବ ତତ୍କାଳୀନ ସମାଜ ଜୀବନକୁ ପ୍ରଭାବିତ କରିଥିଲା ।

ଶୈବ ଧର୍ମାବଲମ୍ବୀ ନାଥମାନେ ଥିଲେ ଯୋଗୀ । ଯୋଗଥିଲା ସେମାନଙ୍କ ସାଧନାମାର୍ଗ । ଶିବାନନ୍ଦ ଓ ମୋକ୍ଷାନନ୍ଦ ଥିଲା ଏମାନଙ୍କର ମୁଖ୍ୟ ଲକ୍ଷ୍ୟ । ପାର୍ଥିବ ଜୀବନଠାରୁ ଦୂରରେ ରହି ନିୟମିତ ଧ୍ୟାନ ଧାରଣାରେ ସେମାନେ ଅନୁବର୍ତ୍ତୀ ହେଉଥିଲେ । ମହାଦେବ ଶିବଙ୍କର ଅନ୍ୟ ଏକ ନାମ ପଶୁପତି, ଅର୍ଥାତ ଶିବ ପଶୁପତି ନାମରେ ପରିଚିତ । ପଶୁ ଅର୍ଥ ଇନ୍ଦ୍ରିୟ, ପଶୁପତି ଅର୍ଥ ଇନ୍ଦ୍ରିୟମାନଙ୍କର କର୍ତ୍ତା । ତେଣୁ ଇନ୍ଦ୍ରିୟ ମାନଙ୍କୁ ନିରୋଧ କରିବାକୁ ପଡିଥାଏ । ଶିବ ହେଉଛନ୍ତି ମହାଶିବ । ସେ ଜିତେନ୍ଦ୍ରିୟ, ଇନ୍ଦ୍ରିୟମାନଙ୍କୁ ଦମନ କରି ସେ ଜିତେନ୍ଦ୍ରିୟ । ତେଣୁ ସମଗ୍ର ବେଦଭୂମି, ପବିତ୍ର ଭାରତ ବର୍ଷରେ କୃଷି ସଭ୍ୟତାକୁ ଆଧାର କରି, ସଂଯମନିଷ୍ଠ ଜୀବନଧାରା ଓ ଯୋଗାଚାର ଧର୍ମର ବିକାଶ ଘଟିଥିଲା । ଫଳତଃ ସେହି ଯୋଗାଚାରର ଦେବତା ଭାବେ ଶିବଙ୍କୁ ଧରାଯାଉଥିଲା, ଯୋଗାଚାରୀ ନାଥମାନଙ୍କର ସେ ହେଉଛନ୍ତି ପରମ ଉପାସ୍ୟ ଦେବତା । ଏପରିକି ଆର୍ଯ୍ୟ ସଭ୍ୟତାର ବିକାଶ କାଳରେ ବ୍ରାତ୍ୟ ଧର୍ମର ବିକାଶକୁ ଅନୁଭବ କରାଯାଇପାରେ । ସେହି ସମୟରେ ଅଙ୍ଗ, ବଙ୍ଗ, କଳିଙ୍ଗ ଆଦି ବ୍ରାତ୍ୟଭୂମି ରୂପେ ଖ୍ୟାତି ଲାଭ କରିଥିଲା । ବ୍ରାତ୍ୟପନ୍ଥୀ ଶିବ ଭକ୍ତମାନେ ଥିଲେ ନିବୃତ୍ତିମାର୍ଗୀ, ଏମାନେ ବିଶେଷକରି ବ୍ରହ୍ମ ବିଦ୍ୟା ଅନୁଶୀଳନରେ ପ୍ରବୃତ୍ତ ଥିଲେ । କିନ୍ତୁ ଆର୍ଯ୍ୟମାନେ ବ୍ରାତ୍ୟମାନଙ୍କୁ ନିମ୍ନମାନର ଦେଖୁଥିଲେ । କାଳକ୍ରମେ ବୈଦିକ ଆର୍ଯ୍ୟ ଓ ବ୍ରାତ୍ୟମାନଙ୍କ ମଧ୍ୟରେ ସେଭଳି କୌଣସି ପାର୍ଥକ୍ୟ ରହିଲା ନାହିଁ, ଉଭୟ ଗୋଟିଏ ଧର୍ମର ସ୍ରୋତରେ ଏକାକାର ହୋଇଥିଲେ ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com
ବିଶେଷ ବିଷୁବ ସଂଖ୍ୟା ୨୦୧୯

ବ୍ରାତ୍ୟର ଅର୍ଥ ନିଜେ ନିଜକୁ ସ୍ୱତନ୍ତ୍ର ରୂପରେ ସଂସ୍କାର କରିବାକୁ ବୁଝାଇଥାଏ । ବ୍ରାତ୍ୟ କେବେ ବା କଦାପି ପତିତନୁହେଁ, ସେମାନେ ହେଉଛନ୍ତି ନିତ୍ୟ ପବିତ୍ର ଶୁଦ୍ଧ ପରମଯୋଗୀ, ଏମାନେ ସଂସ୍କାରମୁକ୍ତ ଅଟନ୍ତି । ବ୍ରତ୍ୟମାନଙ୍କ ପ୍ରଶସ୍ତି ଅଥର୍ବ ବେଦ କର୍ତ୍ତାମାନେ ଗାନ କରିଯାଇଛନ୍ତି । ଅନେକ ଆଲୋଚକଙ୍କ ମତରେ, ପ୍ରାଗ୍ ବୈଦିକ ବ୍ରାତ୍ୟ-ଓ ଅଥର୍ବବେଦୀୟ ବ୍ରାତ୍ୟ-ଶୈବ ଉପାସନାର ପରିବର୍ତ୍ତନ ଘଟି, ତାହା ପରବର୍ତ୍ତୀ ସମୟରେ ନାଥଧର୍ମରେ ରୂପାନ୍ତରିତ ହୋଇଛି । ବିଶେଷକରି ଏହି ଧର୍ମ ଦଶମ ଶତାବ୍ଦୀ ପରେ ପରେ ଭାରତର ବିଭିନ୍ନ ଅଞ୍ଚଳ ମାନଙ୍କରେ ଧୀରେ ଧୀରେ ପ୍ରସାର ଲାଭକରି ଶେଷରେ ପ୍ରସିଦ୍ଧ ଲାଭ କରିଥିଲା । ଏପରିକି ଓଡ଼ିଶା ସମେତ ପୂର୍ବ ଓ ଉତ୍ତର ଭାରତର ବିଭିନ୍ନ ଅଞ୍ଚଳରେ ଅଧିକ ଲୋକପ୍ରିୟ ହୋଇ ଉଠିଥିଲା ଓ ସେହି ସମୟରେ ଯେଉଁମାନେ ନାଥଧର୍ମ ଗ୍ରହଣ କରୁଥିଲେ ସେମାନଙ୍କୁ ନାଥ' ଉପାଧିରେ ଭୂଷିତ କରାଯାଉଥିଲା ।

ନାଥଯୋଗୀମାନଙ୍କୁ ନିରଞ୍ଜନ ଗୋତ୍ରୀ ବା ଶିବ ଗୋତ୍ରୀ କୁହାଯାଏ । ସେମାନେ ନିରଞ୍ଜନଙ୍କ ଠାରେ ଲୟସ୍ଥାପନ କରିଥାନ୍ତି । ସେମାନଙ୍କର କର୍ଣ୍ଣଭେଦ, ଉପନୟନ, ଆଦି ସାମବେଦ ପ୍ରଯୁକ୍ତ ଅଟନ୍ତି । ସେମାନେ ସ୍ମାର୍ତ୍ତ ପଦ୍ଧତି ମାନନ୍ତି । ସେମାନଙ୍କ ସଂପର୍କରେ ଶିବପୁରାଣ, ବ୍ରହ୍ମାଣ୍ଡ ପୁରାଣ, ବୈବର୍ତ୍ତ ପୁରାଣ, ସ୍କନ୍ଦ ପୁରାଣ, ଗୋରେଖ ଗୀତା, ନାରଦ ପରିବ୍ରାଜକ ଉପନିଷଦ ଓ ଆଗମ ସଂହିତା ଆଦି ଗ୍ରନ୍ଥରୁ ପରିଚୟ ମିଳେ ।

ଭାଗବତ ପୁରାଣରେ ଋଷଭ ଦେବଙ୍କ ପ୍ରସଙ୍ଗ ବର୍ଣ୍ଣନା କରାଯାଇଛି । ଉଲ୍ଲେଖ ଅଛି ଋଷଭ ଦେବଙ୍କ ଶତ ପୁତ୍ର ଥିଲେ । ସେମାନଙ୍କ ମଧ୍ୟରୁ କବି, ହବି, ଦ୍ରବିଡ଼, କରଭାଜନ, ଅନ୍ତରୀକ୍ଷ, ପିପ୍ ଲାୟନ, ଅବିହୋତ୍ର ଓ ପ୍ରବୁଦ୍ଧ ନଅ ଭାଇ ନିର୍ଗୁଣ ସନ୍ୟାସୀ ଥିଲେ । ଏମାନେ ଯୋଗୀନ୍ଦ୍ର ରୂପେ ଦେବର୍ଷି ନାରଦଙ୍କ ଉପଦେଶ ପାଇ ଶିବଙ୍କୁ ତପସ୍ୟା କରିଥିଲେ ଓ ତପସିଦ୍ଧ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପରେ ଏମାନେ ମତ୍ସ୍ୟେନ୍ଦ୍ରନାଥ, ଗହନିନାଥ, ଜାଳନ୍ଧର ନାଥ, କାନିପାନାଥ, ରେବନାଥ ଆଦି ନବନାଥ ପରିଚିତ ଥିଲେ । ସେମାନଙ୍କ ମଧ୍ୟରୁ ଗୋରେଖ ନାଥ ଥିଲେ ଶିବଙ୍କର ଅଦ୍ଭୁତ ଶକ୍ତିର ଅଧିକାରୀ  । ସେ ଥିଲେ ହଠ ଯୋଗର ପ୍ରବର୍ତ୍ତକ । ତାଙ୍କରି ଠାରୁହିଁ ଆରମ୍ଭ ହୋଇଛି ହଠଯୋଗ ସାଧନା । ଏଥିରେ ଯମ, ନିୟମ, ଆସନ, ପ୍ରାଣାୟମ, ପ୍ରତ୍ୟାହାର, ଧ୍ୟାନ, ଧାରଣା, ସମାଧି ଅଷ୍ଟାଙ୍ଗ ସାଧନା ଉପରେ ଗୁରୁତ୍ୱ ଦିଆଯାଇଛି ।

ନାଥ ଧର୍ମରେ ସେଭଳି ଅବତାର ବାଦକୁ ସ୍ୱୀକୃତି ଦିଆଯାଇଛି । ଗୋରେଖ ନାଥଙ୍କୁ ଶିବଙ୍କ ଅବତାର ଭାବେ ଗ୍ରହଣ କରାଯାଇଛି । ଏପରିକି ତାଙ୍କୁ ନିରଞ୍ଜନ, ନିରାକାର ଓ ନିର୍ବିକଳ୍ପ ଭାବରେ ଦର୍ଶାଯାଇଛି । ନେପାଳରେ ମତ୍ସ୍ୟେନ୍ଦ୍ର ନାଥଙ୍କୁ ଅବଲୋକିତେଶ୍ୱର ଭାବରେ ଗ୍ରହଣ କରାଯାଇଛି । ଶିବ ନାଥଧର୍ମର ପ୍ରାଣକେନ୍ଦ୍ର, ସେ ସ୍ୱୟଂ ଅବ୍ୟକ୍ତ, ଅନାମ, ଅଣାକାର । ତାଙ୍କ ନିକଟରେ ଭାବ ନାହିଁ, ଅଭାବ ନାହିଁ, ବିନାଶ ନାହିଁ କି ଉତ୍ପତ୍ତି ନାହିଁ । ସେହିଁ ନିତ୍ୟ, ନୂତନ, ଶ୍ୱାଶତ ଓ ସନାତନ । ତେଣୁ ତାଙ୍କର  ଧର୍ମମତବାଦକୁ  "ଦ୍ୱୈତାବାଦ ଦ୍ୱୈତବାଦ" ରୂପେ ଧରାଯାଏ ।

ନାଥ ଧର୍ମରେ ସିଦ୍ଧିଲାଭ କରିଥିବା ସାଧକମାଙ୍କୁ ସିଦ୍ଧାଚାର୍ଯ୍ୟ କୁହାଯାଏ । ଏମାନେ ବୌଦ୍ଧ ସିଦ୍ଧସାଧକ ମାନଙ୍କଠାରୁ ସଂପୂର୍ଣ୍ଣ ଭିନ୍ନ ଅଟନ୍ତି । କାରଣ ବୌଦ୍ଧିକ ସହଜ ସାଧନରେ ତନ୍ତ୍ରାଚାର ଉପରେ ଅଧିକ ଗୁରୁତ୍ୱ ଦିଆଯାଉଥିଲା । ସହଜ ସାଧକମାନେ ନିଜ ସାଧାନାର ସିଦ୍ଧି ପାଇଁ ନାରୀମାନଙ୍କୁ ସାଧନାର ସଙ୍ଗିନୀ ରୂପେ ନେଉଥିଲେ । ସେମାନଙ୍କ ସହ ଯୌନ ସମ୍ଭୋଗରେ ମାତି ରହିବା ପରେ, ଚରମ ସୁଖ ଲାଭ ଅର୍ଥାତ ଯୌନ ତୃପ୍ତି ପାଇବା ପରେ ସିଦ୍ଧି ଲାଭ କରୁଥିଲେ । କିନ୍ତୁ ନାଥମାନେ ଅର୍ଥାତ ଶିବ ସାଧକ ନାଥମାନେ, ତନ୍ତ୍ରାଚାର ଓ ଯୌନଚାରତାକୁ ଘୋର ନିନ୍ଦିତ ଓ ବିରୋଧ କରି, କେବଳ ଯୋଗ ସାଧନରେ ଗୁରୁତ୍ୱ

 Magazine Downloaded from www.aahwaan.com

ବିଶେଷ ବିଷୁବ ସଂକ୍ରାନ୍ତି ୨୦୧୯

ଦେଉଥିଲେ । କାରଣ ସେମାନଙ୍କ ଉପାସ୍ୟ ଦେବତା ଥିଲେ ମହାଶିବ, ଯେ ହେଉଛନ୍ତି ସତ୍ୟ, ଶିବ ଓ ସୁନ୍ଦର ମଙ୍ଗଳମୟ । ଶିବଙ୍କୁ ପାଇବା ଥିଲା ସେମାନଙ୍କର ମୂଳଲକ୍ଷ୍ୟ ଥିଲା । ଯାହା କେବଳ ନାଥଧର୍ମର ସ୍ୱାତନ୍ତ୍ର୍ୟତାକୁ ପରି ପ୍ରକାଶ କରିଥାଏ ।

ନାଥ ସଂପ୍ରଦାୟର ଗୋରେଖ ନାଥ ଥିଲେ ପ୍ରମୁଖ ।ଗୋରେଖନାଥ ସଂହିତା' ଅନୁସାରେ ଚଉରାଅଶି (୮୪) ଜଣ ସିଦ୍ଧ ସାଧକଙ୍କ ନାମ ଉଲ୍ଲେଖ ରହିଛି । ପୁନରପି ପ୍ରଦୀପିକା' ଗ୍ରନ୍ଥରେ ସେମାନଙ୍କ ନାମ ଲିପିବଦ୍ଧ ରହିଛି । ସେମାନେ ହେଲେ ଆଦିନାଥ, ମତ୍ସେନ୍ଦ୍ର ନାଥ, ଭୈଳବନାଥ, ଚୌରଙ୍ଗୀନାଥ, ମୀନନାଥ, ଗୋରକ୍ଷନାଥ, ଚଲ୍ପଟିନାଥ, ନିଳଞ୍ଜନନାଥ, ନିତ୍ୟନାଥ, ଟିଣ୍‌ତିଣୀନାଥ, ଭଲ୍ଲରୀନାଥ, ନାଗବୋଧନାଥ, ଖଣ୍ଡ କାପାଳିକା ନାଥ, ବିନ୍ଦୁନାଥ, କଣେରୀନାଥ, କୋରଣ୍ଟକନାଥ, ଅକ୍ଷୟ ନାଥ, ମୟନାଥ, କହ୍ନଡୀନାଥ, ବିରୂପାକ୍ଷନାଥ, ସୁରାନନ୍ଦ ନାଥ, ସିଦ୍ଧନାଥ, ପାଦନାଥ ପ୍ରଭୃତି ସିଦ୍ଧାଚାର୍ଯ୍ୟଙ୍କ ନାମ ଉଲ୍ଲେଖନୀୟ । ଏପରି ମଧ୍ୟ 'ଅମରକୋଷ ଗୀତ', 'ଗୋରକ୍ଷ ସଂହିତା' ଓ 'କୁମାରୀ ତନ୍ତ୍ର' ଗ୍ରନ୍ଥରେ ଅବଶିଷ୍ଟ ବହୁ ସିଦ୍ଧାଚାର୍ଯ୍ୟ ନାଥଙ୍କ ନାମୋଲ୍ଲେଖ ରହିଛି । 'କୁମାରୀତନ୍ତ୍ର'ରେ ରହିଥିବା ସାଧକମାନେ ମଣ୍ଡଳନାଥ, କୂର୍ମନାଥ, ବିଷ୍ଣୁନାଥ, ଧର୍ମନାଥ, ଗନ୍ଧର୍ବନାଥ, କୈବର୍ତ୍ତ ନାଥ, ନଭୋନାଥ, ସଂଭାଳନାଥ, ଗଣେଶ୍ୱର ନାଥ, ନିତ୍ୟନାଥ, ସତ୍ୟନାଥ, ଉମାନାଥ, ବିଦ୍ୟାନାଥ, ଶ୍ରଦ୍ଧାନାଥ, ସମ୍ବରନାଥ, ଅନନ୍ତନାଥ, ବିଧିନାଥ, ଭାଲନାଥ, ମହାକାଳନାଥ ଆଦି ଏଭଳି ଅନେକ ନାଥମାନଙ୍କ ନାମ ରହିଛି ।

ନାଥ ଧର୍ମରେ ମତ୍ସ୍ୟେନ୍ଦ୍ରନାଥ'ଙ୍କୁ ଆଦିନାଥ ଭାବରେ ଗ୍ରହଣ କରାଯାଇଛି । ଏପରିକି ତାଙ୍କୁ ମୀନନାଥ, ମଚ୍ଛନ୍ଦରନାଥ, ମତ୍ସେନ୍ଦ୍ରପା ନାମରେ ନାମିତ କରାଯାଇଛି । ସେ ଥିଲେ ନାଥଧର୍ମର ପ୍ରବର୍ତ୍ତକ ଓ ଯୋଗମାର୍ଗର ପୃଷ୍ଠପୋଷକ । ତାଙ୍କ ନାମରେ 'ମତ୍ସେନ୍ଦ୍ର ଗୀତା'

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବିଶେଷ ବିଷୁବ ସଂକ୍ରାନ୍ତି ୨୦୧୯

ପ୍ରଚଳିତ । ସେଭଳି ଗୋରେଖ ନାଥ ଥିଲେ ଜଣେ ସିଦ୍ଧସାଧକ, ଯେକି ମତ୍ସ୍ୟେନ୍ଦ୍ରନାଥଙ୍କ ପରମ ସାଧକ ଥିବା ଗବେଷକ ଡ଼କ୍ଟର ଦୋଳଗୋବିନ୍ଦ ଶାସ୍ତ୍ରୀ ଦର୍ଶାଇ, ତାଙ୍କୁ ନବମ ଶତାବ୍ଦୀର ସଫଳ ସିଦ୍ଧସାଧକ ବୋଲି କହିଛନ୍ତି । ତାଙ୍କ ନାମରେ ହଠଯୋଗ, ଗୋରକ୍ଷ ସଂହିତା, ଗୋରକ୍ଷ ଗୀତା, ଆତ୍ମବୋଧ, ଜ୍ଞାନଚୌତିଶା, ନିରଞ୍ଜନବୋଧ, ଗୋରେଖ ଗଣେଶ ସ୍ୱାଦ, ଯୋଗମଞ୍ଜରୀ, ଜ୍ଞାନାମୃତ ଯୋଗ, ନାଡୀଜ୍ଞାନ ଯୋଗ, ଶିଶୁବେଦ ଆଦି ଅନେକ ଗ୍ରନ୍ଥ ଦେଖିବାକୁ ମିଳେ । 'ନାଥଧର୍ମ'ର ଅନ୍ୟତମ ସିଦ୍ଧାଚାର୍ଯ୍ୟ ହେଉଛନ୍ତି ଜାଳନ୍ଧରୀନାଥ, ସେ ସାତଟି ନାଥଧର୍ମୀ ଗ୍ରନ୍ଥ ରଚନା କରିଥିଲେ । ସେଭଳି ଚୌରଙ୍ଗୀନାଥ ଓ ବିରୂପାକ୍ଷନାଥ ଥିଲେ ଅନ୍ୟତମ ପ୍ରସିଦ୍ଧ ସିଦ୍ଧାଚାର୍ଯ୍ୟ । ଏହି ମହାନ୍ ସିଦ୍ଧାଚାର୍ଯ୍ୟଗଣ କେବଳ ସଂଯମ ପିଣ୍ଡିତ ଯୋଗାଶ୍ରୟୀ ଥିବାରୁ ସେମାନଙ୍କ ସାହିତ୍ୟ ମଧ୍ୟ ଯୋଗାଶ୍ରୟୀ ସାହିତ୍ୟ ଭାବେ ଗୃହୀତ । ଯାହା କେବଳ ପିଣ୍ଡ ବ୍ରାହ୍ମଣ ଆଧାରିତ ତତ୍ୱନୀୟ ସାହିତ୍ୟ । ଏଥିରେ କେବଳ ତତ୍ୱ ଓ ଦର୍ଶନ, ପିଣ୍ଡ ଓ ବ୍ରହ୍ମାଣ୍ଡ, ଶିବ ଓ ଶକ୍ତିଙ୍କର ଚିଦ୍ ବିଳାସର ଗୂଢ଼ ରହସ୍ୟର ବର୍ଣ୍ଣନା କରାଯାଇଛି । ଏପରିକି 'ଗାରେଖ ସଂହିତା' ନାଥଧର୍ମର ଏକଉପାଦେୟ ଗ୍ରନ୍ଥ, ତତ୍ ସଙ୍ଗେ ସଙ୍ଗେ ସପ୍ତାଙ୍ଗ ଯୋଗ, ଗୋରେଖ ବୋଧ, ଶିଶୁ ବେଦ ଆଦି ଗ୍ରନ୍ଥ ନାଥଧର୍ମର ମହାନ୍ ସୃଷ୍ଟି । ସେସବୁ ଗ୍ରନ୍ଥ ଗୁଡିକ ଯୋଗ ଓ ଜ୍ଞାନର ଗନ୍ତାଘର ।

ନାଥ ସାହିତ୍ୟ ନିର୍ବାଣମୁଖୀ, ସେହି ସମୟରେ ନିର୍ବାଣ ପାଇଁ ମଣିଷର ପ୍ରବଳ କାମନା ଥିବାରୁ ଆଦିଗୁରୁ ଗୋରକ୍ଷନାଥ ତାଙ୍କ ପ୍ରଣିତ 'ଶିଶୁବେଦ'ରେ ନିର୍ବାଣକାମୀ ଭାବନାକୁ ପ୍ରକାଶ କରିଛନ୍ତି । ସେଭଳି ନାଥ ସାହିତ୍ୟରେ ସାମାଜିକ ନୀତି, ଆଦର୍ଶ ଓ ଆଧ୍ୟାତ୍ମିକ ବିଦ୍ୟାର ସଂସ୍କୃତି ସୁବିପୁଳ ଚିତ୍ର ଅନୁଭବ କରିହୁଏ । ନାଥସାହିତ୍ୟରେ ଗୁରୁବାଦ, ସମକାଳର ସାମାଜିକ ଓ ସଂସ୍କୃତିକୁ ଉଜ୍ଜୀବିତ କରିବା ପାଇଁ ସମାଜ ଜୀବନରେ ବୈବାହିକ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବିଶେଷ ବିଷୁବ ସଂକ୍ରାନ୍ତି ୨୦୧୯

ଚିତ୍ର, ବ୍ରାହ୍ମଣ ସମାଜର ଚିତ୍ର, ଶାସ୍ତ୍ର ଅଧ୍ୟୟନ ପ୍ରତି ଆକାଂକ୍ଷା, ସମାଜ ଓ ସଂସ୍କୃତିର ବହୁବିଧ ବୈଶିଷ୍ଟ୍ୟ ପ୍ରତିଫଳିତ ହୋଇଛି । ବିଶେଷକରି ଶିବତତ୍ୱ ଜାଣିଲେ ମଣିଷର ଅମରତ୍ୱ ପ୍ରାପ୍ତି ଘଟେ । ଜନନୀ ଚାହିଁଲେ ମାୟା ସଂସାର ମୋହରୁ ତା ସନ୍ତାନକୁ ମୁକ୍ତ କରିପାରିବ, ଯାହା ଗୋବିନ୍ଦଚନ୍ଦ୍ରଙ୍କ ଜୀବନରେ ଏଭଳି ଅକାଟ୍ୟ ସତ୍ୟ ଉଜ୍ଜୀବିତ ହୋଇଛି । ନାଥଧର୍ମର ସିଦ୍ଧାଚାର୍ଯ୍ୟମାନେ ମଣିଷକୁ ନାରୀଭୋଗ ଲାଳସାରୁ ମୁକ୍ତି ଦେବା ସହ ମାନବ ଜୀବନକୁ ଶୃଙ୍ଖଳିତ କରିଛନ୍ତି । ପ୍ରକୃତରେ ଶତାବ୍ଦୀ ଶତାବ୍ଦୀ ଧରି ନାଥଧର୍ମ ଓ ଦର୍ଶନର ପ୍ରତିଧ୍ୱନିତ ସାମଗ୍ରିକ ଅନ୍ତଃସ୍ୱର ଏ'ମର ଜଗତରୁ ମାନବ ସମାଜକୁ ଯେଉଁ ମୁକ୍ତିର ମହାମନ୍ତ୍ର ଦେଇ ଆସିଛି, ତାହା ଆଜିବି ଗାଁ' ଗଣ୍ଡାରେ ନାଥ ଯୋଗୀମାନଙ୍କ କେନ୍ଦରା ବଜାଇ ସୁଲଳିତ କଣ୍ଠରୁ ଝରି ଆସୁଥିବା, 'ଭଜୁ କିନା ରାମ ନାମରେ ଗୋବିନ୍ଦ...' ପଦଶ୍ରବଣ କରି ଧର୍ମପ୍ରାଣ ସରଳହୃଦୟା ମା' ମାଉସୀଙ୍କ ଆଖିର ଲୁହଧାରରୁ ଦେଖିବାକୁ ମିଳେ.. ! ! !

ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ

ମହାନଦୀବିହାର ମହିଳା ସ୍ନାତକ ମହାବିଦ୍ୟାଳୟରେ, କଟକ-୪

ଦୂରଭାଷ: ୯୪୩୭୭ ୪୦୨୮୦

Email :Laxmansahoo9040@gmail.com

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବିଶେଷ ବିଷୁବ ସଂଖ୍ୟା ୨୦୧୯

# ମଦବନ୍ଦ ପାଇଁ ସମୟ ବାକି



ବସନ୍ତ କୁମାର ପଣ୍ଡା

'ମଦ ବା ମଦିରା' ଏହି ତରଳ ପାନୀୟଟି କେଉଁ ଆବହମାନ କାଳରୁ ଚଳି ଆସୁଛି ତାହା ଏଠାରେ କହିବା ଅସମ୍ଭବ । କିନ୍ତୁ ଆଧୁନିକ ଯୁଗରେ ଏହାର ବ୍ୟବହାର ଏବଂ ଅପମିଶ୍ରଣ କେତେ ପରିମାଣରେ ବଢି ଯାଇଛି ତାହା ପ୍ରତି ପାଦରେ ଅନୁଭୂତ ହେଉଅଛି । ଅଧୁନା ଏହାର କରାଳ ରୂପ ସମାଜର କୋଣ ଅନୁକୋଣରେ ପରିଲକ୍ଷିତ ହେଉଛି । କେବେଳ ସହରାଞ୍ଚଳରେ ନୁହଁ, ଗାଁଗଣ୍ଡା ନିପଟ ମଫସଲରେ ମଧ୍ୟ ଏହାର ବ୍ୟବହାର ଏକ ଫେସନ ହୋଇଗଲାଣି ।

ଆମ ଭାରତୀୟ ସଂସ୍କୃତିର ବନ୍ଧୁ ଅବା ଅତିଥି ଚର୍ଚ୍ଚା ପାଇଁ ଚା, ପାନ, ମିଷ୍ଟାନ୍ନ ଆଦି ଅର୍ପଣ କରାଯାଇ ସନ୍ତୁଷ୍ଟି କରାଯାଉଥିଲା କିନ୍ତୁ ଆଜିକାଲି ଘରକୁ ସମୟ ସମୟରେ ଆସୁଥିବା ଆଗନ୍ତୁକ ଅଥବା ଅତିଥି ମାନଙ୍କୁ ଯେତେ ଯାହା ଅପୂର୍ବ ମିଷ୍ଟାନ୍ନ ବ୍ୟଞ୍ଜନ ଦେଲେ ମଧ୍ୟ ଯଦି ମୁନ୍ଦାଏ ମଦ ବା ଗୋଟିଏ ବା ଦୁଇଟି ପ୍ୟାକ ନମିଳୁଛି ତେବେ ସେହି ମହାନ ଅତିଥି ଜଣକ ସନ୍ତୁଷ୍ଟ ହେବା ପରିବର୍ତ୍ତେ ମଉନେ ଅଭିଶାପ ଦେଇ ଯାଆନ୍ତି ଏବଂ ପୁନଃ ଆଗମନର ଇଚ୍ଛାକୁ ସମାପ୍ତ କରି ଦିଅନ୍ତି ।

ମୋର ଜଣେ ବନ୍ଧୁ ମଧ୍ୟ ଥରେ ଦୁଃଖର ସହ କହୁଥିଲେ, ତାଙ୍କର କେହି ଜଣେ ଆତ୍ମୀୟଙ୍କର ଦେହାନ୍ତ ହେବାପରେ ଅନ୍ତ୍ୟେଷ୍ଟି କ୍ରିୟା ପାଇଁ କିଛି ଲୋକ ମାନଙ୍କର ସହାୟତା ଲୋଢ଼ିଥିଲେ । ସହାୟତା ପାଇଁ କଷ୍ଟେ ମସ୍ତେ କେଇଜଣ ଯଦ୍ୟବା ଆସି ପହଞ୍ଚିଥିଲେ କିନ୍ତୁ ସେମାନଙ୍କର ପ୍ରଥମ ଦାବି ଥିଲା 'କିଛି ବ୍ୟବସ୍ଥା'ର ଅର୍ଥାତ କିଛି ମଦ ପାଣିର । ତେବେ ଏହି

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କଥାରୁ ଆପଣମାନେ ନିର୍ଭିଗ୍ନରେ ବୁଝିପାରୁଥିବେ ଏହି ତରଳ ପାନୀୟଟି ସମାଜରେ କେଉଁଠାରେ ନିଜର ଉପସ୍ଥାନ ଜାହିର କରିସାରିଛି ।

ଆଜିକାଲି ପ୍ରତିଦିନ ଖବର କାଗଜରେ ମଦମୃତ୍ୟୁ,ମଦ ପିଇବା ଯୋଗୁଁ ଦୁର୍ଘଟଣା ସହିତ ଏହାର ଅତ୍ୟନ୍ତ ବ୍ୟବହାର ସକାଶେ ପାରିବାରିକ କ୍ଷେତ୍ରରେ ଦୁଃଖଦ ଘଟଣା ଗୁଡିକୁ ଆପଣମାନେ ପଢୁଥିବେ । ଏହାର ବିରୋଧରେ ସାରା ଦେଶରେ ଠାଏ ଠାଏ ଆନ୍ଦୋଳନ ହୋଇଆସୁଅଛି । ଭାରତୀୟ ସଂସ୍କୃତିରେ ପରିବାରର ଆତ୍ମା କହିଲେ ନାରୀଙ୍କୁ ବୁଝାଇ ଥାଏ । ଆଜିକାଲି ନାରୀ ମାନେ ମଦର ଖୋଲାଖୋଲି ବହୁଳ ବ୍ୟବହାରକୁ ସହଜରେ ଗ୍ରହଣ କରିପାରୁ ନାହାନ୍ତି । ଯେତେବେଳେ ଏହି ମଦର ମାୟା ଜାଲରେ ନିଜର ଶକ୍ତି ରୂପକ ସ୍ୱାମୀ ଜଣକ ଫସି ହୋଇଯାଏ ତାର ସୁନାର ସଂସାରରେ ନିଆଁ ଲାଗିଯାଇଥାଏ । କେତେବେଳ ଏହାର ପୀଡନରେ ଆତ୍ମହତ୍ୟା ହେଇଯାଏ ତ କେତେବେଳେ ଆତ୍ମାକୁ ହତ୍ୟା କରିଦିଆଯାଏ ।

ସମୟ ସମୟରେ ଆମ ରାଜ୍ୟ ଓଡ଼ିଶାରେ ମଧ୍ୟ ବେଳେ ବେଳେ ମଦ ବିରୋଧୀ ଆନ୍ଦୋଳନ, ବିକ୍ଷୋଭ ଆଦିର ଖବର ଦେଖିବାକୁ ମିଳେ । ବେଳେ ବେଳେ ମହିଳା ସ୍ୱୟଂସହାୟକ ଗୋଷ୍ଠି ଗୁଡିକ ମଦ ବିରୋଧରେ ସ୍ୱର ଉତ୍ତୋଳନ କରି ଏହା ବିରୋଧରେ ପୋଷ୍ଟର ଇତ୍ୟାଦି ଛପାଇ ରାଜଧାନୀର ରାଜରାସ୍ତାରେ ଆନ୍ଦୋଳନ କରୁଥିବାର ଖବର ବି ନଜରକୁ ଆସେ ।

ଆଜ୍ଞା, ଏହି ଆନ୍ଦୋଳନ କ'ଣ ନୂଆ ? ଭାରତର ସ୍ୱାଧୀନତା ପୂର୍ବରୁ ମଧ୍ୟ ବାପୁଜୀଙ୍କ ନେତୃତ୍ୱରେ ଇଂରେଜ ସରକାରଙ୍କ ବିରୁଦ୍ଧରେ ମଦ ବନ୍ଦ ଆନ୍ଦୋଳନ ହୋଇସାରିଛି । ଯେଉଁଥିପାଇଁ ଭାରତର ସ୍ୱାଧୀନତା ଲାଭପରେ ସମ୍ବିଧାନରେ ମଧ୍ୟ ଏହାକୁ ଗୁରୁତ୍ୱ ଦିଆଯାଇ

 Magazine Downloaded from www.aahwaan.com

ନିଷେଧ ପାଇଁ କେତେକ ଅନୁଚ୍ଛେଦ ସାମିଲ ହୋଇଆସୁଅଛି ।

ଆମ ସମ୍ବିଧାନରେ (DPSP) Directive Principles of state policy ଅନ୍ତର୍ଗତ Article 47ରେ କୁହାଗଲା ଯେ, "ରାଜ୍ୟଗୁଡିକ, ଔଷଧୀୟ ଉଦ୍ଦେଶ୍ୟକୁ ଛାଡ଼ି ସ୍ୱାସ୍ଥ୍ୟପକ୍ଷେ ହାନୀକାରକ କୌଣସି ପ୍ରକାର ନିଶାଯୁକ୍ତ ପାନୀୟ ଅଥବା ଔଷଧର ବିକ୍ରୟ ଏବଂ ଉତ୍ପାଦନର ନିଷେଧ ପାଇଁ ଯତ୍ନବାନ ହେବେ ।" (...the state shall endeavor to bring about prohibition of the consumption except for medicinal purposes of intoxicating drinks and of drugs which are injurious to health").

ସଂଘୀୟ ବ୍ୟବସ୍ଥାର ଏହି ନିର୍ଦ୍ଦେଶକ ସିଦ୍ଧାନ୍ତ ଲୋକମାନଙ୍କର ନ୍ୟାୟୋଚିତ ଆଧିକାର ନୁହେଁ ବରଂ ଦେଶ ଶାସନର ମୌଳିକ ଅଟେ ।

Article 37 ଅନୁସାରେ..... "ରାଜ୍ୟଗୁଡିକ ଏହି ସିଦ୍ଧାନ୍ତ ପରିପ୍ରେକ୍ଷୀରେ ନୀତିଗତ ଆଇନ ତିଆରି କରିବା କର୍ତ୍ତବ୍ୟ ହେବ ।"

ସେହିପରି Article 38 ଅନୁସାରେ.... "ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ଗୁଡିକ DPSPର ମୌଳିକ ନୀତି ରୂପରେ ଲାଗୁ କରିବା ପାଇଁ ବିସ୍ତୃତ ଆଇନ ତିଆରି କରିବେ ।"

କିନ୍ତୁ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳ ଗୁଡିକ ନିଜର ରାଜସ୍ୱ ପାଇବା ଆଳରେ Article 37 ର ବିପରିତ ଲୋକମାନଙ୍କର ସ୍ୱାସ୍ଥ୍ୟହାନୀ କରୁଥିବା ମଦ ପରି ମାଦକ ଦ୍ରବ୍ୟ ତିଆରି ଓ ବିକ୍ରି ପକ୍ଷରେ ନୀତି ତିଆରି କରିଅଛନ୍ତି ।

ଯଦିଓ ଗୁଜୁରାଟ, ମଣିପୁର ଆଦି କେତେକ ରାଜ୍ୟରେ ସ୍ୱାଧୀନତାର ପରବର୍ତ୍ତୀ ସମୟରୁ ଏହାକୁ ସଫଳତାର ସହିତ କାର୍ଯ୍ୟକାରୀ କରିଆସୁଛନ୍ତି । ନାଗଲ୍ୟାଣ୍ଡରେ ୧୯୯୬ ମସିହାଠାରୁ ଏହି ନିଷେଧାଦେଶ ଲାଗୁହୋଇ ଆସୁଅଛି । ଭାରତର ଏକ ମାତ୍ର କେନ୍ଦ୍ରଶାସିତ

 Magazine Downloaded from www.aahwaan.com

ଅଞ୍ଚଳ ଲାକ୍ଷ୍ୟାଦ୍ୱୀପରେ ଏହାକୁ ଲାଗୁ କରାଯାଇଅଛି । ଆନ୍ଧ୍ରପ୍ରଦେଶରେ ୧୯୯୪ ମସିହାରେ ସେହି ସମୟର ମୁଖ୍ୟମନ୍ତ୍ରୀ ଏନ ଟି ରାମାରାଓ ଏହି ଆଇନକୁ ପ୍ରତିବନ୍ଧିତ କରିଥିଲେ କିନ୍ତୁ ୧୯୯୭ ମସିହାଠାରୁ ଚନ୍ଦ୍ରବାବୁ ନାଇଡୁ ମୁଖ୍ୟମନ୍ତ୍ରୀ ହେବାପରେ ଏହି ନିଷେଧାଦେଶକୁ ନିରସ୍ତ କରିଥିଲେ । ବାହାନା ଥିଲା ଅସଫଳ ପ୍ରତିବନ୍ଧ, ଯାହାଦ୍ୱାରା ରାଜ୍ୟ ସରକାରଙ୍କର ରାଜସ୍ୱ ଭାରିମାତ୍ରାରେ କ୍ଷତି ହେଉଛି ସତ କିନ୍ତୁ ପଡୋଶୀ ରାଜ୍ୟରୁ ଚୋରା ଚାଲାଣ ଯୋଗୁଁ ଲକ୍ଷ୍ୟ ପୂରଣ ଅସମ୍ଭବ ।

କେରଳରେ ମଧ୍ୟ ଏହାକୁ ୨୦୧୪ ମସିହାରୁ ପ୍ରତିବନ୍ଧିତ କରାଯାଇଥିଲା କିନ୍ତୁ ୨୦୧୭ ମସିହାରେ ରାଜସ୍ୱହାନୀର ଆଳ ଦେଖାଇ ପ୍ରତିବନ୍ଧକୁ ନିରସ୍ତ କରିଦିଆଯାଇଥିବାର ଖବର ମିଳେ ।

ଏଥର ଆଲୋଚନା କରିବା ଅତି ଦରିଦ୍ର ରାଜ୍ୟ ବିହାର କଥା । ନୀତିଶ କୁମାରଙ୍କ କାର୍ଯ୍ୟକାଳରେ ଦେଇଥିବା କଥାକୁ ପାଳନ କରିବା ଉଦ୍ଦେଶ ରଖି ୨୦୧୬ ମସିହାରେ ମଦ ବିକ୍ରି ଓ ତିଆରି ଉପରେ ସମ୍ପୂର୍ଣ୍ଣ ପ୍ରତିବନ୍ଧ ଲାଗେଇଛନ୍ତି । ଯଦିଓ ବିହାର ସରକାରଙ୍କୁ ଉଚ୍ଚତମ ନ୍ୟାୟାଳୟ ଯାଏ ଲଢ଼ିବାକୁ ପଡିଥିଲା । ଏହି ପ୍ରତିବନ୍ଧକୁ କଡ଼ାକଡ଼ି ପାଳନ କରିବାପାଇଁ ଦଣ୍ଡବିଧାନ ସ୍ୱରୂପ ୪ ବର୍ଷରୁ ୧୦ବର୍ଷ ଯାଏ ଜେଲ ଦଣ୍ଡ ବ୍ୟବସ୍ଥା କରାଯାଇଥିଲା । ଏବେ ଶୁଣାଯାଏ ବିହାର ସରକାର ମନସ୍ଥ କରିଛନ୍ତି ଯଦି ପ୍ରମାଣିତ ଦଣ୍ଡିତ ବ୍ୟକ୍ତି ୫୦,୦୦୦ଟଙ୍କା ଜରିମାନା ସରକାରଙ୍କ ଠାରେ ପୈଠ କରିଦେବେ ତେବେ ଅନିର୍ବାଯ୍ୟ ରୂପରେ ଜେଲର ଅବଧି ସାମ୍ନା କରିବାକୁ ପଡିବ ନାହିଁ ।

ବିହାର ରାଜ୍ୟର ଏକ ରିପୋର୍ଟ ଅନୁସାରେ 'ମଦ'ର ପ୍ରତିବନ୍ଧିତ ବର୍ଷ ୨୦୧୬ ମସିହା ଠାରୁ ରାଜ୍ୟରେ ଅତିତ ବର୍ଷ ମାନଙ୍କ ଅପେକ୍ଷା ହାରାହାରି ୨୦% ଡକେଇତି, ୧୩% ଦଙ୍ଗା,

 Magazine Downloaded from www.aahwaan.com

ବିଶେଷ ବିଷୁବ ସଂକ୍ରାନ୍ତି ୨୦୧୯

୧୦% ସଡ଼କ ଦୁର୍ଘଟଣା କମ ହୋଇଛି । ଅର୍ଥ ବ୍ୟବସ୍ଥାର ଉଲ୍ଲେଖନୀୟ ବୃଦ୍ଧି ହୋଇଛି ।

ଏଥର ଆଲୋଚନା କରିବା ଆମ ରାଜ୍ୟ ଓଡିଶା କଥା । ପରାମର୍ଶ ଲକ୍ଷ୍ୟରେ ଥରେ ଜଣେ ବୟୋବୃଦ୍ଧ ଗାଉଁଲି ରାଜନୈତିକ ଲୋକଙ୍କ ସାହାରା ନେଇ ଉପରୋକ୍ତ ସମସ୍ତ ବିଷୟ ବର୍ଣ୍ଣନା କରିବାପରେ, ମହାଶୟ ଜଣକ ହସିଦେଇଥିଲେ । କିଛି କ୍ଷଣ ଚୁପ ରହିବା ପରେ ଯାହା କହିଲେ, ମୁଁ ନିମ୍ନରେ ଉପସ୍ଥାପନ କରୁଛି;

"....ଆମ ଓଡିଶାର ସଂସ୍କୃତି ଅତି ଶକ୍ତିଶାଳୀ, ଜଗନ୍ନାଥଙ୍କର ଅପାର କରୁଣା ଆମ ରାଜ୍ୟବାସୀଙ୍କ ଉପରେ ଅଛି । ତେଣୁ ଓଡିଶାକୁ ମଦନାମ୍ନୀ ମାରାତ୍ମକ ତରଳ ମାଦକ ମାୟାଅସୁର ଏତେ ଶୀଘ୍ର ଗ୍ରାସ କରିପାରୁନାହିଁ । ୨୦୧୬ ମସିହା ପୂର୍ବରୁ ବିହାର ରାଜ୍ୟର ସାମାଜିକ ଅବସ୍ଥା ଯାହା ଥିଲା ସେହି ଅବସ୍ଥାରେ ପହଞ୍ଚିବାର ଅପେକ୍ଷାରେ ଆମ ସରକାର । ଯେତେବେଳେ ଗାଁ, ସହର, ପୁରପଲ୍ଲୀରେ ରହୁଥିବା ସରଳ ଠାରୁ ଜଟିଳ ସର୍ବଜନ ହୃଦୟ ଗ୍ରାସୀ ଯିବ ଆଉ ହଜାର ହଜାର ସୁନାର ସଂସାର ଦୁଃଖର ଦରିଆରେ ଭାସିଯିବ ତେବେ ଯାଇ ସରକାର ନିଜର ଏକ ବଡ଼ ସ୍ୱାର୍ଥକୁ ନଜରରେ ରଖି ଏକ ଯୁଗାନ୍ତକାରୀ ପଦକ୍ଷେପ ନେବେ । ଯାହାଦ୍ୱାରା ସରକାରଙ୍କର ଭିତିରି ଉଦ୍ଦେଶ୍ୟ ସଫଳ ହେବ ଏବଂ ସାରା ଜଗତରେ ଓଡିଶା ସରକାରଙ୍କର ବାହା... ବାହାର ଡେଙ୍ଗୁରା ବାଜିବ.... କଥା ହେଲା ବିହାରରେ 'ମଦ' ନିଷେଧ କରିବା ପୂର୍ବରୁ ଏହାର ବ୍ୟବହାର, ବିକ୍ରି ଓ ଉତ୍ପାଦନ ଯେତେ ମାତ୍ରାରେ ହେଉଥିଲା, ଏବେ ପ୍ରାୟତଃ ସେତିକି ଚାଲୁଛି । ସେତେବେଳେ ଲୋକେ ଯେତେ ଟଙ୍କା ଦେଇ କିଣୁଥିଲେ ଏବେ ତାହାର ଦଶଗୁଣା ଟଙ୍କା ଦେଇ କିଣୁଛନ୍ତି ଏବଂ ପିଉଛନ୍ତି । ପୂର୍ବରୁ ଯେତିକି ରାଜସ୍ୱ ଟିକସରୁ ଆସୁଥିଲା ସମତୁଲ୍ୟ ଆୟ ଜରିମାନା ବାବଦକୁ ମିଳି ଯାଉଛି । ତେଣୁ ବିହାର ସରକାର ଏମିତି ସୁନ୍ଦର ଟେକ୍ନିକ ଆପଣେଇଲେ ସାପ ମଲା ହେଲେ ଠେଙ୍ଗା ଯେମିତି

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସେମିତି ଅର୍ଥାତ ସରକାରଙ୍କର କଥା ରହିଲା, ରାଜସ୍ୱ କ୍ଷତି ହେଲାନାହିଁ ତା'ସାଙ୍ଗକୁ ସାରା ଜଗତରୁ ବାହା ବାହାର ପ୍ରବାହ ବହି ଆସିଲା ।

ତେଣୁ ଆମ ସରକାର ଠାଏ ଠାଏ ମଦ ଦୋକାନ ଖୋଲି ଲୋକମାନଙ୍କୁ ମଦ ପିଇବାର ଅଭ୍ୟାସ କରାଉଛନ୍ତି । ଯାହାକି ଯଦି କେବେ ସମୟ ଅସମ୍ଭାଳ ହୁଏ ଆଉ ସରକାର 'ମଦ' ନିଷିଦ୍ଧ କରିବାକୁ ବାଧ୍ୟ ହୁଅନ୍ତି ତେବେ ଚୋରାରେ 'ମଦ' ବ୍ୟବହାର, ବିକ୍ରି ଓ ଉତ୍ପାଦନ ପୂର୍ବକ ଜରିମାନା ବାବଦକୁ ବହୁଳ ମାତ୍ରାରେ ଅର୍ଥ ଉପାର୍ଜନ ହେବ ଯେ ସରକାରଙ୍କର ରାଜସ୍ୱ କ୍ଷତି ହେବାର ଭୟ ଆଉ ରହିବ ନାହିଁ...... ।"

କଥାଟି ଯଦିଓ ବ୍ୟଙ୍ଗଭଳି ଲାଗୁଛି ତଥାପି କଥାଟିର ଗଭୀରତା ଟିକିଏ ମନକୁ ନେଇ ବୁଝିବାକୁ ହେବ ଯେ 'ମଦ'ର ବ୍ୟବହାର, ବିକ୍ରି ଏବଂ ତିଆରି ଉପରେ ସରକାରଙ୍କର ନିଷେଧାଦେଶକୁ ଅପେକ୍ଷା କରୁବା ବା 'ମଦ' ବନ୍ଦ ପରି ଆଇନକୁ ଭରସା କରିବାଠାରୁ ସାମାଜିକ ସଂଗଠନ ଗୁଡ଼ିକ ନିଜତରଫରୁ ତତ୍ପରତାର ସହିତ ଜନ ସଚେତନ ମୂଳକ ପଦକ୍ଷେପ ନେବା ସଙ୍ଗେ ସଙ୍ଗେ ରାଜନୀତିରୁ ଉର୍ଦ୍ଧ୍ୱରେ ରହି ବେଳ ଥାଉଁ ଥାଉଁ କିଛି କଲେ ହୁଏତ ଆମ ରାଜ୍ୟର ଶକ୍ତିଶାଳୀ ଜଗନ୍ନାଥ ସଂସ୍କୃତି ବା ପରମ୍ପରା ବଞ୍ଚି ରହିବ । ନହେଲେ ନେଡ଼ି ଗୁଡ଼ କହୁଣୀକୁ ବୋହିଗଲା ପରି ଅବସ୍ଥା ପହଁଞ୍ଚିବାକୁ ଆଉ ବେଶି ଦିନ ନୁହଁ ।

ବସନ୍ତ କୁମାର ପଣ୍ଡା
ବଇଁଞ୍ଚା, ଇରମ, ଭଦ୍ରକ

Magazine Downloaded from www.aahwaan.com
ବିଶେଷ ବିଷୁବ ସଂଖ୍ୟା ୨୦୧୯

# ଆଧୁନିକତା ଓ ମୋବାଇଲ୍ ଫୋନ୍



ରଜୀତ ଦାସ

ଯୁଗ ବଦଳୁଛି, ବଦଳିବା କଥା, ତା ମାନେ ନୁହେଁ ଆମେ ଅତି ଆଧୁନିକତାର ଦ୍ୱାହି ଦେଇ ଅତୀତକୁ ଭୁଲିଯିବା । ସାଧାରଣତଃ ଗୋଟିଏ କଥା ଚିନ୍ତା କରାଯାଉ । ମୋବାଇଲ ଫୋନ ।

ନିଶ୍ଚିତ ଭାବେ ମୋବାଇଲ ଫୋନର ପ୍ରଚଳନ ଯୋଗୁ ସାରା ପୃଥିବୀଟା ସଙ୍କୁଚିତ ହୋଇଯାଇଛି । ନିମିଷେକ ମଧ୍ୟରେ ଆମ ସବୁ ଜାଗା ଓ ସମସ୍ତଙ୍କ ସହିତ ଯୋଗାଯୋଗରେ ରହି ପାରୁଛେ ।

କିନ୍ତୁ ଧିରେ ଧିରେ ମୋବାଇଲର ଅପବ୍ୟବହାର ଦ୍ରୁତଗତିରେ ବଢି ଚାଲିଛି । ଘରେ ଯଦି ଛୁଆଟେ କାନ୍ଦୁଛି, ମାଆ ତାକୁ ଫୋନଟେ ଧରେଇ ଦେଉଛି । ହେଲେ ଛୁଆ ଉପରେ କି ପ୍ରଭାବ ପଡୁଛି ମା କେବେ ଚିନ୍ତା କରୁନି । ଏଥିରେ ପିଲାର ମାନସିକ ସ୍ଥିତି ହ୍ରାସ ଘଟୁଛି । ପାଠପଢା ପ୍ରତି ପିଲା ଅନାଗ୍ରହ ପ୍ରକାଶ କରିଛି, ଫୋନର ରେଡିଏସନରେ ପିଲାର ମସ୍ତିଷ୍କ ଉପରେ ଖରାପ ପ୍ରଭାବ ପଡୁଛି । ବେଳେବେଳେ ଅନାବଶ୍ୟକ ଭାବେ ପିଲା କ୍ରୋଧିତ ହେଉଛି ।

ଭାରତର ସତୁରି ପ୍ରତିଶତ ଯୁବସମାଜ ଆଜି ମୋବାଇଲ ଫୋନ ଦ୍ୱାରା କବଳିତ । ସୋସିଆଲ ମେଡିଆର ବହୁଳ ପ୍ରସାର ଯୋଗୁ ଦିନକୁ ଆଠରୁ ଦଶ ଘଣ୍ଟା ଯୁବସମାଜ ଫୋନରେ ହିଁ ନଷ୍ଟ କରୁଛନ୍ତି । ଆପଣ କୋଉଠି ଗୋଟେ ଜାଗା ଦେଖିବେନି ଯେଉଁଠି କେହି ନା କେହି ଫୋନ ଖେଳେଇବାରେ ବ୍ୟସ୍ତ ନ ଥିବେ । ସେଇଥିପାଇଁ ପ୍ରାୟ ଯୁବସମାଜ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବିଶେଷ ବିଷୁବ ସଂଖ୍ୟା ୨୦୧୯

ମେରୁଦଣ୍ଡ ଜନିତ ରୋଗରେ ଆକ୍ରାନ୍ତ ।

ଅପରପକ୍ଷରେ ମୋବାଇଲ ଫୋନ ଯୋଗୁ ଦୁର୍ଘଟଣାର ପ୍ରତିଶତ ମଧ୍ୟ ବଢ଼ି ଚାଲିଛି । ତା'ରି ପାଇଁ ଲକ୍ଷାଧିକ ଶ୍ରମିକ ଆଜି କାର୍ଯ୍ୟରୁ ବିରତ । କ୍ୟାମେରା, ଷ୍ଟୁଡିଓ, ରେଡ଼ିଓ, କାଲକୁଲେଟର, ଛପା କ୍ୟାଲେଣ୍ଡର, ମ୍ୟୁଜିକ ସିଷ୍ଟମ ଇଣ୍ଡଷ୍ଟ୍ରି ସବୁ ପ୍ରାୟତ୍ ବନ୍ଦ । ସେଥିରେ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ କାର୍ଯ୍ୟ କରୁଥିବା ଲକ୍ଷାଧିକ ଶ୍ରମିକ, କାରିଗରଙ୍କର କାର୍ଯ୍ୟ ବନ୍ଦ ।

ଲୋକମାନେ ଲେଖିବା ପଢିବା ଭୁଲି ଗଲେଣି । ଚିଠିପତ୍ର ତ ପୁରା ବନ୍ଦ ହେଇଗଲାଣି । ସୋସିଆଲ ମେଡିଆର ବହୁଳ ଅପବ୍ୟବହାର ହେଉଛି । ସାମାଜିକ ଚଳଣିରେ ବ୍ୟାପକ ପରିବର୍ତ୍ତନ ଘଟୁଛି । ଅଭିଭାବକ ମାନେ ନିଜସ୍ୱ କାର୍ଯ୍ୟ ପରେ ଯେତିକି ସମୟ ପିଲାଙ୍କୁ ଦେବା କଥା, ସେହି ସମୟତକ ମୋବାଇଲରେ କାଟୁଛନ୍ତି । ଫୋନକମ୍ପାନୀ ମଧ୍ୟ ବିଭିନ୍ନ ଆଳ ଦେଖେଇ ସାଧାରଣ ଲୋକଙ୍କୁ ଲୁଟିବାରେ ବ୍ୟସ୍ତ । ଇଣ୍ଟରନେଟ ଓ ଡାଟାର ବ୍ୟାପକ ଅପବ୍ୟବହାର ହେଉଛି । ବହୁତ କିଶୋରକିଶୋରୀ ଫୋନର ଭୁଲ ବ୍ୟବହାର କରି ଅବାଟରେ ଚାଲି ଯାଉଛନ୍ତି । ଯଦି ଆମେ ଏହାର ସଠିକ ବ୍ୟବହାର ନ କରିବା, ତାହେଲେ ଏହା ଖୁବ ଶୀଘ୍ର ଆମକୁ ଧ୍ୱଂସାଭିମୁଖୀ କରିଦେବ । ଫୋନକୁ ଉଚିତ ଭାବରେ ବ୍ୟବହାର କରନ୍ତୁ । ଆଧୁନିକର ଦ୍ୱାହି ଦେଇ ଅତୀତକୁ ଭୁଲନ୍ତୁ ନାହିଁ । କାରଣ ଅତୀତକୁ ନେଇ ଆମ ଭବିଷ୍ୟତ ।

ସିଙ୍ଗିଟାଳି, କୁଜଙ୍ଗ, ପାରାଦ୍ୱୀପ

ଭ୍ରାମ୍ୟଭାଷ : ୮୨୪୯୩୦୯୪୬୦

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବିଶେଷ ବିଷୁବ ସଂଖ୍ୟା ୨୦୧୯

# ଲାଲ୍ ପାଗୋଡ଼ାର ପ୍ରେତ



ମନୋଜ କୁମାର ବେହେରା

*ପ୍ରତିଭା ପ୍ରେତର ବୈପ୍ଲବିକ ସ୍ୱର : ଲାଲ୍ ପାଗୋଡ଼ାର ପ୍ରେତ*

ତୁମେ ଦେଖିଅଛ ଶିଳାରେ ତାର ତ
ରମ୍ୟ କଳାର ରୂପ
ମୁଁ ଦେଖିଛି ତହିଁ କୋଟି କଂକାଳ
ଭଗ୍ନ ବୁକୁର ସ୍ତୁପ ।
(କୋଣାର୍କ, ପାଣ୍ଡୁଲିପି)

ପୁରାଣ ଏବଂ କିମ୍ବଦନ୍ତୀକୁ ଆଧାର କରି ଆମ ଓଡ଼ିଆ କବିତା ଯଥେଷ୍ଟ ଭାବରେ ପରିପୁଷ୍ଟତା ଲାଭ କରିଅଛି । 'କୋଣାର୍କ' ମନ୍ଦିରର ଚାରୁକଳା ଆମ କବିମାନଙ୍କୁ ଯଥେଷ୍ଟ ଭାବରେ ପ୍ରଭାବିତ କରିଛି । ଏହା ସହିତ କବି ମଧ୍ୟ ରୋମାଣ୍ଟିକ ହୋଇ ଉଠିଛି । ଏ ମନ୍ଦିରର କିମ୍ବଦନ୍ତୀ ସଂପର୍କରେ ତ ସମସ୍ତଙ୍କୁ ଜଣା । ଯେ ଜଣେ ଶିଶୁ ଶିଳ୍ପୀ ଧର୍ମପଦ କିପରି ବାରଶହ ବଢ଼େଇଙ୍କ ଜୀବନ ରକ୍ଷା ଲାଗି ନିଜ ଜୀବନକୁ ଆତ୍ମଝାସ ହେଇଥିଲା ସେହି ସମୁଦ୍ର ଗର୍ଭରେ । ଗୋପବନ୍ଧୁଙ୍କ 'ଧର୍ମପଦ' କବିତାଟି ଯଥେଷ୍ଟ ଭାବରେ ଧର୍ମପଦକୁ ମହାନ କରି ଗଢ଼ି ତୋଳିବାରେ ସମର୍ଥ ହୋଇଛି । ଆମ ରୋମାଣ୍ଟିକ୍ କବି ମାୟାଧର ମାନସିଂ ରୋମାଣ୍ଟିକ ଚେତନା ପ୍ରବଣ ହୋଇ ତାଙ୍କ 'କୋଣାର୍କ' କବିତାକୁ ଜୀବନ୍ୟାସ ଦେଇଛନ୍ତି । ପରନ୍ତୁ କବି ସଚ୍ଚି ରାଉତରାୟ ତାଙ୍କ 'କୋଣାର୍କ' କବିତାରେ ଯେଉଁ ପ୍ରଗତିଶୀଳ ମନୋଭାବ ପୋଷଣ କରିଥିଲେ, ତାହା ସାଧାରଣ ପାଠକ ସମାଜରେ ଆନ୍ଦୋଳନ ସୃଷ୍ଟି କରିଥିଲା । ଠିକ୍ ଏହାର

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବିଶେଷ ବିଷୁବ ସଂଖ୍ୟା ୨୦୧୯

୨୪ ବର୍ଷପରେ ଯୌବନର ବୈପ୍ଲବିକ ମନୋଭାବ ସମ୍ପର୍କ୍ନ କବି ରବି ସିଂଙ୍କ କବିତା - 'ଲାଲ ପାଗୋଡ଼ାର ପ୍ରେତ' ଆତ୍ମପ୍ରକାଶ କରେ । କବି ରବି ସିଂହ କବିତା ଜଗତକୁ ୧୯୫୨ ମସିହାରେ ଅବତରଣ କରନ୍ତି । ଏହି ସାରସ୍ୱତବାଣୀ ସାଧକ ତାଙ୍କ ପ୍ରଥମ କବିତା ପୁସ୍ତକ 'ପଥ ପ୍ରାନ୍ତରର କବିତା(୧୯୫୯)' ମାଧ୍ୟମରେ ପାଠକ ସମାଜରେ ବିଶେଷ ଭାବରେ ଶ୍ରଦ୍ଧାଭାଜନ ହୁଅନ୍ତି । ଏ ସଂକଳନଟିରୁ କବିଙ୍କ ସ୍ପଷ୍ଟ ଭାବରେ ଜାଣି ହୁଏ ଯେ, କବି ସାମ୍ୟବାଦ ଓ ବିପ୍ଳବର ଅନ୍ୟତମ ଏକନିଷ୍ଠ ସାଧକ । ଶ୍ରେଣୀହୀନ ସମାଜ ପ୍ରତିଷ୍ଠା ଦାୟରେ କବିତା ରଚନା କରି ସମଗ୍ର ପାଠକ ସମାଜ ଆଗରେ ଆତ୍ମପରିଚୟ ଦେଇଥିବା ଏହି ମହାନ ସାରସ୍ୱତ ସାଧକ ପରବର୍ତ୍ତୀ ସମୟରେ ଜଣେ ଶକ୍ତିଶାଳୀ ପ୍ରତିଭା ସଂପନ୍ନ ଆତ୍ମସଚେତନଶୀଳ କବି ଭାବରେ ନିଜକୁ ପ୍ରତିଷ୍ଠା କରି ପାରିଥିଲେ ।

ତୁମକୁ ଧରି ମୁଁ ସୃଷ୍ଟି କରିବି ଘୁର୍ଣ୍ଣିବାତ
ପୋଛି ଦେବି ଯେତେ ଦୈନ୍ୟ-ଗାତ
ତୁରିତେ କରିବି କାବ୍ୟ-ଅନଳେ ଭସ୍ମୀଭୂତ
ଦୁଃଖ ସାଗରେ ଝଡ଼ସମ ମୁଁ ତ ଉଠିବି ଫୁଲି
ଜାଳିଦେବା ପାଇଁ କୋଟି-କୁଡ଼ିଆର ନିଭିଲା ଚୁଲି ।
(ହେ ମୋର ଶାୟକ)

ସତରେ କବି ରବି ସିଂହ ନିଜର ଲେଖନୀକୁ ସର୍ବହରା କବିର ଶାୟକ ଭାବେ ଗ୍ରହଣ କରି କାବ୍ୟ ସାଧନାରେ ବ୍ରତୀ ହୋଇଉଠିଥିଲେ । ଏହି ସାରସ୍ୱତ ବାଣୀ ସାଧକ ପ୍ରାରମ୍ଭରୁ ହିଁ ନିଜ କାବ୍ୟ ଚେତନାରେ ବିପ୍ଳବର ପାଣି ପବନକୁ ଦୃଢ଼ ଭାବରେ ସ୍ୱୀକୃତି ଦେଇ ମାର୍ଜିତ ଭାବେ କାବ୍ୟ ସାଧନା କରିଥିଲେ । କବିଙ୍କର 'ଲାଲ ପାଗୋଡ଼ାର ପ୍ରେତ' ୨୯.୧୦.୧୯୬୧

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com
ବିଶେଷ ବିଷୁବ ସଂଖ୍ୟା ୨୦୧୯

ମସିହାରେ ଲେଖାହୁଏ ଏବଂ ପୁସ୍ତକ ଆକାରରେ ପ୍ରକାଶ ପାଏ ୧୯୬୩ ମସିହାରେ । ଏଥିରେ ସ୍ଥାନିତ ଓଡ଼ିଶାର ସେଇ ବର୍ଷୀୟାନ ବାଳକ 'ଧର୍ମପଦ'ର ଏକ ଗାଥା; ଗାଥା ନୁହେଁ ତ ତା' ମରଣ ତୋର ଏକ ବିଗଳିତ ଲୌହାଂଶ, ଯାହା କବିଙ୍କ କାନ୍ଧ ଉପରେ ପ୍ରେତ ସବାର ହୋଇ କବିଙ୍କୁ କବିତା ଲେଖିବାର ସାର୍ଥକ ପ୍ରେରଣା ଯୋଗାଇଛି । ସାଧାରଣତଃ କୋଣାର୍କକୁ କୃଷ୍ଣ ପାଗୋଡ଼ା କୁହାଯାଏ, କିନ୍ତୁ କବି ଏଠାରେ କୋଣାର୍କକୁ ଲାଲ ପାଗୋଡ଼ା ଭାବରେ ଗ୍ରହଣ କରିଛନ୍ତି । ଏ ଲାଲ ଶବ୍ଦଟି ବିପ୍ଲବର ପ୍ରତୀକ । ଯେହେତୁ କବି ସେହି ନିଃସହାୟ କରୁଣ ଆତ୍ମାର ପ୍ରେତଟିର ମୁକ୍ତିକାମନା ନିମିତ୍ତ ସେ କବିତାଟିର ପରିକଳ୍ପନା କରିଛନ୍ତି । ତେଣୁ ଏ କବିତାଟିର ନାମକରଣ ସେ ଏଭଳି ରଖିଛନ୍ତି ।

କବିତାଟିକୁ ପାଠକଲେ ସ୍ୱତଃ ଜଣାପଡ଼େ ଯେ, କବି ସେହି ନିଃସହାୟ ଶିଶୁଟିର ଅଫୁଟା କଥା କଳିକାଟିକୁ ଫୁଟାଇବାକୁ ଚେଷ୍ଟା କରିଛନ୍ତି । ଶିଶୁ ପ୍ରତିଭାକୁ ପ୍ରୋତ୍ସାହନ ଦିଆଯାଏ, ତାକୁ ପାଦରେ ଦଳି ଚକଟି ଦିଆଯାଏ ନାହିଁ । ତାକୁ ପାଣି ପବନ ଦେଇ ପୁଷ୍ଟ କରାଯାଏ । ତାକୁ ସୂର୍ଯ୍ୟାଲୋକଠାରୁ ଦୂରେଇ ଦିଆଯାଏ ନାହିଁ । ଏଭଳି ଏକ ମନୋଭୂଇଁର ଦଗ୍ଧିତ ବାର୍ତ୍ତା ଏ କବିତାର ପୃଷ୍ଠଭୂମି । ଆଜି ବି ଏ ସମାଜରେ ଏଭଳି ଶକ୍ତିଶାଳୀ ପ୍ରତିଭାର ତଣ୍ଟି ଚିପି ମାରି ଦିଆଯାଉଛି । ତାକୁ ଅନ୍ଧାର ଗୃହ ଭିତରେ ରଖି ସୂର୍ଯ୍ୟାଲୋକ, ପାଣିପବନଠାରୁ ଦୂରେଇ ଦିଆଯାଉଛି । ତେଣୁ କବିଙ୍କ ବୈପ୍ଲବିକ ଚେତନା ସେଠି ଦୃଢ଼ କଣ୍ଠରେ ଗାଇ ଉଠିଛି;

ଅମୀମାଂସିତ

ପ୍ରଶ୍ନ ଜାଗଇ ମନେ

ଭବିଷ୍ୟତର

ସାଧନା ଉପବନେ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com
ବିଶେଷ ବିଷୁବ ସଂଖ୍ୟା ୨୦୧୯

ଜାଗିବେ କାହିଁକି

ଲୁଣ୍ଠକଦଳ,

ପ୍ରତିଭା ହତ୍ୟାକାରୀ ?

ଆଜିକାର ପରି

ସେତେବେଳେ ମୋର

ହାତେଥିବ ତରବାରୀ ?

କବି ସଚ୍ଚି ରାଉତରାୟଙ୍କ ପରି ଦୀନ-ବେରସିକଟି ପରି ଫେରି ଆସିନାହାନ୍ତି । ତାଙ୍କ ମନରେ ଧର୍ମପଦର ଆତ୍ମୋତ୍ସର୍ଗ କଥା ଝଲସି ନାହିଁ, ଝଲସି ଅଛି ବାରଶ ବଢ଼େଇଙ୍କ ପାଶବିକ ଚିନ୍ତାଧାରାର ନିଚ୍ଛକ ପ୍ରତିଛବି । ଅବଶ୍ୟ 'କୋଣାର୍କ (ସଚ୍ଚି ରାଉତରାୟ)'ଟି ଯଥେଷ୍ଟ ଭାବରେ 'ଲାଲ ପାଗୋଡ଼ାର ପ୍ରେତ' ଲେଖିବା ପାଇଁ ପ୍ରେରଣା ଯୋଗାଇଛି । ସଚ୍ଚି ବାବୁ ମୂଲିଆର ଆଖି ନେଇ କୋଣାର୍କକୁ ଦେଖିଛନ୍ତି । ତେଣୁ ସେ ମୂଲିଆଙ୍କ ପ୍ରତି ସହନଶୀଳତା ପ୍ରକାଶ କରିଛନ୍ତି । ପରନ୍ତୁ କବି ରବି ସିଂ ଶିଶୁ ହତ୍ୟାକାରୀ ସେହି ବାରଶ ବଢ଼େଇଙ୍କ ଈର୍ଷାକ୍ତ ଆଖି ଉପରେ ନଜର ପକାଇଛନ୍ତି । ତେଣୁ ଶିଶୁ ଧରମା ପ୍ରତି ତାଙ୍କର ସମବେଦନା ଜାଗ୍ରତ ହୋଇଛି । ସେ ପ୍ରତିଭାର ହତ୍ୟାକାରୀମାନଙ୍କୁ ଏ କବିତାରେ ସ୍ଥାନ ଦେବାକୁ କୁଣ୍ଠା ବୋଧ କରି ନାହାନ୍ତି । କବିଙ୍କୁ ସେହି ବାଳୁତ ଧରମାର ଚିନ୍ତା ବିକ୍ଷୁବ୍ଧ କରିଦେଇଛି । ଯାହାର କୋଟି କୋଟି ରକ୍ତର ବୁନ୍ଦାରେ ଏ କବିତାଟି ପ୍ରାଣ ପ୍ରବାହିତ ।

ମୁଁ ଶୁଣିଛି ସେହି

ବାଳୁତ - ବିଧିର

କ୍ଷୁବ୍ଧ - ଅଧୀର ଗାଥା

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବିଶେଷ ବିଷୁବ ସଂଖ୍ୟା ୨୦୧୯

ମୁଁ ଦେଖିଛି ତା'ର

କଅଁଳ ବୁକୁରେ

ଜଳିଥିବା କେତେ ଚିତା ।

କବି ଗୋପବନ୍ଧୁଙ୍କ 'ଧର୍ମପଦ'ର ଆଦର୍ଶକୁ ମାୟାଧର ମାନସିଂଙ୍କ 'କୋଣାର୍କ'ର ରୋମାଣ୍ଟିକ୍ ସ୍ୱର ଏବଂ ସଚ୍ଚି ବାବୁଙ୍କ 'କୋଣାର୍କ' ମୂଲିଆର ଆଖି ନେଇ ନିଜ କାବ୍ୟଭୂମି ନିର୍ମାଣ କରିନାହାନ୍ତି । ସେ ପ୍ରତିଭା ହତ୍ୟାକାରୀର ଏକ ମାର୍ମିକ ଆବେଦନକୁ ରୂପ ଦେଇଛନ୍ତି । କବିଙ୍କୁ ଯଥେଷ୍ଟରେ ବ୍ୟଥିତ କରିଛି ଶିଳ୍ପୀ ଧରମାର ମୃତ୍ୟୁ । କିମ୍ବଦନ୍ତୀ ଗର୍ଭରୁ ସତ୍ୟାସତ୍ୟକୁ ସାଉଁଟି ଆଣିଛନ୍ତି କବି, ଯାହା ଫଳରେ ତା'ର ଅନ୍ତଃସ୍ୱରରେ ଫୁଟି ଉଠିଛି । ଆଧୁନିକ ସମାଜରେ ନବ ପ୍ରତିଭାର ଦମନକାରୀ ମାନଙ୍କ ବିରୁଦ୍ଧରେ ବିଦ୍ରୋହର ବହ୍ନି । କବି ପ୍ରଶ୍ନ କରିଛନ୍ତି;

ଥିଲା କି ବିଶ୍ୱ

ଭଗବାନ - ହୀନ

ଥିଲେ ନି କି ରବି - ଶଶୀ ?

କେହି ଦେଖିଲେନି

ପ୍ରତିଭାର ଫୁଲ

ଯେବେଳେ ପଡ଼ିଲା ଖସି ?

ଏ ନବ ପ୍ରତିଭାଟି ଯେତେବେଳେ ଉଚ୍ଛନିଆ ମନରେ ଉଗ୍ରେ କଣ୍ଠସ୍ୱର ତୋଳି ଦଧିନଉତିଟି ବସାଇବା ପାଇଁ ବ୍ୟଗ୍ର ହୋଇ ଉଠିଲା ସେତେବେଳେ ବାରଶହ ବଢ଼େଇ ସ୍ୱୀକୃତି ଦେଇଥିଲେ । କିନ୍ତୁ ଯେତେବେଳେ ପ୍ରତିଭାର ଏକ ବିସ୍ମୟ ରୂପ ଦେଖିବାର ଥିଲା

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com
ବିଶେଷ ବିଷୁବ ସଂଖ୍ୟା ୨୦୧୯

ସେଇ ସମୟରେ କବିଙ୍କ ଭାଷାରେ;

ଶିଳ୍ପ କଳାର

ଶେଷ କୌଶଳ

କୋଣାରକେ ଆଜ ସାକ୍ଷୀ,

ଗୋଟିଏ ଜୀବନ

ପାଖୁଡ଼ା ଉପରେ

ବାରଣ ମରଣ ଆଖି

ପଡ଼ିଲା ଯେବେଳେ

ଝଡ଼ିଲା ପାଖୁଡ଼ା

ସେବେଳେ ନଥିଲେ କେହି

ବାରଶ ଘାତକ

ବ୍ୟତିରେ କେ ଆଉ

ନଥିଲେ ମାନବ ଦେହୀ ?

ମାନବ ସତ୍ତାକୁ ହରାଇ ବାରଶହ ବଢ଼େଇ ପଶୁତା ହୋଇ ଉଠିଥିଲେ । ଏପରିକି ନିଜ ବାପା ବି ୧୨ ବର୍ଷର ଶିଶୁକୁ ହାତ ପାହାନ୍ତାରେ ପାଇ ଖୁସି ହେବାର କଥା, ପରନ୍ତୁ ନିଜ ହାତରେ ବଳି ନେଇ ଦେଇଥିଲା । ସେମାନେ ଇର୍ଷାତୁର ଭାବେ ନିଜ ଶିଳ୍ପ କୌଶଳର ବାର୍ଦ୍ଧକ୍ୟତାକୁ ସ୍ୱୀକାର ନ କରି ଅଧାଫୁଟା ପ୍ରତିଭାର ହତ୍ୟାକାରୀ ଭାବରେ ନିଜକୁ ବରଣ କରିବାକୁ ବି ପଛେଇ ନଥିଲେ । ଇର୍ଷାର ବହଳ ନିଶ୍ୱାସ ଯେ ଏତେ ଖର ହୋଇଯିବ, ଭାବିଲା ବେଳକୁ ପ୍ରାଣଟା ଗୋଟାପଣେ ଉତୁରି ଉଠୁଛି । ଏଠି ବିନା ଗୁରୁରେ 'ଏକଲବ୍ୟ' କଥା ମନ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବିଶେଷ ବିଷୁବ ସଂକ୍ରାନ୍ତି ୨୦୧୯

ଭିତରେ ଉଙ୍କିମାରେ । ସତେ ଆମ ସମାଜରେ ପ୍ରତିଭାର ହତ୍ୟାକାରୀର ଅଭାବ ନାହିଁ । ପରନ୍ତୁ ଶିଶୁ ପ୍ରତିଭାର ହତ୍ୟାକାରୀ କଥା ଚିନ୍ତା କଲାବେଳକୁ ଅଣନିଶ୍ୱାସୀ ଲାଗେ ।

ଯଥାର୍ଥରେ ପ୍ରେତ ସବାର ହୋଇଛି କବିଙ୍କ ଚିନ୍ତାରେ ତାଙ୍କୁ ଆନ୍ଦୋଳିତ କରିଛି । ଏ ଆମ ଜାତିର କଳଙ୍କର ଅଲିଭା ପାଣ୍ଡୁଲିପି । ମୁକ୍ତ ମୌନ ଭାବେ ଦଣ୍ଡାୟମାନ । ଯଥାର୍ଥରେ 'ମୃତ ଧରମାର ସ୍ତବ୍ଧ ଲୋହିତ ଚିତା' କବିଙ୍କୁ ଆନ୍ଦୋଳିତ କରି ଏ କବିତାଟିକୁ ଜନ୍ମ ଦେଇଛି । ଏ କବିତାଟିର ଅନ୍ତଃସ୍ୱରରେ ଭରି ରହିଛି ପ୍ରତିଭା ପୂଜାର ଜାଗ୍ରତ ନିଶ୍ୱାସ । ଗୋଟିଏ ଜାତିର ନିଶ୍ୱାସ ପ୍ରତିଭାର କମନୀୟତାରେ ସ୍ଥପତି ଲାଭ କରେ । ତେଣୁ ପ୍ରତିଭା ପୂଜା କରିବା ଉଚିତ । ତାକୁ ଯଥାର୍ଥରେ ସମ୍ମାନ ପ୍ରଦର୍ଶନ କରିବା ଉଚିତ ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com
ବିଶେଷ ବିଷୁବ ସଂଖ୍ୟା ୨୦୧୯

# ଓଡ଼ିଶା କାନ୍ଦୁଛି ଓଡ଼ିଆ ପାଇଁ



ପ୍ରେମଶିଳା ରାଉତ

ଆମ ଦେଶ ଭାରତ । ଭାରତରେ ୨୮ଟି ରାଜ୍ୟ ଅଛି । ସେଥି ମଧ୍ୟରୁ ଓଡ଼ିଶା ଅନ୍ୟତମ । ଆମ ରାଜ୍ୟ ଗୋଟିଏ ଏମିତି ରାଜ୍ୟ ଯାହାକି ସଂସ୍କୃତି, ପରମ୍ପରା, ପର୍ବ ପର୍ବାଣି ଅନେକ କିଛି ହରେଇବାରେ ଲାଗିଛି । ଏମିତିକି ନିଜ ଭାଷାକୁ ମଧ୍ୟ । ଆମ ରାଜ୍ୟ ଓଡ଼ିଶା, ଆମ ଭାଷା ଓଡ଼ିଆ । ଯେଉଁ ଭାଷା ଆମ ହୃଦୟର ଭାଷା, ଯେଉଁ ଭାଷା ପ୍ରେମର ଭାଷା । ଯେଉଁ ଭାଷା ସ୍ନେହ ଶ୍ରଦ୍ଧା ଭଲ ପାଇବାର ଭାଷା ଯେଉଁ ଭାଷା ଆମର ପରିଚୟ ଅଟେ । ଯେଉଁ ଭାଷା ଆମେ ଦୁନିଆକୁ ପଦାର୍ପଣ କଲାପରେ ଖିଲିଖିଲି ହସର ସହିତ ମନରେ ଉତ୍‌ଫୁଲିତ ଆବେଗ ଆନନ୍ଦ ଭରା ମଧୁର କଣ୍ଠରେ ନିଜ ମାଁ ବୋଲି ଡାକିଥାଉ । ଯେଉଁ ଭାଷା ଆମର ଗର୍ବ ଅଟେ ଯେଉଁ ଭାଷା ପାଇଁ ଆମେ ଗର୍ବ କରିବା ଉଚିତ, ଯେ ଆମେ ଓଡ଼ିଆ ବୋଲି । କିନ୍ତୁ ଅତି ଦୁଃଖର ବିଷୟ ଏହା ଯେ ଆମେ ସବୁ ଓଡ଼ିଆ ବାସୀ ନିଜ ଭାଷାକୁ ପ୍ରୟୋଗ କରିବା ଧୀରେ ଧୀରେ ସଂକୋଚ ମନେ କରୁଛୁ ଓ ଭୁଲିବାକୁ ଲାଗିଛୁ ।

ଉଦାହରଣ ସ୍ୱରୂପ :-

ଆମ ପାଖକୁ ଯଦି ଦିଲ୍ଲୀରୁ ଫୋନ ଆସେ ଜଣେ ଅଚିହ୍ନା ଲୋକଠାରୁ

ଅଚିହ୍ନା ଲୋକ - ହ୍ୟାଲୋ, କୋନ ବୋଲ ରହିହୋ ?

ଓଡ଼ିଆ ଲୋକ - ହ୍ୟାଲୋ, ତୁମ କୋନ ବୋଲ ରହିହୋ ?

ଅଚିହ୍ନା ଲୋକ - ମେ ଦିଲ୍ଲୀ ସେ ବୋଲ ରହିହୁ ତୁମ କାହାଁସେ ବୋଲ ରହିହୋ ?

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଓଡ଼ିଆ ଲୋକ - ମେ ଓଡ଼ିଶା ସେ ବୋଲ ରହିହୁ ।

ଦେଖନ୍ତୁ ଆଜ୍ଞା, ଏଇ ହେଲା ଓଡ଼ିଆବାସୀଙ୍କର ଓଡ଼ିଆ ଭାଷା ପ୍ରତି ଭଲପାଇବା ସ୍ନେହ ମମତା, ଓଡ଼ିଆ ଭାଷା ପ୍ରତି ସମ୍ମାନ ।

ଆମ ଭାଷା କଣ ଏତେ ଶସ୍ତା ?

ଅନ୍ୟ କେହି ଜଣେ ନିଜ ଭାଷା ପ୍ରୟୋଗ କରି କଥା ହେଉଛି, ତେବେ ଆମେ କାହିଁକି ନିଜ ଭାଷା ପ୍ରୟୋଗ କରିବାରେ ସଙ୍କୋଚ ମନେ କରୁଛୁ । ଆମେ କାହିଁକି କହି ପାରିଲୁନି ଯେ, - ଆପଣ କେଉଁ ଠାରୁ କହୁଛନ୍ତି ? ମୁଁ ଓଡିଶାରୁ କହୁଛି ବୋଲି, ଆଜ୍ଞା ଆପଣମାନେ ଜାଣନ୍ତି କି କାହିଁକି ନା ଆମେ ସଙ୍କୋଚ ମନେକରୁ ସତ ଆଉ ଲାଜ ମଧ୍ୟ କରିଥାଉ ନିଜ ଭାଷା ପ୍ରୟୋଗ କରିବାପାଇଁ । ଧିକ ଆମେ ଓଡ଼ିଆବାସୀ ଆମ ମଣିଷ ପଣିଆ । ଯେବେ ଏମିତି ପରିସ୍ଥିତି, ସମୟ ଆସେ ଭାବିଲେ ନିଜ ଉପରକୁ ଘୃଣା ଲାଗେ, ଆମର ବହୁ ପୂର୍ବ ପିଢୀମାନଙ୍କ ଓଡ଼ିଆଭାଷା, ଓଡ଼ିଆଜାତି, ପ୍ରଥା, ପରମ୍ପରା, ସଂସ୍କୃତି, ପର୍ବପର୍ବାଣି ଆଜି ଧିରେ ଧିରେ ଆମ ଓଡ଼ିଆବାସୀଙ୍କ ଗହଣରେ ଲୋପ ପାଇବାରେ ଲାଗିଛି । ଆମେ ସମସ୍ତେ ଓଡ଼ିଆବାସୀ । ସେହି ପ୍ରଥା, ପରମ୍ପରା, ସଂସ୍କୃତି ପର୍ବପର୍ବାଣିକୁ ନୂଆ ମୋଡ ଦେବାରେ ଲାଗିଛୁ । ଆମେ ଭୁଲିଯାଉଛୁ ଯେ ଆମ ପ୍ରଥା ପରମ୍ପରା କେତେ ନିଆରା । ଆମ ସଂସ୍କୃତି କେତେ ମହାନ । ଆମ ପର୍ବପର୍ବାଣି କେତେ ପବିତ୍ର । ତଥାପି ଆମେ ଆଜି ଅଲଗା ଦେଶର ସଂସ୍କୃତି, ପରମ୍ପରା ଓ ପର୍ବପର୍ବାଣିକୁ ବହୁତ ଆଖ୍ୟା ଦେଉଛୁ । ଆଉ ବହୁତ ଧୂମଧାମରେ ମଧ୍ୟ ପାଳନ କରୁଛୁ । ଉଦାହରଣ ସ୍ୱରୁପ :- Birthday (ଜନ୍ମଦିବସ) ପାଳନ ଏହି ଜନ୍ମଦିବସରେ ଆମେ ଆଜିର ଦିନରେ ମହମବତୀ ଜଳି ଓ ଲିଭେଇ କେକ୍ କାଟିଥାଉ, ମା'ବାପା ବନ୍ଧୁପରିଜନଙ୍କ ସାଥିରେ ଭୋଜି ମଧ୍ୟ ରଖିଥାଉ । ଭୋଜିରେ ଚିକେନ୍ ଓ ମଟନ

 Magazine Downloaded from www.aahwaan.com

ସବୁଠାରୁ ବେଷ୍ଟ ଆଇଟମ ଥାଏ । ଏପରି ପବିତ୍ର ଦିନରେ ଖୁସିର ଦିନରେ ଏମିତି କରିବା ଅନୁଚିତ । ଏହା ଆମର ସଂସ୍କୃତି, ପରମ୍ପରା ନୁହେଁ । ତେବେ ଆମେ କାହିଁକି ପାଳନ କରୁଛୁ ? କାହିଁକିନା ଆମେ ଅନ୍ୟ ଦେଶର ଭାଷା, ସଂସ୍କୃତି, ପରମ୍ପରା, ପର୍ବପର୍ବାଣିକୁ ଅନୁସରଣ କରିବାରେ ଲାଗିଛୁ ଏବଂ ଆମକୁ ତାହା ବହୁତ ପସନ୍ଦ ଲାଗୁଛି । ଆଜି ଆମେ ବ୍ୟବହାର କରୁଥିବା ବହୁତ କିଛି ଜିନିଷ ଅଲଗା ଦେଶର । ଆମେ ଅଲଗା ଦେଶର ଭାଷା, ସଂସ୍କୃତି, ପରମ୍ପରା ଓ ପର୍ବପର୍ବାଣି ସବୁକିଛି ଅନୁସରଣ କଲୁ, ଶେଷରେ ନିଜେ ବ୍ୟବହାର କରୁଥିବା ପ୍ରତ୍ୟେକ ଜିନିଷ ଅଲଗା ଦେଶର ବ୍ୟବହାର କରିବାରେ ଲାଗିଛୁ । ଏମିତିକି ଖାଇବା ପିଇବା ମଧ୍ୟ । ଆଜିକାଲି ଆମେ ସମସ୍ତେ ଚାଓମିନ, ମେଗୀ, କୋଲ୍ଡ ଡ୍ରିଂକ୍ସ, ପିଜା, ଏମିତି ଅନେକ କିଛି ବହୁତ ପରିମାଣରେ ବ୍ୟବହାର କରିବାରେ ଲାଗିଛୁ । ଜାଣିଛୁ ଏହି ଖାଦ୍ୟ ଗୁଡିକ ଆମ ଦେହ ପାଇଁ କ୍ଷତିକାରକ ଅଟେ । ତଥାପି ବ୍ୟବହାର କରିବାରେ ଲାଗିଛୁ । ତା ପୁଣି ଆମ ଦେଶର ଖାଦ୍ୟ ନୁହେଁ ।

ଆଜି କାଲି ଦୁନିଆରେ ଆମେ ଆମ ଭାଷାକୁ ଅସମ୍ମାନ କରୁଛେ । ଆଜିର ଦିନରେ ଆମେ ଆମ ଛୁଆମାନଙ୍କୁ ଇଂରାଜୀ ମିଡିୟମରେ ପାଠ ପଢ଼େଇବାକୁ ବହୁତ ଆଗ୍ରହ ପ୍ରକାଶ କରୁଛୁ । କାହିଁକି କି ନା ଇଂରାଜୀ ପାଠ ଦ୍ୱାରା ଆମ ଛୁଆମାନେ ବଡ଼ବଡ଼ ଚାକିରୀ କରିବେ, ବହୁତ ଟଂକା ରୋଜଗାର କରିବେ, ଗାଡ଼ି କିଣିବେ ବଡ଼ କୋଠା ତିଆରି କରିବେ ଏବଂ ବଡ଼ ମଣିଷ ହେବେ ବୋଲି ଆମେ ଆଶା ରଖୁଛେ । କିନ୍ତୁ ଏ ଧାରଣା ମୋ ମତରେ ସମ୍ପୂର୍ଣ୍ଣ ଭୁଲ ଅଟେ । ମୁଁ କହୁନି ଯେ ଇଂରାଜୀ ପାଠ ନ ପଢ଼ିବାକୁ, ଇଂରାଜୀ ପାଠ ପଢ଼ି ମଧ୍ୟ ଆମେ ଆମ ଭାଷାକୁ ସମ୍ମାନ ଦେବା ଉଚିତ । ଆମ ଭାଷାକୁ ବ୍ୟବହାର କରିବା ଉଚିତ ଓ ଆମ ଭାଷାକୁ ଭଲ ପାଇବା ଉଚିତ । କିନ୍ତୁ ଆମେ ଏ ସବୁ କରୁନୁ । ଏହା ଦ୍ୱାରା ଆମ ଭାଷା ପ୍ରତି ଅସମ୍ମାନ

 Magazine Downloaded from www.aahwaan.com

ବିଶେଷ ବିଷୁବ ସଂକ୍ରାନ୍ତି ୨୦୧୯

ହେଉଛି । ଆମେ ପ୍ରଥମେ ହୃଦୟଙ୍ଗମ କରିବା ଉଚିତ ଯେ ଆମ ଛୁଆ ବଡ଼ ମଣିଷ ହେବା ପୂର୍ବରୁ ଜଣେ ଭଲ ମଣିଷ ହେବା ଉଚିତ । ସେ ଓଡ଼ିଶାମାଟିର ସୁଯୋଗ୍ୟ ସନ୍ତାନ ଓ ତା ପାଇଁ ଏ ଓଡ଼ିଶା ମାଟି କେତେ ଗର୍ବିତ । ତାହା ଆମେ ସବୁ ଅନୁଭବ କରିବା ଉଚିତ ।

ଆଜି କାଲି ଆଧୁନିକ ଯୁଗରେ ଆମେ ସମସ୍ତେ Hey, Hello ରେ ବାୟା । whatsapp ହେଉକି facebook ହେଉ ଛୋଟ ହେଉ କି ବଡ଼ । ଏମିତିକି ମାଁ, ବାପାଙ୍କୁ ମଧ୍ୟ Hey ମାଁ , Hello ବାପା କହୁଛୁ । କୁଆଡେ ଗଲା ଆଜି ସେ ବଡ ମାନଙ୍କୁ ସମ୍ମାନ ଦେବା । ଏଇ Hey, hello କହି ସମ୍ମାନ ଦେବା କଣ ଆମ ସଂସ୍କୃତି, ଆମ ପରମ୍ପରା । Hey, Hello ବଦଳରେ ଆମେ ମାଁ ନମସ୍କାର, ବାପା ନମସ୍କାର କହିପାରିବା ହେଲେ, ଦୁଃଖର ବିଷୟ ଆମେ ସେମିତି କରୁନାହୁଁ । ଆମେ ସମସ୍ତେ ଖାଲି ଅନୁସରଣ କରିବାରେ ଲାଗିଛୁ । ଏମିତି କରି ଆମେ ଆମ ଭାଷା, ସଂସ୍କୃତି ଓ ପରମ୍ପରାକୁ ଅପମାନ କରୁଛୁ । ଏ ଓଡିଶା ମାଟି, ଯେଉଁ ମାଟିରେ ଆମର ଜନ୍ମ ଯାହାର କୋଳେ ଆମେ ଶୋଇଛୁ, ଖେଳିଛୁ, ବଢିଛୁ, ଯାହାର ପାଣିପବନରେ ବଞ୍ଚିଛୁ । ସେଇ ଓଡ଼ିଶାମାଟି ଆଜି ବିରହ ବେଦନାରେ କାନ୍ଦୁଛି । ଆମ ସମସ୍ତଙ୍କ ଭାଷା, ସଂସ୍କୃତି ଓ ପରମ୍ପରା ପ୍ରତି ଅପମାନ, ଅସମ୍ମାନ ଅପବ୍ୟବହାରରେ, ବିକଳ ସ୍ୱରରେ କାନ୍ଦୁଛି ଆଜି ସବୁକିଛି ହରେଇ ବସି । ନିଜକୁ ତୁଚ୍ଛମାନେ କରି ଆଜି ଓଡ଼ିଶା ମାଟି କାନ୍ଦୁଛି । କାହିଁକି ଆମେ ସମସ୍ତେ ଏତେ ନିଷ୍ଠୁର, ସ୍ୱାର୍ଥପର ହେଉଛୁ କାହିଁକି ଆମେ ଅପମାନ, ଅସମ୍ମାନ ଅପବ୍ୟବହାର କରୁଛୁ । ଆସନ୍ତୁ ସମସ୍ତ ଓଡ଼ିଶାବାସୀ ଭାଇ ଓ ଭଉଣୀ ମାନେ ଆଜି ସମସ୍ତେ ମିଶି ସମ୍ମାନ ଦେବା ଆମ ଓଡ଼ିଆ ଭାଷାକୁ, ସମ୍ମାନ ଦେବା ଆମ ସଂସ୍କୃତି ପରମ୍ପରାକୁ, ଭଲପାଇବା ଆମ ଓଡ଼ିଆ ମାଟିକୁ ।

ବୃନ୍ଦାବାହାଲ, ଗୋଲାମୁଣ୍ଡା, କଳାହାଣ୍ଡି

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ବିଶେଷ ଅନୁରୋଧ

ଆହ୍ୱାନ ଇ-ପତ୍ରିକା ସମ୍ବନ୍ଧିତ ସମସ୍ତ ସୂଚନା ଆପଣ ଏହି ଫେସ୍‌ବୁକ୍ ପୃଷ୍ଠାରେ ପାଇ ପାରିବେ । ପ୍ରତ୍ୟେକ ଲେଖକ ଲେଖିକାଙ୍କୁ ଇମେଲ୍ ଦ୍ୱାରା ଜଣାଇବା ସମ୍ଭବ ହେଉନାହିଁ । ତେଣୁ ଆପଣ ଆମ ୱେବ୍ ସାଇଟ୍ ଦେଖିପାରିବେ କିମ୍ବା ଫେସ୍‌ବୁକ୍ ପୃଷ୍ଠାରେ ଦେଖିପାରିବେ ।

https://www.facebook.com/odiaparibar

## ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ




ଆହ୍ୱାନ ଇ-ପତ୍ରିକା ଆଣ୍ଡ୍ରଏଡ୍ ଆପ୍ ଡାଉନଲୋଡ୍ କରନ୍ତୁ :

https://play.google.com/store/apps/details?id=com.aahwaan.aahwaanePatrika

ଉପରେ ଦିଆଯାଇଥିବା ଲିଙ୍କ୍ ଉପରେ କ୍ଲିକ୍ କରନ୍ତୁ ଏବଂ ଡାଉନଲୋଡ୍ କରନ୍ତୁ ।

**ନିମ୍ନରେ ଦିଆଯାଇଥିବା ଆହ୍ୱାନ ପତ୍ରିକାର ଇମେଲ୍ ଗ୍ରୁପରେ ଯୋଗ ଦିଅନ୍ତୁ:-**

**https://groups.google.com/forum/#!forum/aahwaan-epatrika**

 Magazine Downloaded from www.aahwaan.com

# ବିଶେଷ ସୂଚନା

ଦୟାକରି ପ୍ରତ୍ୟେକ ମାସର ସଂସ୍କରଣ ନିମନ୍ତେ କେବଳ ଗୋଟିଏ ବା ଦୁଇଟି ଲେଖା ହିଁ ପଠାନ୍ତୁ । କିଛି ବନ୍ଧୁ ଏକାଧିକ ଲେଖା ପଠାଇ ଆମକୁ ଚିନ୍ତାରେ ପକାଇ ଦେଉଛନ୍ତି । ଆମେ ସେ ମଧ୍ୟରୁ ଚୟନ କରିବାକୁ ଅସୁବିଧାର ସମ୍ମୁଖୀନ ହେଉଛୁ । ସୂଚନାଯୋଗ୍ୟ ଯେ କିଛି ବନ୍ଧୁ ବିଗତ ମାସରେ ଅନ୍ୟୁନ ଦଶରୁ ଅଧିକ କବିତା ପଠାଇଛନ୍ତି । ଏହାଦ୍ୱାରା ଆମ ଇମେଲ୍ ବକ୍ସ ଭର୍ତ୍ତି ହେଉଛି ଏବଂ ସମ୍ପାଦନା କାର୍ଯ୍ୟରେ ବାଧା ସୃଷ୍ଟି ହେଉଛି ।

ବାରମ୍ବାର ଅନୁରୋଧ ସତ୍ତ୍ୱେ ଅନେକ ବନ୍ଧୁ ଟାଇପ୍ ନ କରି ଲେଖା ପଠାଉଛନ୍ତି । ଏହା ଫଳରେ ଆମକୁ ସମ୍ପାଦନା ପୂର୍ବରୁ ଅନ୍ୟୁନ ଅର୍ଦ୍ଧାଧିକ ପୃଷ୍ଠା ନିଜେ ଟାଇପ୍ କରିବାକୁ ପଡୁଛି ଏବଂ ଏଥିପାଇଁ ପତ୍ରିକା ପ୍ରକାଶନରେ ବିଳମ୍ବ ଦେଖା ଦେଉଛି । ଦୟାକରି ନିଜସ୍ୱ ଲେଖା ଟାଇପ୍ କରି ମାଇକ୍ରୋସଫ୍ଟ ୱାର୍ଡ୍ ଫାଇଲରେ ପଠାନ୍ତୁ । ଯଦି ଟାଇପ୍ କରି ପାରୁନାହାନ୍ତି ତା ହେଲେ ଅନ୍ୟ ଉପାୟ କରନ୍ତୁ । ପିଡ଼ିଏଫ୍ ଫାଇଲରେ ପଠାଉଥିବା ଲେଖାକୁ ୱାର୍ଡ୍ ଫାଇଲରେ ପଠାନ୍ତୁ ।

ହ୍ୱାଟ୍ସଆପ୍‌ରେ ଲେଖା ପଠାନ୍ତୁ ନାହିଁ । ଏହା ସ୍ୱୀକାର୍ଯ୍ୟ ହେବନାହିଁ । କେବଳ ଇମେଲ୍ ଦ୍ୱାରା ହିଁ ଲେଖା ପଠାନ୍ତୁ । ଆହ୍ୱାନ ଇ-ପତ୍ରିକାର ଆଣ୍ଡ୍ରଏଡ୍ ଆପ୍ ଡାଉନଲୋଡ୍ କରନ୍ତୁ ।

**ପତ୍ରିକାରେ ଥିବା ବ୍ୟାକରଣଗତ ତ୍ରୁଟି ପାଇଁ ସମ୍ପାଦକ କ୍ଷମାପ୍ରାର୍ଥୀ ।**

ଆମ ଇମେଲ୍ ଠିକଣା :

## aahwaan@gmail.com

 Magazine Downloaded from www.aahwaan.com

# ବିଶେଷ ସୂଚନା

ଆହ୍ୱାନ ଇ-ପତ୍ରିକାର ଆଗାମୀ ସଂସ୍କରଣ : ମଇ ୨୦୧୯

ଲେଖା ପଠାଇବାର ଶେଷ ତାରିଖ : ୩ ମଇ ୨୦୧୯

ଲେଖା ପଠାଇବା ସମୟରେ ଇମେଲ୍‌ରେ ସବ୍‌ଜେକ୍ଟ ଲେଖିବେ :

Your name (**ଆପଣଙ୍କ ନାମ**) : May 2019

ଲେଖା ଗୁଡ଼ିକ ଯଦି ଓଡ଼ିଆରେ ଟାଇପ୍ କରି ୱାର୍ଡ଼ ଫାଇଲରେ ପଠାଇବେ ତା ହେଲେ ଆମକୁ ପୁଣିଥରେ ସେହି ସବୁ ଲେଖା ଟାଇପ୍ କରିବାକୁ ପଡ଼ିବ ନାହିଁ । ହାତ ଲେଖାକୁ ଫଟୋ ଉଠାଇ କିମ୍ବା ସ୍କାନ୍ କରି ଇମେଲ୍ ଆଟାଚ୍‌ମେଣ୍ଟ ଭାବରେ ପଠାଇବେ । ହସ୍ତଲେଖା ସୁନ୍ଦର ଓ ପଠନଯୋଗ୍ୟ ହେବା ଅନିବାର୍ଯ୍ୟ, ନଚେତ ଯଦି ପ୍ରକାଶନରେ କୌଣସି ତ୍ରୁଟି ରହେ ସେଥିପାଇଁ ସମ୍ପାଦକ ଦାୟୀ ରହିବେ ନାହିଁ ।

ଯଦି ଗଳ୍ପ ବା କାହାଣୀ କିମ୍ବା ପ୍ରବନ୍ଧ ପଠାଉଛନ୍ତି ତେବେ ଧ୍ୟାନ ଦିଅନ୍ତୁ, ପ୍ରତ୍ୟେକ ଶବ୍ଦ ମଧ୍ୟରେ କେବଳ ଗୋଟିଏ ଖାଲି ସ୍ଥାନ ଛାଡ଼ିବେ, କମା, ପୂର୍ଣ୍ଣଚ୍ଛେଦ, ଯୁକ୍ତାକ୍ଷର ଆଦି ବ୍ୟାକରଣ ତ୍ରୁଟି ପ୍ରତି ସାବଧାନ ରହି ଟାଇପ୍ କରିବେ । ବ୍ୟାକରଣଗତ ତ୍ରୁଟି ପାଇଁ ପ୍ରକାଶନରେ ଅହେତୁକ ବିଳମ୍ବ ହୁଏ । ତେଣୁ ଯଦି ସମ୍ଭବ ହେଉଛି ଆପଣଙ୍କ ନିକଟରେ ଥିବା କେହି ଓଡ଼ିଆ ବନ୍ଧୁଙ୍କ ଦ୍ୱାରା ନିଜ ଲେଖାକୁ ସଠିକ ଭାବରେ ପରୀକ୍ଷା କରି ନିଅନ୍ତୁ ।

ଲେଖା ସହିତ ନିଜର ଗୋଟିଏ ପାସପୋର୍ଟ୍ ଫଟୋ (ଯଦି ନାହିଁ, ତେବେ ଭଲ ଦେଖାଯାଉଥିବା ସୁନ୍ଦର ଫଟୋଟିଏ) ସହିତ ନିଜର ଠିକଣା ଲେଖି ପଠାଇବେ ।

ଆମର ଲେଖା ସଂଗ୍ରହ ଇମେଲ୍ : aahwaan@gmail.com

ଆହ୍ୱାନ ଇ-ପତ୍ରିକା